ନର କିନ୍ନର

ସୁବର୍ଣ୍ଣ ସ୍ମାରକୀ



ସମ୍ପାଦନା

ଅରବିନ୍ଦ ରାୟ

ବନୋଜ ତ୍ରିପାଠୀ

Digitized by srujanika@gmail.com

ନର କିନ୍ନର ର ପ୍ରଥମ ସଂସ୍କରଣ
୧୯୬୨ ମସିହା

Digitized by srujanika@gmail.com

ନରକିନ୍ନର :
ସୁବର୍ଣ୍ଣ ସ୍ମାରକୀ

Digitized by srujanika@gmail.com

Digitized by srujanika@gmail.com

ନରକିନ୍ନର : ସୁବର୍ଣ୍ଣ ସ୍ମାରକୀ

ସଂପାଦନା : ଡ. ଅରବିନ୍ଦ ରାୟ

ବନୋଜ ତ୍ରିପାଠୀ

ପକ୍ଷୀଘର ପ୍ରକାଶନୀ

Digitized by srujanika@gmail.com

ନରକିନ୍ନର : ସୁବର୍ଣ୍ଣ ସ୍ମାରକୀ
ସଂପାଦନା : ଡ. ଅରବିନ୍ଦ ରାୟ
ବନୋଜ ତ୍ରିପାଠୀ

ପ୍ରକାଶକ : ପକ୍ଷୀଘର ପ୍ରକାଶନୀ

ପ୍ରଥମ ସଂସ୍କରଣ : ୨୦୧୩
ମୂଲ୍ୟ : ୧୫୦ ଟଙ୍କା

NARAKINNARA : SUBARNA SMARAKI
Edited by Dr. Arabinda Ray
Banoj Tripathy

Publisher : Pakshighara Prakashanee
Plot No. 271, 2nd Floor, Gouri Nagar,
Bhubaneswar-14, Odisha, India
Ph. +91 94385 59778, 98610 10887
e_mail : pakshighara1@gmail.com

Printed at Duduly Process & Offset
Bhubaneswar-9

Cover : Prakash Mohapatra

First Edition : 2013
Price : ₹150/-

Digitized by srujanika@gmail.com

ସୂଚୀପତ୍ର

ସୁବର୍ଣ୍ଣ ସ୍ମାରକୀର କଥା	ଅରବିନ୍ଦ ରାୟ	
	ବନୋଜ ତ୍ରିପାଠୀ	୦୭
ସଂକେତ		୧୧
ତେତିଶ ବର୍ଷ ପଛକୁ ଚାହିଁଲେ...	ଶାନ୍ତନୁ କୁମାର ଆଚାର୍ଯ୍ୟ	୧୪
ନର କିନ୍ନର	ଚନ୍ଦ୍ରଶେଖର ରଥ	୨୦
ଆଧୁନିକ ଉପନ୍ୟାସ ଭାବେ ନରକିନ୍ନରର କ୍ଲାସିକ ଗୁଣ	ପ୍ରଫେସର ଆଦିକନ୍ଦ ସାହୁ	୨୮
ନର-କିନ୍ନର ଉପନ୍ୟାସରେ ମହାକାବ୍ୟିକ ଶୈଳୀ	ପ୍ରଫେସର ବାଉରୀବନ୍ଧୁ କର	୪୫
ଶାନ୍ତନୁଙ୍କ ଶୈଳୀ-ସୌନ୍ଦର୍ଯ୍ୟ ଓ ନରକିନ୍ନର	ଡକ୍ଟର ନଟବର ଶତପଥୀ	୫୫
ଆଞ୍ଚଳିକତାରୁ ମୁକ୍ତ ମାନବାତ୍ମାର ଗାଥା : ନରକିନ୍ନର	ରାଜକିଶୋର ମିଶ୍ର	୧୦୦

Digitized by srujanika@gmail.com

ନର-ନାରାୟଣରୁ ନର-କିନ୍ନର : ଅଧଃଯାତ୍ରାର ଉଭଟ କାହାଣୀ	ପଞ୍ଚାନନ ମିଶ୍ର	୧୦୭
ନର-କିନ୍ନର ଅର୍ଦ୍ଧଶତାବ୍ଦୀର ଅଭିଯାତ୍ରୀ	ନିରୁପମା ଆଚାର୍ଯ୍ୟ	୧୧୯
ନର-କିନ୍ନର ଉପନ୍ୟାସ ଜଗତ ବନାମ କେନ୍ଦ୍ର ଚରିତ୍ର ଜର୍ଜ ପ୍ରସଙ୍ଗରେ	ଡ. ସନ୍ତୋଷ ତ୍ରିପାଠୀ	୧୨୪
କଳାର ଔଜ୍ଜଲ୍ୟ ଓ 'ନରକିନ୍ନର'ର ଗରିମା	ନକୁଳ ଚନ୍ଦ୍ର ସାହୁ	୧୩୭
ଓଡ଼ିଆ କଥାସାହିତ୍ୟର ଆଧୁନିକ ସ୍ୱର : ନରକିନ୍ନର	ଡ. ଅରବିନ୍ଦ ରାୟ	୧୫୧
ଆତ୍ମାନୁସନ୍ଧାନର ଅଦୃଶ୍ୟ ମର୍ମର : ନରକିନ୍ନର'	ଡ. ଆଲୋକ ବରାଳ	୧୬୦

Digitized by srujanika@gmail.com

ସୁବର୍ଣ୍ଣ ସ୍ମାରକୀର କଥା

ଓଡ଼ିଆ କଥା ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ ୧୯୬୨ ମସିହାରେ ରଚନା କରିଥିଲେ ତାଙ୍କର ପ୍ରଥମ ଉପନ୍ୟାସ - ନରକିନ୍ନର । ସେତେବେଳେ ତାଙ୍କୁ ବୟସ ମାତ୍ର ୨୯ ବର୍ଷ । ତେବେ, ଏହାର କିଛି ବର୍ଷ ପୂର୍ବରୁ ତାଙ୍କ ଜୀବନରେ ଦୁଇଟି ଘଟଣା ଘଟିଥିଲା, ଯାହାକୁ ତାଙ୍କ ଜୀବନର ମୋଡ଼ବୁଲାଣି ଓ ନରକିନ୍ନର ଉପନ୍ୟାସ ରଚନାର ପୃଷ୍ଠଭୂମି ବୋଲି ମଧ୍ୟ କୁହାଯାଇପାରିବ ।

୧୯୫୪ ମସିହାରେ ଶ୍ରୀଯୁକ୍ତ ଆଚାର୍ଯ୍ୟ ଡାକ୍ତରୀ ପାଠ ପଢ଼ିବା ପାଇଁ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ନାଁ ଲେଖାଇଥିଲେ । ଆନାଟୋମି ପ୍ରାକ୍ଟିକାଲ୍ କ୍ଲାସ୍‌ର ପ୍ରଥମଦିନ ହିଁ ସବୁ ଓଲଟପାଲଟ ହୋଇଗଲା । ଆନାଟୋମି ଟେବୁଲ୍ ଉପରେ ଯେଉଁ ଶବକୁ ବ୍ୟବଚ୍ଛେଦ କରିବା ପାଇଁ ତାଙ୍କୁ ଦିଆଯାଇଥିଲା, ସେ ହଠାତ୍ ଦେଖିଲେ ଯେ, ସେ ଶବଟି ଥିଲା, ତାଙ୍କର ଗ୍ରାମବାସିନୀ ପିଉସୀ ରମାନାନୀର ଶବ । ଯୋଉ ବାଲ୍ୟ ବିଧବା ରମାନାନୀ ପିଲାଦିନୁ ଶାନ୍ତନୁଙ୍କୁ କୋଳେଇ କାଖେଇ ବଡ଼ କରିଥିଲା, ଆନାଟୋମି ଟେବୁଲ୍ ଉପରେ ସେହି ମାତୃପ୍ରତିମା ରମାନାନୀର ଉଲଗ୍ନ ଶବ ହଠାତ୍ ଦେଖି ଶାନ୍ତନୁ ଗଭୀର ମର୍ମବେଦନା ଅନୁଭବ କରିଥିଲେ । ପରେ ପଚାରି ବୁଝିବାରୁ ଜାଣିଲେ ଯେ, ରୋଗଗ୍ରସ୍ତା ତାଙ୍କର ସେହି ଗ୍ରାମବାସିନୀ ପିଉସୀଟି ମେଡ଼ିକାଲରେ ଦୀର୍ଘଦିନ ପଡ଼ି ମୃତ୍ୟୁବରଣ କରିଥିଲା ଏବଂ ତା' ଶବର କେହି ଦାବିଦାର ନ'ଆସିବାରୁ ତା'ର ବ୍ୟବଚ୍ଛେଦ ପାଇଁ ଆନାଟୋମି ବିଭାଗରେ ରଖାଯାଇଥିଲା ।

ଏହି ଘଟଣା, ଡାକ୍ତରୀ ପାଠ ପଢୁଥିବା ଶାନ୍ତନୁଙ୍କୁ ଖୁବ୍ ବ୍ୟଥିତ କଲା ଓ ଜୀବନ ପ୍ରତି ତାଙ୍କର ଦୃଷ୍ଟିକୋଣକୁ ବଦଳାଇ ଦେଲା । ଫଳତଃ ସେ ଡାକ୍ତରୀ ପଢ଼ା

Digitized by srujanika@gmail.com

ଛାଡ଼ି ବିଜ୍ଞାନରେ ଉଚ୍ଚତର ଗବେଷଣା କରିବା ପାଇଁ ରେଭେନ୍‌ସା କଲେଜ୍‌ରେ ଏମ୍.ଏ.ସି. ପଢ଼ିଲେ ।

ରେଭେନ୍‌ସାରେ ଏମ୍.ଏ.ସି. ପଢୁଥିବା ସମୟରେ ଦିନେ ଭଗବାନଙ୍କ ଅସ୍ତିତ୍ୱ ସଂପର୍କରେ ଶାନ୍ତନୁଙ୍କ ମନରେ ଭୀଷଣ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଏହି ଦ୍ୱନ୍ଦ୍ୱର ସମାଧାନ ପାଇଁ ସେ ସମୟର ସଂଶୟବାଦୀ ଶାନ୍ତନୁ ନିଜ ସାମ୍ନାରେ ପୋଟାସିୟମ୍ ସାୟାନାଇଡ୍ ଥୋଇ - ଆହ୍ୱାନ୍ କଲେ - ଯଦି ପ୍ରକୃତରେ ଭଗବାନ ଥାଆନ୍ତି, ତେବେ ମୁଁ ପୋଟାସିୟମ୍ ସାୟାନାଇଡ୍ ଖାଇ ଆତ୍ମହତ୍ୟା କରିବା ପୂର୍ବରୁ ସେ ମୋତେ ପ୍ରତ୍ୟକ୍ଷ ଦର୍ଶନ ଦେବେ । ତାହାହିଁ ହେଲା, ଈଶ୍ୱର ତାଙ୍କର ଆହ୍ୱାନ ଗ୍ରହଣ କଲେ ଓ ସେ ସର୍ବତ୍ର ଈଶ୍ୱରଙ୍କ ଅସ୍ତିତ୍ୱ ଅନୁଭବ କଲେ ।

ଏହାପରେ ୧୯୫୮ ମସିହାରେ ପାରଳାଖେମୁଣ୍ଡି ମହାବିଦ୍ୟାଳୟରେ ତରୁଣ ରସାୟନ ଶାସ୍ତ୍ର ଅଧ୍ୟାପକ ଭାବେ ସେ ଯୋଗଦେଲେ । ମଣିକାଞ୍ଚନ ସଂଯୋଗ ରୂପେ ଓଡ଼ିଆ ଅଧ୍ୟାପକ ଭାବେ ସେହି ମହାବିଦ୍ୟାଳୟରେ ଯୋଗଦେଲେ ପ୍ରଖ୍ୟାତ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ । ପାରଳାଖେମୁଣ୍ଡିର ପ୍ରାକୃତିକ ପରିବେଶ ମଧ୍ୟରେ, ଘନଘୋର ବର୍ଷା ରାତିରେ, ବୈଶାଖର ଉତ୍ତପ୍ତ ମଧ୍ୟାହ୍ନରେ ଏହି ଦୁଇ ସାଧକ ଘୂରି ବୁଲୁଥିବା ବେଳେ, ଶାନ୍ତନୁ ନିଜ ଭିତରେ ଆଲୋକର ଏକ ତୀବ୍ର ଓ ତୀକ୍ଷ୍ଣ ସ୍ପର୍ଶ ଅନୁଭବ କଲେ । ଜୀବନ-ଜଗତ ଓ ଆତ୍ମାନୁସନ୍ଧାନର ଏଇ ଆଲୋକରେଖା ତାଙ୍କ ଦୃଷ୍ଟି ଓ ଦର୍ଶନକୁ ବଦଳାଇ ଦେଲା । ସେହି ଆଲୋକରେଖାର ପରିଣତି ହେଲା - "ନରକିନ୍ନର" ।

ନରକିନ୍ନର ପ୍ରଥମେ ପ୍ରକାଶ ପାଇଥିଲା, ୨୧/୧୦/୧୯୬୨ ମସିହାରେ । ଏହାକୁ ପ୍ରକାଶ କରିଥିଲେ କଟକର ବିଶିଷ୍ଟ ପ୍ରକାଶକ ଫ୍ରେଣ୍ଡସ୍ ପବ୍ଲିଶର୍ସ । ଏହାର ସେତେବେଳେ ମୂଲ୍ୟ ଥିଲା - ୮ ଟଙ୍କା ୫୦ ପଇସା । ଏହରା ପ୍ରଥମ ପୃଷ୍ଠାରେ 'ସଂକେତ' କ୍ରମରେ ଶ୍ରୀ ଆଚାର୍ଯ୍ୟ ଉଲ୍ଲେଖ କରିଥିଲେ - "ନର ଆଉ କିନ୍ନର (ନର-କି) ଦୁହେଁ ପାଖାପାଖି । କିନ୍ତୁ ଜଣେ ମଣିଷ ହେଲେ ଆଉ ଜଣେ ତା'ର ସଂକେତ ମାତ୍ର । ଏ ଦୁହିଁଙ୍କ ମଧ୍ୟରେ ବଡ଼ କିଏ ଆଉ ସାନ କିଏ କେଜାଣି ! କିନ୍ତୁ ଛୋଟବଡ଼ର ବିଚାର କାହିଁ ? ଚେତନଶୀଳ ମନ ନିକଟରେ ଛୋଟ କିଏ ଆଉ ବଡ଼ କିଏ ? ପାଠକର ମନ ଚେତନଶୀଳ ମନ ସବୁକୁ ସମାନ ଆସନରେ ଥୁଏ । କାରଣ ଚେତନଶୀଳ ମନ ଏକ ସରଳରେଖାରେ ଯିବା ପାଇଁ ପସନ୍ଦ ନ'କରି ବରଂ ଏକ ବୃତ୍ତାକାରରେ ଘୂରିବାକୁ ପସନ୍ଦ କରେ । ତା'ପାଇଁ ସବୁ ସମାନ । ତେଣୁ ହେ ମୋର ନମସ୍ୟ ଚେତନଶୀଳ-ମନ-ଯୁକ୍ତ ପାଠକ ପାଠିକା ! ସାମାନ୍ୟ ଏକ ଉପନ୍ୟାସ ପାଇଁ ଏତେ ସଙ୍କେତ ସୂଚନାର ଆବଶ୍ୟକତା କ'ଣ ? କିନ୍ତୁ ବିନୀତ ଭାବରେ ତଥାପି ଆଉ ଥରେ କହିଦେବାକୁ ଯାଉଛି ଯେ "ନର-କିନ୍ନର" ଏକ ସାଙ୍କେତିକ ଉପନ୍ୟାସ ରୂପେ ବିବେଚିତ ହେବ ବୋଲି ମୋର ଆଶା ରହିଛି ।"

Digitized by srujanika@gmail.com

ଆଜି ୨୦୧୩ ମସିହାରେ, ଅର୍ଥାତ୍ ନରକିନ୍ନର ପ୍ରକାଶ ପାଇବାର ପଚାଶବର୍ଷ ପରେ ମଧ ଓଡ଼ିଆ ପାଠକମାନଙ୍କ ପାଇଁ "ନରକିନ୍ନର" ଅନେକ ସଂକେତର ସମାହାର ହୋଇ ଠିଆ ହୋଇଥଛି । ଏହା ୧୯୬୨ ମସିହାରେ ପ୍ରକାଶ ପାଇଥିବାବେଳେ ପ୍ରଖ୍ୟାତ କଥାକାର ଅଖିଳମୋହନ ପଟ୍ଟନାୟକ ଶାନ୍ତନୁଙ୍କୁ କହିଥିଲେ "ଅନ୍ତତଃ ପଚାଶ ବର୍ଷ ବଞ୍ଚିବ ଏ ବହି ତୁମର - ପଚାଶ ବର୍ଷ କିଛି କମ୍ ସମୟ ନୁହେଁ ଶାନ୍ତନୁ ! ମନେରଖ, ତମର ଏ ଗୋଦରୀ ବୁଢ଼ୀଟି ଯଦି ଗୋଦରୀ ନ' ହୋଇଥାନ୍ତା, ତେବେ ଆହୁରି କମିଯାଇଥାନ୍ତା ବହିର ପରମାୟୁ.... ଯେଉଁମାନେ କଫି ପିଇବାରେ ଅଭ୍ୟସ୍ତ ସେମାନେ ବାସ୍ତବିକ୍ ଚାହାନ୍ତି ସୁଇଟ୍ ବ୍ରାଉନ୍ ନୁହେଁ । - ବ୍ଲାକ୍ କଫିହିଁ କଫିର ରିଏଲିଟି ।"

ସ୍ୱର୍ଗତଃ ଅଖିଳ ମୋହନଙ୍କ କଥା ଆଜି ବାସ୍ତବରେ ପରିଣତ ହୋଇଛି । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚେତନଶୀଳ ଓଡ଼ିଆ ପାଠକମାନଙ୍କୁ ନରକିନ୍ନର ଆଚ୍ଛନ୍ନ କରିରଖିଛି । ୧୯୭୦ ମସିହାରେ ଏହା ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିବା ସହ ୨୦୧୦ ମସିହା ସୁଦ୍ଧା ଷଷ୍ଠ ସଂସ୍କରଣରେ ଉପନୀତ ହୋଇଛି । ପରବର୍ତ୍ତୀ କାଳରେ କଟକର 'ଗ୍ରନ୍ଥମନ୍ଦିର' ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଏହି କାଳଜୟୀ ଉପନ୍ୟାସ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଏକ ସଂପୂର୍ଣ୍ଣ ନୂତନ ଧାରା ପ୍ରତିଷ୍ଠା କରିଛି । ଏହାର ମୁଖ୍ୟ ଚରିତ୍ର 'ଜର୍ଜ' ଆଜି ଏକ ମିଥ୍‌ରେ ପରିଣତ ହୋଇଯାଇଛି । ଭାରତୀୟ ଦର୍ଶନ, ଭାରତୀୟ ରାଜନୈତିକ ତତ୍ତ୍ୱ ଓ ମାନବଜାତିର କ୍ରମବିବର୍ତ୍ତିତ ରୂପର ଏକ ସାମଗ୍ରିକ ପ୍ରତିନିଧିଭାବେ 'ଜର୍ଜ' ଆଜି ଉଭା ହୋଇଛି । ସମାଜବାସ୍ତବତା ଓ ସମାଜର ମୂଳକେନ୍ଦ୍ର ସସୀମ ମଣିଷକୁ ନେଇ ଓଡ଼ିଆ ସାହିତ୍ୟରେ ରଚନା କରାଯାଉଥିବା ଉପନ୍ୟାସର ଧାରାକୁ ଭାଙ୍ଗି ଅସୀମ ଆତ୍ମାର କାହାଣୀକୁ ପ୍ରଥମେ ପାଠକମାନଙ୍କୁ ଶୁଣାଇଛନ୍ତି ଶ୍ରୀ ଆଚାର୍ଯ୍ୟ । ତେଣୁ ନରକିନ୍ନର ନିତ୍ୟନୂତନ ଭାବେ ବର୍ଷ ପରେ ବର୍ଷ ପାଠକମାନଙ୍କ ପାଇଁ ଏକ ବିସ୍ମୟ ହୋଇ ରହିଛି । ଏହାକୁ ଯେତେ ଯେତେ ବିଶ୍ଳେଷଣ କରାଯାଉଛି, ଏହାର ସେତେସେତେ ଉଜ୍ଜ୍ୱଳ ଦିଗସବୁ ଉନ୍‌ମୋଚିତ ହେବାରେ ଲାଗିଛି ।

ତେଣୁ 'ନରକିନ୍ନର' ପ୍ରକାଶନର ସୁବର୍ଣ୍ଣ ଜୟନ୍ତୀ ପାଳନ ନିଶ୍ଚୟ ଆମମାନଙ୍କ ପାଇଁ ତଥା ଓଡ଼ିଆ ସାହିତ୍ୟ ପାଇଁ ଏକ ଉଲ୍ଲେଖନୀୟ ଘଟଣା । ଓଡ଼ିଶାରେ କାଁ ଭାଁ ଲେଖକ/ଲେଖିକାମାନଙ୍କର ଜନ୍ମ ଜୟନ୍ତୀ ଆଦି ପାଳନ କରାଯାଇଥାଏ । କିନ୍ତୁ ଏକ ପୁସ୍ତକର ସୁବର୍ଣ୍ଣ ଜୟନ୍ତୀ ପାଳନ କରି ଆମେ ପାଠକମାନଙ୍କୁ ଲେଖକଙ୍କ ଅପେକ୍ଷା ଲେଖକଙ୍କ କୃତି ପ୍ରତି ଅଧିକ ସଚେତନ ହେବାକୁ ଏକ ମାନସିକତା ସୃଷ୍ଟି କରିବାକୁ ଚାହିଁଛୁ । ଏହାଦ୍ୱାରା ଓଡ଼ିଆ ସାହିତ୍ୟର ବହୁ ଉଚ୍ଚାଙ୍ଗ ସୃଷ୍ଟି ସଂପର୍କରେ ଆମ ନୂତନ ପିଢ଼ି ପରିଚିତ ହେବା ସହ ଓଡ଼ିଆ ସାହିତ୍ୟର ବଳୟ ବିସ୍ତାରିତ ହୋଇପାରିବ । ତେଣୁ ନରକିନ୍ନର ପ୍ରକାଶନର ପଚାଶ ବର୍ଷ ପୂର୍ତ୍ତି ଅବସରରେ "ନରକିନ୍ନର : ସୁବର୍ଣ୍ଣ ସ୍ମାରକୀ"

Digitized by srujanika@gmail.com

ପୁସ୍ତକ ପ୍ରକାଶର ପରିକଳ୍ପନା କରାଯାଇଛି । ଏହି କ୍ରମରେ ଆଗାମୀ ଦିନରେ ଆହୁରି ଅନେକ ଉଚ୍ଚାଙ୍ଗ ଓଡ଼ିଆ ପୁସ୍ତକର ସ୍ୱର୍ଣ୍ଣ ବା ହୀରକ ଜୟନ୍ତୀ ମଧ୍ୟ ପାଳନ କରାଯାଇପାରିବ । ଏହାଦ୍ୱାରା ଆମେ ଆମ ଭାଷାର ମହାନ୍ ଲେଖକ ଓ ତାଙ୍କ ରଚନା ସହ ନୂଆପିଢ଼ିକୁ ପରିଚିତ କରିପାରିବା ।

ଏପରି ଏକ ଲକ୍ଷ୍ୟକୁ ସଫଳ କରିବାରେ ବରିଷ୍ଠ କଥାକାର ଡ. ଗୌରହରି ଦାସଙ୍କ ପ୍ରେରଣା ଓ ନିଷ୍ଠା ଆମ ପାଇଁ ସ୍ମରଣୀୟ ଅଟେ ।

ସୁଖର କଥା, ବରିଷ୍ଠ କଥାଶିଳ୍ପୀ ଚନ୍ଦ୍ରଶେଖର ରଥ 'ନରକିନ୍ନର'ର ଏକ ସୁବିସ୍ତୃତ ଆଲୋଚନା ପ୍ରସ୍ତୁତି କରିଛନ୍ତି। ଯାହା ଓଡ଼ିଆ ସାହିତ୍ୟରେ ଏକ ସମୁଜ୍ଜଳ ପରମ୍ପରାର ପ୍ରଥମ ପଦକ୍ଷେପ ହୋଇପାରିଛି । ଏଥିସହ ଆମର ଅନୁରୋଧ ରକ୍ଷା କରି ଯେଉଁ ବିଜ୍ଞ ଆଲୋଚକମାନେ ଏଥି ସନ୍ନିବେଶିତ ଆଲୋଚନା ଲେଖି ନରକିନ୍ନରକୁ ପୁଣିଥରେ ପାଠକମାନଙ୍କ ସାମ୍ନାକୁ ନୂଆ ରୂପରେ ଆଣିଛନ୍ତି, ସେମାନଙ୍କ ନିକଟରେ ଆମେ କୃତଜ୍ଞ ।

"ନରକିନ୍ନର" ଅର୍ଦ୍ଧଶତାବ୍ଦୀ ଧରି ଯେପରି ଓଡ଼ିଆ ପାଠକମାନଙ୍କର ପ୍ରିୟ ହୋଇ ରହିଛି ତାହା ଆଗାମୀ ଦିନରେ ଅଧିକରୁ ଅଧିକ ହେବ ବୋଲି ଆଶା କରୁଛୁ ।

ଅରବିନ୍ଦ ରାୟ
ବନୋଜ ତ୍ରିପାଠୀ

◆

Digitized by srujanika@gmail.com

(୧୯୬୨ ମସିହାରେ ନରକିନ୍ନର ପ୍ରଥମେ ପାଇବା ଅବସରରେ ଉପନ୍ୟାସର ଆରମ୍ଭରେ ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ ଯାହା ଲେଖିଥିଲେ)

ସଙ୍କେତ

"ସତ୍ୟମେବ ଜୟତେ" ଭଳି ଚମକପ୍ରଦ, ଦୃଢ଼ ଓ ବୀରୋଚିତ ଆତ୍ମପ୍ରକାଶ ଯେଭଳି ଆଜି ଯୁଗର ଏକ ଫେସନ୍ ଓ "ପେଟ ଓ ମୁହଁକୁ ଏକତ୍ରିତ କରି କଥା କୁହ !" ଯେପରି ଏ ଯୁଗର ଏକ ଆହ୍ୱାନ, ସେଇଭଳି "ଏଇଠି ଥା', ଅଥଚ ଦରକାର ପଡ଼ିଗଲେ ସାତ କିଆବାଡ଼ ଡେଇଁ ପଡ଼ିବାକୁ ପଛା ନା" - ଏ ବି ଏ ଯୁଗର ଏକ କସରତ୍, ଯାହାକୁ ଶିଖିବାକୁ ସମସ୍ତେ ବାଧ୍ୟ । ନଚେତ୍ ସବୁକଥା ବେ-କାଇଦା ହେଇଯିବ । ତେଣୁ - ଲୁଚନାହିଁ, ଛାତି ଫୁଲାଇ ରଡ଼ିଛାଡ଼, ମାତ୍ର କେହି ନ ଜାଣିପାରୁ ସେ ରଡ଼ି କୋଉଠୁ ବାହାରୁଚି ବୋଲି - ଏ ହଉଚି ବୈଜ୍ଞାନିକ ପନ୍ଥା ବା ବୈଜ୍ଞାନିକ ଯୁଗର ଫେସନ୍ କାଇଦା । କାରଣ ଯୋଉ ସୁଇଚ୍ ଟିପିଦେଲେ ଆଖିପିଛଡ଼ାକ ଭିତରେ ତୁମ ଯନ୍ତ୍ର ତୁମ ଛାତି ଉପରେ ମାଡ଼ିବସି, ତୁମ ନାକ ପୁଡ଼ାବାଟେ ତାର ସରୁ ସରୁ ଶୁଣ୍ଢ ଦୁଇଟିକୁ ଭର୍ତ୍ତିକରି, ତୁମ ମସ୍ତିଷ୍କର କୋଉ କଣ ଭିତରୁ "ସତ୍" ଜିନିଷଟିକୁ ବାହାରକୁ ଓଟାରି ଆଣିବାର କ୍ଷମତାର ଅଧିକାରୀ, ଆଖିଫାଡ଼ି ଯେତେ ଖୋଜିଲେ ବି ସେଇ ଯନ୍ତ୍ରର ନିର୍ମାଣକର୍ତ୍ତା ଇଞ୍ଜିନିୟର, ସେ ସୁଇଚ୍‌ଟିକୁ କୋଉଠି ଗୁପ୍ତରେ ଖଞ୍ଜିଦେଇଥାଏ, ତାକୁ ଖୋଜି ବାହାର କରିବା କାଠିକର ପାଠ ବୋଲି ବିବେଚିତ ହୁଏ ।

ଯନ୍ତ୍ର ହେଇଟି -

କିନ୍ତୁ ସୁଇଚ୍ କାହିଁ ?

ସୁଇଚି ଧରି ଏଇଠି

ତାକୁ ଟିପିବା କି ନାହିଁ ? ନାହିଁ ନାହିଁ ଯଦି କିଛି ହେଇଯାଏ- ! ଯେତେ ଖୋଲାସା ହେଲେ ବି ବିଜ୍ଞାନ ଭଳି ସଫେଦ୍ ଜିନିଷ ବି ଟିକିଏ ରହସ୍ୟପ୍ରିୟ ।

Digitized by srujanika@gmail.com

ମୁକ୍ତାବିନ୍ଦୁଟିଏ ହେଲେ ମଧ୍ୟ ସୌନ୍ଦର୍ଯ୍ୟବୋଧ ତାକୁ ନେଇ ଖୋସିଦିଏ କାକକୃଷ୍ଣ-କେଶ କବରୀର କୋରକ-କଣ୍ଟକର ଅଧରପ୍ରାନ୍ତ ଟିକକରେ । ସୌନ୍ଦର୍ଯ୍ୟବୋଧର ଅନ୍ୟନାମ ରହସ୍ୟବୋଧ । କିନ୍ତୁ ରହସ୍ୟବୋଧର ଅର୍ଥ କଣ ବିଜ୍ଞାନବୋଧ ?

ନା – ଆଦୌ ନୁହେଁ । ସେ ଦୁହିଁଙ୍କର ଦୂରତା ଆକାଶ ଓ ଭୂତଳର ଦୂରତା ! କିନ୍ତୁ ଆମେ ତ ଦେଖୁଛୁ – ଆକାଶ ଓ ଭୂତଳ ଦୁହିଁଙ୍କୁ ଦୁହେଁ ଏକାଠି ମିଶିଯାଇ, ଏକାକାର ହୋଇଯିବାର ଆମେ ବି ଦେଖୁଛୁ । ଏଠି – ଏଇ ପ୍ରାନ୍ତରେ, ଏକ ହଉଛି ଅଦ୍‌ଭୁତ ଲଙ୍ଗଳା ଆଉ ଅପରଟି ହେଉଛି ପାଟପୀତାମ୍ବର ବିଭୂଷିତ । ଚାଲିଛି ଭିଡ଼ାଓଟରା ଏ ଦୁହିଁଙ୍କ ଭିତରେ । ଯେ ଲଙ୍ଗଳା, ସେ ଟାଣି ଓଟାରି ଅନ୍ୟକୁ ବି ଦେଉଛି ସେଇ ଦୀକ୍ଷା ! ଲୁଗା ଫିଟା ତ ଚାଲିଛି । କିନ୍ତୁ ଲୁଗା ଯାଉଛି କୁଆଡ଼େ ? ପଟାବୃତ ହେଉଛି ଦିଗମ୍ବର । କିନ୍ତୁ ଦିଗମ୍ବର – ? ସେ ବି ତ ଲମ୍ବଶାଟର ମାୟା ତେଜି ପାରୁନାହିଁ ! ଏଥିରୁ କଅଣ ଜଣାଯାଏ ? ଏଥିରୁ ଜଣାଯାଉଛି ଯେ ଏ ଦୁଇ ଲଙ୍ଗଳାଙ୍କ ଭିତରେ, ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ରହିଯାଉଛି ଅନେକଟି କିଛି ସାମଞ୍ଜସ୍ୟ । – ତାହା ହେଉଛି ସେତେବେଳେ, ଯେତେବେଳେ ସେଇ ଦୁଇ ନଙ୍ଗୁଳିବାବାଙ୍କ ଭିତରେ ଟଣାଓଟରା ଲାଗିଛି ଓ ପରସ୍ପରର ଅଜ୍ଞାତରେ ଦୁହେଁ ସମାନ ସମାନ କରି ବାଣ୍ଟି ନେଉଛନ୍ତି ପରସ୍ପରର ପରିତ୍ୟକ୍ତ ପରିଧେୟକୁ ।

ଆଧୁନିକ ଉପନ୍ୟାସରେ ଏମିତି ଗୋଟିଏ ଭାଗମାପ – କିଞ୍ଚିତ ସତ୍ୟ ସପନ କିଞ୍ଚିତ୍-ଧର୍ମକୁ କୁଆଡ଼େ ସମସ୍ତେ ଭଲ ପାଆନ୍ତି । ତେବେ ମୁଁ କହି ପାରିବି ନାହିଁ (ପୁଣି ନ କହିବି ବା କାହିଁକି ?) "ନର-କିନ୍ନର" ଉପନ୍ୟାସରେ ଏ ଧର୍ମ କେତେଦୂର ନିଷ୍ଠାର ସହ ପାଳିତ ହୋଇ ପାରିଛି । କିନ୍ତୁ ଯାହାହଉ, ନାମ ମୁଁ ୟାର ବାଛି ଦେଇଛି ସେମିତି – "ନର-କିନ୍ନର" ! ଗୋଟାଏ ମଣିଷ, ଆଉ ଗୋଟାଏ ହଉଚି ବି ମଣିଷ, କିନ୍ତୁ ଟିକିଏ ଘୋଡ଼ା-ମୁହାଁ ! ଗୋଟାଏ ମର୍ତ୍ତ୍ୟଲୋକର ଜୀବ, ଆଉ ଅନ୍ୟଟା ତାର ଏଇ ବିକୃତ ଘୋଡ଼ାମୁହଁ ସତ୍ତ୍ୱେ, ହଉଚି ଦେବଯୋନୀରୁ ଜନ୍ମ ଓ ଭଲ ଗୀତ ବୋଲାଳିଟିଏ ମଧ୍ୟ (ହାୟ ! ଘୋଡ଼ାମୁହାଁ ଗୀତ ବୋଲାଳି !) ।

ନର ଆଉ କିନ୍ନର (ନର-କି) ଦୁହେଁ ପାଖାପାଖି । କିନ୍ତୁ ଜଣେ ମଣିଷ ହେଲେ ଆଉ ଜଣେ ତାର ସଙ୍କେତ ମାତ୍ର । ଏ ଦୁହିଁଙ୍କ ମଧ୍ୟରେ କିଏ ବଡ଼ ଆଉ କିଏ ଛୋଟ କେଜାଣି ! କିନ୍ତୁ ଛୋଟ ବଡ଼ର ବିଚାର କାହିଁକି ? ଚେତନଶୀଳ ମନ ନିକଟରେ ଛୋଟ କିଏ ଆଉ ବଡ଼ କିଏ ? ପାଠକର ଚେତନଶୀଳ ମନ ସବୁକୁ ସମାନ ଆସନରେ ଥୁଏ । କାରଣ ଚେତନଶୀଳ ମନ ଏକ ସରଳରେଖାରେ ଯିବା ପାଇଁ ପସନ୍ଦ ନ କରି ବରଂ ଏକ ବୃତ୍ତାକାରରେ ଘୂରିବାକୁ ପସନ୍ଦ କରେ । ତା ପାଇଁ ସବୁ ସମାନ । ଅନ୍ଧାର ଆଲୁଅ, ଅଜ୍ଞାନ ବିଜ୍ଞାନ, ଗତି ଅଗତି, ପ୍ରକୃତି ଅପ୍ରକୃତି ସବୁ ସମାନ । କାରଣ ଚେତନଶୀଳ ମନର ଧର୍ମ ହେଲା ଯେ ସେ ବିଶ୍ୱର ପ୍ରତି ଅଣୁପରମାଣୁ ଭିତରକୁ ଚେର

Digitized by srujanika@gmail.com

ମଡ଼ାଇ ରସସଂଗ୍ରହ କରି ବଞ୍ଚିବ ଓ ପୁଣି ଦରକାର ପଡ଼ିଲେ ପ୍ରତ୍ୟେକ ଚେରକୁ ପ୍ରତି ଅଣୁପରମାଣୁରୁ ଓଟାରି ଆଣି ଚୁପ୍ ହୋଇ ବସି ପଡ଼ିବ ।

ତେଣୁ ହେ ମୋର ନମସ୍ୟ ଚେତନଶୀଳ-ମନ-ଯୁକ୍ତ ପାଠିକ ପାଠିକା ! ସାମାନ୍ୟ ଏକ ଉପନ୍ୟାସ ପାଇଁ ଏତେ ସଙ୍କେତ, ସୂଚନାର ଆବଶ୍ୟକତା କ'ଣ ? କିନ୍ତୁ ବିନୀତ ଭାବରେ ତଥାପି ଆଉ ଥରେ କହି ଦେବାକୁ ଯାଉଛି ଯେ "ନର-କିନ୍ନର" ଏକ ସାଙ୍କେତିକ ଉପନ୍ୟାସ ରୂପେ ବିବେଚିତ ହେବ ବୋଲି ମୋର ଆଶା ରହିଛି ଏବଂ ଏଥିସହିତ ମୁଁ ମଧ୍ୟ ମନେ ରଖିଛି ଯେ ସଙ୍କେତ ଯେ କୌଣସି କ୍ଷେତ୍ରରେ ସେତେ ରସଯୁକ୍ତ ହେଲେ ମଧ୍ୟ ଏହା ଆପେ ଆପେ ଅପୂର୍ଣ୍ଣ ।

ଚେତନଶୀଳତାର ଜୟ ହେଉ ।

◆

ଭୁବନେଶ୍ୱର

ଶାନ୍ତନୁ କୁମାର ଆଚାର୍ଯ୍ୟ

Digitized by srujanika@gmail.com

(୧୯୯୫ ମସିହାରେ ନରକିନ୍ନର ସଂପର୍କରେ ଶାନ୍ତନୁ କୁମାର ଆଚାର୍ଯ୍ୟ ଯାହା ଲେଖିଥିଲେ)

ତେତିଶ ବର୍ଷ ପଛକୁ ଚାହିଁଲେ...

ର-କିନ୍ନରର ପ୍ରଥମ ପ୍ରକାଶ ୧୯୬୨ରେ । ଚାହୁଁ ଚାହୁଁ ତେତିଶବର୍ଷ ଚାଲିଗଲାଣି । ଏ ଉପନ୍ୟାସିଟର ରଚନା ଆରମ୍ଭ ବେଳେ ମୋତେ ଛବିଶ ଚାଲୁଥିଲା - ବର୍ତ୍ତମାନ ଚାଲୁଚି ଠିକ୍ ଓଲଟା - ଅର୍ଥାତ୍ ବାଷଠି । ବୟସର ସଂଖ୍ୟା ଓଲଟିଯିବା ସତ୍ତ୍ୱେ 'ନର-କିନ୍ନର' ପ୍ରତି ମୋର ଦୃଷ୍ଟିଭଙ୍ଗୀ ଓଲଟିଯାଇନାହିଁ; ମୁଁ ତଥାପି ମନେକରୁଛି ମୋ ସୃଜନଶୀଳତାର ଅନ୍ୟତମ ଶ୍ରେଷ୍ଠ ପରିପ୍ରକାଶ ହିଁ 'ନର-କିନ୍ନର' । ଏଇ ତ, ଗଲାକାଲି ବି ଏଇ ବହିଟାକୁ ପୁଣି ଥରେ ପଢ଼ିବାକୁ ଯାଇ ଆଉ ଛାଡ଼ିପାରିଲି ନାହିଁ - ପଢ଼ିଚାଲିଲି ଓ ଚାଲିଚି ବି - ଠିକ୍ ଖଣ୍ଡେ କୋଉ ଅଜଣା ଲେଖକର ଅଜଣା ଉପନ୍ୟାସ ପଢୁ ପଢୁ ସ୍ୱପ୍ନ ବିଭୋର ହୋଇ, ଭୋକଶୋଷ ଭୁଲି ପଢ଼ି ଚାଲିବା ଭଳି । ବିଶ୍ୱାସ କରିପାରୁନାହିଁ ତଥାପି ଯେ ଏ ବହିର ଲେଖକ ମୁଁ ନିଜେ ବୋଲି । ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି - କେମିତି ଲେଖିପାରିଥିଲି କେଜାଣି ମୁଁ ଯାକୁ ! କେଉଁ ଆବେଶରେ ଲେଖାହେଇଯାଇଥିଲା ଏ ? କୋଉ ଦେବତା ନା ଦେବୀ ପ୍ରବେଶ କରିଥିଲା ସେଦିନ ମୋ ଭିତରେ, ଯେ ଲେଖେଇଥିଲା ଯାକୁ ମୋ ହାତରେ !

କୁହାଯାଏ ପ୍ରତି ଭଲ ବହିର 'ଟେଷ୍ଟ' ହଉଚି ଏଇଆ - ଯଦି ଲେଖକ ନିଜେ ସେ ବହିକୁ ବୁଢ଼ାବୟସରେ ପଢ଼ି କହିବ ଏମିତି ଯେ ଏ ବହିକୁ ସତରେ ସେ କେମିତି ଲେଖିପାରିଥିଲା, ଏଭଳି ବହି ଖଣ୍ଡେ ଆଉ ଥରେ ସେ ଲେଖିପାରିବ କି ? ନା, ନା ! ଏହାହିଁ ତା'ର ଶ୍ରେଷ୍ଠ କୀର୍ତ୍ତି ! ତେବେ ଯାଇ ବୁଝାଯାଏ ବହିଟାର ମୌଳିକ ସମ୍ବେଦନ ସେଯାବତ୍ ଅକ୍ଷୁର୍ଣ୍ଣ ରହିଚି ମଧ୍ୟ । ଲେଖକ ପକ୍ଷରେ ଏହାଠାରୁ ବଳି ଅଧିକ ଆନନ୍ଦ ଓ ଆତ୍ମସନ୍ତୋଷର ଉପଲବ୍ଧି ଆଉ କିଛି ନାହିଁ ସତରେ ! 'ନର-କିନ୍ନର' ମୋ ପାଇଁ ସେଇ ଉପଲବ୍ଧିର ପ୍ରତୀକ ।

Digitized by srujanika@gmail.com

ଏହାପରେ ଆସିବ ପାଠକ ସମାଲୋଚକଙ୍କ ଉପଲବ୍ଧିର ବ୍ୟାପାର । ଏକଥା ସତ ଯେ ଆଜିକି ତେତିଶ ବର୍ଷ ତଳେ 'ନର-କିନ୍ନର' ପ୍ରକାଶ ପାଇଲା ବେଳେ ପାଠକ ଓ ସମାଲୋଚକଙ୍କ ମନରେ ଏକ ଗଭୀର ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା ଓଡ଼ିଆ ଭାଷାର ଏଇ ସୃଜନଶୀଳ ଉପନ୍ୟାସଟି । ସେ ସମୟର ଖୁବ୍ ସମ୍ଭ୍ରାନ୍ତ ଚିହ୍ନା ପାଠକ-ସମାଲୋଚକ ଓ ପ୍ରଖ୍ୟାତଯଶା ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କୁ ଏ ବହିଟି ଉପହାର ଦେଇ ମତାମତ ପାଇଁ ଅପେକ୍ଷା କରି ବସିରହି ଶେଷରେ ଜାଣିଲି ବହିଟି ଘେନିଲା ନାହିଁ ନିଶ୍ଚେ 'ପରଜା' ଓ 'ଅମୃତର ସନ୍ତାନ'ର ଯଶସ୍ୱୀ ସ୍ରଷ୍ଟାଙ୍କ ସମାଲୋଚକୀୟ ରୁଚିକୁ । ନିରାଶ ହେଇଥିଲି ଅବଶ୍ୟ ।

କିନ୍ତୁ ପରେ ପରେ ଆସିଲା ଉତ୍ସାହପ୍ରଦ ଆହ୍ଲାଦଦାୟକ ପ୍ରତିକ୍ରିୟା ସବୁ ଗୋଟିଏ ପରେ ଗୋଟିଏ । ବାମାଚରଣ ମିତ୍ର ତାଙ୍କର ଭୁବନେଶ୍ୱରର ଦୁଇନମ୍ବର ୟୁନିଟ୍ କ୍ୱାର୍ଟର୍ସରୁ ଅବେଳରେ ଆସି ପହଞ୍ଚିଲେ ଆମର ବି.ଜେ.ବି. କଲେଜ କ୍ୱାର୍ଟର୍ସରେ ସେଦିନ । ଆଗରୁ ଖଣ୍ଡେ ଚିଠିରେ ସେ ତାଙ୍କର ମତାମତ ଲେଖିଥିଲେ । ଏବେ ଦେଖୁ ଦେଖୁ ସ୍ୱଭାବସୁଲଭ ଢଙ୍ଗରେ ଗଦ୍‌ଗଦ୍ ସ୍ୱରରେ କହିଉଠିଲେ, "ହେ ! ଏ ବହି କେମିତି ଲେଖିଲ କିଓ ଶାନ୍ତନୁ ! ...ଏ ତ ବିଲ୍‌କୁଲ୍ ଅଲଗା... ବିଲ୍‌କୁଲ୍ ଅଲଗା ! ପଢ଼ିଲେ ଲାଗୁଚି ଆସିଗଲା ନୂଆଯୁଗ ଓଡ଼ିଆ ସାହିତ୍ୟକୁ ।"

ସେଇଠୁ ଆସିଲେ ଅଖିଳ ମୋହନ ପଟ୍ଟନାୟକ । କହିଲେ, "ଅନ୍ତତଃ ପଚାଶ ବର୍ଷ ବଞ୍ଚିବ ଏ ବହି ତୁମର... ପଚାଶ ବର୍ଷ କିଛି କମ୍ ସମୟ ନୁହେଁ ଶାନ୍ତନୁ ! ମନେରଖ, ତମର ଏ ଗୋଦରୀ ବୁଢ଼ୀଟି ଯଦି ଗୋଦରୀ ନ ହେଇଥାନ୍ତା ତେବେ ଆହୁରି କମିଯାଇଥାନ୍ତା ବହିର ପରମାୟୁ... ଯେଉଁମାନେ କଫି ପିଇବାରେ ଅଭ୍ୟସ୍ତ ସେମାନେ ବାସ୍ତବିକ ଚାହାନ୍ତି ସୁଇଟ୍ ବ୍ରାଉନ୍ ନୁହେଁ – ବ୍ଲାକ୍ କଫିହିଁ କଫିର ରିଏଲିଟି !"

ମହାପାତ୍ର ନୀଳମଣି ସାହୁ ଏ ଉପନ୍ୟାସର ପ୍ରଥମ ପାଠକ । ବହିର ଅନେକଗୁଡ଼ିଏ ଅଧ୍ୟାୟ, ପାରଳାଖେମୁଣ୍ଡିରେ ଆମେ ଦୁହେଁ ଏକାଠି ଅଧ୍ୟାପକ ଚାକିରି କଲାବେଳେ ପଢ଼େଇ ଶୁଣେଉଥିଲି ମୁଁ ତାଙ୍କୁ । ପରେ ସେ ବଦଳି ହେଇଗଲେ ବାରିପଦା ଏମ୍.ପି.ସି. କଲେଜକୁ – ମୁଁ ଆସିଲି ଭୁବନେଶ୍ୱରର ବି.ଜେ.ବି. କଲେଜକୁ । ସେଦିନୁ ଆଜିପର୍ଯ୍ୟନ୍ତ ପ୍ରଶଂସା କରିଆସୁଛନ୍ତି ସେ ବହିଟିକୁ ଓ ବହିଟିକୁ ମଧ୍ୟ ଉତ୍ସର୍ଗ କରିଥିଲି ସେଇ ଆଦ୍ୟପାଠକ ବନ୍ଧୁଙ୍କୁ ତାଙ୍କର ଉତ୍ସାହପ୍ରଦ ମନ୍ତବ୍ୟଟି ଯୋଗୁଁ – "ଉପନ୍ୟାସ ଏକ ଦୁରୂହ କଳା । ସେଥିରେ ହାତ ଦବା ପୂର୍ବରୁ ଭାବ ଟିକେ..." ପରେ ସେଇ ହିଁ କହିଲେ, "ଏ ତ ଶୁଭୁଛି ଜଁ୍ୟା ଖ୍ରୀସ୍ତପ୍ ଭଳି ! ଲେଖିଯାଅ ! ଲେଖିଯାଅ !"

ବହୁବର୍ଷ ପରେ ପଢ଼ିଲି ଜଁ୍ୟା ଖ୍ରୀସ୍ତଫ୍ । ଜାଣିଲି, ଜର୍ଜ ଜଁ୍ୟା ଖ୍ରୀସ୍ତଫ୍ ନୁହେଁ... ସ୍ୱୟଂ ଲେଖକ ହୁଏତ !

ଏହାପରେ ପାଇଲି ସୁରେନ୍ଦ୍ର ମହାନ୍ତିଙ୍କ ଚିଠି, ପରେ ପରେ 'କଳିଙ୍ଗ'ରେ ରିଭ୍ୟୁ । ତା ପୂର୍ବରୁ ଝଙ୍କାରରେ ପ୍ରକାଶିତ ହୋଇଥିଲା ଗାଳ୍ପିକ ରାଜକିଶୋର ମହାନ୍ତିଙ୍କ ଅଭିମତ,

Digitized by srujanika@gmail.com

"ଓଡ଼ିଆ ଉପନ୍ୟାସ ଜଗତର ମାଇଲ ଖୁଣ୍ଟ ନହେଲେ ମଧ୍ୟ ପଥ ନିର୍ଦ୍ଦେଶକ ସ୍ତମ୍ଭଟିଏ ନିଶ୍ଚୟ..." । ପରେ ପରେ ଆହୁରି କେତେକ ପତ୍ରପତ୍ରିକାରେ 'ନର-କିନ୍ନର' ପ୍ରତି ସ୍ୱାଗତ ବାର୍ତ୍ତା । ତାଛଡ଼ା 'ନର-କିନ୍ନର' ପାଇଁ ସ୍ୱାଗତ ବାର୍ତ୍ତାମାନ ମିଳିଥିଲା ମଧ୍ୟ ବନ୍ଧୁ ମହଲରୁ । ଅଧ୍ୟାପକ ଚନ୍ଦ୍ରଶେଖର ରଥ ଏକ ଦୀର୍ଘ ଗ୍ରନ୍ଥବିଳାସ ପ୍ରକାଶ କରିଥିଲେ ରମ୍ୟରଚନା ଛଳରେ । ଅଧ୍ୟାପକ ମଧୁସୂଦନ ପତି ଓ ଅଧ୍ୟାପକ ଶରତ୍ କୁମାର ମହାନ୍ତି ବଧେଇ ଜଣେଇଥିଲେ 'ନର-କିନ୍ନର'ର ସ୍ୱତନ୍ତ୍ର ଷ୍ଟାଇଲ୍ ଓ ବିଷୟବସ୍ତୁକୁ ଉପଲକ୍ଷ୍ୟ କରି । ଏସବୁ ମତେ ବହୁ ପ୍ରେରଣା ଯୋଗାଇଦେଇଥିଲା ପରବର୍ତ୍ତୀ ସାହିତ୍ୟିକ ପରୀକ୍ଷଣ ପାଇଁ ।

ବହିଟିର ସୌଭାଗ୍ୟ ଅନ୍ୟ ଏକ ଦିଗରୁ ଅପ୍ରତ୍ୟାଶିତ ଭାବେ ସୂଚୀତ ହେଲା ପ୍ରଥମ ପ୍ରକାଶନର ବର୍ଷେ ଦୁଇବର୍ଷ ପରେ ପରେ । ପ୍ରଥମେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ସ୍ନାତକୋତ୍ତର ସ୍ତରରେ ପାଠ୍ୟପୁସ୍ତକ ଭାବେ 'ନର-କିନ୍ନର' ନିର୍ବାଚିତ ହୋଇଥିବା ସମ୍ବାଦ ମତେ ଯଥାର୍ଥରେ ବିସ୍ମିତ କଲା । ଜଣେ ରସାୟନ ଅଧ୍ୟାପକର ସୃଜନଶୀଳ ପ୍ରତିଭାକୁ ବିଶ୍ୱବିଦ୍ୟାଳୟର କର୍ତ୍ତାମାନେ ଭାଷା ସାହିତ୍ୟ ବିଭାଗର ସର୍ବୋଚ୍ଚ ସ୍ତରରେ ସ୍ୱୀକୃତି ପ୍ରଦାନ କରିବା ପଛରେ ନିଶ୍ଚିତ ଭାବେ କେତେକ ଅତ୍ୟାଧୁନିକ ରୁଚିସମ୍ପନ୍ନ ଚିହ୍ନରା ଅଧ୍ୟାପକ ସମାଲୋଚକଙ୍କ ଆଶୀର୍ବାଦ ରହିଥିବା ସୁନିଶ୍ଚିତ – ଆଉ କିଏ ସେମାନେ ? ଜାଣିଲି, ଅଧ୍ୟାପକ ଚିନ୍ତାମଣି ବେହେରା ଖୁବ୍ ଆଦର କରିଛନ୍ତି ବହିଟିକୁ ଓ ତାଙ୍କରି ପ୍ରଚେଷ୍ଟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀ ପାଇଁ ନିର୍ବାଚିତ ହୋଇଥିଲା 'ନର-କିନ୍ନର' । ପରେ ପରେ ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟ ଗ୍ରହଣ କରିଥିଲେ ବହିଟିକୁ ଓ ସେଦିନୁ ଆଜି ଭିତରେ ଅନେକ ସମାଲୋଚନା ଓ ପି.ଏଚ୍.ଡ଼ି., ଏମ୍.ଫିଲ୍., ଥେସିସ୍ ଲେଖାଗଲାଣି ବହିଟିକୁ କେନ୍ଦ୍ର କରି । ପୁଣି, ୧୯୭୦ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୁରସ୍କାର ଯୋଗକଲା ଅନ୍ୟ ଏକ ଲୌକିକ ସ୍ୱୀକୃତି 'ନର-କିନ୍ନର'ର ଖ୍ୟାତି ବିସ୍ତାର ଦିଗରେ । ଏସବୁ ଅତ୍ୟନ୍ତ ଶୁଭଙ୍କରୀ ପଦକ୍ଷେପ ଓଡ଼ିଆ ଆଧୁନିକ ସାହିତ୍ୟର ଅଗ୍ରଗତି ଦିଗରେ ନିଶ୍ଚୟ ।

ତଥାପି, ଏସବୁ ସତ୍ତ୍ୱେ, ସାଧାରଣ ପାଠକୀୟ ପ୍ରତିକ୍ରିୟାର ମୁଖ୍ୟସ୍ୱରଟି ଏଯାବତ୍ ଅତ୍ୟନ୍ତ ଦୁର୍ବଳ ଓ କୁଣ୍ଠାମିଶ୍ରିତ । ୧୯୬୨ରେ ଯେଉଁ ଶବ୍ଦଟି କାନରେ ପଡୁଥିଲା ଆଜି ବି ଶୁଭୁଚି ତା'ର ପ୍ରତିଧ୍ୱନି – 'ଦୁର୍ବୋଧ' । ୧୯୬୨ କାହିଁ କେତେ ପଛରେ ରହିଗଲାଣି । ଏଇ ଭିତରେ ଓଡ଼ିଶାର ଗ୍ରାମ୍ୟ ସଂସ୍କୃତିରେ ଘଟିସାରିଛି ଆକାଶ ପାତାଳ ପରିବର୍ତ୍ତନ । ସେଦିନ 'ସ୍ଲମ୍' କହିଲେ ଗ୍ରାମ୍ୟ ସଂସ୍କୃତିର ଲୋକ ବୁଝୁଥିଲେ ହୁଏତ କଟକର ରେଳଷ୍ଟେସନ ବା ପ୍ରଭାତ ସିନେମା, କ୍ୟାପିଟାଲ ସିନେମାର ଆଖପାଖ ବସ୍ତି ଅଞ୍ଚଳ । କିନ୍ତୁ, ଆଜି ସ୍ଲମ୍ ବା ବସ୍ତି ଜୀବନଟା ଏତେ ବିଦେଶୀ ନୁହେଁ ଆଦୌ ଓଡ଼ିଆ ପାଠକର ଅନୁଭୂତିସମ୍ପନ୍ନ କଳ୍ପନାବିଳାସ ପାଇଁ । ତାଛଡ଼ା ଆଜି ସମଗ୍ର ଜଗତଟା ତ ଏକ ନବ ଜନ୍ମିତ ମାନବଶିଶୁ ପାଇଁ ପାଲଟିସାରିଛି ଏକ ସୁବିସ୍ତୃତ 'ସ୍ଲମ୍' ! ଜର୍ଜର

Digitized by srujanika@gmail.com

ଜନ୍ମସ୍ଥାନ, ମେଡ଼ିକାଲ୍ ନଳାଟି ଯେ କୌଣସି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ ପଛପଟ ନଳା କେବଳ ନୁହେଁ; ଏହାହିଁ ସ୍ୱୟଂ ଏଇ ଜଗତ୍‌ଜଗଦ୍ଧାତ୍ରୀ ମା'ର କୋଳ ଯୋଉଠି ଭୂମିଷ୍ଠ ହେବା ମାତ୍ରେ ମୃତ୍ୟୁ, ଦୁଃଖ ଏବଂ ଏକାନ୍ତ ଅନିଶ୍ଚିତତା ମାଡ଼ିଆସେ ଚାରିଆଡୁ ଆପଣାଛାଏଁ । ଏହା ତ ଆଧୁନିକ ମଣିଷ ପାଇଁ ଆଉ ଏକ ଦୁର୍ବୋଧ କଳ୍ପନା ନୁହେଁ ଆଜି ! ତଥାପି ନିଜର ସ୍ଥିତିକୁ ନିଜେ ମଣିଷ ଏତେ ସହଜରେ ବୁଝିପାରେନା ନିଶ୍ଚୟ । କଳା ଓ ସାହିତ୍ୟର ଦର୍ପଣରେ ନିଜର ସ୍ଥିତିକୁ ଏହିପରି ବୁଝିବୁଝି ଆସିଛି ମଣିଷ । ବୁଝିବା ପ୍ରକ୍ରିୟାର ଶେଷ ନାହିଁ । ବେଦାନ୍ତର ଆତ୍ମତତ୍ତ୍ୱ ଆଜି ବି ଦୁର୍ବୋଧ । ଏହାକୁ ଆହୁରି ଦୁର୍ବୋଧ କରିଦେଇଛି ଆଜିର ବିଜ୍ଞାନ । ଆଜିର ନିରୀଶ୍ୱରବାଦୀ ରାଜନୀତି ଓ ସମାଜତତ୍ତ୍ୱ ବେଦାନ୍ତ ବିରୁଦ୍ଧରେ ଯାହାସବୁ ଯୁକ୍ତି ଉଦ୍ଭାବନ କରିସାରିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପର୍ଯ୍ୟନ୍ତ, ସେସବୁର ପୁନର୍ବିଚାର ଓ ସମାଧାନ ଆରମ୍ଭ ହୋଇଯାଇଛି ୧୯୫୦ ପରବର୍ତ୍ତୀ ଯୁଗର ବିଶ୍ୱସାହିତ୍ୟରେ । ଓଡ଼ିଆ ସାହିତ୍ୟ ବିଶ୍ୱସାହିତ୍ୟର ବହିର୍ଭୂତ ହୋଇ ଆଦୌ ରହିପାରିନଥାନ୍ତା ସେଇ ଐତିହାସିକ କ୍ରାନ୍ତି ପରବର୍ତ୍ତୀ କାଳର ଆରମ୍ଭରୁ । ତା'ରି ପରିଣତି ଥିଲା 'ନର-କିନ୍ନର' ପାଇଁ ଆଧୁନିକ ଓଡ଼ିଆ ସାହିତ୍ୟର ଅପେକ୍ଷମାଣତା । ସେ ଆସିଲା, କିନ୍ତୁ ଧାରାଟିଏ ଏଯାବତ୍ ସୃଷ୍ଟି କରି ପାରିଲା ନାହିଁ ନିଜ ପାଇଁ ସେ । ଫଳତଃ, ଆଜି ପର୍ଯ୍ୟନ୍ତ ରହିଗଲା ସେ ଧାରା ବରଫ ପାଲଟି; ଗିରିଶୃଙ୍ଗ ଉପରେ ଅନବରତ ବର୍ଷୁଥିବା ଜଳଧାରା ବରଫର ପର୍ବତ ପାଲଟି ଅଟକିଗଲା ପରି । ସେ ବରଫ ନ ତରଳିବା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ବିଶ୍ୱଚେତନାଠାରୁ ନିଜକୁ ପୃଥକ୍ କରି ନିଜ ପାଇଁ ଏକ ଆଞ୍ଚଳିକ ପରିଚୟ ଓ ସ୍ୱତନ୍ତ୍ରତା ଦାବି କରିଚାଲିଥିବ ଯାହା ପ୍ରତ୍ୟେକ ଦୁର୍ବଳଗୋଷ୍ଠୀ ଦାବି କରେ ନିଜର ଦୁର୍ଭାଗ୍ୟଜନକ ଐତିହାସିକ ସ୍ଥିତି ସଂରକ୍ଷଣ ଉଦ୍ଦେଶ୍ୟରେ । କିନ୍ତୁ କଳା-ସାହିତ୍ୟ କ୍ଷେତ୍ରରେ ଗଣତାନ୍ତ୍ରିକ ସଂରକ୍ଷଣ ପାଇଁ ଦାବି ଯୁଗେ ଯୁଗେ ବିଶ୍ୱଦୃଷ୍ଟିରେ ଏକ ହାସ୍ୟାସ୍ପଦ, ଦୟନୀୟ ଦାବିଟିଏ ମାତ୍ର ।

ତଥାପି ବିଶ୍ୱସାହିତ୍ୟ ଓ ଆଞ୍ଚଳିକ ସାହିତ୍ୟ ମଧ୍ୟରେ ଏକ ବିଶାଳ ପ୍ରାଚୀର ଯୁଗେ ଯୁଗେ ମୁଣ୍ଡଟେକି ଠିଆହୋଇ ରହିଛି ଓ ରହିବ ମଧ୍ୟ । ମଝିରେ ମଝିରେ ଆଞ୍ଚଳିକ ସାହିତ୍ୟ ହଠାତ୍ ଲମ୍ଫଦେଇ ଅତିକ୍ରମ କରିଯାଏ ଏଇ ଉତ୍ତୁଙ୍ଗ ପ୍ରାଚୀରଟିକୁ; ସେତିକିବେଳେ ଆଞ୍ଚଳିକ ସାହିତ୍ୟ ପରିଣତ ହୁଏ ବିଶ୍ୱ ସାହିତ୍ୟରେ । ଏମିତି ଘଟିଥିଲା ରୁଷ୍‌ରେ ଟଲଷ୍ଟୟ, ଡଷ୍ଟୋଏଭସ୍କି ଓ ମ୍ୟାକ୍‌ସିମ ଗର୍କୀଙ୍କ ଉପନ୍ୟାସ ବା ସେକଭ୍‌ଙ୍କ ଗଳ୍ପରେ । ଏମିତି ଘଟିଥିଲା ଫ୍ରାନ୍‌ସରେ ରୋମାରୋଲାଙ୍କ ଜାଁଖ୍ରୀସ୍ତଫ୍ ଓ ଅନ୍ୟାନ୍ୟ ଲେଖାରେ । ଜର୍ମାନୀରେ ଟମାସ୍‌ମ୍ୟାନ୍ ଓ ପରବର୍ତ୍ତୀ କାଳରେ ହରମ୍ୟାନ୍ ହେସ୍ ଘଟାଇଥିଲେ ଏହି ପ୍ଲାବନ - ପ୍ରାଚୀର ଲଙ୍ଘନ । ଏଥିପାଇଁ ବିଶ୍ୱସାହିତ୍ୟ ଓ ଆଞ୍ଚଳିକ ସାହିତ୍ୟର ସ୍ୱତନ୍ତ୍ର ବିଚାର ଓ ସେସବୁ ପାଇଁ ସ୍ୱତନ୍ତ୍ର ମାପକାଠି ନିର୍ମାଣ କରିବାକୁ ପଡ଼ିଥିଲା ସେକାଳର ସମାଲୋଚକମାନଙ୍କୁ, ଇତିହାସର ଦାୟରୁ । କିନ୍ତୁ ଏସବୁ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ

Digitized by srujanika@gmail.com

ପୂର୍ବର ଇତିହାସ । ଯୁଦ୍ଧୋତ୍ତର ଯୁଗର ବିଶ୍ୱସାହିତ୍ୟର ବିଚାର ପାଇଁ ସମାଲୋଚକଙ୍କ ମାପକାଠିଟି ଆଉ କିନ୍ତୁ କାମରେ ଲାଗିବା ଅବସ୍ଥାରେ ନଥିଲା ୧୯୫୦ ବେଳକୁ । ସେତେବେଳକୁ ସାରା ବିଶ୍ୱର ସମସ୍ତ ଆଞ୍ଚଳିକ ସାହିତ୍ୟକୁ ପରସ୍ପରଠାରୁ ପୃଥକ୍ କରୁଥିବା ପ୍ରାଚୀରମାନ ଭୁଶୁଡ଼ି ପଡ଼ିଥିଲା - ଏକ ସମୟରେ ଭାରତୀୟ ଭୂଭାଗକୁ ଉତ୍ତର ଓ ଦକ୍ଷିଣ ଭାବେ ଦ୍ୱିଭାଗ କରି ମଝିରେ ମୁଣ୍ଡଟେକି ଯୁଗ ଯୁଗ ଧରି ଠିଆ ହୋଇରହିଥିବା ଦୁର୍ଲଂଘ୍ୟ ବିନ୍ଧ୍ୟ ପର୍ବତମାଳା ହଠାତ୍ ମୁଣ୍ଡ ନୁଆଇଁ ଦେଲାପରି; ଯାହାକୁ ଅତିକ୍ରମ କରି ସେକାଳର ମହର୍ଷି ଅଗସ୍ତି ଓ ଋଷି ପତ୍ନୀ ଲୋପାମୁଦ୍ରା ଭାରତୀୟ ସଭ୍ୟତାର ଐକ୍ୟ ସୃଷ୍ଟି କରିଥିଲେ, ଉତ୍ତର-ଦକ୍ଷିଣ ଦିଗ ନିର୍ବିଶେଷରେ, ସମଗ୍ର ଭାରତୀୟ ଭୂଭାଗରେ ।

୧୯୫୦ ପରଠାରୁ ସମଗ୍ର ବିଶ୍ୱସାହିତ୍ୟର ଐକ୍ୟ ପ୍ରକଟିତ ହୋଇଆସିଛି, ଏକ ଅଭିନବ ଚେତନଶୀଳତାର ମାଧ୍ୟମକୁ ଆଶ୍ରୟ କରି, ଯାହାକୁ କୁହାଯାଉଛି ଆଧୁନିକ ସାହିତ୍ୟ । ସମାଜବାଦ, ଗଣତନ୍ତ୍ର, କମ୍ୟୁନିଜିମ୍, କ୍ୟାପିଟାଲିଜିମ୍ ଓ ଉଗ୍ର ଜାତୀୟତାବାଦର ପ୍ରତୀକ ଶହ ଶହ ନେସନ୍-ଷ୍ଟେଟ୍‌ର ଦୁର୍ଲଘ୍ୟ ରାଜନୈତିକ ସୀମା-ସରହଦ ଆଜିର ବିଶ୍ୱମାନଚିତ୍ରରେ ଯେତେ ନଭଶ୍ଚୁମ୍ବୀ ଉଚ୍ଚତାବିଶିଷ୍ଟ ପ୍ରାଚୀର ନିର୍ମାଣ କରି ମାନବଗୋଷ୍ଠୀକୁ ପରସ୍ପରଠାରୁ ଅଲଗା କରି ରଖିବାକୁ ପ୍ରୟାସରତ ଥିଲେ ମଧ୍ୟ ମାନବିକ ଚେତନା ରାଜନୈତିକ ମାନଚିତ୍ରର ରେଖା ସମ୍ବଳିତ ପ୍ରତିବନ୍ଧକକୁ ଅନାୟାସରେ ଡେଇଁସାରିଛି ସେଇ ୧୯୫୦ ପାଖାପାଖି ସମୟରୁ । ଗଲା ଚାଳିଶବର୍ଷ ଭିତରେ ବିଶ୍ୱର ପ୍ରତ୍ୟେକ ଆଞ୍ଚଳିକ ସାହିତ୍ୟ ବିଶ୍ୱସାହିତ୍ୟର ଏକମାତ୍ର ଆଦର୍ଶ ଓ ଲକ୍ଷ୍ୟକୁ ସ୍ପର୍ଶ କରିବାର ପ୍ରୟାସ ନେଇ ଲମ୍ଫ ଦେଇ ଚାଲିଛି ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର, ସେଇ ଆଦର୍ଶଟି ହେଲା - ଦେଶ, ଜାତି, ଧର୍ମ, ବର୍ଣ୍ଣ ଓ ବିଶ୍ୱାସ ନିର୍ବିଶେଷରେ ଏକ ମହାଜାଗତିକ ସମତଳ ପୃଷ୍ଠଭୂମି ଉପରେ ମାନବିକ ଚେତନାର ମହାମିଳନ । ଏହି ମହାମିଳନର ସହଜ ମାଧ୍ୟମଟି ହେଉଛି ସାହିତ୍ୟ । ଏଇ ମାଧ୍ୟମଟିକୁ ଆଜି କୁହାଯାଉଛି ବିଶ୍ୱସାହିତ୍ୟ । ବିଶ୍ୱସାହିତ୍ୟ ବିଶ୍ୱର ସାହିତ୍ୟ - ତାହା ଇଂରେଜୀ ନୁହେଁ, ଫ୍ରେଞ୍ଚ ନୁହେଁ, ଋଷିଆନ ନୁହେଁ କି ବଙ୍ଗଳା, ଓଡ଼ିଆ, ହିନ୍ଦୀ ଭାଷାର ନୁହେଁ - ତାହା ସମଗ୍ର ମାନବଜାତିର । ସେ ଦୃଷ୍ଟିରୁ ବିଶ୍ୱସାହିତ୍ୟ କେବଳ ଲଣ୍ଡନ, ନ୍ୟୁୟର୍କ ବା ମସ୍କୋରେ ରଚିତ ହୁଏନା କି କଲିକତା, ଦିଲ୍ଲୀରେ ହୁଏନା । ଆଫ୍ରିକାର ଜଙ୍ଗଲରୁ ମଧ୍ୟ ବାହାରେ ବିଶ୍ୱସାହିତ୍ୟ - ଯେପରି ସୋଏଙ୍କା ବା ଚିନୁଆ ଆଚିବିଙ୍କ ଉପନ୍ୟାସ । ଲାଟିନ୍ ଆମେରିକାର କଲମ୍ବିଆ ଭଳି ଅନୁନ୍ନତ ଦେଶରୁ ବି ବାହାରିପାରେ ବିଶ୍ୱସାହିତ୍ୟ ଯେମିତି ମାର୍କ୍ୱେଜ୍‌ଙ୍କ 'ହଣ୍ଡ୍ରେଡ୍ ଇୟର୍ସ ଅଫ୍ ସଲିଚିଉଡ୍' ଉପନ୍ୟାସ ଖଣ୍ଡକ । ତେବେ ପାରଳାଖେମୁଣ୍ଡିର ମହେନ୍ଦ୍ରତନୟା ନଦୀ ତଟରୁ କାହିଁକି ବାହାରି ନ ପାରିବ ବିଶ୍ୱସାହିତ୍ୟର ଅନ୍ୟ ଏକ ସ୍ୱର ଯା ଲେଖାଯାଇଥାଏ ଓଡ଼ିଆରେ; କିନ୍ତୁ କହୁଥାଏ ମାନବିକ ଚେତନଶୀଳତାର ଭାବଜଗତର କାହାଣୀଟିଏ ?

Digitized by srujanika@gmail.com

ବିଶ୍ୱର ପ୍ରତ୍ୟେକ ଅଞ୍ଚଳରେ ଆଜିର ବିଶ୍ୱସଚେତନ କବି, ସାହିତ୍ୟିକ ଆଞ୍ଚଳିକ ଭାଷାକୁ ଆଶ୍ରୟ କରି ଯାହାକିଛି ଲେଖୁଥାଉ ପଛେ, ତା'ର ମାନସିକ ପୃଷ୍ଠଭୂମିଟି ଆଲୋକିତ ହେଉଛି ଏକ ବିଚିତ୍ର ଆଲୋକରେ । ଏଇ ଆଲୋକର ତୀବ୍ରତା ସମ୍ମୁଖରେ ବସ୍ତୁ ପାଲଟିଯାଇଛି ଅତିବାସ୍ତବ, ମନ ପାଲଟିଯାଉଛି ଅତିମାନସ, କାଳ ହେଉଛି କାଳାତୀତ, ସ୍ଥାନ ପାଲଟୁଛି ସ୍ୱପ୍ନସଂଭୂତ ! ବସ୍ତୁନିଷ୍ଠତାରୁ ଆପେ ଆପେ ଉତ୍ତୀର୍ଣ୍ଣ ହେଉଛି ମାନବିକ ଅଭିବ୍ୟକ୍ତି ଅନ୍ୟ ଏକ ଇଲାକାକୁ । ଏହାକୁହିଁ ଶ୍ରୀ ଅରବିନ୍ଦଙ୍କ ପରି ଦ୍ରଷ୍ଟାମାନେ ଭବିଷ୍ୟତର କାବ୍ୟର ଇଲାକା ରୂପେ ଠାବ କରି କହିଛନ୍ତି - ଆତ୍ମନିଷ୍ଠ ସାହିତ୍ୟ ବା ସବ୍‌ଜେକ୍ଟିଭ୍ ଲିଟରେଚର୍‌ର ସମୟ ଆସିଯିବ ବିଶ୍ୱସାହିତ୍ୟରେ ଅତି ଶୀଘ୍ର । ସେ ସମୟ ଆସିସାରିଛି ସେଇ ୧୯୫୦ କ୍ରାନ୍ତିକାଳର ଆରମ୍ଭରୁ ।

୧୯୬୨ରେ 'ନର-କିନ୍ନର' ପ୍ରକାଶ ପାଇଲାବେଳେ ସେଇ ବିଚିତ୍ର ଆଲୋକ ମୋର ମାନସିକ ପୃଷ୍ଠଭୂମିକୁ ଆଲୋକିତ କରିଥିଲା ବର୍ଷାଧିକ କାଳ । ତା'ର ଦଶବର୍ଷ ତଳେ, ୧୯୫୨ ଖରାଛୁଟିରେ, ହଠାତ୍ ଅନୁଭବ କରିଥିଲି ସେ ଆଲୋକର ତୀବ୍ର ତୀକ୍ଷ୍ଣ ସ୍ପର୍ଶ ଯାହାର ଆଘାତରେ ମୁଁ ଠେଲିହେଇ ଚାଲିଯାଇଥିଲି ମୃତ୍ୟୁର ଦ୍ୱାରଦେଶ ପର୍ଯ୍ୟନ୍ତ । ବିଜ୍ଞାନର ବାସ୍ତବତା ଓ ଆଧ୍ୟାତ୍ମିକତାର ଅତିବାସ୍ତବତାର ଦ୍ୱନ୍ଦ୍ୱରେ ଚିପିହେଇ ମୋର ଅଦ୍ଭୁତ ସ୍ଥିତିକୁ ଆବିଷ୍କାର କରିଥିଲି ମୁଁ ଅତ୍ୟନ୍ତ ନିଗୂଢ଼ଭାବେ ସେଇ ଦଶନ୍ଧିର ଅନ୍ତରାଳରେ । 'ନର-କିନ୍ନର'ର ଉତ୍ପତ୍ତି ସେଇ ଦ୍ୱନ୍ଦ୍ୱାତ୍ମକତାରୁ । ପ୍ରତୀକାତ୍ମକଭାବେ ସେଇ ଦ୍ୱନ୍ଦ୍ୱର ଅଭିବ୍ୟକ୍ତିହିଁ 'ନର-କିନ୍ନର' ।

ସେଦିନ ଜାଣିନଥିଲି ଯେ ଯାହାସବୁ ଲେଖିଯାଉଛି ସେସବୁ ସେ ସମୟର ସର୍ବସାଧାରଣ ପାଠକଙ୍କ ଆଗରେ ଏକ ଜଟିଳ ଦୁର୍ବୋଧ କାବ୍ୟର ଆକାର ସହିତ ହଠାତ୍ ବ୍ରହ୍ମଦୈତ୍ୟଟି ଏପରି ଠିଆହୋଇପଡ଼ିବ । କିନ୍ତୁ ଏଇ ବ୍ରହ୍ମଦୈତ୍ୟର ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟି ଗୋଟି କରି ଦେଇଚାଲିଛନ୍ତି ମୋର ସହୃଦୟ ପାଠକ, ସମାଲୋଚକମାନେ ଠିକ୍ ଠିକ୍ ଆଜି ପର୍ଯ୍ୟନ୍ତ । ସେମାନଙ୍କ ସଂଖ୍ୟା କ୍ରମଶଃ ବଢ଼ି ବଢ଼ି ଚାଲିଛି । 'ନର-କିନ୍ନର' ଏଇ ତେତିଶବର୍ଷ ଭିତରେ, କ୍ରମାଗତଭାବେ ପୁନର୍ମୁଦ୍ରିତ ହେଇଚାଲିଛି ମଧ୍ୟ । ଏହା ମୋ ପାଇଁ ପରମ ଉତ୍ସାହର ବିଷୟ ।

ଓଡ଼ିଆ ସାହିତ୍ୟ ତା'ର ଆଞ୍ଚଳିକତାର ନିଗଡ଼ ମଧ୍ୟରୁ ମୁକ୍ତ ହୋଇ ବିଶ୍ୱସାହିତ୍ୟର ଉଚ୍ଚାଙ୍ଗ ପର୍ଯ୍ୟାୟକୁ ଉନ୍ନୀତ ହେଉ, 'ନର-କିନ୍ନର'ର ନୂତନତମ ମୁଦ୍ରଣ ଅବସରରେ ମୋର ଏତିକି ଆନ୍ତରିକ କାମନା ।

ତା. ୧୭।୦୩।୯୫ — ଶାନ୍ତନୁ କୁମାର ଆଚାର୍ଯ୍ୟ

ଦୋଳପୂର୍ଣ୍ଣିମା, ଭୁବନେଶ୍ୱର

Digitized by srujanika@gmail.com

ନର କିନ୍ନର

ଚନ୍ଦ୍ରଶେଖର ରଥ

ବଚେତନାର ଅନ୍ଧ ରାଜ୍ୟରେ ଗୁଡ଼ାଏ ଦୁଃସ୍ୱପ୍ନ ଦେଖିଲେ ଯେମିତି କ୍ଲାନ୍ତ ଲାଗେ, ଏ ବହିଟା ପଢ଼ିଲା ପରେ ପ୍ରାୟ ସେମିତି ଲାଗିଲା । ଚରିତ୍ର ଗୁଡ଼ାକ ସବୁ ଖଣ୍ଡିଆ ଦଣ୍ଡିଆ ଚରଣ ସିଂଙ୍କର ଅଙ୍ଗାର ଚିତ୍ର କିମ୍ବା ଶିମୁଳୀ ଗଛର ପଛଆଡ଼ୁ ଉଇଁ ଆସୁଥିବା ଫଟା ସୂର୍ଯ୍ୟଟା ପରି । ପଢ଼ିଲାବେଳେ ବରାବର ମନେ ହେଉଥାଏ ଆଉ ନ ପଢ଼ିଲେ ହୁଅନ୍ତା, କୋଇଲା ଧୂଆଁ, ସିଝା ମାଉଁସର ଫୁରୁକୁଟିଆ ଗନ୍ଧ ଯେମିତି ଶ୍ୱାସରୋଧ କରନ୍ତି – ଓଃ, ସତେ କେମିତି ଗୋଟାଏ ଆଫା ଆଫା ଲାଗେ, କିନ୍ତୁ ନଟେଇ ଯାଏ, ଦେହର ଚାରିଆଡ଼େ ଦୁଃସ୍ୱପ୍ନର ଶିଆଳୀ ଲଟା, ଗୋଟାଏ ଦୁର୍ଜୟ ହ୍ରାବୁକାରେ ପାଠକ ଗଡ଼ି ଚାଲେ । ତିଖ ପାହାଡ଼ର ଦାଢ଼ ଉପରେ ପଛରୁ ବାଘ ହାଁ କରି ଗୋଡ଼ାଉଥାଏ, ଝାଳନାଳ ହୋଇ ପ୍ରାଣମୂର୍ଚ୍ଛା ଧାଇଁବା କଥା, ଗାଉଁକିନା ବେକ ମୁଣ୍ଡାରେ ମାଡ଼ି ନ ବସିବା ପର୍ଯ୍ୟନ୍ତ ସେ ନିଦ ବି ଭାଙ୍ଗେ ନାହିଁ । ଓଃ, ନର କିନ୍ନରର ଗଳିକନ୍ଦି, ମନ ଭିତରର ଅପନ୍ତରା, ନାଳ ନର୍ଦ୍ଦମା ବାସ୍ତବିକ କି ଭୟଙ୍କର ଭାବରେ ଅସ୍ୱସ୍ତିକର ! କିନ୍ତୁ ମଝିରେ ମଝିରେ ପାଠକ ତା'ର ଅଜ୍ଞାତସାରରେ ହସି ବି ପକାଏ । ଗୋଟାଏ କଣ 'ଠୋ' କିନା ଫାଟିଲାଣି ତ ଜଣେ କିଏ ପଚାରିଲାଣି – "ହୋ ! ତୁମେ କିଏ ?" ଚରିତ୍ରଗୁଡ଼ାକ ବିଭସ୍ଥ ହେଲାବେଳେ ହାସ୍ୟୋଦ୍ଦୀପକ ହୋଇଛନ୍ତି ବେଳେ ବେଳେ । ଆଉ ଲେଖକଙ୍କ ଭାଷା ମଝିରେ ମଝିରେ ଏମିତି ମଜାରେ କଥାଟାକୁ ଅପ୍ରତ୍ୟାଶିତ ଭାବରେ ପ୍ରକାଶ କରିଦିଏ ଯେ, ନ ହସି ରହି ହୁଏ ନାହିଁ । କିନ୍ତୁ ଏ ହସ ସ୍ୱପ୍ନରେ ବିଳିବିଳେଇ ହସିଲା ପରି ମୁହୂର୍ତ୍ତକରେ ପୁଣି ମିଳେଇ ଯାଏ । ଚାରିଆଡ଼ୁ ନିବୁଜ ହୋଇ ଘେରି ଆସେ ସେଇ ଫୁରୁକୁଟିଆ ଗନ୍ଧ, ସେଇ ନାଳ ନର୍ଦ୍ଦମାର କୋଇଲା ଧୂଆଁ ।

Digitized by srujanika@gmail.com

ଦୁଃସ୍ୱପ୍ନରେ ଛଟେଇ ପଟେଇ ହେଲାବେଳେ ଖୁବ୍ ଗହୀରରେ ମନହୁଏ, ଏ ନିଦ ଭାଙ୍ଗି ଯାଆନ୍ତା କି ପ୍ରଭୁ । ଗଳାରୁ ଅଜଗରଟା ହୁଗୁଳି ଯାଆନ୍ତା, ଦିନ ହୋଇଯାନ୍ତା । କିନ୍ତୁ ଦିନ ହୁଏ ନାହିଁ । ସାରା ଉପନ୍ୟାସଟା ଅନ୍ଧାରର ଉପନ୍ୟାସ । ସେ ମେଚକ ରାଜ୍ୟର ହିଂସ୍ର ଜନ୍ତୁଗଡ଼ାକ କେବଳ ଅନ୍ଧାରରେ ବିଚରଣ କରନ୍ତି । ଦିନର ଅବିମିଶ୍ର ଆଲୁଅରେ ସତେ ବା ସେମାନେ ବଞ୍ଚି ପାରିବେ ନାହିଁ । କାଠ କେବିନର ଅନ୍ଧାର, ପଚ୍ଛିମା ମାଇକିନା ଘରର ଅନ୍ଧାର, କବିରାଜ ପିଣ୍ଡାର ଅନ୍ଧାର ଭିତରେ, ନଜିର ମିଆଁ ଘୁଙ୍ଗୁଡ଼ି ମାରେ, ଗୋଦରୀ ବୁଢ଼ୀ ଗୋଟାଏ, ଉଷୁମ ଛାଇ ପରି ବିଚରଣ କରେ, ଚରଣ ସିଂ ଆଖି ତରାଟି ହାତ ଗୋଡ଼ ମୁଠା ମୁଠା କରି ଜାବ ପକାଇ ବିଡ଼ିବିଡ଼ି ହୁଏ । ଧୋବଧାଉଳିଆ ଲୋକଟାଏ ଧୋବଣୀ ଘରକୁ ପଶିଯାଏ, କୁତିଟାଏ ନସଡ଼ ନସଡ଼ ହୋଇ ଘୁସୁରି ପଳାଏ । ଆଲୁଅ ଯାହା ବି ଆସେ ତା' ବି କିମ୍ଭୁତ କିମାକାର । ଲମ୍ବା ଲମ୍ବା ବୃଷାଳିଆ ଛାଇରେ ରୁନ୍ଧି ହୋଇ ଛୋଟ ଡିବି ଆଲୁଅଟାଏ କିମ୍ବା ଉଚ୍ଚ ରାସ୍ତା ଉପରେ ମାଡ଼ି ଯାଉଥିବା ମଟର ଗାଡ଼ିର ଘାଉଁ ଘାଉଁ ହୋଇ ଦପ୍ କିନା ଲିଭି ଯାଉଥିବା ଆଲୁଅ, ଚିରୁଗୁଣି ନିଆଁ ପରି କୋଇଲା ଚୂଲୀର ହଳଦିଆ ରୋଗଣା ଆଲୁଅ - ସୂର୍ଯ୍ୟଟା ସୁଦ୍ଧା ସ୍ୱଚ୍ଛ ହୋଇ ଅଖଣ୍ଡ ଅବସ୍ଥାରେ ଜନ୍ମ ହୋଇପାରେନା ଏ ରାଜ୍ୟରେ । ପଛକୁ ଯେତେବେଳେ ଜର୍ଜ ଏକଗୋଡ଼ିଆ ଗରୁଡ଼ ସାଙ୍ଗରେ ଲଢ଼େଇ କରେ ବା ତା'ପରେ ଧକ୍ ଧକ୍ ଜଳୁଥିବା ନଈ ବାଲିରେ ହୀରା ଖୋଜେ, ସେଇଟା ମଧ ଠିକ୍ ଦିନ ଆଲୁଅ ନୁହେଁ । ତା' ଭିତରର ନାନା ଜାତିର କ୍ଷୁଧା ଯେମିତି ବାହାରକୁ ଫାଟି ପଡୁଛି, ଜଳି ଯାଉଛି । ତା'ର ବନ୍ଦୀଶାଳର ବିଜୁଳି ଆଲୁଅ ଗୋଟାଏ ହାଉ ହାଉ କୋଳାହଳ । ଏ ସମସ୍ତ ଅନ୍ଧାର କିନ୍ତୁ ଅତି ସ୍ୱାଭାବିକ ଭାବରେ ଉପଜୀବ୍ୟ ହୁଏ ସେ ଚରିତ୍ର ଏବଂ ଘଟଣାଗୁଡ଼ିକର । ସେମାନେ ଯାକୁ ଖାଇ ବଞ୍ଚନ୍ତି, ଯେମିତି ଦଳେ ରିକ୍ସାବଲା ଗୋଟାଏ ବୁଢ଼ାମିଆଁ ଆଉ ଗୋଟିଏ ବାୟା, ଗୋଦରୀ ବୁଢ଼ୀଟାକୁ ଖାଇ ବଞ୍ଚିଛନ୍ତି । 'ଜାରଜାତକା'ଟାକୁ ମେଡ଼ିକାଲ ନାଳରେ ଫୋପାଡ଼ିଲା ବେଳେ ମଲା ମାଇକିନାର ଚମ ମନ୍ଥି ତାକୁ ଜିଆଁଇଲା ବେଳେ ବା ଧୋବଣୀ ଘରକୁ ଧୋବଧାଉଳିଆ ପଶିଲା ବେଳେ, ଆକାଶରେ ଆଲୁଅ ଚିପି ଦେଲେ ଖେଳ ଭଣ୍ଡୁର ହେଇଯିବ । ଆଖିଟାମାନ କୁମ୍ଭାଟୁଆ ପରି କରି, ସେଇ ପେଚା ଆଖିଆ ପରି - ପାଠକ ଯାହା ସେ ଅନ୍ଧାରରେ ନିରେଖି ନିରେଖି ଏ ମଣିଷ ଭୂତଗୁଡ଼ାକୁ ଲକ୍ଷ୍ୟ କରୁଥିଲା, ସବୁ ଧାଁ ଧାଁ ଧରିଯିବ । ମାକ୍‌ବେଥରେ ଯେମିତି ଆମୂଳଚୂଳ ଖାଲି ଅନ୍ଧାର - ଅନ୍ଧାର ନ ହେଲେ, ମଣିଷ ମନର ପିଶାଚ ପିଶାଚୁଣୀ ଯେମିତି ଆଉ ଖୋଲାଖୋଲି କେଳି କରିପାରିବେ ନାହିଁ, ଲା' 'ମିଜରବ୍‌ଲା'ରେ ଯେମିତି ଅନ୍ଧାରରେ ହିଁ ଛପି ଛପି ମଣିଷ ସନ୍ତୁଳୀ ହୁଏ ସନ୍ତାପରେ, ସ୍ନେହରେ, ଏପରି କି ପ୍ରେମରେ - ନର କିନ୍ନରରେ ସେମିତି ଆଲୁଅଟା ଗୋଟାଏ ଅବାନ୍ତର ପ୍ରଶ୍ନ । ତା'ର ପ୍ରୟୋଜନ ନାହିଁ, ଏଣୁ ସମୀଚୀନତା ମଧ ନାହିଁ ।

Digitized by srujanika@gmail.com

ଆଉ ନାରୀ ? ସେଗୁଡ଼ିକର ତ ତୁଳନା ନାହିଁ ! ଗୋଟାଏ ହୁଡ଼ା ହୁଡ଼ା ଦର୍ପଣରେ ନାରୀର ବିମ୍ବ ଦୋହଲୁଛି ଯେମିତି । କେତେବେଳେ ଗୋଡ଼ଟାଏ ଗୋଦର ତ କେତେବେଳେ ଜଙ୍ଘଗୁଡ଼ାକ ତାଳ ଗଛ ପରି, ପୁଣି ମୁଣ୍ଡଟା ଚଢ଼େଇ ମୁଣ୍ଡ ପରି ଗୁଆ ଗୋଟାଳିଟିଏ ! କୋଢ଼ୀ, ଖାଙ୍କର କେଶୀ, ବିରୂପା ଅନ୍ଧୁଣୀ ନାରୀ ଗୁଡ଼ିଏ । ଇବ୍‌ସେନ୍ ବା ବାର୍ନାଡ଼୍‌ଶ' ନାରୀଙ୍କୁ ଗିଳନ୍ତା ଅଜଗର ରୂପରେ ହୁଏତ ଦେଖିଛନ୍ତି, କିନ୍ତୁ ବାହ୍ୟ ରୂପରେ ତା'ର ଏମିତି ବିକୃତି ବୋଧହୁଏ ସହିପାରି ନାହାନ୍ତି । ଆଚାର୍ଯେ ମଣିଷଙ୍କର ପଙ୍କ ମନ୍ଥି ଯେଉଁ ଆଇଁସିଆ, କାଦୁଆ, ସିଣ୍‌ସିଣିଆ ମାଇକିନିଆଙ୍କୁ ପାଇଛନ୍ତି, ଦେଇଛନ୍ତି ସେମାନଙ୍କୁ ପାହାରେ ଲେଖା ତାଙ୍କ କଲମର ମୁଦ୍‌ଗରିଆ ଅଂଶଟାରେ । ଫଳତଃ ସେଗୁଡ଼ିକ ସମସ୍ତେ ବିକଳାଙ୍ଗୀ । ଗୋଦରୀ ବୁଢ଼ୀଠଉଁ, ମିସେସ୍ ଆଡ଼ାମ୍‌ସ୍ ପର୍ଯ୍ୟନ୍ତ - ଆହା ! ଗୋଟିଏ ଚିତ୍ର ତାରକାର ଗ୍ୟାଲେରୀ କି ଆଉ ! ଠାଏ ଦି'ଠା' କ'ଣ ଟିକିଏ ସ୍ପୃହଣୀୟ ହେଇ ଯାଇଛି ଲୁଗା ପିଟିଲା ବେଳେ ତା'ର ହୁଡ଼ା ହୁଡ଼ା ମାଉଁସର ସ୍ପିଂ । ମାତ୍ର ତା'ର 'ସବୁର୍ କର' ଚାହାଁଣୀରେ ଯାଏ ସବୁ ଭାସି । କଲେଜ ଝିଅଟିଏ 'ଜର୍ଜ'ର ରିକ୍‌ସାରେ ଚଢ଼ିଚି ଅଚାନକ ଭାବରେ ! ଓଃ ! ପାଠକ ଭାବେ କିଛି ଗୋଟାଏ ଏଇଠି ଅବାଗିଆ ବେଖାପିଆ ହେଇଯିବ ନା କ'ଣ ! କିନ୍ତୁ କାହିଁ ? - ସେ ଟୋକା ପିଠି କରି ଦେଇଛି ନାରୀର ଏ ସ୍ୱାଭାବିକ ରୂପକୁ ! ଗୋଦରୀ - ପାଳିତ, ଧୋବଣୀ - ବିମୋହିତ ଟୋକା କ'ଣ ସହଜେ ସ୍ୱାଭାବିକ ଆକାର - ଆୟତନ ଗ୍ରହଣ କରିପାରିବ ! ଚିରା ଗେଞ୍ଜି ଫାଙ୍କରେ ଝାଳ ସରସର ପିଠିର ଲୋମ କୂପରେ ସେ ପିଉଥାଏ ଗୋଟାଏ ଶିହରଣ ! ପରିଶେଷରେ କଚ୍ କିନା ଗୋଟାଏ ପିନ୍ ଫୋଡ଼ି ହୋଇଗଲା କଞ୍ଚା ମାଉଁସରେ । ତା'ର ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟ ଯାହାହେଉ, ଏଠି ଦ୍ୱିତୀୟ ନାରୀଟିର ଇତି । ଏ ନାରୀଗୁଡ଼ିକ କିନ୍ତୁ ମଣିଷର ତଳୁଆ ମନର ନାରୀ । ବୋଧହୁଏ ସେଇ 'ପୋକ ମଣିଷ', 'ଘୁସୁରୀ ମଣିଷ'ର ନାରୀ ଏମାନେ, ଅବଚେତନାର ଜାନ୍ତବ ନାରୀଭାବ କେବଳ ! ଧୂଆଁର ରୂପ ପରି କେତେବେଳେ କେଉଁ ରୂପ ଦେଖା ଦେଇଛି । ହୁଡ଼ା ହୁଡ଼ା ଦର୍ପଣର ଏ କାନ୍ଥରୁ ସେ କାନ୍ଥକୁ ଦୋହଲି ଯାଉଛି ନାରୀ ରୂପ । ଗୋଟାଏ ଛେଉଣ୍ଡ ଜାରଜ ପିଲାପାଇଁ ନାରୀକୁ ମା' ଭଉଣୀ ରୂପରେ ଦେଖିବାର ସୁଯୋଗ ଯୁଟି ନାହିଁ ! ବୁଢ଼ା ମରିବା ପରେ ନାରୀ ସହିତ ତା'ର ଯେଉଁ ପ୍ରଥମ ମଧୁର ମିଳନ ହେଇଛି ତାହାହିଁ ଯଥେଷ୍ଟ ସୂଚନା ଦିଏ କିପରି ନାରୀରତ୍ନ ସବୁ ଆହୁରି ଗଚ୍ଛିତ ଅଛନ୍ତି ଉପନ୍ୟାସର ଅମାରରେ । ଏଣେ ପୁଣି ଅପୋଗଣ୍ଡ ଛାଡ଼ି କୈଶୋର, ତାରୁଣ୍ୟ ତା' ପରେ ଯୌବନ ତା'ର ଅପ୍ରତିହତ ଗତିରେ ତା' ଛାତି ଭିତରେ କେମିତି ଗୋଟାଏ ରାସାୟନିକ ପ୍ରକ୍ରିୟା ସୃଷ୍ଟି କରି ଚାଲୁଛନ୍ତି । ସେ ମଧ୍ୟ ବାଧ୍ୟ ହୋଇପଡ଼ି ଚାଲିଛି ଗୋଟାଏ ନା ଗୋଟାଏ ରାକ୍ଷାସୁଣୀ, ସର୍ବଗ୍ରାସୀନୀ, ମାଇକିନିଆ ଖାପଚରେ । ହରି 'ମିସ୍ତ୍ରୀ'ର କଳା ରବରରେ ପବନ ଦିଆ ମାଇକିନିଆ, ଚରଣ ରାଓର ଅଙ୍ଗାରଗିରା ଭିତରେ କୁହାଟୁଥିବା ଲଙ୍ଗଳା

Digitized by srujanika@gmail.com

ମାଇକିନିଆ, ଏଣେ ପାଉଁରୁଟିବାଲି ମେଦ ଚାପରେ ମେଦିନୀ କମ୍ପାଉଥିବା ପଞ୍ଜାବିଣୀ ଏ ଗୁଡ଼ା ସବୁ ଏକ ଶ୍ରେଣୀର । କ୍ରମବର୍ଦ୍ଧିଷ୍ଣୁ ଜର୍ଜର ପୌରୁଷ ଉପରେ ଏ ସମସ୍ତଙ୍କର ଏକ ପ୍ରକାର ପ୍ରଭାବ ! ପରିଶେଷରେ ଯେତେବେଳେ "ମା' କାଳୀ" ଆବିର୍ଭୁତା ହୁଅନ୍ତି ଏବଂ ଜର୍ଜର ନାକ ଖଣ୍ଡକ ଚୋବେଇ ଖାଇବାକୁ ସିର୍‌ସିରେଇ ଉଠନ୍ତି, ଗୋଟିଏ ଶୋଷଣରେ ଜର୍ଜ ସମତେ ତାଙ୍କ ଉଦରରେ ଜୀର୍ଣ୍ଣ ହୋଇଯାଏ । କଂସେଇ କୁବେରର କନ୍ୟା ଅଭିଜାତ ପୁରୁଷ ଉପରେ ତା'ର ପ୍ରତିଶୋଧ ନେଇ ଶୋଇଯାଏ । ମୋଟ ଉପରେ ସ୍ୱାଭାବିକ ଚିରାଚରିତ ରୋମାଣ୍ଟିକ୍ ପରମ୍ପରା ଉପରୁ ଏ ନାରୀଗୁଡ଼ିକୁ ଚାହିଁଲେ ଅଇ ଉଠିବ । ମନେହେବ ଏ ପିଶାଚୁଣୀ ପଞ୍ଚା କେବଳ ମଣିଷର ମାଉଁସ ରକ୍ତ ପାଉଣା ପାଇଁ ପାଟି ମେଲେଇ ହାଇଁ ପାଇଁ ହୋଇ ଧାଇଁଛନ୍ତି । ଯେଉଁ ପୁରୁଷ ନିଜ ବାନ୍ତି ଉପରେ ଲଟେଇ ହୋଇ ଗଡ଼ିବାକୁ ସୁଖପାଏ, ନିଜ ଝାଳ ଶୁଙ୍ଘିଲେ ବିଭୋର ହୁଏ; ଦେହରୁ ବାମ୍ଫ ବାହାରିଲା ବେଳେ ସୁକୁଟା ମାଉଁସକୁ ଆଖିବୁଜି ରେକେଟେ, ସେଇ କେବଳ ଖାଇଯାଏ ଏ ମାଇପିଗୁଡ଼ାକୁ । ବୀର ସାମଲ ସିନା ଗୋଦରୀ ବୁଢ଼ୀଟାକୁ ଖାଇଲା ବୋଲି ବୁଢ଼ୀ ଆକ୍ଷେପ କରେ, କିନ୍ତୁ ନଜିର ମିଆଁ ଠିକ୍ କହନ୍ତା କିଏ କାହାକୁ ଖାଇଗଲା ! ସେ ଯାହାହେଉ ଏ ଝାଳଶୁଙ୍ଘା ମଣିଷ ଆଉ କେହି ନୁହେଁ । ଗୋଟାଏ ଗୋଟାଏ ମୁହୂର୍ତ୍ତରେ ଆମେ ସମସ୍ତେ ଝାଳଶୁଙ୍ଘା ! ଏଇ ବାଷ୍ପବିଷାକ୍ତ ମୁହୂର୍ତ୍ତଟାହିଁ ନର କିନ୍ନରରେ ପ୍ରସାରିତ ହୋଇ କାଳର ରୂପ ନେଇଛି । ଏଇ ମୁହୂର୍ତ୍ତର ପ୍ରଭାବରୁ ହିଁ ଉପନ୍ୟାସର ନାରୀ ସବୁ ବିକଳାଙ୍ଗୀ ! ସେଇ ବିକଳାଙ୍ଗ ମୁହୂର୍ତ୍ତର ରୂପାୟନ ଓ ଅବଲମ୍ବ !

ଚାରିତ୍ରିକ ରହସ୍ୟ ରହିଛି ପ୍ରକୃତରେ ପୁରୁଷଗୁଡ଼ାକ ଭିତରେ । ନଜିର ମିଆଁଟା ବାସ୍ତବିକ୍ ସର୍ଦ୍ଦାର ଲାଖି ଲୋକଟାଏ । ବେଶ୍ ଗମ୍ଭୀର, ତା' ହିସାବରେ ବେଶ୍ ଜ୍ଞାନୀ ବେଶ୍ ମୁରବୀପଣିଆରେ ପାକଳ ଲୋକଟାଏ । ନିଶକୁ ପଜେଇ ଅଳ୍ପ କହେ, କିନ୍ତୁ କହେ ଖୁବ୍ । ଅସହାୟ ରୁଗ୍ଣ ଅବସ୍ଥାରେ ଗୋଦରୀ ବୁଢ଼ୀର ଆଶ୍ରୟରେ ନଜିର ମିଆଁ ବଞ୍ଚିଛି, ଏବଂ କୃତଜ୍ଞତା ଦେଖାଇ ବୁଢ଼ୀକୁ ଆପଣେଇ ନେଇଛି । ତାର ହକ୍ ସେ କେବେ ସାବ୍ୟସ୍ତ କରିବାକୁ ଚେଷ୍ଟା କରି ନାହିଁ । ତା' ଯେମିତି ଆଉ ଅନେକ ସତ୍ୟ ପରି ଗୋଟାଏ ସ୍ୱତଃସିଦ୍ଧ ଜିନିଷ । ସେ ବେରୁଆ ତା' ହକ୍‌ଟାକୁ ଢିଲା କୋଟ୍ ପିନ୍ଧିଲା ପରି କାନ୍ଧରେ ଗଳେଇ ବସିଥାଏ । ଅନ୍ୟମାନଙ୍କଠୁ ସେ ଅଲଗା । ସତେ କି ଏଥିରେ ଟିକିଏ ଆଭିଜାତ୍ୟର ଇଙ୍ଗିତ ମିଳିଥାଏ, ଯେଉଁଟା ବୀର ସାମଲ ସହିପାରେ ନାହିଁ କି ଜର୍ଜ ସହିପାରେ ନାହିଁ । 'ବୀରା'କୁ ପୁଅ ପରି ପାଳି ଆଣି ବୁଢ଼ୀ କିନ୍ତୁ ପୁଅ ପାଇନାହିଁ, ପାଇଛି ଆଉ ଗୋଟିଏ ପୁରୁଷ – ଗୋଟାଏ ଷଣ୍ଢୁଆ, ହୁଙ୍କାପିଟା ପୁରୁଷ ! ନିଗୁଡା କ୍ଷୀର ପରି ବୁଢ଼ୀର ବାତ୍ସଲ୍ୟ ଯାହା ଜର୍ଜ ଉପରେ ଅଜାଡ଼ି ହେବାର ଆମେ ଦେଖୁ, ହଠାତ୍ କେତେବେଳେ ଦହି ଛିଣ୍ଡି ଢାଉଁ ଆମ୍ବିଳିଆ ଧରି ଗଲାଣି ।ଏତେକି ନାରୀ ପୁରୁଷର କେବଳ ଗୋଟିଏ ମାତ୍ର ସମ୍ପର୍କ । ବାକି ସବୁ କାଠିମରା, ଧରି ଧରି ସୃଷ୍ଟି କରିଥିବା ସାମାଜିକ ପ୍ରବର୍ତ୍ତାଣ !...."ଆବେ ମା'

Digitized by srujanika@gmail.com

କ'ଣ ? ମାଇକିନିଆ ତ ମାଇକିନିଆ, ମା' ଫେର୍ କ'ଣ ବେ, ଓ କାହିଁକି ?" ମନେ ମନେ ଆଚାର୍ଯେ ଏମିତି ଚିହିଁକି ଉଠିଥିବେ ପରା ! ବୁଢ଼ୀର ସିଝା ମାଉଁସକୁ ଘେରି ରହିଥିବା ସବୁଗୁଡ଼ିକ ଆଇଁଷଖିଆ ଅଣିରା । ପୁରୁଷର ଏହି ବିଶିଷ୍ଟ ରୂପ ଅତି ନିର୍ଭୁଲ ଭାବରେ ଦେଖା ଦେଇଛି ଏ ସମସ୍ତ ଚରିତ୍ରରେ ଊଣା ଅଧିକ ରୂପ ନେଇ । ଜର୍ଜ ମାଧ୍ୟମରେ ଏଇ ଦୃଷ୍ଟିଭଙ୍ଗୀଟିର କ୍ରମବିକାଶ ହିଁ ପ୍ରକାଶ ପାଇଛି ।

ମାତ୍ର ନାରୀଟିକୁ ମା' ବୋଲି ଅନ୍ତତଃ ସ୍ୱୀକାର ନ କଲେ ପୁରୁଷ ସମ୍ଭବି ପାରିବ ନାହିଁ । ନାରୀ ମଧ୍ୟ ଗୋଟାଏ ଶୂନ୍ୟ ଭିତରେ ଝୁଲି ରହିଯିବ ଗୋଟାଏ ଅସଂପୂର୍ଣ୍ଣ କବନ୍ଧ ପରି । ଗୋଦରୀଟାକୁ କେହି କେବେ ମା' ବୋଲି ଡାକି ଦେଇନାହିଁ, କି ଜାରଜାତକା ଜର୍ଜ ତା' ଜୀବନର ଅନ୍ଧାରକୁ ମନ୍ଥି ତାକୁ ସମଝିଲା ବେଳେ କେଉଁଠି ହେଲେ ଖୋଜି ପାଇନି ମା'ର ଟିକିଏ ହେଲେ କୋଡ଼ ଉଷୁମ । ମେଣ୍ଢା ଛୁଆଟାକୁ ବୁଢ଼ୀ ତା' ତରଫରୁ କାନିରେ ଗୁଡ଼େଇ ବୁକୁ ପାଖରେ ଦୋଳେଇଚି । ତା'ର କଅଁଳିଆ କାନ ଯୋଡ଼ାକୁ ଦାନ୍ତେଇଚି, ନାକ ଅଗରୁ ଥୋପି ପଡୁଥିବା ଲୁହକୁ ତାଲୁ ଉପରେ ଘସି ତାକୁ ଛଳ ଛଳ ଆଖିରେ ଶୁଙ୍ଘିଚି । କିନ୍ତୁ କେହି ତାକୁ ମା' ବୋଲି ଡାକି ଦେଇନାହିଁ । ଡାକିଥିଲେ ସେ ହୁଏତ ଉଦ୍ଧରି ଯାଇଥାନ୍ତା । ଜର୍ଜଠେଇ ତା'ର ବହୁ ଆଶା । ତଥାପି ଜର୍ଜ କିଛି ବୁଝିବା ଆଗରୁ ତା'ର ନିଶ ଗଜେଇ ଆସିଛି, ତେଣିକି ସିଂହ ବାଘ ପରି ହାଉଁ ହାଉଁ ଗୁଡ଼ାଏ ମାଉଁସ ଖାଇବା ବେଳ । ମା'କୁ ବୁଝିବା ବୟସ ଆଉ ନାହିଁ । ଏଇ ପୀଢ଼ ବଦଳି ବେଳେ ଜର୍ଜକୁ ଜରର ପ୍ରଳାପ ଭିତରେ ଦିଶିଛି ଗୋଟାଏ ଦୁଧ ପିଠଉ ପରି ହାତ ! ଆକାଶର ସବୁଠୁ ଗହିରିଆ ନେଳି ଭିତରୁ ସେଇଟା ନଇଁ ଆସିଛି । ଆଉ ତା' ମସ୍ତିଷ୍କ ଉପରେ ଆଞ୍ଜୁଡ଼ି ଯାଇଛି ପାଞ୍ଚଟା କ୍ଷୀରର ଗାର ! ମୁହଁ ଉପରେ ସାଉଁଳି ଦେଇଛି ପାଣି ପଟିର ଶୀତଳ ହାତ । ଗୁଡ଼ାଏ ବତୀ ଖୁଣ୍ଟ, ଯାହାକୁ ସେ ଗଣିପାରୁ ନ ଥିଲା ହଠାତ୍ ଗୋଟିଏ ପଛରେ ଲୁଚି ଯାଇଛନ୍ତି ଅଗଣତି ବତୀ ଖୁଣ୍ଟ ! ସେ ସେଇ ମୁହୂର୍ତ୍ତରେ ବିସ୍ମୟରେ ଡାକି ଦେଇଛି ମା' ! ଜର୍ଜର ଏଇଟା ଗୋଟାଏ ଆବିଷ୍କାର ଯେଉଁଟା ଅନିବାର୍ଯ୍ୟ, କିନ୍ତୁ ଯେଉଁଟାକୁ ପୁଣି ଆଉ ଅଧିକ କରି କହିବାକୁ ବେଳ ବି ନାହିଁ । କିନ୍ତୁ ବୁଢ଼ୀ ପାଇଁ ଏଇଟା ତା' ଜୀବନର ଶେଷ କଥା । ବୁଢ଼ୀର ଡୋଳା ଚକା ଧରି ଯାଇଛି, ସେ ମରି ଯାଇଛି ବସନ୍ତରେ । ଜର୍ଜର ମୁହଁରେ ମଧ୍ୟ ବସନ୍ତର ଖୋଜ । କିନ୍ତୁ ଝଡ଼ରେ କାବତାଟିଏ ପରି ତା' ମନରେ ସାରା ଜୀବନ ପାଇଁ ଏ ଆବିଷ୍କାର ଡେଣା ମେଲିଛି । ଅବଶ୍ୟ ତାକୁ ଦେଖିବାକୁ ହେଲେ ଖୁବ୍ ନିରେଖିବାକୁ ହୁଏ । ନାରୀ ପୁରୁଷର ସମ୍ପର୍କରେ ଆଚାର୍ଯେ ଖୁବ୍ ଦେଖେଇଛନ୍ତି ନାରୀ କେମିତି ଗିଳେ ବା ଗିଳାଏ ତା' ପୁରୁଷଟାକୁ । କିନ୍ତୁ ଏଇଠି ମୋଡ଼ ଭାଙ୍ଗିଲା ବେଳେ ତା'ର ମା' ରୂପଟାକୁ ସେ ଅସ୍ୱୀକାର କରିପାରି ନାହାନ୍ତି । ଯା' ପରେ କିନ୍ତୁ ଟୋକା ବୟସର ଅବୋଧ ପୀଢ଼ ଉପରେ ଅନ୍ଧାରରେ ଛପି ଛପି ବଢ଼ି ଉଠିଛି ଛାଇ ପରି ଗୋଟାଏ ପୁରୁଷର ଭୂତ ନାନା ଅଭିଜ୍ଞତା ଓ ପରିସ୍ଥିତି ଭିତର ଦେଇ ।

Digitized by srujanika@gmail.com

ଏହି ପରିସ୍ଥିତି ଓ ସାଇଁ ସାଇଁ ଛାୟାବାଜି ପରି, ସ୍ୱପ୍ନର କୁହୁଡ଼ି ପରି ଧାଇଁ ଚାଲିଥିବା ଅବସ୍ଥା ଚକ୍ର ହିଁ ଉପନ୍ୟାସର ଅଦ୍ଭୁତ ରୂପ କଳ୍ପକୁ ଜନ୍ମ ଦେଇଛି, ଆଉ ସୃଷ୍ଟି କରିଛି ସଣ୍ଢୁଆସି ପରି ପାଠକକୁ ଜାବୁଡ଼ି ଧରିବା ଶକ୍ତିଟାକୁ । ଧରାଯାଉ ବୁଢ଼ାର ହିକ୍‌କା ଉଠିବା ସମୟର ଚିତ୍ର । ଅନ୍ଧାରରେ ସିଂହିକା ଅସୁରୁଣୀ ପରି ଭୁଜ ମେଲେଇ ଆଖି ତରାଟି ଠିଆ ହେଇଚି ଗୋଟାଏ ନାରୀ, ଆଉ ଭୟରେ ଜଡ଼ ସଡ଼ ଗୋଟାଏ ଅବୋଧ ଟୋକା । ପୁଣି ସେଇ ଅନ୍ଧାରରେ ରେଳ ଲାଇନ୍ ଉପରେ ପିଶାଚୁଣୀ ବୁଢ଼ୀ, ନଜିର ମିଆଁ ରେଳ କୋଇଲା । କାଠ କେବିନ୍‌ରେ ଗୋଦରୀ ବୁଢ଼ୀର ବିଶାଳ ଛାଇ । ଗୋଟିଏ ଗୋଟିଏ ବ୍ୟକ୍ତିକୁ କେନ୍ଦ୍ରରେ ରଖି ଏହିପରି ଅନେକ ଚିତ୍ର ରହିଛି । କିନ୍ତୁ ତାଙ୍କର ପ୍ରିୟ ଜନତାକୁ ଚିତ୍ର କଲାବେଳେ ଆଚାର୍ଯ୍ୟଙ୍କ କଲମରେ ଆଉ ବାଟୁଳି ବାଜେ ନାହିଁ । 'ମେଓ୍ୱା'ଟା ବେଶ୍ ଚମତ୍କାର ଶବ୍ଦଟାଏ ! କହିଲେ ପାଟିର ଦୈର୍ଘ୍ୟ ପ୍ରସ୍ଥ ସବୁ ପୂରି ଉଛୁଳି ଯାଏ । ଗୋଟାଏ ଯାଦୁ ଶବ୍ଦ ପରି ତାକୁ ଥରେ ଉଚ୍ଚାରଣ କରିବା ଫଳରେ ପଦ୍ମତୋଳା ଶୁଣି ନାଗଫେଣୀ ଟେକିଲା ପରି ଉଠିଲା କ୍ଷୁଧାର୍ତ୍ତ ଜନତା କୁହାଟ ମାରେ । କୁଷ୍ଠରୋଗିଆ, ମିମିଆଁ ଧୋକଡ଼ା ଲୋକଗୁଡ଼ାକ । କଳଙ୍କି ଲଗା ଲୁହା ପାତିଆ ଓ ବେଦରକାରୀ ଲୁହା ଜଙ୍ଗଲ କୁଢ଼ ପରି ଏ ପୋକ ମଣିଷର ମନ୍ଦା ! କିନ୍ତୁ ସେଥିରେ ମାରାତ୍ମକ କ୍ଷୁଧାର ଦାଢ଼ବି ଲୁଚି ରହିଛି । ଯଦି ଘେରିଯିବ ତେବେ ଲହୁଲୁହାଣ କରିଦେବ ମେଓ୍ୱାବାଲା ଓ ତା'ର ପ୍ଲାଷ୍ଟିକ୍ ମେଓ୍ୱା ପେଡ଼ିକୁ !

ଗୋଷ୍ଠୀ ଜୀବନର ଏ ହେଲା ପ୍ରଥମ ରୂପ ! ଗାଉଁଲି ଅସହାୟ ମାଇପି ମରଦ ପିଲାଙ୍କର ଯେଉଁଠି ପଟୁଆର ଆସି ବୀର ହନୁମାନଙ୍କ ଗଛମୂଳେ ଟଙ୍କା କୁଢ଼ାନ୍ତି ସେ ଆଉ ଗୋଟିଏ ଅଦ୍ଭୁତ ରୂପ । ଏ ଉଭୟ ଆଉଠାଏ, ଆହୁରି ଅଧିକ ଗୁରୁତ୍ୱ ଓ ତାତ୍ପର୍ଯ୍ୟ ନେଇ ଆସିଛନ୍ତି ! ଦେଢ଼ ହଜାର ପାହାଚକୁ ଗୋଟାଏ ଗୋଡ଼ରେ ଆୟତ୍ତ କରୁଥିବା 'ଗରୁଡ଼ ଭଗବାନ'କୁ ଘେରି ଉନ୍ମତ୍ତ ଭକ୍ତଙ୍କର ଜୟ ଜୟକାର ଏବଂ ପର ମୁହୂର୍ତ୍ତରେ ଯେତେବେଳେ ଜର୍ଜ ତା'ର ପ୍ରାଣମୂର୍ଚ୍ଛା ପ୍ରୟାସରେ ଗରୁଡ଼କୁ ବୁଲେଇ ପିଟିଛି ଓ ସେ ତଳେ ପଡ଼ିଯାଇଛି, ସେଇ ଉନ୍ମତ୍ତ ଜନତା ଆହୁରି ଉନ୍ମତ୍ତ ହୋଇ 'ପର୍ଶୁରାମ ଅବତାର'ଙ୍କର ଗଗନକମ୍ପୀ ସଂକୀର୍ତ୍ତନ ଆରମ୍ଭ କରି ଦେଇଛି । ପରିଶେଷରେ ସେଇ ଅନ୍ଧୁଣୀ କୋଢ଼ି ଥିବା ପଟୁଆରରେ ଜର୍ଜ ପଶିଗଲା ବେଳେ ପୁଣି ଆସିଛି ସେଇ ମେଓ୍ୱାଶବ୍ଦ ! ଏ ଚାରୋଟି ଯାକ ଚିତ୍ରରେ ଜନତା କେବଳ ଯେ ବାୟା, ଏକ ମୁଖିଆ, ଅବ୍ୟବସ୍ଥିତ ଚିତ୍ତ ବୋଲି ପ୍ରମାଣିତ ହୋଇଛି ତା' ନୁହେଁ, ବହୁ ଦିନର ଜନତା ଜନାର୍ଦ୍ଦନ ଦି' କଡ଼ାର ହୋଇ ଦାଣ୍ଡରେ ହାଟରେ ଗଡ଼ି ଯାଇଛି ।

ଏ ଦିଗଟାକୁ ଆଡ଼େଇ ଗଲେ ବହୁ ପାହାଚ ଥିବା ମନ୍ଦିର ଓ ଗରୁଡ଼ର ରୂପକ ବେଶ୍ ଅର୍ଥପୂର୍ଣ୍ଣ ଗୋଟାଏ ଚିତ୍ର । ଧୂ', ଧୂ' ଦି' ପହରିଆ ବାଲିରେ ହୀରା ଖୋଜିବା ମଧ୍ୟ ସେହିପରି ଇଙ୍ଗିତଧର୍ମୀ । କିନ୍ତୁ ଉଭୟ ଯେପରି ମନେହୁଏ କ୍ଷୁଧାର୍ତ୍ତ ଜର୍ଜର ଉତ୍ୟକ୍ତ ମସ୍ତିଷ୍କର ବିକୃତି, କେବଳ ଭୟଙ୍କର ସ୍ୱପ୍ନ ଗୁଡ଼ାଏ ! ଏହା ବ୍ୟତୀତ ଆଉ ଗୋଟାଏ ପ୍ରକାର ଚିତ୍ର ମଝିରେ ମଝିରେ ଆସିଛି । ବରଗଛ ମୂଳେ ରିକ୍‌ସା ରଖି ଅପେକ୍ଷା କରିଥିଲା ବେଳେ ଶିମୁଳୀ ଗଛ

Digitized by srujanika@gmail.com

ପଛୁଆଡୁ ସୂର୍ଯ୍ୟୋଦୟଟାଏ ହୋଇଛି ଓ ଶିମୁଳୀ ଗଛଟା ପରମୁହୂର୍ତ୍ତରେ ଜଳି ଉଠିଛି । ବାଃ ! ଫଟା ସୂର୍ଯ୍ୟଟାକୁ ମିଶେଇଲେ ମଧ ଏଇଟା ଯେ ଚେନାଏ କବିତା ଏଥିରେ ସନ୍ଦେହ ନାହିଁ । ଆଉଥରେ ଆକାଶ ଆସିଛି ଦୃଷ୍ଟି ଭିତରକୁ ଯେତେବେଳେ ଜର୍ଜ ତା' ଝରକା ବାଟେ ବୁଢ଼ୀକୁ ଆଉ ନଜିର ମିଆଁକୁ ଝିକିମିକି ତରା ହୋଇ ଚାହୁଁଥିବାର ଦେଖି ପାରୁଛି ।

କିନ୍ତୁ ପରିସ୍ଥିତି ଗୁଡ଼ାକ କେତେ ଅପ୍ରତ୍ୟାଶିତ ଭାବରେ ଏବଂ କେଡ଼େ ଶୀଘ୍ର ବଦଳି ଚାଲିଛନ୍ତି ! ସତେ ଅବା ମେଜିକ୍ ଲଣ୍ଠନର ସକ୍‌ସାକ୍ ବଦଳି ଯାଉଥିବା ଚିତ୍ରଗୁଡ଼ିଏ ! ଲେଖକଙ୍କୁ କାଠ କେବିନ୍‌ଟିରେ ଟିକିଏ ଫୁରୁସତ୍ ଥିଲା ପରି ଜଣାଯାଏ । ଅମର ଫଳ ଖୋଜୁଥିବା ଗୋଟାଏ ଅନ୍ତକୋଷୀ କବିରାଜକୁ ବା ମଣିଷମାରୁ ଅପରାଧରେ ଜେଲ୍ ଭୋଗି ଫେରିଥିବା ଗୋଟାଏ ପାଗଳା ଚରଣ ରାଓକୁ କେନ୍ଦ୍ର କରି ଜୀବନର ଗୋଟାଏ ଦୁଇଟି ମୌଳିକ ତଥ୍ୟର ଆଲୋଡ଼ନ କରିବାକୁ ଅବକାଶ ମିଳିଲା ପରି ଜଣାଯାଏ । ତା' ଭିତରେ କିନ୍ତୁ ଜର୍ଜର ଜୀବନଚକ୍ର ଗଡ଼ିଚାଲେ ଅବାରିତ ଭାବରେ । କୋଇଲାବୁହା, ରିକ୍‌ସା ଟଣା, ପାଉଁରୁଟି ଦୋକାନରେ ଛିଟିପିଲା କାମ, ହରି ମିସ୍ତ୍ରୀ ଦୋକାନରେ ସାଇକଲ ସଜା, ଗୋଟାକ ପରେ ଗୋଟାଏ ଅକସ୍ମାତ୍ ଆସି ପୁଣି ସେହିପରି ଅଚାନକ ଚାଲିଯାନ୍ତି । କିନ୍ତୁ ଏସବୁ ଘଟେ ଗୋଟାଏ ନିର୍ଦ୍ଦିଷ୍ଟ କକ୍ଷ ଭିତରେ । ଗୋଦରୀ ବୁଢ଼ୀ ଓ କାଠ କେବିନ୍ ତାର କେନ୍ଦ୍ର । ଜର୍ଜ ନାନା ଚିନ୍ତା କରି କେବଳ ନାରୀ ପୁରୁଷର ଅଦ୍ଭୁତ ସମ୍ପର୍କ ବୁଝିବାକୁ ଚେଷ୍ଟା କରି ଚାଲିଛି, ଏ ସମସ୍ତ ପରିସ୍ଥିତି ଭିତରେ । ଶେଷରେ ଗୋଦରୀ ଠୋ' କିନା ମରି ଯାଇଛି ପାଣି ଟୋପାଏ ପିଇବାକୁ ନପାଇ ଏବଂ ଟୋକାଟା ଛିଟିକି ପଡ଼ିଛି ତା କକ୍ଷ ଭିତରୁ । ତେଣିକି ସବୁ ବାରଚାଉଳିଆ ଧରି ଯାଇଛି, ଧରିଯିବା କଥା ମଧ । ବଢ଼ି ଆସୁଥିବା ପୁରୁଷ ପିଲାଟା ହଠାତ୍ ଘୋଡ଼େଇ ହେଇଯାଇଛି, କିନ୍ତୁ ଉପରକୁ ଉଭାରି ଆସିଛି ଅମୃତ - ଫଳ ବାଉଳା, ବା ହୀରା - ଖୋଜାଳୀ ଗୋଟାଏ କଳାଆଖିଆ ଚାଲାକ୍ ଟୋକା ! ଜୀବନଟାଯାକ ସେ ବିଚାରା ପାଇଁ କେବଳ ବିସ୍ମୟ ମୂଳରୁ ଶେଷଯାଏଁ । ତା'ର ଅପରିପକ୍ୱ ମନର ଦହି ଉପରେ ହାଉଁ ହାଉଁ ହୋଇ ହାତୁଡ଼ି ବାଡ଼ିଆ ଚାଲିଛି - ଧର୍ମ, ରାଜନୀତି, ବିଜ୍ଞାନ - ସବୁ ପୁଣି ଗୋଟାଏ ଉତ୍କଟ ଯୌନ ଜ୍ୱାରାକ୍ରାନ୍ତ ତାପ ଗୃହ ଭିତରେ । ଘାଟନିକ ସମ୍ପର୍କ ଏଠି ବଡ଼ ଶିଥୀଳ । ପଥରର ଲକ୍ଷ୍ମୀକୁ ସେବା କରୁଥିବା ଚା' ବିକାଳୀ ବାବାଜିକୁ ଖୋଜି ଜର୍ଜ ପଲଟଣ୍ ପଛରେ ଏକାକୀ ଚାଲିଥିବା ଗରୁଡ଼ ସହିତ ଯୁଦ୍ଧ କରେ । ତା' ପରମୁହୂର୍ତ୍ତରେ ପାଗଳ ଜନତାର ଭଉଁରୀ ଭିତରୁ ଖସି ପଳେଇ ଆସି ବାଲିରେ ଗୁଡ଼ାଏ ହୀରା ଖୋଜେ ଓ ସେଇ ପେଚା ଆଖିଆର ଗାଡ଼ିରେ କିଛି ବୁଝିବା ପୂର୍ବରୁ ପହଞ୍ଚିଯାଏ ମଣିଷ ମସ୍ତିଷ୍କର କାରଖାନାରେ । ରାଜନୀତି, ପୃଥିବୀର ମାଲିକପଣିଆ ପାଇଁ କୂଟ ଚକ୍ରାନ୍ତ, ବିଜ୍ଞାନ ମାଙ୍କଡ଼ ଓ ସେ ମାଙ୍କୁଡ଼ିଆ ଗଛର ମେଓ୍ୱା - ଏ ଗୁଡ଼ାକ ସବୁ ଜର୍ଜର କୋଠରୀ ଭିତରେ ତେଜା ବିଜୁଳୀ ଆଲୁଅ ପରି ଅସହ୍ୟ ହାଉ ! ଗୋଟାଏ ବାଲ୍‌ଟି ନ ହେଲେ ବାସ୍ତବିକ୍ ଆଉ ଆତ୍ମରକ୍ଷାର ଉପାୟ ନାହିଁ ।

Digitized by srujanika@gmail.com

ଅନ୍ଧାରୁଆ ଉତପ୍ତ ଅବଚେତନାର ରାଜ୍ୟରେ ପ୍ରାଠକ ଘୋଷାଡ଼ି ହୋଇ ବାମ୍ଫୁଆ କାଳିଆ ଘୋଡ଼ା ପରି ସ୍ୱପ୍ନ ପିଠିରେ ଚଢ଼େ । ବହୁବାର ଚମକେ । ଟିକିଏ ମନ ମଜି ଘୁମେଇ ଆସିଲା ବେଳକୁ କାନ ପାଖରେ ଗୋଟାଏ କିଏ ଏଡ଼େ ପାଟିରେ କହୁଛି, 'ହୋ, ତମେ କିଏ ? – ନ ହେଲେ ସେହି ଅବସ୍ଥାରେ ମଝି ଶିରା ହାଡ଼ ଉପରେ କାକର ଧଣ୍ଡଟାକୁ ଓହଳେଇ ଦେଉଛି । ଭୂମିକମ୍ପ ପରି ମେଦିନୀ ହୁଡ଼ା ହୁଡ଼ା ହୋଇ ଭାଙ୍ଗି ପଡୁଛି ଅସ୍ଥିର ଘଟଣା ପରମ୍ପରା ଭିତରେ । ଆଚାର୍ଯ୍ୟେ ଯେପରି କହୁଛନ୍ତି, 'ଆହୋ, ଜୀବନରେ କେବେ ଗୋଟାଏ ଆଦ୍ୟ, ମଧ୍ୟ ପ୍ରାନ୍ତ ଥାଇ ଗପ ଭଳି ସରଳ ଘଟଣାର ସୁଅ ଦେଖିଛି ? – ଦେଖିନା ତ, ଫେର୍ ଏଠି କାହିଁକି ଏମିତି ଡିଆଁ ମାରିବାକୁ ଅସୁଖ ଲାଗୁଛି ! ଗୁଡ଼ାଏ ଡିଅଁ, ଗୁଡ଼ାଏ ଝାଳ ବୋହୁ ! ତା ପରେ ମର !! ମୁଁ ସେଥିପାଇଁ ତୁମକୁ ଖେଞ୍ଚିବି, ତମକୁ କୁତୁକୁତୁ କରିବି । ତମ କାନ ପାଖରେ ଜୋର୍‌ରେ କୁର୍‌ର୍ କରିବି । ଏଠି ଶାଳା ଘୁମେଇବା ମନା, ଘୁମେଇଲେ ମଲ !"

ମୋଟ ଉପରେ ଉପନ୍ୟାସଟି ଉ଼ଠାଏ ନାହିଁ କି ପକାଏ ନାହିଁ । ଗୋଟାଏ ଘଣି ଚକ୍‌ରରେ ଖାଲି ଘୂରାଏ, କ୍ଲାନ୍ତ କରେ । ସବୁ ଚରିତ୍ର କୋଇଲା ରଡ଼ ପରି ଚେଙ୍ଗି ଦିଅନ୍ତି କିନ୍ତୁ କାହାରି ପ୍ରତି ସହାନୁଭୂତି ବା ସମ୍ମାନ ଟିକିଏ ଆସେ ନାହିଁ । ଏପରି କି ବୁଢ଼ା, ବୁଢ଼ୀ, ଜର୍ଜ, ନଜିର ମିଆଁ ପାଇଁ ମଧ୍ୟ ନୁହେଁ । ଆଦର୍ଶବାଦ ପାଇଁ ଉପନ୍ୟାସର ସଦର ଦର୍ଜା ବନ୍ଦ ! ଶେଷକୁ ଜର୍ଜ ଯେତେବେଳେ ତା'ର ଅପତ୍ୟ ଭିତରେ ସାରା ସଂସାରଟାକୁ ପାଇଛି, କାଳେ ଆଦର୍ଶବାଦିଆ ହେଇଯିବ ବୋଲି ବୋଧହୁଏ ଗୋଟାଏ ଅବୋଧ ପାଗଳ ପରି ସେ ପୁଣି ଡାକିଛି ମେଓ୍ୱା ଦିଅ ! ଏମାନଙ୍କୁ ମେଓ୍ୱା ଦିଅ !! ଫୁଲି ଆସୁଥିବା ପୁରୁଣା ଭାବଧାରାର ବେଲୁନ୍‌କୁ କଣ୍ଟାରେ ଭୁସ୍ କରି ଫୋଡ଼ି ଦିଅନ୍ତି ଲେଖକ ! କହନ୍ତି, 'ହୋ ! ତମେ ବହୁତ ଫାନୁସ୍ ଉଡ଼େଇଲଣି, ତମେ ତମ ବାଡ଼ିଆଡ଼ ନର୍ଦ୍ଦମା ଦେଖିଛ – ଯାହାକୁ ତାଟି ପକେଇ ନିଜର ବୋଲି ତମେ ସ୍ୱୀକାର କର ନାହିଁ ? ସେଠି ଆସ, ତମ ନାକ ଘସି ମୁଁ ତୁମକୁ ତାଜୁବ୍ କରୁଚି !

ନର କିନ୍ନରରେ ନରର ମାତ୍ରା ବଡ଼ କମ୍ । କିନ୍ନର ମାଳ ମାଳ ଅଙ୍ଗାର ଚିତ୍ର ପରି ବହିଟାର ଖୋଳ ପର୍ଯ୍ୟନ୍ତ ଜରି ଯାଇଛି ! ସାହସର ସହିତ ତାକୁ ଜାହିର କରିବା ବହୁ ଦିନରୁ ଆବଶ୍ୟକ ଥିଲା ଓଡ଼ିଆ ସାହିତ୍ୟରେ । ସେଇଟା ହେଲା ଆଚାର୍ଯ୍ୟଙ୍କ ହାତରେ ! ବେଶ୍ ବଲୁଆ ଉପନ୍ୟାସଟାଏ ହେଇଚି ନର କିନ୍ନର, ଆଉ ବେଶ୍ ଚମକେଇଲା ପରି ହେଇଚି ତା'ର ଦୃଷ୍ଟିଭଙ୍ଗୀ । ସେ ନିଜେ ଆଉଠାଏ କହିଲା ଭଳି ଥୁଣ୍ଟା ଗଛ ଶିଖରେ ଏକ ଗୋଡ଼ିଆ ଠିଆ ହୋଇ ସେ ଆକାଶକୁ ହାତ ବଢ଼େଇ ଡାକିଛନ୍ତି, "ମତେ ଧ' ।" ଆକାଶ ନଇଁ ଆସୁ ତାଙ୍କୁ କାଖ କରିବାକୁ ଓ ତା' ସାଙ୍ଗେ ସାଙ୍ଗେ ଏ ଭାଷା ଓ ସାହିତ୍ୟଟାକୁ ।

◆

Digitized by srujanika@gmail.com

ଆଧୁନିକ ଉପନ୍ୟାସ ଭାବେ ନରକିନ୍ନରର କ୍ଲାସିକ ଗୁଣ

ପ୍ରଫେସର ଆଦିକନ୍ଦ ସାହୁ

ଟେ କ୍ଲାସିକଧର୍ମୀ ଆଧୁନିକ ଉପନ୍ୟାସ ଭାବେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନରକିନ୍ନର'କୁ ଏକ ସଫଳ ସମୁନ୍ନତ ସାହିତ୍ୟକୃତି ରୂପେ ବିବେଚନା କରାଯାଇପାରେ । 'ନରକିନ୍ନର'ର ଆତ୍ମିକ ସୌନ୍ଦର୍ଯ୍ୟ ଓ ତା'ର ଜୀବନମୟତାର ତୁଙ୍ଗିମାକୁ ବଳିଗଲା ଭଳି ଆଉ ଖଣ୍ଡିଏ ଉପନ୍ୟାସ ଗତ ଅର୍ଦ୍ଧ ଶତାବ୍ଦୀ ବର୍ଷ ଭିତରେ ଓଡ଼ିଶାରେ ଲେଖାଯାଇନାହିଁ । ସେମିତି ଦୃଷ୍ଟିରେ ବି ପଡ଼ିନାହିଁ ଅନ୍ୟ କୌଣସି ଭାରତୀୟ ପ୍ରାଦେଶିକ ଭାଷାରେ ଲିଖିତ ନରକିନ୍ନର ଅନୁରୂପ ଉପନ୍ୟାସ ।

ସବୁକିଛି ଯୁକ୍ତି ପ୍ରତିଯୁକ୍ତି ଉର୍ଦ୍ଧ୍ୱରେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନରକିନ୍ନର' ଉପନ୍ୟାସକୁ ଏକ ବିଶ୍ୱମାନ (Universal Standard)ର ସାହିତ୍ୟ କୃତି ବୋଲି କୁହାଯାଇପାରିବ । ଗୋପୀନାଥ ମହାନ୍ତିଙ୍କ ଅମୃତର ସନ୍ତାନ, ପରଜା, ଦାନାପାଣି, ଲୟବିଲୟ ଆଦି ଉପନ୍ୟାସ ରଚନାର ମାନ ଓ ସେସବୁ ଉପନ୍ୟାସର ପ୍ରତୀକିତ ଜୀବନଦୃଷ୍ଟିକୁ ସ୍ୱୀକାର କରିବାର କୁଣ୍ଠା ବୋଧେ କାହାରି ନଥିବ । ସେଇ ମାନର ପାଖାପାଖି ଆଉ ଖଣ୍ଡିଏ ଓଡ଼ିଆ ଉପନ୍ୟାସ ହେଉଛି ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' । ସୁରେନ୍ଦ୍ର ମହାନ୍ତିଙ୍କ 'ହଂସଗୀତି' ଆଉ 'ନେତି ନେତି'କୁ ଏଇ ସମୟଖଣ୍ଡ ମଧ୍ୟରେ ରଚିତ ଦୁଇଟି ସଫଳ ଉପନ୍ୟାସ ଭାବରେ ବଛାଯାଇପାରିବ ।

ଯେଉଁ ଶୈଳୀରେ ଯେପରି ଭାବେ ଲେଖା ଯାଇଥାଉ ପଛେ ଗୋଟେ ଉପନ୍ୟାସର ଶକ୍ତି ଓ ସୌନ୍ଦର୍ଯ୍ୟ ସର୍ବୋତ୍ତମ ଭାବରେ ଥାଏ ତା'ର ପ୍ରଚୁର ନୃତାତ୍ତ୍ୱିକ ଭାବାବେଗ ଓ ପ୍ରଚଣ୍ଡ ଜୀବନମୟତାର ଗୁଣ ଉପରେ । ଏଇ ନିସର୍ଗ ଜୀବନମୟତା ହିଁ ଆଧୁନିକ ଉପନ୍ୟାସର ଧର୍ମ ଓ ତା'ର ଆତ୍ମିକ ଅଳଙ୍କାର ।

Digitized by srujanika@gmail.com

ନରକିନ୍ନର ପରି ଯେକୌଣସି ଆଧୁନିକ ଉପନ୍ୟାସକୁ ତା'ର ପ୍ରଚଣ୍ଡ ଜୀବନମୟତାର ଗୁଣ ଓ ଗୌରବ ପାଇଁ ଅଧିକରୁ ଅଧିକ ଦସ୍ତୋଭସ୍କୀୟ ବୋଲି କୁହାଯିବ ।

ଈଷତ୍ ସ୍ୱପ୍ନିଳ ସ୍ୱୈରବାଦୀ ଚେତନା ଅପେକ୍ଷା ଜୀବନ ଅତଳର ପଙ୍କିଳ ତଥା ଆଦିମ ବାସ୍ତବତା ବୋଧେ ଅଧିକ ମାଟି ମନସ୍କ ଶିଳ୍ପୀ ପ୍ରାଣକୁ ବିଗଳିତ କରିଦିଏ । ଶାନ୍ତନୁ ଆଚାର୍ଯ୍ୟଙ୍କ ଶିଳ୍ପୀ ପ୍ରାଣର ବିଗଳନ କୋଟି ଯୁଗର ଆଦିମ ବିବର୍ତ୍ତନକୁ ନେଇ ।

ବିବର୍ତ୍ତନ ହେଉଛି ମହାବିଶ୍ୱର, ଖଣ୍ଡିଏ ଭୂଗୋଳର ନୁହେଁ; ନିରବଧି କାଳପ୍ରବାହର ଅପରିବର୍ତ୍ତନୀୟ ଶାଶ୍ୱତକୁ ନେଇ । ଗୋଟେ ବଞ୍ଚୁଥିବା ମଣିଷ ଓ ତା'ର ସକଳ ଜାନ୍ତବ ପ୍ରବୃତ୍ତି ସେଇ ମହାବିବର୍ତ୍ତନର ଏକ ନମୁନା ।

ବିଶ୍ୱର ମହାବିବର୍ତ୍ତନ ନରକିନ୍ନରରେ ସୂଚିତ ହୋଇଛି । ନରକିନ୍ନରର ଭୂମି ବା କେନଭାସ୍‌ଟି ଯେମିତି ନୃତାତ୍ତ୍ୱିକ ସେମିତି ବିବର୍ତ୍ତନୀୟ । ନରକିନ୍ନରରେ ପ୍ରତୀକିତ ନାରୀ ପୁରୁଷର ସଂପର୍କ ବି ସେମିତି ବିବର୍ତ୍ତନୀୟ ।

ନରକିନ୍ନର ପଢ଼ିଲେ ମନକୁ କେତେ କଥା ଆସେ । ଅନେକ କଥା ଉନ୍ମୋଚିତ ହେଇଯାଏ । ଗୋଟେ ଉଚ୍ଚମାନର ସାହିତ୍ୟକୃତିର ପ୍ରସ୍ତାବନା ଭିତରେ ଆମେ ଶାଶ୍ୱତକୁ ଭେଟୁ । ସେଇ ଚିରନ୍ତନତା (eternity) ହିଁ ସେଠି ମଞ୍ଜ ଭାବ ହୋଇଥାଏ ।

ଗୋପୀନାଥ ମହାନ୍ତିଙ୍କ ଅମୃତର ସନ୍ତାନ ବା ପରଜା ପରି ନରକିନ୍ନରକୁ କାହିଁକି ଗୋଟେ ସମୁନ୍ନତ କଳାକୃତି ବୋଲି କୁହାଯିବ ? କାରଣ, ସେଥିରେ ମଣିଷର ବଞ୍ଚିରହିବା ସହିତ ତା'ର ଅସରନ୍ତି ଜୀବନଲୀଳା ହିଁ ସୂଚିତ ହୋଇଛି । ସେଇ ଜୀବନ ଲୀଳା (endless human race)କୁ ଚିତ୍ରଣ କରିବା ପାଇଁ ବାଛିବା ଜଣେ ଶିଳ୍ପୀର ବଡ଼ ପାରିବାପଣ ବଡ଼ ପରିପକ୍ୱତା । ଏଠାରେ ଜେମସ ଜୟସଙ୍କ 'ୟୁଲିସେସ' କିମ୍ବା ଦସ୍ତୋୟଭସ୍କିଙ୍କ 'ନୋଟସ୍ ଫ୍ରମ୍ ଅଣ୍ଡରଗ୍ରାଉଣ୍ଡ' ଆଦି ଉପନ୍ୟାସ ଓ. ତା'ର ଭାବଭୂମିକୁ ଲକ୍ଷ୍ୟ କରାଯାଇପାରେ ।

ଗୋଟେ ପ୍ରବୋଧିତ ସର୍ଜନଶୀଳତା ସହିତ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟଙ୍କ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ତା'ର ନିବିଡ଼ ମାର୍ମିକତାକୁ ବେଶ ପ୍ରଶଂସା କରାଯାଇପାରେ । ଶାନ୍ତନୁ ଆଚାର୍ଯ୍ୟଙ୍କ ନରକିନ୍ନର ବ୍ୟତୀତ ଗତ ଅର୍ଦ୍ଧଶତାବ୍ଦୀ ବର୍ଷ ଭିତରେ ଆମ ଓଡ଼ିଆ ସାହିତ୍ୟରେ ଆଉ କେଉଁ କଥା କର୍ମରେ ସେ ସଂଯୋଗ ଦେଖିବାକୁ ମିଳେ ନାହିଁ ।

ନରକିନ୍ନର କିମ୍ବା ଶତାବ୍ଦୀର ନଚିକେତା ଆଦି ଉପନ୍ୟାସର ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ ତ ସାମଗ୍ରିକ ଭାବେ ଜଣେ ସଫଳ କଥାଶିଳ୍ପୀ; ତା'ବାଦ୍ ସେ ଜଣେ ଅତି ଭାବପ୍ରବଣ ବିଜ୍ଞାନ ଛାତ୍ର ।

ବିଜ୍ଞାନ ବା ସାହିତ୍ୟରେ ଉଚ୍ଚତର ଡିଗ୍ରୀ କରିଥିବା ଉପାଧିଧାରୀମାନେ ପ୍ରାୟତଃ ବିଜ୍ଞାନ ବା ସାହିତ୍ୟକୁ ନେଇ ଭାବପ୍ରବଣ ହୋଇ ପାରନ୍ତିନି । ଯେ ଯାହା କହୁନା କାହିଁକି ଆବେଗ ନଥିଲେ ରଚନାର ପ୍ରଭାବ ବା ଫୋର୍ସ ରହିବନି ।

Digitized by srujanika@gmail.com

ବେଶୀ ଗଛାୟିତ ହୋଇ ନଥିବା ନରକିନ୍ନରର ପୃଷ୍ଠାଗୁଡ଼ିକ ପାଠକ-ପାଠିକାଙ୍କୁ କାହିଁକି ଏତେ ଉତ୍ସୁକ କରିଥାଏ ? ଗୋଟେ ଜ୍ଞାନନିଷ୍ଠ ମାର୍ମିକତା, ଗୋଟେ ବିଜ୍ଞାନଭିତ୍ତିକ ବିସ୍ମୟବୋଧ ଶ୍ରୀ ଆଚାର୍ଯ୍ୟଙ୍କ ଶିଳ୍ପୀ ମାନସକୁ ବହୁଭାବରେ ପୁଷ୍ଟ କରିଛି ଯେମିତି । ସତ କହିଲେ ତାଙ୍କ ଶୈଳୀ ହିଁ ତା'ର ପ୍ରମାଣ ।

ଜ୍ଞାନବିଜ୍ଞାନକୁ ଯେ ପ୍ରାଣଦେଇ ଲେଖାପଢ଼ା କରେ ସେ ତ ଅଧିକ ଧୂରୀଣ, ଅଧିକ ପାରଦର୍ଶୀ । ଶାନ୍ତନୁ ଆଚାର୍ଯ୍ୟଙ୍କ ସୃଜନ ଆବେଗ ଆଦୌ ବିଜ୍ଞାନ ବିବର୍ଜିତ ନୁହେଁ । ତାଙ୍କ ଶୈଳୀରେ, ତାଙ୍କ ଶିଳ୍ପାୟନରେ କେବଳ ଖାଲି ବିଜ୍ଞାନ ନୁହେଁ ତା ସହିତ ରହିଛି ଅନିବାର୍ଯ୍ୟ ଭାବେ ମଣିଷର ଜୀବନ ଜିଇଁବା ଓ ତା'ର ଗୌରବ ବୋଧ ।

ଶିଳ୍ପୀ ମନର ଏହି ଗୌରବ ବୋଧ ଗୋଟେ ମହାକାବ୍ୟିକ ଗୁଣ ବା ଲକ୍ଷଣ ।

ବେଶୀ କିଛି ଉପକ୍ରମଣିକା ଦିଆନଯାଇ ଅସନ୍ଦିଗ୍ଧ ଚିତ୍ତରେ କୁହାଯାଇପାରେ ଯେ, ନରକିନ୍ନର ଉପନ୍ୟାସ ଏକ ଗଦ୍ୟ ମହାକାବ୍ୟ (prose epic), ଯାହା ଭିତରେ ପ୍ରଚୁର ଏପିକ୍ ଭୁଙ୍ଗିମା ରହିଛି ।

ଜ୍ଞାନବିଜ୍ଞାନର ସେଇ ସେଇ ଦିଗ୍‌ବଳୟକୁ ଛୁଇଁ ନ ପାରିଲେ ନରକିନ୍ନର ଉପନ୍ୟାସ କାହାପାଇଁ ହୁଏତ ସେତେ ଅର୍ଥପୂର୍ଣ୍ଣ ମନେ ହେବନି । ସେଥିପାଇଁ ପାଠକର ସାମର୍ଥ୍ୟ ଦର୍କାର । ମୋ ସ୍ୱାମୀ ନାହାନ୍ତି ଘରେ, ଚୁମ୍ବନର ପ୍ରତିଦାନ, ଉଚ୍ଛ୍ୱଳାପ୍ରେମ ବା ରଙ୍ଗବତୀ ଆଦି ଉପନ୍ୟାସ ପାଠକରି ଯେଉଁମାନେ ଚିତ୍ତବିନୋଦନ କରନ୍ତି ସେମାନେ ନରକିନ୍ନର ଉପନ୍ୟାସର ଆସ୍ୱାଦନ ଠାରୁ ଯୋଜନ ଦୂରରେ ରହିବେ ।

ଉଲ୍ଲେଖ କରିବା ଆଦୌ ନିଷ୍ପ୍ରୟୋଜନ ନୁହେଁ ଯେ, ଆମ ସମାଜର ଅନେକ ପାଠକ ପାଠିକା ଏହି ତରଳ ସାହିତ୍ୟ ପଢ଼ିବା ପାଇଁ ହିଁ ଯୋଗ୍ୟ ହୋଇଥାନ୍ତି ।

ଖାଲି ଉପନ୍ୟାସ ଲେଖିବା ନୁହେଁ ଉପନ୍ୟାସ ପଢ଼ିବାର ବି ଗୋଟେ କୌଳିନ୍ୟ ରହିଛି । ଭଲ ପଢ଼ିବା ସବୁଠି ସବୁବେଳେ ଗୋଟେ ବୌଦ୍ଧିକ ବ୍ୟାୟାମ । ତୁଳନାତ୍ମକ ସାହିତ୍ୟ ସମାଲୋଚକମାନେ ଏହି ଭଲ ପଢ଼ିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି ।

ସତ କହିଲେ ଗୋଟେ ଭଲ ଉପନ୍ୟାସରେ ବହୁ ବିଦ୍ୟା, ବହୁ ଚେତନାର ସମାବେଶ ଘଟିଥାଏ । ସେହି ଭାବ, ସେହି ଚେତନାର ମୁହଁ ସବୁ ଦେଖି ପାରିଲେ ହେଲା । ଜଣେ ସମର୍ଥ ଶିଳ୍ପୀଟିଏ ବିସ୍ତୀର୍ଣ୍ଣ ଭାବ ଜଗତରେ ହିଁ ବିଚରଣ କରୁଥାଏ ।

ଶାନ୍ତନୁ ଆଚାର୍ଯ୍ୟ ଅନ୍ତସ୍ଥଳର ଗୋଟେ ବଡ଼ ଅନୁରାଗରୁ ହିଁ ଏ ନରକିନ୍ନର ଉପନ୍ୟାସ ଲେଖିଛନ୍ତି । ନାରୀ ପୁରୁଷଙ୍କ ମିଳନ ବିଚ୍ଛେଦ ସର୍ବସ୍ୱ କୃତ୍ରିମ ଗଳ୍ପ ତିଆରି କରିବାରେ ସେ ମାତି ଯାଇ ନଥିଲେ । ଜୀବନ ଅତଳର ଆମ କିନ୍ନରତ୍ୱକୁ ସେ ଯଥାସମ୍ଭବ ଦେଖେଇଛନ୍ତି ନରକିନ୍ନର ଉପନ୍ୟାସରେ ।

ନରକିନ୍ନର ବସ୍ତୁତଃ ଏକ ଭାବନିଷ୍ଠ ଆଧୁନିକ ଉପନ୍ୟାସ; ଯାହା ଭିତରେ ପ୍ରଚୁର କ୍ଲାସିକ ଗୁଣ ରହିଛି । ଉଚ୍ଚତର ସାମର୍ଥ୍ୟ ତଥା ରୁଚିସମ୍ପନ୍ନତା ନଥିଲେ ଜଣକର

Digitized by srujanika@gmail.com

ରଚନା ଧ୍ରୁପଦୀ ଭୁଙ୍ଗିମା ଗ୍ରହଣ କରିପାରିବନି । ମଣିଷ ଜୀବନକୁ ଚିତ୍ରଣ କରିବାର ମହନୀୟତା ଅସଲରେ ଜଣକ ରଚନାକୁ କାଳଜୟୀ କରିଥାଏ । ମଣିଷ ଜୀବନକୁ, ତା'ର ପ୍ରବୃତ୍ତି ଓ ପ୍ରବଣତାକୁ, ପ୍ରେମ ଓ ପରାଜୟକୁ ଜଣେ ବଡ଼ ଶିଳ୍ପୀ ଏକାତ୍ମ ହୋଇ ଲେଖିଥାଏ । ସେମାନଙ୍କ କଥା ଓ କାହାଣୀରେ ଚିତ୍ରିତ ଚରିତ୍ର ସବୁ ନିହାତି ତୃତୀୟ ପୁରୁଷଙ୍କ ପରି ଦୂରରେ ଛିଡ଼ା ହୋଇ ନଥାନ୍ତି । ଏହି ଜୀବନମୟତାର ବର୍ଣ୍ଣାଢ଼୍ୟ ଚିତ୍ରଣ ଦୃଷ୍ଟିରୁ ଚେଖଭଙ୍କ ନୈପୁଣ୍ୟ ଅଗ୍ରଗଣ୍ୟ ।

ଆମେ ସେଇ ରଚନାଦର୍ଶର ପାଖାପାଖି ଗୁଣ ବା ଲକ୍ଷଣ ନରକିନ୍ନରରେ ପ୍ରାୟ ଦେଖୁଁ । ଯାହା ଏକାନ୍ତ ବାସ୍ତବବାଦୀ ଆଧୁନିକ ଉପନ୍ୟାସର ଆଦର୍ଶ ତିଆରି କରିଛି ତା'ର ଅତି ନିବିଡ଼ ରୂପକୁ ଜଣେ ପାଠକ ନରକିନ୍ନରରେ ବେଶ୍ ଉପଲବ୍‌ଧି କରିପାରେ ।

ନରକିନ୍ନର ଗୋଟେ ପୂର୍ବବର୍ତ୍ତୀ ଭାବ କିମ୍ବା ଆଙ୍ଗିକ ରୂପର ବିକଶିତ ରୂପ ନୁହେଁ । ଏମିତି ଉପନ୍ୟାସ ତ ପୂର୍ବରୁ ଆମର ନଥିଲା । ତା'ର କିଛି ଆଭାସ ବି ଆମ ପୁରୁଣା ଓଡ଼ିଆ କାହାଣୀ ପ୍ରଧାନ ଉପନ୍ୟାସରେ ନଥିଲା ।

ନରକିନ୍ନର ବେଳେ ଲାଗେ ଗୋଟେ ନୃତାତ୍ତ୍ୱିକ ଭାବପିଣ୍ଡର ଅତି ପତଳା କାହାଣୀ ରୂପ । ଯେଉଁ ଚିତ୍ର ଚରିତ୍ର ସବୁ ନରକିନ୍ନରର କାହାଣୀ ସହିତ ଯୋଡ଼ି ହୋଇ ରହିଛନ୍ତି ତାହା ଅନେକାଂଶରେ ପ୍ରତୀକାତ୍ମକ ଲାଗେ ।

ନରକିନ୍ନରର କିଛି ପୃଷ୍ଠା ଉଭଟ ଲାଗିବାର କାରଣ ହେଉଛି ଏହି ଅଧିକ ପ୍ରତୀକାତ୍ମକତା[7]। ନରକିନ୍ନରର ଯେଉଁ ଭାବଚେତନା ଗତିଶୀଳ ହୋଇଛି ତାହା ପ୍ରତୀକାତ୍ମକ ହେବା ଛଡ଼ା ତା'ର ବିକଳ୍ପ କିଛି ନଥିଲା ।

ଜୀବନ ଅତଳକୁ ଯେ ବ୍ୟବଚ୍ଛେଦ କରେ ତା'ର ସ୍ୱପ୍ନିଳ ଗୋଟେ ରୋମାଣ୍ଟିକ ଆଦର୍ଶ ନଥାଏ । ପଦ୍ମଫୁଲ ନୁହେଁ, ଗଭୀର ପଙ୍କରେ ନିମଗ୍ନ ସେଇ କଳାଟି ହିଁ ପଦ୍ମର ମୂଳ ପରିଚୟ । ଆମର ଆଦିମତା ଆମର ମୂଳ ପରିଚୟ ଓ ତାହାହିଁ ଅନିବାର୍ଯ୍ୟ । ହଜାର ହଜାର ବର୍ଷର ବିବର୍ତ୍ତନ ସତ୍ତ୍ୱେ ମଣିଷ ତା'ର ଆଦିମତାକୁ ସଂପୂର୍ଣ୍ଣ ପରିହାର କରିପାରିବ ନାହିଁ । ଅବଶ୍ୟ ତା'ର ପରିଶୀଳନ ସମ୍ଭବ ହୋଇଛି । ନରକିନ୍ନରର ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟଙ୍କର ଉପଲବ୍‌ଧି ହୋଇଛି ମଣିଷ ତା'ର ଆଦିମ ଅବସ୍ଥାକୁ ଅସ୍ୱୀକାର କରିପାରିବ ନାହିଁ ।

ଦେହ ଧର୍ମ ଅଧିକରୁ ଅଧିକ କର୍ଦ୍ଦମ ଓ ଆଇଁସିଆ । ଜାନ୍ତବତା ନବୁଝି ଜୀବନକୁ ଜାଣିବା ସହଜ ନୁହେଁ । ଫ୍ଲୁବର୍ଟ ଓ ଏମିଲଜୋଲାଙ୍କ ଭଳି ପ୍ରକୃତିବାଦୀ କଥାଶିଳ୍ପୀଙ୍କ ପ୍ରତିପାଦନ ହେଉଛି ମଣିଷ ଜୀବନର ଏହି ଅଲଘଂନୀୟ ଜାନ୍ତବତା । ସେମାନେ କହନ୍ତି, ଆମ ଜୀବନ ବୃତ୍ତର ବାସ୍ତବତାକୁ ଆମ କଳାବୋଧ ଆଦୌ ସତ୍ୟଶୀଳ ହୋଇ ଗ୍ରହଣ କରିନି କି ଚିତ୍ରଣ କରିନି ।

Digitized by srujanika@gmail.com

ନଜିର ମିଆଁ ମୁହଁରେ ଶାନ୍ତନୁ ଆଚାର୍ଯ୍ୟ ଆମ ବିବର୍ତ୍ତନ ସଂପର୍କିତ ବିଶ୍ୱାସକୁ ପେରୋଡ଼ି କରିଛନ୍ତି । ଗୋଟେ ଅତି ଲୋକପ୍ରିୟ ମିଥ୍‌ର ବିପରୀତ ବ୍ୟାଖ୍ୟା କରିବା ଯେଉଁ ସାମର୍ଥ୍ୟ ଉପରେ ନିର୍ଭର କରେ ବିବର୍ତ୍ତନ ଓ ମାର୍କସବାଦୀ ଚିନ୍ତାଧାରାକୁ ଓଲଟି ବ୍ୟାଖ୍ୟା କରିବାରେ ଶ୍ରୀ ଆଚାର୍ଯ୍ୟ ସେଇ ସାମର୍ଥ୍ୟର ପରିଚୟ ଦେଇଛନ୍ତି ।

ଅଧିକ ଜିଜ୍ଞାସୁ କଳାକାରଙ୍କ ସେଇ ସାମର୍ଥ୍ୟ ସବୁ ଖୋଜନ୍ତି । ଶିଳ୍ପୀଙ୍କ ସାମର୍ଥ୍ୟ ସବୁ ନୂଆ ଚିନ୍ତନ, ନୂଆ ଜିଜ୍ଞାସାର ସୂତ୍ରପାତ କରେ ।

ଅଧିକ ଶକ୍ତିଶାଳୀ ସମର୍ଥ ଲେଖକ ଜଣେ ଚେତନା ସ୍ରୋତର ପ୍ରତିକୂଳରେ ବେଳେ ଛିଡ଼ାହୁଏ । ନରକିନ୍ନରର ଚେତନା ସ୍ରୋତରେ ଆମେ ପ୍ରତି ମୂଲ୍ୟବୋଧ (anti values)ର ଅସଂଖ୍ୟ ଉପଳ ଭାସୁଥିବାର ଦେଖୁ ।

ପଶୁତୁଲ୍ୟ ଅମଣିଷମାନେ ନରକିନ୍ନରରେ ଅଧିକ ଚଳପ୍ରଚଳ ହୋଇଛନ୍ତି । ତା'ରି ଭିତରେ ତଥାପି ଆମେ କଥାଶିଳ୍ପୀ ଶାନ୍ତନୁ ଆଚାର୍ଯ୍ୟଙ୍କ ଉଚ୍ଚତର ପ୍ରସ୍ତାବନାକୁ ଠାବ କରୁ । ତାହା ହେଉଛି ଆତ୍ମାର ବିକାଶ (growth of the soul) । ବିକାଶର ସ୍ୱପ୍ନ ସେଠି ସମସ୍ତଙ୍କୁ ଘାରିଛି; ଆଦିମତା କବଳରୁ ଆଦୌ କେହି ମୁକୁଳି ପାରି ନାହାନ୍ତି ।

ସଭିଏଁ ଯେମିତି ଜୀବନଟିଏ କେବଳ ଜୀଇଁ ଦେଇଛନ୍ତି । ନରକିନ୍ନରର ପୃଷ୍ଠାଗୁଡ଼ିକ ଯେମିତି ଲିବିଡ଼ୋର ଚରାଭୂମି ପାଲଟିଛି । ଗୋଦରୀ ବୁଢୀ, ନଜିର ମିଆଁ, ଚରଣରାଓ ଆଉ ବୀର ସାମଲଙ୍କ ଭଳି ଚରିତ୍ର ସବୁକୁ ତ ଭାବି ହେଉନି । ଏମିତି ଚିରତ୍ର ସବୁ ଛିଡ଼ା କରାଇବା ପାଇଁ ସେ କେଉଁଠୁ ପ୍ରେରଣା ପାଇଲେ ?

ଜେମସ ଜୟେସଙ୍କ ୟୁଲିସେସର ବ୍ଲୁନ ଚରିତ୍ର ପରି ଜର୍ଜ ତ ଗୋଟେ ଏଣ୍ଟି ହିରୋ । ଚରିତ୍ର ଚିତ୍ରଣର ପାରଦର୍ଶିତା ଆମ କଥା ଜଗତର କମ୍ କଥା ନୁହେଁ । ଜର୍ଜର ଜୀବନ ଆମକୁ ଚମକାଇ ଦିଏ । ଜର୍ଜର ପରିଚୟହୀନତା ଗୋଟେ ଅତି ଗୁରୁତ୍ୱପୂର୍ଣ୍ଣ କଥା । ମଣିଷର ପ୍ରତିଷ୍ଠା, ତା'ର ପରିଚୟ, ତା ବଞ୍ଚି ରହିବାର ଆକାଂକ୍ଷାକୁ ଔପନ୍ୟାସିକ ଏଠି ଜିଜ୍ଞାସା କରିଛନ୍ତି । ଚରିତ୍ରଗୁଡ଼ିକର ଗତି ବିସ୍ତାର ସେହିପରି ହୋଇଛି । କାହାର କୌଣସି କୌଳିନ୍ୟ ନାହିଁ ।

ଅକ୍ଟୋପାସ ପରି ଜୀବନରେ ସକଳ ପ୍ରବୃତ୍ତି (life instinct) । ଚାରିକଡ଼ୁ ଯେମିତି ବେଢ଼ିଦିଏ । ଅବାରିତ ଓ ଅଲଘନୀୟ ଜୀବନ ଓ ତା'ର ଶରୀର ପ୍ରାଣ ପିପାସା (Abundance of life)କୁ ଶ୍ରୀ ଆଚାର୍ଯ୍ୟ ତାଙ୍କ ପ୍ରିୟ ଚରିତ୍ରମାନଙ୍କ ଜରିଆରେ ଦେଖାଇବା ପାଇଁ ଭାରି ପ୍ରୋତ୍ସାହିତ ହୋଇଛନ୍ତି ।

ପାପପୁଣ୍ୟର ଭେଦ ବାରିବା ଉପରେ ସେ ଆଦୌ ଗୁରୁତ୍ୱ ଦେଇ ନାହାନ୍ତି । ଏମିତି ଅସଂଖ୍ୟ ନୂଆ କଥାର ଝଲକ ଆମେ ତାଙ୍କ ନରକିନ୍ନର ଉପନ୍ୟାସରେ ଦେଖୁଁ । ଗଳ୍ପହୀନତା ଶାନ୍ତନୁ ଆଚାର୍ଯ୍ୟଙ୍କ ଅନ୍ୟ ଏକ କଥାଦର୍ଶ ।

Digitized by srujanika@gmail.com

ତାଙ୍କ କଥା ଶିଳ୍ପର ନୂତନ ପରିଯୋଜନା ସପକ୍ଷରେ ଅଧିକ ଓକିଲାତି ନକରି କୁହାଯାଇପାରିବ ଯେ, ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓଡ଼ିଆ ଉପନ୍ୟାସ ରଚନା କ୍ଷେତ୍ରରେ ଜଣେ ନାଁ କରା ଟ୍ରେଣ୍ଡ ସେଟର ।

ଫକୀରମୋହନ, କାନ୍ତକବି, କାଳିନ୍ଦୀଚରଣ, କାହ୍ନୁଚରଣ, ଗୋପୀନାଥ ମହାନ୍ତିଙ୍କ ପରେ ଶାନ୍ତନୁ ଆଚାର୍ଯ୍ୟ ହିଁ ପ୍ରକୃତରେ ଜଣେ ଅତି ଶକ୍ତିଶାଳୀ କଥାଶିଳ୍ପୀ ।

ତାଙ୍କ ଉପନ୍ୟାସମାନଙ୍କରେ ସେ ହେତୁବାଦ ଆଉ ଜୀବନବାଦର ପ୍ରବକ୍ତା । ତାଙ୍କଠାରେ ଏହା ଗୋଟେ ବଡ଼ ବୈଶିଷ୍ଟ୍ୟ । ସେ ଜାନ୍ତବ ଯୌନତାର ଚିତ୍ରଣ କରିଛନ୍ତି ତାଙ୍କ ନରକିନ୍ନର ଉପନ୍ୟାସରେ ବେଶୀ । ସେଠି ସ୍ନିଗ୍ଧ ପ୍ରେମ ବା ପେନୋରମିକ ଲଭ୍‌ର ଚିତ୍ରଣ ନାହିଁ କହିଲେ ଚଳେ । ଅଣ୍ଡିରା ଆଉ ମାଈ ପ୍ରାଣୀଙ୍କ ପରି ନାରୀପୁରୁଷମାନେ ଭାରି ମୁଖର ହୋଇଛନ୍ତି ନରକିନ୍ନରରେ ।

ନରକିନ୍ନରରେ ଏହି ସ୍ନିଗ୍ଧ ପ୍ରେମର ଚିତ୍ରଣ ନଥିବା ବରଂ ନରକିନ୍ନର ଉପନ୍ୟାସକୁ ପ୍ରଚୁର ସୃଜନ ସଂଭାବନା ଆଣି ଦେଇଛି । ମଣିଷର ଜୀବନ ପରିଧିରେ ଯୌନ ଏକ ଶକ୍ତିଶାଳୀ ଅନୁଷଙ୍ଗ । ସେହି ଅଲଙ୍ଘନୀୟ ତଥା ବିବର୍ତ୍ତନୀୟ ଜାନ୍ତବ ଗୁଣଟିକୁ କିଏ ପରିହାର କରିପାରିବ ।

ସଭ୍ୟ ମଣିଷଟି ଭିତରେ ଆଦିମତା ଦୁର୍ନିବାର ଭାବେ ରହିଛି । ତାହାକୁ ଧର୍ମ ହେଉ କି ଦର୍ଶନ ହେଉ କିଏ ଅସ୍ୱୀକାର କରିପାରିବ ? ମଣିଷର ଶକ୍ତିଶାଳୀ ପ୍ରବୃତ୍ତି ହେଉଛି ତା'ର କାମୁକତା । ଜୀବ ବୈଜ୍ଞାନିକ ଚରମ ସତ୍ୟକୁ ଯେଉଁ କଳାକାର ଭାବବୀଜ କରି ବପନ କରିପାରେନା ତା କଳାକୃତି ସ୍ୱତଃ ଏକ ବନ୍ଧ୍ୟାଭୂମି ପାଲଟି ଯାଏ । ଏମିଲ ଜୋଲା ଆଦି ପ୍ରକୃତିବାଦୀମାନେ ଜୀବନ୍ତ ପ୍ରାଣୀର କଥା ହିଁ ଲେଖିଛନ୍ତି । ଦେହର ବଳୟ ଭିତରେ ମଣିଷ ଜୀବନକୁ ଚିହ୍ନିବା ପ୍ରାଥମିକ କଥା । ଜୀବନର ଆତ୍ମା ପରମାତ୍ମା କଥା ସବୁବେଳେ ପରବର୍ତ୍ତୀ । ନରକିନ୍ନରରେ ସଂଯୋଜିତ ଅଧିକାଂଶ ଚରିତ୍ର କାମୁକତା ଦ୍ୱାରା ଆକ୍ରାନ୍ତ । ତାହା ଜୀବନ ଅତଳର କଥା । ଚରମ ଭାବରେ ଜୀବନମୟ ।

(ସେହି କାମୁକତାକୁ ଆରୋପ କରି ଯେଉଁ ଜୈବ ସତ୍ୟର ଅବତାରଣା କରାଯାଇଛି ନରକିନ୍ନରରେ ତାହା ଏକ ଗମ୍ଭୀର କଥା । ଆମେ ବୋଧେ ମଣିଷ ଜୀବନର ଯୌନତାକୁ ତା'ର ଏକାନ୍ତ ଆଦିମ ବିବର୍ତ୍ତନୀୟ ବାସ୍ତବତା ଭାବେ ନରକିନ୍ନରରେ ପ୍ରତିପାଦିତ ହୋଇଥିବା ଦେଖୁଁ ଯାହା ସମୁନ୍ନତ ସୃଜନଶୀଳତା (high degree of creativity)ର ମୂଳଭୂମି ହୋଇଛି ।)

ଏକାନ୍ତ ଶୋଭାବନ୍ତ ନିବିଡ଼ ସବୁଜିମାର ଧାରିଣୀ ଯେପରି ମାଟି ସେହିପରି ସ୍ୱର୍ଗୀୟ ପ୍ରାଣଶକ୍ତି ଓ ଜୀବନରସର ଧାରିଣୀ ହେଉଛି ଆମର ଦେହ । ଶାନ୍ତନୁ ଆଚାର୍ଯ୍ୟଙ୍କ ମନ ଓ ଚେତନା ନରକିନ୍ନର ପୃଷ୍ଠାରେ ଭାରି ପ୍ରବାହିତ ହୋଇଯାଇଛି । ମାତ୍ର କେତେକ ତା'କୁ ସେହିପରି ଭାବେ ଗ୍ରହଣ କରିପାରିନାହାନ୍ତି ।

Digitized by srujanika@gmail.com

'ନରକିନ୍ନର' ସେମାନଙ୍କ ପାଇଁ ହୁଏତ ଗୋଟେ ଅସୁସ୍ଥ ଉପନ୍ୟାସ । ଏମିତି ଘଟିଛି ଯେ ଅନେକ ସହଜରେ ଗୋଟେ ନୂତନତାକୁ ଅଭିନନ୍ଦିତ କରିପାରନ୍ତିନି ।

ନରକିନ୍ନର ଗତ ଅର୍ଦ୍ଧଶତାବ୍ଦୀ ବର୍ଷର ଓଡ଼ିଆ ଉପନ୍ୟାସ ରଚନା କ୍ଷେତ୍ରରେ ଗୋଟେ ମାଇଲ ଖୁଣ୍ଟି କେବଳ ନୁହେଁ; ବରଂ ଗତ ପଚାଶ ବର୍ଷ ଭିତରେ ଏକ ବିରଳ ଓ ମହତ୍ତର କଳା ସାଧନା ।

ନରକିନ୍ନରକୁ ମହତ୍ତର କଳା ସାଧନା ବୋଲି ବର୍ଣ୍ଣନା କରିବାର ଗୋଟିଏ ବଡ଼ କାରଣ ହେଲା, ନରକିନ୍ନର ଏକ ସାର୍ବକାଳୀନ ତଥା ସାର୍ବଜନୀନ ଚିତ୍ର ଯାହା ଜାତି ଧର୍ମ ଓ କାଳ ପ୍ରବାହ ଉର୍ଦ୍ଧ୍ୱରେ ମଣିଷ ଜୀବନର ଅନ୍ତଶ୍ଚେତନର ଚିତ୍ର ଆଙ୍କିଛି ।

ଭଲ ଉପନ୍ୟାସର କାହାଣୀ ସବୁବେଳେ ଏକ ସାଧାରଣ ମଣିଷର, ଯେ ବସ୍ତୁତଃ ବଞ୍ଚିବାର ମାଦକତା ଅନୁଭବ କରେ । ନରକିନ୍ନରର ଚରିତ୍ର ମାନେ କେବଳ ବଞ୍ଚି ରହିଛନ୍ତି ଓ ଜୀବନକୁ ଚରମ ନିଃସଂଗତା ଭିତରେ ଦେଖୁଛନ୍ତି ।

କେବଳ ପରିଚୟହୀନତା ନୁହେଁ ଏକାକୀତ୍ୱ ମଧ୍ୟ ଏକ ବଡ଼ ଶକ୍ତିଶାଳୀ ବିଷୟ; ଯାହା ନରକିନ୍ନରର ଶିଳ୍ପ ଓ ସଂରଚନାକୁ ଯେପରି ରହସ୍ୟମୟ କରିଦେଇଛି ।

ସେମିତି କ୍ଷୁଧାର ତାଡ଼ନା । ନିରାଶ୍ରିତ ହେବାର ସୁତୀବ୍ର ଅନୁଭବ । ବଞ୍ଚି ରହିବା ପାଇଁ ଯାହା ନିହାତି ଦର୍କାର । ଏସବୁ କଥା ଲେଖିବା ପାଇଁ ପୁଣି ମଣିଷର ବଞ୍ଚି ରହିବା ସହିତ ଯେଉଁ ପାରିପାର୍ଶ୍ୱିକ ବାସ୍ତବତା ଯୋଡ଼ା ହୋଇଛି ସେସବୁର ଚିତ୍ରଣ ପାଇଁ ଶାନ୍ତନୁ ଆଚାର୍ଯ୍ୟ ଆଉ ଗୋଟେ ପ୍ରକାର ଭାଷା ଶୈଳୀ ବ୍ୟବହାର କରିଛନ୍ତି । କାହାଣୀ ଧର୍ମୀ ଗଳ୍ପ ଉପନ୍ୟାସର ପୁରୁଣା ଭାଷା ଠାରୁ ନରକିନ୍ନରର ଭାଷା ପୂରା ଅଲଗା । ଏମିତି ଭାଷାରେ ଖୋଲାମେଲା ଆକାଶ ତଳେ ଫିଟି ପଡ଼ିଥିବା ଜୀବନକୁ ସେ ବେଶ ଲେଖିପାରିଛନ୍ତି । ସ୍ତ୍ରୀ ଲୋକମାନଙ୍କୁ ଆମ ପୁରୁଣା ଉପନ୍ୟାସମାନଙ୍କରେ ଯେପରି ଲେଖା ଯାଇଥିଲା ନରକିନ୍ନରରେ ତା'ର ଅଲଗା ପ୍ରକାରର ଉପସ୍ଥାପନା ଦେଖୁଁ । ନାରୀତ୍ୱ ବା ମାତୃତ୍ୱର ଚରମ ପ୍ରବୃତ୍ତି ବା ପ୍ରବଣତାକୁ ବ୍ୟାଖ୍ୟା କରିବା ପାଇଁ ବିବର୍ତ୍ତନର ପ୍ରାଣୀ ବୈଜ୍ଞାନିକ ବାସ୍ତବତାକୁ ଆଧାର କରିଛନ୍ତି ନରକିନ୍ନରର ଔପନ୍ୟାସିକ ।

ଜଣେ ପାଠକ ଆମ ଶୃଙ୍ଗାରିକ କାବ୍ୟମାନଙ୍କରେ ନାରୀକୁ ଯେପରି ପଢ଼ିଥିଲା ଆଉ ବୁଝିଥିଲା ତା'ର ସମାନତା ସେ ନରକିନ୍ନର ଉପନ୍ୟାସରେ କେଉଁଠୁ ପାଏନି । ନରକିନ୍ନରର 'ଗୋଦରୀ ବୁଢ଼ୀ' ଭାରି ଅଦ୍ଭୁତ ଲାଗେ ପାଠକକୁ । ତା'ର ନାରୀ ପରିଚୟକୁ ଶାନ୍ତନୁ ଆଚାର୍ଯ୍ୟ ସେମିତି ପ୍ରଖ୍ୟାପିତ କରିଛନ୍ତି । ଲକ୍ଷ ଲକ୍ଷ ବର୍ଷର ନାରୀର ମାଆ ହେବାର ଦୁର୍ବିର୍ବର୍ତ୍ତନୀୟ ଇଚ୍ଛା 'The inate desire of a woman to be mother'କୁ ଗୋଦରୀ ବୁଢ଼ୀ ଭିତରେ ଔପନ୍ୟାସିକ ଏପରି ସଂସ୍ଥାପନ କରିଛନ୍ତି ଯେ ତାହା ଯେମିତି କରୁଣ ଲାଗେ ସେମିତି ଉତ୍ତୁଙ୍ଗ ଲାଗେ ।

Digitized by srujanika@gmail.com

ଗୋଦରୀ ବୁଢ଼ୀର ମାତୃତ୍ୱ କାମନା ଓ ତା'ର କାବ୍ୟ ପ୍ରଭାବ ସତ କହିଲେ ଗୋଟେ ଏପିକ ତୁଙ୍ଗିମାରେ ଯାଇ ପହଞ୍ଚିଛି । ଗୋଟେ ଶିଳ୍ପୀର ଏକାନ୍ତ କରୁଣାର୍ଦ୍ର ବିଗଳିତ ଚିତ୍ତ କେବଳ ଗୋଦରୀ ବୁଢ଼ୀକୁ ନେଇ ଏଭଳି ସ୍କୀକୁଏନସ୍ ଆଙ୍କିପାରେ ।

ଗୋଦରୀ ବୁଢ଼ୀର ମାଆ ହେବାର ଇଚ୍ଛା ଏ ସମ୍ପର୍କିତ ହଜାରେ ମିଥ୍‌କୁ ଯେପରି ଡେଇଁ ଯାଇଛି । ଗୋଟେ ଆର୍କିଟାଇପର ଭାବଗତ ପ୍ରଭାବ ବା ଆବେଦନ ଭାରି ଅନ୍ତରୀଣ ହୋଇ ରହିଛି ଗୋଦରୀ ବୁଢ଼ୀ ଉପାଖ୍ୟାନରେ । ଚିରକାଳର ସାହିତ୍ୟରେ ମାତୃତ୍ୱ ପ୍ରସଙ୍ଗଟି କମ ବଡ଼ କଥା ନୁହେଁ । ଗଦ୍ୟପଦ୍ୟ ନିର୍ବିଶେଷରେ କି ପୂର୍ବ, କି ପଶ୍ଚିମ ସବୁ ସାହିତ୍ୟରେ ସମୁଜ୍ଜ୍ୱଳ ମାତୃତ୍ୱ (promising motherhood) ଗରିମାମୟ ଅଭିବ୍ୟକ୍ତି ଲାଭ କରିଛି । ନରକିନ୍ନରରେ ଯୌନ ବାସ୍ତବତାକୁ ଉପନ୍ୟାସର ବିଷୟପ୍ରସ୍ଥ ସହିତ ଯୋଡ଼ା ଯାଇଛି । ନରକିନ୍ନର ପାଠ କଲେ ଜଣେ ସମର୍ଥ ପାଠକ ହୁଏତ ବିଶ୍ୱବିଖ୍ୟାତ ପ୍ରକୃତିବାଦୀ ଉପନ୍ୟାସଗୁଡ଼ିକୁ ସ୍ମରଣକୁ ଆଣିପାରେ ।

ବିଶ୍ୱ ବିବର୍ତ୍ତନର ନାନା ବିଷୟକ ସୂଚନା ନରକିନ୍ନରରେ ରହିଛି । ଔପନ୍ୟାସିକ ବିଜ୍ଞାନ ଛାତ୍ର ଅଥଚ ସୃଜନଶୀଳ ମନର ଅଧିକାରୀ ହୋଇଥିବା କାରଣରୁ ବିଷୟ ଚୟନଗତ ତାଙ୍କ ବିଭୋର ପଣିଆକୁ ବ୍ୟକ୍ତ କରିବାରେ ତାଙ୍କ ଶୈଳୀ ଅଧିକ ସଂଚରଣଶୀଳ ହୋଇଛି ।

ଜର୍ଜ ଗୋଦରୀ ବୁଢ଼ୀକୁ ଯାଇ ଦେଖିଲା । ଗୋଟେ ପରିଚୟହୀନ ବୁଭୁକ୍ଷୁ ନିରାଶ୍ରିତ ଶିଶୁ । ପେଟର କ୍ଷୁଧା ପ୍ରଶମିତ ପାଇଁ ତା'ର ବ୍ୟାକୁଳତା ତା'କୁ ନେଇ ଯାଇଛି ଗୋଦରୀବୁଢ଼ୀର ଚୂଲି ଆଗକୁ । 'ନରକିନ୍ନର'ର ଏ ବର୍ଣ୍ଣନା : 'ତା'ର ମନେହେଲା ଚୂଲୀ ଭିତରକୁ ଗୋଦର ଗୋଡ଼ଟାକୁ ଲମ୍ବେଇ ଦେଇ ବସିଥିବା ସେଇ ବୁଢ଼ୀ ଅସୁରୁଣୀର ଆଉ ବାଗେ ରୂପ ଅଛି କି କ'ଣ ! ଗୋଟିଏ ରୂପରେ ସେ ଡ଼ରେଇ ଦେଉଛି, ପୁଣି ଆଉ ରୂପଟାରେ ସେ ଭୁଲେଇ ଦଉଚି କି ?

ଜର୍ଜ ଡରିଗଲା । କିନ୍ତୁ ସେ ଯାପରେ ଥରକୁ ଥର ଲକ୍ଷ୍ୟ କରିବାକୁ ଲାଗିଲା ସେ ବହୁରୂପୀ ବୁଢ଼ୀରଟାଣ ରୁକ୍ଷ ମୁହଁକୁ । ବାରମ୍ବାର ସେ ଖୋଜିବାକୁ ଲାଗିଲା ସେଇ ଅବାଗିଆ ମୁହଁଟାକୁ - ଯୋଉଟାକୁ ସେ ନଜର କରିଥିଲା । କିଛି ସମୟ ପୂର୍ବରୁ ।

ନରକିନ୍ନର ଗୋଟେ ନୂଆ ବାଗରେ ଲେଖା ହୋଇଥିବା ଉପନ୍ୟାସ । ଉପନ୍ୟାସର ସବୁ ବିଷୟ ଭାରି ଆଧୁନିକ ଲାଗେ । ଜଣେ ଶିଳ୍ପୀର ଅମାପ ବୈଜ୍ଞାନିକ ଦୃଷ୍ଟି ବାରି ହୋଇପଡ଼େ । ବୈଜ୍ଞାନିକ ଚେତନାକୁ ବାଦ ଦେଇ ଲେଖା ହୋଇଥିବା ଉପନ୍ୟାସକୁ ଫ୍ଲୁବର୍ଟଙ୍କ ପରି ପ୍ରକୃତିବାଦୀ ଔପନ୍ୟାସିକମାନେ ବଡ଼ ଅପସନ୍ଦ କରିଛନ୍ତି ।

ନର ଭିତରେ ଅନିବାର୍ଯ୍ୟ କିନ୍ନରତ୍ୱକୁ ଦେଖିବାରେ ଶାନ୍ତନୁ ଆଚାର୍ଯ୍ୟଙ୍କ ଜୀବ ବୈଜ୍ଞାନିକ ତଥା ନୃତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଉପନ୍ୟାସଟିର ବୈଶିଷ୍ଟ୍ୟ ପ୍ରତିପାଦନ କରେ ।

Digitized by srujanika@gmail.com

ନରକିନ୍ନରରେ ଆଦୌ ଗୈରିକତା ନାହିଁ । ଏହି ଗୈରିକତା ବେଳେ ଜଣକର ଅଗ୍ରଗାମୀ କଳାଦୃଷ୍ଟିକୁ ଅଥର୍ବ କରିଦିଏ । ତାଦ୍ୱାରା ବାସ୍ତବତାର ଚିତ୍ରଣ ପ୍ରୟାସ ବିପନ୍ନ ହୋଇପଡ଼େ । ଗୋଟେ ଉନ୍ନତ କଳାକୃତି ତା'ର ବାସ୍ତବତା ଦୃଷ୍ଟିରେ ଚିରକାଳର ସାହିତ୍ୟକୁ ଉନ୍ନୀତ ହୋଇଥାଏ । ଜୀବନର ଦୋଳାୟିତ ଚିତ୍ର ସେଠି ଅଙ୍କିତ ହୋଇଥାଏ । ସେ ଚିତ୍ରସବୁ ଭାରି ନିବିଡ଼ ଓ ନିରନ୍ଧ୍ର ।

ଅସଲରେ ନରକିନ୍ନରର ସମୁଦାୟ ଚିତ୍ର ଏହି ବାସ୍ତବତା ପ୍ରକାରେ । ଜର୍ଜ, ବୀରସାମଲ, କାମାୟା, ନଜିର ମିଆଁ, ଚରଣ ରାଓ ଆଦି ଚରିତ୍ର ଆମ ପୁରୁଣା ଉପନ୍ୟାସରେ ନଥିଲେ । ସେମାନଙ୍କ ଜିଇଁ ରହିବାକୁ ଉପନ୍ୟାସରେ ପ୍ରଦର୍ଶନ କରାଯାଇଛି । ଜୀବନଟେ ଜିଇଁବା ସତରେ ଏତେ ସହଜ ନୁହେଁ । ଜଣେ ଧନୀ ହୋଇଥାଉ କି ଗରିବ ହୋଇଥାଉ, ଜଣ ସହରବାସୀ ହୋଇଥାଉ କି ମଫସଲବାସୀ ହୋଇଥାଉ ସଭିଏଁ ପ୍ରାୟ ଦୁଃଖ ପୀଡ଼ିତ ଜୀବନ ବଞ୍ଚୁଛନ୍ତି ।

ନରକିନ୍ନରର ପାତ୍ର ପାତ୍ରୀମାନେ କିଏ କେଉଁଠୁ ଆସିଛନ୍ତି । ସେମାନେ ବିଭିନ୍ନ ଭାଷା ଓ ବିଭିନ୍ନ ଭୂଗୋଳର । ସଂଯୋଗକ୍ରମେ ସେମାନେ ଏକାଠି ହୋଇଛନ୍ତି । ଏମିତି ଅନେକ ସହରତଳିର ଜୀବନ । ଏହି ସହରତଳି ବସ୍ତିସବୁରେ କାମ୍ୟୁ ଓ କାଫଂକାଙ୍କ ଅନେକ ପାତ୍ରପାତ୍ରୀ ଚଳପ୍ରଚଳ କରିଛନ୍ତି ।

ଏଇମାନଙ୍କ ଜରିଆରେ ଜୀବନକୁ ଜାଣିହୁଏ ବେଶୀ । ଶିକ୍ଷା ସଭ୍ୟତା, ଧନ ଦଉଲତର ଆଟୋପ ମଣିଷର ଅସଲ ପରିଚୟକୁ କେମିତି ଭାରି ଢାଙ୍କିଦିଏ । ମଣିଷ ତା ଭିତରେ ଗୋଟେ କ୍ଳାନ୍ତିକର ଅନାକର୍ଷଣୀୟ ଜୀବନ ବଞ୍ଚେ ।

ମଣିଷଟିଏ ଶିଶୁପରି ନିରୀହ ଭାବରେ ବଞ୍ଚୁ । କାହା ବଞ୍ଚିବା ଉପରେ କାହାରି ଚାପ ନପଡୁ । ଅନ୍ଧାର ହିଁ ଜୀବନର ବଡ଼ ସତ୍ୟ ।

ଜୀବନ ସବୁଠାରୁ ଢେର ଗୁଣରେ ବଡ଼ । ହଜାରେ ଦୁଃଖ ଓ ବଞ୍ଚନା ସତ୍ତ୍ୱେ ଏ ଜୀବନ ଆନନ୍ଦ ଓ ମୁକ୍ତିର ଉଲ୍ଲାସରେ ପରିପୂର୍ଣ୍ଣ ।

ଏଇ କଥାଟିକୁ କହିବା ପାଇଁ, ଏକାନ୍ତ ଭାବେ ମଣିଷ ଜୀବନ ବିଷୟରେ ଆମର କାହିଁକି ଏତେ କୁଣ୍ଠା ଆଉ ଦୀର୍ଘସୂତ୍ରୀତା । ମଧ୍ୟ ଯୁଗରେ ଆମେ ଅଦେଖା ଅଜଣା ସ୍ୱର୍ଗଭୂମି ଉପରେ ଅନେକ କାଳ୍ପନିକ କଥା କହିଲେ ସିନା ମଣିଷ ବିଷୟରେ କିଛି ଉଚ୍ଚତର କଥା କହିଲେ ନାହିଁ ।

ସେ ଦୃଷ୍ଟିରୁ ଶାନ୍ତନୁ କୁମାର ଆଚାର୍ଯ୍ୟ ନରକିନ୍ନର ବାସ୍ତବବାଦୀ ପର୍ଯ୍ୟାୟର ଉପନ୍ୟାସ ଓ ଔପନ୍ୟାସିକଙ୍କ ଶିଳ୍ପୀ ପ୍ରାଣ ଅଧିକ ସ୍ୱାଧୀନ ଓ ମଣିଷର ଜୀବନ ବଞ୍ଚିବାକୁ ନେଇ ବଡ଼ ବିଭୋର ।

ସତ କହିଲେ ଉପନ୍ୟାସ ଭାରି ସ୍ୱାଧୀନ ଏକ ଇଲାକା; ଯେତେ କଷ୍ଟ ଥିଲେ ବି ଜୀବନର ଆନନ୍ଦ ଉଲ୍ଲାସର ଭାରି ଢେଉ ସେଠି । ସେମିତି ଜଣେ ଭଲ ଔପନ୍ୟାସିକ

Digitized by srujanika@gmail.com

ଯେ ଏକାଧାରରେ ମଣିଷର ଜୟ ପରାଜୟ, ତା'ର ପାପୁପୁଣ୍ୟ, ହାନିଲାଭ, ତା'ର ଆଳସ୍ୟ, ବନ୍ଧୁତା, ଛୁଟିଦିନ, ତା ଉପରର ଅଖଣ୍ଡ ଆକାଶ, ଋତୁ ବଦଳିବା, ପାଣିପାଗ ସବୁକୁ ମିଶାମିଶି କରି ଲେଖିବା ଭିତରେ ଗୋଟେ ବିରାଟ ସମଗ୍ର (a multitmode).

ଜୋରଦାର ଭାବେ ମଣିଷର କଥା ଲେଖାଯାଇଥିବା ଆଲୋଚିତ ଏଇ ଉପନ୍ୟାସଖଣ୍ଡିକ ମଣିଷର ଅନ୍ତର୍ମନ ଓ ତା'ର ଆଦିମ ଚେତନାକୁ ଚିତ୍ରଣ କରିବାରେ ଭାରି ଓଜନିଆ ହୋଇଛି ।

ନରକିନ୍ନରର ଏପିକ ଧର୍ମ ଓ ତା'ର ସକଳ କ୍ଲାସିକ ଗୁଣକୁ ହୁଏତ ସମସ୍ତେ ମାପି ପାରନ୍ତିନି । କେଉଁ ତରାଜୁରେ ମାପିବେ ଠିକ୍ ନକରି ପାରି ସଂଶୟମନା ହୋଇ ହୁଏତ ସେମାନେ ଛକ ରାସ୍ତାରେ ଛିଡ଼ା ହୁଅନ୍ତି ।

ଏମିତି ବଞ୍ଚିବା ଓ ତା' ଆନନ୍ଦମୟ ଅନୁଭବର ଅନେକ ଚେର ସବୁବେଳେ ଏ ପୃଥିବୀରୁ ଯେ ପ୍ରାଣରସକୁ ଶୋଷିବାରେ ଲାଗିଥାଏ । ଗୋଟେ ଭଲ ଉପନ୍ୟାସ ହେଉଛି ମଣିଷର ପ୍ରାଣରସକୁ ସାଇତି ରଖିବାର ଏକ ପାତ୍ର ।

ନରକିନ୍ନର ମଣିଷର ପ୍ରାଣରସ ଦ୍ୱାରା ସିକ୍ତ ଏକ ଉପନ୍ୟାସ ଯାହା ଆଦୌ ଶୁଖିଲା ନୁହେଁ କି ଶବ୍ଦ ସଂରଚନା ସର୍ବସ୍ୱ ନୁହେଁ । ଏହା ସତ ଯେ, ଗୋଟେ ଭଲ ଉପନ୍ୟାସ ଜୀବନ ଜିଇଁବାର କଥା କହେ । ମଣିଷକୁ ତ୍ରାଣ କରିବାର ସଙ୍କଳ୍ପ ସେଥିରେ ଥାଏ । ସେମିତି ଉପନ୍ୟାସ ସବୁ ବଛାବଛି ଶବ୍ଦର ରଚନାଗତ ବିଷୟ ମାତ୍ର ନୁହେଁ ।

ଲକ୍ଷ ଲକ୍ଷ ବର୍ଷର ବିବର୍ତ୍ତନ ଭିତରେ ମଣିଷର ଯେଉଁ ଜୀବନ ପ୍ରବୃତ୍ତି ଆଦୌ ବଦଳି ନାହିଁ ତା'ର ଏକ ଜୀବନମୟ ତଥା ପ୍ରଗାଢ଼ ରୂପ ହେଉଛି ନରକିନ୍ନର । ମଣିଷର ଦେବତା ହେବାକୁ ନୁହେଁ ତା'ର ଆଦିମ କିନ୍ନର ପଣକୁ ଲେଖିବାରେ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ ଯେପରି ପ୍ରାଣ ଢାଳି ଦେଇଛନ୍ତି । ତାଙ୍କ ଭାବପ୍ରବଣତାରେ ରମ୍ୟ ବୋଧ ଅପେକ୍ଷା ବିସ୍ମୟବୋଧ ଅଧିକ ।

ଏଠାରେ ଶାନ୍ତନୁ ଆଚାର୍ଯ୍ୟଙ୍କ ଧାର୍ମିକତାରୁ ତାଙ୍କ ନରକିନ୍ନର ଉପନ୍ୟାସର ଚିତ୍ର ଚରିତ୍ର ସବୁ ଫୁଟି ଉଠିଛନ୍ତି । ଅସ୍ତିତ୍ୱବାଦୀମାନେ ଯେଉଁ ଧାର୍ମିକତା କଥା କହୁଥିଲେ ମଣିଷ ଜୀବନର ସାଧୁତା ଓ ସତ୍ୟଶୀଳତାରୁ ଯେଉଁ ଧାର୍ମିକତା ଉତ୍ପନ୍ନ ହୋଇଛି ।

କମ୍ ପ୍ରେମ କରୁଣା ଅଛି ନରକିନ୍ନରରେ ? କମ ପୀଡ଼ା ଓ ବଞ୍ଚନାର କଥା ସେଠି ଲେଖା ନାହିଁ । ଗୋଦରୀ ବୁଢ଼ୀର ଅବସୋସ ନରକିନ୍ନର ଉପନ୍ୟାସର ସବୁଠାରୁ ବଡ଼ କରୁଣାର୍ଦ୍ର ବିଷୟ ।

ଶାନ୍ତନୁ ଆଚାର୍ଯ୍ୟ ମଣିଷର ଜୀଇଁ ରହିବାକୁ ମାପିଛନ୍ତି । ଜିଇଁ ରହିବାର ଲାଭ କଥା ଉଠାଇଛନ୍ତି । ସେ ସହରତଳି ଅଞ୍ଚଳର ସ୍ଲମ୍‌କୁ ନେଲେ କାହିଁକି ? ମଣିଷର ପ୍ରବୃତ୍ତି ଓ ପ୍ରବଣତାକୁ ଦେଖାଇବା ହୁଏତ ସହଜ ହେବ ବୋଲି । ନରକିନ୍ନରର

Digitized by srujanika@gmail.com

ପାତ୍ରପାତ୍ରୀମାନେ ଆଦୌ ମୁଖାପିନ୍ଧା ମଣିଷ ନୁହଁନ୍ତି । ଅନେକ ଜଟିଳ ବକ୍ର ବଚନ କହୁଥିବା ଏଲାଇଟ୍ ନୁହଁନ୍ତି ।

କୌଣସି ନୀତିନିୟମ, ଶିକ୍ଷା ସଭ୍ୟତା ଦ୍ୱାରା ନରକିନ୍ନରର ଜୀବନ ଢାଙ୍କି ହୋଇ ଯାଇନି । ନରକିନ୍ନରର ଗଳିତ ଜୀବନ ଆଗରେ ତଥାପି ଅନେକ ଦ୍ୱନ୍ଦ୍ୱ । ଜର୍ଜ ଅନେକବାର ଯେପରି ଜିଜ୍ଞାସୁ ହୋଇଛି ସେପରି ଦ୍ରୋହ କରିବାକୁ ମନ ବଳାଇଛି ।

ପ୍ରତ୍ୟେକ ମଣିଷ ଭିତରେ ଗୋଟେ ଏକାନ୍ତ ଅବରୁଦ୍ଧ ବ୍ୟକ୍ତିଗତ ଜଗତ ରହିଛି । ସେ ଜୀବନ ଭାରି ନିର୍ଜନ ଓ ଆତ୍ମମଗ୍ନ । ଏମିତି ରଚନାର ଧାରା ପୂର୍ବରୁ ନଥିଲେ ବି ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟ ଯଥେଷ୍ଟ ପ୍ରତ୍ୟୟର ସହିତ ନରକିନ୍ନରର ପରିକଳ୍ପନା କରିଛନ୍ତି ।

ଉପନ୍ୟାସଟିର ପରିଣତି ଆଡ଼କୁ ମୁହାଁଇଲା ବେଳେ ତାଙ୍କର ଜୀବନ ଜିଜ୍ଞାସା ଥଳକୂଳ ମାନିନି । ଗୋଟେ ଏଣ୍ଟି ନଭେଲର ଯଥେଷ୍ଟ ଲକ୍ଷଣ; ନରକିନ୍ନରରେ ଅଛି ସେମିତି ଏଣ୍ଟି ହିରୋର । ଏହାଦ୍ୱାରା ସେ ମଣିଷ ବିଷୟରେ ଅନେକ କଥା ଅତି ସହଜ ଭାବରେ କହିପାରିଛନ୍ତି । ଜୀବନର ନୈରାଶ୍ୟକୁ ବୁଝିବାକୁ ଚେଷ୍ଟା କରିଛନ୍ତି ।

ନରକିନ୍ନର, ଶତାବ୍ଦୀର ନଚିକେତା ଆଉ ଦକ୍ଷିଣାବର୍ତ୍ତ ଉପନ୍ୟାସର ଜୀବନଦୃଷ୍ଟି ଅପାରମ୍ପରିକ । ପୂର୍ବରୁ ଏମିତି ଚେତନା ଏମିତି ଚିତ୍ରଣ ଆଦୌ ନଥିଲା । ଶାନ୍ତନୁ ଆଚାର୍ଯ୍ୟ ସେ ପାଇଁ କେତେବେଳେ ଦସ୍ତୋୟଭସ୍କୀୟ ତ କେତେବେଳେ ପୁଣି କାଫଂକୀୟ ତ ଆଉ କେତେବେଳେ ପୁଣି ଚେଖଭୀୟ ଲାଗନ୍ତି ।

ଅନ୍ତଃସ୍ରୋତ ଭଳି ତାଙ୍କ ଭାବାବେଗ । ମନୁଷ୍ୟ ଜୀବନକୁ ନେଇ ବେଶୀ । କାଫଂକାଙ୍କ ଅନ୍ଧାରୀ ଜଗତ ଭଳି ନରକିନ୍ନରର କେନଭାସ; ଯାହା ଉପରେ ପାପୀ ପାଗଳ, ଧର୍ମ ଛଡ଼ା, ସମାଜଛଡ଼ାମାନଙ୍କର ଚଳପ୍ରଚଳ ।

ନରକିନ୍ନରର ସେମାନେ କିଛି ଉତ୍ତେଜନାରେ ବଞ୍ଚିଛନ୍ତି । କେଜାଣି ସେମାନେ ଦେହକୁ ବଞ୍ଚାଇଛନ୍ତି କି ମନକୁ ବଞ୍ଚାଇଛନ୍ତି ?

କେମିତି ଅଧିକ ଉଦ୍ଭଟ ଲାଗେ ନରକିନ୍ନର । ରହସ୍ୟମୟ ବି ଲାଗେ । ମଣିଷ ବିକଳପଣ କମ ଲେଖା ଯାଇନି ନରକିନ୍ନରରେ । ଅନେକ ଅସୁସ୍ଥ ରୁଗ୍ଣ ମନର ମଣିଷଙ୍କ ସମାବେଶ ଘଟିଛି ନରକିନ୍ନରରେ ।

ଜୀବନ ବଞ୍ଚିବା ପାଇଁ ଜୀବନ ଛଡ଼ା ଏମାନେ ଆଉ କିଛି ପାଇ ନାହାନ୍ତି । ମାଟି ଯେତେ କର୍କଶ ଓ ପଙ୍କିଳ ହେଲେବି ତା ସମତୁଲ ଆଉ କ'ଣ ଅଛି ମଣିଷର ପାଥେୟ ହୋଇ । ଯେତେ ବଡ଼ ଆକାଶ ମନସ୍କ ମଣିଷଟିଏ ହେଲେବି ତା ପାଦ ଯୋଡ଼ିକୁ ମାଟି ଉପରୁ ଟିକିଏ ଉଠେଇ ପାରିବ ? ଜୀବନ ଠାରୁ ଜୀବନକୁ କିଏ ଛଡ଼େଇ ନେଇ ପାରିବ ? କେଉଁ ଭାବରେ ?

ନରକିନ୍ନରର ନଜିର ମିଆଁ, ବୀର ସାମଲ, ଚରଣ ରାଓ, କାମାୟା, ଜର୍ଜ, ଗୋଦରୀ ବୁଢ଼ୀ ଆଦି ଚରିତ୍ର ଚିତ୍ରଣ ଜରିଆରେ ଔପନ୍ୟାସିକ ଜୀବନର ଗୌରବ ଖୋଜିଛନ୍ତି ।

Digitized by srujanika@gmail.com

ଯେକୌଣସି ବିଖ୍ୟାତ ରଚନା ପରି ନରକିନ୍ନରରେ ରୂପାନ୍ତରଣ (Metamorphosis)ର ସୂଚନା ଅଛି ।

ଖାଲି ମଣିଷ ଜୀବନ ନୁହେଁ ସମୟ ବି ଆଗକୁ ଚାଲିଛି । ତା'ର ଭିତରେ ଆମ କିନ୍ନରତ୍ୱ ବଞ୍ଚି ରହିଛି ଓ ଆମ ସହିତ ଅଛି ।

ଆଗ ଆମ ପୁରୁଣା ଉପନ୍ୟାସମାନଙ୍କରେ ନାୟକ ସୁନ୍ଦର ହେଉଥିଲା ତ ନାୟିକା ସୁନ୍ଦରୀ ହେଉଥିଲା । ନରକିନ୍ନରରେ ମଣିଷର ସେଇ ସୁନ୍ଦରପଣର ପ୍ରୟୋଜନୀୟତାକୁ ସ୍ୱୀକାର କରାଗଲା ନାହିଁ । ମଣିଷର କେତେକ ବାହ୍ୟ ସଂସ୍କୃତିସଂପନ୍ନତା ତଥା ସୁନ୍ଦରପଣ ଅଛି ଯାହା ଚେଷ୍ଟାକୃତ ଓ କୃତ୍ରିମ ।

ଜଣେ ଭଲ ଲେଖକ ଆଦୌ ଜଣେ ଐତିହାସିକ ନୁହଁନ୍ତି କି ଭବିଷ୍ୟଦ୍ରଷ୍ଟା ବି ନୁହଁନ୍ତି; ସେ ବରଂ ବାସ୍ତବତାର ଚିତ୍ରକର, ଆବିଷ୍କାରକ । 'The novelist is neither historian nor prophet. He is an explorer of existence (Milan Kundera - The Art of novel)

ସବୁ ଦୃଷ୍ଟିରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ଆମେ ଜଣେ ଭଲ ଔପନ୍ୟାସିକ ବୋଲି କହିପାରିବା : ଯାହାକି ଉପନ୍ୟାସରେ ଅନେକ ବିଷୟର ଆଭାସ ଅଛି । ଶ୍ରେଣୀ ଓ ଶ୍ରେଣୀ ସଂଘର୍ଷ, ମାର୍କସବାଦୀ ଚିନ୍ତାଧାରା, ସ୍ଥିତିବାଦ, ଇଚ୍ଛାଶକ୍ତି, ଅସରନ୍ତି ଯୌନ କାମନା, ନାରୀର ମାଆ ହେବାର ଇଚ୍ଛା, ପ୍ରେମ କରୁଣା, ମଣିଷର ଆଶଙ୍କା ଓ ଆତୁରତା ସବୁ ଫେଣ୍ଟାଫେଣ୍ଟି ହୋଇ ନରକିନ୍ନରର ବିଷୟପ୍ରସ୍ଥରେ ମିଶି ରହିଛି ।

ମଣିଷ ଜୀବନ ଚାରିକଡ଼େ ଯେତେ ମଳ ଅଛି ସେତିକି ପ୍ରତିବନ୍ଧକ ବି ଅଛି । ଆମର ଏ ଏକ ସୁନ୍ଦର ପୃଥିବୀ, ଯେଉଁଠି ଆମେ ବଂଚି ରହିଛୁଁ । ଆମର ବି ଶୁଧୁ ଗୋଟିଏ ଜୀବନ । ସୁଖୀ ଜୀବନଟିଏ ବଂଚିବା ପାଇଁ ଆମର ବି ସେମିତି ବ୍ୟାକୁଳତା । ଜୀବନ ବଞ୍ଚିବା ପାଇଁ ଏ ଜଗତଟା ଆମ ପାଇଁ ଯେତେ ଅନୁକୂଳ ନୁହେଁ ସେତେ ବେଶୀ ପ୍ରତିକୂଳ । ଏଇ ପ୍ରତିକୂଳ ଜୀବନ ପାଇଁ ଆମ ମନରେ ଭାରି ଉଦ୍‌ବେଗ ।

ଯାବତୀୟ ପ୍ରତିକୂଳତା ଭିତରେ ଆମେ ମଣିଷର ସାମର୍ଥ୍ୟକୁ ବେଶୀ ମାପି ପାରୁଁ । ଅସାମାଜିକମାନଙ୍କର ସଂଘ, ଏଇ ସଂସ୍କୃତିହୀନ ସର୍ବହରାମାନଙ୍କ ଯୌନତା ନରକିନ୍ନର ଉପନ୍ୟାସରେ ଅଲଗା ଗୋଟେ ପରିଚୟ ସୃଷ୍ଟି କରିଛି । ନିପୀଡ଼ିତମାନଙ୍କ ଅସହ୍ୟ ଓ ଅସଂସ୍କୃତି ହେବା ।

ଆତ୍ମା ଅନୁସାରେ ଫର୍ମ ଗତିଶୀଳ ହୋଇଥାଏ । ଏକଥା ବାରିହୋଇପଡ଼େ ନରକିନ୍ନର ଉପନ୍ୟାସରେ ବେଶୀ । ଅଳ୍ପ କାହାଣୀ ଭାଗ ଥାଇ ଉପନ୍ୟାସଟି ଲେଖା ହୋଇଥିଲେ ହେଁ ଭାରି ଉତ୍ସୁକତା ଅଛି ମୂଳରୁ ଶେଷଯାଏ ।

ଜୀବନ ଅତଳର ରହସ୍ୟ ଯେପରି ଉନ୍ମୋଚିତ ହୋଇ ଯାଉଛି । ଏତେ ଅନ୍ଧାରର ପୁଣି ଏତେ ରହସ୍ୟମୟ ମଣିଷର ଅନ୍ତଶ୍ଚେତନ ତା'କୁ ଚିତ୍ରଣ କରିବାକୁ ଯାଇ ଔପନ୍ୟାସିକ

Digitized by srujanika@gmail.com

ଶ୍ରୀ ଆଚାର୍ଯ୍ୟ ଯେଉଁ କଥାଭାଗର ପରିକଳ୍ପନା କରିଛନ୍ତି ପୁଣି ଯେଉଁ ଚରିତ୍ର ସବୁ ଛିଡ଼ା ହୋଇଛନ୍ତି ସେପାଇଁ ସ୍ୱପ୍ନବତ୍ ଭିତର ଜୀବନ ଯେପରି ବେଶ୍ ଶବ୍ଦାୟିତ ହୋଇଯାଇଛି ।

ନରକିନ୍ନରର ପ୍ରତ୍ୟେକ ଚରିତ୍ର ଭିତରେ ଅଣନାୟକତ୍ୱ (Anti-hero) ଯେପରି ଫିଟିପଡ଼ିଛି । ଗୋଟେ ସୀମାହୀନ ବିସ୍ତାର, ଗୋଟେ ଅସୀମତାକୁ ବାରି ହେଲା ଭଳି ଲାଗେ ନରକିନ୍ନରକୁ ପଢ଼ିଲେ ।

ସ୍ଥାନ କାଳ ପାତ୍ର ଦୃଷ୍ଟିରୁ 'ନରକିନ୍ନର' ଆମ ଉପନ୍ୟାସ ରଚନା ଧାରାରେ ଏକାନ୍ତ ଅଭିନବ । ଫକୀର ମୋହନଙ୍କ 'ଛମାଣ ଆଠଗୁଣ୍ଠ', କାଳିନ୍ଦୀ ଚରଣଙ୍କ 'ମାଟିର ମଣିଷ', ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ', ସୁରେନ୍ଦ୍ର ମହାନ୍ତିଙ୍କ ନେତି ନେତି ଆଦି ଉପନ୍ୟାସ ରଚନା ଧାରାରେ ନରକିନ୍ନର ଗୋଟେ ଭାରତୀୟ ଉପନ୍ୟାସ ଭଳି ଲାଗେନି । ପ୍ରତି ମୂଲ୍ୟବୋଧ, ଅନ୍ତଶ୍ଚେତନର ଚିତ୍ରଣ, ଲିବିଡ଼ୋ ସବୁକୁ ନୂଆ ଚିତ୍ରକଳ୍ପ ଓ ମେଟାଫରରେ ଶାନ୍ତନୁ ଆଚାର୍ଯ୍ୟ ଯେପରି ଲେଖିଛନ୍ତି ତାହା ଗୋଟେ ପ୍ରକାର ୟୁରୋପୀୟ ମନସ୍ତାତ୍ତ୍ୱିକ ଉପନ୍ୟାସ ଭଳି ଲାଗେ ।

ସେମିତି ୟୁରୋପୀୟ ୟୁରୋପୀୟ ଲାଗେ ବୋଲି ନରକିନ୍ନର ଉପନ୍ୟାସର ବୈଶିଷ୍ଟ୍ୟ ପ୍ରତିପାଦନ କରାଯାଇ ନପାରେ । ଏଠାରେ ୟୁରୋପୀୟ କହିବାର ଅର୍ଥ ହେଉଛି ୟୁଲିସେସ, ଟ୍ରପିକ ଅଫ କେନସାର ପରି ଉପନ୍ୟାସର ଗତିଶୀଳ ଜୀବନମୟତାକୁ ଲେଖିଥିବା ଗୋଟେ ଆଧୁନିକ ମନସ୍ତାତ୍ତ୍ୱିକ ଉପନ୍ୟାସର ଆଙ୍ଗିକ ଓ ଆତ୍ମିକକୁ ବୁଝିବା ।

ନରକିନ୍ନରକୁ ଗୋଟେ ଆଧୁନିକ ଉପନ୍ୟାସ ବୋଲି କୁହାଯାଇପାରେ ।

କୁହାଯାଇପାରେ ଗୋଟେ ଉଚ୍ଚକୋଟିର ବୌଦ୍ଧିକ ଉପନ୍ୟାସ ।

ବେଶ ଗୋଟେ ପରୀକ୍ଷାମୂଳକ (experimental) ଉପନ୍ୟାସ ।

ସର୍ବୋପରି ଗୋଟେ ସଫଳ ମନସ୍ତାତ୍ତ୍ୱିକ ଉପନ୍ୟାସ ।

ସେମିତି ନରକିନ୍ନରକୁ ଗୋଟେ ଏପିକ ନଭେଲ ବୋଲି କୁହାଯାଇପାରେ ।

ପୁଣି ସାଙ୍କେତିକତାମୂଳକ ଗୋଟେ ଯୌନଧର୍ମୀ ଉପନ୍ୟାସ ବୋଲି ମଧ୍ୟ ଅଭିହିତ କରାଯାଇପାରେ ।

ଜୀବନ ବିଷୟରେ ସ୍ୱର୍ଦ୍ଧିତ କୌଣସି କଥା ଦମ୍ଭର ସହିତ କହିବା ପାଇଁ ଶାନ୍ତନୁ ମନ ବଳାଇ ନାହାନ୍ତି । ସେ ଅନେକ ବିଷୟରେ ସନ୍ଦିଗ୍ଧ । ଜୀବନ ବିଷୟରେ ଚରମ କଥାଟିଏ କହିବା ପାଇଁ ସେ ନାରାଜ । ଚରମ ଶବ୍ଦଟିଏ ବଡ଼ ଲେଖକମାନେ ବୋଧେ ଉଚ୍ଚାରଣ କରିପାରିନାହାନ୍ତି ।

ଶାନ୍ତନୁଙ୍କ ଶିଳ୍ପୀ ଆତ୍ମା ଯେମିତି ଦେଖଣାହାରୀ ପାଲଟି ଯାଇଛି । ଜୀବନଟିଏ ଭାଗ୍ୟର କ୍ରୀଡ଼ନକ ହେବା ଏକଥାକୁ ସେ ଗ୍ରହଣ କରିପାରିନାହାନ୍ତି; ଅଥଚ ଦହ ଦହ ସେ ଦେଖୁଛନ୍ତି ଜୀବନଟିଏ ନିରତ କିପରି କାକୁସ୍ଥ ହୋଇ ରହୁଛି ଭାଗ୍ୟ ଭଗବାନଙ୍କ ନିକଟରେ ।

Digitized by srujanika@gmail.com

ଜୀବନ ବଞ୍ଚିବାର ପୃଥିବୀଟି ତାଙ୍କ ବିଚାର ଆଉ ଉପଲବ୍ଧିରେ କେତେ ଅନୁକୂଳ ଆଉ କେତେ ପ୍ରତିକୂଳ ସେ କଥା ସେ ଫେଡ଼ି କହି ନାହାନ୍ତି ସ୍ପଷ୍ଟ ଭାବରେ । ନରକିନ୍ନରରେ ସେ କୃତ୍ରିମ ଗଳ୍ପ ଖଞ୍ଜିନାହାନ୍ତି ବେଶୀ; ବରଂ ଲକ୍ଷ ଲକ୍ଷ ବର୍ଷର ଅପରିବର୍ତ୍ତନୀୟ ଆଦିମତାକୁ ଜାଣିବା ପାଇଁ ସେ ସେମିତି ଭେକହୀନ ମଣିଷମାନଙ୍କୁ ଖଞ୍ଜିଛନ୍ତି ବେଶୀ ।

ନରକିନ୍ନର ଯେଉଁଥିପାଇଁ ଗୋଟେ ଆଧୁନିକ କ୍ଲାସିକ ଉପନ୍ୟାସ ହେବ ତା'ର ଅନ୍ୟତମ ଗୁଣ ହେଉଛି ନରକିନ୍ନରରେ ମାନବ ସଂପୃକ୍ତି (human concern)ର ଢ଼ବଳ ବେଶୀ ।

ନରକିନ୍ନରର କଳାବୃତ୍ତରେ ସତ୍ୟ ଜାଣିବାର ଅଭିଳାଷ ବେଶୀ । ନିଛକ ଜୀବନର ସତ୍ୟ । ପୁରୁଣା ନୀତିଶାସ୍ତ୍ରର ନିୟମକୁ ଶାନ୍ତନୁ ମାନଦଣ୍ଡ କରି ପାପପୁଣ୍ୟ ଭିତ୍ତିରେ ଜୀବନକୁ ତଉଲି ନାହାନ୍ତି ।

ଅଜ୍ଞେୟକୁ ଜାଣିବାର ଗୋଟେ ଅନ୍ତରୀଣ ଉନ୍ମୁଖତା ଶାନ୍ତନୁଙ୍କ ଶୈଳୀରେ ରହିଛି । ନରକିନ୍ନରର ଶୈଳୀ ଆମ ଉପନ୍ୟାସ ଧାରାରେ ନୂଆ ପ୍ରକାରର । ବିଶ୍ୱବିଦ୍ୟାଳୟର ପ୍ରାଜ୍ଞ ପ୍ରଫେସରମାନେ ବି ନରକିନ୍ନର ଶୈଳୀକୁ ବେଳେ/ଅନୁମୋଦନ ଦେଇ ୮ ପାରିନାହାନ୍ତି । ସେମାନଙ୍କୁ ନରକିନ୍ନର କେମିତି ଭାରି ଉଲଙ୍ଗ ଓ ଅଶାଳୀନ ଲାଗିଛି । ନରକିନ୍ନର ଉପନ୍ୟାସର ଚମତ୍କାରିତାକୁ ହୁଏତ ସେମାନେ ଶୁଚି ବିକାରଗ୍ରସ୍ତ ହୋଇଥିବାରୁ ଚିହ୍ନଟ କରିପାରିନାହାନ୍ତି ।

କାହାଣୀରୁ ଭ୍ରୂଣକୁ ସେମାନେ ସେଇ ଭାବରେ ଦେଖି ପାରିନାହାନ୍ତି । ପୁଣ୍ୟ ତ ଭାରି ଶୁଖିଲା ଓ ଦୂରବର୍ତ୍ତୀ ବିଷୟ; ପାପ କିନ୍ତୁ ଭାରି ମିଠାଲିଆ ଆଉ ନିଜର । ଏମିତି ସ୍ଥିତିବାଦୀ ଚିନ୍ତନକୁ ଗ୍ରହଣ କରିବାର ଉଦାରତା ହୁଏତ ସେମାନଙ୍କର ନାହିଁ ।

ନରକିନ୍ନରର ଗଳ୍ପଧାରାରେ ଯେତେ ବେଶୀ ମନଗଢ଼ା କାହାଣୀର ପଞ୍ଜର ନାହିଁ ସେତେବେଶୀ ଅଛି ପ୍ରାଣ ଓ ପ୍ରବୃତ୍ତି । ଏକାନ୍ତ ଜୀବନମୟ । ବେଳେ ଗୋଟେ ଜିଜ୍ଞାସୁ ବୈଜ୍ଞାନିକ ମନ ନେଇ ତ ପୁଣି କେତେବେଳେ ଅବୋଧ ଶିଶୁପରି ବିଶ୍ୱବ୍ରହ୍ମାଣ୍ଡର କଥାକୁ ସେ ଗ୍ରହଣ କରିଛନ୍ତି ତ ପୁଣି ପ୍ରତ୍ୟାଖ୍ୟାନ କରିଛନ୍ତି ।

ଗୁଡ଼ିବାଦୀ ଧାର୍ମିକତା ବିରୋଧର ଶାନ୍ତନୁଙ୍କ ସଂସ୍କାର ପ୍ରୟାସୀ ଶିଳ୍ପୀପ୍ରାଣ କମ୍ ଉଦ୍‌ବେଳିତ ହୋଇନି । ପ୍ରଚଳିତ ବ୍ୟବସ୍ଥାକୁ ତ୍ରୁଟିରହିତ କରିବା ପାଇଁ ସେମିତି କିଛି ସ୍ପନ୍ଦନ ଅବଶ୍ୟ ନରକିନ୍ନରରେ ଅଛି ।

ଏହିସବୁ କାରଣରୁ ନରକିନ୍ନରର ସୃଜନ ତୁଙ୍ଗିମା (high degree of creativitiy)କୁ ଲକ୍ଷ୍ୟ କରାଯାଇପାରେ । ନରକିନ୍ନର ଉପନ୍ୟାସଟି ସର୍ଜନଶୀଳ ନିଶ୍ଚୟ; ତା'ର ନାଭିକେନ୍ଦ୍ରରେ କିନ୍ତୁ ରହିଛି ଔପନ୍ୟାସିକଙ୍କ ବୁଦ୍ଧିଦୀପ୍ତ ଚେତନା ।

ଜୀବନ ପ୍ରବୃତ୍ତି (life instinct)ର ସୁଅ ଏଠି ପ୍ରବଳ । ଯେମିତି ଭସାଇ ନେବ । ଗୋଦରୀ ବୁଢ଼ୀର ଦେହ ରୋଗ ପାଇଁ ବି ବ୍ୟାକୁଳତା ନଜିର ମିଆଁ ଆଉ ବୀର ସାମଲର ।

Digitized by srujanika@gmail.com

ଜର୍ଜ ଚରିତ୍ରଟି ଗୋଟେ କ୍ଲାଉଣ୍ଡ କେରେକ୍ଟର ଯେ ? ଉପନ୍ୟାସଟିର କାହାଣୀକୁ ବେଶ ଗତିଶୀଳ କରି ନେଇଛି । ତା'ରି ଜରିଆରେ ଔପନ୍ୟାସିକ ଅସଂଖ୍ୟ କଥାର ସୂଚନା ଦେଇଛନ୍ତି ।

ମୋଟ ଉପରେ ନରକିନ୍ନରର ବୈଶିଷ୍ଟ୍ୟ କଳନା କରି ଗଲାବେଳେ ଶାନ୍ତନୁଙ୍କ ଶିଳ୍ପୀହୀନତା କଳାବୋଧ ମନକୁ ଆସେ । ତାଙ୍କ ପରି ଆଉ ଜଣେ କିଏ କାହିଁ ଆଜି ଏ ସମୟ ଖଣ୍ଡରେ ?

(କଳା, ସାହିତ୍ୟ, ସଂସ୍କୃତି ସହିତ ବିଜ୍ଞାନର ଆପେକ୍ଷିକ ସମ୍ବନ୍ଧକୁ ପଢ଼ିହୁଏ ନରକିନ୍ନରରୁ । ସେମିତି ଗୋଟେ ମିଶ୍ର ଆଉ ଯୌଗିକ ଚେତନା ଭିତରେ ଶାନ୍ତନୁ ଅନ୍ତର୍ଜଗତକୁ ଫୁଟେଇଛନ୍ତି ।)

ପ୍ରେମ ଓ ଘୃଣାର ଦ୍ୱିତ୍ୱ ସଂପର୍କ ନରକିନ୍ନରରେ ପ୍ରତୀକିତ ହୋଇଛି । ସେମିତି ସମର୍ଥ ନ ହେଲେ ଏମିତି ଯୌଗିକ ଆବେଗ (compound emotion)କୁ ଜଣେ ପ୍ରଭାବଶାଳୀ କରି ଆଙ୍କି ପାରିବନି ।

ବିବର୍ତ୍ତନଶୀଳ ମଣିଷର ଜୀବନ ପ୍ରବୃତ୍ତି ଭାରି ପଙ୍କିଳ ଓ ଆଇଁସିଆ । ଏହା ମିଡ଼ିଓକରମାନଙ୍କୁ ଆଦୌ ବୁଝାଇ ହେବନି । ଓଡ଼ିଶାର ସାଧାରଣ ଗଳ୍ପପ୍ରିୟ ପାଠକ ନରକିନ୍ନର, ଦକ୍ଷିଣାବର୍ତ୍ତର ଭାବମଂଜିକୁ ବୁଝି ନପାରିବା କାରଣରୁ ଶାନ୍ତନୁଙ୍କ ଶିଳ୍ପୀ ପ୍ରାଣକୁ ସେମାନେ ସେତେ ମହିମ୍ନ ମନେ କରି ପାରିନାହାନ୍ତି । ପ୍ରଜ୍ଞାର ପୂଜାରୀ ନହେବା, ଚମତ୍କାରିତାକୁ ବେଳେ ତାରିଫ ନକରିବା ମିଡ଼ିଓକରମାନଙ୍କ ଦ୍ୱାରା କେବେ ହୁଏନି । ଓଡ଼ିଶାରେ ତାହା ହୋଇଛି । କୋଠାବାଡ଼ି, ରାସ୍ତାଘାଟ ସହିତ ଆଶାତୀତ ଭାବେ ମଣିଷର ସୁଖ ସ୍ୱାଚ୍ଛନ୍ଦ୍ୟ ବଢ଼ିଛି; ହେଲେ କଳାବୋଧ ଓ ତଦ୍‌ଜନିତ ଗ୍ରହଣଶୀଳତା କ୍ରମଶଃ ତା ଭିତରୁ ଉଣା ହୋଇଯାଉଛି ।

ସତ କହିଲେ ଗୋଟେ ନିରୁତା ଉପଭୁକ୍ତାବାଦୀ ସମାଜରେ କଳାର କିଛି ଭବିଷ୍ୟତ ନଥାଏ । ଉପନ୍ୟାସକୁ ଆଜି ବି ଅନେକ ପାଠକ ବସ୍ତୁତଃ କାହାଣୀ ସର୍ବସ୍ୱ ବୋଲି ମନେ କରନ୍ତି ।

ମଣିଷକୁ ନେଇ ବିଭୋର ହୋଇଥିବା ଶିଳ୍ପୀ ଜଣେ ପରନିଷ୍ଠ ପୃଥିବୀକୁ ଭଲ ପାଇପାରେ ନାହିଁ । ଆବେଗ ବିବର୍ଜିତ ଇତିହାସ ତା'କୁ ବରଂ କ୍ଲାନ୍ତିକର ଲାଗେ । ଜଣକର ଚେତନାପିଣ୍ଡ ବସ୍ତୁନିଷ୍ଠ ଜ୍ଞାନରେ ଗଢ଼ାଯାଇଛି । ଆବେଗ ବଳରେ ହିଁ ଗଢ଼ାଯାଇଛି ।

ଆବେଗ ହିଁ ଅଠା ହୋଇ ମଣିଷ ସହିତ ମଣିଷକୁ ଯୋଡ଼ିଦିଏ । ଆବେଗ ହେଉଛି ତା'ର ବଡ଼ ଐଶ୍ୱର୍ଯ୍ୟ । ନରକିନ୍ନର ପୃଷ୍ଠା ଭିତରେ ମଣିଷକୁ ବେଶୀ ଭିଜେଇଛି ତା'ର ଆବେଗ । ଜଣେ ଆଧୁନିକ କଥାଶିଳ୍ପୀ ଭାବେ ଏ ସମସ୍ତ ଆବେଗନିଷ୍ଠ ବିଷୟକୁ ଶାନ୍ତନୁ ଆଚାର୍ଯ୍ୟ ଉପଯୁକ୍ତ ଚିତ୍ରକଳ୍ପ ଓ ମେଟାଫରରେ ପ୍ରକାଶ କରିଛନ୍ତି ।

Digitized by srujanika@gmail.com

ଇନ୍ଦ୍ରିୟସୁଖକୁ ପ୍ରାଣଭରି ଉପଭୋଗ କରିବାର ପାତ୍ରପାତ୍ରୀମାନେ ନରକିନ୍ନରର ଚରିତ୍ର । କବିରାଜ ବୁଢ଼ା ଓ ହରି ମିସ୍ତ୍ରୀଙ୍କ ସମଲିଙ୍ଗୀ ଯୌନ କାମନା ସେଇ ଇନ୍ଦ୍ରିୟ ସୁଖ ଭୋଗ କରିବା ପର୍ଯ୍ୟାୟର । ନଜିର ମିଆଁ, ବୀର ସାମଲ, ଚରଣ ରାଓ ସଭିଏଁ ତାତ୍କାଳିକ ଇନ୍ଦ୍ରିୟ ସୁଖ ଭୋଗ କରିବା ପାଇଁ ପାଗଳ । ଉଭଟ ଚରିତ୍ରମାନେ ଏମିତି ତାତ୍କାଳିକ ସୁଖ ଭୁଞ୍ଜି ଥାଆନ୍ତି । ନରକିନ୍ନରରେ ମଣିଷ ପାଇଁ କୌଣସି ମୂଲ୍ୟବୋଧ ଖୋଜା ହୋଇନି କି କୌଣସି ଗୌରବ ବି ଖୋଜା ହୋଇନି । କେଜାଣି ଜୀବନ ବଞ୍ଚିବା ପାଇଁ ପୁଣ୍ୟ, ଗୌରବ ଆଦି ହୁଏତ ଅତି ପୋଲା କଥା ହୋଇପାରେ । ସାର୍ତ୍ରଙ୍କ ପରି ଅସ୍ତିତ୍ୱବାଦୀମାନେ ମଣିଷ ଜୀବନର ଗୌରବବୋଧକୁ ସେତେ ସ୍ୱୀକାର କରି ନାହାନ୍ତି ।

ନରକିନ୍ନରର ସବୁ ଚରିତ୍ର ଖାଲି କେମିତି ଶରୀରରେ ବଞ୍ଚି ରହିଛନ୍ତି । ଦେହ ସୁଖ ଖୋଜିଛନ୍ତି । କବିରାଜ ବୁଢ଼ା ଆଉ ହରିମିସ୍ତ୍ରୀ ଆପାତତଃ ଯେଉଁ ଦୁଇଜଣ ଆମ ସମାଜର ଦୁଇ ସମର୍ଥ ଶ୍ରେଣୀରେ ଗଣା ଯାଆନ୍ତି – ଡାକ୍ତର ଆଉ ଇଞ୍ଜିନିୟର ଔପନ୍ୟାସିକ ସେ ଦୁଇ ଚରିତ୍ରକୁ ଉପହାସର ପାତ୍ର କରିଛନ୍ତି । ଏହା ଔପନ୍ୟାସିକଙ୍କ ଗୋଟେ ବଡ଼ ସାମର୍ଥ୍ୟ – 'Sense of satire' ।

କବିରାଜ ବୁଢ଼ା ଆଉ ହରିମିସ୍ତ୍ରୀ ଏ ଦୁଇ ଚରିତ୍ରର ସମସ୍ତ ସଂଳାପକୁ କଥାକାର ଶ୍ରୀ ଆଚାର୍ଯ୍ୟ ପେରୋଡ଼ି କରିଛନ୍ତି ଯେପରି । ଖୁବ୍ ଅନ୍ତଃସ୍ଥଳରେ ସତ୍ୟକୁ ରଖି ଔପନ୍ୟାସିକ ଜଣେ ବେଶ ବିଦୂଷକ ସାଜିଛନ୍ତି । ଏ ଦୁଇ ଚରିତ୍ର ଜରିଆରେ ପାଠକ-ପାଠିକାଙ୍କୁ ଭାରି ହସାଇଛନ୍ତି, ଭାରି କୁତୁକୁତୁ ହେଉଛନ୍ତି ।

ହରିମିସ୍ତ୍ରୀ କହିଛି ସେ ଦେବତାଙ୍କୁ ବଳିଯିବ ରୋବର୍ଟ ତିଆରି କରି ।

କବିରାଜ ବୁଢ଼ା ସେମିତି କହିଛି ସେ ବି ଦିନେ ମଲା ମଣିଷକୁ ଜୀବନ୍ୟାସ ଦେଇ ବସିବ । ଏ ଦୁଇ ଚରିତ୍ର ଜରିଆରେ ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟ ସାଂପ୍ରତିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ଆମକୁ ଢେର ଶୁଣାଇଛନ୍ତି ।

ଜଣେ ସମର୍ଥ ସ୍ରଷ୍ଟା ସବୁବେଳେ ସବୁ ବିଷୟକୁ ବ୍ୟବଚ୍ଛେଦ କରେ । ତା'କୁ ଜିଜ୍ଞାସା କରେ । ତା'ର ରହସ୍ୟ ଚଉଦିଗକୁ ଚେଷ୍ଟା କରେ । ନରକିନ୍ନରରେ ଐତିହ୍ୟବୋଧ ଓ ପରମ୍ପରା ସଚେତନତାକୁ ମଧ୍ୟ ବାରି ହୁଏ ।

ଜର୍ଜ ସର୍ବଦା ଜିଜ୍ଞାସା କରିଛି । ଦେଖଣାହାରୀ ପରି ଚୁପଚାପ୍ ଶୁଣିଛି । ସେ ଗୋଟିଏ ପ୍ରତିନିଧି । ଆମ ପରି ବଞ୍ଚିଥିବା ଅନେକ ମଣିଷଙ୍କର । ପରିସ୍ଥିତିର ଦାସ ହୋଇ ।

ଏମିତି ସତରେ ମନେହୁଏ ଏଯାବତ୍ ଆମେ ଯେତେ ଉପନ୍ୟାସ ଲେଖିଛୁଁ ସେସବୁ ଯେଉଁ ଚେତନାକୁ ବ୍ୟକ୍ତ କରୁନା କାହିଁକି, କାହାଣୀ ପ୍ରଧାନ ହେଉ କି ଭାବନିଷ୍ଠ ହେଉ, ନଗର ଜୀବନକୁ ଲେଖୁ କି ପଲ୍ଲୀ ଜୀବନକୁ ଲେଖୁ ସେସବୁ ଉପନ୍ୟାସ ଭିତରେ ନରକିନ୍ନର ପୂରା ବାରିହେଲା ଭଳି ଗୋଟେ ଅଲଗା ଉପନ୍ୟାସ ଆଉ ଜର୍ଜ ବି ସେମିତି ଗୋଟେ ଅତୁଳନୀୟ ଚରିତ୍ର ।

Digitized by srujanika@gmail.com

ଆମ ଭିତରେ ଥିବା ସକଳ ଦୁଷ୍ଟବୁଦ୍ଧିକୁ ଉଦାର ଭାବେ ଭଲ ନପାଇଲେ ଆମେ ନରକିନ୍ନର ଉପନ୍ୟାସ ପଢ଼ି ଅସଲ ମଜା ଉଠାଇ ପାରିବାନି । ଗରୁଡ଼ ଚରିତ୍ର ସେମିତି ଆଉ ଗୋଟେ ଗତିଶୀଳ ଚରିତ୍ର । ଆଦୌ ଗତାନୁଗତିକ ନୁହେଁ । ଆମେ ଆମର ଶିଷ୍ଟ ହେବା ବିଶିଷ୍ଟ ହେବାକୁ ଦେଖାଇ ହେଲେ ଗରୁଡ଼କୁ ଟିକିଏ ବି ଶ୍ରଦ୍ଧା କରିପାରିବା ନାହିଁ । ତା ପ୍ରତି ସାମାନ୍ୟତମ ଭାବେ ବି ସମ୍ବେଦନଶୀଳ ହୋଇ ପାରିବାନି ।

ସକଳ ଆଧୁନିକ ଉପନ୍ୟାସର ତତ୍ତ୍ୱ (Poetics of Novel) ଯାହା ସେଥିରେ ଗୋଟେ ମଣିଷକୁ ଷୋଳଣା ଭଲ ଓ ନାରୀ ହେଉ କି ପୁରୁଷ ହେଉ ଆଉ ଗୋଟେ ମଣିଷକୁ ଷୋଳଣା ମନ୍ଦ ବୋଲି କହିବା ଅବାସ୍ତବ ଓ ସତ୍ୟର ପରିପନ୍ଥୀ ।

ମାତୃଗର୍ଭରୁ ମଣିଷ ସବୁ ଭିନ୍ନ ଭିନ୍ନ ଧାତୁରେ ଗଢ଼ାହୋଇଥାନ୍ତି । ସେମିତି ଧାତୁରେ ଗଢ଼ା ହୋଇଥିବା କାରଣରୁ କାଲିଗୁଲା ପ୍ରକାରେ ତ ମିଉରସଲଟ ପ୍ରକାରେ ହାମଲେଟ ପ୍ରକାରେ ତ ଦସ୍ତୋୟଭସ୍କି, କାଫ୍‌କା ଓ କାମ୍ୟୁ ଚରିତ୍ର ସବୁ ପ୍ରକାରେ ପ୍ରକାରେ ।

ସେମିତି ଏଠି ନରକିନ୍ନରରରେ ବୀର ସାମଲ ପ୍ରକାରେ ତ ଜର୍ଜ ପ୍ରକାରେ । ଆମେ ଆମ ଅନ୍ତଃସ୍ଥଳରେ ଥିବା ଦୁଷ୍ଟ ହେବାର ପ୍ରବଣତାକୁ, ଆମ ସଇତାନିକୁ ଯଥା ସମ୍ଭବ ପ୍ରକଟନ କରିବାରେ କୁଣ୍ଠିତ ହେଲେ ଆମେ ନରକିନ୍ନର ପରି ଜୀବନ୍ତ ତଥା ବାସ୍ତବବାଦୀ ଉପନ୍ୟାସ ଲେଖିପାରିବା ନାହିଁ ।

ଆଜି ନରକିନ୍ନର ଉପନ୍ୟାସକୁ ପଚାଶବର୍ଷ ପୂରିଲା । ଅର୍ଦ୍ଧଶତାବ୍ଦୀ ବର୍ଷ କମ୍ ବଡ଼ ସମୟଖଣ୍ଡ ନୁହେଁ ? ନରକିନ୍ନର ବିଷୟରେ ଆଜି ଏଇ ତାରିଖରେ ତା'ର ପଚାଶ ବର୍ଷର ପୂର୍ତ୍ତି ଉପଲକ୍ଷେ ଏତକ କହିଲେ ବୋଧେ ଉପଯୁକ୍ତ ହେବ ଯେ ପୁରସ୍କାର ତ ଅନେକଙ୍କୁ ମିଳୁଛି ମାତ୍ର ବିପୁଳ ପାଠକୀୟ ସମ୍ମାନ ସମସ୍ତଙ୍କୁ ମିଳେନା ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ନରକିନ୍ନର ଉପନ୍ୟାସକୁ ଗତ ଅର୍ଦ୍ଧ ଶତାବ୍ଦୀ ବର୍ଷ ଭିତରେ ବିପୁଳ ପାଠକୀୟ ସମ୍ମାନ ମିଳିଛି । ବିଶ୍ୱବିଦ୍ୟାଳୟ ପରିସରରେ ବେଶୀ । ଯଥେଷ୍ଟ 'ଲିଟେରାରୀ ମେରିଟ' ଥିବା ଜାତୀୟ ଆନ୍ତର୍ଜାତୀୟ ମାନର ଏକାନ୍ତ ଉଲ୍ଲେଖଯୋଗ୍ୟ ଉପନ୍ୟାସଟିଏ ହେଉଛି ନରକିନ୍ନର । କାଳଜୟୀ ସାହିତ୍ୟ କୃତି ହେବାର ଯଥେଷ୍ଟ ଯୋଗ୍ୟତା 'ନରକିନ୍ନର' ଉପନ୍ୟାସର ରହିଛି ।

◆

Digitized by srujanika@gmail.com

ନର-କିନ୍ନର ଉପନ୍ୟାସରେ ମହାକାବ୍ୟିକ ଶୈଳୀ

ପ୍ରଫେସର ବାଉରୀବନ୍ଧୁ କର

ଔପନ୍ୟାସ ହେଉଛି ଆଧୁନିକ କାଳର ଗଦ୍ୟ ମହାକାବ୍ୟ । ଏଥିରେ ମାନବିକତାର ଜୟଗାନ କରାଯାଇଥାଏ ଏବଂ ଏଥିରେ ସ୍ଥାନ-କାଳ-ପାତ୍ର ବହିର୍ଭୂତ ଭିନ୍ନ ଏକ ପ୍ରସଙ୍ଗର ଅବତାରଣା କରାଯାଇଥାଏ, ଯାହାକୁ କୁହାଯାଇପାରେ ମଣିଷର ଆତ୍ମାନୁଶୀଳନ । ସେଥିପାଇଁ ଆଧୁନିକ କାଳର ଏହି ଗଦ୍ୟ ମହାକାବ୍ୟରେ ଥାଏ କିଛି ଦାର୍ଶନିକ ତତ୍ତ୍ୱ, ଜୀବନ ଓ ଜଗତ ସଂପର୍କିତ ଗବେଷଣା, କବିତ୍ୱପୂର୍ଣ୍ଣ ଅଭିବ୍ୟକ୍ତି । ପୂର୍ବେ ମହାକାବ୍ୟ କହିଲେ ପଦ୍ୟକୁ ବୁଝାଉଥିଲା – ଯହିଁରେ ଜାତୀୟ ଜୀବନର ବୀରତ୍ୱ ବ୍ୟଞ୍ଜକ ପ୍ରସଙ୍ଗ ସ୍ଥାନ ଲାଭ କରିବା ସହିତ ଏହାର ନାୟକ ସମସ୍ତ ସଦ୍‌ଗୁଣ ବିମଣ୍ଡିତ ଦିବ୍ୟ ପୁରୁଷର ମର୍ଯ୍ୟାଦା ପାଉଥିଲା । ଏବେ ଏସବୁର ଆଉ ଗୁରୁତ୍ୱ ସେମିତି ନାହିଁ । ବରଂ; ଏହା କେବଳ ସାହିତ୍ୟ ଶାସ୍ତ୍ରର ଉପପାଦ୍ୟ ଆକାରରେ ପୋଥିବିଦ୍ୟା ହୋଇ ରହିଛି । କାରଣ ସଂପ୍ରତି ଭଲ ଗଦ୍ୟ କହିଲେ ପଦ୍ୟାତ୍ମକ ଗଦ୍ୟକୁ ଓ ଭଲ କବିତା କହିଲେ ଗଦ୍ୟାତ୍ମକ ପଦ୍ୟକୁ ବୁଝାଉଛି । ଏହି ସୂତ୍ରରେ ଆଜି ଉଚ୍ଚକୋଟୀର ଉପନ୍ୟାସ ଲାଭ କରୁଛି ମହାକାବ୍ୟର ଗୌରବ । ଏ ସକାଶେ ମହାନ୍ ଗଦ୍ୟଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପ୍ରସିଦ୍ଧ ଉପନ୍ୟାସ 'ନରକିନ୍ନର' ହେଉଛି ଆଧୁନିକ କାଳର ଏକ ଗଦ୍ୟ ମହାକାବ୍ୟ ।

ସେ କାଳରେ 'ନରକିନ୍ନର' (୧୯୬୨) ଉପନ୍ୟାସଟି ଓଡ଼ିଆ ଉପନ୍ୟାସ ପାଠକମାନଙ୍କର ପ୍ରଥାସିଦ୍ଧ ପ୍ରସ୍ତୁତ ଉଦ୍ଦୀପନା (Stock Response)କୁ ଅତିକ୍ରମ କରି ପାଠକ ମନରେ ଏକ ନୂତନ ଆଗ୍ରହ, ଏକ ନୂତନ ଉଦ୍ଦାମତା, ଏକ ନୂତନ ଆବେଦନ, ଏକ ନୂତନ ଉତ୍ସାହ, ଏକ ନୂତନ ଭାବାନ୍ତର ସୃଷ୍ଟି କରିଥିଲା । ଉଭୟ ଭାବବସ୍ତୁ ଓ ଶୈଳୀରେ ଏହା ଆଣିଥିଲା ବିରାଟ ପରିବର୍ତ୍ତନ । ଯେଉଁ ପରିବର୍ତ୍ତନ ଆମ ଉପନ୍ୟାସ

Digitized by srujanika@gmail.com

ସାହିତ୍ୟକୁ ଆକ୍ରାନ୍ତ କରିଥିଲା କହିଲେ ଯଥାର୍ଥ ହେବ । ସୁଗଭୀର ଜୀବନାନୁଭବ, ବହିର୍ଜଗତ ପରିବର୍ତ୍ତେ ଅନ୍ତର୍ଜଗତର ବାସ୍ତବତା (Inner Reality), ମନନ ଧର୍ମିତା, ସୁତୀକ୍ଷ୍ଣ ବିଶ୍ଳେଷଣ, ପ୍ରତୀକ ଓ ଅସାଧାରଣ ଚିତ୍ରକଳ୍ପ, ଅନ୍ତଃସଂଳାପ, ବୁଦ୍ଧିଦୀପ୍ତ ପ୍ରକାଶ ଭଙ୍ଗୀଥିଲା ଏହି ପରିବର୍ତ୍ତନର ମୁଖ୍ୟ ସ୍ୱର । ଏଥିସହିତ ଆଧୁନିକ ମଣିଷର ଜଟିଳ ଅନ୍ତର୍ଦ୍ୱନ୍ଦ୍ୱ, ଏକାକୀତ୍ୱବୋଧ, ମଣିଷର ବିଚିତ୍ର ମନସ୍ତତ୍ତ୍ୱ, ଉଦ୍ଭଟ ଜୀବନ ଜିଜ୍ଞାସା, ଅଦ୍ଭୁତ ଦେହ ଚେତନା, ଅନିବାର୍ଯ୍ୟ ଅବସାଦ, ଅସ୍ୱସ୍ତିକର ମୋହଭଙ୍ଗ, ନିଜକୁ ନିଜେ ଖୋଜିବା ପ୍ରବୃତ୍ତି, ଆନ୍ତର୍ଜାତିକ ଚେତନା ହେଉଛି ଏଥିରେ ଗୁରୁତ୍ୱପୂର୍ଣ୍ଣ ।

ଉପନ୍ୟାସରେ ଆଧୁନିକତା - ଏହାର ଆଙ୍ଗିକ, କଳା-କୌଶଳ, ଚରିତ୍ରର ଉପଲବ୍ଧିରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି । ସଂସାରର ଦୃଶ୍ୟମାନ ଜଗତ ଅପେକ୍ଷା ଆତ୍ମସଚେତନ ଅନ୍ତଃଜଗତ ପ୍ରତି ପ୍ରବଣତା ଏଠାରେ ବଡ଼ କଥା । ପୁନଶ୍ଚ ଉପନ୍ୟାସ ଏକ ନୂତନ ନନ୍ଦନ ତାତ୍ତ୍ୱିକ ପରିବେଶର ଅପେକ୍ଷା ରଖେ । ଚିରାଚରିତ ସମାଜବ୍ୟବସ୍ଥା, ଐତିହ୍ୟଚେତନା, ପ୍ରଚଳିତ ଭାଷା, ସାଧାରଣ ଭାବଗତ ଢାଞ୍ଚା ପ୍ରତି ଆଧୁନିକ ଉପନ୍ୟାସ ପ୍ରଶ୍ନ କରିବା ସହିତ ମଣିଷର ଅନ୍ତଃଚେତନାକୁ ଭେଦ କରେ । ଆମ ସମାଜର ପ୍ରତାରଣା କିମ୍ବା କୌଣସି ଆଦର୍ଶବାଦର ଦ୍ୱାହି ଆଧୁନିକ ଉପନ୍ୟାସ ଦେବାକୁ ଚାହେନା, ଅଧିକନ୍ତୁ ଏହା ମଣିଷର ଅସ୍ୱାଭାବିକତା, ଅସଂଲଗ୍ନତା, ଅସାମଞ୍ଜସ୍ୟ, ଅଚରିତାର୍ଥତା, ଅନ୍ତର୍ଦାହକୁ ନେଇ ଚର୍ଚ୍ଚା କରେ । ଆଧୁନିକ ଉପନ୍ୟାସର ଏପରି ଲକ୍ଷଣ ସଂପର୍କରେ ସୁବିସ୍ତୃତ ଆଲୋଚନା ପୂର୍ବକ Malcom Bradbury କହନ୍ତି; "Modernism in the novel meant, generally, a revolution in Form, technique and perception, the making of the novel into a much more oblique genre. It meant a stress on the novelas structured according to its internal artistic life rather than according to those objective structures a writer might 'copy' from the world; it meant a novel that was, in a phrase of Ortegay Gasset's, an art of figures rather than an art of adventures. These writers took the novels through into a new aesthetic environment, and in doing so they gave the form one of the most marked arrtibutes of modernist art : a sense of strain, a certain Eerminal quality, an air of the form's exhausting itself in each new work. The common currency of language, the common understanding of history, the common sense of order and structure in society - all were thrown into question; modernism is an apocalyptic view of art. Novels tended to move 'in ward' towards the mythography of consciousness, psychic states, fleeting sensations, or concealed emotions; or else they tended to become ironic social epics delaing in modern history as to quote Eliot's phrase about Joyce - 'an

Digitized by srujanika@gmail.com

immence panorama of futility and anarchy." (The Twentieth Century Mind - Edited by C.B. Cox, A.E. Dyson - Oxford University Press - (1972) Page - 323) ଉପନ୍ୟାସରେ ଆଧୁନିକତା ସଂପର୍କରେ ଏଇ ନିୟମ ଆଧାରରେ 'ନରକିନ୍ନର'କୁ ଅନୁଶୀଳନ କରାଯାଇପାରେ ।

'ନରକିନ୍ନର' ଉପନ୍ୟାସ ଓଡ଼ିଆ ସାହିତ୍ୟର ଏପରି ଏକ ଗଦ୍ୟ ମହାକାବ୍ୟ - ଯହିଁରେ ଚରିତ୍ରଚୟନରେ ନୂତନତା, ଭାବବସ୍ତୁରେ ନୂତନତା ଓ କଳା କୌଶଳରେ ନୂତନତା ପରିଲକ୍ଷିତ । ଏହାର ମହାନାୟକ ଜର୍ଜ ଏକ ବିସ୍ମୟକର ଚରିତ୍ର । ସେ ଅଜ୍ଞାତ-କୁଳ-ଶୀଳ, ତା'ର ଶିକ୍ଷା, ଦୀକ୍ଷା, ସଭ୍ୟତା, ପରମ୍ପରା କିଛି ନାହିଁ । ତା'ର ବାପା ଡାକ୍ତରଖାନାର ଝଙ୍କା ବରଗଛ, ମାଆ ହେଉଛି ଡାକ୍ତରଖାନାର ନର୍ଦ୍ଦମା । ଜଣେ ପାଦ୍ରୀ ବୁଢ଼ା ତାକୁ ଆଣି ଚଉଦବର୍ଷ ପର୍ଯ୍ୟନ୍ତ ପାଖରେ ରଖି ପାଳନ କରିଥିଲା । ବୁଢ଼ାଟି ଇହଲୋକରୁ ବିଦାୟ ନେବାପରେ ଜର୍ଜର ଜୀବନର ଗତି ନାଟକୀୟ ଭାବେ ଭିନ୍ନ ମୋଡ଼ ନିଏ । ତାପରେ ଜର୍ଜ ପେଟ ଚାଖଣ୍ଡକ ପାଇଁ ବିଭିନ୍ନ ବିଚିତ୍ର ଚରିତ୍ରମାନଙ୍କର ସଂପର୍କରେ ଆସିଛି । ଯେଉଁ ଚରିତ୍ର ଭିତରେ ମଣିଷଟିଏ ବଞ୍ଚିବା ଏକ ଅସାଧ୍ୟ ସାଧନା । ଗୁଡ଼ିଏ ସର୍ବହରା ବାସ୍ତୁହରା ମଣିଷ ଯେଉଁମାନେ ଅସାମାଜିକ - ସେଇମାନଙ୍କ ଗହଣରେ ଜର୍ଜ ଜୀବନ ଅତିବାହିତ କରେ । ଗୋଦରୀ ବୁଢ଼ୀଟିଏ - ଯିଏ ଚରିତ୍ରହୀନା ସେମାନଙ୍କ ମେଳରେ କାଠ କେବିନରେ ଦୋକାନଟିଏ କରି ସେ କରେ ଜୀବନ ଅତିବାହିତ । ଗଞ୍ଜେଇ ଅଫିମ ଚୋରା କାରବାର କରୁଥିବା କବିରାଜ ବୁଢ଼ା, ସାଇକେଲ ଦୋକାନୀ ହରିମିସ୍ତ୍ରୀ, ବାକ୍ ଚାତୁରୀରେ ମନ ମୋହୁଥିବା ବୀରସାମଲ, ଧଳାକଳା ଅଙ୍ଗାରରେ ଚିତ୍ର ଆଙ୍କୁଥିବା ଚରଣ ରାଓ, ଚାଚା ନଜିର ମିଆଁ, ରିକ୍ସାଚାଳକ କାମାୟା, କମ୍ରେଡ଼ ଆନନ୍ଦ ଭସ୍କି - ଏମିତି କେତେ କ'ଣ ଜଟିଳ, କୁଟିଳ, ବିଚିତ୍ର ଚରିତ୍ରର ସଂପର୍କରେ ଆସି ଜୀବନର ବିଚିତ୍ର ଅନୁଭୂତି ଅର୍ଜନ କରେ ଜର୍ଜ । ନରକିନ୍ନରରେ ସବୁଠି ଅନ୍ଧାରର ରାଜତ୍ୱ । ଏପରିକି ଚରିତ୍ରମାନେ ଅନ୍ଧାରରେ ବିଚରଣ କରିବାକୁ ଶ୍ରେୟ ମଣନ୍ତି । ମନଗହନର ଅନ୍ଧାରୀ ଭାବନାକୁ ପ୍ରକାଶ କରିବାର ଏ ଉପନ୍ୟାସଟି ଶତମୁଖ । ଲେଖକ ଲେଖନ୍ତି; "ଚାରିପଟୁ ଅନ୍ଧାର ଘୋଟି ଆସିଲା ଭଳି ତାକୁ ଜଣାପଡ଼େ । ସେ ଭାବିପାରେନା - ସେ କୋଉଠି ଥାଏ, ଥିଲା, ଆଉ ଯାଉଚି କୁଆଡ଼େ ? ତା'ର ମନେହୁଏ, ଯେମିତି ଗୋଟାଏ ବିଚିକିଚିଆ ଅନ୍ଧାର ରାତିରେ ହଠାତ୍ ତା'ର ନିଦ ଭାଙ୍ଗି ଯାଇଛି ଆଉ ସେ ଉଠିବସି ଚାରିଦିଗକୁ କେବଳ ଦରାଣ୍ଡି ପକଉଚି - କିନ୍ତୁ ଆଖର ସେ ବାଟ ପାଉନାହିଁ । ତା'ପରେ ସେଇ ଅନ୍ଧାରରେ ସେ ଦିଗ୍‌ଭ୍ରାନ୍ତ ହୋଇ ଚାଲିଚି, ଚାଲିଚି, ଆଉ ଚାଲିଚି । ସେ ଚାଲିବାର ସତେ କି ଆରମ୍ଭ ନଥିଲା କି ଶେଷ ନଥିଲା । ସେ କେବଳ ଚାଲିଚି, ଆଉ ବେଳେବେଳେ ଅନ୍ଧାର ଯେତେବେଳେ ମାଡ଼ି ମାଡ଼ି ପଡୁଛି, ତହିଁରେ ସୁ ସୁ ପବନର ଗର୍ଜନ ତାକୁ ହାଁ - ହାଁ ହୋଇ ଗୋଡ଼େଇ ଆସୁଛନ୍ତି ଚାରିଆଡୁ; ସେତେବେଳେ

Digitized by srujanika@gmail.com

ସେ ବୁଦ୍ଧିବାଟ ନପାଇ କେବଳ ଶୋଇ ପଡୁଚି, ଆଖି ବନ୍ଦ କରି ଦଉଚି, ଘାଲେଇ କରି ପଡ଼ିଯାଉଚି, କିନ୍ତୁ ମୁଣ୍ଡ ଭିତରୁ ଭାବନାରେ ଶେଷ ନାହିଁ । ସେ ଖୋଜି ଚାଲିଛି ରାହା ଆଖି ଦ୍ୱାରା ନୁହେଁ, କଳ୍ପନା ଦ୍ୱାରା ।" (ନରକିନ୍ନର -(୨୦୧୦) - ପୃଷ୍ଠା - ୨୩) ନରକିନ୍ନରରେ ଗୋଦରୀ ବୁଢ଼ୀ, ମିସ୍ ଆଡ଼ାମସ୍, ଲଣ୍ଡ୍ରୀବାଲୀ ମାଇକିନା, ପଞ୍ଜାବୀ ମାଇକିନା - ଏମିତି କାମନାର ବହ୍ନିରେ ଉବୁଟୁବୁ ହେଉଥିବା ନାରୀମାନଙ୍କର ବିଚିତ୍ର ସମାବେଶ ଦେଖିବାକୁ ମିଳେ । ଓଡ଼ିଆ ଉପନ୍ୟାସରେ କି ପୁରୁଷ କି ନାରୀ ଚରିତ୍ର ଚୟନରେ ଏଭଳି ଅଦ୍ଭୁତ ଚରିତ୍ରମାନଙ୍କୁ ନାଳ-ନର୍ଦ୍ଦମା, ଗଳି-ବସ୍ତି, ସାଧାରଣ ସ୍ତରରୁ ସାଉଁଟି ଆଣି, ସେମାନଙ୍କୁ ଉପନ୍ୟାସରେ ଏତେ ନୂଆ ଢଙ୍ଗରେ ଶାନ୍ତନୁକୁମାରଙ୍କ ପୂର୍ବରୁ ଆଉ କେହି ବୋଧହୁଏ ଉପସ୍ଥାପନ କରିପାରିନାହାନ୍ତି ।

'ନରକିନ୍ନର' ଉପନ୍ୟାସର ଅନନ୍ୟ ଆକର୍ଷଣ ହେଉଛି ଭାବବସ୍ତୁଗତ ନୂତନତା । ଚିରାଚରିତ ରୀତିରେ ସେ ଉପନ୍ୟାସ ଲେଖିନାହାନ୍ତି କିମ୍ବା ଏକ ବିସ୍ମୟକର କାହାଣୀ କହି ପାଠକ ନିକଟରେ ପ୍ରଭାବ ବିସ୍ତାର କରିନାହାନ୍ତି । ଓଡ଼ିଆ ଉପନ୍ୟାସର ସମଗ୍ର ପରମ୍ପରାରୁ ବିଚ୍ଛିନ୍ନ ରହି ସୁଗଭୀର ସ୍ୱଚ୍ଛ ଜୀବନ ଭୂମିରେ ଠିଆ ହୋଇ ସମକାଳୀନ ସମୟ ଓ ଜୀବନର ବାସ୍ତବତାକୁ ନୂଆ ଭାବରେ ଦେଖିବାକୁ ସେ ପସନ୍ଦ କରନ୍ତି । ଚିରନ୍ତନ ମାନବିକ ଆବେଗ ସହିତ ସମସାମୟିକ ସମୟର ପ୍ରାଣସ୍ପନ୍ଦନକୁ ସେ ତାଙ୍କ ଉପନ୍ୟାସରେ ଧରି ରଖିବା ସହିତ ଜୀବନର ସତ୍ୟ ଉନ୍ମୋଚନକୁ ଗୁରୁତ୍ୱ ଦିଅନ୍ତି । ସେ ମଣିଷପଣିଆ ପ୍ରତି ଆନ୍ତରିକତା ପୋଷଣ ପୂର୍ବକ ଲେଖନ୍ତି । ସେଥିପାଇଁ ତାଙ୍କ ଉପନ୍ୟାସ ପଢ଼ିଲେ William Faulknerଙ୍କ ନିମ୍ନ ଉକ୍ତିଟି ମନେ ପଡ଼େ । ଯାହା ହେଉଚି, "No man can write who is not first a humantarian." ଏକ ଜାରଜ ଯୁବକର ଜୀବନ ଜିଜ୍ଞାସା, ଜୀବନଗତ ବିଚିତ୍ର ଅନୁଭୂତି, ସଂଘର୍ଷପୂର୍ଣ୍ଣ ଜୀବନର ଉପଲବ୍ଧି ଓ ମଣିଷପଣିଆର ସୀମା ସନ୍ଧାନ 'ନରକିନ୍ନର' ଉପନ୍ୟାସର ପ୍ରମୁଖ ପ୍ରସଙ୍ଗ । ଜୀବନରେ ନାନା ଘାତ-ପ୍ରତିଘାତର ସମ୍ମୁଖୀନ ହୋଇଥିବା ଜର୍ଜ ମନରେ ଏକ ନୂଆ ଚେତନାର ଉତ୍ତରଣ ଘଟିଛି । ସେ ସର୍ବହରା ରୂପେ ନିଜକୁ ଦେଖିବା ସହିତ ବିପ୍ଲବ ପାଇଁ ପାଗ ଭିଡ଼ିଛି । ସର୍ବହରାମାନଙ୍କର ତୃତୀୟ ବିଶ୍ୱ ସୃଷ୍ଟି ଚିନ୍ତା, ସବୁ ମଣିଷ ସମାନ ରୂପେ ବଞ୍ଚିବା ଭାବନାରେ ବିଭୋର ହୋଇ ଜର୍ଜ ବିପ୍ଲବ କରିଛି । ଜର୍ଜ ଜୀବନର ଶେଷ ପରିଣତି "ସତ୍ୟ, ନ୍ୟାୟ, ଅହିଂସା ବୃକ୍ଷର ମେଓ୍ୱା - ଯାହାକୁ ସେଇ ମର୍କଟ ବିଜ୍ଞାନୀ ଦଖଲ କରି ନେଇଚି" - 'ମା' ଡାକରେ ବିଲୟ ଭଜିଛି । ଅତି ଇଙ୍ଗିତରେ ମାଙ୍କଡ଼ ପ୍ରସଙ୍ଗଟିକୁ ଯୋଡ଼ି ଦେଇଛନ୍ତି ଲେଖକ । ମାଙ୍କଡ଼ରୁ ବିବର୍ତ୍ତିତ ପ୍ରକ୍ରିୟାରେ ମଣିଷର ସୃଷ୍ଟି । ଏହି ଉପନ୍ୟାସର ଭାବବସ୍ତୁ ହେଉଛି ଜର୍ଜ ମାଧ୍ୟମରେ ବିଭିନ୍ନ ଦିଗରୁ ମଣିଷକୁ ଦେଖିବା, ବୁଝିବା, ଜାଣିବା, ମଣିଷ ପଣିଆର ସୀମା ଓ ସମ୍ଭାବନା କଳନା କରିବା,

Digitized by srujanika@gmail.com

ମଣିଷର କୁଟିଳ, ଜଟିଳ ସ୍ୱଭାବ ଅନ୍ତରାଳରେ ରହିଥିବା ଚେତନ, ଅଚେତନ, ଅବଚେତନ ମନର ବିଶ୍ଳେଷଣ ।

ଭାବବସ୍ତୁ ଅପେକ୍ଷା ପ୍ରକାଶ ଶୈଳୀରେ ବୈଚିତ୍ର୍ୟ ହିଁ ଗଦ୍ୟ ମହାକାବ୍ୟକୁ ଆକର୍ଷଣୀୟ କରେ । ଉଚ୍ଚକୋଟୀର ଲେଖାରେ ପ୍ରସଙ୍ଗ ସହିତ ଶବ୍ଦର ମହାମିଳନ ଘଟେ । ଏ ସଂପର୍କରେ ଏଠାରେ Emersonଙ୍କ ଉକ୍ତି ଉଦ୍ଧାର କରାଯାଇପାରେ । "In goodwriting, words become one with things." ଏ କଥାଟି 'ନରକିନ୍ନର' ଉପନ୍ୟାସ ପାଇଁ ଯଥାର୍ଥ । ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଅସାଧାରଣ ରଚନାଶୈଳୀ 'ନରକିନ୍ନର' ଉପନ୍ୟାସକୁ କରିଛି ଉଚ୍ଚକୋଟୀର । ସେ ତଥାକଥିତ ସାହିତ୍ୟିକ ଭାଷା ଠାରୁ ଆପଣାକୁ ଦୂରେଇ ନେଇ ସାଧାରଣ ମଣିଷର ଅନ୍ତରଙ୍ଗ ଭାଷାରେ ଲେଖିଛନ୍ତି ତାଙ୍କର ଉପନ୍ୟାସ । ଭାଷାର ବ୍ୟବହାରିକ ଦିଗ ସମ୍ପର୍କରେ ସେ ଅତ୍ୟନ୍ତ ସଚେତନ । ବିଶିଷ୍ଟ ଦାର୍ଶନିକ ଉଇଟ୍‌ଗେନ୍‌ଷ୍ଟାଇନ୍ ଭାଷାର ବ୍ୟବହାର ସଂପର୍କରେ କହନ୍ତି; "ଜୀବନ କ୍ଷେତ୍ରରେ ଆଚରଣ ଅନୁଷଙ୍ଗ ସହିତ ଭାଷା ପ୍ରୟୋଗ ସଂଗତି ଥିଲେ ଭାଷା ଅର୍ଥବାନ୍ ହୁଏ । ଭାଷାର ଅର୍ଥ ସଫଳ ବ୍ୟବହାରରେ ନିହିତ । ଅର୍ଥ ସଫଳ ବ୍ୟବହାର ବ୍ୟତୀତ ଆଉ କିଛି ନୁହେଁ । ତେଣୁ ସେ ଉପଦେଶ ଛଳରେ କହନ୍ତି ଅର୍ଥ କ'ଣ ବୋଲି ପଚାର ନାହିଁ । ଅର୍ଥ ବିଷୟରେ ସନ୍ଦେହ ହେଲେ ପ୍ରୟୋଗ କ୍ଷେତ୍ରରେ ଶବ୍ଦର ବ୍ୟବହାରକୁ ଲକ୍ଷ୍ୟ କର । ତେବେ ଯାଇ ସମସ୍ତ ସନ୍ଦେହ ଦୂର ହେବ ।" (ଉଇଟ୍‌ଗେନ୍‌ଷ୍ଟାଇନ୍ - (୧୯୭୪) - ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ଓ ପ୍ରଣୟନ ସଂସ୍ଥା - ଭୁବନେଶ୍ୱର - ଡକ୍ଟର ଗଣେଶ୍ୱର ମିଶ୍ର - ପୃଷ୍ଠା- ୧୦୨) ନରକିନ୍ନର ଉପନ୍ୟାସର ରଚନାଶୈଳୀ ଓ ଭାଷା ବିଚାରବେଳେ ଏଇ ମନ୍ତବ୍ୟକୁ ସ୍ମରଣ କରିବାକୁ ହେବ । ଜାଗତିକ ସତ୍ୟ, ବାସ୍ତବ ଓ ସମ୍ଭାବ୍ୟ ସ୍ଥିତାବସ୍ଥାକୁ ଭାଷା ପ୍ରତିବିମ୍ବିତ କରେ । ସୁତରାଂ; ଜ୍ଞାତବ୍ୟ ଜଗତ ଓ ଭାଷାରେ ପ୍ରତିବିମ୍ବିତ ହେଉଥିବା ଜଗତ ଏକ ଓ ଅଭିନ୍ନ ଅଟେ । 'ନରକିନ୍ନର' ଉପନ୍ୟାସର ଚରିତ୍ରମାନେ ଜ୍ଞାତବ୍ୟ ଜଗତରେ ବିଚରଣ ପୂର୍ବକ ବ୍ୟାବହାରିକ ଭାଷାକୁ ପ୍ରାଧାନ୍ୟ ଦେଇଛନ୍ତି । ସେଇ ଭାଷାର ସ୍ୱରୂପ ଏହିପରି; "ଜର୍ଜ ହଡ଼ବଡ଼େଇ ଗଲା । ଆଗକୁ ବଢ଼ିବାକୁ ତା'ର ସାହସ ଆଉ କୁଲେଇଲା ନାହିଁ, କିନ୍ତୁ ତାକୁ ବଢ଼ିବାକୁ ଇ ହେବ । ପଛରେ ତା'ର ସବୁ ଥିଲା ଶୂନ୍‌ଶାନ୍ । ଗୋଟିକିଆ ମଣିଷର ସଂସାର ଆଉ ପଛରେ ନଥିଲା । ପିଲାଟାର ପାଦ ଆପଣାଛାଏଁ ଆଗକୁ ଉଠିଲା । ଲିଭିଯାଇଥିବା ନିଆଁ ପେଟ ଭିତରେ ପୁଣି ଜଳି ଉଠିଲା ଦପ୍ ଦପ୍ । ସାହସ ବାନ୍ଧି ତଳିତଳ ପର୍ଯ୍ୟନ୍ତ ଚାଲିଗଲା ଟୋକାଟା । ବର୍ତ୍ତମାନ ଆସି ପହଞ୍ଚିଲା ଆଉ ଗୋଟିଏ ସମସ୍ୟା - ପାଟି ଫିଟାଇବାକୁ ହେବ । ପାଟି ନ ଫିଟିବା ପର୍ଯ୍ୟନ୍ତ ଏ ସଂସାର କାହାରିକୁ ଶୁଣିବ ନାହିଁ । ଏ ସଂସାର ମଉନ ମୁହାଁ, ପୋତା ମୁହାଁଙ୍କ ପାଇଁ କ୍ୱଚିତ୍ । ଏ ସଂସାର ମୁହଁ ଆଉ

Digitized by srujanika@gmail.com

ପାଟିର ସଂସାର ।" (ନରକିନ୍ନର- (୨୦୧୦) - ପୃଷ୍ଠା - ୬) ନରକିନ୍ନରର ଭାଷା ଅନେକତ୍ର ବ୍ୟଙ୍ଗ-ବିଦ୍ରୂପାତ୍ମକ । ସାଧାରଣ ମଣିଷର ମୁହଁର ଭାଷାକୁ ଛଡ଼େଇ ସେ ତାଙ୍କ ଉପନ୍ୟାସରେ ବ୍ୟବହାର କରିବାରେ ଜଣେ କୃତବିଦ୍ୟ ଶିଳ୍ପୀ । ଏପରି ଭାଷାକୁ ହୁଏତ କେହି ସାହିତ୍ୟିକ କୌଳିନ୍ୟ ବିହୀନ ଭାଷା କହିପାରେ, ମାତ୍ର ଏ ଭାଷାରେ ରହିଛି ଜୀବନୀଶକ୍ତି । ଏ ଭାଷା କୃତ୍ରିମ ନୁହେଁ, ବରଂ ପ୍ରାଣ ପ୍ରାଚୁର୍ଯ୍ୟପୂର୍ଣ୍ଣ ହୃଦୟଛୁଆଁ ଭାଷା - ଯହିଁରେ ରହିଛି ରମ୍ୟବୋଧ । ଏହା ସାଧାରଣ ପାଠକକୁ ଅଭିଭୂତ କରେ । ଯେପରି; "କବିରାଜ ପିଣ୍ଡାରେ ଗଡ଼ପଡ଼ ହଉ ହଉ ଥଣ୍ଡାପବନ ଲାଗି ଜର୍ଜକୁ କେତେବେଳେ ନିଦ ଧରି ଯାଇଚି । ହଠାତ୍ ଚାଉଁକିନା ଚୋକାଟାର ନିଦ ଭାଙ୍ଗିଗଲା । ଚମକି ପଡ଼ି ସେ କାନେଇଲା । କ'ଣ ଗୋଟାଏ ଫଟ୍ ଫଟ୍ ଶବ୍ଦ ତା' ପାଖରେ ଶୁଣି ସେ ଉଠି ବସି ପଡ଼ିଲା । ଉଠିପଡ଼ି ଦେଖେତ ଗୋଟାଏ ଖଣ୍ଡିଆ କୁତ୍ତୀ କେତେବେଳୁ କୁଣ୍ଡଳୀ ପକେଇ ତା' ପାଖେ ଶୋଇଚି । ମଝିରେ ମଝିରେ ତା'ର କଅଣ ହଉଚି କେଜାଣି, ଖୁବ୍ ଜୋର୍‌ରେ ମୁଣ୍ଡଟାକୁ ହଲଉଚି । ଏତେ ଜୋର୍‌ରେ ମୁଣ୍ଡଟା ତାର ହଲୁଥାଏ ଯେ କାନ ଦିଇଟା ଛାଟି ହେଇ ତା ମୁଣ୍ଡରେ ବାରବାର ବାଡ଼େଇ ହେଇ ଫଟ୍‌ଫଟ୍ ହଉଚି ।" (ନରକିନ୍ନର (୨୦୧୦) - ପୃଷ୍ଠା - ୩୬)

ଶାନ୍ତନୁ କୁମାର ଆଚାର୍ଯ୍ୟ 'ନରକିନ୍ନର' ଉପନ୍ୟାସରେ ଅସାଧାରଣ ଚିତ୍ରକଳ୍ପ ପ୍ରୟୋଗରେ ଦେଖାଇଛନ୍ତି ଅପୂର୍ବ ପରାକାଷ୍ଠା । ପ୍ରାକୃତିକ ଜଗତରୁ, ସହରୀ ସଭ୍ୟତାରୁ, ଦୈନନ୍ଦୀନ ଜୀବନରୁ ସଂଗୃହୀତ ଏହି ଚିତ୍ରକଳ୍ପଗୁଡ଼ିକ ଯେପରି ପ୍ରଭାବଶାଳୀ, ସେହିପରି ଧାବତ୍ ଶକ୍ତି ସମ୍ପନ୍ନ । ଏପରି ଚିତ୍ରକଳ୍ପମାନ ପାଠକମନରେ ସୃଷ୍ଟି କରେ ନୂତନ ଉପଲବ୍ଧି । ଏଠାରେ କେତେକ ଉଦାହରଣ ଦେଖନ୍ତୁ;

(୧) "ମଟର ଆଲୁଅରୁ କିଛି ଆଲୁଅ ଛିଟିକି ଆସି ଗଳିଟାକୁ ଝାପ୍‌ସା ଝାପ୍‌ସା କରିଦେଇ ପୁଣି ବିଜୁଳି ମାଇଲା ଭଳି ଉଭେଇ ଯାଉଥାଏ ।"

(ନରକିନ୍ନର - ପୃଷ୍ଠା - ୨୯)

(୨) "ତାର ଡେଙ୍ଗା ଡେଙ୍ଗା ଗୋଡ଼ର ଛାଇ ଦିଇଟା ତାଳ ଗଛ ଭଳି ଲମ୍ବି ପଡ଼ିଥିଲା ବାହାରେ - ରାସ୍ତା ଉପରେ ।" (ନରକିନ୍ନର - ପୃଷ୍ଠା - ୪୦)

(୩) "ସେଇ କିଟିକିଟି ଅନ୍ଧାର ଆଉ ନିଛାଟିଆ ମୁହୂର୍ତ୍ତ କେତୋଟି ଭିତରେ ଗୋଟାଏ ସାମାନ୍ୟ ମାଂସ ପିଣ୍ଡୁଳା ଭଳି ଇତସ୍ତତଃ ହୋଇ ଗଡ଼ି ଗଡ଼ି ଯାଇ ସେ ଅଟକି ଗଲା ।" (ନରକିନ୍ନର - ପୃଷ୍ଠା - ୪୬)

(୪) "ଜର୍ଜର ଆଖିରୁ ଲୁହ ବୋହିଲା । ଗୋଟାଏ ମସ୍ତବଡ଼ ପଥର ତା ଛାତି ଉପରେ ଆସି ଥୋଇ ହେଇଗଲା ଭଳି ତାକୁ ଲାଗିଲା ।" (ନରକିନ୍ନର - ପୃଷ୍ଠା - ୪୭)

(୫) "ଜର୍ଜ ଦେଖିଲା - ଗୋଟାଏ ତୁଳା ଚାଲି - ଯାଇଥିବା ତକିଆଭଳି ସେମେଟା ବୁଢ଼ାଟା ପଡ଼ି ଯାଇଥିଲା ତା ଚଉକିରେ । ତା'ର ତଣ୍ଟି ଉପରେ ଧୋଡ଼କା

Digitized by srujanika@gmail.com

ଚମଡ଼ାଟା ଆବୁଭଳି ଫୁଲିଉଠି କିଛି ଗୋଟାଏ ଜିନିଷ ସେଠି ଚଲାବୁଲା କରୁଥିଲା ଉପରୁ ତଳକୁ ଆଉ ତଳୁ ଉପରକୁ ।" (ନରକିନ୍ନର - ପୃଷ୍ଠା - ୭୩)

(୬) "ସହର ବଜାରର ସେଇ ପୋକ-ମଣିଷ, ସାପ-ମଣିଷ, ମାଛ-ମଣିଷ, ଘୁଷୁରି-ମଣିଷ, ବାଘ-ମଣିଷ ଆଉ ମାଙ୍କଡ଼ ମଣିଷଗୁଡ଼ାଙ୍କୁ ଆଗେ ନଜିର ମିଆଁ ସଙ୍ଗେ ସାଙ୍ଗ ହୋଇ ବୁଲିବାକୁ ଗଲାବେଳେ, ଯୋଉ ଆଖିରେ ଦେଖୁଥିଲା ଜର୍ଜ - ସେଇଭଳି ଗୋଟାଏ ନୀରବ, ନୈରାଶ୍ୟମୟ କୌତୂହଳ ଦୃଷ୍ଟିରେ ସେମାନଙ୍କୁ ଅନାଉଁ ଅନାଉଁ ଜର୍ଜ ସେଇ ଅଙ୍ଗାରଚିତ୍ରଗୁଡ଼ିକର ପ୍ରେମରେଇ ପଡ଼ିଯାଇଥିଲା ।" (ନରକିନ୍ନର - ପୃଷ୍ଠା - ୧୪୯)

(୭) "ଜର୍ଜର ମନେହେଲା ଏକ ଗୋଇଠାରେ ସେ ମାଇକିନା ସମେତ ସାରା ସଂସାରଟାକୁ ଗୋଟାଏ ବଲ୍ ଭଳି ମାରି ଶୂନ୍ୟକୁ ଉଡ଼େଇ ଦିଅନ୍ତା । ଏକ ମୁଥକେ ଏଇ କୁତୁରୁପିଆ, ମିଛୁଆ, ଖଚୁଆ, ଚୋର, ଜୁଆଚୋର ସଂସାରକୁ ଚଟଣି କରି ତାର ବ୍ରହ୍ମ ଉଦର ଭିତରକୁ ଫୋପାଡ଼ି ଦେଇ ହଜମ କରି ଦିଅନ୍ତା ।" (ନରକିନ୍ନର - ପୃଷ୍ଠା - ୧୭୦)

(୮) "ଜର୍ଜ ନଈ ବାଲିକୁ ଚାହିଁଲା । ନରମ ସୂର୍ଯ୍ୟ କିରଣରେ ଝଟକି ଉଠୁଥିବା ନଈର ସୁନାବର୍ଣ୍ଣ ବାଲିଗୁଡ଼ାକୁ ଚାହିଁ ସେ ଭାବିଲା - ଏ ଖୋଲା ପବନ ଯେମିତି ମନଇଛା ମିଳୁଛି ଏ ନଈର ପାଣି ସେମିତି । ମନେକର ଯଦି ଏ ନଈବାଲିଟା ଗୋଟାଏ ଧାନଗଦା ପାଲଟି ଯାଆନ୍ତା ହଠାତ୍ ।" (ନରକିନ୍ନର - ପୃଷ୍ଠା - ୧୭୬)

(୯) "ଝରକାର ମୋଟା ମୋଟା ଲୁହା ରେଲିଂ ଦୁଇଟିର ସଂକୀର୍ଣ୍ଣ ଫାଙ୍କ ପାଖରେ ମୁହଁକୁ ଜାକି, ଦିହକୁ ଜାକି ସେ ଠିଆ ହୁଏ - ସତେ ଯେପରି ଗୋଟେ କୁନି ଚଢ଼େଇ ପରି ଫୁର୍‌ର କିନା ଉଡ଼ିଯିବାକୁ ସେ ଇଛା କରେ, ଝରକାର ସେଇ ଟିକିଏ ଫାଙ୍କରେ ।" (ନରକିନ୍ନର - ପୃଷ୍ଠା - ୨୧୮)

(୧୦) "ଲାଲ୍ ଆଖିକୁ ମିଟ୍ ମିଟ୍ କରି ଦାନ୍ତ ନିକୁଟି ଲୋକଟା ବଜାରୀଙ୍କ ଭଳି ହସୁଥିଲା ।" (ନରକିନ୍ନର - ପୃଷ୍ଠା - ୯)

ନରକିନ୍ନର ଏଭଳି ଶହ ଶହ ଚିତ୍ରକଳ୍ପରେ ହୋଇଛି ବର୍ଣ୍ଣାଢ୍ୟ । ଯହିଁରେ ଫୁଟି ଉଠିଛି ଔପନ୍ୟାସିକଙ୍କ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ ଓ ମନନର ପରିପ୍ରକାଶ ଘଟିଛି ।

ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ 'ନରକିନ୍ନର'ରେ ମାଳମାଳ ନୂଆ ବିଶେଷଣର ପ୍ରୟୋଗ ଦେଖିବାକୁ ମିଳେ । ଯେମିତି; 'ମୁହଁ ମୋଡ଼ା ବାଙ୍କ ହସ', 'ସମ୍ଭ୍ରାନ୍ତ ଆଉ ଖାନ୍ଦାନି ରକ୍ତ', 'ହାରମଜାଦା ନାକ', 'ଅନାଥିନୀ ଗ୍ଲୋବ କନ୍ୟା', 'ପେଚା ଆଖିଆ ଶୁଆ ନାକିଆ ମଣିଷ', 'କୁହୁଡ଼ିଆ ପାଣିବୁନ୍ଦା', 'କୋଇଲା ଧୂଆଁ ମିଶା ଅଳନ୍ଧୁ', 'ସରୁଆ ହଳଦିଆ ଧଳା ମିଶା ଅଙ୍କାବଙ୍କା ଧୂଆଁ ଧାର', 'ନିର୍ବଳୁଆ ଛୋଟ ପିଲା', 'ନିରାଶିଆ ଆଖି', 'ପତଳା ମୁହଁର ନରମ ଚମ', 'କଳାବୋଲା ଛଉଛଉକା ଗେଞ୍ଜି', 'ଓଦା ଝାଳୁଆ ମୁହଁ', 'କାଦୁଆ ଗୋହିରୀ ରାସ୍ତା', 'ଅସିଆ କାଳର ମସିଆ ଘଟଣା',

Digitized by srujanika@gmail.com

'ଡହ ଡହ ଫୁଟନ୍ତା ମରୁଭୂମି', 'ଶିଶୁସୁଲଭ ବିଶ୍ୱାସ', 'ଭୟାଳୁ ମଣିଷ', 'ଧର୍ମପରାୟଣ ଖ୍ରୀଷ୍ଟିୟାନ୍ ମନ', 'ଅନୁଭୂତି ବହିର୍ଭୂତ ଜଡ଼ ବସ୍ତୁ', 'ଦମ୍ ଦମ୍ ଶବ୍ଦ', 'ନିଃସଙ୍ଗ ଏକା ଏକା ସମୟ', 'ଦିବ୍ୟ ସୁନ୍ଦର ନାରୀ ମୂର୍ତ୍ତି', 'ଷ୍ପିଂଦିଆ ପଗଡ଼ିବନ୍ଧା ମୁଣ୍ଡ', 'ମେଞ୍ଚଢ଼ ଟୋକା', 'ଅକପଟ ମୁହଁଭଙ୍ଗୀ', 'ମଦନ ଶରବିଦ୍ଧ ଶରୀର', 'ବାଘୁଆ ନିଶ', 'ଧରାବନ୍ଧା ଗରାଖ', 'ବିକଟାଳ ଚେହେରା', 'ତମ୍ପ ମୁହାଁ ବୁଢ଼ୀ', 'ନିଛାଟିଆ ମୁହୂର୍ତ୍ତ', 'ଅମାବାସ୍ୟା ପୂର୍ବରାତ୍ରିର ଜହ୍ନ', 'ଫୁସ୍ ଫୁସ୍ କଥା', 'ଅଖାଡୁଆ ଚିନ୍ତା' - ଇତ୍ୟାଦି । ଏସବୁ ସହିତ ଧ୍ୱନିପ୍ରଧାନ ସମୋଚ୍ଚାରିତ ଶବ୍ଦମାନଙ୍କର ସମାବେଶ ନରକିନ୍ନରକୁ କରିଛି ସରସ ଓ ରୁଚିଶୀଳ । ଏଠାରେ ଏପରି ଶବ୍ଦର କେତେକ ଉଦାହରଣ ଦିଆଯାଇପାରେ - ଯେପରି, 'ସୁ ସୁ', 'ସଁ ସଁ', 'ଟଳ ଟଳ', 'ଥମ୍ ଥମ୍', 'ଗମ୍ ଗମ୍', 'ଶୁଣ୍ ଶୁଣ୍', 'ଦୁମ୍ ଦୁମ୍', 'କୁଆଁ କୁଆଁ', 'ଥପ୍ ଥପ୍', 'ମିଟି ମିଟି', 'ଜୁକୁ ଜୁକୁ', 'ଗୁଣୁଝୁଣୁ', 'ଚଁ ଚଁ', 'ଖୁଞ୍ଚ୍ ଖୁଞ୍ଚ୍', 'ତୋନାଲ ମୋନାଲ' 'ଆବୁର ଜାବୁର', 'କନ୍ କନିଆ', 'ଢେଗାଢେଗା', 'କଳା ମଚ୍ ମଚ୍', 'ଖାଁ ଖାଁ', 'ଧାଁ ଧପଡ଼', 'ଧଡ଼ପଡ଼', 'ଲମ୍ଭା ଲମ୍ଭା', 'ପାଇଚି ପାଇଚି ପାଇଚି', 'ହାଃ ହାଃ ହାଃ', 'ଗାରିଆ ମାରିଆ', 'ଏଣୁ ତେଣୁ', 'ଗୁଇଁ ପୁଇଁ', 'ନାଇଁ ନାଇଁ ନାଇଁ, 'ବଲବଲ୍' 'କଟ୍‌ମଟ୍', 'ଚିଆଁଇ ଚିଆଁଇ', 'ହୁଁ ହୁଁ', 'ଫଟ୍ ଫଟ୍', 'ଭୋକ ଫୋକ' - ପ୍ରଭୃତି ।

ସୁତୀକ୍ଷ୍ଣ ବ୍ୟଙ୍ଗ ଓ ପରିହାସବୋଧ ଶାନ୍ତନୁକୁମାରଙ୍କ ଉପନ୍ୟାସର ବିଶେଷତ୍ୱ । 'ନରକିନ୍ନର'ର ଭାଷା ଅନେକାଂଶରେ ବ୍ୟଙ୍ଗ- ବିଦ୍ରୂପାତ୍ମକ । ଚରିତ୍ରଗୁଡ଼ିକର କଥୋପକଥନ, ସେମାନଙ୍କ ଜୀବନ ଜିଜ୍ଞାସା ଓ ସାମାଜିକ ସ୍ଥିତି ମଧ୍ୟରେ ଲେଖକଙ୍କର ବ୍ୟଙ୍ଗାତ୍ମକ ଦୃଷ୍ଟି ବାରି ହୋଇପଡ଼େ, ଯେମିତି; "କିନ୍ତୁ ବିଶ୍ୱାସଘାତକତା ଥିଲା ତାଙ୍କ ରକ୍ତରେ । ତା'ର ଉଞ୍ଚା ନାକ ଦେଖି କେହି କେହି ଏ ସନ୍ଦେହ ପୂର୍ବରୁ କରିଥିଲେ । ଏ ନାକଟା ଯେ ତା ମା'ପଟୁ ଆସିଥିଲା, ସନ୍ଦେହ ନଥିଲା ଏଥିରେ । କାରଣ ତା ବାପର ନାକ ବୋଲି କିଛି ଗୋଟାଏ ଜିନିଷ ନଥିଲା କହିଲେ ଚଳେ । ବହୁ ପୁରୁଷ ଧରି ସେମାନେ ରାଜାରାଜୁଡ଼ାଙ୍କ ଘରେ କ୍ରୀତଦାସ ହୋଇ ରହିଥିଲେ ଓ ପୁରୁଷ ଧରି ରାଜା ଆଉ ରାଣୀଙ୍କର ପାଦ ତଳେ ନାକ ଘଷିବା ହେତୁ ବଂଶାନୁକ୍ରମିକ ଭାବେ ସେମାନଙ୍କର ନାକ ଛୋଟ, ଚେପ୍‌ଟା ଆଉ ନରମ ହୋଇ ଯାଇଥିଲା ବି । କିନ୍ତୁ ସେ ବଂଶରେ ଏଇ ଟୋକାଟାର ନାକଟାଇ ଥିଲା ଏକ ବ୍ୟତିକ୍ରମ ।" (ନରକିନ୍ନର - ପୃଷ୍ଠା - ୨୬୬) ଔପନ୍ୟାସିକ ଅଦ୍ଭୁତ ଯୁକ୍ତି, କାର୍ଯ୍ୟକାରଣ ଦ୍ୱାରା ଏହିପରି ହାସ୍ୟୋଦ୍ଦୀପକ ଗଦ୍ୟର ଅବତାରଣା କରିଛନ୍ତି ।

ଶାନ୍ତନୁ କୁମାର ଆଚାର୍ଯ୍ୟ ତାହାଙ୍କ ନରକିନ୍ନରରେ ସମକାଳୀନ ସମାଜରେ ମୁଖାପିନ୍ଧା ମଣିଷର ଧୂର୍ତ୍ତ କାରବାର, ସେମାନଙ୍କର ଭଳିକି ଭଳି ବେଶକୁ ଦକ୍ଷତାର ସହ

Digitized by srujanika@gmail.com

ବର୍ଣ୍ଣନା କରିବାକୁ ଭୁଲି ନାହାନ୍ତି । ମଣିଷର ଛଳନା, ବୃଥା ଚାକଚକ୍ୟ, ଆଟୋପକୁ, ସେ ଲକ୍ଷ୍ୟ କରି ଲେଖିଛନ୍ତି; "ଅସରନ୍ତି ମଣିଷଙ୍କର ଅସରନ୍ତି ରୂପ ଅଛି । ଏ ଦୁନିଆରେ ଖାଲି ରୂପର ଭେଳିକି ଲାଗିଚି । କିଏ କେତେବେଳେ କୋଉ ବେଶ ପିନ୍ଧି ବାହାରୁଚି, ସେକଥା ବୁଝିବା, କଳିବା ମଣିଷ ମୁଣ୍ଡ ପକ୍ଷେ ଅସମ୍ଭବ । ତେବେ ଏ ଅସରନ୍ତି ରୂପ ଶୋଭାଯାତ୍ରାରୁ ଜର୍ଜ ଖୋଜି ଖୋଜି ବାହାର କରେ ତା'ର ମନ ଲାଖି ଗୋଟିଏ ତଥ୍ୟ । ସେ ଦେଖୁଥିଲା - ଏ ସଂସାରରେ ଯିଏ ଯାହା ପ୍ରକୃତରେ ନୁହେଁ, ସେଇଆ ହେଇ ପାରିଲେ ବା ସେଇଭଳି ବେଶ ପିନ୍ଧିଲେ ତାର ବେଶି ଆଦର ଥାଏ ଅନ୍ୟମାନଙ୍କ ଭିତରେ । ତା ପେଟ ଭଲ ପୋଷାଏ । ସେ ଠିକ୍ ମଣିଷ ବୋଲି ସଂସାର କହେ ।" (ନରକିନ୍ନର -ପୃଷ୍ଠା - ୬୧) ଏ ଗ୍ରନ୍ଥରେ ଏପରି ସଂଳାପଧର୍ମୀ ଗଦ୍ୟ ଅନେକତ୍ର ରହିଛି ।

'ନରକିନ୍ନର' ଚେତନା ପ୍ରବାହ ଶୈଳୀରେ ରଚିତ ଉପନ୍ୟାସ । ଏହାକୁ ଇଂରେଜୀ ସାହିତ୍ୟରେ ନୀରବ ଆଭ୍ୟନ୍ତରୀଣ ସ୍ୱଗତଃ କଥନ ମୂଳକ ଉପନ୍ୟାସ (The Novel of Internal Monologue) ମଧ୍ୟ କହନ୍ତି । ଫରାସୀ ସାହିତ୍ୟରେ ଏହା ବିଶ୍ଳେଷଣଧର୍ମୀ ଉପନ୍ୟାସ (Analytical Novel) । ଏ ଧରଣର ଶୈଳୀରେ ଔପନ୍ୟାସିକ ଚରିତ୍ର ସହ ଏକାତ୍ମ ହୋଇ ତା'ର ଜୀବନାନୁଶୀଳନ କରିଥାଏ । ଏଥିରେ ଜୀବନର ଖଣ୍ଡିତାଂଶକୁ ନେଇ ଲେଖକ ଚର୍ଚ୍ଚା କଲେ ସୁଦ୍ଧା ପାଠକ ଏଥିରୁ ଜୀବନ ସଂପର୍କରେ ବହୁ ରହସ୍ୟ ଭେଦ କରେ । ମଣିଷର ଚେତନ, ଅଚେତନ, ଅବଚେତନର ଯାବତୀୟ ଅଜ୍ଞାତ ପ୍ରସଙ୍ଗର ଅବତାରଣା ଏଥିରେ କରାଯାଇଥାଏ । ଅନ୍ଧାରୀ ମନର ଗହନ କଥାକୁ ପ୍ରକଟ କରିବାରେ ଶାନ୍ତନୁ କୁମାରଙ୍କ ଏହି ଉପନ୍ୟାସଟି ଏକ ବଳିଷ୍ଠ ପଦକ୍ଷେପ ।

ନାଟକୀୟ ରୀତିରେ ଔପନ୍ୟାସିକ 'ନରକିନ୍ନର' ଆରମ୍ଭ କରିଛନ୍ତି ଓ ଏହାର ପରିଣତି ମଧ୍ୟ ନାଟକୀୟ । ନାଟକର ଦୃଶ୍ୟ ପରି ଏ ଉପନ୍ୟାସର ଚରିତ୍ରମାନେ ଜୀବନ ସଂପର୍କିତ ସତ୍ୟ ପ୍ରକାଶ କରିଛନ୍ତି । ଅନ୍ଧାରୁଆ ଉତ୍ତପ୍ତ ଅବଚେତନ ରାଜ୍ୟର ଝାପ୍‌ସା ଝାପ୍‌ସା ଦୃଶ୍ୟ ଦେଖାଇବାରେ ସଫଳତା ଅର୍ଜ୍ଜିଛନ୍ତି ଔପନ୍ୟାସିକ । ଭୟଙ୍କର ସ୍ୱପ୍ନ, ଅପ୍ରତ୍ୟାଶିତ ପରିସ୍ଥିତି, ଆଶୁ ବିସ୍ମୟକର ଘଟଣାରାଜିର ସମାବେଶ ଏ ଉପନ୍ୟାସକୁ ଅନେକତ୍ର କରିଛି ଅତି ନାଟକୀୟ (Melo dramatic) । ଏହାଦ୍ୱାରା ନରକିନ୍ନର ପାଠକକୁ ଆତ୍ମୀୟତା ସୂତ୍ରରେ ବାନ୍ଧିଦିଏ । ନାଟକୀୟ ଛଟା, ପ୍ରତୀକଧର୍ମୀ ଭାଷା, ଅତି ସାଧାରଣ ବିଷୟକୁ ଆପଣାର ସୂକ୍ଷ୍ମ ବିଶ୍ଳେଷଣ ଶକ୍ତିରେ ଅସାଧାରଣ ରୂପ ପ୍ରଦାନ ଦ୍ୱାରା ନରକିନ୍ନର ପାଠକ ସମାଜରେ ହୋଇଛି ଗ୍ରହଣଶୀଳ ।

ଶାନ୍ତନୁକୁମାରଙ୍କ 'ନରକିନ୍ନର'ର ପରିବେଷଣ ବୈଚିତ୍ର୍ୟ ଏହାକୁ କେବଳ ଗଦ୍ୟ ମହାକାବ୍ୟର ଗୌରବ ଦେଇନାହିଁ; ଅଧିକନ୍ତୁ ଏହାକୁ କରିଛି ବିଶ୍ୱତୋମୁଖୀ ସାହିତ୍ୟ । ଏ ସଂପର୍କରେ ଶେଷରେ ଲେଖକଙ୍କ ଉକ୍ତି ଉଦ୍ଧାର କଲେ ଯଥେଷ୍ଟ ହେବ ।

Digitized by srujanika@gmail.com

ତାହା ହେଉଛି; "ବିଶ୍ୱର ପ୍ରତ୍ୟେକ ଅଞ୍ଚଳରେ ଆଜିର ବିଶ୍ୱସଚେତନ କବି, ସାହିତ୍ୟିକ, ଆଞ୍ଚଳିକ ଭାଷାକୁ ଆଶ୍ରୟ କରି ଯାହାକିଛି ଲେଖୁଥାଉ ପଛେ ତା'ର ମାନସିକ ପୃଷ୍ଠଭୂମିଟି ଆଲୋକିତ ହେଉଛି ଏକ ବିଚିତ୍ର ଆଲୋକରେ । ଏଇ ଆଲୋକର ତୀବ୍ରତା ସମ୍ମୁଖରେ ବସ୍ତୁ ପାଲଟି ଯାଉଛି ଅତିବାସ୍ତବ, ମନ ପାଲଟି ଯାଉଛି ଅତି ମାନସ, କାଳ ହେଉଛି କାଳାତୀତ, ସ୍ଥାନ ପାଲଟୁଛି ସ୍ୱପ୍ନ ସମ୍ଭୂତ । ବସ୍ତୁନିଷ୍ଠତାରୁ ଆପେ ଆପେ ଉତ୍ତୀର୍ଣ୍ଣ ହେଉଛି ମାନବିକ ଅଭିବ୍ୟକ୍ତି ଅନ୍ୟ ଏକ ଇଲାକାକୁ । ଏହାହିଁ ଶ୍ରୀଅରବିନ୍ଦଙ୍କ ପରି ଦ୍ରଷ୍ଟାମାନେ ଭବିଷ୍ୟତର କାବ୍ୟର ଇଲାକା ରୂପେ ଠାବ କରି କହିଛନ୍ତି - ଆତ୍ମନିଷ୍ଠ ସାହିତ୍ୟ ବା ସବ୍‌ଜେକ୍ଟିଭ୍ ଲିଟରେଚରର ସମୟ ଆସିଯିବ ବିଶ୍ୱସାହିତ୍ୟରେ ଅତିଶୀଘ୍ର । ସେଇ ସମୟ ଆସି ସାରିଛି ସେଇ ୧୯୫୦ କ୍ରାନ୍ତି କାଳର ଆରମ୍ଭରୁ । ୧୯୬୨ରେ ନରକିନ୍ନର ପ୍ରକାଶ ପାଇଲା ବେଳେ ସେଇ ବିଚିତ୍ର ଆଲୋକ ମୋର ମାନସିକ ପୃଷ୍ଠଭୂମିକୁ ଆଲୋକିତ କରିଥିଲା ବର୍ଷାଧିକ କାଳ । ତାର ଦଶବର୍ଷ ତଳେ ୧୯୫୨ ଖରାଛୁଟିରେ, ହଠାତ୍ ଠେଲି ହୋଇ ଚାଲିଯାଇଥିଲି ମୃତ୍ୟୁର ଦ୍ୱାର ଦେଶ ପର୍ଯ୍ୟନ୍ତ । ବିଜ୍ଞାନର ବାସ୍ତବତା ଓ ଆଧ୍ୟାତ୍ମିକତାର ଅତିବାସ୍ତବତା ଦ୍ୱନ୍ଦ୍ୱରେ ଚିପି ହୋଇ ମୋର ଅଦ୍ଭୁତ ସ୍ଥିତିକୁ ଆବିଷ୍କାର କରିଥିଲି ମୁଁ ଅତ୍ୟନ୍ତ ନିଗୂଢ଼ ଭାବେ ସେଇ ଦଶନ୍ଧିର ଅନ୍ତରାଳରେ । 'ନରକିନ୍ନର'ର ଉତ୍ପତ୍ତି ସେଇ ଦ୍ୱନ୍ଦ୍ୱାତ୍ମକତାରୁ । ପ୍ରତୀକାତ୍ମକ ଭାବେ ସେଇ ଦ୍ୱନ୍ଦ୍ୱର ଅଭିବ୍ୟକ୍ତି ହିଁ ନରକିନ୍ନର ।" (ତେତିଶ ବର୍ଷ ପଛକୁ ଚାହିଁଲେ - ନରକିନ୍ନର - ପୃଷ୍ଠା - ୭-୮)

◆

Digitized by srujanika@gmail.com

ଶାନ୍ତନୁଙ୍କ ଶୈଳୀ-ସୌନ୍ଦର୍ଯ୍ୟ ଓ ନରକିନ୍ନର

ଡକ୍ଟର ନଟବର ଶତପଥୀ

ଶାନ୍ତନୁ (କୁ. ଆଚାର୍ଯ୍ୟ-୫/୧୯୩୩)ଙ୍କ ପ୍ରଥମ ଉପନ୍ୟାସ ନରକିନ୍ନର ପ୍ରକାଶ ପାଏ ୧୯୬୨ରେ । ସେତେବେଳକୁ ସେ ରସାୟନ ବିଜ୍ଞାନର ନୂଆ ଅଧ୍ୟାପକ । ବୟସ ୨୮/୨୯, ଏହାର ୩/୪ ବର୍ଷ ପୂର୍ବରୁ ସେ ଲେଖିଥିବେ, ଅର୍ଥାତ୍ ମାତ୍ର ୨୫/୨୬ ବର୍ଷ ବୟସରେ (ବୋଧହୁଏ ଅବିବାହିତ ଯୁବକ) । ସେ ଲେଖିଛନ୍ତି ଏପରି ଏକ ଉପନ୍ୟାସ, ଯାହା ଓଡ଼ିଆ ସାହିତ୍ୟରେ ଅଦ୍ୟାବଧି ଅନତିକ୍ରମ୍ୟ ଏକ ଶୈଳୀର ପ୍ରତିଷ୍ଠା କରିଛି । ସ୍ଥିତିବାଦୀ ଦର୍ଶନର ଜିଜ୍ଞାସା ଓ ଅନ୍ୱେଷଣରେ ଅନନ୍ୟ ହୋଇ ରହିଛି । ସେଇ ବୟସରେ (ଅବଶ୍ୟ ପ୍ରତିଭାର ବୟସ ନଥାଏ - କିନ୍ତୁ ଅନୁଭୂତି ଓ ଅଭିଜ୍ଞତା ?) ଏ ଉପନ୍ୟାସ । ଓଡ଼ିଆ ଗଦ୍ୟର କୌଣସି ଧାରା ଏଥିରେ ଅନୁସୃତ ନୁହେଁ । ଭାବ, ଭଙ୍ଗୀରେ ମୌଳିକତା । ବିଷୟଟି ପରମ୍ପରାରୁ ପୃଥକ; ପୁଣି ଜଟିଳ ଅନୁଭବର ଗିରି କନ୍ଦରରୁ ଉତ୍ପନ୍ନ ଝରଣା ପରି । ଏପରି ଏକ ବିଷୟକୁ ସାଧାରଣ କଥିତ ଭାଷାରେ ସ୍ୱତଃପ୍ରବୃତ୍ତ କଳନାଦିନୀ ଝରଣାର ମୃଦୁଗତି ପରି ପ୍ରବାହିତ କରିଦେବା କ୍ଷମତା ମଧ୍ୟ ବିସ୍ମୟକର । ଅଭିବ୍ୟକ୍ତି ଦକ୍ଷତା ସେଇ ପ୍ରାଥମିକ କାଳରୁ ଓଡ଼ିଆ ସାରସ୍ୱତ ସ୍ରଷ୍ଟାମାନଙ୍କ ଜଗତରେ ତାଙ୍କୁ ପୃଥକ କରି ଚିହ୍ନାଇଛି । ଏହା ପରେ ପରେ 'ଶତାବ୍ଦୀର ନଚିକେତା' (୬୫), 'ତିନୋଟି ରାତିର ସକାଳ' (୬୯), ଦକ୍ଷିଣାବର୍ତ୍ତ (୭୩) ପ୍ରଭୃତି ରଚନା ବେଳକୁ ଅର୍ଥାତ୍ ୩୪/୩୫ ବର୍ଷ ବୟସ ମଧ୍ୟରେ ସେ ପ୍ରତିଷ୍ଠାର ଗର୍ଭଗୃହରେ ଆକର୍ଷଣୀୟ ବିଗ୍ରହ ତୁଲ୍ୟ । ସ୍ୱତନ୍ତ୍ର ଏବଂ ପୃଥକ୍ ପୃଥକ୍ ଭାବ, ଭଙ୍ଗୀ ଓ ଭାଷା । ତାଙ୍କ ପୂର୍ବସୂରୀ ସ୍ରଷ୍ଟା କାହ୍ନୁଚରଣ, ଗୋପୀନାଥ ପ୍ରମୁଖ ଉପନ୍ୟାସ ରଚନାରେ ଅଶେଷ କୃତିତ୍ୱ ଦେଖାଇଥିଲେ । ଭାଷା ଓ ଭଙ୍ଗୀରେ ଗ୍ରନ୍ଥ ଗ୍ରନ୍ଥ ମଧ୍ୟରେ ବିଶେଷ ବୈଚିତ୍ର୍ୟ ଦ୍ରଷ୍ଟା

Digitized by srujanika@gmail.com

ନଥିଲେ । ମାତ୍ର ଶାନ୍ତନୁଙ୍କ ବୈଚିତ୍ର୍ୟ ରଚନାର ଆରମ୍ଭରୁ ହିଁ ସ୍ପଷ୍ଟ । ଏ ବୈଚିତ୍ର୍ୟ ଅବ୍ୟାହତ ରହିଛି ପରବର୍ତ୍ତୀ ରଚନାମାନଙ୍କରେ । ଯଥା - 'ଯାତ୍ରାର ପ୍ରଥମ ପାଦ' (୭୪), 'ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତବର୍ଷ' (୭୭), 'ଶକୁନ୍ତଳା' (୮୦), 'ମନ୍ତ୍ରୀଙ୍କ ସେୟାର' (୮୮), 'ଧରିତ୍ରୀର କାନ୍ଦ' (୯୪) ଏବଂ 'ଅନୁ ହଜିଯିବା ପରେ' (୯୬-ବିଦ୍ୟାପୁରୀ) । ଏହି ୧୦ଟି ଉପନ୍ୟାସରେ ପାଠକ ଅଲଗା ରୁଚିର ସ୍ୱାଦ ପାଇଥାଏ । କଥାବସ୍ତୁର ପରିବେଶ ଭିନ୍ନ; ଘଟଣା, ଚରିତ୍ର ଓ ଅଭିବ୍ୟକ୍ତିର ଶୈଳୀ ନୂଆ ନୂଆ । ସ୍ରଷ୍ଟା ସର୍ବତ୍ର, ଜୀର୍ଣ୍ଣବସ୍ତ୍ର ଫିଙ୍ଗି ନୂଆବସ୍ତ୍ର ପିନ୍ଧୁଥିବା ଆତ୍ମା ପରି, ନୂତନତାରେ ପ୍ରଗଲ୍‌ଭ, କାରୟିତ୍ରୀ ପ୍ରତିଭା । ନୂଆର ମୁହାଁମୁହିଁ ହେବାବେଳେ ପୁରାତନର ମୋହ ଆଛନ୍ନ କରେ ନାହିଁ । ଅତୀତର କାବ୍ୟିକ ସଂସ୍କାର ଅନେକ ସମୟରେ ସ୍ରଷ୍ଟାଙ୍କୁ ମାୟାଛନ୍ନ କରି ରଖିବାର ସମ୍ଭାବନା ଥାଏ ଏବଂ ଜଗତରେ ସତତ ଏହା ଦେଖାଯାଏ, ମାତ୍ର ଶାନ୍ତନୁ ବାବୁ ବାସ୍ତବରେ ଏତାଦୃଶ ରଙ୍ଗମଞ୍ଚୀୟ ମାୟାଛନ୍ନତାରୁ ମୁକ୍ତ । ମନେହୁଏ, ତାଙ୍କର ଅନ୍ୱେଷଣ ଅଭିଯାତ୍ରୀ ସୃଜନ-ପ୍ରତିଭା ସ୍ୱର୍ଗାରୋହଣ ପଥରେ ଧର୍ମରାଜ ଯୁଧିଷ୍ଠିର । ପ୍ରତିଭାର ସବୁଠାରୁ ବଡ଼ ପରିଚୟ ଓ କରାମତି ସମ୍ଭବତଃ ଏଇଠି - 'ପଛକୁ ଫେରି ନ ଚାହିଁବା' - ଅନ୍ୟ ଏକ ଅଦୃଶ୍ୟ ଜଗତର ଆକର୍ଷଣରେ ଆତ୍ମୀୟମାନଙ୍କର ପଛରୁ ଡାକ ସତ୍ତ୍ୱେ ତାକୁ ହେଣ୍ଟି ଦେଇ ଆଗେଇ ଯିବା । କାରଣ ପୃଷ୍ଠଦେଶରୁ ବନ୍ଧନର ମୋହନାଶର ସତତ ଛୁଟେ । ପୁନଶ୍ଚ ଶାନ୍ତନୁଙ୍କ କ୍ଷେତ୍ରରେ ଆଉ ଏକ ସ୍ୱାତନ୍ତ୍ର୍ୟ ଯେ ରାଶି ରାଶି ଗଳ୍ପ ମଧ୍ୟରେ ପୁନରାବୃତ୍ତି ବିରଳ । ପାଠକର ରସାସ୍ୱାଦନ ଜନିତ ପୁଲକ ଭାବନାନ୍ତରରେ ମଧ୍ୟ କ୍ଷୁର୍ଣ୍ଣ ହୁଏ ନାହିଁ । ସ୍ରଷ୍ଟାର ଅଭିଜ୍ଞତା ସାଙ୍ଗକୁ କଳ୍ପନାର ପରିସର ବଢୁଥାଏ, ବଢୁଥାଏ ଜୀବନ ପ୍ରତି ଦିବ୍ୟବୋଧ, ଉର୍ଜସ୍ୱଳ ହେଇଉଠୁଥାଏ ଅନ୍ଧ ଦିଗନ୍ତର ରହସ୍ୟଗୁଡ଼ିକ । ନୂଆ ଐଶ୍ୱର୍ଯ୍ୟର ଆଲୋକ ପୁରୁଣାର ଖୋଳପା ଖସାଇ ଦଉଥାଏ, ପ୍ରତ୍ୟେକ ବସନ୍ତର ନୂଆ ପତ୍ର ପରି ଜୀବନର ଔଜଲ୍ୟ ଭିନ୍ନ ହୋଇ ଉଠୁଥାଏ । ପ୍ରାକୃତିକ ଜଗତର ସ୍ୱାଭାବିକ ପରିବର୍ତ୍ତନ ବା କୌଣସି ରୂପାନ୍ତର ପରି ଚେତନାର ରୂପାନ୍ତର ଯଦି ଅବଶ୍ୟମ୍ଭାବୀ, ତେବେ ତା'ର ଅଭିବ୍ୟକ୍ତିରେ ଭିନ୍ନତା ମଧ୍ୟ ଧ୍ରୁବ ସତ୍ୟ । ସାହିତ୍ୟରେ ଏପରି ଲକ୍ଷଣର ପ୍ରତୁଳତା ଉପରେ ତା'ର ବୈଚିତ୍ର୍ୟ ଓ ସମୃଦ୍ଧି ନିର୍ଭର କରେ ନିଶ୍ଚୟ । ଶ୍ରୀଯୁକ୍ତ ଆଚାର୍ଯ୍ୟ ସେହିପରି ବୈଚିତ୍ର୍ୟ ଓ ସମୃଦ୍ଧିର ଜଣେ କର୍ଣ୍ଣଧାର ।

ସେଇ ଆଦ୍ୟକାଳରେ ଶାନ୍ତନୁବାବୁ ଓଡ଼ିଆ ଉପନ୍ୟାସରେ ଯେଉଁ ଚମକ ଆଣିଥିଲେ, ତାହା ବାସ୍ତବତାର କେଉଁ ଏକ ଭୂମିରୁ ଉଠି ଯାଇ ଛୁଇଁଥିଲା ଅତିବାସ୍ତବତାର ଜଗତ । ଲେଖକ ସ୍ୱୟଂ ଥିଲେ ଛାତ୍ର-ବିଜ୍ଞାନର; ସଂସ୍କାର କିନ୍ତୁ ଥିଲା ଆଧ୍ୟାତ୍ମିକତାର । ପରିବାରର ଓ ବ୍ୟକ୍ତିଗତ ରୁଚିର ପ୍ରଭାବରେ ଅଫୁରନ୍ତ ଶକ୍ତିର ଉତ୍ସ ରୂପେ ସେ ଚିହ୍ନିଥିଲେ ଆଧ୍ୟାତ୍ମିକତାକୁ । ବିଜ୍ଞାନ ଓ ଆଧ୍ୟାତ୍ମିକତା-ମଧ୍ୟରେ କେଉଁଟି ସର୍ବମୂଳ; ଅନ୍ୱେଷାର

Digitized by srujanika@gmail.com

ପଥ ? ଗୋଟିଏ ଆଧୁନିକ ଯୁକ୍ତିବୋଧର ଜନକ, ଅନ୍ୟଟି ଶାଶ୍ୱତର ବାର୍ତ୍ତାବହ, ଛିନ୍ନମୂଳ ମଣିଷର ତ୍ରାଣକର୍ତ୍ତା । କେଉଁଟି ସର୍ବାନ୍ତକରଣରେ ଗ୍ରାହ୍ୟ ? ଅବଶ୍ୟ ଏ ଦ୍ୱନ୍ଦ୍ୱ ପ୍ରାଥମିକ ସ୍ତରର ଧୂମାଭ୍ର ଚେତନାର । ସେଇ ଦ୍ୱନ୍ଦ୍ୱରେ ପଡ଼ି ସେ ଆକସ୍ମିକ ଭାବେ ପରଟି ପ୍ରତି ଉନ୍ମୁଖ ହୋଇଉଠିଲେ ଏବଂ ହୃଦ୍‌ବୋଧ ହେଲା, ତାହାହିଁ ତାଙ୍କୁ ବିଜ୍ଞାନର ଗରଳ ଭକ୍ଷଣରୁ ରକ୍ଷା କରିଛି । ଶରୀରର ନୁହେଁ, ଆତ୍ମାର ଅନ୍ୱେଷଣ ପାଇଁ ଛୁରି ଛାଡ଼ି କଲମ ଧରାଇଛି (ଧରିତ୍ରୀର କାନ୍ଦ - ଦ୍ରଷ୍ଟବ୍ୟ ୧୬ ଓ ୧୯ ଭାଗ) । ଛାତ୍ରାବସ୍ଥାରେ ଏପରି ଏକ ମାନସିକ ସଂଘର୍ଷ ଭିତରେ ଲାବୋରଟାରିରେ ବିଜ୍ଞାନ ପରୀକ୍ଷା ପରିବର୍ତ୍ତେ ମାନସ ଭୂମି ତାଙ୍କର ପାଲଟିଗଲା କଳାର ଲାବୋରଟାରି । ସେ ଅବଶ୍ୟ ଉଭୟ ବିଜ୍ଞାନ ଓ କଳାର କଳ୍ପନା ଖେତର ଅଦୃଶ୍ୟ ଭୂମିକୁ ଦୃଶ୍ୟଭୂମି ଭିତରେ ବାନ୍ଧିଦେବା ପାଇଁ ସମର୍ଥ ପ୍ରତିଭାର ଅଧିକାରୀ । ଅସୀମକୁ ସସୀମ ଭିତରେ ଅଥବା ସସୀମକୁ ଅସୀମ ଭିତରେ ଯେଉଁମାନେ ସର୍ବଦା ଦେଖିଥା'ନ୍ତି, ସେମାନେ ଯଥାକ୍ରମେ ବିଜ୍ଞାନୀ ଓ ସାହିତ୍ୟିକ । କିନ୍ତୁ ଶାନ୍ତନୁ ବାବୁ ଏ ଦୁଇଟିକୁ ମିଶାଇ ଦେବାକୁ ତତ୍ପର । ଦୃଷ୍ଟିରେ ବିଜ୍ଞାନର ତୀକ୍ଷ୍ଣତା, ଅନୁଭବରେ ଆଧ୍ୟାତ୍ମିକତାର ସୂକ୍ଷ୍ମତା-ଗୋଟିଏ ବାସ୍ତବତାର ଓ ଅନ୍ୟଟି ରହସ୍ୟର । ପ୍ରଥମଟି ପର୍ଯ୍ୟବେକ୍ଷଣର ଶକ୍ତି ଦେଇଥିବାବେଳେ ପରଟି ଦେଇଛି ସର୍ବଭୂତରେ ଆନନ୍ଦର ବିହ୍ୱଳତା । ବିଜ୍ଞାନର କରିସ୍ମା ଓ ସାହିତ୍ୟର ଆନନ୍ଦ ଶାନ୍ତନୁଙ୍କ ସ୍ରଷ୍ଟାପୁରୁଷ ପାଇଁ ଗୋଟାଏ ବିରାଟ କାନଭାସ ତିଆରି କରିଛି । ସେ ବିଜ୍ଞାନର ବିଷୟକୁ କାନଭାସ ଉପରକୁ ଉଠାଇ ନାହାଁନ୍ତି, ସେଥିରେ ଉକୁଟାଇଛନ୍ତି ମଣିଷର ବିଚିତ୍ର ମନର ରୂପକୁ - ଯେଉଁଠି ଯୁଗପତ୍ ରହିଛି ବିସ୍ମୟ ଓ ଆନନ୍ଦ, ସରଳତା ଓ ଜଟିଳତା, ଅଜ୍ଞତା ଓ ବିଜ୍ଞତା, ସ୍ୱପ୍ନ ଓ ପରାଜୟ । ପରିବେଶ, ଘଟଣା, ଚରିତ୍ର କାଳାନୁବର୍ତ୍ତିତାକୁ ଅତିକ୍ରମ କରି ଓହ୍ଲେଇ ପଡ଼ିଛନ୍ତି ନୈର୍ବ୍ୟକ୍ତିତାର ଭୂମିରେ; ଯେଉଁ ଭୂମି ପୁନଶ୍ଚ ଅସମତଳ, ବହୁ କଂକରିଳ; ଅତିବାସ୍ତବତାର ଭୂମି ପରି ଗଡ଼ାଣି ଉଠାଣିର ସୋପାନ ଶ୍ରେଣୀ ପରିବୃତ । ନିଜେ ଲେଖକ ଅନୁଭବ କରିଛନ୍ତି ଏବଂ କହିଛନ୍ତି - "ଆଧୁନିକ ମଣିଷ ନିଜେ ଗୋଟିଏ ସରଳ ଜନ୍ତୁ ନୁହେଁ, ତାକୁ ଧରିବାକୁ ହେଲେ ଜଟିଳ ଫାଶଟିଏ ଦରକାର ।" (ସମାଜ-୧୬/୧/୯୪ ସାକ୍ଷାତକାର) । ଜଟିଳ ମଣିଷର ମନ ସବୁ ଖେଳର ଗନ୍ତାଘର । ସେଇଠି ରହିଛି ବିଜ୍ଞାନ, ଆଧ୍ୟାତ୍ମିକତା, ଭୟ ଓ ଭକ୍ତିର ବାଘ ଭାଲୁ ପୁଣି ଗୀତା ଓ କୋରାନ । ମଣିଷ ସମ୍ବନ୍ଧରେ ଏଇ ସତ୍ୟର ଅନୁସନ୍ଧାନ କଲାବେଳେ ଯେ କୌଣସି ସ୍ରଷ୍ଟା ଚାରିତ୍ରିକ ବୈଚିତ୍ର୍ୟର ସଫଳ ରୂପାୟନ ପାଇଁ ଜଟିଳ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ପଦ୍ଧତିର ଆଶ୍ରୟ ନେବାକୁ ବାଧ୍ୟ । ଏଣୁ ମନସ୍ତତ୍ତ୍ୱ ହୋଇଉଠେ ଚରିତ୍ର ଅଧ୍ୟୟନର ସ୍ରଷ୍ଟାର ଚାବିକାଠି ।

ଶାନ୍ତନୁ ଏଇ ପର୍ଯ୍ୟାୟରେ ବଡ଼ ଦୁର୍ବୋଧ୍ୟ ମନେ ହୁଅନ୍ତି । ଅଭିଯୋଗ ହୁଏ ଯେ ତାଙ୍କର ଭାବବୋଧକୁ ଗ୍ରାସ କରିଥାଏ ଯୌନଚିତ୍ର । ଏ ଅଭିଯୋଗ ସମ୍ପର୍କରେ ସେ

Digitized by srujanika@gmail.com

କୁହନ୍ତି "ଯୌନ ଶବ୍ଦଟା କାନକୁ ଅଶ୍ଳୀଳ ଶୁଭିବାରୁ ତାହାର ଶ୍ଳୀଳ ସଂସ୍କରଣ 'ପ୍ରେମ'କୁ ରୋମାଣ୍ଟିକ କବିମାନେ ମଧ୍ୟଯୁଗରେ ବ୍ୟବହାର କରୁଥିଲେ, କାବ୍ୟ କବିତାରେ, ଏପରିକି ଧର୍ମଗ୍ରନ୍ଥରେ । ତେବେ ପ୍ରେମର ବାସ୍ତବ ରୂପ ଯୌନ ନୁହେଁ, ମାନବିକ ସମ୍ପର୍କ ହିଁ ପ୍ରେମ । ପ୍ରେମରେ ନାରୀପୁରୁଷ ସମ୍ପର୍କକୁ ଅତିକ୍ରମ କରିହୁଏ । ତେଣୁ ଉପନ୍ୟାସରେ ଯୌନାନୁଶୀଳନ ଏକ ପ୍ରାଥମିକ ଉପାଦାନ ରୂପେ ବ୍ୟବହୃତ ହୋଇଥାଏ ମାନବିକ ସମ୍ପର୍କର ସୂତ୍ର ଆବିଷ୍କାର ପାଇଁ । ଏହାର ଅତିରଞ୍ଜନକୁ ଆମେ କହୁ ଅଶ୍ଳୀଳ । ବୋଧହୁଏ ମୋ ଉପନ୍ୟାସରେ ଏପରି ଅତିରଞ୍ଜନ କେହି ଆବିଷ୍କାର କରି ନାହାନ୍ତି ।" (ତତ୍ରୈବ) । ଯୌନ କଥାଟି ଯେତିକି ସ୍ୱାଭାବିକ, ତାକୁ ସେତିକି ସୁନ୍ଦର କରାଯାଇପାରିଲେ ତାହା ମଣିଷର ଅନ୍ତର୍ନିହିତ ପ୍ରେମ-ସମ୍ପର୍କ ପ୍ରକାଶ କରିପାରେ, ଅଧିକନ୍ତୁ ଆଧୁନିକ ମନୋବିଜ୍ଞାନ ଏଥିରୁ ପ୍ରେମ ଓ ଈଶ୍ୱର ଚେତନାର ଖିଅ ଖୋଜିପାରେ । "ଢେରଢେର ବର୍ଷ ପୂର୍ବରୁ ମୁନିଋଷିମାନେ ଏହି ମହାଶକ୍ତିକୁ ଆବିଷ୍କାର କରିଥିଲେ ମହାନ ତନ୍ତ୍ରମନ୍ତ୍ର, କୁଣ୍ଡଳିନୀ ସାଧନା, ଯୋଗ, ଷଡ଼ଚକ୍ର ଭେଦ ଇତ୍ୟାଦି ଭିତରେ । ଏହାର ଲକ୍ଷ୍ୟ ନଥିଲା ନାରୀକୁ ଅବିଚ୍ଛେଦ୍ୟ ଅଙ୍ଗ କରିଦେବା । ନାରୀ ପୁରୁଷର ସମ୍ପର୍କର ଅନୁଶୀଳନ ମଧ ଲକ୍ଷ୍ୟ ନୁହେଁ (ତତ୍ରୈବ) । ଏହାକୁ ମାଧ୍ୟମ କରି ଜୀବନର ପ୍ରେମ, ଈଶ୍ୱର ଓ ସାମାଜିକ ବନ୍ଧନର ସବୁ ଉତ୍ସକୁ ପ୍ରକାଶ କରିବା । କହିବା ବାହୁଲ୍ୟ, ଶାନ୍ତନୁବାବୁଙ୍କ କୃତିଗୁଡ଼ିକରେ ଯୌନ/ପ୍ରେମ ଗୋଟିଏ ଉପାଦାନ ଯାହା ଚରିତ୍ରକୁ ବୁଝିବାର ଭିତ୍ତିଭୂମି ମାତ୍ର ।

ସ୍ରଷ୍ଟାଟିଏ ଜିଜ୍ଞାସୁ ଚିରକାଳ । ତା'ର ନେତ୍ରରେ ପୃଥିବୀର ଶ୍ୟାମଳିମା ଯେତିକି ରୋମାଣ୍ଟିକ, ଆକାଶର ପ୍ରଶାନ୍ତ ଉଦାରତା ସେତିକି ରହସ୍ୟମୟ । ପାତାଳର ଗଭୀରତା ମନର ଗହ୍ୱର ଠାରୁ ଖୁବ୍ ବେଶୀ ପାର୍ଥକ୍ୟ ରଖେ ନାହିଁ । ଆକାଶ ଓ ମାଟି ଯେଉଁଠି ଦୂରବାଟର ରେଳଲାଇନ୍ ଧାରରେ ଶିମୂଳୀ ଗଛର ଗାଢ଼ ଲାଲ ଫୁଲ ଭିତରେ କ୍ଷୁଧାର ଚିରୋଜ୍ଜ୍ୱଳ ରୂପକୁ ପରସ୍ପର ଭିଡ଼ି ଧରନ୍ତି, ରିଫୁଜି କ୍ୟାମ୍ପର ଅନାବୃତ ଜୀବନର ତମ୍ବୁ ତଳୁ ମଣିଷର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ଗୌରବଗ୍ରୀବା ମୋଡ଼ି ହୋଇଯାଏ, ନର୍ଦ୍ଦମାର ଉପର ମହଲା କାଠ କେବିନକୁ ଶିଶୁଟିଏ ନର୍ଦ୍ଦମାରୁ ଉଠିଉଠି ଯୁବକ ହୋଇ ମେଓ୍ୱା ଆଶାୟୀ କୁରୁମ ପେଟା ଫୁଙ୍ଗୁଳା ପିଲାଙ୍କ ପାଇଁ ଗୁଳିମାଡ଼ ଖାଏ – ସବୁଠି ସେ ଆଖି ପ୍ରଶ୍ନବାଣରେ ଜର୍ଜରିତ ହୋଇ ଜର୍ଜ ପାଲଟିଯାଏ ଶାନ୍ତନୁ ।

ସ୍ରଷ୍ଟାର କଚ୍ଛଆଖି ପ୍ରଶ୍ନବାଣରେ ଜୀବନର ଯେଉଁ ବିମ୍ବ ରଚେ, ସେଇ ବିମ୍ବଟି ଜୀବନର ପ୍ରତିନିଧି ରୂପେ ତାଙ୍କର ଦିବ୍ୟବୋଧର ଉଦ୍‌ଭାସନ କରେ । ଶାନ୍ତନୁ ବାବୁ ସେହିପରି ଜଣେ ସ୍ରଷ୍ଟା, ଯା'ର ଜୀବନ-ବିମ୍ବ ଆଧୁନିକ ସମସ୍ତ ସାହିତ୍ୟିକ ଦର୍ଶନରେ ଋଦ୍ଧିମନ୍ତ । ସେ ରୋମାଣ୍ଟିକ ଆବେଗରୁ ମୁହଁ ଫେରାଇ ଭୂଇଁ ଉପରେ ସ୍ୱର୍ଗ ଓ ପାତାଳକୁ ଦେଖିଛନ୍ତି । ଏପରି ଦେଖିବା ଭିତରେ ମଣିଷର ଅଭିକ୍ରମ ଓ ଉପଲବ୍ଧିଗୁଡ଼ିକ ବଦଳି

Digitized by srujanika@gmail.com

ଯାଇଛି । ଏବଂ ତା' ସହିତ ବଦଳିଯାଇଛି ମଣିଷ ସମ୍ବନ୍ଧରେ ସଂଜ୍ଞା, ଧାରଣା ଏବଂ ତାକୁ ଘେରି ରହିଥିବା ଅଦ୍ୟାବଧି ପ୍ରବଞ୍ଚନାର ଦାନ୍ତମାନ । ଜୀବନ ସମ୍ବନ୍ଧରେ ନୂଆ ଅବବୋଧ, ମଣିଷର ନୂଆ ଚିତ୍ରକଳ୍ପ, ରୂପକ, ପ୍ରତୀକ, ତା' ଜୀବନକୁ ଛାୟାଚ୍ଛନ୍ନ କରି ରହିଥିବା ମ୍ୟାଜିକ୍, ମିରାକଲ, ଫାଣ୍ଟାସିମାନ ଆବିଷ୍କାର କରି ଶାନ୍ତନୁ ବାବୁ ଏଇ ସ୍ୱଚ୍ଛନ୍ଦ ଓ ସାବଲୀଳ ସାହିତ୍ୟିକ ଅବବୋଧ ପ୍ରତିଷ୍ଠା କରିଛନ୍ତି । ରୋମାଣ୍ଟିକ ଭାବସୁଲଭ ଅନାୟତ ବସ୍ତୁ ପ୍ରତି ମୋହ ପରିବର୍ତ୍ତେ ଅନାୟତର ଆୟତନ ଖୋଜି ତା' ବାହାରେ ରହିଥିବା ଆହୁରି ଅନେକ ସାମଗ୍ରୀକୁ ଆୟତନଭୁକ୍ତ କରିବାକୁ ସେ ଚାହିଛନ୍ତି । ଫଳରେ ତାଙ୍କର ଶୈଳୀର ସ୍କେଲ ବହୁ ପ୍ରଶସ୍ତ - ଯା'ର ଦୁଇ ପାର୍ଶ୍ୱରେ ରହିଛି ମେଟାଫିଜିକ୍ସ ଓ ମିଷ୍ଟିସିଜମ୍, ଆଧିଭୌତିକତା ଓ ରହସ୍ୟବାଦ । ତାଙ୍କର ବର୍ଣ୍ଣନା ଏତାଦୃଶ ଦୁଇଟି ଭଙ୍ଗୀରେ ଆତୁର ହୋଇଉଠେ ବାରମ୍ବାର । ବର୍ଣ୍ଣନା କ୍ରମରେ ଆକସ୍ମିକଭାବେ ଭାବ ଡେଇଁ ପଡ଼େ ଗୋଟିଏରୁ ଆଉ ଏକ ଅଙ୍ଗନକୁ । ବାରବାର ଏହିପରି ନାଟକୀୟତାରେ ଏକ ପ୍ରସଙ୍ଗରୁ ଭିନ୍ନ ପ୍ରସଙ୍ଗ ବ୍ୟାପିଯାଏ ସମଗ୍ର କୃତି ଭିତରେ । ଉପନ୍ୟାସ ବର୍ଣ୍ଣନାଧର୍ମୀ କଳା । ନାଟକୀୟତା ତାହାର ଅବିଚ୍ଛେଦ୍ୟ ଅଙ୍ଗ । ପାଠକକୁ ଅଧିକ ଆକୃଷ୍ଟ କରିବା, ବିସ୍ମିତ କରାଇବା, ତା' ମନରେ ଉତ୍କଣ୍ଠା ସୃଜିବା ଲେଖକର ଧର୍ମ । ଏ ଧର୍ମ ପାଳନ କରନ୍ତି ବହୁ କମ ଶିଳ୍ପୀ । ଅଧିକନ୍ତୁ ତାଙ୍କର ବିଶ୍ୱାସ ଯେ ନାଟକୀୟତାର ଅଭାବରେ ଉପନ୍ୟାସ ହୋଇଯାଏ ଷ୍ଟେଟ୍‌ମେଣ୍ଟ୍ ପ୍ରଧାନ । ପାଠକ ପାଖରେ ପହଞ୍ଚିବାକୁ ତାଙ୍କର ଏ କୌଶଳ ବାସ୍ତବରେ ତାଙ୍କୁ ଅନ୍ୟମାନଙ୍କ ଠାରୁ କରିଛି ପୃଥକ ।

ଶାନ୍ତନୁ ବାବୁ ପୁରୋଦୃଷ୍ଟି ସମ୍ପନ୍ନ । ଅତୀତର ଭ୍ରାନ୍ତିରୁ ମୁକ୍ତ । ତାଙ୍କର ଚିତ୍ତ ବେକନଙ୍କ କଥାରେ କହିଲେ ରଙ୍ଗମଞ୍ଚୀୟ କୁ-ସଂସ୍କାରଗ୍ରସ୍ତ ନୁହେଁ; ଅର୍ଥାତ୍ ପରମ୍ପରା, ଶାସ୍ତ୍ର ନିର୍ଦ୍ଦେଶ, ଗୁରୁବଚନ ପ୍ରଭୃତି ତାଙ୍କର କଳ୍ପନା ପଥରେ ପାହାଡ଼ ନୁହଁନ୍ତି କି ଝରଣାର ସ୍ୱଚ୍ଛ ଜଳରାଶି ନୁହଁନ୍ତି । ପରମ୍ପରାର ଭ୍ରାନ୍ତ ଭକ୍ତିରେ ନୁହେଁ କି ସମ୍ପୂର୍ଣ୍ଣ ଅସ୍ୱୀକାରରେ ଭୁଲିଯିବାରେ ନୁହେଁ । ଅଥଚ ସେ ପୁନର୍ଜନ୍ମରେ ବିଶ୍ୱାସ ରଖନ୍ତି । ଆଧ୍ୟାତ୍ମିକତା, ଧର୍ମ ଏବଂ ମାନବୀୟ ସଂସ୍କାରରେ ମାନନ୍ତି । କିନ୍ତୁ ବିଚିତ୍ର କଥା, ସେଗୁଡ଼ିକୁ ସେ ଦେଖନ୍ତି ଗଣ-ମନସ୍ତତ୍ତ୍ୱ ଦୃଷ୍ଟିରୁ । ପ୍ରତ୍ୟେକ ଚରିତ୍ର ଗଣର ଏକ ଉପାଦେୟ ଅଂଶ । ଚରିତ୍ରର ପଶ୍ଚାତରେ ତା'ର ସବୁ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ ସେ ଯେମିତିକି ଏହି ସଂସ୍କାରରୁ ମୁକ୍ତ ନୁହେଁ । ଜଣେ ପ୍ରଗତିବାଦୀ ଶିଳ୍ପୀ ବିଜ୍ଞାନ, ପ୍ରଗତି ଓ ପୁରୋଦୃଷ୍ଟିର ଦ୍ୱାହିରେ ବ୍ୟକ୍ତି ଚରିତ୍ରର ଏପରି ବାସ୍ତବତାକୁ ଭୁଲିଗଲେ କଳାର ସ୍ୱାଭାବିକତା କ୍ଷୁର୍ଣ୍ଣ ହୁଏ । ସ୍ରଷ୍ଟା ନିଜର ମାନସ ସନ୍ତାନ କରି ଚରିତ୍ର ଗଢ଼ିବାବେଳେ ସେ ଚରିତ୍ରର ସାମାଜିକ ପରିବେଶକୁ ଲକ୍ଷ୍ୟ କରେ । ସେଥିଭିତରେ ଫୁଟିଉଠେ ଚରିତ୍ର ପ୍ରତି ଜନକର ଶ୍ରଦ୍ଧା ଦୃଷ୍ଟି, ଯାହାର ଆଲୋକରେ ଚରିତ୍ରର ବ୍ୟକ୍ତିତ୍ୱର ବହୁ ପାର୍ଶ୍ୱ ଉଦ୍‌ଭାସିତ ହୋଇପାରେ । ସ୍ରଷ୍ଟାର

Digitized by srujanika@gmail.com

ଆଧୁନିକ ମନନ, ମଣିଷର ବିଚିତ୍ର କାରୁକାର୍ଯ୍ୟ ବିହ୍ୱଳିତ ଆଚରଣକୁ ବୁଝିବାପାଇଁ ରାଜନୀତି, ଦର୍ଶନ, ଅର୍ଥନୀତି, ମନସ୍ତତ୍ତ୍ୱର ଗହନ ପେଡ଼ି ଭିତରେ ପଶିବାକୁ ପଡ଼େ । ଏ ପ୍ରକ୍ରିୟାରେ ଦେଖାଯିବ, ଚରିତ୍ରର ପରିଚୟ ଆଧୁନିକ ଜୀବନର ବିସ୍ତୃତ ଓ ବିଚିତ୍ର ବିଷୟ ଓ ବସ୍ତୁ ଆଧାରିତ । ଜୀବନର ଶୃଙ୍ଖଳା ସହ ରାଜନୀତି, ଅର୍ଥନୀତି ପ୍ରକୃତିର ଘଟବନ୍ଧନ ସର୍ବୋତଭାବେ ସ୍ଥାନ ଓ ପାତ୍ର ଉର୍ଦ୍ଧ୍ୱରେ ପ୍ରତ୍ୟେକର ଦୃଷ୍ଟିଭଙ୍ଗୀକୁ ସଞ୍ଚାରିତ କରେ । ଏହି ପରିପ୍ରେକ୍ଷୀରେ ବିଚାର କଲେ ଶାନ୍ତନୁବାବୁ ଏବଂବିଧ ଶୃଙ୍ଖଳାଗୁଡ଼ିକ ସହ ଆଧ୍ୟାତ୍ମିକତାର ମଧୁର ସମନ୍ୱୟ କରିଥିବାର ଦେଖାଯିବ । ଏହାର ଗୋଟିଏ ଗୋଟିଏ ଉତ୍କୃଷ୍ଟ ଉଦାହରଣ 'ଶକୁନ୍ତଳା', 'ମନ୍ତ୍ରୀଙ୍କ ସେୟାର', 'ଧରିତ୍ରୀର କାନ୍ଦ' ପ୍ରଭୃତି ଉପନ୍ୟାସ । ତାଙ୍କର ଶୈଳୀ ଦୁଇଟି ମୁଖ୍ୟଧାରାରେ ବସ୍ତୁ ସମ୍ବାହନ କରିଛି । ପ୍ରଥମଟି ପ୍ରେମ/ଯୌନ ଆକାଙ୍‌କ୍ଷା (ଅତିବାସ୍ତବ ଓ ସ୍ଥିତିବାଦ ଭଙ୍ଗୀରେ ବିଚିତ୍ର, ମୁଖ୍ୟତ ନରକିନ୍ନର), ଦ୍ୱିତୀୟଟି-ଆଧ୍ୟାତ୍ମିକତାର ନବ ମୂଲ୍ୟାୟନ (ଭାରତୀୟ ଦର୍ଶନ, ସଂସ୍କାର, ବିଶ୍ୱାସ ଆଧାରିତ-ଶକୁନ୍ତଳା, ଦକ୍ଷିଣାବର୍ତ୍ତ, ମନ୍ତ୍ରୀଙ୍କ ସେୟାର ପ୍ରଭୃତି) । ଏ ଦୁଇ ଧାରାରେ ଏକ ସାଧାରଣ ସମସ୍ୟା· ଦଣ୍ଡାୟମାନ ହୁଏ, ତାହା ହେଉଛି ଅସ୍ତିତ୍ୱବାଦର । ଶାନ୍ତନୁବାବୁଙ୍କ ଚେତନାକୁ ମୂଳରୁ ଅସ୍ତିତ୍ୱବାଦର ପ୍ରଶ୍ନ ! 'ନରକିନ୍ନର', 'ଦକ୍ଷିଣାବର୍ତ୍ତ', 'ଶକୁନ୍ତଳା'ରେ ବିଷୟ, ପରିବେଶର ଭିନ୍ନତା ସତ୍ତ୍ୱେ ଏ ସମସ୍ୟା ଦୁର୍ଲକ୍ଷ୍ୟ ନୁହେଁ । ତାଙ୍କର କଥାକାରର ଜୀବନ ସେଇ ଆଦ୍ୟଭୂମିରେ ପଚାରିଥିଲା ପ୍ରଶ୍ନଟିଏ - "ମୁଁ କିଏ ?" ପାରମ୍ପରିକ ବିଚାରରେ ପିତୃମାତୃ ପରିବାର, ଜାତି ଗୋତ୍ର ଅଜ୍ଞ ବାଳକ ମନରେ ନିଜର ଆତ୍ମପରିଚୟ ପାଇଁ ବ୍ୟାକୁଳତା ତାଙ୍କ ଆଖି ଆଗରେ ଭିନ୍ନ ଏକ ରାସ୍ତା ଖୋଲି ଦେଇଥିଲା । ସେ ସ୍ୱୀକାର କରନ୍ତି, "ମୋର ସେତେବେଳେ ମାନସିକ ପରିସ୍ଥିତି ଯାହା ଥିଲା, ମୋ ନିଜର ଯେଉଁ ଜିଜ୍ଞାସା ଥିଲା, ସେଇଥିରୁ 'ନରକିନ୍ନର' ଉପନ୍ୟାସର ଜନ୍ମ । ମୁଁ ନିଜେ ହିଁ ତା'ର ନାୟକ ଜର୍ଜ । ମୋ ମନରେ ସେତେବେଳେ ବରାବର ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା, 'ମୁଁ କିଏ ?' ମୋର ନିର୍ଦ୍ଦିଷ୍ଟ ଅଭିବ୍ୟକ୍ତି କ'ଣ ? ମୋର କ'ଣ ସବୁ ପ୍ରକାଶ କରିବାର ଅଛି ?" (ସମ୍ବାଦ-୨୩/୧/୯୪) । ଏଇ ହେତୁ ନରକିନ୍ନର ତାଙ୍କର ଆତ୍ମଜୀବନୀମୂଳକ ଉପନ୍ୟାସ ବୋଲି ସେ କୁହନ୍ତି ।

କୃତି ଓ ନିଜର ଅଭିକ୍ରିୟା ସମ୍ବନ୍ଧରେ ଏ ଇଙ୍ଗିତର ତାତ୍ପର୍ଯ୍ୟ ପ୍ରତ୍ୟେକ ଉପନ୍ୟାସରେ ସହଜଲଭ୍ୟ । 'ସେତେବେଳେ' ଅର୍ଥାତ୍ ସେଇ ୧୯୫୯/୬୦ ମସିହାରେ ପ୍ରାଥମିକ ଶିକ୍ଷୀର ଜୀବନରେ ଚିତ୍ତ ସନ୍ଦିଗ୍ଧତାର କାରଣ ରହିଛି । ସେ ଶୈଶବରୁ ମାତୃହରା, ନିଜର ପିଉସୀଙ୍କ ଦ୍ୱାରା ପାଳିତ, ମାମୁଁ ଘରେ କୈଶୋର କାଳ ଅତିବାହିତ । ପିତାଙ୍କର ତାଙ୍କ ପ୍ରତି ତୀକ୍ଷ୍ଣ ପ୍ରଶାସନ-ଦୃଷ୍ଟି, ଯେମିତିକି ଗୋଟାଏ ଗୋଟାଏ କ୍ରୁର ଉପହାସ ଓ ଶ୍ରଦ୍ଧାର ସବୁଜ ଅତ୍ୟାଚାର । ସ୍ୱାଭାବିକ ବାତ୍ସଲ୍ୟରୁ ବଞ୍ଚିତ ଶିଶୁ ବା କିଶୋରର ଅବଚେତନ

Digitized by srujanika@gmail.com

ମନ ସଂସାରକୁ ସବୁ ପ୍ରାପ୍ତି ମଧ୍ୟରେ ଦେଖେ ଗୋଟିଏ ପରମବସ୍ତୁର ଅଭାବଜନିତ କ୍ଷୋଭ ଓ ବ୍ୟାକୁଳତାରେ ପ୍ରତିକ୍ରିୟା ପ୍ରବଣ ହୋଇ । କିନ୍ତୁ ସୌଭାଗ୍ୟର ବିଷୟ, ଏ ପ୍ରତିକ୍ରିୟା ଧ୍ୱଂସକାରୀ ଶକ୍ତି ପରିବର୍ତ୍ତେ ସୃଜନ ପ୍ରେରଣା ଦେଇଛି । ମରିଯାଉଥିବା ବୁଢ଼ା ପାଖରୁ ଜର୍ଜ ପଳାଉଥିବା ମୁହୂର୍ତ୍ତର କଥାଗୁଡ଼ିକ ସ୍ମରଣ କରିଦିଏ - ଲେଖକଙ୍କ ଆର୍ତ୍ତ ମାନସିକ ଅବସ୍ଥା । ବୁଢ଼ା-ଯିଏ ପାଳକ ମାତ୍ର (ନାମକୁ ମାତ୍ର ହୁଏତ ବାପା ହୋଇପାରେ - ପରିବାରର ଇଙ୍ଗିତ ଖୋଜି ପାଉନଥିବା ବାଳକ ପାଇଁ ତା'ର ଜୀବିତାବସ୍ଥା ବା ମୃତ୍ୟୁ ମୂଲ୍ୟହୀନ) ଯାହା ଶିକ୍ଷାଦେଇଛି, ତାହା ନିରର୍ଥକ । ବନ୍ଧନ ପାଇଁ ଭିତ୍ତିଭୂମିର ଅଭାବ । ଘର ଓ ପରିବାର ଏଇ ଦୃଷ୍ଟିରୁ ଏକାର୍ଥବାଚକ ନୁହେଁ ଜର୍ଜ ପାଇଁ । ଘର ବାସସ୍ଥାନଟିଏ; ତାହା ଆଶ୍ରୟସ୍ଥଳ ହୁଏ, ଯେତେବେଳେ ପ୍ରେମ ଓ ବାତ୍ସଲ୍ୟର ଆଲୋକ ଜାଳେ ନାହିଁ । କିଏ ସେ ଆଲୋକ ଜଳାଏ ? ନିଶ୍ଚିତ ରୂପେ ନାରୀ - ସେ ମା', ଭଉଣୀ ବା ପତ୍ନୀ ହେଉ । ସେଇ ବୟସରେ କଣ୍ଢେଇର କୁଁ କୁଁ ଶବ୍ଦରେ ରୋମାଞ୍ଚିତ ହେବାର ସ୍ୱପ୍ନ କିପରି ଏକ ଅସହାୟତାରେ ମ୍ଳାନ ପଡ଼ିଯାଏ, ତାହା ହୃଦୟବାନ ପାଠକ ଉପଲବ୍ଧି କରିପାରେ । ଅନ୍ତସାରଶୂନ୍ୟ ଘର ଭିତରୁ ପରିବାରର ଅଶରୀରିଟିଏ ନାରୀ ରୂପରେ ଜର୍ଜକୁ ତିରସ୍କାର କରୁଛି - "କଅଣ ସେଇଟା ନେଇଯାଉଛୁ ତୁ ଚୋର-ମୋ ଘରୁ ? XX ଏଇଟା ମୋର ସମ୍ପତ୍ତି । ଏ ଘରର ସବୁ ଜିନିଷ ମୋର । ତୁ କିଏ ? ଯା, ଭାଗ୍ ।" ଜର୍ଜର ଅବଚେତନ ମନର ଏହି ଚିତ୍ର । ଶିଶୁକୁ ବାତ୍ସଲ୍ୟର କୃତାଞ୍ଜଳିପୁଟରେ ସ୍ୱର୍ଗର ଫୁଲଟିଏ କରି ଆଦରି ନେବାର ମାନବୀୟ ସଂସ୍କାର ଲେଖକଙ୍କୁ ଆହ୍ୱାନ କରିଛି ସେଇ ଦୁର୍ମଦ ପରିବେଶରେ ଏକ ଆସୁରୀୟ ତାଡ଼ନାର ଭୈରବ କିପରି ବ୍ୟକ୍ତିକୁ ଛିନ୍ନମୂଳ କରିପାରେ । ନାରୀ ମା ନୁହେଁ ସର୍ବତ୍ର, ମା କିନ୍ତୁ ନାରୀଟିଏ - ସେ ନାରୀଟି କ'ଣ, କିଏ ?

ଶାନ୍ତନୁ ନିଜେ ନାୟକ ଜର୍ଜ । କିନ୍ତୁ ଜର୍ଜ ଆଚାର୍ଯ୍ୟ ନୁହଁନ୍ତି । ସେ ଜର୍ଜ କେବଳ । ସାଙ୍ଗିଆ ବିହୀନ ନାମଟିଏ । ଭାରତୀୟ ସାମାଜିକ ବ୍ୟବସ୍ଥାରେ ବ୍ୟକ୍ତିର ପରିଚୟ ପାରିବାରିକ ପରିଚୟ ସୂତ୍ରରୁ କ୍ରମ ଆରୋହଣରେ ଗତି କରି ବ୍ୟକ୍ତିତ୍ୱର ପ୍ରତିଷ୍ଠା କରେ ବୋଲି ଯାହା ବଦ୍ଧମୂଳ ଧାରଣା, ତା'ର ବିରୋଧ କରନ୍ତି ଅସ୍ତିତ୍ୱବାଦୀମାନେ । ପ୍ରାଚୀନ ଭାରତର ଜଣେ ବ୍ୟକ୍ତି ତା'ର ପିତାମାତାର ଆଲୋକରେ ପରିଚିତ ହେଉଥିଲେ ମଧ୍ୟ ଅନେକତ୍ର ଯଶୋରାଶି ପିତାମାତାଙ୍କୁ ସ୍ମର୍ତବ୍ୟ କରାଇଥିଲା । ଏ ବ୍ୟବସ୍ଥା ଅଦ୍ୟାବଧି ଅପ୍ରତିହତ ରହିଛି । କିନ୍ତୁ ପ୍ରଶ୍ନଟି ହେଉଛି ପିତାମାତା, ଜାତି, ଧର୍ମ ବ୍ୟକ୍ତିସତ୍ତାର ସାମାଜିକ ପରିଚୟ କ୍ଷେତ୍ରରେ ପ୍ରତିବନ୍ଧକ ହୁଏ କି ? ବ୍ୟକ୍ତିର ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟ ପ୍ରତିହତ କରିବା ପରି ସାମର୍ଥ୍ୟ ସମୂହକୁ ଅତିକ୍ରମ କରାଯାଇପାରିଲେ ବ୍ୟକ୍ତି ସତ୍ତାର ମୌଳିକତା ଆବିଷ୍କୃତ ହୋଇପାରେ । ବ୍ୟକ୍ତି ପାଖରେ ସେପରି ଦିବ୍ୟ ଗୁଣର ଅନୁସନ୍ଧାନ ହେଉଛି ପ୍ରକୃତରେ ଶିକ୍ଷାସୁଲଭ ଏକ ଗୁଣ । ବ୍ୟକ୍ତିର ଅନ୍ତର୍ନିହିତ ଗୁଣାବଳୀ ଯେ କୌଣସି

Digitized by srujanika@gmail.com

ସାମାଜିକ ବାଡ଼ବନ୍ଧ ଭିତରୁ ଆତ୍ମପ୍ରକାଶ କରିପାରେ ଏବଂ ତା'ର ମହାନତାର ଉଦ୍ଭାସନ ଘଟିପାରେ । ଏ ସବୁର ବିଚାର ସ୍ୱତନ୍ତ୍ର ବିଷୟ । ବ୍ୟକ୍ତିର ମନ ଭିତରେ ଯେଉଁ ପ୍ରତିକ୍ରିୟା ଜନ୍ମେ, ତାହା ବ୍ୟବସ୍ଥା ନିରପେକ୍ଷ । ଏପରି ଏକ ପ୍ରତିକ୍ରିୟା ଯଥାର୍ଥରେ ହେଉଛି ବ୍ୟକ୍ତିର ନିଜସ୍ୱ କଳା; ତା'ର ପ୍ରବୃତ୍ତିର ଅଂଶବିଶେଷ । ଶାନ୍ତନୁ ବାବୁ ଜର୍ଜ ଭିତରେ ନିଜର ଏତାଦୃଶ ପ୍ରବୃତ୍ତି ଓ ଜିଜ୍ଞାସାର ରୋପଣ କରି ନିଜ ରୁଚି ଓ ଆଦର୍ଶରେ ଗଢ଼ି ଉଠୁଥିବା ଜର୍ଜର ଆତ୍ମଲିପି ପ୍ରସ୍ତୁତ କରିଛନ୍ତି । ବ୍ୟକ୍ତି ପାଇଁ ନମୁନା ରହିଲେ ସେ ପରମ୍ପରାର ଦାସ ହୋଇଯାଏ । ଏଣୁ ଗଡ୍‌ଡାଳିକା ପ୍ରବାହରେ ସେ ଚାଲେ ସ୍ୱାତନ୍ତ୍ର୍ୟ ଭୁଲିଯାଇ । ସ୍ୱାଧୀନଚେତା ଜର୍ଜ ଶାନ୍ତନୁଙ୍କୁ ତେଣୁ ସେ ସୁଯୋଗ ଦେଇନାହାଁନ୍ତି ବରଂ ନିଜ ମନର ତାଡ଼ନାକୁ ଜର୍ଜ ଭିତରେ ସେ ଖୋଜିବାକୁ ତତ୍ପର ହୋଇଛନ୍ତି ।

ଶାନ୍ତନୁଙ୍କ ବ୍ୟକ୍ତିଗତ ସମସ୍ୟା ଉପନ୍ୟାସରେ ଜର୍ଜର ସମସ୍ୟା ଏବଂ ତାହା ସେହି ବିନ୍ଦୁରୁ ଉଠି ବିଂଶ ଶତକର ମଣିଷର ସମସ୍ୟା ଭାବେ ନିର୍ବିଶେଷ ରୂପ ନେଇଛି । ଏ ଶତକର ସବୁଠାରୁ ଚିତ୍ତ ଆଲୋଡ଼ନକାରୀ ଦାର୍ଶନିକ ବିଶ୍ଳେଷଣ ଅସ୍ତିତ୍ୱବାଦୀଙ୍କ ଦ୍ୱାରା ସମାହିତ । ମଧ୍ୟଯୁଗୀୟ କଳ୍ପନା ସ୍ୱର୍ଗରେ ମଣିଷ ନିଜର ଆପାଙ୍‌କ୍ତେୟ ବିଚରଣରୁ ମୁହଁ ଫେରାଇ ଏକ ବାସ୍ତବ ଜଗତରେ ପଦାର୍ପଣ କରି ନିଜକୁ ବିଶ୍ୱର କେନ୍ଦ୍ରବିନ୍ଦୁ ରୂପେ ଆବିଷ୍କାର କରେ । ସାମ୍ୟବାଦ ଘୋଷଣା କରେ ଯେ ମଣିଷ ନିଜେ ନିଜର ଭାଗ୍ୟବିଧାତା, ତାକୁ ହିଁ କେନ୍ଦ୍ରକରି ତା'ର ଭୌତିକ ବିଭାଗଗୁଡ଼ିକ ମୁଣ୍ଡ ଟେକନ୍ତି । ଏହା ସତ୍ତ୍ୱେ ମଧ୍ୟ ବ୍ୟକ୍ତି ଓ ରାଷ୍ଟ୍ର ମଧ୍ୟରେ ବ୍ୟକ୍ତିର ସ୍ଥାନ ନ୍ୟୂନ ଓ ବ୍ୟକ୍ତିକୁ ରାଷ୍ଟ୍ର ଦଳିଦେଇ ନିଜର ସାର୍ବଭୌମତା ପ୍ରତିଷ୍ଠା କରିପାରେ । ଅର୍ଥାତ୍, ବ୍ୟକ୍ତି ସ୍ୱାଧୀନତା ଏ ପ୍ରସଙ୍ଗରେ ତୁଚ୍ଛ । ମାର୍କ୍ସବାଦ ଦୃଷ୍ଟିରେ ଚେତନା ସମେତ ସମସ୍ତ ପ୍ରାକୃତିକ ଜଗତ ହେଉଛି ବସ୍ତୁ । ଚେତନା ଏକ ବସ୍ତୁ ହେଲେ ମଣିଷକୁ ଏକ ଯନ୍ତ୍ରମଣିଷ କୁହାଯିବା ଅପ୍ରାସଙ୍ଗିକ ନୁହେଁ । ତେଣୁ ସେ ସ୍ୱାଧୀନ ନୁହେଁ, କାରଣ ତାର ଚେତନା ବସ୍ତୁର ଧର୍ମ ଦ୍ୱାରା ନିୟନ୍ତ୍ରିତ । ଅସ୍ତିତ୍ୱବାଦୀମାନଙ୍କ ମଧ୍ୟରୁ ଅନେକ ମାର୍କ୍ସବାଦ ପ୍ରତି ଆକୃଷ୍ଟ ହେଲେ ହେଁ ମାର୍କ୍ସବାଦର ଏ ସିଦ୍ଧାନ୍ତକୁ ଅଭିଯୋଗ କରନ୍ତି । ଏଥିପାଇଁ ସେମାନେ ମାର୍କ୍ସବାଦର ସ୍ଥାଣୁତା ଓ ଭ୍ରାନ୍ତିକୁ ଭାଙ୍ଗି ସେଥିରେ ନୂଆ ରକ୍ତ ସଞ୍ଚାର ପାଇଁ କାମନା କରନ୍ତି । ଅସ୍ତିତ୍ୱବାଦୀମାନେ ବ୍ୟକ୍ତି ସ୍ୱାଧୀନତାର ଉନ୍ମାଦ ପକ୍ଷପାତୀ । ତା'ର ଇଚ୍ଛା, ଆବେଗ ଓ ଉପଲବ୍ଧି ଉପରେ ସେମାନେ ଗୁରୁତ୍ୱ ଦେଉଥିବାରୁ ମଣିଷକୁ ହିସାବ କିତାବ ଦ୍ୱାରା ବୁଝିହେବ ନାହିଁ ବା ନିୟନ୍ତ୍ରିତ କରି ହେବ ନାହିଁ ବୋଲି ମନେ କରନ୍ତି । ମଣିଷ ଏକ ବସ୍ତୁ ନୁହେଁ, ବସ୍ତୁଭିତ୍ତିକ ଗତିବିଜ୍ଞାନର ଅଧୀନ ହୋଇ ସେ ତା'ର ସବୁ ପ୍ରକାର ମର୍ଯ୍ୟାଦା ହରାଇ ବସିଛି ବୋଲି ସେମାନେ ଯୁକ୍ତି ଉଠାଇଛନ୍ତି ।

ବସ୍ତୁର ରହିଛି ନିର୍ଯ୍ୟାସ ବା ଏସେନ୍‌ସ । ମଣିଷର ସେପରି କିଛି ଅଛି କି ? ଏ ପ୍ରଶ୍ନ ଅସ୍ତିତ୍ୱବାଦୀମାନେ ପଚାରନ୍ତି । ରକ୍ତ ମାଂସର ମଣିଷକୁ ଛାଡ଼ି ବସ୍ତୁ ପରି ତା'ର

Digitized by srujanika@gmail.com

ନିର୍ଯ୍ୟାସ ଯଦି କେହି ଖୋଜି ବସେ, ତାହା ସବୁ ମଣିଷ ପାଖରେ ସମାନ ଭାବେ ପାଇ ହେବ କି ? ଯେପରି ଆଖୁ ସର୍ବତ୍ର ସମାନ । କିନ୍ତୁ ମଣିଷର ? ଅସ୍ତିତ୍ୱବାଦୀ କୁହନ୍ତି ମଣିଷର ଏସେନ୍‌ସ କିଛି ନାହିଁ । ପ୍ରତ୍ୟେକ ମଣିଷ ନିଜର ଇଚ୍ଛା, ଆବେଗ ଓ ଉପଲବ୍ଧି ଅନୁସାରେ ସ୍ୱତନ୍ତ୍ର; ଅନୁପମ ମଧ୍ୟ । ମଣିଷକୁ ଦେଖି ତା'ର ସଂଜ୍ଞା ନିର୍ଣ୍ଣୟ କରିବା ମଧ୍ୟ ଅସମ୍ଭବ । ପ୍ରତ୍ୟେକ ମଣିଷ ନିଜର ସ୍ୱାତନ୍ତ୍ର୍ୟ ଭିତରେ ବଞ୍ଚେ । ଏଣୁ ପଶୁପକ୍ଷୀଙ୍କ ପରି ମଣିଷର ଗୋଟାଏ ଜାତି ଅଛି, ଏହା ଅସ୍ତିତ୍ୱବାଦୀ ସ୍ୱୀକାର କରେ ନାହିଁ । ଜର୍ଜର ପରିଚୟ ହେଉଛି ସେ ଜାତିବିହୀନ ଏକ ମଣିଷ । ନର ପରି ପ୍ରତୀୟମାନ ହେଉଥିବା ତା'ର ପରିପାର୍ଶ୍ୱର ଜୀବମାନଙ୍କ ସହ ସେ ସମାନ ନୁହେଁ । ସେ ଯେଉଁ ନର (ବୁଢ଼ୀ, ଚରଣ ରାଓ, ନଜିର ମିଆଁ, ହରିମିସ୍ତ୍ରୀ, କବିରାଜ ବୁଢ଼ା, ପଞ୍ଜାବୀ ସ୍ତ୍ରୀ ଲୋକ)ମାନଙ୍କୁ ଦେଖିଛି ସେମାନଙ୍କ ସହ ତା'ର ଜାତିଗତ ସମ୍ବନ୍ଧ କିଛି ନାହିଁ, କେବଳ ଆକାର ବା ଅବୟବଗତ ସାମଞ୍ଜସ୍ୟ । ସେ ସବୁ ଚରିତ୍ର ମଧ୍ୟ ପରସ୍ପରଠାରୁ ପୃଥକ; ସ୍ୱତନ୍ତ୍ର ଗୋଟିଏ ଗୋଟିଏ ବ୍ୟକ୍ତିସତ୍ତାର ଅଧିକାରୀ ।

ନରକିନ୍ନର ଉପନ୍ୟାସର ଦୁଇଟି ଭାଗ-ଗୋଟିଏ ନର, ଅନ୍ୟଟି କିନ୍ନର । ଆରମ୍ଭରୁ ବୁଢ଼ୀର ମରଣ ଯାଏ, ଉପନ୍ୟାସର ପ୍ରଥମାଂଶ, 'ନର' । ଦ୍ୱିତୀୟ ଅଂଶଟିର ଆରମ୍ଭ ହୁଏ କିମ୍ଭୁତ ଭେଳିକିରୁ । ଏହି ପର୍ଯ୍ୟାୟରେ ଜର୍ଜ ଭେଟିଥିବା ଚରିତ୍ର ଗରୁଡ଼, ଆନନ୍ଦଭସ୍କି, ମି ଆଡ଼ାମ୍‌ସ୍-ଯେଉଁମାନେ ଆକୃତିରେ ନର, କିନ୍ତୁ ବ୍ୟତିକ୍ରମ ଅନେକ । ଭାରତୀୟ ଶାସ୍ତ୍ରରେ ଅଶ୍ୱଶିର ନରଦେହୀ ଜୀବ ହେଉଛନ୍ତି କିନ୍ନର ବା କୁତ୍ସିତ ନର; ଅନ୍ୟ ନାମ କିଂପୁରୁଷ, ଅଶ୍ୱମୁଖ । ଏମାନେ ନୃତ୍ୟଗୀତ ବିଶାରଦ । ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କ ବର୍ଣ୍ଣନାରେ ଦ୍ୱିତୀୟ ପର୍ଯ୍ୟାୟର ଚରିତ୍ରମାନେ ଏହି ଶ୍ରେଣୀର । ଉଭୟ ଆକାର ଓ ଆଚରଣରେ କିପରି ଗୋଟାଏ କିମିଆ ପରି ଅଲକିତ ଭାବ ଲକ୍ଷ୍ୟ କରେ ଜର୍ଜ । ଯେତିକି ବିସ୍ମୟ, ସେତିକି ବିରକ୍ତି ତଥାଚ କୌତୁକ ଲାଗେ ତାକୁ । ଲେଖକଙ୍କ ବର୍ଣ୍ଣନା ଦେଖନ୍ତୁ : "ଗୋଟାଏ ବସନ୍ତ ମୁହାଁ ଜଳକା ଆଖିଆ ଟୋକା, ଆଉ ଗୋଟାଏ ବାଙ୍ଗୁରା ପେଚା ଆଖିଆ ମଣିଷ । ଗୋଟାଏ ଦୂର ଚକ୍ରବାଳର ଧପ୍ ଧପ୍ ଆଲୁଅ, ଆଉ ଗୋଟାଏ ନିଶାଚର ସମୁଦ୍ରଗାମୀ ଜଳ ଦସ୍ୟୁର ଜାହାଜ" (ପୃ-୧୨୮) । ଏମାନେ ରବର ମଣିଷ ପରି । ହରି ମିସ୍ତ୍ରୀ ପାଖରେ ସେ ଦେଖିଥିବା ରବର ମଣିଷର 'ପୁଚୁପୁଚୁ ଗାଲ' ଠାରୁ ଊଣା ବା ଜିଣା ନୁହେଁ । ଦ୍ୱିତୀୟ ପର୍ଯ୍ୟାୟର ଚରିତ୍ର ମଧ୍ୟରେ ବାବାଜୀ, ଗରୁଡ଼, ଆନନ୍ଦଭସ୍କି ତା'ପାଇଁ ବଡ଼ ରହସ୍ୟମୟ ଜଣାଯା'ନ୍ତି । ପ୍ରଥମ ଦୁଇଟି ଚରିତ୍ର ସମ୍ବନ୍ଧରେ ଦୁଇଟି ଲୋକକଥା ଖଞ୍ଜି ବର୍ଣ୍ଣନାର ପ୍ରସଙ୍ଗ ଓ ବକ୍ତବ୍ୟକୁ ଶକ୍ତିଶାଳୀ କରିଛନ୍ତି ସ୍ରଷ୍ଟା । କାଠ-କ୍ୟାବିନ୍‌ରୁ ବାହାରିଗଲା ପରେ ଭୋକ ଉପାସରେ ଆଉଟୁ ପାଉଟୁ ହେଉଥିବାବେଳେ ତାର ମନେ ପଡ଼ିଛି ବାବାଜୀ ବିଷୟ, ଯିଏ ନଈକୂଳରେ ତା'ର ମଠ ଆଗର ଗଛଟିଏ ତଳେ ଚା' କରି ଗରାଖଙ୍କୁ ଖୁଆଏ । ସେ

Digitized by srujanika@gmail.com

ତା'ର ବାସ୍ନାରେ ଅପୂର୍ବ ମାଦକତା, ସ୍ୱାଦ ବି ଅମୃତ ତୁଲ୍ୟ । ଥରେ ଖାଇଦେଲେ ଭୋକ-ଶୋଷ ଭୁଲି ହୋଇଯାଏ । ବାବାଜୀର ଦୁଇ ମାତା ଲକ୍ଷ୍ମୀ ଅଲକ୍ଷ୍ମୀ ମଧ୍ୟରେ ଝଗଡ଼ା, ସେମାନଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ଦେଉଦେଉ ପାଠକକୁ ଆଉ ଏକ ଜଗତ ଓ ପ୍ରସଙ୍ଗକୁ ନେଇଯା'ନ୍ତି । ଲକ୍ଷ୍ମୀ ଦିନରେ ପଥର ହୋଇ ପଡ଼ିରହେ ଓ ରାତିରେ ନରରୂପ ଧରି ସୁରତି ବେଶରେ ବାବାଜୀ ପାଖକୁ ଯାଏ, ସେଉଠୁ ଦୁଇ ସଉତୁଣୀ ଝଟାପଟା ଗାଳିରେ ମାତିଯାନ୍ତି । ରାତି ଶେଷ ବେଳକୁ ଅଲକ୍ଷ୍ମୀ ହାରିଗଲେ ବାବାଜୀ ଲକ୍ଷ୍ମୀ ସହିତ ଖଟକୁ ଟେକି ନେଇଯାଏ ନଈ କୂଳକୁ, ତା'ପରେ ସେଇଠି ସେ ପଥର ପାଲଟେ । ବିଚରା ବାବାଜୀକୁ ନଈ ଧାରରୁ ପଥର ଲକ୍ଷ୍ମୀକୁ ବୋହି ଆଣିବାକୁ ପଡ଼େ ମଠକୁ । ତା'ପରେ ବାବାଜୀ ହାତରୁ ଅମୃତତୁଲ୍ୟ ଚା ଗିଲାସେ ପିଇ ଅଲକ୍ଷ୍ମୀ ତୁନି ହୋଇପଡ଼େ ଓ ବାବାଜୀ ସାଙ୍ଗରେ କାମରେ ମାତିଯାଏ । ଏ ଲୋକକଥା ଶୁଣିଛି ଜର୍ଜ । ତା ମନରେ ରହସ୍ୟ ବାନ୍ଧେ କ'ଣ ଏସବୁ ? ଏ କ'ଣ ସତ୍ୟ ? କିଏ ସେମାନେ ? ବାସ୍ତବ ଜଗତର ମଣିଷ ନା ଭିନ୍ନ ଜଗତର ? ବାବାଜୀ ମଠରୁ ସେଇ ଅମୃତ ଚା' ଗିଲାସେ ପିଇ ଭୋକଶୋଷ ମାରିବାକୁ ଉତ୍ସୁକ ହେଇ ନଈ କୂଳରେ ବସିଥିବାବେଳେ ଦେଖେ ଏକଗୋଡ଼ିଆ ଗରୁଡ଼କୁ । ଯା'ର ଗୋଟାଏ ଗୋଡ଼ ହୁଏତ ପୋଲିଓ ପରି, ଆଉ ଗୋଟାଏ କାଠର, ତଥାପି ସେ ଚାଲେ ବଡ଼ ଦର୍ପରେ । ସେ ଗରୁଡ଼ ବିଷ୍ଣୁଙ୍କ ବାହାନ, ପାହାଡ଼ ଉପରେ ମନ୍ଦିରରେ ପୂଜା ପାଏ । ଭୈରବ, ମହାରାଜା, ସ୍ୱାମୀ ସମ୍ବୋଧିତ କରି ଭକ୍ତମାନେ ତା'ର ପାଦବନ୍ଦନା କରନ୍ତି । ଏମନ୍ତ ମଣିଷ ରୂପୀ ଭଗବାନ ପଛରେ ଦୌଡ଼ୁଥିଲା ବେଳେ ତା' ମନରେ ପ୍ରଶ୍ନ ଅନେକ-କାହିଁକି ଗରୁଡ଼ର ବଂଶ, ଛୋଟା ବଂଶ ହେଲା, କୋଉଠୁ କି ରୋଜଗାର କରି ସେ ଛୋଟା ଏଡ଼େ ମୋଟା ହେଉଛି । ଅଥଚ ସୁନ୍ଦର ସବଳ ସ୍ୱାସ୍ଥ୍ୟସମ୍ପନ୍ନରେ ନିଜେ ପେଟକୁ ମୁଠାଏ ଦାନା ଯୋଗାଡ଼ କରିପାରୁନି ।

ଗରୁଡ଼ର ଜାତି ନାହିଁ । ତା'ର ଚାରିଟା ମାଇକିନିଆ ଚାରି ଜାତିରୁ । ସେ ପିଲାବେଳୁ ଛୋଟା । ବାପ ଅଜାଙ୍କ ସହ ମନ୍ଦିରର ତଳ ଦେଶରେ ଭିକ ମାଗୁଥିବାବେଳେ ଏକ ସାମାନ୍ୟ କୌତୁକରୁ ମନ୍ଦିର ଦର୍ଶନକାରୀ ନାରୀଟିଏ ସହିତ ବିବାଦ ଲଗାଇଥିଲା । ସେଇ ଛୋଟା ଗୋଡ଼ରେ କେମିତିକା ସେ ଗୋଟାଏ ମୁହୂର୍ତ୍ତରେ କେତେ ଗୁଡ଼ାଏ ପାହାଚ ଚଢ଼ିଯାଇ ମନ୍ଦିର ବେଢ଼ାରେ ଧରିଥିଲା ସେ ନାରୀକୁ । ସେତେବେଳେ ଦର୍ଶକଙ୍କ ଆଖିରେ ସେ ଛୋଟା ନୁହେଁ, ଗରୁଡ଼ ମହାରାଜା । ଫୁଲ ଚନ୍ଦନ, ସହ ଶଙ୍ଖନାଦରେ ଜନତା ଘେରିଯାଇ ତାକୁ କରିଦେଲେ ଦେବତା । ଗରୁଡ଼ର ପିଛିଲା ଜୀବନ କାହାଣୀ ଶୁଣି ଶୁଣି ଜର୍ଜ ମନରେ ପୁଣି ପ୍ରଶ୍ନ – 'ହଜାର ହଜାର ମୂର୍ଖଙ୍କୁ ଭଣ୍ଡାଇ ନିଜକୁ ଭଗବାନ ବୋଲି ପଟିଆରା ତିଆରି କରିଥିବା ଭଣ୍ଡ କି ପ୍ରକାର ପାପ ଛଡ଼ାଇପାରେ ? ଜର୍ଜକୁ ଭଣ୍ଡ ଗରୁଡ଼ ମାରିଦେବା ଉଦ୍ୟମକୁ ଫଣ୍ଡ କରି ଜର୍ଜ ଭଣ୍ଡର ମୁଣ୍ଡରେ ଆଘାତ କରେ ଏବଂ ମୃତ୍ୟୁ ହୁଏ ଗରୁଡ଼ର । ଯେଉଁ କାଣ୍ଡଜ୍ଞାନ ଶୂନ୍ୟ ଜନତା ଶଙ୍ଖ ହୁଳୁହୁଳି ଧ୍ୱନିରେ

Digitized by srujanika@gmail.com

ଗରୁଡ଼ର ଜୟ ଜୟକାର କରୁଥିଲେ ସେହି ଜନତା ଆଖିରେ ଜର୍ଜ ହେଇ ଉଠିଲା "ଜୟ ଦୈତ୍ୟ ସଂହାରକାରୀ ଭଗବାନ ପର୍ଶୁରାମ, ଜୟ କ୍ଷତ୍ରୀୟ ନାଶକାରୀ ପାପ ନାଶକାରୀ ଭୃଗୁପତି" (ପୃ.-୨୦୦) । ବଡ଼ ବିଚିତ୍ର ଗଣ ମନସ୍ତତ୍ତ୍ୱ ଓ ତା'ର ଆଚରଣ । ଆଧ୍ୟାତ୍ମିକତାର ଏପରି ସହଜ ସରଳ ବିଶ୍ୱାସକୁ ବ୍ୟଙ୍ଗ ବିଦ୍ରୂପ କରି ଔପନ୍ୟାସିକ ଧର୍ମାତ୍ମାମାନଙ୍କର ଭଣ୍ଡାଚାର ପ୍ରକାଶ କରିଦେଇଛନ୍ତି । ଏହାର କେତେ ସମୟ ପାଇଁ ଜର୍ଜ ହୋଇଉଠିଛି ଭଗବାନଙ୍କ ଅବତାର । ହୁକୁମ ଶୁଣାଇବାକୁ, ଆଶୀର୍ବାଦର ମୁକ୍ତ ହାତ ଲମ୍ବାଇ ଦେବାକୁ ଆକୁଳ ପ୍ରାର୍ଥନା ଭିତରୁ କୌଣସି ପ୍ରକାର ମୁକୁଳି ଆସି ସେ ଆଉ ଏକ ନୂଆ ଦୁନିଆରେ ପହଞ୍ଚେ । ନଈରୁ ପାଣି ପିଇ କୌତୁକରେ ହୀରା ଅନୁସନ୍ଧାନ କରୁଥିବାବେଳେ ସେ ଚିହ୍ନାପଡ଼େ କମ୍ରେଡ଼ ଆନନ୍ଦଭସ୍କିଙ୍କ ପାଖରେ-ହୀରା ଖୋଜାଳି ଭାବେ । ବୁଦ୍ଧିବାନ ବୋଲି ଚିହ୍ନିତ ହୋଇ କମ୍ୟୁନିଷ୍ଟଙ୍କ ଶିବିରକୁ ନିଆ ହୁଏ । ସେଇଠି 'କସ୍ମିକ ସୋସାଇଟି ଅଫ୍ ସୋସାଲିଷ୍ଟ ରିଭଲ୍ୟୁସନାରୀ ପାର୍ଟିର ମିସ୍ ଆଡ଼ାମ୍ସ୍ ତାକୁ ତାଲିମ ଦିଅନ୍ତି - ସର୍ବହରା ତତ୍ତ୍ୱରେ ଆସ୍ଥା ସ୍ଥାପନ ପାଇଁ ଓ ସଂଗ୍ରାମ ପାଇଁ ।

ସର୍ବହରାର ପୃଷ୍ଠପୋଷକ ସୋସାଲିଷ୍ଟ ରିଭଲ୍ୟୁସନାରୀଙ୍କ ଦ୍ୱାରା ଏକ ପ୍ରକାର ଆତ୍ମବନ୍ଦୀ ଅବସ୍ଥାରୁ ମୁକ୍ତିପାଇଁ ଉଚ୍ଛନ୍ନପ୍ରାଣ ଜର୍ଜ ମିସ୍ ଆଡ଼ାମସ୍‌ଙ୍କ ଆଖିରେ ତା'ର ନାକ ପାଇଁ ପରିଗଣିତ ହୁଏ କ୍ୟାପିଟାଲିଷ୍ଟ ରୂପେ । ଚମତ୍କାର ରହସ୍ୟାତ୍ମକ ବ୍ୟଞ୍ଜନା ଭିତରେ ବର୍ଣ୍ଣନା କରିଛନ୍ତି ଶ୍ରୀଯୁକ୍ତ ଆଚାର୍ଯ୍ୟ । ଜର୍ଜର ନାକକୁ ଦେଖି ଦିନେ ଗୁଟିବାଲା ପଞ୍ଜାବୀ ମାଇକିନିଆ ଅଧୀର ହୋଇପଡ଼ିଥିଲା । 'କ'ଣ ଥିଲା ସେ ନାକଟିରେ କେଜାଣି, ତାକୁ ଝୁଣି ଖାଇଯିବାକୁ ପାଟି ଆଁ କରି ଝାମ୍ପ ଦେଇଥିଲା ସେ । ଏବେ ମିସ୍ ଆଡ଼ାମସ୍ କୁହେଁ "ମିଲିଅନ୍ ଡଲାର, କମ୍ରେଡ଼ ଜର୍ଜ, ଏ ମିଲିୟନ ଡଲାର ନାକ ଖଣ୍ଡକ ପାଇଲ କୋଉଠୁ ତୁମେ ? XXX ତୁମେ ଜଣେ କ୍ୟାପିଟାଲିଷ୍ଟ । କେବଳ କ୍ୟାପିଟାଲିଷ୍ଟ ନୁହେଁ-ବିଶ୍ୱାସଘାତକ, ଆଉ ପ୍ରତାରକ, ଶଠ ତୁମେ, କି ଆଶ୍ଚର୍ଯ୍ୟ-ବସନ୍ତ ରୋଗ ସାରା ମୁହଁଟାକୁ ବିନଷ୍ଟ କରିଛି - ଅଥଚ ସେ ଖଣ୍ଡିକ ? ସେଇ ଆଭିଜାତ୍ୟର ଚେର ଖଣ୍ଡିକ ତଥାପି ରହିଗଲା" (ପୃ - ୨୬୫) । ଏଇ ନାକର ଆକର୍ଷଣ ମିସ୍ ଆଡ଼ାମ୍ସ୍‌କୁ ଉନ୍ମନା କରିଛି । ନାକଖଣ୍ଡକ ସମସ୍ତ ବୁର୍ଜୁୟାର ଲକ୍ଷଣ ଦେଖାଏ । ଏହା ଏକ ପ୍ରକାର ବିଶ୍ୱାସଘାତକତାର ପ୍ରତୀକ । ଟୋପେ ବିଷ ଅମୃତ ଭାଣ୍ଡକୁ ନଷ୍ଟ କରିଦେବା ପରି ବୁର୍ଜୁୟା ରୂପ ନାକଟି ଯେତେ ଭିକାରୁଣୀ, କୋଢ଼ୀ, ଅନ୍ଧୁଣୀଙ୍କୁ ଭଳେଇ ଦେଇପାରେ ସହଜରେ । ମିସ୍ ଆଡ଼ାମ୍ସ୍ ତ ସହଜେ ସମ୍ଭ୍ରାନ୍ତ । ଜର୍ଜର ନାକକୁ କେନ୍ଦ୍ରକରି ତା' ମନରେ କାମନାର ନିଆଁ ବାରମ୍ବାର ପ୍ରମତ୍ତ ହୋଇଉଠିଛି । ସେ ଏକ ପ୍ରକାର ଈର୍ଷାତୁର । ଈର୍ଷା କାମନାର ଅତୃପ୍ତି ଜନିତ । ସେ କୁହେ "ଏଇ ନାକର ପର୍ବତକୁ କେତେରା କେତେରା କରି କାଟି ପୃଥିବୀକୁ ସମତଳ କରିଦେବାଇ ଆଜି ଆମର କର୍ତ୍ତବ୍ୟ । ପୃଥିବୀରୁ ଏଇ ନାକ ଆଉ ଦେହର ଗର୍ବକୁ ଧ୍ୱଂସ

Digitized by srujanika@gmail.com

କରିବା ପାଇଁ ଆଜିର ଏଇ ବିପ୍ଳବର ସୃଷ୍ଟି । ଭାଙ୍ଗ ଭାଙ୍ଗିଦିଅ ସେଇ ନାକଦଣ୍ଡାକୁ । ଭାଙ୍ଗ ସେଇ ନାକର ବଡ଼ବଡ଼ ପୋଲକୁ । ଭାଙ୍ଗ ଉଞ୍ଚାଉଞ୍ଚା ଦୋ ମହଲା, ତିନିମହଲା, ଚାରିମହଲା, ଆଉ ନଭଶ୍ଚୁମ୍ବୀ ସେଇ କୋଠାଘରଗୁଡ଼ାକୁ" (ପୃ. - ୨୩୯) । ବିଚିତ୍ର କଳ୍ପନା ଓ ଯୁକ୍ତି ଶାନ୍ତନୁଙ୍କର ଯେତିକି କୌତୁକ ଲାଗେ ସେତିକି ବୁଦ୍ଧିକୁ ଆହ୍ୱାନ କରେ । ବର୍ଣ୍ଣନାର ଦୁଇଟି ଦିଗ-ପ୍ରଥମ, ମିସ୍ ଆଡ଼ାମ୍ସ୍‌ଙ୍କର ଅତୃପ୍ତ ଯୌନକାମନା । ଏ ଅତୃପ୍ତିର ସ୍ପଷ୍ଟ ଆଭାସ ମିଳେ । "ମିସ୍ ଆଡ଼ାମ୍ସ୍ ଚାହିଁଥିଲେ ଏକ ଲୟରେ, ସେଇ ମୁଦ୍‌ଗରିଆ ବାହୁ ଦୁଇଟାକୁ କିଞ୍ଚିତ୍ ସପ୍ରଶଂସ ଦୃଷ୍ଟିରେ ଦେଖୁଦେଖୁ ସେ ଚିନ୍ତା କରୁଥିଲେ - ଏଇ ବାହୁତଳେ ଶୋଇ ରହିଛି କେତେ କ୍ଷୁଧା, କେତେ ତୃଷ୍ଣା, ଆଉ କେତେ କାମନା । ଏଇ ବାହୁଟିରେ ଗୁଡ଼େଇ ହେଇ ରହିଛନ୍ତି କେଡ଼େକେଡ଼େ ବିଷଧର ନାଗ, ଆଉ ଏଇ ହେଉଛି ମୋର ସୃଷ୍ଟି । ମୋରି ହାତଗଢ଼ା ଶାଣଦିଆ ଇସ୍ପାତି ଛୁରି ଖଣ୍ଡେ । ଖାଲି ଅପେକ୍ଷା କରି ବସିଛି ସେ ଇସାରାକୁ" (ପୃ. ୨୬୨) । ପରବର୍ତ୍ତୀ ପୃଷ୍ଠାଗୁଡ଼ିକରେ ସଂକେତର ଜହ୍ନ ବିଚ୍ଛୁରିତ ହୋଇଛି । ଏହି ସଂକେତର ଆଉ ଏକ ରୂପକ ଆଖ୍ୟାନ ଦେଇଛନ୍ତି ଲେଖକ । ମିସ୍ ଆଡ଼ାମ୍ସ କୁହନ୍ତି ଗପଟିଏ - ସେ ଆମେରିକାର କୋଟିପତି ମାଂସ ବେପାରୀର ଝିଅ, ତା' ବାପା ଦିନେ ଥିଲା ଧର୍ମଯାଜକର ହଳିଆ । ଜର୍ଜ ତା'ର ପୂର୍ବ ଜନ୍ମରେ ଥିଲା ସେଇ ଧର୍ମଯାଜକ । ମିସ୍ ଆଡ଼ମସ୍‌କୁ ଦଶବର୍ଷ, ତା'ର ମା' ମୃତ୍ୟୁମୁଖରେ ପଡ଼ିଥିବାବେଳେ ସେ ଯାଏ ଅଶୀବର୍ଷର ବୁଢ଼ା ଧର୍ମଯାଜକକୁ ଡାକିବା ପାଇଁ । ଅଶୀବର୍ଷର ବୁଢ଼ା ଦେହରେ ସେଦିନ ଥିଲା କାମନା । ସେ ଝିଅଟିର ମୁହଁରେ ଚୁମ୍ବନ ଦେଇଥିଲା । ସେଇ ଚୁମ୍ବନର ପ୍ରତିକ୍ରିୟା ଏବେ ବି ମିସ୍ ଆଡ଼ାମ୍ସ୍‌ର ଶିରାରେ ଶିରାରେ ବିଷର ଲହରୀ ଖେଳଉଚି । ବିଷର ଜ୍ୱାଳାରେ ଯେମିତିକି ସେ କାମନାର ଏକ ଅନିର୍ବାଣ ଶିଖାରେ ପରିଣତ ହୋଇ ଜର୍ଜ ପାଖରୁ ନିର୍ବାପନର ମନ୍ତ୍ର ଖୋଜୁଛି ।

କଥାଟି ବଡ଼ ଚମତ୍କାର ଲାଗେ । ପ୍ରତୀକାତ୍ମକ ଏକ ରୂପକାଖ୍ୟାନ ମୂଳରେ ଲେଖକଙ୍କର ବିଦ୍ରୂପ ପୁଞ୍ଜିବାଦ ଓ ଭଣ୍ଡ ଧର୍ମାଚାର ପ୍ରତି । କୋଟିପତି ମାଂସ ବିକାଳି ଯିଏ ଦିନେ ଧର୍ମଯାଜକର ହଳିଆ ଥିଲା ଆଜି ସେ ପୁଞ୍ଜିବାଦୀ । ପୁଞ୍ଜିବାଦୀ ସଭ୍ୟତା ସାଇଲକ ପରି ମାଂସ ଝୁଣି ଖାଏ, ଆମେରିକା ତାର ପ୍ରତିନିଧି । ୟୁରୋପୀୟ ପୁଞ୍ଜିବାଦୀ ବ୍ୟବସ୍ଥାରେ ଧର୍ମ ଯାଜକମାନେ ପୁଞ୍ଜିପତିଙ୍କର ସୁରକ୍ଷା କବଚ । ଗୋଟିଏ ଦୃଷ୍ଟିରୁ ଦେଖିଲେ ଧର୍ମ ପୁଞ୍ଜିବାଦୀଙ୍କର ପରମ ଆଶ୍ରୟ ଓ ବିଳାସସ୍ଥଳ । ଧର୍ମନାମରେ ଶୋଷଣ, ବ୍ୟଭିଚାର ଓ ଶଠତାର ପୃଷ୍ଠପୋଷକତା କରାଯାଏ । ଜନସାଧାରଣ ଧର୍ମଭୀରୁ, ଧର୍ମର ଗ୍ଲାନି ହେବା ଭୟରେ ସେମାନେ ପ୍ରତିବାଦ କରନ୍ତି ନାହିଁ । ଏ ଚରିତ୍ର ବିଶ୍ୱ ଜନସାଧାରଣଙ୍କରେ ସର୍ବତ୍ର ବିଦ୍ୟମାନ । ଦଶବର୍ଷର ଝିଅକୁ ଅଶୀବର୍ଷର ବୁଢ଼ାର ଚୁମ୍ବନ ବାତ୍ସଲ୍ୟର ଭାଷା ନା କାମନାର ବିଷଜ୍ୱାଳା ? ଶାନ୍ତନୁ କୁମାର ଶେଷଟିକୁ ଦର୍ଶାଇବାର

Digitized by srujanika@gmail.com

ତାତ୍ପର୍ଯ୍ୟ ପୁଞ୍ଜିବାଦର ଚରିତ୍ର ଉଦ୍‌ଘାଟନ କରିଦେବା । ଧର୍ମ ଯଦି ସାମାଜିକ ବିବର୍ତ୍ତନର ବା ସାମୂହିକ କଲ୍ୟାଣର ମାଧ୍ୟମ ରୂପେ ପ୍ରକୃତରେ ବିନିଯୁକ୍ତ ହୋଇଥାନ୍ତା, ତେବେ ପ୍ରଶ୍ନ ହିଁ ଉଠନ୍ତା ନାହିଁ । ବାସ୍ତବତଃ ଦେଖାଯାଇଛି, ପୁଞ୍ଜିବାଦ ଧର୍ମର ଘୋଡ଼ଣୀକୁ ନିଜର ସୁରକ୍ଷା ପାଇଁ ବ୍ୟବହାର କରିଛି । ଧର୍ମ ତା'ର ସାମାଜିକ ଦାୟିତ୍ୱ ଓ କର୍ତ୍ତୃତ୍ୱ ହରାଇଛି । ଯେଉଁଥିପାଇଁ ମାର୍କ୍ସ ବିଦ୍ରୂପ କରିଛନ୍ତି ଧର୍ମ ଏକ ଅଫିମ ନିଶା । ଜର୍ଜ ସେଇ କ୍ୟାପିଟାଲିଷ୍ଟର ପ୍ରତୀକ । କାରଣ ତାର ଅଛି ରୂପ – ଅର୍ଥାତ୍ ସୁନ୍ଦର ନାକଟିଏ, ବଳିଷ୍ଠ ବାହୁ ଦୁଇଟି, ପୌରୁଷ ଯେଉଁ ଅଙ୍ଗ ସୌଷ୍ଠବର ପାହାଚ ଚଢ଼ି ଆକର୍ଷଣର ଦିହୁଡ଼ି ଜାଳେ, ଜର୍ଜ ପାଖରେ ସେଇଟି ଅଛି । କ୍ୟାପିଟାଲିଷ୍ଟର ଝିଅ ମିସ୍ ଆଡ଼ାମ୍‌ସ୍ ନିଜକୁ ଶ୍ରେଣୀଚ୍ୟୁତ (Declass) କରିଛି । ସେ ଆଧୁନିକ ପେଶାଦାର ପାଦ୍ରୀ ପରି "ଚିକାଗୋ ସହରର ରାଜପ୍ରାସାଦ ତ୍ୟାଗ କରି ଏସିଆର ବାଉଁଶବଣ, ଆଫ୍ରିକାର ଘନ ଅନ୍ଧକାର, ଆଉ ୟୁରୋପର ଅନ୍ଧାରୁଆ କୋଇଲା ଖାତ ଆଉ ଦୁର୍ଗନ୍ଧ ଡକ୍‌ୟାର୍ଡ଼ରେ ବୁଲିବୁଲି ଜୀବନର ଅନୁସନ୍ଧାନ କରୁଛି" (ପୃ. ୨୬୨-୨୬୪) । ମିସନାରୀମାନେ ଯେଉଁ ଜୀବନବ୍ରତରେ ଧର୍ମର ମିଶନ ନେଇଯା'ନ୍ତି, ସର୍ବହରା ତନ୍ତ୍ରରେ ବିଶ୍ୱାସୀ ମିସ୍ ଆଡ଼ାମ୍‌ସ୍ କ'ଣ ସେଇ ବ୍ରତାଚାରୀ ? ଏ ପ୍ରଶ୍ନ ଜର୍ଜର ନୁହେଁ, ବା ପାଠକର କେବଳ ନୁହେଁ, ଲେଖକର ମଧ୍ୟ । ସାମ୍ୟବାଦର ମହାନ ମନ୍ତ୍ରତଳେ ସର୍ବହରାର ସୁରକ୍ଷା ପାଇଁ ଆଭିଜାତ୍ୟକୁ ଜଳାଞ୍ଜଳି ଦେଇଥିବା କୌଣସି ବ୍ୟକ୍ତି କ'ଣ ସ୍ୱାଭାବିକ କାମନାରୁ ମୁକ୍ତ ? ତା'ର ବ୍ୟକ୍ତିଗତ ସତ୍ତା ସାମାଜିକ ସତ୍ତା ପାଖରେ ବନ୍ଧା ? ସାମ୍ୟବାଦ ବିରୋଧୀମାନେ ଉପନ୍ୟାସର ଏ ଅଂଶଟି ପଢ଼ି ଉଲ୍ଲସିତ ହେବେ, ମାତ୍ର ସେପରି ହେବାର କୌଣସି କାରଣ ନାହିଁ । ଶାନ୍ତନୁ କଥାଶିଳ୍ପୀ, ରାଜନୀତିକ ଆଭିମୁଖ୍ୟ ତାଙ୍କ ଲେଖନୀକୁ ସେ ଦୃଷ୍ଟିରୁ ପ୍ରଭାବିତ କରିନାହିଁ; ଏପରିକି ବିଜ୍ଞାନର ଛାତ୍ର ହୋଇ ମଧ୍ୟ ସେ ବିଜ୍ଞାନକୁ ବିଦ୍ରୂପ କରିଛନ୍ତି । ମଣିଷ ଠାରୁ ତା'ର ଧର୍ମ, ରାଜନୀତି ବା ବିଜ୍ଞାନ ବଡ଼ ନୁହେଁ, ମାତ୍ର ବିଶ୍ୱବ୍ୟାପୀ ମଣିଷର ବହୁ ବ୍ୟବସ୍ଥା ମଣିଷଠାରୁ ନିଜକୁ ବଡ଼ ମନେ କରିଛି । ସେସବୁର କ୍ରୂର ଆଭିଜାତ୍ୟ ଓ ଆଟୋପ ତଳେ ଜୀବନର ଦୀପ ଶିଖା ବ୍ୟଥାତୁର ହୋଇଉଠିଛି । ସମସ୍ତ ଐଶ୍ୱର୍ଯ୍ୟ ଥାଇ ମଧ୍ୟ ମଣିଷ ବଡ଼ ଅସହାୟ ଓ ବିକଳ, ବିଭଙ୍ଗ ଜୀବନ ଯାପନ କରେ । ଗୋଟିଏ ପକ୍ଷରେ ତା'ର ମନଟି ଏପରି ଏକ ପ୍ରବୃତ୍ତି ଓ ସ୍ୱପ୍ନର ଗଜରା ଭିତରେ ଗୁନ୍ଥା ଯେ ତାକୁ ବୁଝିବା କଷ୍ଟସାଧ୍ୟ । ଅପରପକ୍ଷରେ ଯେତେ ସବୁ ବ୍ୟବସ୍ଥା ତା'ର ହିତାଚରଣ ପାଇଁ ସୃଷ୍ଟି, ସେଗୁଡ଼ିକ ପ୍ରତାରଣାର ମୀନାର ଉପରେ ବସି ପ୍ରତିଶ୍ରୁତି ଦେବାରେ ଧୂରନ୍ଧର ।

ଅଶୀବର୍ଷର ଧର୍ମଯାଜକ ଓରଫ ଜର୍ଜ ବା କ୍ୟାପିଟାଲିଷ୍ଟ ଜର୍ଜ ପାଖରେ ସାମ୍ୟବାଦ ଦଶବର୍ଷର କଉତୁକିଆ ଛୁଆଟିଏ । ପୁଞ୍ଜିବାଦର ପ୍ରତିକ୍ରିୟାରୁ ସାମ୍ୟବାଦର ଜନ୍ମ । ସାମ୍ୟବାଦର ଉଦ୍ଦେଶ୍ୟ ପୁଞ୍ଜିବାଦର ସବୁ ଆଟୋପ ଆଭିଜାତ୍ୟର ବିନାଶ; ତେଣୁ ଯେଉଁମାନେ ବୃଥା ମୁଁ'ତ୍ୱ, ଅହଂକାର ବା କୌଣସି ପ୍ରକାର ବିଶେଷତ୍ୱଜନିତ ଆଭିଜାତ୍ୟକୁ ଧରି ଅସାଧାରଣ

Digitized by srujanika@gmail.com

ପର୍ଯ୍ୟାୟକୁ ଉଠିବାକୁ ଚାହାଁନ୍ତି, ସେମାନେ କ୍ୟାପିଟାଲିଷ୍ଟ ଚରିତ୍ର ଠାରୁ ପୃଥକ୍ ନୁହଁନ୍ତି । ମିସ୍ ଆଡ଼ାମ୍ସ୍ ଜାଣେ ଚରିତ୍ର ଓ ଜନ୍ମଗତ ଅଧିକାରରେ ଜର୍ଜ ସର୍ବହରା, ମାତ୍ର ତା'ର ରୂପ ଦୃଷ୍ଟିରୁ ସେ କ୍ୟାପିଟାଲିଷ୍ଟ । ତେଣୁ ସେ ଈର୍ଷାପ୍ରଭବ କେବଳ ନୁହେଁ, ବିନାଶଯୋଗ୍ୟ । ଯୌନାଚାରକୁ କ୍ୟାପିଟାଲିଷ୍ଟକ ବିଳାସ ବୋଲି କେହି ଯୁକ୍ତି କରିବା ବେଳେ ଶାନ୍ତନୁ ବାବୁ ଦେଖିଛନ୍ତି ଅସ୍ତିତ୍ୱବାଦୀ ଦୃଷ୍ଟିରୁ । ଅସ୍ତିତ୍ୱବାଦୀମାନେ ମନେକରନ୍ତି, ଜୀବନ ଆଦୌ ଏକ ସରଳରେଖା ନୁହେଁ; ତାହା କୁଟିଳ, ବଙ୍କା ଓ ବିଚ୍ଛିନ୍ନ । ସେଠି ଆଲୁଅର ଆନନ୍ଦ ଯେତେ, ଅନ୍ଧକାରର ନିରାନନ୍ଦ ସେତେ । ଜୀବନର ବହୁ କଥା ଜ୍ଞାତ ହେଲାବେଳେ ଅନେକ ଅଜ୍ଞାତ ଓ ଦୁର୍ବୋଧ ରହିଯାଏ । ମଣିଷକୁ ବିଚାର କରିବାକୁ ଗୋଟିଏ ମାନକ ନିୟମ ବା ଫର୍ମୁଲା ପ୍ରସ୍ତୁତ କରାଯାଇପାରିବ ନାହିଁ । ସେ ଆତ୍ମଜଗତରେ ଏକ ପ୍ରକାର ବିଚ୍ଛିନ୍ନ ଜୀବନ ଯାପନ କରେ । ସମାଜଠାରୁ ବିଚ୍ଛିନ୍ନ, ଈଶ୍ୱରଙ୍କ ଠାରୁ ବିଚ୍ଛିନ୍ନ, ଏପରିକି ନିଜଠାରୁ ମଧ୍ୟ; ତେଣୁ ସେ ଏକୁଟିଆ, ନିଃସଙ୍ଗ ଓ ତା'ର ଜୀବନବୃତ୍ତ ମଧ୍ୟରେ କୌଣସି ଗୋଟିଏ ହେଲେ ସ୍ଥାନରେ ତା'ର ସ୍ୱାତନ୍ତ୍ର୍ୟ ସ୍ଥାୟୀ ହୋଇ ରହେନାହିଁ । ମନର ଅସ୍ଥିରତାରେ ତା'ର ବିଚାର, ବୁଦ୍ଧି ଓ ଆଚରଣ ବାରମ୍ବାର ହୁଏତ ବଦଳିଚାଲେ । ମଣିଷ କହିଲେ ଆମେ ଯେଉଁ କାୟାର ସତ୍ୟତାକୁ ବୁଝୁ ବା ଦେଖୁ, ତାହା ପ୍ରକୃତରେ ତା'ର ଅପଛାୟା । ଏହି ଦୃଷ୍ଟିରୁ ସେମାନେ କୁହନ୍ତି ମଣିଷର କୌଣସି ସର୍ବମୂଳ ସଂଜ୍ଞା ବା ତା' ପାଇଁ ଏକ ନିୟମର କଷଟି ପଥର ନାହିଁ । ସେ ଯେପରି ବଞ୍ଚେ, ତାହା ହିଁ ଏକମାତ୍ର ସତ୍ୟ ଓ ସର୍ବଶେଷ ପରିଚୟ । (Existence precedes essence) । ମିସ୍ ଆଡ଼ାମ୍ସ୍ ଓ ଜର୍ଜକୁ ନେଇ କଥା କଳ୍ପନାରେ ଶାନ୍ତନୁ ବାବୁ ଯାହା କୁହନ୍ତି, ତାହା ଅସ୍ତିତ୍ୱବାଦୀଙ୍କର ମନସ୍ତାତ୍ତ୍ୱିକ ବିଚାର ।

ଦୁଇ

ଦ୍ୱିତୀୟ କଥାଟି ହେଉଛି ଉପର୍ଯ୍ୟୁକ୍ତ ବିଚ୍ଛିନ୍ନତା । ଉଭୟ ମିସ୍ ଆଡ଼ାମ୍ସ୍ ଓ ଜର୍ଜ ବିଚ୍ଛିନ୍ନ । ଜଣେ କାଳୀ ତୁଲ୍ୟ-ଲେଖକ ତାଙ୍କର ଏପରି ରୂପ ବର୍ଣ୍ଣନା ପଛରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖିଛନ୍ତି, ଯେମିତିକି ସେ ଗୋଦରୀ ବୁଢ଼ୀ ଭିତରେ ଆତ୍ମଗୋପନ କରିଥିବା ବିଭତ୍ସତାର ରୂପାନ୍ତର । ନାରୀ ଖୁଆଏ ଓ ଖାଏ; ମା ରୂପେ ବା ପତ୍ନୀ, ପ୍ରେମିକା ରୂପେ । ବୁଢ଼ୀ ଭିତରେ ସୁପ୍ତ ବାତ୍ସଲ୍ୟର ଆହ୍ୱାନ ଶୁଣିଥିବା ଜର୍ଜ ମିସ୍ ଆଡ଼ାମ୍ସ୍ ଠାରୁ ବା ପଞ୍ଜାବୀ ସ୍ତ୍ରୀ ଲୋକପାଖରୁ ପାଇଛି ଭିନ୍ନ ସଂକେତ । ମିସ୍ କାଳୀ ରୂପିଣୀ ଅର୍ଥାତ୍ ଭୟଙ୍କର, କାଳୀ ଉଗ୍ରକାମା – ଯେଉଁ କାମ ସ୍ୱଭାବ ସୁନ୍ଦର ନୁହେଁ, ବରଂ ଉଗ୍ର ବିନାଶ ମୂର୍ତ୍ତି ପ୍ରମୂର୍ତ୍ତି । ଜନ୍ମରୁ ଜର୍ଜ ବହୁଭାବେ ବିଚ୍ଛିନ୍ନ; ସ୍ୱଭାବତଃ ଏବଂ ପାରିପାର୍ଶ୍ୱିକ ଅବସ୍ଥାଚକ୍ରରେ ସେ ନିଃସଙ୍ଗ । କେବଳ ଚରଣ ରାଓର ପାଗଳାମି କିମ୍ବା ନଜିର ମିଆଁର ରହସ୍ୟ ଉଦ୍ଦୀପନ କାହାଣୀ ତା'ର କୈଶୋର ଜୀବନକୁ ବିସ୍ମୟ, କୌତୁହଳ ଓ ପ୍ରଶ୍ନାତୁର କରିବା ଫଳରେ ସ୍ପର୍ଶାତୁର ମନ

Digitized by srujanika@gmail.com

ଅଧିକ ଆତ୍ମମଗ୍ନ ହେବାର ସୁଯୋଗ ପାଇଛି । ବୀର ସାମଲ, ହରି ମିସ୍ତ୍ରୀ ବା କାମାୟା ପରି ରିକ୍ସାବାଲା କି ଇତର ଗରାଖଙ୍କ ଇଙ୍ଗିତାତ୍ମକ କଥା, ତା' ମନରେ ପ୍ରଥମରୁ ସଂକଟ ସୃଜିଦେଇଛି - ଯାହା ତା' ପାଇଁ କୌଣସି ଘଟଣାକୁ ପ୍ରଶ୍ନ ଭଙ୍ଗୀରେ ବା ଗୁମରକୁ ଖୋଜିବାରେ ସହାୟକ ହୋଇଛି । ଏହାର ପ୍ରଭାବ ତା'ର ବ୍ୟକ୍ତିତ୍ୱ ଉପରେ ଅପ୍ରତିହତ ରହିଛି । ଫଳରେ ସବୁ କୋଳାହଳ ମଧ୍ୟରେ ଥାଇ ମଧ୍ୟ ସେ ଯେପରି ସମ୍ପର୍କହୀନ, ବିଚ୍ୟୁତ; ଅସମ୍ପୃକ୍ତ ଲୋକ ପରି ଦୂରରେ ରହି ନିରେଖିବା ପରି ରହେ । ଜର୍ଜ ଚରିତ୍ରର ଏଇ ବିଚ୍ଛିନ୍ନତା-ସୁଲଭ ବୈଶିଷ୍ଟ୍ୟ କସ୍ମିକ ରିଭଲ୍ୟୁସନାରୀ ପାର୍ଟିର ସଦସ୍ୟମାନଙ୍କୁ ଚମକୃତ କରିବା ସ୍ୱାଭାବିକ । ସୁଠାମ ସୁଢ଼ଳ ଚେହେରା ସାଙ୍ଗକୁ ଆଖିର ଆଭା ଓ ନାକର ଆଭିଜାତ୍ୟ ଯେମିତିକି ତା'ର ଏସେନ୍‌ସ ବା ବ୍ୟକ୍ତିତ୍ୱର ସଂଜ୍ଞା, ଯାହା ଉପନ୍ୟାସର ସମସ୍ତ ଚରିତ୍ରଙ୍କ ଆଖିରେ ଧରାପଡ଼ିଛି । ଅର୍ଥାତ୍ ସମସ୍ତ ଚରିତ୍ର ଭିତରେ ଜର୍ଜ ଏକମାତ୍ର ଭାବ ଜଗତରେ ସଂଯୋଜକ ଚରିତ୍ରଟିଏ, ଯିଏ କି ଅଦୃଶ୍ୟରେ ରହି ସବୁକୁ ପ୍ରଶ୍ନ କରେ, କଳୁଥାଏ ଆଉ ନୂଆ ରାସ୍ତାଟିଏ ଫିଟାଉଥାଏ ଚେତନାର ଅଳିନ୍ଦ ଭିତରକୁ ।

ଜର୍ଜର ମନ ପ୍ରଶ୍ନ ଭାରରେ ନଇଁଯାଏ । ଗୋଦରୀ ବୁଢ଼ୀକୁ ମା ରୂପେ ପାଇସାରିବା ପରେ ପୁଣି ମିସ୍ ଆଡ଼ାମସ୍ ରୂପ କାଳୀ ଆଉ ପାର୍ଟି ଚିଫ୍‌ଙ୍କର 'ମୁଁ ନେପୋଲିୟନ୍', 'ହିଟଲର' - ସୃଷ୍ଟିର ପରିତ୍ରାଣ ପାଇଁ ଓ ସଂସାରରୁ ପାପଭାର ନାଶିବା ନିମିତ୍ତ ଯୁଗେଯୁଗେ ମୁଁ ଜନ୍ମନିଏ (୨୬୨-୮୦) । ଏହି ସ୍ୱରର ବାରମ୍ବାର ପୁନରାବୃତ୍ତି ଘଟେ । ସର୍ବହରାର ନାୟକ ନିଜର ସାର୍ବଭୌମ କ୍ଷମତାରେ ପ୍ରତିଷ୍ଠା ଜନିତ ଏକଛତ୍ରପତି ବୋଲି ଦାବି କରିବା କମ୍ୟୁନିଷ୍ଟ ବ୍ରତର ବିଦ୍ରୂପ କରିଛନ୍ତି ଲେଖକ । ସର୍ବହରାର ଏକାଧିପତ୍ୟ ଓ ପାର୍ଟି ଚିଫ୍‌ର ସାର୍ବଭୌମ କ୍ଷମତା ବିରୋଧାଭାସ ହେଲେ ହେଁ ତାହା କମ୍ୟୁନିଷ୍ଟ ରାଜନୀତିର ଶୃଙ୍ଖଳା । ମନେହୁଏ ଲେଖକଙ୍କର ଏହା ସହିତ ଭାବଗତ ସମ୍ପର୍କ କ୍ଷୀଣ । ତାଙ୍କର ଉଦ୍ଦେଶ୍ୟ 'ମୁଁ'ତ୍ୱର ଗୌରବ ନିର୍ଣ୍ଣୟ । ବିଚ୍ଛିନ୍ନ ମଣିଷ 'ମୁଁ'ତ୍ୱ ସହିତ ଆତ୍ମରତି ଆବଦ୍ଧ । ବିଶେଷକରି ଅସ୍ତିତ୍ୱବାଦୀ ଦାର୍ଶନିକମାନେ ଏହି 'ମୁଁ'ତ୍ୱର ମୂଳରୂପ ନିରୂପଣ କରିବା ବେଳେ ବ୍ୟକ୍ତିର ଅବଚେତନ ସ୍ତରରେ ଥିବା ଅହଂକାରର ବିଭିନ୍ନ ରୂପ ପ୍ରକଟିତ କରନ୍ତି । ଶାନ୍ତନୁ ବାବୁ ସେହି ଦୃଷ୍ଟିର କଥନିକାର ବର୍ଣ୍ଣନାରେ ପାର୍ଟି ଚିଫ୍‌ର ଦର୍ଶନର ସାହାଯ୍ୟ ନେଇଛନ୍ତି । କାଳୀମୂର୍ତ୍ତି ଓ 'ମୁଁ ସ୍ରଷ୍ଟା, ବାରମ୍ବାର ଜନ୍ମ ନିଏ', ଏସବୁ କଥା, ବୁଝି ପାରିଥିବା ଜର୍ଜର ମନକୁ 'ବ୍ରହ୍ମଦର୍ଶନ' (ପୃ. - ୨୬୧) ତୁଲ୍ୟ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ଦୁଇଜଣ ସତ୍ୟ-ମା'ର ରୂପାନ୍ତର କାଳୀମୂର୍ତ୍ତି ସ୍ୱରୂପିଣୀ ତା'ର ଶିକ୍ଷୟତ୍ରୀ ମିସ୍ ଆଡ଼ାମ୍‌ସ୍ ଏବଂ ପାଟି ଚିଫ୍ - ଯେଉଁମାନଙ୍କ ହାତରେ ରହିଛି ତା'ର ମୁକ୍ତିର ଚାବିକାଠି । କାଳୀ ଚାହେଁ କ୍ଷୁଧାର ପୂର୍ତ୍ତି, ପାର୍ଟି ଚିପ୍ ଚାହେଁ ଦୀକ୍ଷାର ଦକ୍ଷିଣା, ଏଇ ଦୁଇଟିରେ ସଫଳ ହେଲେ ଜର୍ଜ ହେବ ପାର୍ଟିର ଅଧିନାୟକ, ସର୍ବହରାର ଭୋକ ମେଣ୍ଟାଇବାକୁ ସମର୍ଥ ହିରୋ ।

Digitized by srujanika@gmail.com

ଯୌନ କ୍ଷୁଧା ଓ ପେଟରେ କ୍ଷୁଧା ଆଦିମ, ପ୍ରଚଣ୍ଡ ଓ ସର୍ବବ୍ୟାପୀ । ମିସ୍ ଆଡ଼ାମସ୍ 'ଅଶୀ ବର୍ଷର ବୁଢ଼ା ଉପରେ ପ୍ରତିଶୋଧ ନେବାପାଇଁ କରିଛି ବିଶ୍ୱଭ୍ରମଣ । ("ମାଳୟର ଘନ ଜଙ୍ଗଲ, ଆଫ୍ରିକାର ଅନ୍ଧକାରମୟ ହୀରାଖଣିର ଗହ୍ୱର, ୟୁରୋପର ଦୁର୍ଗନ୍ଧମୟ ଡକୟାର୍ଡ଼, ଆଉ କୋଇଲାଖଣିର ମୃତ୍ୟୁଗର୍ଭର ଅତଳ ଗର୍ଭରେ ସେ ଛାୟା ଖୋଜୁଥିଲା ସତେ ଯେପରି କୌଣସି ଦରହଜା ସ୍ମୃତିକୁ । ବହୁ ପ୍ରେରଣା ଆଉ ପ୍ରତାରଣାକୁ ବୁକୁରେ ଧରି ସେଇ ଦୁଃସାହସିକା ଛାୟାମୂର୍ତ୍ତି ଜୀବନର ସନ୍ଧାନରେ ବାହାରି ସତେ ଅବା ଆପଣାର ସନ୍ଧାନଇ ଆପେ ଆପେ କରୁଥିଲା ଏତେ କାଳ" (ପୃ. -୨୮୮) । ଏହା କାମନାଜନିତ ଅନୁସନ୍ଧାନ ନୁହେଁ ତ ?

ଫରାସୀ ଯୁବକର ନାକ ପ୍ରସଙ୍ଗ (ପୃ. - ୨୭୫-୭୬) ସହ ଜର୍ଜର ନାକ ବର୍ଣ୍ଣନା ଯୋଡ଼ି ଦେବା ମୂଳରେ କ୍ୟାପିଟାଲିଷ୍ଟ ପ୍ରତାରଣା ଓ ଶଠତା ମାଧ୍ୟମରେ ଶିଳ୍ପୀ ଯୌନକ୍ଷୁଧାର ଅତୃପ୍ତିଜନିତ କ୍ରୋଧର ରୂପ ପ୍ରକଟ କରିଛନ୍ତି । ମିସ୍ ଆଡ଼ାମ୍‌ସ୍ ଜର୍ଜ ପାଖରେ ଅସଫଳ ହୋଇ କାତର ବିନୟ ଭାଷାରେ କହୁଛି - "ମୁଁ କି ଜାଣେ ? ତୋର ନାକର କେଉଁ ପୁଡ଼ାରେ କି ପବନ ବହୁଥିଲା ? ସେଥିରେ ଥିବା ବାତ୍ସଲ୍ୟ ବା ଆଉ କିଛି, କିନ୍ତୁ କାହିଁକି ତୁ ଫିଙ୍ଗି ଦେଇଥିଲୁ ସେଇ ମନ୍ତ୍ର ଏଇ କାନ ମୂଳରେ । ମୁଁ କି ଜାଣେ କି ମନ୍ତ୍ର ସେ ? ମୁଁ କି ଜାଣେ ବୟସର କି ଭାଷା ? ତୋର ବୟସ ତତେ କି ଗୀତ ଶୁଣୋଉଥିଲା, ଆଉ ମୋର ବୟସ ମତେ ବି କଅଣ ଶୁଣୋଉଥିଲା ।" ଆଖି କଣରେ ଜମି ଯାଇଥିବା ଲୁହର ଝରଣା ଉଛୁଳି ପଡ଼ିଲା ଓ ଦୁଇଟି ସ୍ୱତନ୍ତ୍ର ଧାରରେ ବୋହି ଗଲା (ପୃ.-୨୮୭) । କାମନା ସ୍ଫୁଲିଙ୍ଗର ଦର୍ପ ଓ କ୍ରୋଧର ଭାଷା ପରିବର୍ତ୍ତେ ଏ ଆତ୍ମସମର୍ପଣର ଭାଷା ସମ୍ଭବତଃ ଜର୍ଜକୁ ଦ୍ରବୀଭୂତ କରିଛି - "ତା'ର ମନେ ହେଲା, ସତେ ଯେମିତି ଗୋଟିଏ ନିରୀହ ଶିଶୁ ତା'ର ନିଜର ଲୁହକୁ ନିଜେ ଶୋଷିଶୋଷି ଆପଣାର ଶୋଷ ମେଣ୍ଟାଉଛି - ବଡ଼ ଦୟନୀୟ ଭାବେ (ପୃ. ୨୮୭) । ତା'ର ମନରେ ଧାରଣା ଆସିଲା "ଏ ସଂସାରରେ ପାପ କଅଣ, ପୁଣ୍ୟ କ'ଣ ? ଜଣେ କ୍ଷୁଧିତ ସର୍ବହରାର ପାଟି ପାଇଁ ଖାଦ୍ୟ କଅଣ, ଆଉ ଅଖାଦ୍ୟ କଅଣ" (ପୃ. ୨୮୮) ? ପାପ ପୁଣ୍ୟ, ଖାଦ୍ୟ ଅଖାଦ୍ୟର ଭେଦାଭେଦ ନ କରିବାର ନଜିର ସେ ପାଇଥିଲା କାଠ କାବିନରେ । ପାଞ୍ଚ ବରଷର ଛୁଆ ବୀରସାମଲକୁ କୋଳେଇ କାଖେଇ ମଣିଷ କଲାପରେ ମଧ୍ୟ ବୁଢ଼ୀ ସାମଲର ଦାଢ଼ରୁ ମୁକ୍ତି ପାଇ ନଥିଲା । ସେଇ ବୁଢ଼ୀ ପୁଣି ଜର୍ଜକୁ କହିଥିଲା - "ନେ ଖା, ଖାଇଦେ, ମନ ସନ୍ତୋଷ ହେଇ ଯାଉ, ସବୁ ବୁଝିଚି, ନେ ବାପା - ଖାଇଦେ ତୁ ଆଉ କାନ୍ଦନା" - (୨୭୮) । ଏ କଥାର ରହସ୍ୟ ମନେ ପକାଇ ଜର୍ଜ ସେଦିନ ରାତିରେ ତା' ବିଶ୍ୱାସରେ ଆକାଶର ତାରା ହୋଇଯାଇଥିବା ବୁଢ଼ୀକୁ ତାରାଙ୍କ ଭିତରେ ଖୋଜିଲା । କୈଶୋରର କୌତୂହଳ ଏବେ ବାସ୍ତବ ଜ୍ଞାନର ଦିଗ୍‌ବଳୟ ଉପରେ ଫୁଟି ଉଠିଲା ଏବଂ ମିସ୍‌ଙ୍କ ବାହୁ ବେଷ୍ଟନୀ ଭିତରେ ବିଦେଶୀ ସୁଗନ୍ଧ ସହିତ ନିଜର ସତ୍ତା ହଜାଇ ଦେଲା । ଏ ଘଟଣା ପରେ ତା'ର ମୁକ୍ତିର ରାସ୍ତା ହୋଇ ଉଠିଲା ପ୍ରଶସ୍ତ ।

Digitized by srujanika@gmail.com

ବୁଢ଼ୀ ଆର୍କିଟାଇପାଲ ଚରିତ୍ର-କ୍ଷୁଧାର ପ୍ରତୀକଟିଏ । ମିସ୍ ଆଡ଼ାମ୍‌ସ୍ କମ୍ୟୁନିଷ୍ଟ, କିନ୍ତୁ ଭେକ ବା ପ୍ରଚାରପ୍ରଧାନ ଏବଂ ପେଟିବୁର୍ଜୁୟା ଚରିତ୍ରର ପ୍ରତିନିଧି, ଯେଉଁମାନେ ନିଜର ପ୍ରକୃତିଗତ ପରିବର୍ତ୍ତନ କରିପାରନ୍ତି ନାହିଁ - ରାଜନୈତିକ ଆଦର୍ଶ ଯେଉଁଠି ଜୀବନର ବ୍ରତାଚାର ହୁଏ ନାହିଁ, ଅଥଚ ସେମାନେ ସଂଗଠନର ଧ୍ୱଜା ତଳେ ବ୍ୟକ୍ତିଗତ ରୁଚିର ପତାକା ଉଡ଼ାଇ ଥା'ନ୍ତି । ବ୍ୟଙ୍ଗାତ୍ମକ ଦୃଷ୍ଟିରେ ବ୍ୟକ୍ତି ଚରିତ୍ର ତ୍ରୁଟି ପ୍ରଦର୍ଶନ କରିବା ଭିତରେ ଲେଖକଙ୍କ ଇଙ୍ଗିତ ହେଉଛି ତାତ୍ପର୍ଯ୍ୟପୂର୍ଣ୍ଣ । ଯୌନକ୍ଷୁଧା ମୌଳିକ ମାନବିକ ପ୍ରବୃତ୍ତି । ତାହା ପାପ ପୁଣ୍ୟ, ଧର୍ମ ଅଧର୍ମର ବିଚାରର ଊର୍ଦ୍ଧ୍ୱରେ । ପୁଞ୍ଜିପତି, ସାମ୍ୟବାଦୀ ବା ଧର୍ମଯାଜକ ଇତର ବ୍ୟକ୍ତି ପରି ଯୌନଭିକ୍ଷୁ ହେବା ଅସ୍ୱାଭାବିକ ନୁହେଁ । ସର୍ବହରା ବୀର ସାମଲ, ଚରଣ ରାଓ, ନଜିର ମିଆଁ ବା ଧୋବଣୀ, ଅନ୍ଧୁଣୀ, ପଞ୍ଜାବୀ ନାରୀମାନଙ୍କ ତୁଲ୍ୟ ହରି ମିସ୍ତ୍ରୀ, ମିସ୍ ଆଡ଼ାମ୍‌ସ, ଭଣ୍ଡ ଗରୁଡ଼ ଏ ବିଚାରରେ ସମସ୍ତେ ସମାନ । ନରର ଦୁର୍ବଳତା ତା'ର ଦ୍ୱିବିଧ କ୍ଷୁଧାରେ । କିନ୍ତୁ ଯେଉଁମାନଙ୍କୁ ସମାଜ-ବ୍ୟବସ୍ଥାରେ ସର୍ବମାନ୍ୟତା ଦିଆଯାଇ ପୃଥକ୍ ବୋଲି ଚିହ୍ନିତ କରାଯାଏ - ଯଥା ଭକ୍ତ, ଧର୍ମ ପ୍ରଚାରକ, ଯାଜକ (ପୁରୋହିତ) ରାଜନୀତିକ ଦିଗ୍‌ଦ୍ରଷ୍ଟା ବା ଶିକ୍ଷକ, ସେମାନେ ନିଜ ଆଚରଣରେ ବ୍ରତାଚାରୀ ହେବା ଶୋଭନୀୟ ଏବଂ କାମ୍ୟ । ସେମାନଙ୍କ ସାମାଜିକ ସତ୍ତା ବ୍ୟକ୍ତି ସତ୍ତାରୁ ପୃଥକ୍ ନ ହେଲେ ପ୍ରଚାରକ, ଶଠ ପ୍ରତିପାଦ୍ୟ ହୁଅନ୍ତି । ସେମାନେ ଆଶ୍ରୟ ନେଇଥିବା ସାମାଜିକ ସଂଗଠନର ଲକ୍ଷ୍ୟ ହେଉଛି ସାମାଜିକ ସୁସ୍ଥ ମୂଲ୍ୟବୋଧ ଓ ଶାନ୍ତି ପ୍ରତିଷ୍ଠା, ମାତ୍ର ସେମାନେ ଆଚରଣରେ ତା'ର ପରିପନ୍ଥୀ ସାଜନ୍ତି । ଏଣୁ କିନ୍ନର ବା କୁତ୍ସିତ ନର । ଧର୍ମ ଓ ରାଜନୀତି ପରି ଦୁଇଟି ସଂଗଠନ ପ୍ରଚାର ପ୍ରଧାନ ହେବା ଫଳରେ ସମାଜ ବିପନ୍ନ ହୁଏ । ଶାନ୍ତି ଓ ସଂହତିର ମୂଳ ପ୍ରତିନିଧି ସାଧାରଣ ଜନତା ଯେଉଁମାନେ କି ପୁନଶ୍ଚ ଉଭୟବିଧ କ୍ଷୁଧାରେ ଆତୁର, ସେମାନେ ହୁଅନ୍ତି ଦିଗଭ୍ରଷ୍ଟ । ଦୌର୍ଜନ୍ୟର କଳାମେଘ ଜୀବନାକାଶ ଆଚ୍ଛାଦିତ କରେ । ନର ହୁଏ କିନ୍ନର, ଦେବତା ନୁହେଁ । ଏହାର ସୁନ୍ଦର ଇଙ୍ଗିତ ଉପନ୍ୟାସର ଶେଷ ଭାଗରେ ମିଳେ ।

ଗରୁଡ଼ର ଆତ୍ମଗର୍ବ ଓ ଅହଂକାର, ମିସ୍ ଆଡ଼ାମ୍‌ସ୍‌ର ଦୃପ୍ତତା, ନିର୍ବିଚାର ଜୀବନାୟନର ଉଦାହରଣଯୋଗ୍ୟ ଚିତ୍ର ଦୁଇଟି । ମିସ୍ ଆଡ଼ାମ୍‌ସ୍ କହୁଛି - "ମୁଁ ଆଗାମୀ ଯୁଗର ମଣିଷକୁ ଅଭିଶାପ ଦେଇଛି । ମଣିଷ ହେବା ପୂର୍ବରୁ ସେ ଆଗ ପିମ୍ପୁଡ଼ି ହେଇ କିଛି ଅଭିଜ୍ଞତା ସଂଗ୍ରହ କରୁ । କୌଣସି ପିମ୍ପୁଡ଼ିଠାରୁ ଆଜିର ଏ ମଣିଷ ବଡ଼ ନୁହେଁ । ମଣିଷ ବଡ଼ ନୁହେଁ । ଆଉ ସେଇ ପିମ୍ପୁଡ଼ି ମଣିଷକୁ ମୁଁ ଏମିତି ମକଚି ଦେବାକୁ ଚାହେଁ - ହେଇ ଏମିତି - ଏମିତି, ଏମିତି ମୁଁ ଚାହେଁ ତାକୁ ମକଚି ଦେବା ପାଇଁ ମୋ ପାଦରେ । ଆଉ ଏମିତି ବି ମୁଁ ଚାହେଁ - ସେ ମତେ ଏମିତି କାମୁଡୁ । ଏମିତି କାମୁଡ଼ି ଧରୁ..." (ପୃ. - ୨୯୧) । ବିଚିତ୍ର ଆସ୍ଫାଳନର ସୁନ୍ଦର ଚିତ୍ର - ପ୍ରତୀକ ଧର୍ମୀ ଏ ବର୍ଣ୍ଣନା

Digitized by srujanika@gmail.com

ସହ ଭାଗବତ ମିଳନ ଦେଖନ୍ତୁ - "ଆଗାମୀ ଯୁଗର ମଣିଷ ଦିହର ରଙ୍ଗ ସବୁଜ ହେବ ବୋଲି ଆର୍‌ଜେଣ୍ଟିନାର ଏସ୍‌ଠାରେ ହେଉଥିବା ଗୁପ୍ତ ପାର୍ଟିର କନ୍‌ଫରେନ୍‌ସରେ ଠିକ୍ ହେଇଛି" (ପୃ. - ୨୮୪) । ସବୁଜ - (Green - The colour of vegetation, but also of corpses - Dictionary of symbols) ଅର୍ଥାତ୍ ମଣିଷ ହେବ ଉଦ୍ଭିଦବତ୍ ଅକ୍ରିୟ, ବୋଧଶକ୍ତି ହୀନ, (ମଗଜକୁ ପରୀକ୍ଷା କରି) । ବିଶ୍ୱର ସବୁ ମଣିଷର ମଗଜ ସମାନ କରିବା କିମ୍ବା ଗୋଟିଏ ଛାଞ୍ଚରେ ସବୁ ମଣିଷକୁ ତିଆରି କରିବାର ଫରମାସି ସହ "ଆଗାମୀ ଯୁଗର ମଣିଷ ସମାଜ ପାଇଁ ଆଉ କୃଷି କାର୍ଯ୍ୟର ଆବଶ୍ୟକତା ନାହିଁ - (ପୃ. ୨୮୯) ଇତ୍ୟାଦି ସୂଚନା ମଣିଷର ସାର୍ବଭୌମ ପ୍ରାକୃତିକ ବିକାଶ ଓ ସ୍ୱାଧୀନତାର ଶୃଙ୍ଖଳା ଉପରେ କୁଠାରଘାତ କରେ । ମଣିଷକୁ ଦିନେ କେଅର୍କେଗାର୍ଡ଼ ମନ୍ଦା ମଣିଷ (ଗବଷଘ ଝବଭ) ବୋଲି ବିଚାର କରିଥିଲେ । ଜନଜୀବନରେ ଦେଖାଯାଏ ପୋକ ସାଲୁବାଲୁ ପରି ସେ ତୁଚ୍ଛ ଓ ଭୟଙ୍କର ଭାବେ ଜୀବନ କାଟୁଛି । ସାମ୍ୟବାଦର ଶ୍ରେଣୀହୀନତାର କଳ୍ପନା ପ୍ରତି ଲେଖକର ବ୍ୟଙ୍ଗର ଅନ୍ତରାଳରେ ରହିଛି 'ମଣିଷ ଏକ ବସ୍ତୁବିଶେଷ ନୁହେଁ, ତା'ର ଚେତନା ଓ ଇନ୍ଦ୍ରିୟ ବସ୍ତୁର ସ୍ୱରୂପରେ ନିୟନ୍ତ୍ରଣକ୍ଷମ ମଧ୍ୟ ନୁହେଁ । ସେ ସ୍ୱାଧୀନ, ତା'ର ସ୍ୱାଧୀନତା କୌଣସି ଦର୍ଶନ ବା ଦାର୍ଶନିକ ନିର୍ଦ୍ଦେଶର ଅନୁପନ୍ଥୀ ରୂପେ ଚେତନାକୁ ପ୍ରଭାବିତ କରିପାରନ୍ତି ନାହିଁ । ଏତାଦୃଶ ଅସ୍ତିତ୍ୱବାଦୀ ବିଶ୍ଳେଷଣ ପର୍ଯ୍ୟାୟରେ ଶାନ୍ତନୁବାବୁ ସାମ୍ୟବାଦର ସମାଲୋଚନା କରିବାକୁ କୁଣ୍ଠିତ ନୁହଁନ୍ତି । ନିଜକୁ ସର୍ବହରାର ବନ୍ଧୁ କହୁଥିବା ମିସ୍ ଆଡ଼ାମ୍‌ସ୍‌ଙ୍କ ପରି ଅନେକ ବ୍ୟକ୍ତି ନିଜ ଭିତରେ ବାନ୍ଧି ରଖିଥାନ୍ତି ସାମନ୍ତବାଦୀ ନିଶା, ପେଟିବୁର୍ଜୁଆ ଲକ୍ଷଣ । ମଣିଷ ଭିତରେ ଉପଭୋଗ, ବିଳାସ ଓ କାମନା ଚରିତାର୍ଥ କରିବା ପାଇଁ ଅକୁଣ୍ଠ ପିପାସା କେଡ଼େ ଭୟଙ୍କର ନୁହେଁ ।

ସର୍ବହରା ଜର୍ଜ ମୁକ୍ତି ପାଇଛି । ବନ୍ଦୀର ସେଇ ଅବରୁଦ୍ଧ ଅଣ୍ଡର ଗ୍ରାଉଣ୍ଡ ଭିତରେ ଯେଉଁଦିନ ମୁକ୍ତିର ଅଭିଷେକବାରି ସିଞ୍ଚନ ହେଉଥିଲା, ସେହି ମୁହୂର୍ତ୍ତରେ ଜର୍ଜ ଅନୁଭବ କରୁଥିଲା ମିସ୍ ଆଡ଼ାମ୍‌ସ୍ ଆଉ ଭୈରବ ସ୍ୱରୂପା କାଳୀ ନୁହେଁ, ସେ ଯେମିତି ଛୋଟିଆ ଶିଶୁଟିଏ, ଅଳି ପୂରଣ ପରେ ଶାନ୍ତିରେ ଶୋଇ ଯାଇଛି । ଜର୍ଜର ବୟସ ବଢ଼ିଯାଇଛି ଆଉ ଝିଅଟିର ବୟସ "ତା ଆଗରେ କ୍ରମେ କ୍ରମେ ଆହୁରି ଛୋଟ, କୋମଳ ଏବଂ ଦୟନୀୟଭାବେ ନିଃସହାୟ ହୋଇଉଠିଲା । ତା'ପରେ ସମଗ୍ର ଜଗତଟା ଏଇ ସଦ୍ୟଜାତ ଶିଶୁ ରୂପ ଧାରଣ କରି ତା' ଆଖି ଆଗରେ ପଡ଼ିଥିବାର ସେ ଦେଖିପାରିଲା । ଧୀରେଧୀରେ ତା'ର କୁଆଁକୁଆଁ କାନ୍ଦରେ ସମଗ୍ର ଶୂନ୍ୟ ଆକାଶ ମଧ୍ୟ ଭରି ଉଠିଲା" (ପୃ. ୨୯୬) । ସର୍ବହରାର ନାୟକର ଯୋଗ୍ୟ ଏ ଅନୁଭୂତି । ବାତ୍ସଲ୍ୟର ଅନୁପମ ବୃଦ୍ଧିରେ ଆତୁର ହୃଦୟ ହେଉଛି ଯଥାର୍ଥ ସର୍ବହରାର ପରିଚୟ । ସେଠି ଭେଦ ବା ବିକାର ନାହିଁ - ସମତା, ସମଭାବାପନ୍ନ ଦୃଷ୍ଟିରୁ ବେଳାଭୂମିରୁ ପ୍ରେମ ଓ କରୁଣାର ନିର୍ଝର ଝରିଆସେ ।

Digitized by srujanika@gmail.com

ବ୍ୟକ୍ତିଗତ ସୁଖ ସ୍ୱାଛନ୍ଦ୍ୟର ଅଳିନ୍ଦରେ ସୀମାବଦ୍ଧ କରି ରଖେ ନାହିଁ ନିଜକୁ । ସାମ୍ୟବାଦର ମହାନ ମନ୍ତ୍ରରେ ଦୀକ୍ଷାଘେନା ପ୍ରାଣ ପ୍ରାଣର ନବନବ ଆଲୋକରେ ଉନ୍ମାଦିତ ହେଉ ହେଉ ନିଜକୁ ଅର୍ପଣ କରିଦିଏ ଜୀବନର ତ୍ୟାଗ-ବେଦୀରେ । ଶାନ୍ତନୁଙ୍କ ଶିଳ୍ପୀପ୍ରାଣ ଜର୍ଜ ଭିତରେ ତାହା ହିଁ ଖଞ୍ଜି ଦେଇ ନିଜ ତୁଲ୍ୟତାରେ ଗଢ଼ିଛି ଅନନ୍ୟ ଚରିତ୍ରଟିଏ । ଯଥାର୍ଥ ସାମ୍ୟବାଦୀ ଜଣେ ଯଥାର୍ଥ ଅସ୍ତିତ୍ୱବାଦୀ ଏବଂ ଗୂଢ଼ାର୍ଥରେ ସେ ବିକାଶ-ବିଶ୍ୱାସୀ, ମାନବବାଦୀ । ଶ୍ରୀଯୁକ୍ତ ଆଚାର୍ଯ୍ୟ ଏହିପରି ଜଣେ ସ୍ରଷ୍ଟା ।

କ୍ଷୁଧାର ଶୋଭାଯାତ୍ରା ଚାଲିଛି । ଜଣା ରୋଗ ବ୍ୟାଧି, କଷଣର ମୂର୍ତ୍ତିମନ୍ତ ବିଗ୍ରହ-କୁଷ୍ଠରୋଗୀ, ଅନ୍ଧଅନ୍ଧୁଣୀ, ଦୁଃଖୀରଙ୍କି ଯେଉଁମାନେ କି ମୃତ୍ୟୁର ନାମାନ୍ତର ମାତ୍ର ହୋଇ ଜୀବନ କଟାନ୍ତି । ଆର୍ତ୍ତସିନ୍ଧୁରେ ସେଇମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ମେଓ୍ୱା ଦାବି କରି ମୃତ୍ୟୁଲାଭ କରେ ଜର୍ଜ । ସର୍ବହରାର ଅନ୍ୱେଷଣ ଗରିବର ମେଓ୍ୱା ଯାହା ତଥାକଥିତ ବିଜ୍ଞାନୀମାନେ ନିଜର ଅଧିକାରରେ ରଖିଛନ୍ତି-ସତ୍ୟ, ନ୍ୟାୟ ଓ ଅହିଂସାର ଗଛରେ - ତାହାକୁ ଇତର ସାଧାରଣ ଜନତା ପାଇଁ ସୁଲଭ କରାଇବା ହିଁ ସର୍ବହରାର ଦାୟିତ୍ୱ । ଜର୍ଜ ସେ ଦାୟିତ୍ୱବୋଧର ସାର୍ଥକତମ ପ୍ରତିନିଧିଟିଏ ।

ତିନି

ନରକିନ୍ନର ଉପନ୍ୟାସର ବିବକ୍ଷିତ ବିଷୟ ବହୁ ବ୍ୟଞ୍ଜନା ଓ ବସ୍ତୁପ୍ରତୀକ ମାଧ୍ୟମରେ ଆରୋହଣ କରିଛି । ସେଗୁଡ଼ିକର ଉତ୍ତମ ଅବବୋଧ ବ୍ୟତୀତ ଉପନ୍ୟାସ ଅପହଞ୍ଚ ହୋଇ ରହିଯିବ । ସେଥିମଧ୍ୟରୁ ଆମେ ନିମ୍ନରେ କେତେକ ଆଲୋଚନା କରିବା ।

୧) ଗୋଦରୀ ବୁଢ଼ୀର ଚୁଲି ପ୍ରସଙ୍ଗ - "ସତେ କି ଏଇ ଚୁଲିଟାଇ ଏକ ମାଂସାସୀ ଜୀବନର ଚୂଡ଼ାନ୍ତ ଦର୍ଶନ, ଆଉ ମାଂସଖଣ୍ଡର ନିର୍ବାଣ ନିମିତ୍ତ ପ୍ରକୃଷ୍ଟ ସ୍ଥାନ - ଏଇ ଚୁଲି । ମାଂସର ମହାଯାତ୍ରା ଯେହେତୁ ସାର୍ଥକ ହୁଏ ଏଇ ଚୁଲିରେ (ପୃ. ୧୫) ।

ଚୁଲି ପ୍ରତୀକର ସ୍ଥାନ ନେଇଛି । ଗରାଖଙ୍କର ଆଖି ଚୁଲିରେ ସିଝୁଥିବା ମାଂସରେ । ତାହା ସିଝୁ ବା ନ ସିଝୁ ଗରାଖ, ସେଥିରୁ ଖଣ୍ଡେ ପାଇବାକୁ ଉତ୍କଣ୍ଠିତ । ମାଂସ ଲୋଭୀକୁ ଚୁଲି ଆକର୍ଷଣ କରେ; ଯେମିତିକି ଏଇ ଚୁଲି କାମନାର ନିଆଁ ଜାଳେ । ଦେହର ଓ ପେଟର କାମନା । ଖାଦ୍ୟ-ମାଂସ ଚୁଲିରେ ସିନା ସିଝେ । କିନ୍ତୁ ଦେହର ମାଂସ-ପିପାସାକୁ ଜଳାଏ । ପୁଣି ଏଇ ଚୁଲି ପିପାସାର ନିର୍ବାପନ କରି ପାଉଁଶ କରେ । ଲେଖକ ବଡ଼ ଭାବପ୍ରବଣ ହୋଇଉଠିଛନ୍ତି ଏ ପ୍ରସଙ୍ଗରେ । ଆମ ଲୋକୋକ୍ତିରେ ଚୁଲିର ବ୍ୟାବହାରିକ ଅର୍ଥ 'ଆଶ୍ରୟ' ବା ଅବଲମ୍ବନ । ଏପରି ଅର୍ଥ ପରବର୍ତ୍ତୀ ବର୍ଣ୍ଣନାରେ ମିଳେ । ରକ୍ତମାଂସ ଦେହଧାରୀ କୀଟପତଙ୍ଗ ପରି ଅଜସ୍ର ମଣିଷ ପାଇଁ ନିଆଁରଡ଼ ବା ଟିକିଏ (ଆଶ୍ରୟ) ମିଳେ ନାହିଁ; ଚୁଲି କଥା ଦୂରେ ଥାଉ । ବ୍ୟଙ୍ଗାତ୍ମକ କଥା ଏହା । ଯୋଉ ପରିସ୍ଥିତିରେ ବୀର

Digitized by srujanika@gmail.com

ସାମଲ ପରିବାର ଛାଡ଼ି ସହରରେ ନିରାଶ୍ରୟ ଥିଲା, ବୁଢ଼ୀ ପାଖରେ ଆଶ୍ରୟ ନେଇ ମଣିଷ ହେବା ପରେ ସେ ବୁଝିଲା ଚୁଲିର ଆହ୍ୱାନ । ରକ୍ତମାଂସର ଡାକରାକୁ ଏଡି, କିଏ କେବେ ଜୀବନ ସାର୍ଥକ କରେ କି ? ଏ ପ୍ରଶ୍ନର ଉତ୍ତର ଇତର ସାଧାରଣ ଲୋକ ଠାରୁ ମନୀଷୀ ପର୍ଯ୍ୟନ୍ତ ସର୍ବତ୍ର ଗୋଟିଏ । ଜୀବନର ବାସ୍ତବତାର ଇଙ୍ଗିତ ଦେଉଦେଉ ସବୁଠାରୁ ମୌଳିକ ଅଥଚ କୁତ୍ସିତ ଅତ୍ୟାବଶ୍ୟକ ପ୍ରବୃତ୍ତିର ସୂଚନା ଦେଇଛନ୍ତି ଲେଖକ ।

୨) ଗୋଦରୀ ବୁଢ଼ୀ, ବୀର, କାମେୟା, ହରି ମିସ୍ତ୍ରୀ ଚରିତ୍ରବର୍ଗ - ଏମାନେ ସାଧାରଣ ଚରିତ୍ର, ପ୍ରତିନିଧି ସାଧାରଣ ଜନତାର । ଏଣୁ ଜନ ଜୀବନର ବାସ୍ତବ ମୂଲ୍ୟବୋଧ ଏବଂ ବଞ୍ଚିବାର କୌଶଳର ପ୍ରତୀକ ପ୍ରତିନିଧି । ଏମାନଙ୍କର ବିଚାର, ଦୃଷ୍ଟିଭଙ୍ଗୀ, ଆଶା ଆକାଙ୍‌କ୍ଷା ପ୍ରତୀକିତ ହୋଇ ବାସ୍ତବ ଜୀବନର ଗୋଟିଏ ବୃହତ୍ ପଟ୍ଟଭୂମି ପ୍ରକାଶ ପାଇଛି - ଯେଉଁ ପଟ୍ଟଭୂମିରୁ ଜର୍ଜର ଜନ୍ମ ଓ ବିକାଶ । ସ୍ମରଣୀୟ ଯେ, ଜର୍ଜର ଜନ୍ମ ମେଡ଼ିକାଲର ନଳାରେ, ମା' ତା'ର ମେଡ଼ିକାଲର ବରଗଛ ଓ ବାପ ବ୍ରହ୍ମରାକ୍ଷସ । ମାତ୍ର ୧୩ଟି ବର୍ଷ ଜଣେ ଲୋକର ସେ ପାଳିତ ପୁତ୍ର । ଅଥଚ ତା'ର ଜୀବନର ପର କେତୋଟି ବର୍ଷ (ସମ୍ଭବତଃ ୧୦/୧୨ ବର୍ଷ) କଟିଲା ଏପରି ଚରିତ୍ରମାନଙ୍କ ମେଳରେ ଯୋଉମାନେ ଇତର ଶ୍ରେଣୀର ଏବଂ ଯେଉଁମାନେ ପ୍ରଚାର ଓ ପ୍ରତାରଣାରେ ରାଜନୀତିକ ଦର୍ଶନର ଜୀବନବାଦୀ ପ୍ରୟୋଗରେ ବିଶ୍ୱାସ କରନ୍ତି । ସେମାନେ ଯଥାକ୍ରମେ ନର ଓ କିନ୍ନର । ସେଇମାନଙ୍କର ଜୀବନର ସ୍ୱାତନ୍ତ୍ର୍ୟ କ'ଣ ? ଶାନ୍ତନୁ ବାବୁ କ'ଣ କୁହନ୍ତି ? ଅସ୍ତିତ୍ୱବାଦୀ ମାତ୍ରେ ହିଁ ତଥାକଥିତ ଦୁନିଆର ନୈତିକତା ଓ ସଂସାର ପଣିଆକୁ ପ୍ରଶ୍ନ କରନ୍ତି । ମଣିଷ ଏକୁଟିଆ, ସ୍ୱାଧୀନ ଅଭିରୁଚି, ଅଭିଜ୍ଞତା, ସ୍ୱପ୍ନ, କାମନା ବାସନା ସବୁ ଏକାନ୍ତ ଭାବେ ନିଜର । ଅନ୍ୟମାନଙ୍କ ସହ ତା'ର ମେଳ ରହି ନ ପାରେ । ନରକିନ୍ନରର ଉପର୍ଯ୍ୟୁକ୍ତ ଚରିତ୍ରବର୍ଗ ସେହିପରି ସ୍ୱତନ୍ତ୍ର । ପ୍ରତ୍ୟେକ ନିଜ ନିଜର ସ୍ୱାର୍ଥର ବୁଜୁଳି ଭିତରେ ବନ୍ଦୀ । ବୀର ସାମଲ ପାଞ୍ଚବରଷରୁ ବୁଢ଼ୀର କୋଳରେ ବଢ଼ିଲା, କିନ୍ତୁ ତାକୁ ମା' ଜ୍ଞାନ କଲାନାହିଁ, ବରଂ ନିଜର କାମନା ପୂରଣ ପାଇଁ ଯେ କୌଣସି ନାରୀ ପରି ତାକୁ ଉପଭୋଗ କଲା । ବୁଢ଼ୀ ମଧ୍ୟ ଅକାତରେ ଢାଳି ଦେଲା ତାର ସତୀତ୍ୱର ବାରି । ଚରିତ୍ରମାନେ କୌଣସି ପ୍ରକାର ଏକ ନୀତି ଓ ନୈତିକ ମୂଲ୍ୟବୋଧର ଖଟୁଲି ଉପରେ ଜୀବନର ଦେବତାକୁ ପୂଜି ନାହାନ୍ତି । ନୈତିକତା ସବୁବେଳେ ଆପେକ୍ଷିକ ହେଲେହେଁ କେତେକ ପରମ ନୈତିକତା ସାର୍ବକାଳୀକ ଓ ସବୁ ମଣିଷ ପକ୍ଷେ ଗ୍ରହଣୀୟ । ସେପରି ବିଷୟ ଅସ୍ତିତ୍ୱବାଦୀମାନେ ନିରୂପରଣ କରିନାହାନ୍ତି, ମାତ୍ର ଯେଉଁ ନୀତିଗୁଡ଼ିକ ଜୀବନର ଅସଂଖ୍ୟ ଘଟଣା ଭିତରେ ଧ୍ରୁବତାରା ପରି ବାଟ ଦେଖାନ୍ତି, ସେଗୁଡ଼ିକୁ ପରମ କହିବାରେ ତ୍ରୁଟି ନାହିଁ । ନର କିନ୍ନର ଉପନ୍ୟାସରେ କେବଳ ଜର୍ଜ ପରମ ନୈତିକତାର ସନ୍ଧାନୀ ହୋଇଛି । ମଣିଷ ପ୍ରତି

Digitized by srujanika@gmail.com

ରହିଛି ଏକ ଦୟାର୍ଦ୍ର ସମ୍ବେଦନଶୀଳ ଦୃଷ୍ଟି । ଦରିଦ୍ର, କ୍ଷୁଧାର୍ତ୍ତ ପ୍ରତି ଶ୍ରଦ୍ଧା ନିବେଦନ ଓ ସେମାନଙ୍କ ପ୍ରତିନିଧିସ୍ୱରୂପ 'ମେଓ୍ୱାଦିଅ'ର ଅଭିଯାନରେ ବାହାରି ସେ ଗୁଳିମାଡ଼ରେ ପ୍ରାଣ ହରାଇଛି । ଏଠାରେ ସ୍ମର୍ତ୍ତବ୍ୟ କଥାଟି ହେଉଛି ନୀତିବାଦୀଙ୍କ ପରି ଜର୍ଜ ସ୍ୱାର୍ଥ ଜଳାଞ୍ଜଳି ଦେବାରେ ବିଶ୍ୱାସୀ ନୁହେଁ । ସେ ଶୈଶବ ଓ କୈଶୋରରେ ଯାହା ଦେଖିଛି, ସେଥିରେ ଗତାନୁଗତିକ ବିଶ୍ୱ ପ୍ରତି ତାର ଅନାସ୍ଥା ଭାବ ଆସିଛି । ସ୍ୱାର୍ଥର ସିନ୍ଦୁକରେ ମଣିଷର ସାମାଜିକତା କିପରି ବିକୃତ ଓ ବିଭତ୍ସ, କାମନାର ହଳାହଳ ପିଇ ଗୁରୁ ଗଉରବ ସୌଜନ୍ୟ ବା ଶ୍ରଦ୍ଧା ଭୁଲି ମଣିଷ କିପରି ପକ୍ଷାଘାତ, ସେ ସବୁ ତା'ର ଅନୁଭୂତିର ସାମଗ୍ରୀ ହୋଇଛି । ଶୈଶବରେ ଶିଶୁ ବଡ଼ମାନଙ୍କ ତିଆରି ପୃଥିବୀ ଦେଖି ତାକୁ ଗୁରୁ ପରି ବିଚାରେ । ତା'ର ମନେହୁଏ ସେ ଦାୟିତ୍ୱହୀନ । ଖେଳିବା, ଆନନ୍ଦ ମଉଜ କରିବା ତା'ର କାମ । ମାତ୍ର ଯୌବନରେ ଯାହା ଦେଖେ, ତା'ର ମନୋଭାବ ବଦଳିଯାଏ । ତା'ପାଇଁ କିଛି ରେଡ଼ିମେଡ଼ ହୋଇ ରହିନାହିଁ, ଯାହା ଦିନେ ସେପରି ମନେ ହେଉଥିଲା । ଦୁନିଆର ନୀତି ନିୟମ, ସଂସ୍କୃତି, ମୂଲ୍ୟବୋଧ ସାଧାରଣ ମଣିଷମାନେ ଗଢ଼ିଛନ୍ତି । ପୂର୍ବରୁ କିଛି ତିଆରି ହୋଇନାହିଁ । ତିଆରି ଚାଲିଛି, ମଣିଷ ଅପେକ୍ଷା କରୁଛି, ସେ ସେଥିରେ ଭାଗ ନେବ । ବୟସର ଅନୁଭୂତି କ୍ରମେ ଏ ଧାରଣା ତା'ର ବୃଦ୍ଧି ପାଏ ଏବଂ ନିଜେ ନିଜର ସ୍ୱାଧୀନତାର ପଥ ଆବିଷ୍କାର କରେ । ସ୍ୱର୍ଗତଃ ସାର୍ତ୍ତେ 'ବିଂଗ୍ ଆଣ୍ଡ ନଥିଙ୍ଗ୍‌ନେସ'ରେ ଶୈଶବ, କୈଶୋର ଓ ଯୌବନ ମଧ୍ୟରେ ଏହିପରି ଦ୍ୱନ୍ଦ୍ୱରୁ ବ୍ୟକ୍ତିକୁ 'ବିଂଗ' ସ୍ତରକୁ ଉଠି କିପରି ନିଜର ସ୍ୱାଧୀନତା ଆବିଷ୍କାର କରିବାକୁ ହୁଏ, ସେ କଥା କହିଛନ୍ତି । ଜର୍ଜ ବୁଢ଼ୀର ବାସନ ମଜା ଛାଡ଼ିବା ଦିନୁ ସ୍ୱାଧୀନ ଭାବେ ବଞ୍ଚିବା ଓ ନିଜର ସ୍ୱାତନ୍ତ୍ର୍ୟ ଦର୍ଶାଇବାରେ ପିପାସୁ ହୋଇଛି । ଶୈଶବରେ ଯେଉଁମାନଙ୍କୁ ନର ବୋଲି ଅନ୍ତରରେ ଶ୍ରଦ୍ଧା ଓ ଭକ୍ତି କରୁଥିଲା, କୈଶୋରର ସ୍ମୃତି ଆଣିଦେଲା ସେ ବିଷୟରେ ବିଚିତ୍ର ଅନୁଭୂତି ଏବଂ ଯୌବନରେ - ମନରେ ଜନ୍ମ ନେଲା ପ୍ରଶ୍ନ । ଏତିକି ବେଳକୁ ତା'ର ଦୃଷ୍ଟିରେ ନରମାନେ ଆଉ ନର (ଆଦର୍ଶ, ଉଦାହରଣ ସ୍ଥାନୀୟ) ନୁହଁନ୍ତି । ସେମାନେ ପ୍ରକୃତରେ କିନ୍ନର । ସିନେମା ହଲରେ ଦେଖିଥିବା ଖଳ ଲୋକ (ପୃ. ୧୪୬-୪୭) ଠାରୁ କବିରାଜ, ସମସ୍ତେ ନରର ପ୍ରତୀକ ବା ପ୍ରତିନିଧି । ସେମାନେ ବିଶ୍ୱର ଯାବତୀୟ କୁଟିକର୍ମର ନାୟକ - ଏ ବିଶ୍ୱାସ ବଦଳିଛି । ତା'ପରେ କିନ୍ନରଙ୍କ ଦମ୍ଭ ଓ ଦକ୍ଷତାର ପ୍ରଶ୍ନ ଉଠିଛି । ଗରୁଡ଼, ଆନନ୍ଦଭସ୍କି, ମିସ୍ ଆଡ଼ାମ୍‌ସ୍ ପ୍ରଭୃତି ଏମାନେ ପ୍ରତୀକାତ୍ମକଭାବେ କିନ୍ନର । ନର ଦେହରେ ଓ କାମରେ ଏତେ କୁତ୍ସିତତା ! ଜର୍ଜର ବିସ୍ମୟ ତାକୁ ଆଗକୁ ଟାଣେ, ରହସ୍ୟର ଘନ ଅନ୍ଧକାର ପଛରେ ଦୌଡ଼ିବା ପରି ପ୍ରଶ୍ନ କରେ ଗରୁଡ଼କୁ । 'ତୁମର ଗୋଡ଼ କାହିଁକି କଟାହେଲା ? ଛୋଟାହୋଇ ପାହାଡ଼ କିପରି ଚଢ଼ୁଛ ? ସତରେ କ'ଣ ତୁମର ପୁଞ୍ଚାପୁଞ୍ଚା ଭାରିଜା ? ଯାବତୀୟ ପ୍ରଶ୍ନ - ଏକ ପ୍ରକାର ଜାଣିବାର, ପରୀକ୍ଷା କରିବାର ପ୍ରବୃତ୍ତି । କସ୍ମିକ ରିଭଲ୍ୟୁସନାରୀ ପାର୍ଟିର ଗୁପ୍ତ ଆଡ୍ଡାରେ

Digitized by srujanika@gmail.com

ବନ୍ଦୀ ହେବା ପରେ ପୁଣି ପ୍ରଶ୍ନ-ସର୍ବହରା, କ୍ଷୁଧା, ମଣିଷର ଭବିଷ୍ୟତ ନେଇ ସେ ଶୁଣୁଥିବା ବିଚିତ୍ର ସମ୍ବାଦ ଭିତରେ, 'ମୁଁ କିଏ ? 'ମୁଁ'ତ୍ୱର ଅହଂ, ପୁଞ୍ଜିପତି... ସର୍ବୋପରି ତା' ନାକକୁ ନେଇ ମିସ୍ ଆଡ଼ମ୍‌ସ୍‌ର କାମନାର ଖେଳ - ସବୁ ଭାଙ୍ଗି ଯାଇଛି ମିଛ ତାସ୍ ଘର ପରି । କେଡ଼େ କପଟାଚାରୀ ଏ ମଣିଷ । ସେମାନେ କ'ଣ ଗଢୁଛନ୍ତି ଭାଗ୍ୟ, ଭଗବାନ, ଦୁନିଆର ନୀତି ନିୟମ ? ନୁହେଁ ସେ ଯନ୍ତ୍ର ପରି ବା ଦଇବ ଦଉଡ଼ିରେ ବନ୍ଧା ଗାଈ ପରି । କେହି ତାକୁ ଗଢୁନାହାଁନ୍ତି, ସେ ନିଜେ ନିଜକୁ ଗଢ଼େ । ଦୁନିଆର ପ୍ରବାହ ଭିତରେ ଫେଣ୍ଟି ହୋଇପାରେ, ଜୀବନ ଦେଇପାରେ ଅନ୍ୟର ସ୍ୱାର୍ଥ ପାଇଁ । ଯନ୍ତ୍ରବତ୍ ଅନ୍ୟର ନିର୍ଦ୍ଦେଶ ମାନିବାକୁ ସେ ବାଧ ନୁହେଁ । ଏ ଅନୁଭବ ଜର୍ଜକୁ ବାରମ୍ବାର ଗତିପଥ ବଦଳାଇବାକୁ ପ୍ରେରଣା ଦେଇଛି । ନିର୍ଦ୍ଦିଷ୍ଟ ନିଶ୍ଚିତତା ତା'ର ପଥ ନୁହେଁ, ଅନିଶ୍ଚିତତା ହିଁ ଜୀବନର ଆହ୍ୱାନ । ମେଓ୍ୱା ପାଇଁ ଯୁଦ୍ଧ କରି ସେ ଆହ୍ୱାନ ଶୁଣାଯାଇପାରେ ।

ବିପ୍ଳବୀ ଯଥାର୍ଥରେ ଜର୍ଜ । "ଜର୍ଜ ଚିତ୍କାର କରୁଥାଏ ସେମାନଙ୍କୁ ମେଓ୍ୱା ଦିଅ ମେଓ୍ୱା । ସେଇ ବିଜ୍ଞାନୀ ଗଛର ମେଓ୍ୱା, ସତ୍ୟ, ନ୍ୟାୟ, ଅହିଂସା ବୃକ୍ଷର ମେଓ୍ୱା - ଯାହାକୁ ସେଇ ମର୍କଟ-ବିଜ୍ଞାନୀ ଦଖଲ କରି ନେଇଛି" (ପୃ.-୨୯୮) । ସତ୍ୟ, ନ୍ୟାୟ, ଅହିଂସା, ପରମ ନୈତିକତା ବିଷୟରେ ଯାହା ଅଦ୍ୟାବଧି ଧାରଣା ଥିଲା, ତାହା ସାର୍ତ୍ତଙ୍କର ଝକ୍ଟସକ୍ସସଷ କ୍ଟଲ ଷରକ୍ସସକ୍ଟଙ୍କଷଭରଷଷର ଗୋଟାଏ ଓଜନିଆ ଭାବ ତାକୁ ମାଡ଼ି ବସିଥିଲା । ତାହା ଭାଙ୍ଗି ଯାଇ ସ୍ପଷ୍ଟ ଦିଶିଲା ସତ୍ୟ, ନ୍ୟାୟ, ଅହିଂସା କ'ଣ । ତେଣୁ ଗୁଳିକୁ ଆଉ ଡର କାହିଁକି ?

୩) ଶିମୂଳୀଫୁଲ ଓ ସୂର୍ଯ୍ୟ (ପୃ. ୧୪୭-୪୮) ସିନେମା ହଲ ରୁ ନୂଆ ଅଭିଜ୍ଞତା ପାଇବା ପରେ ଧାରଣା ହେଲା, ଅଦ୍‌ଭୂତ ଅସମ୍ଭବ କଥା ପାଇଁ ପୃଥିବୀରେ ଗୋଟିଏ ଗୋଟିଏ ମଣିଷ ସୃଷ୍ଟି ହୋଇଥା'ନ୍ତି । ସେମାନେ ଏକବାରେ ଅନ୍ୟଠାରୁ ସ୍ୱତନ୍ତ୍ର୍ୟ । ଭିନ୍ନେ ଶୁଣିବା, ଦେଖିବା ଓ କରିବା ପାଇଁ ସେମାନଙ୍କର ଇନ୍ଦ୍ରିୟ ଗଢ଼ା । ସେମାନଙ୍କର ଏପରି ବିଚିତ୍ର କର୍ମ ଭିତରେ ଅଦ୍ଭୁତ ଘଟଣା ସୃଷ୍ଟି ହୁଏ । ସବୁ ହେଇଯାଏ ଓଲଟ ପାଲଟ । କେତେକ ଘଟଣାରେ ସମୟ ସ୍ଥିର ଏବଂ ମଧ୍ୟ ଜୀବନ, ଆଉ କେତେକ ପୂର୍ଣ୍ଣମାତ୍ରାରେ ଅସ୍ଥିର, ଓଲଟ ପାଲଟ ହେଇଯିବା ପରି । ଏଇ ଦୁଇ ପ୍ରକାର ଘଟଣା ସୁଅରେ ମଣିଷ ଭାସମାନ । ଅଚେତନ ଓ ନିଷ୍କ୍ରିୟ ଜୀବନର ଗତିପଥ ସେଇ ପ୍ରକାର ଘଟଣାରେ ଚେକାମାଡ଼ରେ । ନିୟନ୍ତ୍ରିତ ହୋଇଥାଏ । ମାତ୍ର ସଚେତନ ଜୀବନ ନିଜ ମନକୁ ଗୁରୁ କରିନିଏ । ଅସ୍ତିତ୍ୱବାଦୀର କଣ୍ଠରେ ଏ ସ୍ୱର ଅତି ଦୃପ୍ତ । ମନକୁ ଗୁରୁ କରିବା ଅର୍ଥ ଅନ୍ତର୍ମୁଖୀ ହେବା । ନିଜକୁ ଫାଙ୍କି ବେପରୁଆ ହୋଇ ନିଜ ସହ ଲୁଚକାଳି ଖେଳିବାକୁ ଅହରହ ମନ କରୁଥିବା ବ୍ୟକ୍ତି ଅନ୍ତର ଭିତରକୁ ଚାହିଁ ପ୍ରଶ୍ନ କରୁ - ଏହା ଅସ୍ତିତ୍ୱବାଦୀ ଦାର୍ଶନିକ କହିଥାନ୍ତି । ଶାନ୍ତନୁବାବୁ ଜର୍ଜକୁ ସେଇ କୋଟୀକୁ ନେବାକୁ

Digitized by srujanika@gmail.com

ଉତ୍କଣ୍ଠିତ । ସିନେମାହଲ୍‌ରୁ ପାଇଥିବା ଅଭିଜ୍ଞତା ପରେପରେ ଶିମିଳୀ ଗଛ ପଛପଟେ ଉଦୟ ହେଉଥିବା ସୂର୍ଯ୍ୟର ବର୍ଣ୍ଣନା ଦେଇଛନ୍ତି । ଘଟଣାଟି ମାମୁଲି । ନିତିଦିନିଆ ଦୃଶ୍ୟ । ନାଲି ଶିମିଳି ଫୁଲ କୁହୁଡ଼ି ଭିତରେ ପ୍ରଥମେ ଦେଖାଯାଉ ନଥିଲା । ପରେ ସୂର୍ଯ୍ୟକିରଣ ନାଲିରୁ ତୋଫା ହୁଅନ୍ତେ ଫୁଲଗୁଡ଼ା ସ୍ୱଷ୍ଟ ଦିଶିଗଲା । ଜର୍ଜ ପୂର୍ବରୁ ଦେଖି ନଥିଲା ନୁହେଁ, ମାତ୍ର ଏମିତି ଗୋଟାଏ ମୁହୂର୍ତ୍ତ ଆସେ, ଦୃଷ୍ଟପୂର୍ବ ଦୃଶ୍ୟ ଭିତରେ ଏକ ଆକସ୍ମିକ ରହସ୍ୟର ରୋମାଞ୍ଚ ଖେଳିଯାଏ । 'ଥୁଣ୍ଟା ଶିମିଳି ଗଛର ଲାଲ ଲାଲ ଲହ ଲହ ହଜାର ଜିଭ ଭଳି ଜଳି ଉଠିଲା - ଯେପରିକି ତା' ପେଟର ଅଶେଷ ଭୋକ ନେଇ ସାରା ସୂର୍ଯ୍ୟଟାକୁ ଚାଟି ଯାଉଥିଲା (ପୃ. - ୧୪୮) ।' ରକ୍ତାକ୍ତ ବସନ୍ତ ଋତୁର ପ୍ରଥମ ସୂଚନା ଶିମିଳି ଫୁଲ । ଏ ଦୃଶ୍ୟ ଦେଖି ସ୍ତମ୍ଭିଭୂତ ଜର୍ଜର 'ଦେହସାରା ଗୋଟାଏ ଝାଳ ବୋହିଗଲା ।' ସାଧାରଣ ବର୍ଣ୍ଣନା ଭିତରେ କେତୋଟି ସ୍ୱତନ୍ତ୍ର ବିଷୟର ସ୍ମରଣ ପାଇଁ ଏ ଆୟୋଜନ । ଶିମିଳି ଫୁଲକୁ କ୍ଷୁଧାର ପ୍ରତୀକ ରୂପେ ନେଇଛନ୍ତି । ସୂର୍ଯ୍ୟ-ସକଳ ଶକ୍ତିର ପ୍ରତୀକ- ଆଲୋକ ଓ ଶକ୍ତି । ଶିମିଳି ଫୁଲ ସୂର୍ଯ୍ୟକିରଣରୁ ଶକ୍ତି ନେଇ ନିଜେ ଲାଲ ହୁଏ - ଆତ୍ମପ୍ରକାଶ କରେ । କ୍ଷୁଧା ସେହିପରି ସ୍ୱୟଂଭୂ ଓ ସ୍ୱୟଂପ୍ରକାଶ । ଆଲୋକ ପରି ବିଚରଣ କରେ । ଏ ସତ୍ୟ ଅନୁଭବ ପାଇଁ ଘଟଣାର ଅବତାରଣା ପରେପରେ ଛୁଆମାନଙ୍କୁ ମେଓ୍ୱା ଖୁଆଇବା ସମ୍ପର୍କରେ ପ୍ରଶ୍ନ କରି ତା'ର ଆଉ ଏକ ଅଭିଜ୍ଞତା ହୁଏ ।

୪) ଆଖି ଥିବା ଗଛ ଓ ମେଓ୍ୱା (ପୃ. ୧୫୦-୧୫୪) ବୁଢ଼ା ଠାରୁ ଜର୍ଜ ଶୁଣିଥିଲା ଖତଗଦାର ଅଦ୍ଭୁତ ମଞ୍ଜିରୁ ଅଦ୍ଭୁତ ଭ୍ରୁଣ ବିଷୟରେ - ଦି'ଟା ଆଖିଥିବା ଗୋଟାଏ ଜାତିର ଗଛ । ଶୈଶବର ରହସ୍ୟ ଉତୁରା ମନର କୌତୁହଳ ଏବେ ସାର୍ଥକ ହୋଇଛି । ଷ୍ଟେସନ ପାଖରେ ଯାଯାବର ପିଲାମାନଙ୍କର ଭୋକିଲା ଆଖି ଦେଖି ତା'ର ମନେପଡ଼େ ଅତୀତର ସ୍ମୃତି - ପିଲାଗୁଡ଼ାକ ଯେମିତି ଆଖିଥିବା ଗଛଗୁଡ଼ାଏ, ଖତଗଦାରୁ ଉଠିବା ତାଙ୍କର ଭାଗ୍ୟ । ଖତଗଦା, ଆଖିଥିବା ଗଛ (ମଣିଷ ଛୁଆ) ଓ ଶିମୁଳି ଫୁଲ ଗୋଟାଏ ପ୍ରସଙ୍ଗର ତିନୋଟି ସ୍ତର । ପରସ୍ପର ପରିପୂରକ ତିନୋଟି ଭାବ । ଅର୍ଥର ଉଦ୍ଦେଶ୍ୟ ଗୋଟିଏ- କ୍ଷୁଧାର ଚିରନ୍ତନତା ଓ ସର୍ବ ସ୍ଥାନ ଜୟୀ ପ୍ରବୃତ୍ତି । ଯା'ର ବର୍ତ୍ତମାନତାରେ ସୁନ୍ଦର ମଣିଷ ହେଉଛି ଅସୁନ୍ଦର । ଖତଗଦାରୁ ଭବିଷ୍ୟତ ସମୁଜ୍ଜ୍ୱଳ ମଞ୍ଜି ଅଙ୍କୁରିତ ହେବା ହେଉଛି ତା'ର ନିୟତି । ଅବହେଳା ଭିତରେ, ଅଲକ୍ଷ୍ୟରେ ରହିବା ହିଁ ତା'ର କପାଳ । ଜର୍ଜ ଏ ତତ୍ତ୍ୱ ବୁଝେନାହିଁ ସତ କିନ୍ତୁ କ୍ଷୁଧାର ପ୍ରଶମନ ପାଇଁ ସେ ବିଚାରେ - "ଯଦି ଗୋଟାଏ ଛୁରୀ ଥାଆନ୍ତା - ହୁଏତ ଆଜି ମେଓ୍ୱା ଚାଖି ଏ ପିଲା ଅମର ହୋଇଯା'ନ୍ତା । ତାଡ଼ି କାଟି ପେଣ୍ଟାକୁ ପେଣ୍ଟା ମେଓ୍ୱା ମୁଁ ଯାରି ପାଟିରେ ଗଳେଇ ପକାନ୍ତି । ଆଉ ମାଲିକକୁ ଫେରେଇ ଦିଅନ୍ତି । ଏ ଚିରା ଗଦିଟା-ଗୋଟାଏ ମେଓ୍ୱା ଫଳିଥିବା ପ୍ଲାଷ୍ଟିକ୍ କନା ପକେଇଦବା ପେଇଁ । ନଚେତ୍ ଏକଏକ କେଞ୍ଚାରେ ଉଖାରି ଆଣି ଏଇ ଜୁଳୁକା ଆଖି ଦିଇଟାକୁ ଭଲକରି

Digitized by srujanika@gmail.com

ମେଓ୍ୱାଖିଆ ଶିଖେଇ ଦିଅନ୍ତି - ଯେମିତିକି ଆଉ ଦିନେ ସରଗର ଚାନ୍ଦ ଆଡ଼କୁ ହାତ ବଢ଼େଇ ଦିଅନ୍ତା ନାହିଁ - ଏଇ ବେକୁବ ମଣିଷ ପିଲାଟା (ପୃ ୧୫୨)' । ପ୍ଲାଷ୍ଟିକ୍ କନାରେ ମେଓ୍ୱା ଫଳାଇ ସଭ୍ୟତା ମଣିଷକୁ ପ୍ରବଞ୍ଚିତ କରିପାରେ । ପୁଞ୍ଜିସୁନ୍ଦର ଟ୍ରେଜେଡି ଆକାଶର ଚାନ୍ଦ ହୋଇପାରେ । ମାତ୍ର ମଣିଷ ତା'ର ଲୋଭରେ ପଡ଼ି ବାରମ୍ବାର ଠୋକର ଖାଏ ସିନା, ଲୋଭ ଛାଡ଼ିପାରେ ନାହିଁ । "ବରଂ ଫଳଟାକୁ ମେଓ୍ୱା ଭାବି ଟକ୍ କରି ଗିଳି ଦେଇପାରେ" (ପୃ. ୧୫୩) । ପୁଞ୍ଜି ପ୍ରତି ବିଦ୍ରୂପ ସହ ଶାନ୍ତନୁ ଜର୍ଜ ମନରେ ଅସହାୟତାର ଖେଦ ଖେଳାଇ ଦେଇଛନ୍ତି । ମେଓ୍ୱା ଗରିବ ପାଇଁ ସରଗ ଚାନ୍ଦ । କାହିଁକି ସେ ହାତ ପାତିବ ଜଳଜଳ କ୍ଷୁଧିତ ଆଖିରେ ? ତାଡ଼ି ପକାଇବା ଉଚିତ ସେ ଆଖିଗୁଡ଼ାକୁ । କ୍ଷୋଭର, ଦୁଃଖର ଏ ଭାଷା; ଅସମର୍ଥ ହେବା ପରେ ତାର ପ୍ରତିକ୍ରିୟା ଗୁହିମନ୍ତ ହୁଏ । ଜର୍ଜର ସେପରି ପ୍ରତିକ୍ରିୟା ଅସ୍ତିବାଚକ, ନାସ୍ତିବାଚକ ନୁହେଁ ।

୫) ଚରଣ ରାଓର ଅଙ୍ଗାର ଗାର - (ପୃ. ୧୫୫-୫୯/୧୬୫,୬୬) ଖୁନି ଅପରାଧୀ ଓ ଜେଲରୁ ପଳାଇ ଆସି ପାଗଳ ହୋଇଥିବା ବୁଢ଼ା ଚରଣ ରାଓ କାନ୍ଥରେ ଅଙ୍ଗାରରେ ଚିତ୍ର କରେ । ଅସଙ୍ଗତ, ଅଶ୍ଳୀଳ ଚିତ୍ର ପରି - ବହୁ ଦୁର୍ବୋଧ । ଦିନେ ସନ୍ଧ୍ୟାରେ ଜର୍ଜ ଦେଖେ ଶେଷସୂର୍ଯ୍ୟର ରକ୍ତିମ କିରଣରେ, ତାକୁ ଜଣାଯା'ନ୍ତି ସେଗୁଡ଼ିକ ଯେମିତି ଥନକଟା, ନାକକଟା, କାନଚିରା, ହାତ ଗୋଡ଼ଭଙ୍ଗା ଖଣ୍ଡିଆ ନାରୀସବୁ । ମନରେ ଭୟ ଆସେ । ସେ ଭୟରେ ଥରୁଥରୁ ଚରଣ ରାଓର ଲହରା ଦମା କାଶ ଉଠେ । ଆଜିଯାଏ ପାଗଳ ଭାବି ପାଖକୁ ଯାଉ ନଥିବା ଜର୍ଜ ଗୋଟାଏ ତାଡ଼ନାରେ ଯାଇଁ ବୁଢ଼ାର ପିଠି ଆଉଁସି ଦିଏ । ବୁଢ଼ାଟା ବି ଆରାମ ପାଇ ଜର୍ଜର ହାତ ପାପୁଲିକୁ ଧରିପକାଏ । ଜର୍ଜ ଅନୁଭବ କରେ କୃତଜ୍ଞତାର ସ୍ପର୍ଶ । ତା'ପରେ ବୁଢ଼ା ପ୍ରତି ଥିବା ଭୟ ଦୂର ହୁଏ ଏବଂ ଅନ୍ତରଙ୍ଗ ସୌହାର୍ଦ୍ଦ୍ୟରେ ତା'ର ଆତ୍ମା ଫୁଲିଉଠେ । ପ୍ରାଣରେ ସମବେଦନାର ଅମୂର୍ତ୍ତ ନୀରବ ଭାଷାର ଜ୍ୟୋସ୍ନା ଅଧୀର କରେ । ସେ କହିଦିଅନ୍ତା - "ହେ ମନୁଆ ଚିତ୍ରକର, ତୋ ଅଙ୍ଗାର ଗାରକରେ ଯେ ଏତେ ଶକ୍ତି, ତୁ ମତେ ଟିକିଏ ଦେଖେଇଦେ ତାକୁ । ମୁଁ ତତେ ଗୁରୁ କରିନେଲି । ତୁ ମତେ ସେଇ ଚିତ୍ର ଜଗତକୁ ନେଇଚାଲ । ତା'ରି ଭିତରେ, ପ୍ରତ୍ୟେକ ବିନ୍ଦୁରେ ଜୀବନ ଦେଇ ମୁଁ ଆଉ ଥରେ ତିଆରି କରନ୍ତି, ସଜାଡ଼ି ଦିଅନ୍ତି ତୋର ସେଇ ଅଥରପା ମୂର୍ତ୍ତିଗୁଡ଼ାକୁ । ମୁଁ ଜାଣେ ତୁ କିଆଁ ସନ୍ତାପି ହଉଚୁ ଢ ଢ ସାରା ଦୁନିଆ ତତେ ଭୁଲ ବୁଝିଛି ଢ ଢ ଢାଳି ଦେଇଛି ତୋ ମୁଣ୍ଡରେ ସବୁତକ ଝାଟୁଆ । ସେଇ ଝାଟୁଆ ଗଦାରୁ ବାହାରକୁ ବାହାରିବାର ବାଟ ଖୋଜୁଖୋଜୁ କେତେ ଅବାଟରେ ଚାଲିଯାଇଚୁ ତୁ-ଅବୁଝା ଚିତ୍ରକର । ତୋ ମନ୍ତରତକ ମତେ ଦେଇଦେ । ମୁଁ ଗୋଟେଇ ପୋଟେଇ ତୋ'ର ଅଙ୍ଗାର ମୂର୍ତ୍ତିର କାନ୍ଧରୁ ସେଇ ଝାଟୁଆ ବୁଜୁଳିଗୁଡ଼ାକୁ କାଢ଼ିନେଇ ସମୁଦ୍ରରେ ପକାଇ ଦେବି । ଦେ, ମତେ ଦେଲୁ ଏ ଶକ୍ତି" (ପୃ ୧୫୮) । ଏ ହେଉଛି

Digitized by srujanika@gmail.com

ଜର୍ଜ, ଜର୍ଜକୁ ବୁଝିବାର ଗୋଟାଏ ମନ୍ତ୍ର । ପାଗଳ ଘୃଣିତ, ଦୁନିଆ ଆଖିରେ ସେ ଇତର ପୁଣି ଅପାଙ୍‌କ୍ତେୟ; ଯେମିତି ଖତଗଦାର ମଣିଷ ଗଛ - ଏପରି ଅନେକ ପୋକମଣିଷ, ସାପ ମଣିଷ, ମାଛ ମଣିଷ, ଘୁଷୁରି ମଣିଷ, ବାଘ ମଣିଷ, ମାଙ୍କଡ଼ ମଣିଷଗୁଡ଼ାକୁ ସେ ନଜିର ମିଆଁ ସାଙ୍ଗରେ ବୁଲି ବୁଲି ଦେଖିଛି । କୌତୂହଳର ପାରାବାର କୂଳରେ ଅନୁଭବ କରିଛି ସେମାନେ ଯାହା ହୁଅନ୍ତୁ ପଛେ ଗୋଟାଏ ବ୍ୟକ୍ତିଗତ ପୀଡ଼ା ମଧ୍ୟରେ ପ୍ରତ୍ୟେକ କାଲୁବାଲୁ ହଉଛନ୍ତି । କିଏ ସେମାନଙ୍କୁ ଟିକିଏ ଆଶ୍ୱାସନା ଦବ ? କାହାର ସାହାରାରେ ହୃଦୟର ଆଟୁପାଟୁ ଆର୍ତ୍ତଭାବ କ୍ଷଣକ ପାଇଁ ହେଲେ ବି ଶାନ୍ତି ପାଇବ ? କୌତୂହଳରୁ ଅନ୍ତରରେ କାରୁଣ୍ୟ, କ୍ରମେ ଶ୍ରଦ୍ଧା, ସମବେଦନା ଏବଂ ଶେଷରେ ଏକାତ୍ମ ହୋଇଯିବାର ଏ ଯେଉଁ ପ୍ରକ୍ରିୟା ମାନବର ଆଚରଣ ଭିତରେ ଦେଖାଯାଏ, ତାହା ଜର୍ଜ ପରି ବ୍ୟକ୍ତିମାନଙ୍କ ପାଖରେ ସମ୍ଭବ । ଲେଖକର ବୈଜ୍ଞାନିକ ସାମ୍ୟବାଦୀ ଦୃଷ୍ଟି ଜର୍ଜ ଭିତରେ ଯେଉଁ ପରମ ଓ ଚରମ କଥାଟି ଦେଖାଇଛି - ତାହା ହେଉଛି ଏହିପରି - compassion, consolation and commitment - କାରୁଣ୍ୟ, ଆଶ୍ୱାସନା ଓ ଅଙ୍ଗୀକାରବଦ୍ଧ - ପର୍ଯ୍ୟାୟକ୍ରମେ ଦୃଢ଼ ହୁଏ । କେହି କେହି ପ୍ରଥମଟିରେ ଅବା କେହି ଦ୍ୱିତୀୟ ପର୍ଯ୍ୟନ୍ତ ଉଠିଥାନ୍ତି । ତୃତୀୟ ସ୍ତରକୁ ଉଠି ସନ୍ତାପିତ ପ୍ରାଣ ସନ୍ତାପ ପାଇଁ ନିଜକୁ ଦାୟୀ କରୁଥିବା ବ୍ୟକ୍ତିଟି ପ୍ରକୃତରେ ଅଙ୍ଗୀକାର ବ୍ରତରେ ଦୀକ୍ଷିତ ହୁଏ । ଜର୍ଜର ସର୍ବହରାର ଦୁଃଖ ପ୍ରତି ସମ୍ବେଦନା ବା ଅଙ୍ଗୀକାରର ଭିତ୍ତି-ସୂତ୍ର ଏଇଠାରେ । ଚରଣ ରାଓର ଅଙ୍ଗାର ଚିତ୍ର ଅନ୍ୟକିଛି ନୁହେଁ - ତା'ର ବିକୃତ ମନର ପ୍ରତିଭାସ । ଜର୍ଜ ସେସବୁ ଦେଖି ମନେକରେ ଯେମିତି ସବୁ ଖଣ୍ଡିତାଂଶ, ଅପୂର୍ଣ୍ଣ ମଣିଷର ପ୍ରତିଲିପି । ତା'ର ଅବଚେତନ ମନ ଭିତରେ ରହିଛନ୍ତି ବସା ବାନ୍ଧି କୈଶୋର କାଳରୁ । ସେତେବେଳେ କୌତୂହଳ ମିଶା ଭୟ ଜାଗୁଥିଲା । ମନେ ହେଉଥିଲା ଦୁନିଆରେ ଜୀବନର ବୀଭତ୍ସ ରୂପର ଅନ୍ତରାଳରେ ବ୍ୟକ୍ତିଟି ନିଜେ ରହିଛି, ନିଜେ ନିଜକୁ ଖଣ୍ଡିତ କରିଛି । ଏବେ ସେ ଧାରଣା ଦୂରହେଲା । ଏଥିପାଇଁ ଅନ୍ୟ ଜଣେ ମଧ୍ୟ ଦାୟୀ ହୋଇପାରେ । ଶାନ୍ତନୁବାବୁ ଯଥାର୍ଥରେ ସମାଜ-ସନ୍ଦିହୁ; ବୈଜ୍ଞାନିକ ସାମ୍ୟବାଦ ଦୃଷ୍ଟିରୁ ପ୍ରସଙ୍ଗଟିକୁ ସୁନ୍ଦର ରୂପକ ମଧ୍ୟରେ ଥୋଇ ଦେଇଛନ୍ତି । ପ୍ରସଙ୍ଗଟି ଏକାଧାରରେ ମନସ୍ତତ୍ତ୍ୱ, ରାଜନୀତିକ ଓ ଅପରାଧ ସମ୍ବନ୍ଧରେ ସମାଜତାତ୍ତ୍ୱିକ ଦୃଷ୍ଟିଭଙ୍ଗୀର ପରିଚୟ ବହନ କରେ ।

୬) ଜର୍ଜର ସପନ ଦେଖା - (ପୃ. ୧୫୯-୬୦) ଚରଣ ରାଓ ପାଖରୁ ଚାଲିଯିବା ପରେ ସେହି ରାତିରେ ତାକୁ ଜର ହୁଏ ଓ ସେ ସପନ ଦେଖେ - ଗୋଟିଏ ଗାଢ଼ ସବୁଜ ବିନ୍ଦୁ ବୁଡ଼ିବୁଡ଼ି ସମୁଦ୍ର ଆକାର ଧାରଣ କରେ । ସେ ପୁଣି ରଙ୍ଗ ବଦଳାଏ । ଦ୍ୱିତୀୟ ସପନଟି - ପ୍ରଥମର ବିନ୍ଦୁଏ ସବୁଜ ରଙ୍ଗ ସମୁଦ୍ର ନ ହୋଇ କେମିତି ଗୋଟାଏ ଅବାଗିଆ ରୂପ ଧରିଲା । ସେ ରୂପ ଚିହ୍ନାଚିହ୍ନା ପରି । ସେଥିରୁ ଛୋଟ ପିମ୍ପୁଡ଼ିଟିଏ ଜନ୍ମ ନେଲା । ସେ କାୟା ବିସ୍ତାର

Digitized by srujanika@gmail.com

କରି ଗୋଡ଼ ଦୁଇଟା ଉପରେ ଠିଆ ହେଲା । ଗୋଲଗୋଲ ଚକାଚକା ଆଖି, ଲହଲହ ଦୁଇଟା ଶୁଣ୍ଢ । ଅରକ୍ଷିତ ପିଲା ପରି ସେ ଆସି ଜର୍ଜର ସାମନାରେ ଠିଆହୋଇ କିଛି ମାଗିଲା । ପରେ ସେ ସାପୁଆ ଶୁଣ୍ଢ ଘେରେଇ ଜର୍ଜକୁ ବାନ୍ଧି ଦେଲା ଓ ଗୋଟାଏ ଗୋଡ଼ ଗିଳିଦେଲା ।

ସ୍ୱପ୍ନ ମଣିଷର ଅବଚେତନ ମନର ଭାଷା । ବ୍ୟକ୍ତି ତାକୁ ବିଶ୍ୱାସ କରୁ ବା ନ କରୁ, ତାହା ଜୀବନ ବିକାଶର ଏକ ଅଂଶ ବୋଲି କୁହାଯାଏ ।

ବ୍ୟକ୍ତି ତାର ସାମର୍ଥ୍ୟର ପୂର୍ତ୍ତି ପାଇଁ ଉଦ୍ୟମ କରେ । ସେ ଯେଉଁ କଥାଗୁଡ଼ିକ ଆଡ଼େଇ ଚାଲେ, ଯାହା ତାର ବ୍ୟକ୍ତିତ୍ୱର ବିକାଶ ପାଇଁ ପ୍ରତିବନ୍ଧକସ୍ୱରୂପ, ସେହି ବିଷୟଗୁଡ଼ିକ ସ୍ୱପ୍ନରେ ଆସେ । ବ୍ୟକ୍ତି କ'ଣ ଚାହେଁ, କ'ଣ ଖୋଜେ ବା କୋଉ କାମନାର ଅରଣ୍ୟରେ ବୁଲୁଥାଏ ପୂର୍ଣ୍ଣତା ଉଦ୍ଦେଶ୍ୟରେ ସେ ବିଷୟ ସ୍ୱପ୍ନରେ ଉଭାହୁଏ । ନିତିଦିନିଆ ଜୀବନରେ ମୁଣ୍ଡ ଟେକୁଥିବା ଅଭୀପ୍ସା ଓ ମନର ଭାବକୁ ପ୍ରତ୍ୟାଖ୍ୟାନ କରିଦେବାର ଆଶ୍ୱସ୍ତି ସ୍ୱପ୍ନ ଭିତରେ ଦେଖା ଦେଇ ତାକୁ ସତର୍କ କରିଦିଏ । ବ୍ୟକ୍ତିର ଦୃଷ୍ଟି କଠୋର ବା କ୍ଷୁଦ୍ର ହେଇଗଲେ ସ୍ୱପ୍ନରେ ଠିକ୍ ତାର ବିପରୀତ ଚିତ୍ର ଦେଖାଯାଏ । ଫ୍ରଏଡ଼ ବହୁ ସ୍ୱପ୍ନ ଚିତ୍ରରେ ଯୌନ ବିଷୟକ ବସ୍ତୁର ଉପସ୍ଥିତି କଥା ଦର୍ଶାଇଛନ୍ତି । କାରଣ, ଯୌନ ବିଶୃଙ୍ଖଳାରେ ବହୁ ଲୋକ ବିକୃତ (Dictionary for Dreamers - Tom Chetwynd - Page-7) । ଜର୍ଜର ସ୍ୱପ୍ନ, ପ୍ରଥମଟିରେ ଗାଢ଼ବିନ୍ଦୁ ତା'ର ଅଚେତନ ମନ । ସବୁଜ ରଙ୍ଗର ସମୁଦ୍ର ହୁଏ - ସମୁଦ୍ରକୁ କେହି କେହି ଯୌନ ଜୀବନର ପ୍ରତୀକ ମାନନ୍ତି । ପ୍ରସଙ୍ଗତ ଏ ଅର୍ଥ ଲାଗୁନାହିଁ । ସମୁଦ୍ର ପ୍ରକୃତିର ଦୁର୍ବୋଧ୍ୟତାର ପ୍ରତୀକ, ମନର ରହସ୍ୟାଚ୍ଛାଦିତ ଭାବର ପ୍ରତୀକ । ପୁନଶ୍ଚ ସବୁ ଜୀବନର ଜରାୟୁ, ସେମାନଙ୍କର ମୌଳିକ ଭିତ୍ତିଭୂମି ଏବଂ ଜୀବନର ଲକ୍ଷ୍ୟ । ମୂଳତଃ ବିଶୃଙ୍ଖଳା । ଅମାନବୀୟ ଅଚେତନ ଅବସ୍ଥା ରୂପେ କେହି କେହି ବିଚାରିଥାନ୍ତି । ମଣିଷ କ୍ରମେ ପଶୁ ହେଉଛି - ଏକ ମାନବୀୟ ସତ୍ତାର ପରିବର୍ତ୍ତନ ଘଟୁଛି ଅମାନବୀୟ ସତ୍ତାରେ । କାମନା ଓ କ୍ଷୁଦ୍ର ସ୍ୱାର୍ଥ ତାକୁ ଆଖି ଥିବା ଗଛଟିଏ କରିପାରେ । ପିମ୍ପୁଡ଼ି ମଣିଷ, ଭାଲୁବାଘ ମଣିଷରେ ବଦଳାଇପାରେ । ଦ୍ୱିତୀୟ ସ୍ୱପ୍ନ ଅଧିକ ସ୍ୱଚ୍ଛ । ଆତ୍ମସତ୍ତା ଭିତରୁ ଜନ୍ମ ନେଇଛି ପିମ୍ପୁଡ଼ି - ଯା'ର ଶୁଣ୍ଢ ଏରିଏଲ୍ ଦୂରରୁ ବହୁ ବିଷୟ ଶୁଙ୍ଘିପାରେ । ଜାଣିପାରେ ଖାଦ୍ୟର ସ୍ଥାନ । ଜର୍ଜ ପାଖରେ ଖାଦ୍ୟ ଅଛି - ମେଓ୍ୱା । ହାତ ପାତିଲେ କାଳେ ମିଳିଯିବ । ମେଓ୍ୱାଲୋଭୀ ଛୁଆମାନଙ୍କ ପ୍ରତି ଜର୍ଜର ଅନୁକମ୍ପା ଓ ମେଓ୍ୱା ଦେଇ ନ ପାରି କ୍ଷୋଭ, ସମାଜ ବ୍ୟବସ୍ଥା ପ୍ରତି ବିଦ୍ରୂପ ତାର ଅବଚେତନ ମନରେ ସୃଷ୍ଟିକରି ଥିଲା ଅସମର୍ଥ ପୁରୁଷାକାର । ଅସମର୍ଥ ପୁରୁଷାକାର ବର୍ତ୍ତମାନ ପିମ୍ପୁଡ଼ି ପାଖରେ ବନ୍ଦୀ । ସଚେତନ ମନ ଜାଣେ ଯୋଉ ମେଓ୍ୱା ପିଲାମାନେ ଦେଖୁଛନ୍ତି ତାହା ଚିତ୍ର ମାତ୍ର; ମିଛ । କିନ୍ତୁ କ୍ଷୁଧା କି ବୁଝେ ଏମିତି ସଭ୍ୟତା ମଣିଷକୁ ମିଛ ପ୍ରତିଶ୍ରୁତି ଦିଏ । ଜର୍ଜ ସେହି ସଭ୍ୟତାର ପ୍ରତିନିଧି ସ୍ୱରୂପ ଶାସ୍ତିର ଯୋଗ୍ୟ । ସ୍ୱପ୍ନରେ ସେ ଶାସ୍ତି ପାଏ ।

Digitized by srujanika@gmail.com

୭) ମୋ ଧନରେ - (୧୬୨-୬୬) ଚରଣ ରାଓ ପାଖରୁ ଫେରିବା ପରେ ସେଦିନ ରାତିରେ ଜର୍ଜ ଜର ପ୍ରକୋପରେ ବାଉଳି ହୁଏ । କେବିନ୍ ଭିତରେ ବୀରର ବାହୁବନ୍ଧନରୁ ମୁକୁଳି ଆସି ବୁଢ଼ୀ ଶୁଣାଏ ଆଶ୍ୱାସନା-ରାତିଯାକ ତୁ ବିଳି ବିଳୋଉଚୁ । ଦିନଯାକ ଖରାନାହିଁ, ତରାନାହିଁ, ମଶାଣି, ପଡ଼ିଆ, ଦଣ୍ଡା, ବିଲ ଗୋହିରି, ସବୁଠି ତୁ ବୁଲୁଚୁ । - ବାର ପିତାଶୁଣିଙ୍କ ଆଖି ପଡୁଚି - ରାତି ଯାକ ତୁ ବିଳିବିଳୋଉଚୁ - ମୋ କାନରେ କ'ଣ ପଡୁନାହିଁ ତୁ ମନେ କରୁଚୁ ? ହେଲେ ଆସିବାକୁ ଯୁ ନାଇଁ ମୋର, ସେ ଯୋଗିନୀଖିଆ ମୋ ଗୋଡ଼ ବାନ୍ଧି ପକେଇଚି, ମୋ ତୁଣ୍ଡ ବନ୍ଦ କରି ଦେଲାଇଁ ସେ - ତୋ ଛାଇ ଆଉ ମତେ ମଡ଼େଇ ଦଉନି ସେ । ଢ ଢ ଢ ଛ ଛ ବରଷ ଧରି ଚଳେଇ ଆଇଁଲି ଢ ଢ ଢ ତୋ ମୁହଁକୁ ଚାହିଁଦବା ଦିନଠୁ ପେଟ ମୋର ପୁରି ଯାଇଥିଲା । ମୁଁ ତୋତେ ଆଶରା ଦେଇଥିଲି ମୋ କୋଡ଼ରେ-ଭାବିଥେଲି ତୁଇ ଏକା ମଣିଷ ହବୁ - ମତେ ଚିହ୍ନିବୁ - ମୁ ଇଁ ତୋର ମାଆ ବୋଲି ବିଚାର କରିବୁ ଢ ଢ ଢ ତୋର କିଛି ଦୋଷ ନାହିଁ - ତୁ ଅଣ୍ଡିରିପୁଅ- ତୋର ରକତ ସେଇ ଧାତୁରେ ଗଢ଼ା - ସବୁ ମୋରି ଦୋଷ, ମୋରି ହୀନିକପାଳ - ମତେ ବିଧାତା ରାକ୍ଷାସୁଣୀ କରି ଜନମ ଦେଇଥିଲା - ମୁଁ କାହୁଁ ପୁଅ ଘଇତା କରିଥାନ୍ତି ? ଢ ଢ ଢ ଆଜିକୁ ଛଅ ବରଷ ହେଲା ତୋ କାନ୍ଦଣା ମୋ କାନରେ ପଡ଼େଇଁ, ସବୁ ବିଳିବିଳି ମୁଁ ଶୁଣେଇଁ - ବୁଝନ୍ତି ନାଇଁ କେମେତେରେ" (୧୬୨-୬୩) । ଜର୍ଜର ବିଳିବିଳି ଶୁଣିବା ପରେ ବୁଢ଼ୀ କହୁଛି ଏକଥା । ମା'ର ହୃଦୟରେ ଆଘାତ ଆସିଛି, ଫିଟିଯାଇଛି ବାତ୍ସଲ୍ୟର ସ୍ରୋତ । ବାତ୍ସଲ୍ୟର ମହାପ୍ରବାହ ତାକୁ ବୀରର ବିକାରହୀନ କାମେଚ୍ଛାର ବ୍ୟୂହ ଭିତରେ ଯନ୍ତ୍ରଣାଦଗ୍ଧ ଅବସ୍ଥାରୁ ଟେକି ଆଣି ଜର୍ଜ ପାଖରେ ଛାଡ଼ି ଦେଇଛି । ବୁଢ଼ୀର ଧାରଣା ଥିଲା ମଣିଷ ଛୁଆ ବୁଦ୍ଧି ସମ୍ପନ୍ନ-ଇତର ପଶୁଠାରୁ ଫରକ । ଯୋଉ ବୀର, ଶନିଆ, ଗଜିଆ, କାମାୟାଙ୍କୁ ସେପରି ପାଳିଲା ସେମାନେ ଭୁଲିଗଲେ ମଣିଷପଣିଆ- "ସେମିତି ସେମିତି ଗୋରୁ ମଇଁଷି ଘୁଷୁରି ହେଇ ରହିଗଲେ-" (୧୬୫) ମା' ଆଉ ପୁଅର ସମ୍ବନ୍ଧ ତୁଟିଯାଏ । ମା'ର ଛାତି ଉପରେ ଆଖି ସବୁବେଳେ - ଛୁଆଦିନରୁ ଯବାନ୍ କି ଦରବୁଢ଼ା ଯାଏ । ସେ ସିନା କ୍ଷୀର ଦେଇନାହିଁ, ହେଲେ କ୍ଷୀରର ଲୁକ୍‌କାୟିତ ଶକ୍ତିରୁ ସେ କାହାକୁ ବଞ୍ଚିତ କରିନାହିଁ ।ସେ ତାର ଭୁଲ୍ ବୁଝିପାରି ଅଭିମାନ ସ୍ୱରରେ କହୁଛି - "ଜାଣିଥିଲି ଦିନେ ନା ଦିନେ ତୋ ବୁଦ୍ଧି ହେବ, ସବୁକଥା ବୁଝି ପାରିବୁ ତୁଇ - ମାତରକ ଏ ଜନମରେ ସେକଥା ଆଉ ହବନାଇଁ ମୁଁ ଜାଣେ । ହଉ, ଯଦି ହେବ ନାଇଁ ତ ନାଇଁ - ହେଲେ ମୋ ବାପା - ମୋ ଧନ ! ତୁ ଆଉ ବିଳିବିଳେଇ କାନ୍ଦନା-ନେ, ନେ ଖା, ମତେ ଖା ଖାଇଦେ ! ଖାଉନୁ । ଖା - ଖାଆ ଲୋ ଖା - ଯଦି ଏଥେରେ ତୋ ଭୋକ ମରିଯିବ, ତୋ ଅଗ୍ନି ସନ୍ତୋଷ ହବ - ତୋର ଭଲ ବୁଦ୍ଧି ହେବ - ତୁ ମଣିଷ ହେଇ ଏ ସର୍ବଗିଳା ସଂସାରର ବ୍ରହ୍ମଅଗ୍ନିକୁ ଥଣ୍ଡା କରିବୁ, ତେବେ ନେ; ନେ ଖା, ତୁ ଶାନ୍ତି ହ, ଆରେ

Digitized by srujanika@gmail.com

ଖାଇଦେ ମ ! ଯେତେ ଖାଇଲେ ହେଲେ ଏ ନିଆଁଲଗା ରକତ ମାଉଁସ କ'ଣ ସରୁଚି ହେଲେ । ଖାଲି ଖାଇଲେ ତା ନାଇଁ - ଚରିଗଲେ ମେତେ ସେଗୁଡ଼ାକ, ହେଲେ ମୁଁ ସରିଲି ନାହିଁ - ଆ ଆଜି ଦି' କୋଡ଼ି ତିନି ପୂରି ଏଇ ଦିହରେ ଦି' କୋଡ଼ି ଚାରି ବସା ବାନ୍ଧିଲା - ହେଲେ ଆହୁରି ଟିକିଏ ରହିଯାଇଚି - ରକତ ମାଉଁସ ଶେଷ ହେଲାନାଇଁ - ନେ - ଖା - ଖାଇ ଦଉନୁ - ସେ ତ ସେଣେ ଘୁଙ୍ଗୁଡ଼ି ମାରୁଚି - ତାର ପେଟ ପୂରେଇ କରି ଆଇଲି ଭାରି ପରା - ତୋ ବାରଚାଉଳିଆ କଥା ଶୁଣିକରି ।"

ଅବଦମିତ କ୍ରୋଧ ଓ ଅଭିମାନରେ ସ୍ୱତଃସ୍ଫୁର୍ତ୍ତ ହୋଇ ଆବେଗର ରୂପ ନେଇଚି । ସେଇ ଆବେଗରେ ବୁଢ଼ୀ ଇତର ଶ୍ରେଣୀରେ ଜୀବନବୃତ୍ତର ଦୁର୍ବଳତା ପ୍ରକାଶ କରିଛି । ସେ ଦୁର୍ବଳତା ମୂଳତଃ ଯୌନ ଜୀବନ ଭିତ୍ତିକ । ବୀର ଶନିଆଙ୍କ ପକ୍ଷରେ ଯାହା ସତ୍ୟ ଅର୍ଥାତ୍ ତାର ଅଭିଜ୍ଞତା ଓ ଅନୁଭୂତିର ମାପକାଠିରେ ଜର୍ଜକୁ ସେ ବିଚାର କରିବାକୁ ବାଧ ହେଇଛି । ନାରୀର ଯେଉଁ ଦି ପ୍ରକାର ରୂପ ମା ଓ ପ୍ରେମିକା (ପତ୍ନୀ); ଗୋଟିଏ ପଶୁତ୍ୱରୁ ମୁକ୍ତି ଦିଏ ଅନ୍ୟଟି ପଶୁତ୍ୱ ଭିତରେ ସୀମାବଦ୍ଧତା ଇଚ୍ଛାକରେ । ଏ ଅଭିଜ୍ଞତାରୁ ସେ ବୁଝେ - ନାରୀ କେବଳ ଭୋଗ୍ୟ ସାମଗ୍ରୀ ପଣ୍ୟ ତୁଲ୍ୟ ଗ୍ରାହକ ଅପେକ୍ଷାରେ ଥାଏ । ଜର୍ଜ ଭିତରେ ସେ ବ୍ୟତିକ୍ରମ ଖୋଜିଛି, ମାତ୍ର ଜର୍ଜର ଅନ୍ୟଥା ମାନସିକ ସନ୍ତୁଳନ ତା ପାଇଁ ସନ୍ଦେହର ବିଷୟ ହୋଇଛି । ତା'ର ଧାରଣା ମଣିଷ ମାତ୍ରେଇ ସର୍ବଗିଳା ଅଗ୍ନିକୁ ଦେହ ଭିତରେ ରଖି ଜନ୍ମ ନିଏ ଆଉ ସାରା ଜୀବନ ତା'ରି ଶାନ୍ତି ପାଇଁ ଲାଗେ । ଶୈଶବରେ ପେଟର ଅଗ୍ନିକୁ ଶାନ୍ତିଦେବା ପାଇଁ ମା'ର ବକ୍ଷ ବିଦାରେ । ପୁଣି ଯୌବନର ତରଙ୍ଗ ଉଚ୍ଛୁଳିଲେ ସେ ଛାତିକୁ ପଶୁପରି ବିଦାରେ ଅନ୍ୟ ଏକ ଲକ୍ଷ୍ୟରେ । ମଣିଷ ସ୍ୱଭାବତଃ ପଶୁ । ପାଶବିକତାର ଫାଶଭିତରେ ସେ କାହୁଁ ବୁଝିବ - (ବାକି ମୁଁ ତେତେ ଆଶା କରିଥେଲି - ଭାବିଥେଲି ଏଇ ମଣିଷ ହବ । ଯା'ରି ଆଖିରେ ପଦ୍ମଫୁଲ ଫୁଟିବ ଆଉ ମୁଁ ସରଗକୁ ଯିବି) ମାତୃତ୍ୱ କାମନାହୀନ ବୋଲି । ମା ଭାବେ ସେ ଚିନ୍ତେ ପୁଅର ଆଖିରେ ପଳାଶ ଫୁଲ ନୁହେଁ, ଫୁଟୁ ପଦ୍ମଫୁଲ । ପ୍ରତୀକର ଚମତ୍କାର ବ୍ୟବହାର କରିଛନ୍ତି ଶାନ୍ତନୁବାବୁ । ପଦ୍ମ ପବିତ୍ର କେବଳ ନୁହେଁ, ଜ୍ଞାନ, ଆଧ୍ୟାତ୍ମିକତାର ବନ୍ଧନର ସୂତ୍ର । ସେ ବନ୍ଧନ କେବଳ ସ୍ୱର୍ଗୀୟ । ପଳାଶ ପରି ପାର୍ଥିବ ବା ପାଶବିକ ନୁହେଁ । ବୁଢ଼ୀର ଏ ଆଶା ଯଥାର୍ଥରେ ସତ୍ୟରେ ପରିଣତ ହୋଇଛି । ଔପନ୍ୟାସିକ ସ୍ଥୂଳତଃ ପଶୁ-ମଣିଷର ଉଦାହରଣ ଛଳରେ ଦେବ-ମଣିଷର ସନ୍ଧାନ ଦେବା ପାଇଁ ଏ ପ୍ରସଙ୍ଗଟିର ଅବତାରଣା କରିଛନ୍ତି । ପାଠକ ବୁଝନ୍ତୁ, ନର୍ଦ୍ଦମାର ଶିଶୁ ତଥାକଥିତ ସ୍ୱଚ୍ଛ ପରିବେଶ ଭିତରେ ଜନ୍ମିତ ବା ବଢ଼ିଥିବା ପଶୁ-ମଣିଷଠାରୁ ପୃଥକ କି ନୁହେଁ । ଅସ୍ତିତ୍ୱବାଦୀର ଧାରଣାରେ ତାଙ୍କର ଜର୍ଜ ଜନ୍ମ ନେଇପାରେ ବା ବଢ଼ିପାରେ, ପଶୁମେଳରେ ଦୁନିଆର ବିଚିତ୍ର ରହସ୍ୟ ଘେରା ଆଚରଣ ଭିତରେ ହତଜ୍ଞାନ ହୋଇପାରେ, ମାତ୍ର ତାର ନିଜସ୍ୱ

Digitized by srujanika@gmail.com

ସୌରଭକୁ ଭୁଲେ ନାହିଁ । ପଙ୍କରୁ ଜନ୍ମ ହେଲେ ହିଁ ପଙ୍କଜର ସାର୍ଥକତା ଆସେ । ବୁଢ଼ୀର ସ୍ୱାଭିମାନ ଓ ମା ସୁଲଭ ଅହଂନାଶୀ ସର୍ବଂସହାର ଶାନ୍ତି ଉଦକ ପରି ବାକ୍ୟ ଭିତରୁ ଆତ୍ମପ୍ରକାଶ କରିଛି ଜର୍ଜ - ପଙ୍କଜ ଜର୍ଜ; ଯିଏ ବେଦନାର ସେଇ କ୍ଲେଦାକ୍ତ ମୁହୂର୍ତ୍ତରେ ଦେଖୁଥିଲା ଚରଣ ରାଓର ବିକୃତ ରେଖା ଚିତ୍ର ଭିତରୁ ଉଜ୍ଜଳି ଉଠିଲା ଏକ ମଶାଲ । ମଶାଲ ଆଲୁଅରେ ସେ ଚିତ୍ରଗୁଡ଼ିକରୁ ଗୋଟିଏ ନିଖୁଣ ନାରୀର ଚିତ୍ର । ତା ଓଠରୁ ଝରୁଥିଲା ଅମୃତ ହସ । ସେହି ମୁହୂର୍ତ୍ତରେ ଆଉ ଏକ ଅନୁଭବ-କାହାର ଅମୃତ ହସ୍ତ ତା'ର କପାଳରେ । ଚରଣ ରାଓର ଅମୃତହସ ସ୍ୱରୂପିଣୀ କଳ୍ପନାର ନାରୀ ବାସ୍ତବରେ ଯେ ଅନାଦୃତ ହସ୍ତ ଲମ୍ବାଇ ଯନ୍ତ୍ରଣାର ଅନ୍ଧକାର ଭିତରେ ଉପଶମର ଆଲୋକ ଦେଇ ପାରେ - ସେଇ ବିଶ୍ୱାସ ଆସିବା ପରେ ଅକୁଣ୍ଠିତ ସ୍ୱରରେ ସେ ଡାକି ଦେଲା ମା' ବୋଲି । ବୁଢ଼ୀର ସବୁ ଅବିଶ୍ୱାସ, ସନ୍ଦେହ, ଧୈର୍ଯ୍ୟ, ବିକଳ ଅବସ୍ଥା ସମୁଦ୍ରର ଲହରି ପରି ଅଜାଡ଼ି ହୋଇଗଲା ଟୋକା ଉପରେ । ବହୁ ପ୍ରତୀକ୍ଷିତ ଡାକର ଏକତ୍ର ପ୍ରତ୍ୟୁତ୍ତର, ମୋ ଧନରେ । ଚମତ୍କାର କଳ୍ପନା ଓ ବ୍ୟଞ୍ଜନା ମଧ୍ୟରେ ପଶୁ ହେଇ ଉଠୁଥିବା ମଣିଷର ପରିବର୍ତ୍ତନର ଗାଥା ଲେଖି ଦେଇଛନ୍ତି ଶାନ୍ତନୁ କୁମାର । ଏହାହିଁ ସାହିତ୍ୟିକ ସଂସ୍କୃତିର ଅପୂର୍ବ ଭାଷ୍ୟ । ମଣିଷର ମହାନତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଆଶ୍ଚର୍ଯ୍ୟ ଲାଗେ, ବିଷୟବସ୍ତୁର ସଂଯୋଜନା, ଅଗ୍ରଗତି ଓ ଲକ୍ଷ୍ୟ ଧାର୍ଯ୍ୟରେ ଜର୍ଜର ଏକକ ନାୟକତ୍ୱର ନିଦର୍ଶନ ସହିତ ଉପନ୍ୟାସର ଏହି ଅଂଶଟି ବହୁ ଭାବରେ ଶକ୍ତିଶାଳୀ ଓ ଭିତ୍ତିସ୍ୱରୂପ ଅଂଶଟିଏ । ବର୍ଣ୍ଣନା ଦୃଷ୍ଟିରୁ ତାହା ସର୍‌ଲିୟାଲିଷ୍ଟ ବ୍ୟାପାର ଏବଂ ସାଧାରଣ/ଇତର ଜୀବନ ବୃତ୍ତାନ୍ତ ହୋଇପାରେ ।

୮) **ଜୟ ଜୟ ଭୈରବ-** ଗରୁଡ଼ (୧୮୪-୨୦୦) - ଦୀର୍ଘ ଷୋହଳ ପୃଷ୍ଠାର ବର୍ଣ୍ଣନା ଆଧ୍ୟାତ୍ମିକତା ଓ ଭଣ୍ଡାଚାର ମଧ୍ୟରେ ଦ୍ୱନ୍ଦ୍ୱର ମର୍ମସ୍ପର୍ଶୀ ରୂପକ ଆଖ୍ୟାନ । ଛୋଟା ଗରୁଡ଼ ମହାପ୍ରଭୁ ରୂପେ ପୂଜା ପାଇବା, ଭକ୍ତଙ୍କୁ ପ୍ରତାରିତ କରିବା, ଆଧିଭୌତିକ କପଟାଚାର ଦ୍ୱାରା ଧର୍ମ ଓ ବିଶ୍ୱାସର ମୂଳରେ କୁଠାରାଘାତ କରି ଅର୍ଥ ଉପାର୍ଜନ କରିବା ପରି ବହୁ ଅପକର୍ମର କାହାଣୀ ଶୁଣିବା ପରେ ଜର୍ଜର ମନରେ ଆସିଛି ପ୍ରଚଣ୍ଡ ଘୃଣା । ହେଲେ, ମିଳିଛି ଗୋଟିଏ ଅନୁପମ ଶିକ୍ଷା - 'ମନବଳ ଭାରି ମାତବାର ଜିନିଷ, ଯିଏ ଏ ବଳକୁ ନ ଜାଣିଛି ସେ ଘୁଷୁରି ଘୁଷୁରି ମରିଚି ।' ସେଇ ମନବଳ ପ୍ରଚଣ୍ଡ ହେଇ ତାର ଭୋକିଲା ପେଟ ସତ୍ତ୍ୱେ ତାକୁ ଦେଇଛି ଆବିଷ୍କାରର ଶକ୍ତି, ଭଣ୍ଡ ଭଗବାନ ଗରୁଡ଼କୁ ମାରି ଦେବାର ସାମର୍ଥ୍ୟ, ଆତ୍ମରକ୍ଷା କରିବାର କୌଶଳ ।

ଗରୁଡ଼ ବୀରର ପରବର୍ତ୍ତୀ ସଂସ୍କରଣ । ଜଣେ ଅଭାଗା ଆଶ୍ରୟହୀନ ଶିଶୁ ଜୀବନର ସାମ୍ବାବ୍ୟ ଆଶ୍ରୟ ଓ ଆଶ୍ୱାସନା ପାଇବା ପରେ ମଣିଷତ୍ୱ ଭୁଲିଯାଏ । ପଶୁତ୍ୱ ହୁଏ ତା'ର ପରିଚୟ । ପଶୁ ମଣିଷ କେବଳ ଅମଣିଷ ନୁହେଁ, ଜୀବନର ମହାନତାର ରୁଦ୍ଧକାରୀ ଶକ୍ତି । ଅସ୍ତିତ୍ୱବାଦ ଦୃଷ୍ଟିରେ ଅସ୍ତିତ୍ୱ ଓ ମାନବୀୟ ସଂଜ୍ଞା (ସୌରଭ) ମଧ୍ୟରେ

Digitized by srujanika@gmail.com

ସଂଘାତ (contrast between essence and existence)ର ସେ ପ୍ରତୀକ । ଗରୁଡ଼ ମଧ୍ୟ ତଦୁତ୍ପନ୍ନ ଏକ ବିକାର ମସ୍ତିଷ୍କ ବ୍ୟକ୍ତି । ବୀର ମଧ୍ୟରେ ଯୌନ କାମନାର ସଫଳତା ପରେ ଧନ, ଯଶ, ପ୍ରତିପତ୍ତି ପ୍ରତି ମଣିଷର କ୍ଷୁଧାର ଭୟାବହ ରୂପ ପ୍ରକାଶ ପାଇଛି ଗରୁଡ଼ର ଆତ୍ମକାହାଣୀ ଭିତରେ । ପ୍ରଥମ ପର୍ଯ୍ୟାୟରେ ଯୌନ ଏକ ଆବଶ୍ୟକ ଓ ଜୀବନ ସ୍ଫୁର୍ତ୍ତିର ପ୍ରବୃତ୍ତି - କିନ୍ତୁ ସେଥିରେ ନିର୍ବିକାର ଭାବ ବା ସ୍ୱେଚ୍ଛାଚାର ମଣିଷତ୍ୱ ନୁହେଁ । ସେହିପରି ଧନ, ଯଶ ଗୌରବକୁ ଆବଶ୍ୟକ ଓ ବିଳାସ ମଧ୍ୟରେ କେଉଁଠି ରଖିଲେ ମଣିଷତ୍ୱ ସାର୍ଥକ ହେବ ? ଏ ବିଚାର ଅସ୍ତିତ୍ୱବାଦୀର । ଅସ୍ତିତ୍ୱ ଓ ମାନବୀୟ ସଂଜ୍ଞା ମଧ୍ୟରେ ସଂଘର୍ଷ ଜନିତ ପରିଣାମରେ କ୍ଷତିଗ୍ରସ୍ତ ହୁଏ ଜୀବନ, ବ୍ୟକ୍ତିବିଶେଷ ନୁହେଁ । ତେଣୁ ପ୍ରସଙ୍ଗଟିର ଉଦ୍ଦେଶ୍ୟ ଜୀବନର ଗୌରବ ପ୍ରତିପାଦନ କ୍ଷେତ୍ରରେ କମିଟ୍‌ମେଣ୍ଟର (ଜର୍ଜର) ଭୂମିକା ନିରୂପଣ ।

୯) ଅମୃତହସ୍ତ ବାବାଜୀ ଓ ହୀରାର ନଦୀ - (୧୮୦-୮୧, ୨୦୩-୨୦୬) - କ୍ଷୁଧା ମେଣ୍ଟାଇବା ପାଇଁ ଜର୍ଜ ଲୋକକଥାର ଅମୃତହସ୍ତ ବାବାଜୀର ସନ୍ଧାନ କରିଛି । ସାମାନ୍ୟ ଗିଲାସେ ଚା' ଭୋକ ମାରିଦିଏ, ଏ ବିଶ୍ୱାସ ତାକୁ ସନ୍ଧାନରେ ବହୁତ ବାଟ ନେଇଯାଇଛି । ବଦଳରେ ପାଇଛି ଗରୁଡ଼ର ପରିଚୟ ଏବଂ ଚା' ସ୍ୱାଦ ପରିବର୍ତ୍ତେ ଉତ୍କଟ ପୋଡ଼ାଗନ୍ଧର ଅନୁଭୂତି । ଭଗବାନ ବୋଲି ଯାହାକୁ ଜନତା ବିଶ୍ୱାସ କରେ, ସେ ପ୍ରକୃତରେ ଭଣ୍ଡ। ପୁଣି ନଦୀ ବୋଲି ଯେଉଁଠି ସ୍ୱଚ୍ଛ ଜଳଧାରାର ପ୍ରବାହ ଆଖିକୁ ଜକ୍ ଜକ୍ କରେ, ସେ କିଛି ନୁହେଁ - ମୃଗତୃଷ୍ଣା । ଏ ତିନୋଟି ବିଷୟରେ ତାର ପ୍ରତ୍ୟକ୍ଷ ଅନୁଭୂତିରୁ ସେ ବୁଝେ ଯେ ଦୁନିଆ ବୋଲି ଯାହା କୁହାଯାଏ ବା ଦେଖାଯାଏ, ତା'ର ବାସ୍ତବ ରୂପ ଭିନ୍ନ । ପ୍ରତାରଣା, ପ୍ରବଞ୍ଚନା ଓ ମୃଗତୃଷ୍ଣାର ଦୁନିଆରେ କ୍ଷୁଧା ହିଁ ପରମ ସତ୍ୟ । ଉପନ୍ୟାସର ଏ ତିନୋଟି ଘଟଣା ଅସ୍ତିତ୍ୱବାଦୀ ଦର୍ଶନ ଆଧାରିତ ବିଚାର । ଏ ପର୍ଯ୍ୟନ୍ତ ଜର୍ଜ ଥିଲା ଏକ ଭାବବାଦୀ ଦର୍ଶନର ଜଗତରେ । ସେ ଦର୍ଶନ ପଢ଼ି ନଥିଲା; କିନ୍ତୁ ତାର ଅଭିଜ୍ଞତା ଓ ଅନୁଭୂତି ଥିଲା ସାଧାରଣ ଜନତାର ବିଶ୍ୱାସକୈନ୍ଦ୍ରିକ; ଯେଉଁମାନେ ନିଜର ସଂସ୍କାରରୁ ଶିକ୍ଷା କରନ୍ତି ସେ ବାହ୍ୟଜଗତଟା ମାୟା ବୋଲି । ଏ ମାୟାପଟଳର ଅନ୍ତରାଳରେ ଗୋଟିଏ ସତ୍ୟ ଯିଏ କି ଈଶ୍ୱରରୂପୀ, ତାହାହିଁ ପରମ । ସେମାନେ ଚେତନା ଭିତରେ ତାର ସୂକ୍ଷ୍ମ ରୂପକୁ ସବୁବେଳେ ସତ୍ୟର ନିରାଧାରୀ ରୂପେ କଳନା କରିନିଅନ୍ତି । ଅର୍ଥାତ୍ ମନର ଧାରଣାର ବିକଳ୍ପ ନାହିଁ । ତେଣୁ ବାବାଜୀ ସଂପର୍କରେ କିମ୍ବଦନ୍ତୀ ବା ଗରୁଡ଼ ସଂପର୍କରେ ଲୋକ ବିଶ୍ୱାସ ଯେମିତିକି ନିର୍ବିବାଦ ବିଷୟ । ଏ ଶୁଣାକଥା କେତେଦୂର ଗ୍ରହଣଯୋଗ୍ୟ ? ବିନା ପରୀକ୍ଷାରେ ସତ୍ୟର ପ୍ରତିଷ୍ଠା କାହୁଁ ସମ୍ଭବ ? ଅସ୍ତିତ୍ୱବାଦୀ ମନ ଭିତର ଧାରଣାକୁ ବାହାର କରିଦିଏ । ଅନ୍ତର ଭିତରକୁ ଦେଖେ - ଉପଲବ୍ଧି କରିବାକୁ ଚାହେଁ - ଅନୁଭୂତିକୁ ମୂଳକରି ବାସ୍ତବ ଜଗତର ପରୀକ୍ଷା ନେବାକୁ ଚାହେଁ । ମଣିଷର ମନ, ରକ୍ତମାଂସର

Digitized by srujanika@gmail.com

ଶରୀର ଓ ବହିର୍ଜଗତ ଏସବୁ ବାସ୍ତବ । କୌଣସିଟି କାହାଠାରୁ ପୃଥକ ନୁହେଁ । ଜର୍ଜ ମାଧ୍ୟମରେ ଶାନ୍ତନୁ ପ୍ରତ୍ୟକ୍ଷ ଜ୍ଞାନଜନିତ ଅନୁଭୂତିର ସହାୟତାରେ ପୁଣି ଅନ୍ତରର ପ୍ରଶ୍ନର ଆହ୍ୱାନରେ ପରୀକ୍ଷା କରିବାକୁ ଉତ୍କଣ୍ଠିତ । ଶ୍ରୁତିମଧୁର କିମ୍ୱଦନ୍ତୀକୁ ସଂସ୍କାର ସମର୍ଥନରେ ବିଶ୍ୱାସର ପାହାଚ ଚଢ଼ି ଗ୍ରହଣ କରାଯାଇପାରେ ନାହିଁ । ପରୀକ୍ଷା, ବ୍ୟକ୍ତିଗତଜ୍ଞାନ, ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ହିଁ ପଥ । ଜର୍ଜ ଭିତରେ ଏ ଅନୁସନ୍ଧିତ୍ସା ପ୍ରଖର ।

ପରକଥାଟି ନଦୀ-ନଦୀ ବାହ୍ୟଜଗତ ସହିତ ସଂପର୍କର ପ୍ରତୀକ । କ୍ଷୁଧିତ ପେଟରେ ଅନୁସନ୍ଧିତ୍ସୁ ଜର୍ଜ ପରୀକ୍ଷା କରି ତଥାକଥିତ ଭଣ୍ଡ ଓ ଭ୍ରଷ୍ଟାଚାର ପ୍ରକାଶ କରିଦେବା ପାଇଁ ଯେମିତିକି ବାହାରି ପଡ଼ିଛି । ଏଯାଏ ଅର୍ଥାତ୍ ବୁଢ଼ୀ ଥିବାଯାଏ ସେ ପରିଚିତ ଗୋଟିଏ କ୍ଷୁଦ୍ର ପରିବେଶ ଭିତରେ ବନ୍ଦୀ ଥିଲା । ଲୋକଶୁଣାରେ ସେ ପରିବେଶଟି ଥିଲା କୌତୁକର ରହସ୍ୟର । ରୋମାଞ୍ଚ ଆଣିବା ପାଇଁ କେବଳ ତାହା ଥିଲା ସମର୍ଥ । ସେଯାଏ ତା'ର ପ୍ରତ୍ୟକ୍ଷ ଜ୍ଞାନର ବିକାଶ ଘଟିନଥିଲା । କେବଳ ଅଙ୍କୁରିତ ହୋଇଥିଲା । ସେହି ଅଙ୍କୁରିତ ଭ୍ରୂଣ ଉପରେ ପାଦ ପ୍ରହାର କରି ବୀର ସାମଲ ତା'ର ଅଶେଷ ଉପକାର କରିଛି । ବର୍ତ୍ତମାନ ସେ ବାହ୍ୟଜଗତର ମୁକ୍ତ ବିହଙ୍ଗ । ତା'ର ଉଦ୍ଦେଶ୍ୟ ସେ ପ୍ରଶ୍ନ କରିବ, ଜାଣିବ, ଚିହ୍ନିବ । ଶୁଣାକଥାର ଶକ୍ତିରୁ ସଂଗୃହୀତ ପୁଞ୍ଜି ତାର ବ୍ୟକ୍ତିତ୍ୱ ନିର୍ଦ୍ଧାରଣକ୍ଷମ ହେବନାହିଁ । ବାସ୍ତବ ଜଗତର ଶିକ୍ଷା ହିଁ ବ୍ୟକ୍ତିତ୍ୱ ଗଠନର ଉପାଦାନ ।

ବାଲି ଭିତରେ ଝରଣା ଆଶାକରି ଧାଉଁଥିବା ଜର୍ଜ ବାସ୍ତବରେ କ'ଣ ଦେଖେ ? "ଗଭୀର ଝରଣାଟିଏ ଭାବି ସେ ଧାଇଁ ଆସିଥିଲା, ଦେଖିବା ବେଳକୁ ସେ ଝରଣା ନୁହେଁ - ସେ ହଉଚି ଗୋରୁପାଦ ଖୁରାରେ ଦବି ଯାଇଥିବା ଟିକେ ଗାତ ଭିତରେ ଜମିଯାଇଥିବା ପାଣି" (ପୃ. ୨୦୫) । ନଦୀ ଗର୍ଭର ଏପ୍ରକାର ବାସ୍ତବ ଦୃଶ୍ୟର ବର୍ଣ୍ଣନା ପଛରେ ଉଦ୍ଦେଶ୍ୟ କ'ଣ ? ଝରଣା ଓ ଜଳର ଚିତ୍ର ମାଧ୍ୟମରେ ବ୍ୟକ୍ତିର ମାନସ ଜଗତର ଧାରଣା କିପରି ନିଷ୍ଠୁର ଭ୍ରମାତ୍ମକ ହୋଇପାରେ, ତା'ର ବର୍ଣ୍ଣନା ଏହାର ଉଦ୍ଦେଶ୍ୟ । ଏହା ଯେମିତି ଏକ ରସାତଳରୁ ଉତ୍ସରିତ ଜଳର ଆଭାସ ମାତ୍ର । ଯା'ର ଆଶାରେ ତୃଷାର୍ତ୍ତ ଜର୍ଜ ଧାଇଁ ଆସିଛି - ତୃଷାର ନିବାରଣ ତାତ୍କାଳିକ ଲକ୍ଷ୍ୟ । ଧରିତ୍ରୀ ବକ୍ଷ ସ୍ୱଚ୍ଛ ଜଳଧାରାର ଭଣ୍ଡାର, ନଦୀ ଓ ଝରଣାର ଉତ୍ସ-ଜୀବନ ଓ ଶକ୍ତି ବାସ୍ତବତାର ଅତଳ ଗହ୍ୱରରେ ଲୁକ୍କାୟିତ - ଏହା କହିଦେବା ଲେଖକଙ୍କର ଅଭିଳାଷ । ବ୍ୟକ୍ତିର ସ୍ୱଜ୍ଞା (intution)ରେ ଧାରଣକ୍ଷମ ଜ୍ଞାନର ଭଣ୍ଡାର ତଦ୍ରୂପ ଏକ ଲୁକାୟିତ ଗହ୍ୱର ମଧ୍ୟରେ ରହିଛି । ସେଇଟିକୁ ଦୈବଜଳ ରୂପେ ଭାବି ଆବିଷ୍କାର କରାଯାଇ ପାରିଲେ ବ୍ୟକ୍ତିତ୍ୱର ଅଗଠିତ ଅଂଶଗୁଡ଼ିକର ଭୂମିକା ସ୍ପଷ୍ଟ ହୋଇଉଠେ । ବ୍ୟକ୍ତିତ୍ୱ ଯେଉଁ ମନୋବୃତ୍ତିର ସୂକ୍ଷ୍ମତତ୍ତ୍ୱ ଉପରେ ନିର୍ଭରକରେ, ତାହା ସାବଲୀଳ ଓ ପରିବର୍ତ୍ତନଶୀଳ ହୁଏ । ଏହାର ଲକ୍ଷ୍ୟ ସ୍ଥାଣୁତା, କଠିନ ଓ ଶୁଷ୍କତାର ପ୍ରତିରୋଧ କରିବା । ଅର୍ଥାତ୍ ଅତୀତର ସଂସ୍କାରକୁ ମାନସପଟରୁ ବାହାର କରି ତାକୁ ପରୀକ୍ଷାର

Digitized by srujanika@gmail.com

କଷଟିରେ ଘଷି ଦେଲେ ସବୁ ଧାରଣା ସ୍ୱଚ୍ଛ ଓ ବିମଳ ହୋଇଯାଏ । ଚକ୍‌ଚକ୍ କରୁଥିବା ଭ୍ରମାତ୍ମକ କାଚଖଣ୍ଡ ପରି ଜର୍ଜ ତା'ର ସବୁ ସଂସ୍କାରକୁ ଫୋପାଡ଼ି ଦେଇଛି ।

୧୦) ମା କାଳୀ ଓ ବ୍ରହ୍ମଦର୍ଶନ (୨୫୭-୨୬୨) କସ୍ମିକ ରିଭଲ୍ୟୁସନାରୀ ପାର୍ଟିର୍ର ଗୁପ୍ତ ଆଖଡ଼ାରେ ମିସ୍ ଆଡ଼ାମ୍‌ସଙ୍କ ତତ୍ତ୍ୱାବଧାନରେ ଥାଏ ଜର୍ଜ । ସେ ତାକୁ ଶିକ୍ଷା ଦେଉଥାନ୍ତି ସର୍ବହରାର ଦାୟିତ୍ୱ ସଂପର୍କରେ । ଆନନ୍ଦଭସ୍ମିଙ୍କ କଥାରେ "ସେ ହଉଛନ୍ତି ସ୍ୱୟଂ ସୃଷ୍ଟିର ଜନନୀ, ମା କାଳୀ', ତାଙ୍କଠାରେ ଭେଦଭାବ ପୂରି ରହିଛି । ବଡ଼ ରହସ୍ୟପୂର୍ଣ୍ଣ କଥା । ମିସ୍ ଆଡ଼ାମ୍‌ସ ରୂପରେ କାଳୀ, ପୁଣି ସେ ପୁଞ୍ଜିପତିର କନ୍ୟା । ଅଷ୍ଟ୍ରେଲିଆର ଘନଜଙ୍ଗଲ, ଏସିଆର ପୁତିଗନ୍ଧମୟ ପରିବେଶ, ମାଳୟ ପ୍ରଭୃତି ବୁଲିବୁଲି ସେ ଆସି ପହଞ୍ଚିଛନ୍ତି ଏ ଗୁପ୍ତ ଆଡ଼୍‌ଡ଼ାରେ - ସର୍ବହରା ପାଇଁ ସଂଗ୍ରାମ କରିବାକୁ । କଥାଗୁଡ଼ିକ ଫାଣ୍ଟାସି ପରି ରୋମାଞ୍ଚଭରା । ଭାରତୀୟ ଦର୍ଶନରେ 'ମା କାଳୀ' ଭିନ୍ନଭିନ୍ନ ରୂପରେ ବିଦ୍ୟମାନ, ତାଙ୍କଠି ବହୁ ବର୍ଣ୍ଣର ସମାବେଶ । ଅଶେଷ କାରଣର ରଙ୍ଗର ସତ୍ତା ଏକମାତ୍ର ରୂପରେ ବିମ୍ୱିତ ହୁଏ । ସେ ସତ୍ତା କାଳକୁ କାୟାଭୂତ କରିଥିବାରୁ ସ୍ୱେ. କାଳୀ ନାମ ଧାରିଣୀ । ସେ ରୁଦ୍ରା ଭୟଙ୍କରୀ ଅଥଚ କାଳ କ୍ଷୟନାଶିନୀ । ତନ୍ତ୍ରରେ ସେ ପଞ୍ଚମକାରର ପ୍ରତୀକ; ଗୁହ୍ୟ ବିଦ୍ୟାରେ ଧାତ୍ରୀ । ଶାନ୍ତନୁ ବାବୁ ବ୍ୟଙ୍ଗାକାରରେ ବିଷୟଟିକୁ ଦେଖିଛନ୍ତି । କମ୍ୟୁନିଷ୍ଟମାନେ ନେପୋଲିୟନ, ହିଟଲର ପରି ପ୍ରତିକ୍ରିୟାଶୀଳ ସ୍ୱେଚ୍ଛାଚାର ସହିତ ମିଶାଇ ନିଜକୁ ଯୁଦ୍ଧଭୂମିର ସନ୍ତାନ କହିବା ଭିତରେ ବ୍ୟଙ୍ଗଟି ପ୍ରକାଶ ପାଇଛି ଯେ ଏକମାତ୍ର ହିଂସା ହେଉଛି ସେମାନଙ୍କ ପନ୍ଥା । ଏହି ପନ୍ଥାରେ ମିସ୍ ଆଡ଼ାମସ୍‌ଙ୍କୁ କାଳୀ (ବ୍ୟକ୍ତି ନୁହେଁ-ଗୁଣବାଚୀ) ପରି ମହାଭୈରବ ରୂପ ନେଇ ଅବତୀର୍ଣ୍ଣ ହେବାକୁ ହୁଏ । ସେ କାଳୀ ଭେଦଭାବରେ ପରିପୂର୍ଣ୍ଣ । ଭେଦ କିପରି ଓ କାହା ମଧ୍ୟରେ ? ଶାସ୍ତ୍ରରେ କାଳୀ ନାରୀ - ମାତ୍ର ପୁରୁଷଗୁଣ ସମନ୍ୱିତ, ସେ ଦଶ ମହାବିଦ୍ୟା ମଧ୍ୟରୁ ଅନ୍ୟତମ; ତାରା, ଶୂନ୍ୟବାହିନୀ, ସୁନ୍ଦରୀ, ରକ୍ତକାଳୀ, ଭୈରବୀ ନାଦରୂପିଣୀ । ଶାସ୍ତ୍ରର ନିର୍ଦ୍ଦେଶକୁ ଭିତ୍ତିକରି ଲେଖକ କାଳୀ ନାମଟିର ବ୍ୟଙ୍ଗାତ୍ମକ ଅର୍ଥ ବ୍ୟବହାର କରିଛନ୍ତି । ଭେଦଭାବପୂର୍ଣ୍ଣ-ବୁର୍ଜୁୟା ଓ ସର୍ବହରାର ଭେଦ ସେ ଦେଖନ୍ତି । ସେ ପୁରାଣ କାଳୀ ନୁହଁନ୍ତି ଯିଏ କି ଅଶେଷ ବର୍ଣ୍ଣ ବା ରୂପକୁ ଏକତ୍ର କରି ବିକାର ବିହୀନ, କାମନା ରହିତ । ସେ ବରଂ ଗୁହ୍ୟବିଦ୍ୟାର ଧାତ୍ରୀ ଭାବେ ମକାରର ଉପାସନା ଚାହାଁନ୍ତି । ମ'କାର ଉପାସନା ସଂକ୍ଷେପରେ ଯୌନତୃପ୍ତି ପାଇଁ ଅନବରତ ଉଦ୍ୟମକୁ ବୁଝାଏ । ଜର୍ଜ ଭିତରେ ଥିବା ଅନ୍ୟଥା ଭାବକୁ ଦୂରେଇ ଦେବା ପାଇଁ ଅଭିନବ ପଦ୍ଧତି - ଯୌନ ସଂପର୍କ ଦ୍ୱାରା ବାନ୍ଧି ରଖିବା । କାଳୀ ସ୍ୱରୂପିଣୀ ଚିର ଅସନ୍ତୁଷ୍ଟ ଆଡ଼ାମ୍‌ସ୍ ଭିତରେ ଜର୍ଜ ଦେଖିଛି ନାରୀର ଧ୍ୱଂସକାରୀ ରୂପ । ତାହାହିଁ ପ୍ରକୃତରେ ତା ପକ୍ଷରେ ବ୍ରହ୍ମଦର୍ଶନ ତୁଲ୍ୟ ।

୧୧) - ମିଲିୟନ ଡଲାର ନାକ - ଜର୍ଜର ନାକ ପ୍ରସଙ୍ଗରେ ମିସ୍ ଆଡ଼ାମ୍‌ସ୍‌ଙ୍କ ଉକ୍ତି । ସେ କେବଳ ନୁହଁନ୍ତି ପଞ୍ଜାବୀ ମାଇକିନିଆଠୁ ଅନେକ ସେ ନାକ ପ୍ରତି

Digitized by srujanika@gmail.com

ଲୋଭାତୁର । ନାକ, କାନ, ଆଖି, ଓଠ ଏ ଚାରି ପ୍ରତ୍ୟଙ୍ଗ ଇନ୍ଦ୍ରିୟ ଉତ୍ତେଜକ-ସୌନ୍ଦର୍ଯ୍ୟର ଆଧାର ଓ କାମର ଉତ୍ସ । ବସନ୍ତ ରୋଗ ମୁହଁର ସୁଶ୍ରୀ ନଷ୍ଟ କରିଛି ହେଲେ ରକ୍ଷା ପାଇଯାଇଛି ନାକ । ଆଭିଜାତ୍ୟର ସୁରକ୍ଷା କରିଛି । ତା ଭିତରେ କାମାକାଙ୍କ୍ଷା ଠୁଳ ହୋଇ ରହିଛି । ନାକ ଏକ ପ୍ରତୀକ ଭାବେ ବ୍ୟବହୃତ । ମିସ୍ ଆଡ଼ାମ୍ସ୍‌ଙ୍କ କଥାରେ ମିଲିୟନ ଡଲାର ହେବ । ସେ ମନେକରନ୍ତି ତାହା କ୍ୟାପିଟାଲିଷ୍ଟର ଲକ୍ଷଣ । ନାକର ସୌନ୍ଦର୍ଯ୍ୟକୁ ଭିତ୍ତିକରି ଯଦି କେହି ନିଜର ଆଭିଜାତ୍ୟ ବଜାୟ ରଖେ ଏବଂ ନିଜକୁ ଶ୍ରେଣୀଚ୍ୟୁତ (ବୁର୍ଜୁଆ ଶ୍ରେଣୀ) କରିବାକୁ ପଛାଏ ସେ ହୁଏ ସର୍ବହରାର ବିରୋଧୀ । ଶାନ୍ତନୁ ବାବୁ ଏ ପ୍ରସଙ୍ଗରେ ପ୍ରତୀକଟିକୁ ଶାଣିତ ବିଦ୍ରୂପ କରିଛନ୍ତି । ନାକ ସୌନ୍ଦର୍ଯ୍ୟର ଅନ୍ୟତମ ଅଙ୍ଗ କେବଳ ନୁହେଁ, ଏକ ଶକ୍ତିଶାଳୀ ଇନ୍ଦ୍ରିୟ, ଯେମିତିକି ଏରିଏଲ । କୁକୁର ଯେପରି ଅପରିଚିତ ଅନୁପ୍ରବେଶକାରୀର ଗନ୍ଧ ଶୁଙ୍ଘିପାରେ, ସେହିପରି ଏ ଇନ୍ଦ୍ରିୟଟି ଅଜ୍ଞାତ ବ୍ୟକ୍ତିର ଚରିତ୍ର ବିଷୟରେ ନିଜର ସ୍ୱଜ୍ଞାକୁ ଜଣାଇଦିଏ । ଦ୍ୱିତୀୟରେ ଏହା ପୁରୁଷ ସୁଲଭ ଆକ୍ରମଣର ପ୍ରତୀକ । ବିଶେଷକରି ନାରୀ ମଧ୍ୟରେ ପୁରୁଷ ଜାତୀୟ ହିଂସ୍ର ସ୍ୱଭାବର ପ୍ରତିନିଧିତ୍ୱ କରେ । ମୁଖ୍ୟତଃ ବିଦ୍ୱେଷ ଉଦ୍ଦୀପକ ଭାବେ କାର୍ଯ୍ୟ କରେ । "ସେଇ ସିଢ଼ିଘରୁ ତମର ନାକ ମୋ କାନମୂଳେ ଗେଞ୍ଜି ଦେଇଥିଲା ତମର ସେ ଛଳନାମୟ ଆଭିଜାତ୍ୟର ନିଆଁହୁଲା ଭଳି ଜଳୁଥିବା ସେଇ ନାକଟାର ତଳୁ ସେଇ ନିଆଁକୁ ସାରା ସଂସାରରେ ଛିଞ୍ଚି ଦେବାର ପ୍ରତିଜ୍ଞା କରି ମୁଁ ବାହାରି ପଡ଼ିଲି" (ପୃ ୨୯୧) । ମିସ୍ ଆଡ଼ାମ୍ସ୍ ରୂପରେ କାଳୀ, ଜର୍ଜ ପ୍ରତି ବିଦ୍ୱେଷ ଭାବ ସ୍ୱାଭାବିକ । ପୁଣି ଏକାନ୍ତରେ ତାକୁ ପାଇବା ପରେ ତାର ସୁନ୍ଦର ସୁସ୍ଥ ଓ ସୁଗଠିତ ଅଙ୍ଗସୌଷ୍ଠବ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ । ଆକର୍ଷଣଜନିତ କାମକ୍ଷୁଧା ପୂରଣ ନ ହେବାରୁ ତାଙ୍କର ବିଦ୍ୱେଷ ରୂପ ନେଇଛି କର୍କଶ ବିଦ୍ରୂପ ଆକ୍ଷେପ ଭିତରେ । ମାତ୍ର ଯାର ଏକମାତ୍ର ଲକ୍ଷ୍ୟ "ମୁଁ ତୋର ନାକକୁ ଖାଇବି" - ଶ୍ଳେଷାର୍ଥରେ ମୋର କାମ ପୂର୍ଣ୍ଣ କରିବି । ନାକ ପ୍ରତୀକ ମାଧ୍ୟମରେ ନାରୀର ଧ୍ୱଂସକାରୀ ପ୍ରବୃତ୍ତିର ପ୍ରକାଶ ଘଟିଛି । ନାରୀର ଅଚେତନ ପୁରୁଷ ସୁଲଭ ହିଂସ୍ର ସ୍ୱଭାବ ତାର ଚେତନାରୁ ବିଚ୍ଛିନ୍ନ ହୋଇଗଲେ ଅବଶିଷ୍ଟ ରହେ ଏହି ଧ୍ୱଂସକାରୀ ଶକ୍ତି । ସେହି ଶକ୍ତିର ରୂପ ହେଉଛି (The dark destructive force of women, when their unconscious male ANIMUS is unleashed - (Dictionary of symbols - page 125)

ମା' କାଳୀ ଅର୍ଥାତ୍ ମିସ୍ ଆଡ଼ାମ୍ସ୍‌ଙ୍କର ଚରିତ୍ରର ମୌଳିକ ଲକ୍ଷଣ ।

୧୨) - କାନ୍ଥଘଣ୍ଟା ଓ ଚୁଟିଆ ମୂଷା - (୨୯୫) ସମ୍ଭୋଗ ପରେ ଅତି ତୃପ୍ତିରେ ଶବ ପରି ଶୋଇ ରହିଥିଲା ବହୁବର୍ଷ ଧରି କ୍ଷୁଧିତ ମିସ୍ ଆଡ଼ାମ୍ସ୍‌ର କ୍ଳାନ୍ତ ଶରୀରଟି । ଜର୍ଜ ଭାବୁଥିଲା ସେ ଏଥର ମୁକ୍ତ । ଧନୀକନ୍ୟା ଆଉ ସର୍ବହରା ଶ୍ରେଣୀର ସଭ୍ୟ ନୁହେଁ । କିନ୍ତୁ ତା

Digitized by srujanika@gmail.com

ପାଇଁ ମୁକ୍ତିର ପଥ କାହିଁ ? ଏ ପ୍ରସଙ୍ଗରେ ଲେଖକ ବର୍ଣ୍ଣନା ଦେଉଛନ୍ତି - "ସେଇ ନୀରବତା ମଧ୍ୟରେ କାନ୍ଥଘଣ୍ଟା ଭିତରୁ ବୁଢ଼ୀ ଚୁଟିଆ ମୂଷାର କୁଟୁକୁଟୁ ଶବ୍ଦ ଖୁବ୍ ସ୍ପଷ୍ଟ ହୋଇଉଠିଲା । ସମୟ କଟିଯାଉଥିଲା । ସେଇ କୁଟୁକୁଟୁ ଶବ୍ଦକୁ ଟିକିଏ କାନେଇ କଅଣ ସବୁ ଅନ୍ଦାଜ କଲା, ତାର ମନେହେଲା ସେ ଶବ୍ଦଟା ଯେମିତି ବହୁ ଦୂରରୁ ଆସୁଥିବା କୌଣସି ଯୁଦ୍ଧକ୍ଷେତ୍ରର ଗୁଡୁମ୍ ଗୁଡୁମ୍ ତୋପର ଅବାଜ ।" ବହୁ ଗୁରୁତ୍ୱପୂର୍ଣ୍ଣ ଚିତ୍ରଟିଏ । ପ୍ରତୀକଧର୍ମୀ ମଧ୍ୟ । ସ୍ଥୂଳତଃ ମନେହେବ ଅପ୍ରାସଙ୍ଗିକ, ଅର୍ଥହୀନ । ବର୍ଣ୍ଣନାର ସ୍ୱାଭାବିକତା ହେଉଛି ଘରଟିର ଚିତ୍ର ଅଙ୍କନ । ପରିବେଶ ନୀରବ, ଶାନ୍ତ; ମୃତ୍ୟୁ ପରି ଶୀତଳତାର ବହୁ ଅନୁଭୂତ ନିର୍ଜନ ମୁହୂର୍ତ୍ତ । ଖଟରେ ଯୌନ ତୃପ୍ତ ଏକ ଅବସନ୍ନ ଶରୀର । ନାରୀର କ୍ଷୁଧା ପୂରଣ କରିବା ପରେ ଜଣେ ପୁରୁଷ ତାର ମୌଳିକ ସତ୍ତା ପ୍ରତି ଆସ୍ଥାଶୀଳ ଏବଂ ଅହଂପୂର୍ଣ୍ଣ ମନ ନେଇ ମୁକ୍ତିପଥ ଅନୁସନ୍ଧାନରତ । ସେହି ସମୟରେ କାନ୍ଥ ଘଣ୍ଟାର ଓ ଚୁଟିଆ ମୂଷାର ଶବ୍ଦ; ନୀରବତାକୁ ଭାଙ୍ଗି ଦୁଇଟି ପାର୍ଥିବ ଚେତନା ସ୍ମରଣ କରାଉଛି, ଆଉ ଏକ ଶବ୍ଦର - ଯାହା ଜୀବନ ସଂଗ୍ରାମର ହୁଏତ ଆହ୍ୱାନ । ସେହି ଶବ୍ଦ ଆହ୍ୱାନ ଦେଉଛି ପୌରୁଷକୁ, ଅହଂକୁ । ବଞ୍ଚିବାର ଉନ୍ମୁକ୍ତ ପଥର ଇଙ୍ଗିତ ପ୍ରକାଶି ଉଠୁଛି । ପୂର୍ବରୁ ସୂଚିତ ହୋଇଛି ସକାଳ ଆସିଛି, ରେଡ଼ିଓରୁ ପ୍ରଚାରିତ ହେଉଛି ସମ୍ବାଦ । ଘଣ୍ଟା ଟିକ୍‌ଟିକ୍ କରୁଛି । ସକାଳ ପୁନର୍ଜନ୍ମର; ବୃହତ ପ୍ରେକ୍ଷାପଟରେ ଅଚେତନ ସମୟ ଓ ସ୍ଥାନ ମଧ୍ୟରେ ଦୀର୍ଘଦୀନ ଧରି ବନ୍ଦୀର ଜୀବନରେ ଆସୁଛି ପୁନର୍ଜନ୍ମର-ମୁକ୍ତିର ମୁହୂର୍ତ୍ତ । ବନ୍ଦୀକର୍ତ୍ତ୍ରୀ ନୀରବରେ ସୁପ୍ତ । ବନ୍ଧନ ଆଉ ସମ୍ଭବ ନୁହେଁ । ଏ ପରିବେଶ ଭିତରେ ମୂଷା କୁଟ୍‌କୁଟ୍ କରି କାଟି ଚାଲିଛି ସେମିତିକି ସବୁ ଫାଶର ଦଉଡ଼ିକୁ । ମୂଷା ପୌରୁଷର ଅନ୍ତର୍ନିହିତ ଶକ୍ତିର ପ୍ରାଚୀନ ପ୍ରତୀକଟିଏ । ପୁରୁଷର ଅହଂକାର, ହିଂସା ବା ବିଦ୍ୱେଷ ଗୁଣର ପ୍ରତିନିଧି । ଘଣ୍ଟା ଶବ୍ଦ ପୌରୁଷର ଅହଂକୁ ଅବଚେତନ ସ୍ତରକୁ ଠେଲିଦେଇ ଭାଗ୍ୟର ପଥ ଦେଖାଇ ଦେଉଛି । ଭାଗ୍ୟ ଅନୁସରଣ କର - ସେଇଠୁ ଗ୍ରହଣ କରିନିଅ ଭବିଷ୍ୟତର ସମ୍ବଳ । ଇଂରେଜୀ ରାଇମ୍‌ରେ ସୁନ୍ଦର ଗୀତଟିଏ ବୋଲାଯାଏ -

Hickory dickory dock, the mouse ran up the clock;

The clock struck one ଏକ ରାଇମ୍ ସହ ଜର୍ଜର ବ୍ୟକ୍ତିତ୍ୱର ସଂପର୍କ ଅଛି । ପୌରୁଷ (ଅହଂ) ନିଜର ସ୍ୱାତନ୍ତ୍ର୍ୟ (ବା ପରିଚୟ) ଖୋଜେ, ବ୍ୟକ୍ତିତ୍ୱର ଅଖଣ୍ଡ ଅଟଳ ସ୍ୱରୂପ ଏବଂ ପରିଚୟର ପ୍ରତିନିଧିତ୍ୱ କରେ । ସେଇ ମୁହୂର୍ତ୍ତରେ ଜର୍ଜର (ଯାର ଲକ୍ଷ୍ୟ ତୋପର ଗୁଡୁମ୍ ଗୁଡୁମ୍ ଶବ୍ଦ ପାଖକୁ ଧାଇଁଯିବ) ସର୍ବହରାର ପୌରୁଷ ତା' ଭିତରେ ଉଚ୍ଛଳ ହୋଇ ଜାଗିଉଠିଛି । ସେ ଏକ ନୁହେଁ - ଅନେକଙ୍କ ଭିତରେ ମିଶିଯିବ, ସେଇଥିରେ ସାର୍ଥକ ହେବ ତାର ଜୀବନ; ଜୀବନର ଭବିଷ୍ୟତ ।

୧୩) - ଗେଡ଼ା, କାଳୀ, ବିକୃତ ବିଚିତ୍ର ମଣିଷ - ବର୍ଣ୍ଣନା ପ୍ରସଙ୍ଗରେ ଶାନ୍ତନୁ ବାବୁ ପାର୍ଟିର ଲୋକମାନଙ୍କୁ ଏହିପରି ଆଖ୍ୟା ଦେଇଛନ୍ତି । ଏହା ବିଦ୍ରୂପ କେବଳ ନୁହେଁ

Digitized by srujanika@gmail.com

ପ୍ରତୀକ ଦୃଷ୍ଟିରେ ଏହାର ଅର୍ଥ ଓ ସେମାନଙ୍କ ଆଚରଣରେ ଫୁଟିଉଠିଛି । ଗେଡ଼ା ଅର୍ଥ- ଅନ୍ତର୍ନିହିତ ଅବିକଶିତ ଶକ୍ତି; କାଳୀ-ବୀଭତ୍ସ, ଧ୍ୱଂସକାରୀ । ବିକୃତ ମଣିଷ ଗୋଳମାଳିଆ ଅବଚେତନ ଅର୍ଥାତ୍ ସ୍ୱଚ୍ଛ ଓ ନିର୍ଦ୍ଦିଷ୍ଟ ଅବବୋଧ ବିହୀନ ମଣିଷ । ଏହାର ଅଭାବରେ ଯେ କେହି ଧ୍ୱଂସର ବାର୍ତ୍ତାବହ ହୁଅନ୍ତି । କେହିକେହି ଶାନ୍ତନୁ ବାବୁଙ୍କର ଏ ବର୍ଣ୍ଣନାରେ ସାମ୍ୟବାଦୀମାନଙ୍କ ରୂପକୁ ଆଧାର କରି ତାଙ୍କୁ କମ୍ୟୁନିଷ୍ଟ ବିରୋଧୀ ମନେକରିପାରନ୍ତି । କିନ୍ତୁ ତାହା ଭ୍ରମାତ୍ମକ । ତାଙ୍କର ବକ୍ତବ୍ୟ ଅତି ସ୍ୱଚ୍ଛ । କୌଣସି ଆଦର୍ଶ ବିଷୟରେ ସ୍ୱଚ୍ଛ ଅବବୋଧର ଅଭାବ, ଆଚରଣରେ ଅନାନ୍ତରିକତା, ତ୍ୟାଗର ଅଭାବ ସେ ଆଦର୍ଶକୁ ବିକୃତ ଓ ଧ୍ୱଂସ କରିଦିଏ ସିନା, ଜନଗଣଙ୍କ ଉପକାର କରିପାରେ ନାହିଁ । ତାଙ୍କ ଚିନ୍ତାରେ ପ୍ରକୃତରେ ଜର୍ଜ ସର୍ବହରାର ଅଧିନାୟକ, ଅନନ୍ଦଭସ୍କି ବା ମିସ୍ ଆଡ଼ାମ୍ସ୍ ନୁହଁନ୍ତି । ସେମାନେ ଗେଡ଼ା, କାଳୀ, ବିକୃତ ମଣିଷ – ଅର୍ଥାତ୍ ଅପରିପକ୍ୱ, ଅବିଜ୍ଞ; ଏଣୁ ଧ୍ୱଂସକାରୀ । ସାମ୍ୟବାଦ ଧ୍ୱଂସକାରୀ ନୁହେଁ, ତାର ଭ୍ରାନ୍ତ ଅନୁଚାରୀମାନେ ବିଭ୍ରାନ୍ତକାରୀ । ଶାନ୍ତନୁ କମ୍ୟୁନିଷ୍ଟ ବିରୋଧୀ ନୁହଁନ୍ତି, ସେ ସୂକ୍ଷ୍ମତ ପରମ କମ୍ୟୁନିଷ୍ଟ ।

୧୪) ପିମ୍ପୁଡ଼ି-ବ୍ୟାଘ୍ର-ମନୁଷ୍ୟ-ବାନର (୨୯୨-୯୩) ମିସ୍ ଆଡ଼ାମ୍ସ ଅଭିଶାପ ଦେଇଛି ମଣିଷକୁ । "ମଣିଷ ହେବା ପୂର୍ବରୁ ସେ ଆଗ ପିମ୍ପୁଡ଼ି ହେଇ କିଛି ଅଭିଜ୍ଞତା ସଂଗ୍ରହ କରୁ । କୌଣସି ପିମ୍ପୁଡ଼ିଠାରୁ ଆଜିର ଏ ମଣିଷ ବଡ଼ ନୁହେଁ । ଆଉ ଏମିତି ବି ମୁଁ ଚାହେଁ – ସେ ମତେ ଏମିତି କାମୁଡୁ । ଏମିତି କାମୁଡ଼ି ଧରୁ" (୨୯୧) । ମଣିଷକୁ ପିମ୍ପୁଡ଼ି ରୂପେ ଦେଖିବା ପୁନଶ୍ଚ ଏକ ବିଦ୍ୱେଷର ବିଷୟ । ଅତୃପ୍ତ କାମ ବାସନା ନାରୀକୁ କ୍ରୋଧ ଓ ପ୍ରତିହିଂସାପରାୟଣ କରେ । ପିମ୍ପୁଡ଼ି ଆଉ କେହି ନୁହେଁ ଜର୍ଜ । ଅନେକ ପିମ୍ପୁଡ଼ି ମଣିଷ ମଧ୍ୟରୁ ଜର୍ଜ ଅନ୍ୟତମ । କାମଜ୍ୱାଳାରେ ସେ ଜର୍ଜର ନାକ, ଦେହ ଖଣ୍ଡିଆ କରିଛି, ଜର୍ଜଠାରୁ କାମୁଡ଼ା ଖାଇଛି ସେ । ମଣିଷକୁ ପିମ୍ପୁଡ଼ିର କାମୁଡ଼ା ଚୁମ୍ବନର ସ୍ୱାଦ ଦେଇପାରେ । ପିମ୍ପୁଡ଼ି ସେକ୍ସର ମେଟାଫିଜିକାଲ ଉପମାନଟିଏ । ବାସନା ତୃପ୍ତ ହେଇଛି, କିନ୍ତୁ ପୂର୍ବର ଦୃପ୍ତ ଅହଂକାର ଅବଦମିତ ହୋଇନାହିଁ – ତେଣୁ ଏପ୍ରକାର ଅଭିଶାପ ରୂପକ କ୍ଷୋଭର ଉକ୍ତି ।

ମଣିଷ ପିମ୍ପୁଡ଼ି ହେବ ? ସର୍ବହରାର ଶିକ୍ଷା ପାଇଥିବା ଜର୍ଜ ବିସ୍ମିତ । ତାର ସର୍ବହରା ପ୍ରତି ସମ୍ବେଦନ ମନେପକାଇ ଦେଇଛି ମନ୍ଦାମନ୍ଦା ହେଇ ପିମ୍ପୁଡ଼ି ବାସକଲା ପରି ମଣିଷର ଦୈନ୍ୟ ଓ ଆର୍ତ୍ତନାଦ । କୀଟପତଙ୍ଗ, ପିମ୍ପୁଡ଼ି ପରି ସେମାନେ ଅଳିଆ ଗଦାରୁ ଉଠିବା ପରି ଯତ୍ରତତ୍ର ମନ୍ଦାରେ ବାସ କରନ୍ତି । ସ୍ତ୍ରୀ ପୁରୁଷ, ଶିଶୁ, ବୁଢ଼ା, ମା, ବାପ, ପୁଅ, ଝିଅ କିଛିରେ ଭେଦାଭେଦ ନାହିଁ । ସେହି ଦୁଃଖୀ ସର୍ବହରାଙ୍କୁ ମେଓ୍ୱା ଦେବାକୁ ହେବ । କିନ୍ତୁ ମେଓ୍ୱା କାହିଁ ? ତାହା ତ ପୁଞ୍ଜିର ଛବି ପାଲଟିଛି । କଳକାରଖାନାରେ ପ୍ଲାଷ୍ଟିକ୍ ରୂପରେ ମିଳିପାରେ । ମେଓ୍ୱା ପରି ଲାଲ ଟକ୍‌ଟକ୍ ଫଳ ଯାହା ସାଧାରଣ ଲୋକ କ୍ଷୁଧାରେ ଖାଏ – ସେଇ ବରଫଳ କି ଅପ୍ରାପ୍ୟ । ତାକୁ କାବୁକରି ବସିଛି ବିଚିତ୍ର ଜୀବଟିଏ । ବରଫଳରେ

Digitized by srujanika@gmail.com

ଅମୃତ ସ୍ୱାଦ ଲୁଚି ରହିଛି । ଏ ଧାରଣା କରୁଥିବା ଇତର୍ ଲୋକଙ୍କ ମଧ୍ୟରେ ଖବର ଖେଳିଯାଏ ଯେ ବରଗଛ ମୂଳରେ ରିକ୍‌ସାବାଲା ଟୋକା ହୁକୁମ ବାଣ୍ଟୁଛି, ତା ହାତର ବରଫଳଟିଏ ଯିଏ ଖାଉଛି, ତାର ଭୋକ ଶୋଷ ଉଭେଇ ଯାଉଛି । ତା ହାତରୁ ଅମୃତ ଝରୁଛି । ସେଇ ଫଳକୁ ନିଜର ଏକମାତ୍ର ଅଧିକାରରେ ରଖିଥିବା ବିଚିତ୍ର ଜୀବ - "ସବା ଉପର ଡାଳରେ ମଣିଟାଏ, ଦିହଯାକ ପଟାପଟା, ବାଘୁଆ ରଙ୍ଗ ବୋଲି ମୁହଁକୁ କଳାକରି ଓ ପୋଷାକରେ ଗୋଟିଏ ଲାଙ୍ଗୁଡ଼ ଖୋସି ଏକ ବାଘ ବାନର ମନୁଷ୍ୟର ବିଚିତ୍ର ରୂପ ଘେନି ବସିଛି ଓ ମନଇଚ୍ଛା କୋଳି ତୋଳି ଖାଉଛି ।" ଜର୍ଜର ଡାକରେ ସେ ପରିଚୟ ଦେଉଛି "ମୁଁ ବିଜ୍ଞାନୀ, ତୁମର କ'ଣ ଦରକାର" (ପୃ. ୧୯୩) ? ସେ କିଛିକ୍ଷଣ ପୂର୍ବରୁ ଶୁଣାଉଥିଲା ସତ୍ୟ ନ୍ୟାୟ ଅହିଂସାର ବାଣୀ । ବର୍ତ୍ତମାନ କହୁଛି "ଧର୍ମ ଫର୍ମ ମୁଁ କିଛି ଜାଣେନା । ମୁଁ ଜାଣେ ପ୍ରାଣ ଧାରଣର ଏକମାତ୍ର ଧର୍ମ । ଏ ରାଜ୍ୟ ମୋର । ଏ ବଟ ବୃକ୍ଷର ଫଳ ସବୁ ମୋର । ଏ ମୋର ଆହାର, ଯାକୁ ଦେଇ ମୁଁ ବଞ୍ଚିବି କିପରି ?" କିନ୍ତୁ ତୁମେ ତ ବର୍ତ୍ତମାନ୍ କହୁଥିଲ, "ସତ୍ୟ ନ୍ୟାୟ ଅହିଂସା ପ୍ରତ୍ୟେକ ବିଜ୍ଞାନୀର, ତାହା ଏକ ବ୍ୟକ୍ତିଗତ ଧର୍ମ । ଏହି ବଟବୃକ୍ଷରେ ସତ୍ୟ, ନ୍ୟାୟ ଆଉ ଅହିଂସା ପ୍ରତ୍ୟେକ ବିଜ୍ଞାନୀର, ତାହା ଏକ ବ୍ୟକ୍ତିଗତ ଧର୍ମ । ଏହି ବଟବୃକ୍ଷରେ ସତ୍ୟ, ନ୍ୟାୟ ଆଉ ଅହିଂସା ବ୍ରତ ଆଚରଣ କରି ମୁଁ ବାସ କରୁଅଛି । ମୁଁ କାହାରି କ୍ଷତିସାଧନ କରୁନାହିଁ । କିନ୍ତୁ ଯା ବୋଲି ମୋର ରାଜ୍ୟ ଉପରେ ଆକ୍ରମଣ ହେଲେ ମୁଁ ସହ୍ୟ କରିବି କିପରି ? କିମ୍ବା ସେଥିପାଇଁ ଅନୁମତି ଦେବି କିପରି ? ଏହାହିଁ ବିଜ୍ଞାନୀର ଧର୍ମ" (ପୃ. ୨୯୩)

ଏହା ମୁକ୍ତ ହେବାର ପର ମୁହୂର୍ତ୍ତର ଚିନ୍ତା । ମାତ୍ର କଳ୍ପନାଲୋକର ବିଷୟ, ଯାହାର ବାସ୍ତବତା ରହିଛି, କିଛିଟା ରହସ୍ୟ ମଧ୍ୟ କିଛିଟା ମେଟାଫିଜିକାଲ ଦୃଷ୍ଟିଭଙ୍ଗୀ । ରିଫ୍ୟୁଜି କ୍ୟାମ୍ପରେ ପିଲାଟିଏ ବରଫଳକୁ ମେୱା ଭାବି ଗିଳିଦେବାର ଦୃଶ୍ୟ ସେ ଦେଖିଛି । ସେଇ ଦୃଶ୍ୟ ଯେ ତାକୁ ସେଦିନ ଅଧୀର କରିନଥିଲା ତା ନୁହେଁ, ମାତ୍ର ସେଥିରୁ ଅଙ୍ଗୀକାର ଜନ୍ମ ନେଇ ନଥିଲା । ସେ ଏବେ ପ୍ରତିଶ୍ରୁତିବଦ୍ଧ, ମେୱା ଦେବ ସେମାନଙ୍କୁ । କିନ୍ତୁ ମେୱା ଖାଇ ଯାଉଥିବା ଜୀବ ବ୍ୟାଘ୍ର ବାନର ମନୁଷ୍ୟ ଏକ ଦେହେ ତିନି ପ୍ରାଣୀର ବିଚିତ୍ର ସମାବେଶ । ଅନ୍ୟର ଅଧିକାରକୁ ବଳତ୍କାରରେ ଉପଭୋଗ କରୁଥିବା ଏ ଜୀବ ନିଜକୁ ବିଜ୍ଞାନୀ ବୋଲି ପରିଚୟ ଦିଏ । ଜୀବଟି ମଣିଷ, କିନ୍ତୁ ପଶୁର ପୋଷାକ, ମୁଖା ଓ ଆବରଣ । ଲେଖକ ପୂର୍ବରୁ ସୂଚାଇ ଦେଇଛନ୍ତି ଯେ ପଶୁ ମଣିଷ, ଗଛ ମଣିଷ ବୋଲି । କଥାଗୁଡ଼ିକୁ ଏକାଠି ବିଶ୍ଳେଷଣ କଲେ ପଶୁ ମଣିଷର ପ୍ରତୀକଟିଏ ଉଭାହୁଏ । ଏହାର ଅର୍ଥ ହେଉଛି-ଜୀବ ମଧ୍ୟରେ ଥିବା ସ୍ୱଭାବ ଓ ସଂସ୍କୃତି ଭିତରେ ଅନ୍ତର୍ବିରୋଧୀ । ଅଧେ ପଶୁର ଚରିତ୍ର, ଅନ୍ୟଟି ମଣିଷର । ମଣିଷ ମୂଳତଃ କ୍ଷୁଧା ଓ ଯୌନ ବିଚାରରେ ପଶୁ । ତା ମଧ୍ୟରେ ସଂସ୍କୃତିର ପ୍ରଭାବବଶତଃ ନିୟମ, ଆଦର୍ଶ ଓ ସାମାଜିକ ଶୁଦ୍ଧ ଆଚରଣ ଉଦ୍ରେକ ହୁଏ । କିନ୍ତୁ ପରସ୍ପର ବିରୋଧୀ ଏ

Digitized by srujanika@gmail.com

ଗୁଣ ଦୁଇଟି ଭିତରେ ଲାଗିରହେ ଅହରହ ସଂଘର୍ଷ । ଆଜିର ବିଜ୍ଞାନୀ ମଣିଷ ସତ୍ୟ, ନ୍ୟାୟ, ଅହିଂସାର ବୟାନ ଦେଉଥିବା ବେଳେ ସେ କ'ଣ ପ୍ରକୃତରେ ପୂରା ମାତ୍ରାରେ ସଭ୍ୟ ସଂସ୍କୃତିସମ୍ପନ୍ନ ? ସମ୍ଭବତଃ ନୁହେଁ, କାରଣ, ତା ଭିତରେ ଅନ୍ୟାର୍ଦ୍ଧଟି ହେଉଛି ପଶୁତ୍ୱର ସଂବାହକ । ପଶୁରୂପକ ପ୍ରତୀକର କେନ୍ଦ୍ରବିନ୍ଦୁ ଉଭୟ ମଣିଷ ଓ ପଶୁ । ସଭ୍ୟତାର ଅଗ୍ରଗତିରେ ଏହିପରି ବହୁ ମିଶ୍ର ପ୍ରତୀକର ଆବିର୍ଭାବ ଘଟେ । ମହାଭାରତର ନବଗୁଞ୍ଜର ସେହିପରି ଏକ ପ୍ରତୀକ । ସଂପ୍ରତି ଶାନ୍ତନୁ ବାବୁଙ୍କର ବ୍ୟାଘ୍ର ବାନର ମନୁଷ୍ୟ ପରିକଳ୍ପନା ଯଥାକ୍ରମେ ତିନୋଟି ପ୍ରାଣୀର ସ୍ୱଭାବ ହିଂସ୍ରତା, ଅନୁକରଣ ଏବଂ ସଭ୍ୟତାର ସମନ୍ୱୟରେ ଏକ ବିଚିତ୍ର ସ୍ୱଭାବ ପରିସ୍ଫୁଟିତ ହୁଏ । ବିଜ୍ଞାନୀ ଜୀବଟିର ବକ୍ତବ୍ୟ ଆହୁରି ରୋମାଞ୍ଚକର । ପ୍ରଥମତଃ ସେ ବୁଝେ ନାହିଁ ଧର୍ମ ଫର୍ମ ଆଦର୍ଶ, ନୀତି । ଏଠାରେ ସ୍ମରଣ ଯୋଗ୍ୟ ଯେ ଜର୍ଜ ଯେଉଁ ଧର୍ମ, ନୀତି, ଆଦର୍ଶର ବାହୁ ବନ୍ଧନରେ ପଡ଼ି ମିସ୍ ଆଡ଼ାମ୍‌ସ୍‌ଙ୍କ ପ୍ରେମଭିକ୍ଷାକୁ ଶୁଣିନଥିଲା, ତାହା ବେଶୀକାଳ ରହିଲା ନାହିଁ । ନୈତିକତା ଅପସରିଗଲା । ଧାରଣା ହେଲା ଏ ସଂସାରରେ ପାପ କଣ, ପୁଣ୍ୟ କଣ ? ଜଣେ କ୍ଷୁଧିତ ସର୍ବହରାର ପାଟି ପାଇଁ ଖାଦ୍ୟ କ'ଣ ଆଉ ଅଖାଦ୍ୟ କ'ଣ ?" ଯାହା ପାପ, ତାକୁ ନାଶ କରିବାକୁ ସ୍ୱୟଂ କାଳୀରୂପୀ ଆଡ଼ାମ୍‌ସ୍‌ଙ୍କର ଜନ୍ମ ତ ହୋଇସାରିଛି (ପୃ. ୨୮୮) । ବ୍ୟଙ୍ଗାତ୍ମକ ସ୍ୱର ନିଶ୍ଚୟ । କାଳୀ ମିସ୍ ଆଡ଼ାମ୍‌ସ୍‌ଙ୍କ ଭିତରେ ଆବିର୍ଭୂତ ହୋଇଛନ୍ତି ସର୍ବହରାର ଦୁଃଖ ନାଶ ପାଇଁ, ତାଙ୍କର ବାଞ୍ଛିତ ବସ୍ତୁର ପୂରଣ ଆବଶ୍ୟକ । ଅସ୍ତିତ୍ୱବାଦୀ ମନେକରନ୍ତି ବଞ୍ଚିବାର ସମସ୍ତ ସ୍ଥୂଳ ଆବଶ୍ୟକତା ଏପ୍ରକାର ବିଚାରର ଊର୍ଦ୍ଧ୍ୱରେ । ସତ୍ୟ, ନ୍ୟାୟ, ଅହିଂସା, ଧର୍ମ, ନୈତିକତାକୁ ଭିତ୍ତିକରି ମଣିଷର ମୂଲ୍ୟାଙ୍କନ କରାଯାଇ ନପାରେ । ପ୍ରତ୍ୟେକ ନିଜ ନିଜର ଜୀବନ ନିର୍ବାହ ପରିସରରେ ସ୍ୱତନ୍ତ୍ର ଭାବେ ଏକ ଆଦର୍ଶ ପ୍ରସ୍ତୁତ କରନ୍ତି । ତେଣୁ ବିଜ୍ଞାନୀ ବାଘ ମାଙ୍କଡ଼ ମଣିଷଟିର ଯୁକ୍ତିର ତାର୍କିକ ଦିଗଟି ଶୁଣିବାକୁ ସୁନ୍ଦର । ସେ ତାର ରଚିତ ବ୍ୟକ୍ତିଗତ ପୃଥିବୀରେ ସତ୍ୟ ଓ ନ୍ୟାୟ ପାଳନ କରୁଛି । ବଞ୍ଚିବା ଯଦି ମଣିଷର ଲକ୍ଷ୍ୟ, ତାହା କାହିଁକି ଆଦର୍ଶ ଓ ନୈତିକତାର କାଠିରେ ଜୀବନ ସଂଗ୍ରାମକୁ ମାପିବ ?

ଶାନ୍ତନୁ ବାବୁ ଫାଣ୍ଟାସି ବ୍ୟବହାର କରନ୍ତି । ସେଇ ଫାଣ୍ଟାସି ଭିତରେ ସୂକ୍ଷ୍ମାର୍ଥ ଖୋଜିବା ଦୁଷ୍କର ମନେହୁଏ । କିନ୍ତୁ ପ୍ରସଙ୍ଗତଃ ତାହା କଷ୍ଟସାଧ୍ୟ ନୁହେଁ । ଆଧ୍ୟାତ୍ମିକତା, ଦର୍ଶନ ଓ ବିଜ୍ଞାନ ପରିସର ପୃଥକ ହେଲେହେଁ କେଉଁଠି ନା କେଉଁଠି ରହିଛି ସଂପର୍କର ସୂତ୍ର । ବିଜ୍ଞାନ ବା କସ୍ମିକ୍ ପାର୍ଟିର ବୈଜ୍ଞାନିକମାନେ ବାରମ୍ବାର ସମାନ୍ତରାଳ ଭାବେ ଆଗାମୀ ଶତାବ୍ଦୀର ଯେଉଁ ବାର୍ତ୍ତା ପ୍ରଚାର କରିଛନ୍ତି, ତା'ର ସାରକଥା ହେଉଛି ମଣିଷ ହେବ ସର୍ବତୋ ଭାବେ ସମାନ । ବିଜ୍ଞାନ ମଣିଷର ଆକାରର ସମତା ଚିନ୍ତା କରିବାବେଳେ ରାଜନୀତି ତାର ସାମାଜିକ ସ୍ଥିତିକୁ ନିୟନ୍ତ୍ରଣ କରି ସମତା ଆଣିବାକୁ ଆଗ୍ରହୀ । ବୈଜ୍ଞାନିକ କୃତ୍ରିମ ଖାଦ୍ୟ ଉତ୍ପାଦନ କରି ଖାଦ୍ୟ ସମସ୍ୟା ଦୂର କରିବ ।

Digitized by srujanika@gmail.com

ଚାଷଜମିକୁ ଖାଦ୍ୟ ସମସ୍ୟାରୁ ମୁକ୍ତ କରାଯିବ । ଫଳରେ ଆଉ ଭୂମ୍ୟାଧିକାରୀ ବୁର୍ଜୁୟା ରହିବେ ନାହିଁ । ତାଙ୍କର ବଂଶ ଲୋପ ପାଇବ । ରାଜନୈତିକ ମତାଦର୍ଶ ଓ ବିଜ୍ଞାନର ଏପରି ପ୍ରୟାସର ସମାନ୍ତରାଳ ଭାବେ ଆଧାତ୍ମିକତାର ପ୍ରଶ୍ନ ହେଉଛି କାୟମନୋବାକ୍ୟରେ ସଂଯମ ଓ ସମତା ରକ୍ଷା । ଅସ୍ତିତ୍ୱବାଦୀ ଉପରେ ଏହାର ପ୍ରଭାବ ଗୌଣ । କାରଣ ଏଥିରେ ଜୀବନର ବାସ୍ତବ ଛବି ପ୍ରତିଫଳିତ ହୁଏନାହିଁ । ବିଜ୍ଞାନ ପ୍ରତ୍ୟକ୍ଷ ଅନୁଭୂତିରୁ ବା ପର୍ଯ୍ୟବେକ୍ଷଣରୁ ସଂଗ୍ରହ କରୁଥିବା ତଥ୍ୟ ଭିତ୍ତିରେ ସତ୍ୟ ପ୍ରକାଶ କରେ । କିନ୍ତୁ ଅସ୍ତିତ୍ୱବାଦୀ ସ୍ୱ-ଅନ୍ତରାନୁଭୂତିରୁ, ଉପଲବ୍‌ଧିରୁ ସତ୍ୟର ଆବିଷ୍କାର କରେ । ମନୋବିଜ୍ଞାନ ଆଧାରରେ ମଣିଷର ଅନ୍ତର୍ଜଗତର ସୂକ୍ଷ୍ମ ବ୍ୟାଖ୍ୟା ସେ ଆବଶ୍ୟକ କରେ । ଏ ପ୍ରସଙ୍ଗରେ ଶାନ୍ତନୁ ବାବୁଙ୍କର ବିଶେଷ ବକ୍ତବ୍ୟ ହେଉଛି, ମଣିଷର ଜୀବନ ଚିତ୍ର ଦର୍ଶନ ଆଧାରରେ ଅଙ୍କନ କରିବା ପରିବର୍ତ୍ତେ ଦର୍ଶନକୁ ମଣିଷକୁ ମୁକ୍ତ କରିବାକୁ ହେବ ଏବଂ ଦର୍ଶନ ବିଜ୍ଞାନର ଆଧାରରେ ଗଢ଼ିବାକୁ ହେବ । ଅସ୍ତିତ୍ୱବାଦୀଙ୍କର ଏ ଯୁକ୍ତି ଶାନ୍ତନୁ ବାବୁଙ୍କ ଲେଖାରେ ବହୁ ସ୍ଥଳରେ ପ୍ରତିଷ୍ଠା ପାଇବା ପରି ଲାଗେ ।

ପୌରାଣିକ ବିକୃତ ଜୀବପରି ଉପର କଥିତ ଜୀବ ବ୍ୟକ୍ତିର ବ୍ୟକ୍ତିଗତ ମନସ୍ତତ୍ତ୍ୱ ଓ ଅବଦମିତ ଆବେଗର ପ୍ରତିନିଧି । ଅବଚେତନ ମନର କଥା ବିଚାରି ବସିଲେ ମନର ପ୍ରତୀକାତ୍ମକ ରୂପ ଏପରି ବିକୃତ ପ୍ରାଣୀ ମଧ୍ୟ ଦେଇ ନିଜ ଭବିଷ୍ୟତର ସମ୍ଭାବନା ଉପସ୍ଥାପନ କରନ୍ତି । ଅର୍ଥାତ୍ ସଂପ୍ରତି ସଭ୍ୟତାରେ ବସ୍ତୁ ପ୍ରତି ମୋହ ବଢୁଥିବାବେଳେ ଜୀବନ ସଚେତନତାର କ୍ଷୟ ପରିଲକ୍ଷିତ ହୁଏ । ପାର୍ଟିର ନିଭୃତ କୋଠରୀରେ ବନ୍ଦୀ ରୂପେ ଜର୍ଜ ଦେଖୁଥିଲା ବିଜ୍ଞାନର ଓ ଦର୍ଶନ ପରାଙ୍ମୁଖତା, ଧର୍ମ ଓ ଆଧାତ୍ମିକତାର ଗ୍ଲାନି । ସଂକ୍ଷିପ୍ତ ସୂଚନା ଦେଇଛନ୍ତି ଲେଖକ "ବରଗଛର ବିଶାଳ ଗଣ୍ଡି ଉପରେ ଚୂନ ଓ ସିନ୍ଦୂରରେ ଅଙ୍କିତ ଦୁଇଟା ବିଶାଳ ଆଖିର ଚିତ୍ର । ତାକୁ ଘେରି ଗଦାଗଦା ହେଁସ କନା ବୁଜୁଲା, ହାଣ୍ଡି ମାଠିଆ" । ଆଧାତ୍ମିକତା ଶ୍ମଶାନ ତୁଲ୍ୟ, ସେଠି ମଣିଷ ମନ୍ଦାମନ୍ଦା ପିମ୍ପୁଡ଼ି । ବିଜ୍ଞାନ କୃତ୍ରିମ ଖାଦ୍ୟ ପ୍ରସ୍ତୁତ କରିବ, ତାର ଆଶୀର୍ବାଦ ହେବ ପିମ୍ପୁଡ଼ି ମନ୍ଦାରେ ଗୁଡ଼ ଦେଲାପରି । ଏହାହିଁ ତାର ନିୟତି, ମଣିଷର ନିୟତି । କିନ୍ତୁ ତାକୁ ଯିବାକୁ ହେବ । ତୋପ କମାଣ ଗର୍ଜୁଛି । ମେଓ୍ୱା ଅପେକ୍ଷାରେ ଅଛନ୍ତି ଶହଶହ ପିମ୍ପୁଡ଼ି । ସେ ପିମ୍ପୁଡ଼ି ନାୟକକୁ ଯିବାକୁ ହେବ ।

୧୫) ପାତିମାଙ୍କଡ଼ (ଶେଷ ପୃଷ୍ଠା) ମେଓ୍ୱା ଦାବିର ଅଭିଯାନରେ ଗୁଳିମାଡ଼ ଖାଇ ଆଖିବୁଜିବା ପୂର୍ବରୁ ଦେଖିଲା "ଗୋଟିଏ ପାତିମାଙ୍କଡ଼ କୁଆଡୁ ବାହାରି ଆସି ତା ମୁଣ୍ଡ ପାଖେ ବସିଲା ଓ ତାର ଲମ୍ବା ନାକଟାକୁ ଖୁପୁରେଇବାକୁ ଲାଗିଲା । ତାପରେ କଅଣ ଭାବି ସେ ନିର୍ବୋଧ ମାଙ୍କଡ଼ଟା ତାର ଛାତିର ଏପଟରୁ ସେପଟକୁ ଓ ସେପଟରୁ ଏପଟକୁ ଅନବରତ ଡେଇଁବାକୁ ଲାଗିଲା" । ଏହା ତା'ର ଅନୁଭବ । ମୃତ୍ୟୁ ପୂର୍ବରୁ ଦୁଇଟି କଥା ମନକୁ ଆସିଛି । ପ୍ରଥମ ନାକ ପ୍ରସଙ୍ଗ - ମିସ୍ ଆଡ଼ାମ୍‌ସ୍‌ଙ୍କ ପାଖରୁ ଫରାସୀ ଯୁବକର ନାକ

Digitized by srujanika@gmail.com

କଥାଟି ଶୁଣି ସେ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲା । ସେ ଭୀରୁ ନୁହେଁ, ନାକଟି ଦେବାକୁ ପ୍ରସ୍ତୁତ । ନାକ ଯଦି ତାକୁ କ୍ୟାପିଟାଲିଷ୍ଟ କରି ସର୍ବହରାର ବିରୋଧୀ ବୋଲି ଚିହ୍ନାଏ, ତାହା ସେ କରିବାକୁ ଦେବନାହିଁ । ନାକ ବଦଳରେ ସେ ମେଓ୍ୱା ଦେବ । ମଣିଷ ଭିତରେ ଅନନ୍ତ ସମ୍ଭାବନାର ସୁପ୍ତ ଅବସ୍ଥାର ପ୍ରତୀକ ହେଉଛି ମାଙ୍କଡ଼ । ମଣିଷ ଭିତରେ ପଶୁର ପ୍ରଚଣ୍ଡ ସାମର୍ଥ୍ୟ ଓ ଦୈବୀଶକ୍ତି ଆତ୍ମଗୋପନ କରିଛି, ତାହାକୁ ସ୍ୱୀକାର କରିବାକୁ ହେବ । ପାତିମାଙ୍କଡ଼ ନାଚିବା ଭିତରେ ତାହା ପ୍ରକଟିତ ହୋଇଛି । ଶରୀର ମୃତ୍ୟୁ ହୁଏ; କିନ୍ତୁ ତାର ସାମର୍ଥ୍ୟ ମରେନାହିଁ । ସାମର୍ଥ୍ୟକୁ ସେ ଶିଶୁ ହାତରେ ଛାଡ଼ିଯାଏ । ଉପନ୍ୟାସର ଏହି ପାତିମାଙ୍କଡ଼ ବରଗଛ ଡାଳରେ ବସିଥିବା ବିଜ୍ଞାନୀମାଙ୍କଡ଼ ନୁହେଁ ତ ?

ଏକ ବ୍ୟକ୍ତିନିଷ୍ଠ ଅନୁଭୂତିକୁ ସାର୍ବଜନୀନ କରିଦେବା ସାହିତ୍ୟର ଲକ୍ଷ୍ୟ । ଜଣେ ସ୍ରଷ୍ଟା ବ୍ୟକ୍ତି ଭାବରେ ଇତିହାସର ପ୍ରଭାବରେ ପରମ୍ପରାର ଅଙ୍ଗୀଭୂତ ସତ୍ତାଟିଏ ନିଶ୍ଚୟ, କିନ୍ତୁ ସେ ପରମ୍ପରାରୁ ବିଶେଷକରି ସାହିତ୍ୟିକ ପରମ୍ପରାରୁ କ୍ୱଚିତ୍ ଆନନ୍ଦ ପାଆନ୍ତି । ତେଣୁ ଏକ ନିଜସ୍ୱ ଭାବ ମଣ୍ଡଳରେ ସାହିତ୍ୟିକ ପରମ୍ପରାକୁ ନବ ରୂପ ପ୍ରଦାନ ପାଇଁ ଚେଷ୍ଟା କରନ୍ତି । ଭାଷାର ସାମାଜିକ ଓ ସାଂସ୍କୃତିକ ସ୍ଥିତି ବିଚାରରେ ନିଜସ୍ୱ ଉପାଦାନ ନିର୍ବାଚନ କରିବା ପ୍ରତିଭାସମ୍ପନ୍ନ ଲେଖକଙ୍କର କର୍ତ୍ତବ୍ୟ ଅବଶ୍ୟ । ନିର୍ବାଚିତ ଉପାଦାନଗୁଡ଼ିକ ସେହିକାଳର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିସୀମା ଭିତରେ ଯେଉଁ ସ୍ୱାତନ୍ତ୍ର୍ୟ ପ୍ରକାଶ କରନ୍ତି, ତାହା କଳାର ଉପାଦାନ ରୂପେ ଶୈଳୀକୁ ସମୃଦ୍ଧ କରେ । ସ୍ରଷ୍ଟାର ଭାବସତ୍ତା ଏକ ନିର୍ଦ୍ଦିଷ୍ଟ କଳାତ୍ମକ ମାନ ଉପରେ ପ୍ରତିଷ୍ଠିତ ହୋଇ ଶୈଳୀକୁ କରେ ନିୟନ୍ତ୍ରଣ । କହିବା ବାହୁଲ୍ୟ ଶାନ୍ତନୁଙ୍କର ଭାବସତ୍ତା ଓ କଳାତ୍ମକ ମାନର ସ୍କେଲ ଇଲାଷ୍ଟିକ ପରି ସତତ ପ୍ରସାରଣଶୀଳ । ତାହାସୂତା ଖଣ୍ଡିଏ ପରି ଯାହାଁ ପଡ଼ିଥାଏ, ତାହାଁ ରହିଥାଏ ନାହିଁ । ଏପରି ଇଲାଷ୍ଟିକ୍‌ର ଗୁଳୁତାକୁ ଯାହା ସମୃଦ୍ଧ କରିଛି, ତାହା ହେଉଛି ରହସ୍ୟ, ଫାଣ୍ଟାସି, ମେଟାଫିଜିକାଲ ଶୈଳୀ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ପ୍ରତୀକ ନିର୍ମାଣ ।

ଅଦ୍ୟାବଧି ହୋଇଥିବା ଆଲୋଚନାରୁ ବିଜ୍ଞ ପାଠକମାନେ, ମୋର ମନେହୁଏ, ଶାନ୍ତନୁବାବୁଙ୍କର ଗଳ୍ପ-ଗୁନ୍ଥନ ବିଧି ବୁଝିଥିବେ । ଶ୍ରୀଯୁକ୍ତ ଆଚାର୍ଯ୍ୟ ରହସ୍ୟରେ, ଆଧ୍ୟାତ୍ମିକତାରେ ବିଶ୍ୱାସ କରନ୍ତି । ଏହା ସହିତ ସେ ପୁଣି ଅସ୍ତିତ୍ୱବାଦୀମାନଙ୍କ ବିଶ୍ଳେଷଣ ରୀତି ସଂପୂର୍ଣ୍ଣ ଭାବେ ଅନୁହରି ଆଣିଛନ୍ତି । କଥାବିନ୍ୟାସ ପ୍ରସଙ୍ଗରେ ମେଟାଫିଜିକ୍‌ସ ସ୍ତରକୁ କଳ୍ପନା-ପକ୍ଷ ଓହ୍ଲେଇ ଆସିଛି । ଶ୍ରଦ୍ଧାଶୀଳ ପାଠକ ପଢୁ ପଢୁ କଳ୍ପିତ କଥାର ଅଙ୍ଗନରେ ଦଣ୍ଡେ ସ୍ଥିର ରହିଯାଏ । ଯୁଗପତ୍ ଆନନ୍ଦ ଓ ବିସ୍ମୟର ଦୋଳିରେ ଝୁଲୁ ଝୁଲୁ ମନରେ ଆସେ ସନ୍ଦେହ, ଶିଳ୍ପୀ କଣ କହିବାକୁ ଚାହାନ୍ତି ?

ଶିଳ୍ପୀ ସର୍ବଦା ବିଶେଷକରି ଏ ଯୁଗର କଥାଶିଳ୍ପୀ, ପରୋକ୍ଷ କଥନରେ ସୃଜନ ଶକ୍ତି ସଞ୍ଚାର କରନ୍ତି । ଅନେକତ୍ର ତାଙ୍କର ବକ୍ତବ୍ୟ ଆଲେଗୋରିକାଲ । ଶାନ୍ତନୁ ଭାରି

Digitized by srujanika@gmail.com

ଅଶାନ୍ତ କଥାଶିଳ୍ପୀ; ସେ ଶିଳ୍ପ - ପ୍ରଗଲ୍ଭ, ପୁଣି କ୍ରିଟିକାଲ । ତାଙ୍କ ଚିତ୍ତଭୂମିରେ ପ୍ରତିଫଳିତ ଘଟଣାକୁ ଦୃଶ୍ୟ ଭିତରେ ଏବଂ ଦୃଶ୍ୟକୁ ନିର୍ଭୀକ ବ୍ୟଙ୍ଗ କରିବାକୁ ସେ ଆଦୌ କୁଣ୍ଠିତ ନୁହଁନ୍ତି । ଏପରି ପୃଷ୍ଠଭୂମିରେ ବାସ୍ତବତାକୁ ଅତିକ୍ରମ କରିଯିବା କଥାକାରର ଧର୍ମ ନୁହେଁ । ସ୍ରଷ୍ଟା ତାର ଚଉପାଶରେ ଘଟୁଥିବା ଘଟଣାକୁ ଜଣେ ସଚେତନ ବ୍ୟକ୍ତି ଭାବେ ଜୀବନର ଭୂମିକୁ ବିକ୍ଷେପ କରିବା ବେଳେ ତତ୍‌କାଳୀନ ରାଜନୀତିକ ଆଦର୍ଶରୁ ମୁକ୍ତ ରହିପାରେ ନାହିଁ ବୋଲି ମନେହୁଏ । ମଣିଷ ସାମାଜିକ ମନ ନେଇ ସାମାଜିକ ପ୍ରାଣୀ ବୋଲାଏ । ସେ ପ୍ରକୃତିର ଅଂଶବିଶେଷ ଓ ପ୍ରକୃତିର ନାନାବିଧ ଲକ୍ଷଣରୁ ସେ ବୁଝେ କିପରି ଆତ୍ମ-ସମନ୍ୱୟ ବା ସାଲିସ (self mediating, Marx-Theory of Alienation) କରିବାକୁ ହୁଏ । ପ୍ରକୃତିର ସତ୍ତା ଭାବେ ଏହି ପ୍ରାଣୀଟିର ବୃହତ ପ୍ରାକୃତିକ ସଂପର୍କଗୁଡ଼ିକୁ ମାର୍କ୍ସୀୟ ଦ୍ୱନ୍ଦ୍ୱ ଦୃଷ୍ଟିରେ ବିଚାର କରାଗଲେ ଦେଖାଯାଏ ସେ ଔଚିତ୍ୟ (ବୋଧ) ବା ମୂଲ୍ୟ(ବୋଧ) ମଣିଷର ଅନ୍ୟତମ ଆତ୍ମ-ସାଙ୍ଗଠନିକ (self constitution) ଲକ୍ଷଣ । ଅର୍ଥାତ ନିଜର ଶାରୀରିକ ସଂପଦ ତୁଲ୍ୟତାରେ ସେ ମାନସିକ ସଂପଦ ବା ଶକ୍ତି-ସାମର୍ଥ୍ୟ ବିନ୍ୟାସ କରିଥାଏ । ସଭ୍ୟତାର କ୍ରମବିକାଶ ସହିତ ମାନସିକ ସାମର୍ଥ୍ୟ ଶାରୀରିକ ସାମର୍ଥ୍ୟ ଉପରେ ବଳବତ୍ତର ହୁଏ, ଯେପରି ଆଦିମ ମଣିଷର ବର୍ବରତା ତତ୍‌କାଳୀନ ଆଦିମତାର ମାନଦଣ୍ଡ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ସଂକ୍ଷେପରେ ଏତିକି କହିଲେ ହେବ ଯେ ଆଦିମତା ସହିତ ମୂଲ୍ୟବୋଧର ସଂପର୍କ ନଥାଏ । ଆତ୍ମ-ସଙ୍ଗଠନ ପ୍ରବୃତ୍ତି ବଶତଃ 'ପ୍ରୟୋଜନ' ଭିତ୍ତିରେ ଔଚିତ୍ୟ/ମୂଲ୍ୟ ନିର୍ଦ୍ଧାରଣ କରାଯାଏ (self constitution exists simultaneously as need (is) and value (ought) in man. p-192 Markx's Theory of Alienation). ମାର୍କସୀୟ ବିଚାରରେ ଏହି ମୂଲ୍ୟ ଆକଳନ ହିଁ ବାସ୍ତବତାର ପରିଭାଷା (value is an inseparable dimension of reality (is-fact), but it goes without saying - only of human reality. ibid-page 193). ମଣିଷ ଭିତରେ ଅନନ୍ତ ସମ୍ଭାବନା ରହିଛି ତାହା ଉଭୟ 'ଭଲ' ବା 'ମନ୍ଦ' ଦିଗରେ ସମ୍ଭବ । କିନ୍ତୁ ଆତ୍ମ-ଉପଲବ୍ଧି ବା ଆତ୍ମ-ବିକାଶ (ଯାହାହେଉ) ଦ୍ୱାରା ପୁନଶ୍ଚ ମୂଳ ଅବସ୍ଥାକୁ ଫେରିଯିବା ସମ୍ଭବ ନୁହେଁ, କାରଣ ଆତ୍ମସଂଗଠନ ଓ ଆତ୍ମ-ସମନ୍ୱୟର ସୀମା କିଛି ନଥାଏ ଏବଂ 'ଅନନ୍ତ ସମ୍ଭାବନା' ତାହା ଦ୍ୱାରା ନିୟନ୍ତ୍ରିତ ହୁଏ ।

ଜର୍ଜ ମାର୍କସ ଦୃଷ୍ଟିର ସେହିପରି ଚରିତ୍ରଟିଏ । ନଳାରୁ ଉଠି ଆସିବା ପରେ ସେହି ଅଣହେତୁ ବୟସରେ ସେଥିଲା ଅନ୍ୟ ଏକ ମଣିଷର ପ୍ରବୃତ୍ତି ପାଖରେ ବନ୍ଧା । ଯେଉଁ ମୁହୂର୍ତ୍ତରେ ସେହି ଫାଶ କଟିଗଲା, ସେଇଠାରୁ ଆରମ୍ଭ ହେଲା ତାର ଆତ୍ମ-ବିନ୍ୟାସ (ବା ସମନ୍ୱୟ)ର ଗୁଣ - ସେ ବଞ୍ଚିବ ଅର୍ଥାତ୍ କ୍ଷୁଧା ନିବାରଣ କରିବ । କିନ୍ତୁ ବଞ୍ଚିବାର ବାସ୍ତବତାଟି କ'ଣ ? ତାର ଚାରିପାଖରେ ଯାହା ସେ ଦେଖୁଛି - ବୁଢ଼ୀ, ବୀର ସାମଲ, ଚରଣ ରାଓ,

Digitized by srujanika@gmail.com

ନଜିର ମିଆଁ, ଧୋବଣୀ ପ୍ରଭୃତି ଚରିତ୍ର ବର୍ଗର ଆଚରଣ; ହରିମିସ୍ତ୍ରୀ, କବିରାଜ ବୁଢ଼ା, ପଞ୍ଜାବୀ ମାଇକିନିଆଙ୍କର ଲୋଲୁପ ଦୃଷ୍ଟି – ବାସ୍ତବତାର ଜ୍ୱଳନ୍ତ ନିଦର୍ଶନଗୁଡ଼ିକ ଭିତରେ ତାର ଅବସ୍ଥାନ, ସଂପର୍କ ଏବଂ ବିଶେଷ କରି ସେ ସବୁକୁ ବୁଝିବାର ଚରମ ଅଭିଳାଷ । ସେଥିରୁ ଜନ୍ମ ନେଇଛି ଆତ୍ମସଂଗଠନ ପ୍ରବୃତ୍ତି, ଯାହା ତାକୁ ଏକପ୍ରକାର ଶକ୍ତି ଦେଇଛି ପ୍ରଶ୍ନ ପଚାରିବାକୁ – ଦେଖୁଥିବା ଶୁଣିଥିବା ଘଟଣା ବା ଦୃଶ୍ୟକୁ ମନର ଗହୀରରେ ଘାଣ୍ଟି ନିଜର ଶକ୍ତି ତିଆରି କରିବାକୁ । କହିବା ବାହୁଲ୍ୟ, ଚରିତ୍ରର ମୌଳିକତା ପରିପାର୍ଶ୍ୱର ଏପରି ବାସ୍ତବତାରୁ ଉତ୍ପନ୍ନ ହେଉଥିବା ଉପାଦାନଗୁଡ଼ିକ ଦ୍ୱାରାହିଁ ଗଠିତ ଓ ସମୃଦ୍ଧ ହୁଏ ।

ଶାନ୍ତନୁ ବାବୁଙ୍କ ମୁଖ୍ୟ ପ୍ରସଙ୍ଗ ଜର୍ଜ; ବ୍ୟକ୍ତି-ମଣିଷର ସ୍ୱାଧୀନତା, ମୌଳିକତା, ତା' ସାମର୍ଥ୍ୟର ପରିସୀମା ଉନ୍ମୋଚନ । ମାତ୍ର ଏହା ଅପୂର୍ଣ୍ଣ ରହିବ, ଯଦି ଆନୁଷଙ୍ଗିକ ନିଦର୍ଶନଗୁଡ଼ିକୁ ଆବିଷ୍କାର କରାନଯାଏ । ତେଣୁ ଆସିଛି 'ନର'ମାନଙ୍କର କାହାଣୀ, ଯେଉଁମାନେ ପୁନଶ୍ଚ ବ୍ୟକ୍ତି-ମଣିଷ ଭାବେ ସ୍ୱତନ୍ତ୍ର ବ୍ୟକ୍ତିସତ୍ତାର ପ୍ରତିନିଧିତ୍ୱ କରନ୍ତି ତଥାଚ ବୃହତ୍ତର ମଣିଷ ସମାଜ ମଧ୍ୟରେ ଯେଝା ରୀତିରେ ଆତ୍ମବିନ୍ୟାସ କରିଥାନ୍ତି । ଜର୍ଜ ପାଇଁ ଏପରି ବିନ୍ୟାସ ସଂକୁଚିତ ନୁହେଁ, କାରଣ ଆତ୍ମସଂଗଠନ (ଶକ୍ତି ସାମର୍ଥ୍ୟ ଲାଭ) ଔଚିତ୍ୟ ସହ ସଂପୃକ୍ତ । ସେଇଟି କ'ଣ ? ବୁଢ଼ୀ ଓ ବୀର ସାମଲ ମଧ୍ୟରେ ସଂପର୍କ, ବୀର ସାମଲ ଓ ଅନ୍ଧୁଣୀ ମଧ୍ୟରେ ସଂପର୍କ ତାକୁ ଶିଖାଇଚି ବାସ୍ତବତାରୁ ଏଇ ଔଚିତ୍ୟର ନିରୂପଣ । ତେଣୁ ଅନ୍ଧୁଣୀ ସହ ତାକୁ ଜୋରକରି ଛନ୍ଦି ଦିଆ ହେବାବେଳେ ସେ ପଳାଇଛି, ପୁନର୍ବାର ଆଉ ଏକ ଆତ୍ମବିନ୍ୟାସ ପାଇଁ – ନୂଆ ଆହ୍ୱାନରେ ନୂଆ ଏକ ଜଗତକୁ ।

ଏହି ଦ୍ୱିତୀୟ ଜଗତରେ ସେ କ'ଣ ଦେଖୁଛି ? ଭଣ୍ଡ ଗରୁଡ଼, କାମକାମିନୀ ଆଡ଼ାମ୍ସ୍, ବାଙ୍ଗରା ଆନନ୍ଦଭଞ୍ଜି, ଅମୃତ ହସ୍ତ ବାବାଜୀ – ଯେଉଁମାନେ ଏ ପର୍ଯ୍ୟନ୍ତ ତାର ପରିଚିତ ବା ଆତ୍ମବିନ୍ୟସିତ ଜଗତର ଅଧିକାରୀ ନୁହଁନ୍ତି। ସେମାନେ ଅବୋଧ ହୋଇଛନ୍ତି । କିନ୍ତୁ ବୋଧି ଭିତରେ ସେମାନଙ୍କୁ ବାନ୍ଧିବାକୁ ହେବ, ଆତ୍ମ-ବିନ୍ୟାସ ପାଇଁ । ଏ ସ୍ଥଳରେ ଆତ୍ମବିନ୍ୟାସର ଅଭାବରୁ ଆତ୍ମସଙ୍ଗଠନଟି ଦୁର୍ବଳ । ଗରୁଡ଼ କଥାକୁ ସରଳ ଶିଶୁପରି ଭକୁଆ ଦୃଷ୍ଟିରେ ଚାହିଁବା ବ୍ୟତୀତ ଗତ୍ୟନ୍ତର ନଥିଲା । ମାତ୍ର ଥରେ ଗରୁଡ଼ର ମୂଳ ପରିଚୟ ପାଇଯିବା ପରେ ଆତ୍ମବିନ୍ୟାସଟି ପ୍ରସରିଗଲା ଓ ଫୁଟିଉଠିଲା ଆତ୍ମସଂଗଠନର ଶକ୍ତିଫୁଲ । ଫଳରେ ଦୁର୍ବଳତା ସତ୍ତ୍ୱେ ସେ ଗରୁଡ଼କୁ ମାରିଦେଇ ପାରିଲା । ଏଇ ରୀତିରେ ଶେଷ ଅବଧି ଜର୍ଜର ସମସ୍ତ ଘଟଣା ସହ ସଂପର୍କ ଆତ୍ମବିନ୍ୟାସର ଫଳଶ୍ରୁତି ସ୍ୱରୂପ ଯେଉଁ କ୍ଷୀଣ-ଅପ୍ରକଟ ସାମର୍ଥ୍ୟ ଆତ୍ମଗୋପନ କରିଥିଲା, ତାହା ପ୍ରକଟିତ ହେଲା ଶେଷାଂଶରେ – ମେଓ୍ୱା ଦିଅର ଗମ୍ଭୀର ଧ୍ୱନିରେ ଓ ଗୁଳିଚୋଟରେ ପ୍ରାଣ ହରାଇବା ପୂର୍ବରୁ ଦିନେ ଛାଡ଼ି ଆସିଥିବା ଅନ୍ଧୁଣୀ ହାତରୁ ଶିଶୁଟିକୁ ଟେକିନେଇ ବୋକ ଦେବା ଭିତରେ । ସେଇ ପ୍ରସଙ୍ଗରେ ବ୍ୟାଘ୍ର-ମନୁଷ୍ୟ ସତ୍ୟ ଅହିଂସା, ବିଜ୍ଞାନୀ ମଣିଷ ସହିତ

Digitized by srujanika@gmail.com

ତାର କଥାବାର୍ତ୍ତା ଅନ୍ୟତମ ଏକ ନୈତିକ ସାମର୍ଥ୍ୟ, ଯାହା ତାତ୍‌କାଳୀକ ଔଚିତ୍ୟର ଅନୁପମ ନିଦର୍ଶନ । ମାର୍କ୍ସ ଦୃଷ୍ଟିରେ ବାସ୍ତବତାର ସର୍ବଶେଷ ରୂପ ହେଉଛି କଳାତ୍ମକ ପ୍ରାଚୁର୍ଯ୍ୟ, ଅର୍ଥାତ୍ ମଣିଷ (ଚରିତ୍ର)ର ଚତୁଃପାର୍ଶ୍ୱରେ ଅହରହ ଘଟୁଥିବା ଘଟଣାର ବାରମ୍ବାର ପରିବର୍ତ୍ତନର ବିଚିତ୍ର ଧାରା ଅଙ୍କନ କରିବା ।

ଏହି ପ୍ରସଙ୍ଗରେ କଳାତ୍ମକତା ଓ କଳାର ସୌନ୍ଦର୍ଯ୍ୟର ପ୍ରଶ୍ନ ହେଉଛି (କ) ବର୍ଣ୍ଣିତ ଘଟଣାର ବୈଶିଷ୍ଟ୍ୟ, (ଖ) ବର୍ଣ୍ଣନାଂଶଗୁଡ଼ିକରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଥିବା ଆବଶ୍ୟକ, ଯାହା (ଗ) ସୌନ୍ଦର୍ଯ୍ୟାନୁଭୂତି ଜାଗ୍ରତକ୍ଷମ ହେଉଥିବ ।

ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କର ଶିଳ୍ପଦୃଷ୍ଟି ଗଭୀର ଓ ବର୍ଣ୍ଣନାର ରୀତି ଅନୁପମ-ବସ୍ତୁ-ସଂଗଠନ ମାଧ୍ୟମରେ ଗତିଶୀଳ । ନାଳ-ନର୍ଦ୍ଦମାର ମଣିଷ କୋଳାହଳର କାଳୀୟ ବିଷ ମଧ୍ୟରେ ବ୍ୟକ୍ତି-ମଣିଷର ନିଷ୍ଠୁର ପ୍ରବଞ୍ଚନାର ଅନୁଭୂତି ପାଇବା ପରେ ଗୋଷ୍ଠୀ-ମଣିଷର ଅଧିନାୟକ ହେବାକୁ ଯାଇଛି । ବ୍ୟକ୍ତି-ଆତ୍ମାରୁ ଗୋଷ୍ଠୀ-ଆତ୍ମାକୁ ଏ ଅଭିଗମନ ଯେକୌଣସି ମତବାଦ ପକ୍ଷରେ ବରଣୀୟ ନିଶ୍ଚୟ । ଘଟଣା ଓ ସମସ୍ୟାର ଚିତ୍ରଣ କଳାତ୍ମକ ଆଙ୍ଗିକ (ଉପନ୍ୟାସ) ମଧ୍ୟରେ ସମୀକ୍ଷାତ୍ମକ ରୂପ ପରିଗ୍ରହରୁ ଭିନ୍ନ ହେଲେ, ତାହା ବାସ୍ତବତା ଠାରୁ ଦୂରେଇ ଯାଇଥାଏ ।

ମାର୍କ୍ସ ନିଜେ ପ୍ରଶ୍ନ କରିଛନ୍ତି - 'କାହିଁକି ଏ ଚିତ୍ରଣ ?' ତେବେ, 'ନରକିନ୍ନର'ର ସମସ୍ୟା କଣ ? କେଉଁ ଦୁଃଖର ଅସାମାନ୍ୟ ଆଲୋଡ଼ନରୁ ସ୍ରଷ୍ଟାପ୍ରାଣ ବିଦ୍ରୋହବିଦୀର୍ଣ୍ଣ ? ମାର୍କ୍ସଙ୍କର ଉତ୍ତର ହେଉଛି, 'ମଣିଷ ଇନ୍ଦ୍ରିୟପ୍ରବଣ ପ୍ରାଣୀ; ତାର ଭୌତିକ ଗଠନ-ପ୍ରବୃତ୍ତିରୁ ସେ ବସ୍ତୁଜଗତ ସହ ଜଡ଼ିତ ଏବଂ ଏହି କାରଣରୁ ସେ ହେଉଛି ଦୁଃଖଭୋଗୀ ପ୍ରାଣୀ । ଦୁଃଖ ପାଏ ବୋଲି ସେ ଜାଣେ । ଏଣୁ ସେ ଆବେଗପ୍ରବଣ ମଧ୍ୟ । ଏହି ଆବେଗ ତା ମଧ୍ୟରେ ଏକ ମୌଳିକ ଉପାଦାନ ଭାବେ ପରିପାର୍ଶ୍ୱର ବସ୍ତୁଜଗତ ଉପରେ ସ୍ଥିର ନିର୍ଭର ରହିଯାଏ (ତତ୍ରୈବ ପୃ. : ୧୯୯) ।

ସ୍ରଷ୍ଟା ଶାନ୍ତନୁଙ୍କର ଦୁଃଖ କଣ ? କେଉଁ ପରିପାର୍ଶ୍ୱ ଜଗତ ତାଙ୍କର ଇନ୍ଦ୍ରିୟାନୁଭୂତିରେ ସୃଷ୍ଟି କରିଛି କମ୍ପନ ? ତାଙ୍କର ଦୁଃଖ ବ୍ୟକ୍ତିଗତ ସ୍ରଷ୍ଟାର ଦୁଃଖ ବ୍ୟକ୍ତିଗତ, କିନ୍ତୁ ତାର ରୂପାନ୍ତର ହୋଇପାରେ ସୃଜନ ପଦ୍ମ ସରସୀରେ । ସେଥିରେ ଦୁଃଖ ବ୍ୟକ୍ତି ଅନ୍ତର୍ହିତ ହୋଇ ନୈର୍ବ୍ୟକ୍ତିକ ହୋଇଉଠେ ।

ନିଖିଳ ବିଶ୍ୱର କ୍ଲେଶ ସୃଷ୍ଟିର ପ୍ରତ୍ୟେକ ପୃଷ୍ଠାର ବର୍ଣ୍ଣନା ଭିତରେ ଝଲିଉଠେ । ବ୍ୟକ୍ତି ସ୍ତରର ସତ୍ୟ ସାର୍ବଜନୀନ ସତ୍ୟ ହୋଇଯିବାପରେ ସୃଷ୍ଟି ହିଁ ଆହ୍ୱାନ ଦିଏ । ଏ ପରିପ୍ରେକ୍ଷୀରେ ଶାନ୍ତନୁଙ୍କୁ ବୁଝିବା ଆଦୌ ଜଟିଳ ନୁହେଁ । ପୂର୍ବରୁ କୁହାଯାଇଛି, ଶାନ୍ତନୁ ହେଉଛନ୍ତି ଜର୍ଜ । ଜର୍ଜ ଦେଖିଛି ଷ୍ଟେସନ ପାଖ ଅଳିଆଗଦାର ମଣିଷଙ୍କୁ । ସେମାନେ ପିମ୍ପୁଡ଼ି ପରି ମନ୍ଦାରେ ଗୁହନ୍ତି । ଗଛ ପରି ନୀରବ ନିସ୍ପନ୍ଦରେ ଦେଖନ୍ତି ବଢ଼ି ଉଠୁଥିବା ବିଭବର ସାମ୍ରାଜ୍ୟ । ସେଥିରେ ସେମାନଙ୍କର ସଂପର୍କ ନଥାଏ, ବରଂ ବରଫଳକୁ

Digitized by srujanika@gmail.com

ଆପୁଲ ମନେକରି ଗିଳି ପକାଇବା ପାଇଁ କଜିଆ କରନ୍ତି । କ୍ଷୁଧା ସର୍ବଗ୍ରାସୀ ନୁହେଁ ତାଙ୍କ ପାଇଁ; ଅତି ସରଳ, ନିଷ୍କପଟ, ମେଷ ଶାବକ ପରି କେବଳ ମୁଠାଏ ଭାତ ଦୁଇଓଳି ମାଗେ । ତାର ଅଳି ବଡ଼ କରୁଣ ।

ସେଇ ମାତ୍ର ପନ୍ଦର ବର୍ଷ ତଳେ ସ୍ୱାଧୀନ ହେଇଥିବା ଦେଶଟିଏ । କ୍ଷୁଧା ନିବାରଣ ପାଇଁ କମ୍ ସମୟ ନୁହେଁ । ପନ୍ଦର ବର୍ଷ କାଳ ପେଟରେ କ୍ଷୁଧାକୁ ଧରି ଶତକଡ଼ା ଅସୁମାରୀ ଲୋକ କୁରୁମପେଟା ହେଇଗଲେ । ସ୍ୱାଧୀନତାର ପ୍ରତିଶ୍ରୁତି-ଫର୍ଦ୍ଦମାନ ବଢ଼ିଉଠିଥିବା ନାଳନର୍ଦ୍ଦମାର ପଚାସଢ଼ା ବସ୍ତୁ ହେଇଗଲେ; ଅଥଚ ବଢ଼ି ଚାଲିଲା ପୁଞ୍ଜିର ନିଶା, ସମାଜବାଦ, ଗଣତନ୍ତ୍ର, ସାମ୍ୟବାଦର ପ୍ରଚାର । ମୂଲ୍ୟବୋଧକୁ ବ୍ୟଙ୍ଗ କରି ଶାସକ ଶ୍ରେଣୀଠୁ ଅମଲାତନ୍ତ୍ର ଯାଏ ପୁଞ୍ଜିର କ୍ରୀତଦାସ ବନିଗଲେ, ସାମନ୍ତବାଦର ଅହଂ ଓ କ୍ଷମତା-ପ୍ରମତ୍ତ ହୁଙ୍କାର ଦରିଦ୍ର ପାଇଁ କାନ୍ଦୁକାନ୍ଦୁ ଜାତୀୟ ସମ୍ପତ୍ତିକୁ ବାନ୍ଧିବାର ପ୍ରତିଯୋଗିତା ଆରମ୍ଭ ହେଇଗଲା । ସ୍ୱାଧୀନତା ହେଲା କେବଳ ଦରିଦ୍ରମାନଙ୍କର ରତ୍ନ । ଗଣତନ୍ତ୍ର ହେଲା ସେମାନଙ୍କ ରାମାନନ୍ଦୀ ଉତ୍ତରୀୟ । ଶାନ୍ତନୁ ସେଇ ସମୟର ଚିତ୍ର ଦେଖିଛନ୍ତି । ବିଜ୍ଞାନ ଓ ଆଧ୍ୟାତ୍ମିକତା ଯଥାକ୍ରମେ ବାସ୍ତବତା ଓ ଅତିବାସ୍ତବତାର ଦ୍ୱନ୍ଦ୍ୱ ତାଙ୍କର ସ୍ରଷ୍ଟା ଚିତ୍ତର ପ୍ରାକ୍‌ଭୂମି । ଏ ଦ୍ୱନ୍ଦ୍ୱ ଭିତରେ ସେ ବୃତ୍ତିରେ ବିଜ୍ଞାନ ଶିକ୍ଷା ଆବୁରି ନେଇଥିଲେ ସିନା କିନ୍ତୁ ପ୍ରାଣ ଥିଲା ଆଧ୍ୟାତ୍ମିକତାର ଉନ୍ମେଷ ଓ ବିକାଶ । ତେଣୁ ଦୃଷ୍ଟି ଜାତି, ଧର୍ମ ବର୍ଣ୍ଣାଦି ପ୍ରଭାବମୁକ୍ତ ଯୁକ୍ତିସିଦ୍ଧ, କିନ୍ତୁ ଲକ୍ଷ୍ୟ ଏକ ଉନ୍ନତ ମାନବିକ ଚେତନାର ଉପରେ । ଆଧୁନିକ ବିଶ୍ୱର ଅନ୍ୟ ସମସ୍ତ ମାଧ୍ୟମକୁ ଏଥିପାଇଁ ଅନୁପଯୁକ୍ତ କ୍ଷେତ୍ର ମନେକରି ସାହିତ୍ୟକୁ ଏକମାତ୍ର ମାଧ୍ୟମ ରୂପେ ବାଛି ନେଇଛନ୍ତି । ଭାଷାର ପ୍ରତିବନ୍ଧକ ଆଉ ନାହିଁ । ଏକମାତ୍ର ଆବଶ୍ୟକ ବିଶ୍ୱଭାବ । ବିଶ୍ୱର ଯେକୌଣସି କୋଣରେ ମଣିଷର ନୂଆ ଭାବଟିଏ ବା କାମଟିଏ ନିଖିଳ ପ୍ରାଣର ଆହ୍ଲାଦନକାରୀ । ଏ ଅନୁଭବ ସେଇଦିନୁ ଓଡ଼ିଆ ସ୍ରଷ୍ଟା କରିଆସିଛି । ତେଣୁ ସଂସାରଯାକର ଚିନ୍ତା ମୁଣ୍ଡେଇବାକୁ ଜର୍ଜ ପଛେଇବ କାହିଁକି ? ମିସ୍ ଆଡ଼ାମ୍‌ସଙ୍କୁ ତୃପ୍ତି ଦେବାପରେ ବହୁଦିନର ରୁଦ୍ଧ କୋଠରୀରୁ କଳା ମଚମଚ ଆକାଶର ମିଟି ମିଟି ତାରାଙ୍କୁ ଦେଖିଲା ପରେ ଜର୍ଜର ଆତ୍ମପ୍ରତ୍ୟୟ ଆସିଛି - ସେ ଆକାଶ ଭରିଦେଇଛି ଅପୂର୍ବ ଉନ୍ମାଦନା । ଉନ୍ମୁକ୍ତ ବିଶ୍ୱର ଆହ୍ୱାନ, ଅହଂ ମରିଗଲାଣି ସେତେବେଳକୁ । ମନରେ ଆସୁଛି ଅବଚେତନାର ଇପ୍‌ସା-ମେଓ୍ୱା ମାଗୁଥିବା ପିଲାଙ୍କ ଚିତ୍କାର । ୟୁଙ୍ଗ ଯଥାର୍ଥରେ କହିଛନ୍ତି 'ରାତିର ଆକାଶ ଅବଚେତନ ମନର ଅସନ୍ତୋଷ ଫିଟାଇ ଦେବାକୁ ସର୍ବୋତ୍ତମ ପରିବେଶ' ବୋଲି । ଏ ମେଓ୍ୱା-ପ୍ରତ୍ୟାଶୀ ପିଲାମାନେ କିଏ ? ସେମାନେ ହୋଇପାରନ୍ତି କଟକ ଷ୍ଟେସନର, ଆଫ୍ରିକାର ବା ପ୍ରିଟୋରିଆର ଘନ ଜଙ୍ଗଲର ବା ଏସିଆର ଡକ୍‌ୟାର୍ଡ଼ର ପୂତିଗନ୍ଧମୟ ନର୍ଦ୍ଦମାର । ବୟସ, ସ୍ୱାସ୍ଥ୍ୟ, ଜାତି ଅଜାତି ନିର୍ବିଶେଷରେ ସେମାନଙ୍କର ସ୍ୱର ଏକ ଓ ଏକତାଳିକ । କେବଳ ଗୋଟିଏ ସ୍ଥାନରେ ଦେଖିଛି ଜର୍ଜ ସେମାନଙ୍କର ବିକଳ ବୁଭୁକ୍ଷାକୁ; କିନ୍ତୁ ତାହା ଯେ ସର୍ବମୟ, ତାହା ସେ ବୁଝିଛି କମ୍ୟୁନିଷ୍ଟ ରିଭୋଲ୍ୟୁସନାରୀ ପାର୍ଟିରୁ ।

Digitized by srujanika@gmail.com

ସେମାନଙ୍କୁ ସର୍ବତ୍ର ଗୋଟିଏ ପ୍ରକାରେ ଦଳି ଦିଆଯାଏ – ପିମ୍ପୁଡ଼ି ପରି । ଭଣ୍ଡ ଗରୁଡ଼ର କରିସ୍ମା ଏବଂ ପୁଞ୍ଜିପତି, ଗଣତନ୍ତ୍ରୀ ସମାଜବାଦୀ ବା ସାମ୍ୟବାଦୀଙ୍କର ପ୍ରତିଶ୍ରୁତି ସବୁ ଏକପ୍ରକାର । ତାହା ହେଉଛି ଗୋଟାଏ ବିରାଟ 'ପ୍ରତାରଣା' । ବିଶ୍ୱର କ୍ଷୁଧିତ ସମାଜ କଟକ ଷ୍ଟେସନରେ ରିଫ୍ୟୁଜିଙ୍କ ପରି; ଦେଶ କାଳ ଓ ଜାତିହୀନ । 'ଗରିବର ଜାତି ନାହିଁ' ବୋଲି ସୁନ୍ଦର ଧ୍ୱନି ଦିଆଯାଇପାରେ; ମାତ୍ର ପ୍ରବଞ୍ଚନାର ଯେ ପାତ୍ର ଅଛନ୍ତି, ଏକଥା ବହୁ ଭାବ ଓ ଭାଷାରେ କୁହାଯାଇ ନ ପାରେ ।

ସ୍ଲମ୍ ତଳର କ୍ଷୁଧା ଓ ଥିଲାବାଲାଙ୍କ କ୍ଷୁଧା ଭିନ୍ନଭିନ୍ନ । ଏଇ ଭିନ୍ନତା ଭେଦରେ ନର ଓ କିନ୍ନରର ଭେଦ । ନର ସ୍ଲମବାସୀ ଚାହେଁ କ୍ଷୁଧାରୁ ମୁକ୍ତି, କିନ୍ନର ପ୍ରାସାଦବିଳାସୀ ଚାହେଁ କ୍ଷୁଧାରେ ବନ୍ଦୀ, ତାର ପ୍ରଶସ୍ତିରେ ବ୍ୟକ୍ତିତ୍ୱର ବ୍ୟାପ୍ତି । ପ୍ରଥମଟି ଅଭିଳାଷ ରଖେ ସ୍ୱାଧୀନତାର, ଦ୍ୱିତୀୟଟି ପାଇଁ ତାହା ଅର୍ଥହୀନ । ପ୍ରତ୍ୟେକ ଦେଶରେ କ୍ଷୁଧାମୁକ୍ତି ପାଇଁ ସଂଗଠିତ ଜନସଂଗ୍ରାମ ଯେଉଁମାନଙ୍କ ନେତୃତ୍ୱର ଅପେକ୍ଷା ରଖେ, ସେମାନେ କିଏ ? ଆନନ୍ଦ ଭସ୍କି ? ମିସ୍ ଆଡ଼ାମ୍ସ ନା ରିଭ୍ୟୁଲସନାରୀ ପାର୍ଟି ? ନୁହନ୍ତି ନିଶ୍ଚୟ । କାରଣ ସେମାନେ ନୀତି-ଆଚରଣଶୁଦ୍ଧ ନୁହଁନ୍ତି । ସେମାନେ ଅବିଜ୍ଞ ଓ ଅପରିପକ୍ୱ । ମାର୍କ୍ସୀୟ ବିଚାରରେ ସର୍ବହରାମାନଙ୍କ ମଧ୍ୟରୁ ନେତୃତ୍ୱ ଜନ୍ମ ନିଏ । ତେବେ, ଜର୍ଜ ବ୍ୟତୀତ ଅନ୍ୟ କାହାଠାରେ ସେ ସାମର୍ଥ୍ୟ ସମ୍ଭବ ମଧ୍ୟ ନୁହେଁ । ନେତୃତ୍ୱ ପାଇଁ ଆତ୍ମବିନ୍ୟାସ ଓ ଆତ୍ମସଂଗଠନର ଯେ ଆବଶ୍ୟକ, ତାହା ସୂକ୍ଷ୍ମତଃ ସେମାନଙ୍କର ଅଭାବ । ସର୍ବହରାର ଅଧିନାୟକ ହିଁ ଅମୃତ ବାଣ୍ଟିପାରେ, ଅନ୍ୟଥା ଅନ୍ୟ ଦ୍ୱାରା ତାହା ବିଷରେ ପରିଣତ ହୁଏ । ଶାନ୍ତନୁଙ୍କର ଏ ବିଶ୍ୱାସ କମ୍ୟୁନିଷ୍ଟ ଆଦର୍ଶରେ ସଂଗଠିତ ଓ ପ୍ରତିଶ୍ରୁତ । ତେଣୁ ଜର୍ଜକୁ ଖାଣ୍ଟି କମ୍ୟୁନିଷ୍ଟ-ଦର୍ଶନର ନାୟକ କରିବା ସହ ଅନନ୍ତ ସମ୍ଭାବନା ମଣିଷର ଚିତ୍ରଟିଏ ସେ ଆଙ୍କି ପାରିଛନ୍ତି ।

ମାତ୍ର କ୍ଷୋଭର କଥା, ଭାରତ ବର୍ଷରେ ସେ ଅନନ୍ତ ସମ୍ଭାବନାର ପରିପାଳନ ଘଟିନାହିଁ । ନାମକୁ ମାତ୍ର ଏକ ରାଜନୈତିକ ସ୍ୱାଧୀନତା ନେଇ ଜାତି ସ୍ୱାଧୀନ ବୋଲି ଗର୍ବ କରିପାରେ କି ? ତାର ଅନ୍ନ ସ୍ୱାଧୀନତାର ଅଭାବରେ ପୂର୍ଣ୍ଣାଙ୍ଗ ଜୀବନର ସ୍ୱାଧୀନତା ମିଳେ କି ? ଯେଉଁ ସ୍ୱାଧୀନତାର ନାରା ଉଠିଛି ତାହା କିପରି ?

ମନେହୁଏ ନରକିନ୍ନରର ଅନ୍ତଃସ୍ୱର ଏଇଠି ବଡ଼ ବ୍ୟଙ୍ଗାତ୍ମକ ଆଲୋଘେରିରେ ଚମକପ୍ରଦ ମନ୍ତବ୍ୟ ଆଙ୍କିଛି । ଭାରତବର୍ଷର ସ୍ୱାଧୀନତା, ଜର୍ଜ ମେଡ଼ିକାଲର ନର୍ଦ୍ଦମାରୁ ମିଳିଥିବା ପରି, ବ୍ରିଟିଶ ସାମ୍ରାଜ୍ୟବାଦର କେଉଁ ଏକ ଡକ୍ୟାର୍ଡ଼ରୁ ପ୍ରାପ୍ତ । ତାର ଉଦ୍ଧାରକର୍ତ୍ତା ଅଶୀବର୍ଷର ବିଶପ, ଯିଏ ଅଧୁନା ପନ୍ଦର ବର୍ଷର ଯୁବକ ଜାରକ ସନ୍ତାନର ପିତା । ତାର ପାଳକ ପିତା ବୁଢ଼ା ପାଖରେ ସେ ରହିପାରେନା, କ୍ଷୁଧାର କରାଳ ରୂପ ତାକୁ ନିଜର ଆତ୍ମପରିଚୟ ପାଇଁ ଘରୁ ନିକାଲି ଦିଏ । କାରଣ ତାର ଜାତି ନାହିଁ । ଏଇ କଥାନକ ମୁଖବନ୍ଧରୁ ଶାନ୍ତନୁ ଆରମ୍ଭ କରିଛନ୍ତି ତାଙ୍କ କଳ୍ପନାର ଉପାଦାନ ଏବଂ ଉପନୀତ ହେଇଛନ୍ତି

Digitized by srujanika@gmail.com

ସ୍ୱାଧୀନତାକୁ ଦିବ୍ୟଫଳ ଭାବି ନିଜର ନିୟନ୍ତ୍ରଣରେ ରଖିଥିବା ବ୍ୟାଘ୍ର-ବାନର-ମଣିଷ ରୂପୀ ଭାରତୀୟ ଶାସକ ଶ୍ରେଣୀ, ଅମଲାତନ୍ତ୍ର ଏବଂ ତଥାକଥିତ ଗଣପ୍ରେମୀ ଦେଶସେବକ ରାଜନୈତିକ ନେତୃବୃନ୍ଦ ପାଖରେ, ଯେଉଁମାନେ ଗରୁଡ଼ ପରି ବା ଆନନ୍ଦଭସ୍କି ବା ମିସ୍ ଆଡ଼ାମ୍ସ୍ ପରି କିନ୍ନର । ନରମାନଙ୍କ ସହ ସେମାନଙ୍କର ମେଳ କାହିଁ ? ଏଣୁ କ୍ଷୁଧା ମେଣ୍ଟାଇବା ପାଇଁ ଅସମର୍ଥ ଗୋଟିଏ ଜାତିର ସ୍ୱାଧୀନତା ଯଥେଷ୍ଟ ନୁହେଁ । ତାହା ଭିନ୍ନ ରୂପେ ସାମ୍ରାଜ୍ୟବାଦୀ ବା ପୁଞ୍ଜିବାଦୀମାନଙ୍କର ଅବୈଧ ନୀତି ପ୍ରସୂତ ଏକ ଫଳ ରୂପେ କେବଳ କିନ୍ନରମାନଙ୍କର ବିଳାସ ସାମଗ୍ରୀ ହୋଇପାରେ । ଜାତିର ପଶ୍ଚାତରେ ବିପୁଳ ଜନଗଣ/ନରମାନଙ୍କର ଆଖିକୁ ପ୍ଲାଷ୍ଟିକ (ଜର୍ଜର ରିକ୍ସା) କନାର ଆପୁଲ ପରି ଜଳକା କରିଦିଏ ସିନା ଦୈହିକ ଓ ମାନସିକ ଫୁର୍ତ୍ତି ଆଣିବାକୁ ଅସମର୍ଥ ହୁଏ ।

◆

Digitized by srujanika@gmail.com

ଆଞ୍ଚଳିକତାରୁ ମୁକ୍ତ ମାନବାତ୍ମାର ଗାଥା : ନରକିନ୍ନର

ରାଜକିଶୋର ମିଶ୍ର

ବିଜ୍ଞାନର ବାସ୍ତବତା ଓ ଆଧ୍ୟାତ୍ମିକତାର ଅତିବାସ୍ତବତା ନେଇ ରଚିତ 'ନରକିନ୍ନର' ଉପନ୍ୟାସଟି ୧୯୬୨ ମସିହାରେ ଯୁବ ଔପନ୍ୟାସିକ ଶାନ୍ତନୁକୁମାରଙ୍କର ଓଡ଼ିଆ ସାହିତ୍ୟକୁ ପ୍ରଥମ ଚମକପ୍ରଦ ଅବଦାନ, ସେତେବେଳେ ଅର୍ଥାତ୍ ଅର୍ଦ୍ଧଶତାବ୍ଦୀ ତଳେ ତାଙ୍କର ବୟସ ମାତ୍ର ଅଠେଇଶି-ଅଣତିରିଶି । ଛବିଶି ବର୍ଷ ବୟସରୁ ସେ ମାନବିକ ଚେତନଶୀଳତାର ଭାବଜଗତର ଏକ ଅନୁପମ କାହାଣୀର ସନ୍ଧାନରେ ଥିଲେ । ଯୁଦ୍ଧୋତ୍ତର ବିଶ୍ୱର ତଥା ୧୯୫୦ ପରବର୍ତ୍ତୀ ଯୁଗର ବିଶ୍ୱ ସାହିତ୍ୟର ତୁଳନାତ୍ମକ ଭାବରେ ଆଞ୍ଚଳିକ ସାହିତ୍ୟ ଯେ ପ୍ରତିସ୍ପର୍ଦ୍ଧୀ ଭାବରେ ଉଭା ହୋଇପାରେ, ସେଇ ବିଶ୍ୱାସ ତାଙ୍କ ମାନସିକତାରେ ଅଙ୍କୁରିତ ହୋଇସାରିଥିଲା । ସେଥିପାଇଁ ଭାବରେ ଦୃଢ଼ ପ୍ରତ୍ୟୟବୋଧ ସହିତ ୧୯୯୫ରେ ସେ ଉଲ୍ଲେଖ କରିଥିଲେ - "ମୋ ସୃଜନଶୀଳତାର ଅନ୍ୟତମ ଶ୍ରେଷ୍ଠ ପରିପ୍ରକାଶ ହିଁ ନରକିନ୍ନର' ।

ରସାୟନ ଶାସ୍ତ୍ରବିତ୍ ଯୁବ ଅଧ୍ୟାପକ ଶ୍ରୀ ଆଚାର୍ଯ୍ୟ ମଣିଷ, ତାର ପରିବେଶ ଓ ମଣିଷର ଅନ୍ତଃକରଣକୁ ଏବଂ ତାର ସାମାଜିକ ସ୍ଥିତିକୁ ଅତି ଗଭୀର ଭାବରେ ନିରୀକ୍ଷଣ କରିବାର ମାନସିକ ଉଦ୍‌ବେଳନକୁ ଆଉ ଚାପି ରଖିପାରିନାହାନ୍ତି । ମୂଳରୁ ସେ ଥିଲେ ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ଲୋଭୀ । ଅନ୍ୟାୟ, ଅନୀତି ଓ ଅନାଚାରକୁ ଆୟୁଧ କରି ସମାଜରେ ଯେଉଁମାନେ ରକ୍ତବୀର୍ଯ୍ୟ ପାଳଟୁଥିଲେ ସେମାନଙ୍କ ବିରୋଧରେ ଯେ ସେ କେବଳ ବାଙ୍ମୟ ସଂଗ୍ରାମରେ ଲିପ୍ତ ଥିଲେ, ତା' ନୁହେଁ, ଆବଶ୍ୟକ ସ୍ଥଳେ ସଂଗ୍ରାମ ଭୂଇଁରେ ଲଢ଼ି ଲଢ଼ି ନିଜେ କ୍ଷତବିକ୍ଷତ ହେଉଥିଲେ ।

ଏଇତ ଜର୍ଜ, - ଲେଖକଙ୍କର ତାତିଲା ଚେତନାର ଚଉଦବର୍ଷର ଟୋକା, ତାଙ୍କ ଉପନ୍ୟାସର ବଳବନ୍ତ ପହିଲି ହିରୋ । ସେ ନର ରୂପରେ ବିଡ଼ମ୍ବିତ କିନ୍ନରଟିଏ । ଅଧାମଣିଷ

Digitized by srujanika@gmail.com

ଅଧା ପଶୁ ବା ପକ୍ଷୀ । ସେଇ କିନ୍ନର ହିଁ ଜୀବନ ସଂଗୀତର ଗୀତିକାର ଓ ଜୀବନ ଯନ୍ତ୍ରଣାରେ ଅବଚିତ ନୃତ୍ୟରତ । ତା'ର ଅସଂଖ୍ୟ ପରିଚିତି – ନର୍ଦ୍ଦମା ଭିତରେ ସେ ଜନ୍ମ । ବାପା ତାର ଡାକ୍ତରଖାନାର ଝଙ୍କା ବରଗଛ, ଆଉ ମା' ହେଉଛି ଡାକ୍ତରଖାନାର ନର୍ଦ୍ଦମା । ସେ ଭାରତୀୟ ଜାରଜ । ବାପ ତାର ବୁର୍ଜୁଆ ରାକ୍ଷସ ଆଉ ମା' ସର୍ବହରା, ରାକ୍ଷାସୁଣୀ । ସେ ମାଙ୍କଡ଼ ନା ଯକ୍ଷ ନା ବ୍ରହ୍ମରାକ୍ଷସ ନା ସର୍ବହରା ନା ନିର୍ଭୟଶଙ୍କର । ସେ ପୁଣି ଉଚ୍ଚାରିଛି 'ଦୈତ୍ୟ ସଂହାରକାରୀ ଭଗବାନ' 'ପରଶୁରାମ ଭାବରେ ଯେ କ୍ଷତ୍ରିୟ ନାଶକାରୀ ପାପନାଶକାରୀ ଭଗବାନ ଭୃଗୁପତି' । ପୂର୍ବଜନ୍ମରେ ସେ ଥିଲା ଧର୍ମଯାଜକ, ସେ ଅଶୀ ବର୍ଷର ବୁଢ଼ା ହୋଇଥିଲାବେଳେ ଆଣ୍ଠୁବାତ ରୋଗିଣୀ ମୁମୂର୍ଷୁ ନାରୀ ପାଇଁ ପ୍ରାର୍ଥନା କରିବାକୁ ଯାଇ ତାର ଦଶବର୍ଷର ଅନୂଢ଼ା କନ୍ୟା (ମିସ୍ ଆଡ଼ାମସ୍)କୁ ଅତର୍କିତ ଭାବରେ ସିଡ଼ି ଘରେ ଚୁମା ଦେଇଥିଲା ତା' କାନମୂଳରେ, ଚେପେଟା କପାଳରେ । ପଚିଶି ବର୍ଷ କାଳ ସେଇ ତରୁଣୀ, ଆଜିର କସ୍ମିକ୍ ରିଭଲ୍ୟୁସନ୍ ପାର୍ଟିର ଆଜୀବନ ସଦସ୍ୟା ତଥା ଶିକ୍ଷୟିତ୍ରୀ ଅନାହୂତ ଚୁମ୍ବନର ବିଷଜ୍ୱାଳାରେ ଘାରି ହେଉଛି । ଇଏ ସେଇ ଜର୍ଜ, ଉପନ୍ୟାସର କେନ୍ଦ୍ରବିନ୍ଦୁ । ଅଜ୍ଞାତ ଓ ପରିତ୍ୟକ୍ତ ଶିଶୁ ଅବସ୍ଥାରେ ଜଣେ ଅଜ୍ଞାତ ଖ୍ରୀଷ୍ଟିଆନ୍ ବୁଢ଼ାଦ୍ୱାରା ପ୍ରତିପାଳିତ ହୋଇଛି ଚଉଦବର୍ଷ ବୟସ ପର୍ଯ୍ୟନ୍ତ । ଉପନ୍ୟାସର ଆରମ୍ଭ ଏକ କୁହୁଡ଼ିଘେରା ପାହାନ୍ତାରୁ ଯେତେବେଳେ ସେଇ ଖ୍ରୀଷ୍ଟିଆନ୍ ବୁଢ଼ାର ଆଡ଼ମ୍ବରହୀନ ନିରବ ମୃତ୍ୟୁ ଘଟିଛି । ଜର୍ଜ ଅପେକ୍ଷା କରିଛି ଲୋକମାନଙ୍କୁ । ତାର ସେତେବେଳର ଛୋଟ ସଂସାରଟି ଯାହାକୁ ସେ ଭାବୁଥିଲେ ଖେଳପେଣ୍ଡୁ ଭଳି, ସେଇଟା କାୟାବିସ୍ତାର କରି ହଠାତ୍ ତା' ପିଠିରେ ଲାଉ ହୋଇ ପଡ଼ିଛି ।

ନିଜର ଛିଣ୍ଡା ଜାମାପଟା, ରବର କଣ୍ଢେଇ ଧରି ଜର୍ଜ ସେଇଘରୁ ଏକପ୍ରକାର ବିତାଡ଼ିତ ହୋଇ ଗୋଦରୀବୁଢ଼ୀଟିଏ ଖୋଲିଥିବା କାଠ କେବିନ୍‌ରେ ଆଶ୍ରୟ ନେଇଛି । ଗୋଦରୀ ବୁଢ଼ୀ ଚରିତ୍ରଟି ଉପନ୍ୟାସର ଏକ ବଳିଷ୍ଠ ବିନ୍ଦୁ । ତା' ଜଳଖିଆ ଦୋକାନ, ପ୍ରତିପୋଷିତ ଗରାଖମାନେ, ସେମାନଙ୍କର ବୁଢ଼ୀ ସହିତ ଓ ନିଜ ନିଜ ମଧ୍ୟରେ ସଂଳାପ ଟମାସ୍ ହାର୍ଡ଼ିଙ୍କ ଚରିତ୍ର ଗ୍ୟାଲେରୀ କଥା ମନେ ପକାଇଦିଏ । ସେଇ କାଠ କେବିନ୍‌ରେ ନିତିନିଦିଆ ଗରାଖମାନେ ହେଲେ ରିକ୍ସାବାଲା କେମ୍ପା ବୀରସାମଲ, ଛୁଆଧରା କାମାୟା, ପାଗଳା ଚରଣ ରାଓ, ବୁଢ଼ା ନଜିର ମିଆଁ, ଆଦି କେତେ ପୋକ ମଣିଷ, ବାଘ-ମଣିଷ, ମାଙ୍କଡ଼ ମଣିଷ, ଗଛ-ମଣିଷ, ସାପ-ମଣିଷ ଆଉ ମାଛ ମଣିଷ । କାଠ କେବିନ୍‌ରେ ଜର୍ଜ ୬ ବର୍ଷ କାଳ କାମ କଳାପରେ ହରିମିସ୍ତ୍ରୀର ସାଇକେଲ୍ ମରାମତି ଦୋକାନରେ ପ୍ରାୟ ଚାରି ମାସ ଏବଂ ସ୍ଥାନୀୟ ପଞ୍ଜାବୀ ରୁଟି କାରଖାନାରେ ଦୁଇମାସ କାମ କରି, ଶେଷରେ ରିକ୍ସା ଟାଣିବା କାମ କରିଛି । ଉପନ୍ୟାସରେ ତାର ଆୟୁଷ୍କାଳ ବାର ବର୍ଷରୁ କମ୍ । ଆସନ୍ତୁ ଶୁଣିବା ତା'ର ବିଚିତ୍ର ଧାରଣା :-

ମଣିଷ ଉପରେ – 'ମଣିଷ ଘୁଷୁରି ଘୁଷୁରି ନିଜେ ଚାଲେ । ମଣିଷକୁ ଘୋଷାରି ଘୋଷାରି ଆଉ ଜଣେ ମଣିଷ ବି ନେଇପାରେ । ମଣିଷର ହାତଗୋଡ଼ କାଟିଦେଲେ ବି

Digitized by srujanika@gmail.com

ସେ ଚାଲିପାରେ । ବୁଲିପାରେ ଆଉ ପେଟ ପୋଷିପାରେ.... ମଣିଷର ରୂପ ବି ଅନେକ । ସେ ଭାଲୁ ହୋଇ ରାସ୍ତାରେ ଚାଲେ, ବାଘ ହୋଇ ହାଉଁ ହାଉଁ ହେଇ ଲୋକଙ୍କ ଆଗକୁ ଆସେ (ପୃ. ୪୯-୫୦)' ବିଭିନ୍ନ ବିଷୟରେ ଜର୍ଜର ସରଳ ଜୀବନରେ ଯେଉଁ ବିଶ୍ୱାସଗୁଡ଼ିକ ଘନୀଭୂତ ହୋଇଛି ତା' ମୂଳରେ ଅଛନ୍ତି ଦୁଇଜଣ ଗୁରୁ - ନଜିର୍ ମିଆଁ ଯେ କୋରାନ୍‌ରୁ ସୃଷ୍ଟିତତ୍ତ୍ୱ ବଖାଣି ଜର୍ଜର କୈଶୋର କୌତୂହଳକୁ ଅଧିକ ବିସ୍ମୟାପ୍ଲୁତ କରେ । ଆଉ ଜଣେ ହେଉଛି କବିରାଜ ବୁଢ଼ା ଯିଏ ହଜାର ବର୍ଷର ପୋଥି ପଢ଼ି ଅମୃତ ବୃକ୍ଷର ସନ୍ଧାନ ପାଇଛି ଓ ଜର୍ଜକୁ ତା' ଶିଷ୍ୟ କରିବା ପାଇଁ ତାକୁ ଫୁସୁଲେଇଛି । ଜର୍ଜର କୋମଳ ମାନସିକତାରେ ସେ ଇନ୍ଦ୍ରଧନୁର ହୋଲି ଖେଳ ଖେଳିଛି ।

ନାରୀ ବିଷୟରେ ଜର୍ଜର ମନରେ କିମ୍ଭୂତ କିମାକାର ଧାରଣା ଦେଇଛନ୍ତି ବିପତ୍ନୀକ ହରି ମିସ୍ତ୍ରୀ ଯେ କାଠ ଓ ରବରରେ ତିଆରି ମାଇକିନା କଣ୍ଢେଇ ଦେଖି ସୁଖ ପାଏ ଆଉ, ବୁଢ଼ା ଚରଣ ରାଓ ଯିଏ ଅଙ୍ଗାରରେ ପଛିମା ମାଇକିନାର ଅସଂଖ୍ୟ ବିକୃତ ନାରୀମୂର୍ତ୍ତି କାନ୍ଥରେ ଆଙ୍କେ । ଜର୍ଜ ବିଶ୍ୱାସ କରିଥିଲା, ଚରଣ ରାଓ ଜଣେ ଗୁଣିଆ । ସେ ମଲା ମଣିଷର ହାଡ଼ ଆଉ ଚମକୁ ଏକାଠି ଜୀବନ୍ୟାସ ଦେଇପାରେ । ସେଇ ଅଙ୍ଗାରକଟା ଛବିଗୁଡ଼ିକ ଧୂଳିଧୂସରିଆ ଶୂନ୍ୟ ଆକାଶରେ ଦେଖି ଜର୍ଜ ନିଜେ ବହୁବାର ବିସ୍ମିତ ହୋଇଛି ।

ସେ ବିଶ୍ୱାସ କରେ ଆସମାନ୍ ଆଉ ଜମିନ୍‌ର ବେଟା ହେଉଛି ଦରିଆ । ସମୁଦ୍ର ଏକ ଅଜବ କନ୍ୟା ଯିଏ ମା'ର ଦେହ ଓ ବାପର ମନରେ ତିଆରି । ସେ ସ୍ୱପ୍ନ ଦେଖେ କମ୍ପିତ ସବୁଜ ସମୁଦ୍ର, ଯେଉଁଠି ଜଳ ବଦଳରେ ରକ୍ତ ଟଳମଳ ହୋଇ ଫୁଟେ । ଏଇ ନିର୍ବୋଧ ମେଣ୍ଢା ଛୁଆଟି (ଜର୍ଜ) ତିନୋଟି ମୃତ୍ୟୁର ସାମ୍ନା କରିଛି - ଅଜ୍ଞାତ ଖ୍ରୀଷ୍ଟିୟାନ୍ ବାପା, ନଜିର ମିଆଁ ଆଉ ଆଶ୍ରୟଦାତ୍ରୀ କାଠ କେବିନ୍ ବୁଢ଼ୀ (ଯାହା ଉପରେ ଲେଖକ ଲମ୍ବା କାହାଣୀ ପ୍ରସ୍ତୁତ କରିଛନ୍ତି) ।

ଗୋଟିଏ ଅଦ୍ଭୁତ ସକାଳରେ ଜର୍ଜ ଦେଖିଛି ଥୁଣ୍ଟା ଶିମୁଳି ଗଛ ପଛପଟୁ ସୂର୍ଯ୍ୟ ଉଇଁ ଆସୁଛି । ହଠାତ୍ ସେଇ ଫଟା ସୂର୍ଯ୍ୟର ନାଲି ଓ ହଳଦିଆ କିରଣରେ ଥୁଣ୍ଟା ଶିମିଳି ଗଛର ଅଷ୍ଟାଙ୍ଗ ଶରୀରରେ ଲହ ଲହ ହଜାରେ ଜିଭ ଜଳି ଉଠୁଛି ରକ୍ତାକ୍ତ ବସନ୍ତ ଋତୁକୁ ସ୍ୱାଗତ କରି । କାଠ କେବିନ୍‌ର ବୁଢ଼ୀ ମରିଯିବା ସଂଗେ ସଂଗେ ବୀର ସାମଲ ତା' ମୁଣ୍ଡରେ ପଡୁଥିବା ଅପବାଦକୁ ଚତୁରତାର ସହିତ ଖସେଇ ଦେଇ ଜର୍ଜ ମୁଣ୍ଡରେ ମାଡ଼ି ଦେଇଛି ଓ ଅନ୍ଧୁଣୀ କୁଷ୍ଠରୋଗିଣୀକୁ ଜବରଦସ୍ତି ଜର୍ଜକୁ ବାହା କରେଇଛି । ଜର୍ଜର ମନେହେଲା - 'ଏକ ମୁଥକେ ଏଇ କୁତୁରୂପିଆ, ମିଛୁଆ, ଖଚୁଆ, ଚୋର, ଜୁଆଚୋର ସଂସାରକୁ ଚଟଣି ଟିକିଏ କରି ତା'ର ବ୍ରହ୍ମ ଉଦର ଭିତରକୁ ଫୋପାଡ଼ି ଦେଇ ହଜମ କରିଦିଅନ୍ତା ।' (ପୃ. ୧୭୦)

ଜର୍ଜର ପୂର୍ବାର୍ଦ୍ଧର ଇତି କରି ଲେଖକ ଆଗେଇଛନ୍ତି ତାର ଉତ୍ତରାର୍ଦ୍ଧର ସଂରଚନା ପାଇଁ । ଉତ୍ତରାର୍ଦ୍ଧରେ ଅସରନ୍ତି ପରିବେଶରେ ଜର୍ଜକୁ ସେ ଠିଆ କରେଇଛନ୍ତି । ଦେହରୁ

Digitized by srujanika@gmail.com

ପାପ ଛଡ଼ଉଥିବା 'ଏକ ଗୋଡ଼ିଆ ଭୈରବ ଭଗବାନ ଗରୁଡ଼ଭାଇ' ଯିଏ ଛୋଟା ଗନ୍ଧର୍ବ ବଂଶର ସତାନବେତମ ପ୍ରତିଭୂ, ଯାହାର ଚାରିଟା ସ୍ତ୍ରୀ ଓ ଯାହା ବୁଢ଼ାବାପାର ଆଠଟା ସ୍ତ୍ରୀ - ଏଭଳି ଏକ ଅଦ୍ଭୁତ ଚରିତ୍ର ସହ ଠିଆ କରେଇ ଜନତା କଣ୍ଠରେ ଜର୍ଜକୁ ଗରୁଡ଼ ଭାଇର ସଂହାରକାରୀ ପରଶୁରାମ ଭାବରେ ଚିତ୍ରଣ କରିବାରେ ଲେଖକ କୁତୂହଳୀ ହୋଇଛନ୍ତି । ସେଇ ବ୍ରହ୍ମଦୈତ୍ୟ ନରକିନ୍ନର ଜର୍ଜ ନଦୀଶଯ୍ୟାର ଅଭ୍ରରେଣୁମିଶା ବାଲିରେ ହୀରା ଖୋଜିବାରେ ବ୍ୟସ୍ତ ଥିବାବେଳେ ତାକୁ କମ୍ରେଡ୍ ଆନନ୍ଦଭସ୍କି ନେଇ ଆସିଛନ୍ତି କସ୍ମିକ୍ ସୋସାଇଟି ଅଫ୍ ସୋସିଆଲିଷ୍ଟିକ ରିଭଲ୍ୟୁସନାରି ପାର୍ଟିରେ ମିଶାଇବା ପାଇଁ ଏବଂ ତାକୁ ପ୍ରଶିକ୍ଷଣ ଦେଇଛନ୍ତି ମିସ୍ ମରିଏଲ୍ ଆଡ଼ାମସ୍ । ଜର୍ଜ ମୁହଁର ଟିପିଟିପି ବସନ୍ତ ଚିହ୍ନ ଓ କାପିଟାଲିଷ୍ଟର ସନ୍ତକ, ଦୀର୍ଘ ସୁଦୃଶ୍ୟ ନାକଟି ମିସ୍ ଆଡ଼ାମସ୍‌ଙ୍କର ପଚିଶ ବର୍ଷ ତଳର ବିଭ୍ରାନ୍ତ ସ୍ମୃତିକୁ ଉଜ୍ଜୀବିତ କରିଛି । ପଞ୍ଚମ-ମାନବ ଜାତି (ରସଲଙ୍ଖଷ ଐଙ୍କଙ୍କବଭ ଜବମର)ର ସମ୍ଭାବ୍ୟ କାହାଣୀକୁ ବିକୃତ କରି କସ୍ମିକ୍ ପାର୍ଟି ଗୋଟିଏ ନୂଆ ଖସଡ଼ା ତିଆରି କରିଛି - ଭବିଷ୍ୟତ ମାନବ ଜାତିର ଉଚ୍ଚତା ୪ ଫୁଟ୍ ୫ ଇଞ୍ଚରୁ ଅଧିକା ହେବନି, ସବୁ ମଣିଷର ଦେହର ରଂଗ ହେବ ସମାନ, ସବୁଜ ବର୍ଣ୍ଣ । ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ହେଉଛନ୍ତି ମା' କାଳୀ, ଯେ କ୍ୟାପିଟାଲିଷ୍ଟ୍ ବୁର୍ଜୁଆ ଗୋଷ୍ଠୀର ଧ୍ୱଂସ ସାଧନ କରି, ସମାଜର ଅର୍ଥନୀତିରେ ମଇପକା କାମ କରିବେ । ଆବଶ୍ୟକ ପଡ଼ିଲେ ବିଶ୍ୱଯୁଦ୍ଧ ଅଢ଼େଇ ଦିନ ବା ଷାଠିଏ ଘଣ୍ଟା ପାଇଁ ହବ । ମଣିଷ ଚନ୍ଦ୍ରଲୋକକୁ ଯାତ୍ରା କରିବ । ଆଗାମୀ ମଣିଷ ପିମ୍ପୁଡ଼ି ଭଳି ହୁଏତ ଦୁଇଗୋଡ଼ ଚାରିହାତ ଓ ଶୁଣ୍ଢ ବିଶିଷ୍ଟ ହେବ । ମିସ୍ ଆଡ଼ାମସ୍‌ଙ୍କର ପ୍ରଥମ ଗୁରୁଦାୟିତ୍ୱ ହୋଇଛି ଜର୍ଜର ମିଲିଅନ୍ ଡଲାର କ୍ୟାପଟାଲିଷ୍ଟ ନାକକୁ କାଟିବା, ଆଗାମୀ ଯୁଗରେ କୃଷିର ଆବଶ୍ୟକତା ରହିବ ନାହିଁ । କୃତ୍ରିମ ଖାଦ୍ୟ ପ୍ରସ୍ତୁତ ହେବ । ବୁର୍ଜୁଆ ଶ୍ରେଣୀର ଧ୍ୱଂସ ସାଧନ ପରେ ଭୂମିମୁକ୍ତି ଆନ୍ଦୋଳନ ଏକ ରାହା ଧରିବ ସମଗ୍ର ପୃଥିବୀରେ । ଏହି ଅଭିବ୍ୟକ୍ତି ଭିତରେ ୧୯୫୪-୫୫ରେ ଓଡ଼ିଶାରେ ସଂଗଠିତ ଭୂଦାନ ଆନ୍ଦୋଳନ ଓ କମ୍ୟୁନିଷ୍ଟ ପାର୍ଟିର ସର୍ବହରାଙ୍କ ପାଇଁ ପ୍ରସ୍ତୁତ ଦସ୍ତାବିଜ୍‌ର ଅସ୍ପଷ୍ଟ ଆଭାସ ରହିଥାଇପାରେ । ଗୋପୀନାଥ ମହାନ୍ତିଙ୍କର 'ଦୁଇପୁତ୍ର' ଓ 'ସପନ ମାଟି' ଉପନ୍ୟାସର (୧୯୫୪) ଅସ୍ପଷ୍ଟ ଛାଇ ହୁଏତ ଏଥିରେ ପଡ଼ିଥାଇପାରେ । ପ୍ରଶିକ୍ଷିକା ମିସ୍ ଆଡ଼ାମସ୍ ପଚିଶି ବର୍ଷ ଧରି ପ୍ରତିଶୋଧର ନିଆଁ ହୁଳାରେ ଜର୍ଜକୁ ଭସ୍ମ କରିବାକୁ ଚାହିଁଛି, ଭାବାନ୍ତର ସୃଷ୍ଟି ହୋଇଛି ତା' ମନରେ । ଆଖି ଆଗରେ ଥିବା ସେଦିନର ଅଶୀବର୍ଷର ଧର୍ମଯାଜକ ଯିଏକି ବର୍ତ୍ତମାନ ୨୫ ବର୍ଷର ଯୁବକ ଜର୍ଜ, ତାକୁ ଦଶ ବର୍ଷ ବୟସରେ ଯେଉଁ ଚୁମା ଦେଇଥିଲେ, ସେଇ ଚୁମାର ଉତ୍ପତ୍ତି କ'ଣ ନିଛକ ବାତ୍ସଲ୍ୟରୁ ହୋଇ ନ'ପାରେ ? କେଜାଣି, ସେତେବେଳେ ସେ ତ ନିଜେ ଥିଲା ଗୋଟିଏ 'ସ୍ଫୁଟନୋନ୍ମୁଖୀ, ଉତ୍ତପ୍ତ ଆଗ୍ନେୟଗିରିର ସ୍ପର୍ଶକାତର ଗିରିଶୃଙ୍ଗ (ପୃ. ୨୭୭) ।' ପରେ ପରେ ସେ ହୋଇଯାଇଥିଲା ଏକ ଅଭିଶପ୍ତ ଅତୃପ୍ତ ଛାୟା ଯିଏ

Digitized by srujanika@gmail.com

ଘୂରି ବୁଲିଥିଲା ମାଳୟର ଘନ ଜଙ୍ଗଲ, ଆଫ୍ରିକାର ଅନ୍ଧକାରମୟ ହୀରକଗହ୍ୱର, ୟୁରୋପର ଦୁର୍ଗନ୍ଧମୟ ଡକ୍‌ୟାର୍ଡ଼ ଓ କୋଇଲାଖଣିର ମୃତ୍ୟୁଗହ୍ୱର । ଜଣେ କ୍ଷୁଧିତ ସର୍ବହରାର ପାପ କ'ଣ ପୁଣ୍ୟ କ'ଣ ? ଅନ୍ଧାର ଘରେ ମୁଣ୍ଡ ଉପରର ଶୂନ ଛାତକୁ ଚାହିଁ ଚାହିଁ ମିସ୍ ଆଡ଼ାମସ୍‌ଙ୍କ ଦେହର ଉଷ୍ମତାକୁ ଖୁବ୍ ନିବିଡ଼ ଭାବରେ ଜର୍ଜ୍ ଅନୁଭବ କଲା । ଉପନ୍ୟାସର ଏହା ଦ୍ୱିତୀୟ କୁପ୍ତ ଯୌନ-ଆବେଦନ । କୋଟିପତିର କନ୍ୟା ମିସ୍ ଆଡ଼ାମସ୍ ତୃପ୍ତି ଓ କ୍ଳାନ୍ତି ମିଶା ସଂକେତରେ କମ୍ରେଡ୍ ଜର୍ଜ୍‌କୁ ବିଦାୟ ଦେଇ ନିଜେ ବିଷାକ୍ତ ଫୁଲ ପରି ଝଡ଼ି ପଡ଼ିଛି । ଜର୍ଜ୍ ଗୋଟିଏ ମୁହୂର୍ତ୍ତରେ ବଢ଼ିଯାଇଛି ଅଶୀବର୍ଷର ପାକଳ ବୁଢ଼ା ଭଳି ଆଉ ମିସ୍ ଆଡ଼ାମସ୍ ତାକୁ ଲାଗିଛି ଶିଶୁ ନାତୁଣୀଟିଏ ଭଳି । ଅନ୍ତିମ ବିଦାୟ ବେଳାରେ ଏକ ଉଚ୍ଛ୍ୱାସଭରା ଚୁମ୍ବନ ଆଙ୍କି ଦେଇ ତାର ଡେଙ୍ଗା ନାକର ମୂନରେ ଆଡ଼ାମସ୍‌ର କାନକୁ ଛୁଇଁ ଦେଇ ଜର୍ଜ ସେ ଘରୁ ବାହାରି ଆସିଛି । ଏ ଭିତରେ ପାର୍ଟି ଚିଫ୍ ଆତ୍ମଗୋପନ କରିସାରିଲେଣି । ଜର୍ଜ୍ ହାତରେ ଧରିଛି ଗ୍ଲୋବ୍ ଯାହା ତାକୁ ଲାଗିଛି ଜଗତର କୋମଳ ଶିଶୁରୂପ । ସେ ବାହାରେ ଆସି ଦେଖୁଛି ଦଳିତ ଜନତାର ଏକ ଲମ୍ୱାଧାଡ଼ି ଓ ଧାଡ଼ିର ଶେଷରେ ବାଡ଼ି ଠୁକ୍ ଠୁକ୍ କରି ଗୋଟିଏ ଅନ୍ଧୁଣୀ କୁଷ୍ଠରୋଗିଣୀ କୋଳରେ ଶିଶୁଟିଏ ଧରି ଚାଲିଛି । ବୀର ସାମଲ ଦ୍ୱାରା ଅତ୍ୟାଚାରିତା ଓ ପ୍ରତାରିତା ହୋଇଥିବା ସେଇ ନାରୀମୂର୍ତ୍ତି, ଯାହାର କୋଳରେ ଜାରଜ ବୀର ସାମଲର ସନ୍ତାନ । ଜର୍ଜ ଶିଶୁଟିକୁ ଆଦରି ନେଇଛି, ତାକୁ ଲାଗିଛି ସମଗ୍ର ଜଗତ ଏକ ଶିଶୁରୂପ ଏବଂ ଏଇ ଶିଶୁଟି ହୋଇଛି 'ଆଗାମୀ ଯୁଗର ମାନବ ଶିଶୁର ପ୍ରତୀକ' । ସଂକ୍ରାମକ ରୋଗରେ ଆକ୍ରାନ୍ତ ଦଳିତ ଲୋକଙ୍କର ସେଇ ଧାଡ଼ିର ନେତୃତ୍ୱ ନେଇ ଜର୍ଜ୍ ଚିତ୍କାର କରି ଲାଗିଛି 'ସତ୍ୟ, ନ୍ୟାୟ, ଅହିଂସା ଓ ବିଜ୍ଞାନୀ ବୃକ୍ଷର ମେଓ୍ୱା ସମସ୍ତଙ୍କୁ ଦିଅ ।' ସର୍ବହରାର ନେତା ଜର୍ଜ ଗୁଳିବିଦ୍ଧ ହୋଇଛି । କୋଳରେ ଥିବା ଶିଶୁଟିକୁ ଜଣେ ବପୁଷ୍ମନ୍ତ ମହାତ୍ମା ନେଇ ଯାଇ ପଛପଟେ ଛାଇଭଳି ଠିଆହୋଇଥିବା ଜଣେ ଅଚିହ୍ନା ଅବଗୁଣ୍ଠନବତୀ ନାରୀକୁ ଦେଇଛି, ତାକୁ ବୋଧେ ଚିହ୍ନିପାରିଛି ଜର୍ଜ । ମା' ବୋଲି ସମ୍ବୋଧନ କରିଛି । ସେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ଗୋଟିଏ ପାତିମାଙ୍କଡ଼ ଆସି ତା' ମିଲିଅନ୍ ଡଲାର ନାକକୁ ଖୁମ୍ପି ତା' ଛାତି ଉପରେ ଡିଆଁଡେଇଁ କରିଛି । ଜର୍ଜ୍ ସୂଚେଇ ଦେଇଛି ଯେ ସେ ନେତିବାଦୀ ବିଶ୍ୱର ଅସଫଳ ସନ୍ତାନଟିଏ ହେଲେ ମଧ୍ୟ ତା' ଭିତରେ ଆସ୍ଥାବାଦୀ ବିଶ୍ୱର ଭ୍ରୂଣ ସଞ୍ଚାର ହୋଇଛି ।

ଉପନ୍ୟାସର ଅନ୍ତିମ ଚରଣରେ ମାଙ୍କଡ଼-ମନୁଷ୍ୟ ମନେ ପକେଇଦିଏ ଗୋର୍ ଭାଇଡାଲ୍‌ଙ୍କ ରଚିତ ପୁରସ୍କୃତ ଉପନ୍ୟାସ ଈଷର କବକ୍ଷଲସ ଯେଉଁଥିରେ ମହାପ୍ରଳୟ ପରେ ନୂତନ ଯୁଗର ଆଦି ପିତୃତ୍ୱ ଦିଆଯାଇଛି ଭାରତ ଭୂଇଁର ମାଙ୍କଡ଼ ଦମ୍ପତିକୁ । ନର-କିନ୍ନର ଉପନ୍ୟାସରେ ଦୁଇ ତିନିଟି ଚରିତ୍ର ଛାଡ଼ିଦେଲେ ଅନ୍ୟ ଚରିତ୍ରଗୁଡ଼ିକ ଅତି ସଂକ୍ଷିପ୍ତ । ଏକ କାନଭାସ୍ ଉପରେ ଫୁଟି ଉଠିଥିବା ନାରୀ ଚରିତ୍ରଗୁଡ଼ିକ ଅବଦମିତ ଯୌନାକାଂକ୍ଷାର ଏକ ଏକ ପାଣ୍ଡୁର ରେଖାଚିତ୍ର । ସେମାନେ ସମସ୍ତେ ବିଭଙ୍ଗ ଓ ବିକୃତ । କାହାର ଗୋଡ଼ ଗୋଦଡ଼ ତ, କାହାର

Digitized by srujanika@gmail.com

ନିତମ୍ବ ଅତି ସ୍ଥୁଳ, କିଏ ଅନ୍ଧୁଣୀ ତ କିଏ କୃତ୍ରିମଦାନ୍ତ ଲଗେଇ ମାଙ୍କେଡ଼ୀ ପାଲଟି ଯାଇଛି । କିମିଆଲଗା କାହାଣୀ, ଅନ୍ଧବିଶ୍ୱାସ ଓ ଚକ୍ଷୁଷ୍ମାନ୍ ବିଶ୍ୱାସ, ଗୁଳି ଗପ, ଅପ୍ରତ୍ୟାଶିତ ଆକସ୍ମିକତା, ସ୍ୱପ୍ନାଳସ ଏବଂ ଭିତର ଓ ବାହାରର ପରିବ୍ୟାପ୍ତ ଅନ୍ଧାର ଭିତରେ ନରକିନ୍ନର ପହଁରି ପହଁରି ଜଟିଳ ମନସ୍ତାତ୍ତ୍ୱିକ ସଂଘାତର ପ୍ରତୀକାତ୍ମକ ରୂପ ନେଇଛି, ଯାହାର ଅନେକ ଆଭାସ ଆମେ ପାଉ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ, ଜେମସ୍ ଜଏସଙ୍କ ଉପନ୍ୟାସରେ, ଆମେରିକୀୟ ନାଟ୍ୟକାର ଓ'ନିଲ୍ଙ୍କ ନାଟକରେ, ଟମାସ୍ ହାର୍ଡ଼ିଙ୍କ ଉପନ୍ୟାସରେ ହେମିଙ୍ଗୱେଙ୍କ 'ଓଲ୍ଡମ୍ୟାନ ଆଣ୍ଡ ଦି ସୀ ରେ' । 'ଲା ମିଜର୍ ବ୍ଲା'ର, ପରବର୍ତ୍ତୀ ସମୟରେ ରଚିତ ଜ୍ୟାଁ ଖ୍ରୀଷ୍ଟପ୍ଙ୍କ 'ହଣ୍ଡ୍ରେଡ୍ ଇଅରସ୍ ଅଫ୍ ସଲିଟ୍ୟୁଡ୍‌ରେ', ଚିନୁଆ ଆଚିବିଙ୍କ ଉପନ୍ୟାସରେ, ଆଲେନ୍ ପ୍ୟାଟନ୍ଙ୍କ 'କ୍ରାଏ ଦି ବିଲଭେଡ୍ କଣ୍ଟ୍ରି' ଉପନ୍ୟାସରେ ବା ପ'ଲୋ କୋହେଲୋଙ୍କ ଉପନ୍ୟାସମାନଙ୍କରେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଫକୀରମୋହନଙ୍କ ପରେ ଓଡ଼ିଆ ଉପନ୍ୟାସ ରଚନା କ୍ଷେତ୍ରରେ ଯେଉଁ ନାମକରା ସାହିତ୍ୟିକମାନଙ୍କୁ ଆମେ ଭେଟୁ ସେମାନେ ହେଲେ ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, ବଟକୃଷ୍ଣ ପ୍ରହରାଜ, ସୁରେନ୍ଦ୍ର ମହାନ୍ତି, ରାଜକିଶୋର ପଟ୍ଟନାୟକ, ବସନ୍ତ କୁମାରୀ ପଟ୍ଟନାୟକ, ନିତ୍ୟାନନ୍ଦ ମହାପାତ୍ର ଓ ବିଭୂତି ପଟ୍ଟନାୟକ ପ୍ରମୁଖ । ୧୯୬୨ରେ ବିଭୂତି ପଟ୍ଟନାୟକଙ୍କର ଦୁଇଟି ଉପନ୍ୟାସ ('ତୁମେ ତୃଷାର ଜଳ' ଓ 'ଉଜାଣି ଯମୁନା') ଏବଂ ମହାପାତ୍ର ନୀଳମଣି ସାହୁଙ୍କର ଉପନ୍ୟାସ 'ଧରା ଓ ଧାରା' ପ୍ରକାଶିତ ହୁଏ । ସେହି ବର୍ଷ ପ୍ରକାଶିତ 'ନରକିନ୍ନର'ର ଆବେଗ ଥିଲା ମିଶ୍ର ରୁଚିବୋଧର । ତାର ପୂର୍ବବର୍ଷ ଗୋପୀନାଥଙ୍କର 'ଲୟ ବିଲୟ' ଉପନ୍ୟାସଟି ପ୍ରକାଶିତ ହୋଇଥାଏ । 'ଲୟ ବିଲୟ'ରେ ଥିବା ଆଂଶିକ ଚେତନା ପ୍ରବାହର ଧାରା 'ନରକିନ୍ନର'ରେ ମଧ୍ୟ ସୁସ୍ପଷ୍ଟ । କାହିଁକି କେଜାଣି, ନର-କିନ୍ନର ପଢ଼ି ଗୋପୀନାଥ ନିରବ ରହିଲେ । ନିଶ୍ଚିତ ଭାବରେ ଏହା ତାଙ୍କ ମନକୁ ଘେନିଥିବ । ମହାପାତ୍ର ନୀଳମଣି ସାହୁ, ଅଖିଳ ମୋହନ ପଟ୍ଟନାୟକ, ଚିନ୍ତାମଣି ବେହେରା ପ୍ରଭୃତି ବର୍ଷିୟାନ୍ ସାଧକଗଣ ଏହି ପ୍ରଥମ ସାରସ୍ୱତ ପ୍ରୟାସର ମୁଗ୍ଧ ପାଠକ ଥିଲେ । ସୁଖର କଥା ବିଶ୍ୱବିଦ୍ୟାଳୟ ସ୍ତରରେ (ସମ୍ବଲପୁର, ଉତ୍କଳ ଓ ବ୍ରହ୍ମପୁର) ଏହି ବହିଟିକୁ ଉପାଧ୍ୟୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ପାଠ୍ୟପୁସ୍ତକ ଭାବରେ ସ୍ୱୀକୃତି ଦିଆଗଲା ଏବଂ ୧୯୭୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏଥିପାଇଁ ଲେଖକଙ୍କୁ ପୁରସ୍କୃତ କଲେ ।

ନର-କିନ୍ନର (୧୯୬୨) ପରେ ୨୦୦୨ ମଧ୍ୟରେ ପ୍ରାୟ ଆଉ ୧୪ଟି ଉପନ୍ୟାସ ପ୍ରକାଶିତ ହୋଇ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କୁ ବହୁ ସମ୍ମାନର ଅଧିକାରୀ କରାଇଛି । ସେହି ୧୯୬୨ରେ ତାଙ୍କର ପରୀକ୍ଷାଧର୍ମୀ ଉପନ୍ୟାସ ନରକିନ୍ନର ସହିତ ଏକ ଗଳ୍ପସଂକଳନ 'ମନ ମର୍ମର' ମଧ୍ୟ ପ୍ରକାଶିତ ହୋଇଛି ।

Digitized by srujanika@gmail.com

ଆଜି ୫୦ ବର୍ଷ ପରେ ଆମେ ଯେତେବେଳେ ନର-କିନ୍ନର ଉପନ୍ୟାସଟିର କଥ୍ୟ, ଶୈଳୀ ଓ ଲେଖକୀୟ ଚୈତସତ୍ତା ଆଦି ଉପରେ ଆଲୋଚନା କରିବାକୁ ଯାଉଛୁ, ଆମ ଆଗରେ ବିଭିନ୍ନ ସମସ୍ୟା ରହିଛି । ସେଇ ନିର୍ଦ୍ଦିଷ୍ଟ କାଳଖଣ୍ଡକୁ ତୋଳି ଧରି, ତଦାନୀନ୍ତନ ସାମାଜିକ ସଂସ୍ଥିତି ଓ ତୁଣ୍ଡ ଭାଷାର ସଜ ଆବେଦନ ଓ ମହକକୁ ଆଗ ଶ୍ରଦ୍ଧାର ସହ ଜାଣିବା ଓ ଆପଣେଇବା ଦରକାର । ଦେହକୁ ରାଗ ଚହଟି ଯାଉଥିବା ଗାଳିଗୁଡ଼ିକ ଯଥା - ଯୋଗିନୀଖାଇ, ପୁତଖାଇ, ଘଇତାଖାଇ, ଛତରଖାଇ, ସବାଖାଇ, ଅଲେଖଣା, ପୋତାମୁହାଁ, ପୋଡ଼ା ମୁହାଁ, ଓଥରା, ଅଳପେଇଷା, ତମ୍ପମୁହାଁ, ଥୋବରୀ, ବାଁଝୀ, ଡାହାଣୀ, ଗୁହଖିଆ, ଅର୍ଘାତିଆ, ନିଆଁଶୀ ଆଦି ଶବ୍ଦ ପୁଞ୍ଜି ଏବର ସାହିତ୍ୟରେ ଦୁଷ୍ପ୍ରାପ୍ୟ । ସେଇଭଳି ମୁହଁଭଡ଼ଙ୍ଗ, ପିଳେହିପାଣି, କାବାକାଠ, ହୁଦସ୍ତ, ହଟାଦସ୍ତ, ତୋନାଲମୋନାଲ, ଆସପତିଆ କଥା, ଝିଟୁଆ କଥା, କଥା ଚାନ୍ଦିଆ, ମାଛିଆପାତକ, କଜଳପାତିଆ, ମାତପୀର, ମାତବର, ଏକମଛା, ଖୋଇ, ଅଯନ୍ତୀ, ବ୍ରହ୍ମଜାବୁଡ଼ା, ହେଣ୍ଡି ମାରିବା, ହଂସା ଉଡ଼ିବା, ପିତ୍ତ ଚହଟିବା, ନୋଳା ଫଟେଇବା, ଗୋଗୋଛ ବାଡ଼େଇବା, ପୁଇଁ ପୁଇଁ, ଖାସୁଲୁ ଖୁସୁଲୁ ଶବ୍ଦ ସମୂହ ଏଇ ଆଞ୍ଚଳିକ ସାହିତ୍ୟର ଏକ ପ୍ରକାର ମର୍ଯ୍ୟାଦା-ଭୂଷଣ । ସେହିଭଳି ଏଇ ଉପନ୍ୟାସରେ ବ୍ୟବହୃତ ହୋଇଛି କଟକୀ ଓଡ଼ିଆ ମିଶା ଉର୍ଦ୍ଦୁ ଶବ୍ଦ ଯାହାର ବହୁଳ ବ୍ୟବହାର ନଜିର. ମିଆଁ ମୁହଁରେ ଲେଖକ ଖଞ୍ଜି ଦେଇଛନ୍ତି - "ଆବେ ହେ ବୀରକା ବଚ୍ଚା ! ଶାଲା ଦିମାକ୍ କିଛି କମ୍ ତ ନୁହେଁ ବେ ! ଆରେ ବାତ୍ ବତଉଚୁ ମତେ ?" (ପୃ. ୮୧)

ସବୁଆଡୁ ବିଚାରିଲେ ଏ ଉପନ୍ୟାସଟି ଲେଖକଙ୍କର ସକଳ ସାରସ୍ୱତ ସର୍ଜନାର ସଫଳ ତୋରଣ, ଆଦିମୁଖ ଏବଂ ସ୍ୱର୍ଗତଃ କଥାଶିଳ୍ପୀ ଅଖିଳ ମୋହନ ପଟ୍ଟନାୟକଙ୍କ ଅଭ୍ରାନ୍ତ ଭବିଷ୍ୟତ ବାଣୀ - ଅନ୍ତତଃ ପଚାଶବର୍ଷ ବଞ୍ଚିବ ଏ ବହି ତୁମର... ପଚାଶ ବର୍ଷ କିଛି କମ୍ ସମୟ ନୁହଁ, ଶାନ୍ତନୁ ! (ପୃ. ୪) । ଏବେବି ଏହି ଉପନ୍ୟାସଟି କାଳୋତ୍ତୀର୍ଣ୍ଣ ହୋଇ ବଞ୍ଚି ରହିଛି । ନର-କିନ୍ନରର ଅଧୁରା ସ୍ୱପ୍ନଗୁଡ଼ିକ ଲେଖକଙ୍କର ଅନ୍ୟ ଉପନ୍ୟାସଗୁଡ଼ିକରେ କିଞ୍ଚିତ ପରିମାଣରେ ବାସ୍ତବାନ୍ୱିତ ହୋଇପାରିଛି । ଦେଶ, ଜାତି, ଧର୍ମ, ବର୍ଣ୍ଣ, ଆସ୍ତିକ ବିଶ୍ୱାସ ଓ ଅବିଶ୍ୱାସ ନିର୍ବିଶେଷରେ ଏକ ମହାଜାଗତିକ ଚେତନା ମାନବୀୟ ଚେତନା ସହିତ ମିଶି ଯାଇ ବିଶ୍ୱର ଏକ ସମତଳ ଭୂମିରେ ଆସ୍ଥା ଜମେଇ ସାରିଲାଣି । ହୁଏତ ସେଇ ଭୂମିରେ ସମସ୍ତେ ଆତଯାତ ହେବାପାଇଁ ଆଉ ଅନେକ ଶତାବ୍ଦୀ ଲାଗି ଯାଇପାରେ । କାନ୍ଦୁରା ଧରିତ୍ରୀକୁ ତୁନି କରାଇବା ପାଇଁ ଅଦୃଶ୍ୟ ଜଗତର ବାର୍ତ୍ତାକୁ ହୁଏତ ଅନେକ ନଚିକେତା ଓ ଅନେକ ୟୁଲେସିସ କ୍ରିୟାଶୀଳ କରାଇବା ପାଇଁ ଆବଶ୍ୟକ ହୋଇପାରେ । ତାହା ସାରସ୍ୱତ ଭବିଷ୍ୟ କହିବ ।

◆

Digitized by srujanika@gmail.com

ନର-ନାରାୟଣରୁ ନର-କିନ୍ନର : ଅଧଃଯାତ୍ରାର ଉଦ୍ଭଟ କାହାଣୀ

ପଞ୍ଚାନନ ମିଶ୍ର

ଭାରତ ଭୂଖଣ୍ଡର ଉଚ୍ଚାଙ୍ଗ ସଂସ୍କୃତିର ମୂଳ ଲକ୍ଷ୍ୟ ଥିଲା ଯେ ଜୀବନ ଯାତ୍ରା ଏକ ଉର୍ଦ୍ଧ୍ୱଯାତ୍ରା ହେଉ । ମାନବାତ୍ମାର ଏହି ଉର୍ଦ୍ଧ୍ୱ ଗତିରେ ନର ରୂପାନ୍ତରିତ ହେଉ ନାରାୟଣ ସ୍ୱରୂପରେ । ସେ ଯେଉଁ ରାସ୍ତାରେ ଯାତ୍ରା କରିବ, ତାହା ହେଉ ଧର୍ମ, ଶାନ୍ତି, ଅହିଂସା, ପ୍ରେମ ଓ ତ୍ୟାଗର ରାସ୍ତା । ଅଧୁନାକାଳରେ ମଣିଷ ଲକ୍ଷ୍ୟଭ୍ରଷ୍ଟ । ଅନୀତି, ଦୁର୍ନୀତି ଓ ବ୍ୟଭିଚାର ତା' ଆତ୍ମା ଉପରେ ପରସ୍ତ ପରସ୍ତ ମଇଳାର ଆସ୍ତରଣ ଲେସି ଦେଇଛି । କାମ, କ୍ରୋଧ ଓ ଲୋଭର ମାର୍ଗ ସେ ଅବଲମ୍ବନ କରିଛି ଓ ତା'ର ପରିଣାମ ହେଲା ଏହା ଯେ ଆଧ୍ୟାତ୍ମିକ ବିବର୍ତ୍ତନ ଓ ନାରାୟଣ ରୂପେ କାୟାକଳ୍ପ ବଦଳରେ ସେ ଏବେ ନରକିନ୍ନର ରୂପରେ ଅବତରିତ । ଏହା ହିଁ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟଙ୍କ କାଳଜୟୀ ଉପନ୍ୟାସ 'ନର-କିନ୍ନର'ର ମୁଖ୍ୟ ବିଷୟବସ୍ତୁ । ସମଗ୍ର ଆଧୁନିକ ମାନବ ସଭ୍ୟତା ପ୍ରତି ଏହା ଏକ ତୀବ୍ର ଆକ୍ଷେପ ଓ କଟୂ ମନ୍ତବ୍ୟ ।

ଯୁଦ୍ଧୋତ୍ତର ମଣିଷ ଜୀବନରେ କିଛି ନୀତି ନାହିଁ ବା ଆଦର୍ଶ ନାହିଁ । ଈଶ୍ୱରଙ୍କ ଉପରେ ବିଶ୍ୱାସର ହ୍ରାସ ଘଟିଛି । ଧର୍ମ କୁହ, ରାଜନୀତି କୁହ, ବିଜ୍ଞାନ କୁହ, ସାମାଜିକ ସଂପର୍କ କୁହ, ପୁରୁଷ ନାରୀ ସଂପର୍କ କୁହ - ସବୁ ସ୍ତରରେ କେବଳ ସ୍ୱାର୍ଥାନ୍ୱେଷ, ଅହମିକା, ଅର୍ଥ ଓ କ୍ଷମତା ପ୍ରାପ୍ତି ପାଇଁ ନିରନ୍ତର ପ୍ରତିଯୋଗିତା । ଏଭଳି ଜୀବନାଦର୍ଶ ଦ୍ୱାରା ଆତ୍ମାର ଗତି କେଉଁଆଡ଼େ ହେବ ? ଆତ୍ମ-ଜ୍ଞାନ ଓ ଆତ୍ମ-ପରିଚୟ ପ୍ରାପ୍ତି ପାଇଁ ପ୍ରଚେଷ୍ଟା ନାହିଁ । ଶାନ୍ତି ଓ ଆନନ୍ଦର ଅସଲ ମାର୍ଗକୁ ମଣିଷ ପ୍ରତ୍ୟାଖ୍ୟାନ କରିଛି । କେବଳ ଅଭିନୟ କରି ଚାଲିଛି ସର୍କସର ଜୀବଜନ୍ତୁ ପରି, ସେ ଯାହା ନୁହେଁ ତାହା ହେବା ପାଇଁ, ଭିନ୍ନ ମୁଖା ପିନ୍ଧି ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ କିପରି ଅନ୍ୟକୁ ଠକିବ, ଭଣ୍ଡିବ ଓ

Digitized by srujanika@gmail.com

ସେହି ପ୍ରକ୍ରିୟାରେ ନିଜର ସ୍ୱାର୍ଥ ସିଦ୍ଧି ହେବ । ସାରା ଜୀବନ କେବଳ ସେ ଏକ ମାୟା ମରିଚୀକା ପଛରେ ଅନୁଧାବନ କରୁଛି କିଛି ପ୍ରାପ୍ତି ପାଇଁ, ଠିକ୍ ଯେଉଁପରି ଏହି ଉପନ୍ୟାସରେ ବୁଢ଼ା କବିରାଜ ଅରଣ୍ୟରେ ଖୋଜୁଛି ଅମୃତବୃକ୍ଷ, ଉପନ୍ୟାସର ନାୟକ ଜର୍ଜ ଖୋଜୁଛି ହୀରା, ନଦୀର ସୁବିସ୍ତୃତ ବାଲୁକାପଠାରେ, ପାଗଳ ଚରଣ ରାଓ ଖୋଜୁଛି ସୁନ୍ଦରୀ 'ପଛିମା' ସ୍ତ୍ରୀଲୋକକୁ ତାକୁ ହତ୍ୟା କଲାପରେ ଓ କମ୍ରେଡ୍ ଆନନ୍ଦଭଞ୍ଜ ଖୋଜିଛି ରାଜନୈତିକ ଉଚ୍ଚକ୍ଷମତାସମ୍ପନ୍ନ ପଦ ଓ ପଦବୀ, ଲଣ୍ଡ୍ରୀର ଧୋବଣୀ ଖୋଜୁଛି ନୂଆ ନୂଆ ପୁରୁଷ ଗ୍ରାହକ - ଏହି ଖୋଜିବାର ଅନ୍ତ ନାହିଁ, କଳ୍ପନାର ସୂତାଖିଅ ବଢ଼ି ବଢ଼ି ଚାଲିଛି ଓ ଅପ୍ରାପ୍ତିରେ ଅଛି ଅକଥନୀୟ ଯନ୍ତ୍ରଣା, ଲହୁଲୁହାଣ ସଂଘର୍ଷ ଓ ଦାରୁଣ ଦୁଃଖର କାହାଣୀ ।

ଉପନ୍ୟାସର ଘଟଣାବଳୀ ଯେଉଁ ସହରରେ ସଂଘଟିତ, ତା'ର କୌଣସି ନାମ ନାହିଁ । ତେଣୁ ଏହି ସହର ପ୍ରତୀକାତ୍ମକ ଓ ଏହା ପୃଥିବୀର କୌଣସି ସହରର କାହାଣୀ ହୋଇପାରେ । କେବଳ ପ୍ରାଚ୍ୟ ନୁହେଁ କି ପାଶ୍ଚାତ୍ୟ ନୁହେଁ, ବରଂ ସମଗ୍ର ମଣିଷ ସମାଜର ଏହାଏକ ଉଦ୍ଭଟ କାହାଣୀ । ଉପନ୍ୟାସର କଥାବସ୍ତୁ ଯେଉଁ ସମାଜର ଚିତ୍ର ଉତ୍ତୋଳନ କରେ, ତାହା ପଙ୍ଗୁ, ରୁଗ୍ଣ ଓ ଅନ୍ଧ । ଏହା ବ୍ୟକ୍ତ କରାଯାଇଛି ବିଭିନ୍ନ ପ୍ରତୀକାତ୍ମକ ଚରିତ୍ରମାନଙ୍କ ମାଧ୍ୟମରେ । ଉପନ୍ୟାସର ଚରିତ୍ରମାନେ ହେଲେ କେମ୍ପା, ଛୋଟା, ପଙ୍ଗୁ, ଅନ୍ଧ (ବିବେକହୀନ), ରୋଗଗ୍ରସ୍ତ, କଳୁଷିତ ଓ ଦାରିଦ୍ର୍ୟରେ ଜର୍ଜରିତ । ଅନ୍ଧୁଣି, କୁଷ୍ଠରୋଗିଣୀ ସହ ଅଧୁନା ସମାଜର ତୁଳନା କରି ଔପନ୍ୟାସିକ ଲେଖନ୍ତି :

> "ସେ (ଜର୍ଜ) ଫେରି ଚାହିଁଲା ପଛକୁ । ମାଉଁସ
> ପିଣ୍ଡୁଳା (ଅନ୍ଧୁଣୀ ଓ କୁଷ୍ଠରୋଗିଣୀ) ସେମିତି ବସିଚି ।
> କିଛି ବୁଝୁନାହିଁ ସେ । ମୂର୍ଖ ସମାଜ ଭଳି ସେ ବି
> ଗୋଟାଏ କିଛି ବିଶ୍ୱାସରେ ମୋହ ହେଇ ସେଠି
> ବସିଚି ।" (ପୃ. ୧୭୭)

ଏହି ସମାଜର ପ୍ରତୀକାତ୍ମକ ଚିତ୍ର ସ୍ପଷ୍ଟ ଦୃଷ୍ଟିଗୋଚର ହୁଏ 'ଗୋଦରୀ ବୁଢ଼ୀ' ଚରିତ୍ର ମାଧ୍ୟମରେ । ନିଜେ ଗୋଦରୀ, ଅଥଚ କେତେ ଯେ ଚରିତ୍ର ତା'ର ଆଶ୍ରିତ ହୋଇ ଅଛନ୍ତି, କି ଉଦ୍ଭଟ ଚିତ୍ର !

ଏହି ସମାଜ ଦାରିଦ୍ର୍ୟ, ଦୁର୍ନୀତି, ଶୋଷଣ, ଅର୍ଥନୈତିକ ବୈଷମ୍ୟ, ନୈତିକ ମୂଲ୍ୟବୋଧର ଅବକ୍ଷୟ ଦ୍ୱାରା ଆକ୍ରାନ୍ତ । ଏ ସମାଜର ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ, ମାତ୍ର ଯୁଦ୍ଧ ଓ ବିପ୍ଳବ ଦ୍ୱାରା ଏହା ସମ୍ଭବ ନୁହେଁ । ତଥାକଥିତ ସାମ୍ୟବାଦ ଓ କମ୍ୟୁନିଷ୍ଟ ଆଦର୍ଶ ମଧ୍ୟ କିଛି ସମାଧାନର ରାସ୍ତା ଦେଖାଇ ପାରୁନାହିଁ, କାରଣ ସେହି ରାଜନୈତିକ ପାର୍ଟି ମଧ୍ୟରେ ଆଦର୍ଶର ଅଭାବ । ଜଣେ ସୁପ୍ରିମ୍ କମାଣ୍ଡୋଙ୍କୁ ହତ୍ୟା କରି ଆଉ ଜଣେ ଚାହୁଁଛି ସର୍ବୋଚ୍ଚ ନେତାର ଆସନ ଅଳଙ୍କୃତ କରିବ । ପାର୍ଟି ବିଭାଜିତ ହେବାରେ

Digitized by srujanika@gmail.com

ଲାଗିଛି । ନୂଆ ଦଳ ଗଠିତ ହେଉଛି । ନୂଆ ଘୋଷଣା, ସ୍ଲୋଗାନ୍‌ର ଚିତ୍କାରରେ ପୃଥିବୀ, ଆକାଶ ପ୍ରକମ୍ପିତ ହେଉଛି, ଅଥଚ ଯେଉଁ ସମାଜକୁ ସେହି ସମାଜ, ସେହି ଅକଥନୀୟ ଯନ୍ତ୍ରଣା ଓ ସେଥିରୁ ମୁକ୍ତି ନାହିଁ ।

।। ଦୁଇ ।।

ଔପନ୍ୟାସର କଥାବସ୍ତୁରେ ଯେଉଁ ପ୍ରସଙ୍ଗଗୁଡ଼ିକ ଯୋଡ଼ି ହୋଇଅଛନ୍ତି, ସେମାନେ ହେଲେ – ବନ୍ଧନ ଓ ମୁକ୍ତି ମଧ୍ୟରେ, କଳ୍ପନା ଓ ବାସ୍ତବ ମଧ୍ୟରେ ବିରୋଧାଭାସ, ବଞ୍ଚିବା ପାଇଁ ସଂଘର୍ଷ ଓ ମୃତ୍ୟୁର ଭୟାବହତା, ପୁରୁଷ ଓ ନାରୀ ମଧ୍ୟସ୍ଥ ସଂପର୍କ, ଆତ୍ମ-ପରିଚୟର ସଂକଟ, ଲୋଭ ଓ ମୋହରୁ ଭ୍ରାନ୍ତି ଓ ଆତ୍ମାର ପତନୋନ୍ମୁଖୀ ଯାତ୍ରା । ଉପନ୍ୟାସକୁ ଏକ ସାମାଜିକ, ଧାର୍ମିକ, ରାଜନୈତିକ ଦୃଷ୍ଟିକୋଣରୁ ବ୍ୟଙ୍ଗାତ୍ମକ କାହାଣୀ ବୋଲି ଅଭିହିତ କରାଯାଇପାରେ । ପାଶ୍ଚାତ୍ୟ ଦେଶରେ ବିଜ୍ଞାନର ଅଗ୍ରଗତି ମଧ୍ୟ ମଣିଷ ପାଇଁ ସୁଖ, ପ୍ରଗତି, ଶାନ୍ତି ଓ ସମୃଦ୍ଧି ଆଣିବାରେ ବିଫଳ ହୋଇଛି । ଔପନ୍ୟାସିକଙ୍କ ଭାଷାରେ :

"ବିଜ୍ଞାନ ଗୋଟିଏ ମାଙ୍କଡ଼ ଭଳି ଜୀବ – ଅଧା ମଣିଷ ଅଧା ପଶୁ ।" (ପୃ. – ୨୨୦)

ତେଣୁ ବିଜ୍ଞାନ ହେଉଛି ଏକ ବ୍ରହ୍ମରାକ୍ଷସ, ନର କିନ୍ନରର ଏକ ଭିନ୍ନ ରୂପ ମାତ୍ର । ଉପନ୍ୟାସର ଶିରୋନାମା ହିଁ ଅଧୁନା କାଳର ମଣିଷର ଅସଲ ସ୍ୱରୂପ ଓ ଅସଲ ପରିଚୟ ସଂପର୍କରେ ସୂଚନା ଦେଇଥାଏ । ଏ ଦୃଷ୍ଟିରୁ ଏହି ଶିରୋନାମା 'ନର କିନ୍ନର' ପ୍ରତୀକାତ୍ମକ, ସଙ୍କେତ ଧର୍ମୀ ଓ ବ୍ୟଞ୍ଜନାତ୍ମକ । ଏହି ଶିରୋନାମାରେ ହିଁ ନିହିତ ଅଛି ଉପନ୍ୟାସର ସଫଳତାର ଅସଲ ଚାବିକାଠି । ଶିରୋନାମା ଚୟନ ଅନ୍ତରାଳରେ ଅଛି ଏକ ଗଭୀର ପ୍ରଜ୍ଞା ପ୍ରସୂତ ଧାରଣା ଓ ତତ୍ତ୍ୱ, ଯେଉଁଠାରେ ଶବ୍ଦ ହିଁ ପ୍ରତୀକ ଓ ପ୍ରତୀକର ଅର୍ଥବୋଧ ହିଁ ସତ୍ୟର ଉପଲବ୍ଧି । ଯେ ନର, ସେ ବି କିନ୍ନର / ନର ହୋଇ ମଧ୍ୟ କିନ୍ନରର ପ୍ରବୃତ୍ତି / ନର ଓ କିନ୍ନର – ଦୁଇ ଯୋନିର ସମ୍ମିଶ୍ରଣରେ ଏକ ଉଦ୍ଭଟ Hybridized ଜୀବର ସୃଷ୍ଟି ଯାହା ଯୋଗୁଁ ସୃଷ୍ଟି ହେଲା ଏକ ଆତଙ୍କ ଓ ଭୟାବହତାର ବାତାବରଣ । ଅତ୍ୟଧିକ ଯୌନକ୍ଷୁଧା ଓ ପିପାସାର ବଶବର୍ତ୍ତୀ ହୋଇ ଚରଣ ରାଓ ରାକ୍ଷସ ଭଳି କାର୍ଯ୍ୟ କରିପାରେ । 'ପଛିମା ମାଇକିନା' ଅତି ସୁନ୍ଦରୀ ଓ ଚରଣ ରାଓ ତାକୁ ଲୋଭ କରେ, ଭଲ ପାଏ ଓ ସେ ଅନନ୍ତ ବାସନାର ଶେଷ ପରିଣତି କେତେ ଜାନ୍ତବ ନ ଥିଲା ! ସେ ସ୍ତ୍ରୀ ଲୋକକୁ ମାରି, ତା'ର ଗୋଟିଏ ସ୍ତନକୁ ଦାନ୍ତରେ ଝୁଣିଆଣି ପାଖରେ ଏଯାବତ୍ ରଖିଛି । କି ଉଦ୍ଭଟ ଯୌନ-କ୍ଷୁଧାର କଳ୍ପନା ଓ ପାଗଳାମି ! ସେଥିପାଇଁ ସେ ନର-କିନ୍ନର ।" "ଏ ଚରଣ ରାଓଟା ଗୋଟାଏ ରାକ୍ଷସ । ସେ ମଣିଷ ନୁହେଁ – ବାଘ, ସିଂହ କିମ୍ବା ଗୋଟାଏ ରାକ୍ଷସ ।" (ପୃ. ୨୭) ଜର୍ଜ ମଣିଷ ସଂପର୍କରେ ତା'ର ଧାରଣା ବ୍ୟକ୍ତ କରି କୁହେ, "ତା'ପରେ ମଣିଷର ଚେହେରା ବି ଅନେକ । ସେ

Digitized by srujanika@gmail.com

ସଦାବେଳେ ମଣିଷ ଚେହେରା ଧରି ବଞ୍ଚିବାକୁ ଭଲପାଏନା । ସେ ଭାଲୁ ହେଇ ରାସ୍ତାରେ ନାଚେ, ବାଘ ହେଇ ହାଉଁ ହାଉଁ ହେଇ ଲୋକଙ୍କ ଆଗକୁ ଆସେ । ...ଏ ମଣିଷ ଗୁଡ଼ିକ ମଣିଷ କି ମାଙ୍କଡ଼ ସେ ବିଷୟରେ ସେ ସନ୍ଦେହରେ ରହେ ।" (ପୃ. ୫୧) ଏକଦା ମଣିଷର ବିଚିତ୍ର ରୂପ ସଂପର୍କରେ ଜର୍ଜର ଧାରଣା ଜନ୍ମିଲା, ଯେତେବେଳେ ସେ ଗଛ ଉପରେ ବସିଥିବା ଅଦ୍ଭୁତ ଜୀବଟିକୁ ଦେଖିଲା :

"ସେଇ ଅଦ୍ଭୁତ ଜୀବଟା ଯିଏ କି ମାଙ୍କଡ଼ ଆଉ ବାଘ ମିଶା ଗୋଟିଏ ଅସମ୍ଭବ ରଙ୍ଗର ପାଉଁଶିଆ, ପଟା ପଟା ଆଉ ତ୍ରିପଣ୍ଡ କଳା ମୁହଁର ଜୀବଟାଏ ଭଳି ଦେଖା ଯାଉଥିଲା ।" (ପୃ. ୫୯) ତାକୁ ହନୁମାନ ଭାବି ଭକ୍ତଗଣ ଅଣ୍ଟାରେ ଖୋସିଥିବା ପଇସା ଗଛମୂଳେ ଏକତ୍ର କରି ରଖିବା ପରେ ସେ ଅଦ୍ଭୁତ ଜୀବ ସ୍ତ୍ରୀଲୋକଟିର ଛୁଆକୁ ଫେରାଇଦେଲା ଓ ଟଙ୍କା ପଇସା ଧରି ନୃତ୍ୟ ଆରମ୍ଭିଲା । ଧନ୍ୟ ଏ ମଣିଷର ବିଚିତ୍ର ଅଭିନୟ !

ମଣିଷ ରୂପୀ ପଶୁମାନଙ୍କ ମଧ୍ୟରେ ଲାଗିଥିବା ଯୁଦ୍ଧ ଓ ସଂଘର୍ଷ ଅନ୍ତହୀନ ବୋଲି ଜର୍ଜର ଉପଲବ୍ଧି ହୋଇଥିଲା । ଉପନ୍ୟାସର ବିଭିନ୍ନ ଚରିତ୍ରଗଣ ମଣିଷ ହେଲେ ହେଁ ପଶୁ ସହ ତୁଳନୀୟ । ଜର୍ଜର ଭାଷାରେ :

"ନଜିର ଆଉ ବୀର - ବୀର ଆଉ କାମାୟା - କାମାୟା ଆଉ ଗଜିଆ - ଗଜିଆ ଆଉ ଶନିଆ - ଶେର୍ କା ବାଚ୍ଚା - ସୁଅର କା ବଚ୍ଚା - ସିଂହ, ବାଘ, ଗଧ, ଘୋଡ଼ା, ବିରାଡ଼ି, କୁକୁର - ଖାଲି ମେଳା ମେଳା ପଶୁଙ୍କର ଯୁଦ୍ଧ - ତା'ରି ଭିତରେ କାହାର ମୁଣ୍ଡର ଦହିଗୁଡ଼ାକ ଛିଆଡ଼ି ହୋଇ ପଡୁଥିଲା - କାହାର ହାତ, ନାକ, କାନ, ଆଖି, ନଖ, ଦାନ୍ତ, ଶିଙ୍ଗ, ହାଡ଼ -ସବୁ "ଛିନ୍ନଛତ୍ର ହୋଇ ପଡୁଥିଲା ଏଣେ ତେଣେ ।" (ପୃ. ୧୦୯)

ଠିକ୍ ଏହିପରି ସେକ୍‌ସପିୟର ତାଙ୍କ କସଭଣ ଖରବକ୍ସ ଆଦି ନାଟକମାନଙ୍କରେ ମନୁଷ୍ୟ ଭିତରେ ଛପି ରହିଥିବା ଜାନ୍ତବ ପ୍ରକୃତିକୁ ଉନ୍ମୋଚନ କରିଅଛନ୍ତି ବିଭିନ୍ନ animal image (ପଶୁମାନଙ୍କ ରୂପକଳ୍ପ) ମାଧ୍ୟମରେ, ବିଂଶ ଶତାବ୍ଦୀର ବିଶିଷ୍ଟ ଆମେରିକୀୟ ନାଟ୍ୟକାର ୟୁଜିନ୍ ଓନିଲ୍‌ଙ୍କ ନାଟକ "The Hairy Ape" ଏହାର ଏକ ଯଥାର୍ଥ ନମୁନା । ବୈଜ୍ଞାନିକ ଡ଼ାରଉ୍ୱିନ୍‌ଙ୍କ ବିବର୍ତ୍ତନବାଦ ତତ୍ତ୍ୱରେ Animal ancestry of man ବିଷୟରେ ଏହା ଉଲ୍ଲେଖ ଅଛି ଓ ଏହା ବିଂଶ ଶତାବ୍ଦୀର ଲେଖକମାନଙ୍କୁ ଅନ୍ତର୍ଦୃଷ୍ଟି ଦେଲା ମଣିଷର ଆଦିମ ପ୍ରବୃତ୍ତି ସଂପର୍କରେ, ଯାହା ଚରିତ୍ର ଚିତ୍ରଣରେ ସହାୟକ ହେଲା । ସେଥିରୁ ଅବା ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ ବାଦ୍ ଯାଆନ୍ତେ କିପରି ?

।। ତିନି ।।

କାହାଣୀର ନାୟକ ଓ ପ୍ରଟାଗନିଷ୍ଟ୍ ହେଉଛି ଜର୍ଜ । ହସ୍‌ପିଟାଲ ପଛପଟ ନଳାରେ ତା'ର ଜୀବନ ଆରମ୍ଭ ହୁଏ । ଏହି ପରିତ୍ୟକ୍ତ ଜାରଜ ସନ୍ତାନକୁ ନଳାରୁ ଉଠାଇ ଆଣିଥିଲା

Digitized by srujanika@gmail.com

ଖାସା ବାବା, ଯିଏ ଜଣେ ଖ୍ରୀଷ୍ଟିଆନ୍ । ସେହି ବୁଢ଼ା ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଚଉଦ ବର୍ଷର ଜର୍ଜ କାନରେ ପ୍ରଥମ କରି ଶୁଣାଇଥିଲା ତା' ଜନ୍ମ ବୃତ୍ତାନ୍ତ । ବୁଢ଼ାର ଦେହାନ୍ତ ପରେ ଜଣେ ଅପରିଚିତା ନାରୀ ଜର୍ଜକୁ ଘରୁ ବାହାର କରିଦେଲା । ଦୁଇ ଚାରି ଖଣ୍ଡ ଛିଣ୍ଡାପେଣ୍ଟ୍ ସାର୍ଟ୍ ଓ ଏକ ରବର କଣ୍ଢେଇକୁ ଧରି ସେ ବାହାରି ଆସେ ରାଜରାସ୍ତାକୁ । ଦେଢ଼ ଦୁଇଦିନ ଭୋକ ଉପାସରେ ସମୟ ବ୍ୟୟୀତ କଲାପରେ ସେ ଆଶ୍ରୟ ପାଏ ଗୋଦରୀ ବୁଢ଼ୀ କାଠ କ୍ୟାବିନ୍‌ରେ । କ୍ଷୁଧା ମେଣ୍ଟାଇବା ପାଇଁ ଆଉ କିଛି ଚାରା ତା' ପାଖରେ ନଥିଲା । ସେଠାରେ ହିଁ ହେଲା ତା'ର ଜୀବନ ଆରମ୍ଭ । ଗୋଦରୀ ବୁଢ଼ୀର ଜଳଖିଆ, ଚା ପିଠା ଖାଇ ବଞ୍ଚି ରହିଲା । ବାସନକୁସନ ମାଜି ବୁଢ଼ୀର କାମରେ ସାହାଯ୍ୟ କରି ତା'ର ବିଶ୍ୱାସ ଭାଜନ ହେଲା । ସେଠାରେ ତା'ର ପରିଚୟ ହୁଏ ନଜିର ଚାଚା, କେମ୍ପା ବୀର ସାମଲ, ରିକ୍‌ସାବାଲା କାମାୟା, ରାମ ସିଂ, ପାଗଲା ଚରଣ ରାଓ ଆଦି ଚରିତ୍ରମାନଙ୍କ ସହ, ସଂସାର ବିଷୟରେ ବୁଝିବା ଓ ମଣିଷ ଚରିତ୍ର ସଂପର୍କରେ ଜାଣିବା ପ୍ରକ୍ରିୟାରେ ତା'ର ଅନୁଭୂତି ଦିନୁ ଦିନ ବଢ଼ିବାରେ ଲାଗିଲା । ଗୋଦରୀ ବୁଢ଼ୀ ଦୋକାନରୁ ସାଇକେଲ ଦୋକାନ ଓ ତା'ପରେ ରିକ୍‌ସାଚାଳକ ଭାବରେ ବୃତ୍ତିକୁ ଆଦରି ନେବା ଛଳରେ ଆରମ୍ଭ ହୁଏ ତା' ଜୀବନର ଦୁଃସାହସିକ ଯାତ୍ରା । ଭଣ୍ଡବାବା ହାତରେ ଧରାପଡ଼ି ପାହାଡ଼ ଉପରେ ମନ୍ଦିର ପ୍ରାଙ୍ଗଣରେ କେତେ ଯେ ହଟହଟା ହେବାର ଯୋଗ ଥିଲା । ନଦୀ ବାଲିରେ ହୀରା ଖୋଜୁ ଖୋଜୁ ଧରା ପଡ଼ିଲା କମ୍ରେଡ଼୍ ଆନନ୍ଦଭସ୍କି ହାତରେ । ମୁକ୍ତି ଓ ପ୍ରଗତି ଖୋଜୁଥିବା ଜର୍ଜ ଏବେ ବନ୍ଧନରେ ପଡ଼ିଲା କମ୍ରେଡ଼ର ବନ୍ଦ କୋଠରୀ ଭିତରେ । ମିସ୍ ଆଡ଼ାମ୍‌ସ ହେଲେ ତା'ର ଶିକ୍ଷୟିତ୍ରୀ, ଯିଏ ଶିଖାଇଲେ ଯୁଦ୍ଧରେ ସାମିଲ ହେବା ପୂର୍ବରୁ କିପରି ବ୍ୟକ୍ତିତ୍ୱର ପରିବର୍ତ୍ତନ, ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଆବଶ୍ୟକ । ସେଠାରୁ ମୁକ୍ତ ହୋଇ ଆସେ ଦେଖେ ତ ସେ ଦଳେ ନର-କିନ୍ନରଙ୍କ ଘେର ଭିତରେ ଓ ଶେଷରେ ଉଡ଼ିଯାଏ ତା'ର ପ୍ରାଣବାୟୁ । ଏହି ରକ୍ତାକ୍ତ ସଂଘର୍ଷ ଭିତରେ ସେ ନିଜକୁ ନିଜେ ପ୍ରଶ୍ନ ପଚାରେ ଏ ସଂସାରରେ କ'ଣ ଧର୍ମ ଅଛି ନା ନ୍ୟାୟ ଅଛି ? ଏ ପ୍ରଶ୍ନର କିଛି ହିଁ ଉତ୍ତର ନାହିଁ । କେବଳ ହିଂସା, ପ୍ରତିହିଂସା, ଯୁଦ୍ଧର ହୁଙ୍କାର ଓ ରକ୍ତପାତର ନିରନ୍ତର ଘର୍ଷଣ ପ୍ରବାହରେ ଲିଭିଯାଏ ଜୀବନର ଜ୍ୟୋତି । ଏ ଜୀବନ ନିରର୍ଥକ ଓ ମୂଲ୍ୟହୀନ, ହା ହୁତାଶ ଓ ହାହାକାରମୟ । ଏହା ହିଁ ଜର୍ଜ ଜୀବନର ଶେଷ ଅନୁଭୂତି ।

ନଜିର ମିଆଁର ମୃତ୍ୟୁ ହୋଇଛି ରାସ୍ତା ଉପରେ, ଯିଏ ମଟର ତଳେ ଚାପି ହୋଇଗଲା । ଗୋଦରୀ ବୁଢ଼ୀର ବି ମୃତ୍ୟୁ ହୋଇଛି, ମାତ୍ର ମୃତ୍ୟୁ ପୂର୍ବରୁ ସେ ଜର୍ଜକୁ ପୁଅ, ପୁଅ ବୋଲି ଡାକୁଛି । କାରଣ ସେ ଭଲକରି ବୁଝିଥିଲା ଯେ, ଜର୍ଜ ତା'ର ଶେଷ ସମ୍ବଳ । ଜର୍ଜ ମଧ ବୁଢ଼ୀକୁ ମା' ବୋଲି ସମ୍ବୋଧନ କରିଛି ଥରେ ମାତ୍ର, ଯେହେତୁ ସେ ଜାଣିସାରିଥିଲା ସେ ବୁଢ଼ୀ ହିଁ ତା'ର ଅସଲ ମା' । ବୈଧବ୍ୟ ପରେ ବୁଢ଼ୀର

Digitized by srujanika@gmail.com

ପାପଗର୍ଭ ରହିଥିଲା ଓ ତା'ର ପ୍ରେମିକ ସେହି ଜାରଜ ସନ୍ତାନକୁ ହସ୍‌ପିଟାଲ ପଛ ନାଳରେ ପକାଇ ଆସିଥିଲା । ବୁଢ଼ୀ ଏକଥା ସ୍ୱୀକାର କରିଥିଲା ଓ ଜର୍ଜ ନିଶ୍ଚିତ ଭାବରେ ଏ ବିଷୟରେ ଅବଗତ ଥିଲା ।

ସମଗ୍ର ଉପନ୍ୟାସ ହିଁ ଜର୍ଜର ଆତ୍ମ-ପରିଚୟ ଅନ୍ୱେଷାର ମାର୍ମିକ କାହାଣୀ । ତା'ର ପିତୃମାତୃ ପରିଚୟ ସେ ସମାଜରେ କ'ଣ ଦେବ ? ତା'ର ଧର୍ମ କଣ, କୁଳ ପରିଚୟ କଣ, ତା' ଘର କେଉଁଠାରେ - ସେ କିଛି ହିଁ ଜାଣିନାହିଁ । ଏହା ଯେତିକି ଯନ୍ତ୍ରଣାଦାୟକ, ତା'ଠାରୁ ବେଶି ଦୁଃଖଦ ହେଉଛି ତା'ର ବଞ୍ଚିବା ପାଇଁ ସଂଘର୍ଷ । କେତେ ଯେ ଶୋଷଣ, ଅତ୍ୟାଚାର, ଘୃଣା, ଅପମାନର ଶିକାର ସେ ନ ହୋଇଛି ! ରିକ୍‌ସା ଚଳାଇବା ବେଳେ ସ୍ତ୍ରୀ ଲୋକଟି ସେପ୍‌ଟିପିନ୍‌ରେ ଫୋଡ଼ି ରକ୍ତ ବାହାର କରିଦେଲା, ଛୋଟା ଭଣ୍ଡ ବାବା କାଠ ଗୋଡ଼ରେ କେତେ ଯେ ଗୋଇଠା ତାକୁ ନ ମାରିଛି ! ଶେଷରେ ତାର ସଂଘର୍ଷ ଶେଷ ହେଲା, ଯେତେବେଳେ "ଗୁଳିଟା ଆସି ଚଟକରି ତା'ର ମୁଣ୍ଡର ଗୋଟାଏ ପାଖ ଦେଇ ପଶି ଅନ୍ୟପାଖେ ବାହାରି ଚାଲିଗଲା ।" (ପୃ. ୨୯୮)

ଏଭଳି ମୃତ୍ୟୁ ସାମ୍ନାରେ, ଯୁଦ୍ଧ ଓ ହିଂସା ସାମ୍ନାରେ ମାନବ ଅଧିକାର ସଂପର୍କରେ ଚିତ୍କାର କରିବାର ମୂଲ୍ୟ ଅବା କ'ଣ ଥାଏ ? ତା'ର ଟିକିଏ ପୂର୍ବରୁ ଜର୍ଜ ଚିତ୍କାର କରି କହୁଥିଲା :

ସେମାନଙ୍କୁ ମେଓ୍ୱା ଦିଅ ମେଓ୍ୱା - ସେଇ ବିଜ୍ଞାନୀ ଗଛର ମେଓ୍ୱା । ସତ୍ୟ, ନ୍ୟାୟ, ଅହିଂସା ବୃକ୍ଷର ମେଓ୍ୱା - ଯାହାକୁ ସେଇ ମର୍କଟ-ବିଜ୍ଞାନୀ ଦଖଲ କରିନେଇଚି ।" (ପୃ. ୨୯୮)

ତେବେ ଏକ ମାନବ ଜାତିର ଭବିଷ୍ୟତ କିଏ ? ସେଇ ଅନ୍ଧୁଣୀ କୁଷ୍ଠରୋଗିଣୀ କାଖରେ ଲାଖି ରହିଥିବା ଶିଶୁଟି ? ବଡ଼ ବିଚିତ୍ର ଭାଗ୍ୟ ଏଇ ମଣିଷ ଜାତିର । ଏ ଜାତି ପାଇଁ ଆଉ କିଛି ଆଶାର ଆଲୋକ ବିଚ୍ଛୁରିତ ହେଉନାହିଁ । ତେବେ ଭବିଷ୍ୟତ ସଂପର୍କରେ ମିସ୍ ଆଡ଼ାମ୍‌ସ (ଯିଏ ନିଜକୁ ଦେବୀ କାଳୀ ବୋଲି ପରିଚୟ ଦେଇଥିଲା) ସ୍ପଷ୍ଟ ଘୋଷଣା କରେ :

"ମୁଁ ଯେ ସ୍ୱୟଂ ପ୍ରକୃତି ! ମୁଁ ଶକ୍ତି ! ମୁଁ କାଳୀ । ଛଳନାର ସୃଷ୍ଟିକର୍ତ୍ତ୍ରୀ ମୁଁ - ଆଉ ଧ୍ୱଂସକାରିଣୀ ମଧ୍ୟ ମୁଁ । ଆଗାମୀ ଯୁଗର ମଣିଷକୁ ମୁଁ ଉଲଗ୍ନ କରିଦେବାକୁ ଚାହେଁ । ମୁଁ ତାକୁ ସର୍ବତୋଭାବେ ସମାନ କରିଦେବାକୁ ଚାହେଁ । ମୁଁ ତାକୁ ପିମ୍ପୁଡ଼ି ମନ୍ଦାର ଅସଂଖ୍ୟ ପିମ୍ପୁଡ଼ି ଭିତରେ ପିମ୍ପୁଡ଼ିଟିଏ କରିଦେବାକୁ ଚାହେଁ ।" (ପୃ. - ୨୬୮)

କମ୍ରେଡ୍ ଆନନ୍ଦଭସ୍କି ହେଉଛି Indian version of Russian Communism, କାରଣ ଆନନ୍ଦ ସହ ଭସ୍କିର ଯୋଗ ଏହା ହିଁ ସୂଚାଇଥାଏ । ଜର୍ଜର ଆତ୍ମପରିଚୟ ସଂପର୍କରେ ଆନନ୍ଦଭସ୍କି କହେ :

Digitized by srujanika@gmail.com

"ହଁ ହଁ କମ୍ରେଡ୍ ! ତୁମେ ସେଇ ବ୍ରହ୍ମରାକ୍ଷସର ପୁଅ । ତା'ର ନାଁ ହଉଚି - ବୁର୍ଜୁଆ ରାକ୍ଷସ । ଆଉ ତମ ମା'ର ନାଁ ହଉଚି ସର୍ବହରା ରାକ୍ଷାସୁଣୀ । ତମେ ଏଇ ବୁର୍ଜୁଆ ଆଉ ସର୍ବହରାର ଦୋମିଶା ସନ୍ତାନ । ଗୋଟିଏ ହେଉଚି ଏକ ଯକ୍ଷ ବା କିନ୍ନର ଏବଂ ଅନ୍ୟଟି ହେଉଛି ଏକ ମାଙ୍କେଡ଼ୀ ଭିକାରୁଣୀ ବା ସର୍ବହରା । (ପୃ. ୨୩୮)

ସେଥିପାଇଁ ବୋଧହୁଏ ଉପନ୍ୟାସର ଶେଷ ଆଡ଼କୁ, ଶେଷ ନିଃଶ୍ୱାସ ଛାଡ଼ିବା ପୂର୍ବରୁ ଜର୍ଜର ଅନୁଭବ ହେଲା :

"ଆଖି ବୁଜିଦେବା ପୂର୍ବରୁ ଏକ ବିଚିତ୍ର ଅନୁଭୂତି ଜର୍ଜକୁ ଅଭିଭୂତ କରିଦେଲା । ସେ ଦେଖିଲା ଏକ ପାତିମାଙ୍କଡ଼ କୁଆଡୁ ବାହାରି ଆସି ତା' ମୁଣ୍ଡ ପାଖେ ବସିଲା ଓ ତା'ର ଲମ୍ବା ନାକଟାକୁ ଖୁପୁରେଇବାକୁ ଲାଗିଲା । ତା'ପରେ କଅଣ ଭାବି ସେ ନିର୍ବୋଧ ମାଙ୍କଡ଼ଟା ତା'ର ଛାତିର ଏପଟରୁ ସେ ପଟକୁ ଓ ସେ ପଟରୁ ଏ ପଟକୁ ଅନବରତ ଡେଇଁବାକୁ ଲାଗିଲା ।" (ପୃ. ୨୮୯)

।। ଚାରି ।।

'ନର-କିନ୍ନର' ଉପନ୍ୟାସର structure (ଗାଠନିକ ରୂପରେଖ) ଠିକ୍ ଇଂଲଣ୍ଡର ଅଷ୍ଟାଦଶ ଶତାବ୍ଦୀର Picaresque Novel ପରି । ଔପନ୍ୟାସିକ ହେନ୍‌ରି ଫିଲ୍‌ଡ଼ିଂଙ୍କ 'Tom Jones'ର ଢାଞ୍ଚାରେ ଏହା ଲିଖିତ । କାରଣ ଫିଲଡ଼ିଂଙ୍କ ଉପନ୍ୟାସର ନାୟକ ଟମ୍ ମଧ୍ୟ ଜର୍ଜ ପରି ଜଣେ ଜାରଜ ସନ୍ତାନ, ଯିଏ ଆଉ ଜଣଙ୍କ ଦ୍ୱାରା ଲାଳିତ ପାଳିତ ହୋଇଥିଲା । ଦ୍ୱିତୀୟତଃ ଏପରି ନାଟକର ନାୟକ ହେଉଛି ରାସ୍ତା ପାର୍ଶ୍ୱର ନାୟକ ଓ ତା' ଜୀବନ ଯାତ୍ରା ହୋଇଥାଏ ଏକ ଦୁଃସାହସିକ ଯାତ୍ରା । ଟମ୍ ମଧ୍ୟ ଚୋର, ପାଜି, ସଇତାନ ଓ ଗୁଣ୍ଡାଙ୍କ ସଂସର୍ଗରେ ଆସିଥିଲା । ଭୟାବହତା ଓ ଲୋମହର୍ଷଣକାରୀ ଘଟଣାବଳୀ ଏପରି ଉପନ୍ୟାସରେ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ । ମାତ୍ର ଟମ୍ ଜୋନ୍‌ସ ଓ ନରକିନ୍ନର ମଧ୍ୟରେ ଏକ ମୌଳିକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଟମ୍ ବିଭିନ୍ନ ପ୍ରକାର ଅପରାଧ, ଚୋରି ଆଦି କରିଥିଲେ ହେଁ ସେ ସମାଜର ପତିତବର୍ଗଙ୍କ ପାଇଁ କିଛି କରିପାରିଛି । ସେମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ମାଧ୍ୟମରେ ନିଜ ପାପକୁ ଧୋଇବାରେ ସକ୍ଷମ ହୋଇଛି । ମାତ୍ର ଅନ୍ୟ ପକ୍ଷରେ ଜର୍ଜ ନା ନିଜ ପାଇଁ କିଛି କରିପାରିଲା ନା ଦଳିତ, ନିଷ୍ପେସିତ ଓ ଦାରିଦ୍ର୍ୟ ପ୍ରପୀଡ଼ିତ ମାନବ ସମାଜ ପାଇଁ କିଛି କରିପାରିଲା । ଅସହାୟ ଅବସ୍ଥାରେ ମୃତ୍ୟୁ ଭୋଗିବା ଥିଲା ତା' ଭାଗ୍ୟରେ ।

"ନରକିନ୍ନର" ଉପନ୍ୟାସରେ ଘଟଣା ପ୍ରବାହ ସଂଘଟିତ ହୁଏ ଏକ ଚେତନାର ନିରବଚ୍ଛିନ୍ନ ପ୍ରବାହ ସଦୃଶ । ବିଶେଷ ଭାବରେ ଜର୍ଜର ମନ ଅଭ୍ୟନ୍ତରରେ ଯାହା କିଛି ଘଟିଯାଉଛି, ତା'ର କଳାତ୍ମକ ରୂପାୟନ ହେଉଛି ଏହି ଉପନ୍ୟାସର କଥାବସ୍ତୁ । ସେ

Digitized by srujanika@gmail.com

ହିଁ ମୁଖ୍ୟ ଚରିତ୍ର ଓ ଔପନ୍ୟାସିକଙ୍କ ଜୀବନଦୃଷ୍ଟି ତା' ମାଧ୍ୟମରେ ପ୍ରକଟିତ ଓ ପ୍ରତିଫଳିତ । ଏ ଦୃଷ୍ଟିରୁ 'ନର-କିନ୍ନର'କୁ ଏକ stream of consciousness ଉପନ୍ୟାସ ଭାବରେ ଅଭିହିତ କରାଯାଇପାରେ । ତେଣୁ ଏହା ଏକ ସରଳ ରୈଖିକ ଘଟଣା ପ୍ରବାହ ନୁହେଁ । ଅତୀତ ପରେ ବର୍ତ୍ତମାନ ଓ ବର୍ତ୍ତମାନ ପରେ ଭବିଷ୍ୟତ କ୍ରମିକ ଭାବରେ ପରିସ୍ଫୁଟ ହୁଅନ୍ତି ନାହିଁ । ଅନେକ ସମୟରେ flash back technique ମାଧ୍ୟମରେ ଅତୀତର ସମୀକ୍ଷା ସେ କରୁଥାଏ । ଗୋଟିଏ ଗୋଟିଏ moment of epiphanyରେ ସତ୍ୟର ଦର୍ଶନ ହୁଏ, ଯେଉଁ ମୁହୂର୍ତ୍ତରେ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ - ସବୁ ମିଶି ଏକ ଏକକ ଅନୁଭୂତି ସୃଷ୍ଟି ହେଉଥାଏ । ସୁତରାଂ ଏହି ଉପନ୍ୟାସର plot ବା କଥାବସ୍ତୁର ଉପସ୍ଥାପନା ପାରମ୍ପରିକ ଉପନ୍ୟାସ ପରି ନୁହେଁ । କାରଣ ଏହାର ମୁଖ୍ୟଲକ୍ଷଣ ହେଲା Non-linear progression of events । ଏପରି ଢଙ୍ଗରେ ଲିଖିତ ଉପନ୍ୟାସରେ ସତ୍ୟ ଉଦ୍‌ଭାସିତ ହୁଏ ଆବଚେତନିକ ସ୍ତରରେ ଓ ସ୍ୱପ୍ନରେ । ଦ୍ୱନ୍ଦ୍ୱ ଓ ବିରୋଧାଭାସ, ବିରୋଧୀ ଚିତ୍ତବୃତ୍ତିମାନଙ୍କରେ ନିରନ୍ତର ସଂଘର୍ଷ ଏପରି ଶୈଳୀର ବିଶେଷ ଉପାଦାନ । Epiphany ହେଉଛି ଗୋଟିଏ moment of revelation, ଯେତେବେଳେ ଆବଚେତନିକ ସ୍ତରରେ ପ୍ରଜ୍ଞା-ଚକ୍ଷୁ ଉନ୍ମୀଳିତ ହୋଇଯାଏ ସତ୍ୟର ଦର୍ଶନ ପାଇଁ । ଏପରି ଏକ ଉଦାହରଣ ପରିଦୃଷ୍ଟ ହୁଏ 'ନର-କିନ୍ନର' ଉପନ୍ୟାସରେ :

"ସେଦିନ ରାତିରେ ସେ ଏକ ଭୟଙ୍କର ସ୍ୱପ୍ନ ଦେଖିଲା । ସେ ଦେଖିଲା - ସେ ଆପେ ଆପେ ମରିଯାଇଛି । ତା'ର ମୃତ ଦେହକୁ ଗୋଟିଏ ଗାଡ଼ିରେ ଶୁଆଇ ସେମାନେ ସେଇ ଗାଡ଼ିଟାକୁ ପଛୁଆ କରି ଟାଣି ନେଉଛନ୍ତି । ପ୍ରଥମେ ପ୍ରଥମେ ଗାଡ଼ିଟାର ଗତି ଓ ତା'ର ଘର୍ଘର ଶବ୍ଦରେ ତାକୁ ବେଶ୍ ନିଦ ଲାଗିଗଲା । ମଡ଼ା ପରି ଛଳନା କରି ସେ ଶୋଇ ରହିଲା । କିନ୍ତୁ ଧୀରେ ଧୀରେ ସେ ଗାଡ଼ିର ଗତି ବଢ଼ି ଉଠିଲା । ଆଖି ଖୋଲି ସେ ବାହାରକୁ ଚାହିଁଲା । ସେ ଦେଖିଲା - ପ୍ରବଳ ବେଗରେ ସେମାନେ ତାକୁ ଟାଣି ନେଉଛନ୍ତି । ପଛୁଆ କରି ଗାଡ଼ିଟାକୁ ଏତେ ବେଗରେ ଟାଣିନେବାରୁ ହୁଏତ ତା'ର ମୁଣ୍ଡରୁ ରକ୍ତଗୁଡ଼ାକ ସବୁ ଗୋଡ଼ ଆଡ଼କୁ ଛିଟକି ଯାଉଥିଲା... ତା'ର ମନେହେଲା ସେଇ ଦୋମହଲା ଉପରୁ ଡେଇଁପଡ଼ି ସିଧାସଳଖ ସେ ପଳେଇ ଯାଆନ୍ତା ସେଇ ଅପୂର୍ଣ୍ଣ, ବୀଭତ୍ସ ଅଙ୍ଗାରର ଚିତ୍ରଗୁଡ଼ାକ ପାଖକୁ, ଆଉ ଖଣ୍ଡିଏ ଚୂନପୋଛ ଧରି ଲିପିପୋଛି ସଫାକରି ଦିଅନ୍ତା ସେ ସେଇ ଅଙ୍ଗାରର ଭୂତଗୁଡ଼ାଙ୍କୁ ।" (ପୃ. ୨୮୧-୨୮୪)

ଏହି ଧାଡ଼ିଗୁଡ଼ିକ ବାସ୍ତବିକ ଏକ stream of consciousness ଉପନ୍ୟାସର ଜୀବନ୍ତ ଧାଡ଼ି ଭଳି । କି ଅପୂର୍ବ ଅନ୍ତର୍ଜଗତର ବ୍ୟାଖ୍ୟା ! କି ବିରାଟ ଲମ୍ଫ ସେହି ଆବଚେତନିକ ସ୍ତରର ବଳୟ ଆଡ଼କୁ ଓ କି ଆବିଷ୍କାର ଅବଦମିତ କାମନା, ବାସନା, ଭୟ, ଘୃଣା, ଅନ୍ତର୍ଦ୍ୱନ୍ଦ୍ୱ ଆଦି ଚିତ୍ତବୃତ୍ତିଙ୍କର !

Digitized by srujanika@gmail.com

ବାହ୍ୟିକ ଜଗତର ବସ୍ତୁ ଘଟଣାକୁ ଚିତ୍ରକଳ୍ପ ଓ ରୂପକଳ୍ପରେ ରୂପାନ୍ତରିତ କରି ତା' ମାଧ୍ୟମରେ inner psychee ପରିସ୍ଫୁଟ । ଏକ ଭୟ ଓ ବିକାର, ଘୃଣା, କ୍ରୋଧ ଜନିତ ଅବଚେତନାର ପରିଷ୍କୃତିର ଅଦମ୍ୟ ଚେଷ୍ଟା ଓ ଅଭୀପ୍ସା ଓ ତାହା ମାଧ୍ୟମରେ ମନସ୍ତାତ୍ତ୍ୱିକ ସତ୍ୟର ଉଦ୍‌ଘୋଷ । ଏହା ହେଉଛି ଉପନ୍ୟାସ ଶୈଳୀର ପରାକାଷ୍ଠା । ଭାଷା ମାଧ୍ୟମରେ (poetic images) ଅବ୍ୟକ୍ତ ଭାବରେ ପରିପ୍ରକାଶ ।

ଏସବୁ ଦୃଷ୍ଟିରୁ 'ନରକିନ୍ନର' ଉପନ୍ୟାସର କଥାବସ୍ତୁ ଉପସ୍ଥାପନାରେ ଏତେ ନୂତନତ୍ୱ, ଏତେ ପରୀକ୍ଷା ନିରୀକ୍ଷା । ଏଥିପାଇଁ ହିଁ ସାଧାରଣ ପାଠକ ପାଇଁ ଉପନ୍ୟାସ ଏତେ ବେଶି ମାତ୍ରାରେ ଦୁର୍ବୋଧ । ବିଂଶ ଶତାବ୍ଦୀର ପାଶ୍ଚାତ୍ୟ ସାହିତ୍ୟରେ ବିଶେଷ କରି ଉପନ୍ୟାସ କ୍ଷେତ୍ରରେ ଯେଉଁ ନୂତନ ଶୈଳୀ, ଭାଷାର ପ୍ରୟୋଗ, ଚିତ୍ରକଳ୍ପ ଓ ପ୍ରତୀକ, ବିରୋଧାଭାସ (paradox) ଓ ଏକାଧିକ ଅର୍ଥର ସମ୍ଭାବନା (ambiguity) ଆଦି ଭାଷାକୁ କୌଶଳପୂର୍ଣ୍ଣ ପ୍ରୟୋଗ କରାଗଲା, ତା'ର ଏକ ନିଛକ ପରିପ୍ରକାଶ ହୋଇଛି 'ନର କିନ୍ନର' ଉପନ୍ୟାସରେ । ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ 'ନର-କିନ୍ନର'ର ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱ, ପ୍ରଭାବ ଓ ନୂତନତ୍ୱ ଏହି ଦୃଷ୍ଟିରୁ କେହି ବି ଅସ୍ୱୀକାର କରି ନ ପାରେ ।

ଦୁର୍ବୋଧତାର ଅନ୍ୟ ଏକ କାରଣ ହେଲା ଯେ ସ୍ୱପ୍ନ ଓ ବାସ୍ତବ, ଜଡ଼ ଓ ଚେତନ, ମଣିଷ ଓ ପଶୁ, ମଣିଷ ଓ ଗଛ, ମଣିଷ ଓ ରାକ୍ଷସ - ଏହି ବିପରୀତଧର୍ମୀ ବସ୍ତୁ ଓ ଜୀବଙ୍କ ମଧ୍ୟରେ, ଧାରଣା ଓ ଚିନ୍ତା ମଧ୍ୟରେ ଥିବା ସୀମାରେଖା, ଯାହା ଦୁଇ ତତ୍ତ୍ୱକୁ ବିଭାଜିତ କରୁଥାଏ, ତାହା କ୍ରମଶଃ ଲୋପ ପାଇଯାଏ । କେଉଁଟା ବାସ୍ତବ ଓ କେଉଁଟା ଅବାସ୍ତବ, ତାହା ଜାଣିବା କଷ୍ଟକର । ଜଣେ ଆଉଜଣଙ୍କର ସାମ୍ରାଜ୍ୟ ଭିତରକୁ କ୍ରମଶଃ ପ୍ରବେଶ କରୁଛି, ଅତି ସ୍ୱଚ୍ଛନ୍ଦରେ ତାର କାୟା ସେହି ସାମ୍ରାଜ୍ୟରେ ବିସ୍ତାର କରୁଛି । ବୋଧହୁଏ କେହି କାହାଠାରୁ ବିଚ୍ଛିନ୍ନ ନୁହେଁ । ଏକ ତତ୍ତ୍ୱ ଅନ୍ୟ ତତ୍ତ୍ୱ ଉପରେ ଆଶ୍ରିତ ଏଥିପାଇଁ ଯେ ତା'ର ନିଜର ବ୍ୟାଖ୍ୟା ନିଜ ମାଧ୍ୟମରେ ଆଉ ସମ୍ଭବ ନୁହେଁ, ବରଂ ବିପରୀତଧର୍ମୀ ବସ୍ତୁ ସହିତ ସଂପର୍କିତ ହୋଇ ତା'ର ସଂଜ୍ଞାକୁ ପରିପ୍ରକାଶ କରୁଥାଏ । ଏହା ହିଁ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ structuralism (ସଂରଚନାବାଦ) ଘୋଷଣା କରୁଥାଏ । ଏହିପରି ଏକ structuralist criticisme ଛାୟାରେ ସଂପୂର୍ଣ୍ଣ ଉପନ୍ୟାସ ଅଧ୍ୟୟନର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ ।

ପରୀକ୍ଷାମୂଳକ ଶୈଳୀ ପ୍ରୟୋଗରେ ଏହି ଉପନ୍ୟାସ କେତେ ଯେ ଅଭିନବ, ତାର ପଟ୍ଟାନ୍ତର ନାହିଁ । Magic Realism (କୁହୁକ ବାସ୍ତବତା)ର ବିପୁଳ ପ୍ରୟୋଗ ଅତି ଆକସ୍ମିକ ଭାବରେ ସଂଘଟିତ ହୋଇଛି ଏହି ଉପନ୍ୟାସରେ । ଉଦାହରଣସ୍ୱରୂପ, ଛୋଟା ଭଣ୍ଡ ବାବା, ଯା'ର ଗୋଟିଏ ଗୋଡ଼ ହେଉଛି କାଠଗୋଡ଼, ନିଜକୁ ଗରୁଡ଼ ସହ ତୁଳନା କରେ । ଏତେ ପାହାଚ ଅତିକ୍ରମ କରି ସେ ଅନାୟାସରେ ପାହାଡ଼ ଉପରର

Digitized by srujanika@gmail.com

ମନ୍ଦିର ପାଖରେ ପହଞ୍ଚିଯାଏ । ବିଷ୍ଣୁଙ୍କ ବାହନ ଗରୁଡ଼, ଯେ ପ୍ରଚଣ୍ଡ ପରାକ୍ରମୀ ଓ ଦ୍ୱରିତ ବେଗରେ ଉଡ଼ି ଅଳ୍ପସମୟ ମଧ୍ୟରେ ଦୂର ସ୍ଥାନରେ ପହଞ୍ଚିପାରେ । ଗରୁଡ଼ ପୁରାଣର ତତ୍ତ୍ୱ ହେଉଛି କୁହକୁ ତତ୍ତ୍ୱ, ଯାହା ପ୍ରାଚୀନ ମିଥ୍, କିମ୍ବଦନ୍ତୀମାନଙ୍କରେ ନିହିତ ଥାଏ । ତା ସହ ବାସ୍ତବତା (ଛୋଟା ଓ ଭଣ୍ଡବାବାର ଜୀବନ ବୃତ୍ତାନ୍ତ)ର ସମ୍ମିଶ୍ରଣରେ ସୃଷ୍ଟିହୁଏ କୁହୁକ ବାସ୍ତବତା, ଯାହା ଲାଟିନ୍ ଆମେରିକାନ୍ ଲେଖକ ମାରକ୍ୱେଜ୍ ଓ ଭାରତୀୟ ଲେଖକ ସଲମାନ୍ ରୁଷ୍‌ଦି ପ୍ରୟୋଗ କରିଅଛନ୍ତି । Fantasy I Realitye ସମ୍ମିଶ୍ରଣରେ ଯେଉଁ ଶୈଳୀର ପ୍ରୟୋଗ ହୁଏ, ତାହା ବାସ୍ତବତାର ଏକ ବିଚିତ୍ର ଦିଗକୁ ଉନ୍ମୋଚିତ କରୁଥାଏ । ବିଶ୍ୱସନୀୟ ବାସ୍ତବତାର ବ୍ୟାଖ୍ୟା ହେଉଥାଏ ଅବିଶ୍ୱସନୀୟ ମିଥ୍‌ର fantasy ମାଧ୍ୟମରେ । ସେହିପରି ମିସ୍ ଆଡ଼ାମ୍ ଆମେରିକାରେ ଜନ୍ମ, କୋଟିପତିର କନ୍ୟା, ତଥାପି କଳା ମୁଗୁନି ପଥରରେ ଗଢ଼ାଯାଇଥିବା କାଳୀଙ୍କ ମୂର୍ତ୍ତି ପରି । ସେ ନିଜେ ଦେବୀ କାଳୀ ବୋଲି ଜର୍ଜ ସମ୍ମୁଖରେ ଘୋଷଣା କରେ । ପୁଞ୍ଜିବାଦ ଓ ସାମ୍ୟବାଦ ମଧ୍ୟରେ ଲାଗିଥିବା ସଂଘର୍ଷର ଅବସାନ ଘଟାଇବା ଓ ନୂତନ ଯୁଗ ନିର୍ମାଣ କରିବାର ଯାଦୁ ଅଛି କେବଳ ତା' ହାତରେ । ସେ ପ୍ରକୃତି ସ୍ୱରୂପିଣୀ, ସୃଷ୍ଟି, ସ୍ଥିତି ଓ ବିଲୟର ପ୍ରକ୍ରିୟା ତା'ରି ହାତରେ, ଏହା ମଧ୍ୟ କାଳୀକା ପୁରାଣର ମିଥ୍ ଓ ସାଂପ୍ରତିକ ସଂଘର୍ଷର ତୀବ୍ରତା ମଧ୍ୟରେ ଏକ ଯୋଗଫଳ, କୁହୁକ ବାସ୍ତବତାର ଅନ୍ୟ ଏକ ଉଦାହରଣ ।

ସେହିପରି ଉପନ୍ୟାସରେ ଆଉ ଏକ ଜଗତ ସୃଷ୍ଟି ହୋଇଛି, ଯାହା ଡାଆଣୀ, ଚିରଗୁଣି, ଭୂତପ୍ରେତ, ବ୍ରହ୍ମରାକ୍ଷସଙ୍କ ଦ୍ୱାରା ବ୍ୟାପ୍ତ । ଏହା କଲ୍‌ରିଜଙ୍କ ପରି Naturalisation of the supernaturale ଶୈଳୀର ପ୍ରୟୋଗ । ମଣିଷ ବାସ କରୁଥିବା ପୃଥିବୀରେ ଏମାନେ ମଧ୍ୟ ଯାତାୟାତ କରନ୍ତି । ଏମାନଙ୍କ କାର୍ଯ୍ୟଶୈଳୀ ଦ୍ୱାରା ମାନବଜଗତ ପ୍ରଭାବିତ ହୋଇଥାଏ । କଲ୍‌ରିଜ୍ ତାଙ୍କ The Ancient Mariner କାବ୍ୟରେ ଏପରି ଦୃଶ୍ୟ ସୃଷ୍ଟି କରିଛନ୍ତି । ସେକ୍‌ସପିୟର ତାଙ୍କ ମାକ୍‌ବେଥ୍ ଆଦି ବହୁନାଟକମାନଙ୍କରେ ଏପରି ଅଦ୍ଭୁତ ଜୀବଙ୍କ କ୍ରିୟାକଳାପର ଉପସ୍ଥାପନା କରିଅଛନ୍ତି । ନାଟକର ଚରିତ୍ରମାନେ ଏମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ବାସ୍ତବତାର ପୂର୍ଣ୍ଣାଙ୍ଗ ବ୍ୟାଖ୍ୟା କଲାବେଳେ ଏମାନେ ବା ବାଦ୍ ଯାଆନ୍ତେ କିପରି ? 'ନର-କିନ୍ନର' ଉପନ୍ୟାସର କୋଇଲା ଗୋଟେଇ ଡାଆଣୀ ବୁଢ଼ୀ ଏକ ଜୀବନ୍ତ ଚରିତ୍ର । ତେଣୁ ନଜିର ମିଆଁ ଓ ଜର୍ଜ ତା' ଦ୍ୱାରା ପ୍ରଭାବିତ କିପରି ନ ହୁଅନ୍ତେ ? ଆମ ଜଗତକୁ ଯେତେସବୁ ରହସ୍ୟର ସ୍ତର ଆଚ୍ଛନ୍ନ କରି ରଖିଛି, ସେଥିରୁ ଏହା ମଧ୍ୟ ଗୋଟିଏ । ସେହିପରି surrealism (ଅତି ବାସ୍ତବବାଦ)ର ପ୍ରୟୋଗରେ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ ମଧ୍ୟ କମ୍ ସଫଳ ନୁହନ୍ତି । ଉପନ୍ୟାସର ଚରିତ୍ର ପାଗଳ ଚରଣ ରାଓ ହାତରେ ଅଙ୍ଗାର ଧରି ଯେଉଁ ସବୁ ଚିତ୍ର ଆଙ୍କିବସେ, ତାହା surrealistic paintingse ଆଭାସ ନୁହେଁ ତ ଆଉ କ'ଣ ? ଏଇ ଚମତ୍କାର ଧାଡ଼ିଗୁଡ଼ିକ ଏଠାରେ ବିଶେଷ ପ୍ରଣିଧାନଯୋଗ୍ୟ ।

Digitized by srujanika@gmail.com

"ସେ (ଚରଣ ରାଓ) ଚିତ୍ର ଆଙ୍କେ - ମରଦ ମାଇକିନାମାନଙ୍କୁ ରାକ୍ଷସ ରାକ୍ଷାସୁଣୀ, ବାଘ ବାଘୁଣୀ ଭଳି କରି ଚିତ୍ର ଆଙ୍କେ । ତାକୁ ଆହୁରି କଷ୍ଟ ହେଲେ ସେ ତାର ସେଇ ରାକ୍ଷସ-ରାକ୍ଷାସୁଣୀମାନଙ୍କୁ ନଙ୍ଗଳା କରି ଚିତ୍ର କରେ । ଖାଲି ସେତିକି ନୁହେଁ - ସେଇ ଚିତ୍ରଗୁଡ଼ାଙ୍କୁ ବସି ବସି ବିକୃତ କରେ ସେ । କାହାର ହାତ କାଟିଦିଏ, କାହାର ଗୋଡ଼ କାଟିଦେଇ ସେ ଥାନରେ ଆଣି ଆଉ କାହାର କଟା ହାତଟାକୁ ଯୋଡ଼ି ଦିଏ । କାହାର ଛାତି ଭିତରେ ଗୋଟିଏ ଶର ମୂନ ଖେଞ୍ଚିଦିଏ - ଛାତିରୁ ପିଚ୍ ପିଚ୍ ରକ୍ତ ବାହାର କରେ । କାହାର ଆଖିକୁ ତାଡ଼ିଦିଏ । କାହାର ଓଠକୁ ଏମିତି ଆକୃତିର କରେ ଯେ ତାକୁ ଦେଖିଲେ ସହଜେ ଜଣାପଡ଼େନା । ସେଇଟା ମଣିଷର ଓଠ କି ଆଉ କ'ଣ ? ସ୍ତ୍ରୀଲୋକଗୁଡ଼ାଙ୍କର ଚିତ୍ରକୁ ବିଭତ୍ସ କରିବାରେ ଚରଣ ରାଓର ହାତ ଭାରି ଖଜବଜ ହୁଏ । ଗୋଟାଏ ଗୋଟାଏ ସ୍ତ୍ରୀ ଲୋକଙ୍କୁ ସେ ନାନା ପ୍ରକାରେ ବିକୃତ କରିଥାଏ । ସେମାନଙ୍କର ଗୋଡ଼ ଦୁଇଟାକୁ ସେ ଖୁବ୍ ମୋଟା ମୋଟା ଆଉ ତାଳ ଗଛ ଭଳି ଡେଙ୍ଗା ଡେଙ୍ଗା କରେ । ଗୋଡ଼ ଦୁଇଟା ମଣିଷର ଗୋଡ଼ ଭଳି ଦେଖାଯାଏନା, ଜଣାଯାଏ ଯେମିତି ଗୋରୁଗାଈଙ୍କର ଗୋଡ଼ ଆସି ମଣିଷ ଦିହରେ ଖଞ୍ଜାଯାଇଚି । ହାତ ଦି'ଟାକୁ ସେ ସାପ ଭଳି ଚିତ୍ର କରେ । ସେଗୁଡ଼ିକ ମୋଡ଼ି ମୋଡ଼ି ହୋଇ ଲମ୍ୱି ଲମ୍ୱି ବହୁଦୂର ବାଟଯାଏ ଯାଇଥା'ନ୍ତି । ଦିହଟାକୁ ସେ ଗୋଟାଏ ମସ୍ତବଡ଼ ଗଛର ଗଣ୍ଡି ଭଳି କରିଥାଏ, ସେ ଗଣ୍ଡି ଉପରେ ମଣିଷ ମୁଣ୍ଡଟିଏ ଖଞ୍ଜା ହୋଇଥାଏ, କିନ୍ତୁ ସେ ମୁଣ୍ଡଟି ଏଡ଼େ ଛୋଟ ଯେ ତାକୁ ମଣିଷ ମୁଣ୍ଡ କହି ହେବନି । ଏଇ ମାଇକିନାଗୁଡ଼ାଙ୍କର ନଙ୍ଗଳା ଦେହକୁ ଚାହିଁ ଜର୍ଜ କାବା ହୁଏ । ବାପ୍‌ରେ ବାପ୍, ଏ କ'ଣ ମଣିଷ ? ଏଇ କଣ ମାଇକିନା ?" (ପୃ. ୨୭-୨୮)

ମଣିଷ ଯେ ଏକ ଉଦ୍ଭଟ ଜୀବ ଓ ତା'ର ଅନ୍ତଃଚେତନାରେ ଥିବା ଉଦ୍ଭଟତାର ପରିପ୍ରକାଶ ଏହି ଧାଡ଼ିଗୁଡ଼ିକ । ନିହାତି ଅବାସ୍ତବ ଲାଗିଲେ ବି, ତାହା ବାସ୍ତବତାର ସୀମା ଅତିକ୍ରମ କରି ସତ୍ୟର ସ୍ୱରୂପ ଓ ତାର ଏକ ଏଯାବତ୍ ଅନାବିଷ୍କୃତ ସ୍ତରର ଉନ୍ମୋଚନ କରିବା surrealisme ଆଭିମୁଖ୍ୟ । ଏ ପ୍ରକାରର କୌଶଳ ବ୍ୟବହାରରେ ଶାନ୍ତନୁ ଆଚାର୍ଯ୍ୟ ନିଶ୍ଚିତ ସଫଳ, ଯାହା 'ନର କିନ୍ନର'କୁ ଅନ୍ୟାନ୍ୟ ଓଡ଼ିଆ ଉପନ୍ୟାସମାନଙ୍କ ଠାରୁ ସ୍ପଷ୍ଟ ଭାବରେ ଏତେ ଅଲଗା, ଏତେ ଅନନ୍ୟ କୃତି ଭାବରେ ପରିଚୟ ଦେଇଥାଏ । ଏହା ବିଲକୁଲ ଅବାସ୍ତବ ନୁହେଁ ଓ ଏପରି ବର୍ଣ୍ଣନା କେବେହେଁ ଅବାନ୍ତର ନୁହେଁ, କାରଣ ଭାରତୀୟ କାବ୍ୟଶାସ୍ତ୍ରରେ ଯେଉଁ ରସତତ୍ତ୍ୱ ବିଷୟରେ କୁହାଯାଇଛି, ସେଥିରେ କ'ଣ ରୌଦ୍ର, ଭୟାନକ ଓ ବିଭତ୍ସ ରସ ଅନ୍ତର୍ଭୁକ୍ତ ନୁହଁନ୍ତି ? ଏମାନେ ତ Psychological Realism (ମନସ୍ତାତ୍ତ୍ୱିକ ବାସ୍ତବବାଦ)ର ବିଭିନ୍ନ ଉପାଦାନ, ଯାହା ଆଧାରରେ ବାସ୍ତବ ସତ୍ୟ (ଯେତେ କୁତ୍ସିତ, ଭୟଙ୍କର ଓ ଦାରୁଣ ହେଲେ ବି)ର ଉନ୍ମୋଚନ ହୋଇଥାଏ ।

Digitized by srujanika@gmail.com

॥ ଛଅ ॥

ହିସବୁ techniques (କୌଶଳ) ପ୍ରୟୋଗ ଦ୍ୱାରା 'ନର-କିନ୍ନର' ଏକ ପରୀକ୍ଷାମୂଳକ ଉପନ୍ୟାସରେ ପରିଣତ ହୋଇଛି । ସେଥିପାଇଁ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ 'ନର-କିନ୍ନର'ର ସ୍ୱତନ୍ତ୍ର ସ୍ଥାନ ରହିଛି ଓ ରହିବ ମଧ୍ୟ । ଏହି techniques ପ୍ରୟୋଗର ଅନ୍ୟ ଏକ ଆବଶ୍ୟକତା ମଧ୍ୟ ଔପନ୍ୟାସିକ ଅନୁଭବ କରିଥିଲେ । ଏମାନଙ୍କ ମାଧ୍ୟମରେ ସେ ଉପନ୍ୟାସର କଥାବସ୍ତୁ ଓ ଚରିତ୍ରମାନଙ୍କ ଠାରୁ ଆପେକ୍ଷିକ ଦୂରତା ବଜାୟ ରଖିପାରିଲେ 'ଜର୍ଜ' ଚରିତ୍ର ସୃଷ୍ଟି ମାଧ୍ୟମରେ ଓ ଯାହାଦ୍ୱାରା ଉପନ୍ୟାସର ସମଗ୍ର ବାସ୍ତବଚିତ୍ର ଲେଖକଙ୍କ ନିଜ ମନ, ଚିନ୍ତା ଓ ଚେତନା ପ୍ରସୂତ ନୁହେଁ ବୋଲି ଅନୁଭବ କରିହୁଏ । ଏହାହିଁ ଉପନ୍ୟାସ ସଫଳତାର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। କାରଣ ଏଠାରେ ଔପନ୍ୟାସିକ (ଲେଖକୀୟ ସତ୍ତା)ଙ୍କ କଳ୍ପନା ପ୍ରସୂତ ବର୍ଣ୍ଣନାକାରୀ ଜର୍ଜ, ଯେଉଁ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟ ସମାଲୋଚନା ଶାସ୍ତ୍ରରେ Third person singular omniscient narrative point of view ବୋଲି ଅଭିହିତ କରାଯାଏ । ତେଣୁ ସେ ନିଜେ କିଛି ବ୍ୟକ୍ତ ନ କରି ମୁଖ୍ୟ ଚରିତ୍ର, ନାୟକ ଓ ପ୍ରଟାଗନିଷ୍ଟ୍ ଜର୍ଜ ମାଧ୍ୟମରେ ବ୍ୟକ୍ତ କରୁଅଛନ୍ତି । କିନ୍ତୁ ସଂଘଟିତ ଘଟଣାମାନଙ୍କ ଅନ୍ତରାଳରେ ଥିବା authorial presence (ଲେଖକୀୟ ସତ୍ତାର ଉପସ୍ଥିତି)କୁ କେହି ଅସ୍ୱୀକାର କରି ନ ପାରେ । ସେହି ସତ୍ତା ସବୁ ଚରିତ୍ରମାନଙ୍କ ମଧ୍ୟରେ, ସବୁ ଘଟଣାମାନଙ୍କ ମଧ୍ୟରେ ସହଜରେ ପ୍ରବେଶ କରିପାରେ, ଅବଶ୍ୟ ଜର୍ଜ ମାଧ୍ୟମରେ, ସେହି ସତ୍ତା ସର୍ବଜ୍ଞ, ଚତୁର୍ଦ୍ଦିଗ ପରିବ୍ୟାପ୍ତ, ଉନ୍ମୀଳିତ ପ୍ରଜ୍ଞା ଓ ତୃତୀୟ ନୟନ, ଯିଏ ସଂଦର୍ଶନ କରିପାରେ ସତ୍ୟର ପ୍ରତିଟି ସ୍ୱରୂପକୁ । ତେବେ ଯଦି ଯଥାର୍ଥ techniquee ଆଶ୍ରୟ ଲେଖକ ନ ନିଏ, ତେବେ ଏହା ଏକ ଲେଖକର ଆତ୍ମନିଷ୍ଠ ଅନୁଭବ ହୋଇ ରହିଯିବ । ତେଣୁ ବ୍ୟକ୍ତିନିଷ୍ଠ ଓ ଆତ୍ମନିଷ୍ଠ ଅନୁଭବ ସ୍ତରର ଉପରକୁ ଉଠି ଏକ ନିରପେକ୍ଷ, ନୈର୍ବ୍ୟକ୍ତିକ ସତ୍ୟର : ଅବବୋଧ ସ୍ତରରେ ପହଞ୍ଚାଇବା ପାଇଁ techniquesମାନଙ୍କର ସଫଳ ପ୍ରୟୋଗ ଅପରିହାର୍ଯ୍ୟ, ଯାହାର ଏକ ଚମତ୍କାର ନମୂନା ହେଉଛି ଉପନ୍ୟାସ 'ନର-କିନ୍ନର', ଆଧୁନିକ ଜୀବନର ଅସହାୟତା, ସଂଘର୍ଷ, ମୂଲ୍ୟହୀନତା ଓ ଅକଥନୀୟ ଯନ୍ତ୍ରଣା ବର୍ଣ୍ଣନାରେ 'ନର-କିନ୍ନର' ଅଧୁନା କାଳର ଏକ ଅନନ୍ୟ epic-narrative । ଏହା ସମଗ୍ର ଜୀବନକାଳର କୃତି (the work of a life time) ।

◆

Digitized by srujanika@gmail.com

ନର-କିନ୍ନର : ଅର୍ଦ୍ଧଶତାବ୍ଦୀର ଅଭିଯାତ୍ରୀ

ନିରୁପମା ଆଚାର୍ଯ୍ୟ

୧୯୬୨ ମସିହାରେ ନରକିନ୍ନର ଉପନ୍ୟାସ ପ୍ରକାଶିତ ହେଲାପରେ ଅପ୍ରତ୍ୟାଶିତ ଲୋକପ୍ରିୟତା ଅର୍ଜନ କରେ । ଅପ୍ରତ୍ୟାଶିତ ଏହି କାରଣରୁ ଯେ ୧୯୫୦-୬୦ ଦଶନ୍ଧି ପର୍ଯ୍ୟନ୍ତ ଓଡ଼ିଆ ଉପନ୍ୟାସର ଧାରା ଥିଲା ଫକୀରମୋହନ, କାଳିନ୍ଦୀ ଚରଣ, ଗୋପୀନାଥଙ୍କ ଯୁଗାଶ୍ରୟୀ - ଅତ୍ୟଧିକ ସମାଜ ଚେତନା ପରିପ୍ରେକ୍ଷୀରେ ସାମାଜିକ ମଣିଷର ବାସ୍ତବ ସ୍ଥିତି ଥିଲା ଉପନ୍ୟାସର ବିଷୟବସ୍ତୁ । ସେଥିରେ ବ୍ୟକ୍ତିର ସ୍ଥାନ ଥିଲା ଗୌଣ । ସାମାଜିକ ବାସ୍ତବତା କହିଲେ କେବଳ ସମାଜର ବାହ୍ୟ ରୂପକୁ ହିଁ ବୁଝାଉଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ତଥା ଭାରତର ସ୍ୱାଧୀନତା ସଂଗ୍ରାମ ମାଧ୍ୟମରେ ମଣିଷର ଯଥାର୍ଥ ଆଧାତ୍ମିକ ସ୍ୱରୂପ ପ୍ରକଟିତ ହେବା ପରେ ବିଶ୍ୱବ୍ୟାପୀ ସୃଜନଶୀଳ ସାହିତ୍ୟରେ ଏକ ନୂଆ ତରଙ୍ଗ ସୃଷ୍ଟି ହେଲା । ତଦନୁସାରେ ଷ୍ଟଙ୍କଭହରମଷ୍ପସଙ୍ଖର କ୍ଷସଷ୍ପରକ୍ସବଷ୍ପଙ୍କକ୍ସରର ଆବିର୍ଭାବ ଘଟିଲା । ଯାହାର ଆତ୍ମା ପୁରୁଷ ଏକ ଚରିତ୍ର ନୁହେଁ, ବରଂ ସ୍ୱୟଂ ମଣିଷ । ଉପନ୍ୟାସର ଚରିତ୍ର ଜର୍ଜ ମଣିଷର ପ୍ରତୀକ । ଜର୍ଜ ଗୋଟିଏ ନାଁ ନୁହେଁ । ଏହା କେବଳ ଗୋଟିଏ ସ୍ଥିତି ।

ମାତ୍ର ୨୨ ବର୍ଷର ଜୀବନ କାଳ ଭିତରେ କୋଟି ଯୁଗର ବିବର୍ତ୍ତନ ଶକ୍ତିକୁ ନିଜ ପ୍ରାଣ ମନ ଓ ଆତ୍ମାରେ ଅନୁଭବ କରିବା ସମ୍ଭବ କି ନା ତାର ଏକ ନିଛକ ସଫଳ ପରୀକ୍ଷଣ ହିଁ ଜର୍ଜ । ଆଧୁନିକ ମନସ୍ତାତ୍ତ୍ୱିକ ବିଜ୍ଞାନ ମଣିଷର ସ୍ମୃତିକୁ ପର ଜୀବନ ସୀମା ମଧ୍ୟରେ ଖୋଜେ । କିନ୍ତୁ ମଣିଷର ସ୍ମୃତି ତାଠାରୁ ଆହୁରି ଗଭୀର ଓ ପୁରାତନ ଓ ଏଇ ଜୀବନକାଳ ଭିତରେ ବି ସେ ଗଭୀରତା ତାର ଅନୁଭବ୍ୟ। ଉପନ୍ୟାସର ଟେକନିକ୍ ଏଇ ସିଦ୍ଧାନ୍ତ ଉପରେ ପର୍ଯ୍ୟବଶିତ । ଜର୍ଜ ଗୋଟେ ସହର ତଳି ଅଞ୍ଚଳକୁ ନିକ୍ଷିପ୍ତ ହୁଏ ସ୍ୱର୍ଗରୁ ନିକ୍ଷିପ୍ତ ଦେବଶିଶୁ ପରି ନୁହେଁ । କୃମିରୁ ଉଦ୍‌ଭବ ମାନବିକ ଚେତନା ସଦୃଶ ।

Digitized by srujanika@gmail.com

ଚାରିବର୍ଷର ସ୍ଲମ ଜୀବନ ପରେ ତା ମାନବିକ ବୁଝାମଣା ତାକୁ ଅଧିକ ଆତ୍ମସଚେତନ କରେ । ଏହାପରେ ସେ ଏକ ଆଧୁନିକ ମଣିଷ ପାଲଟିଯାଏ । ଯାହାକୁ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟବହାର କରାଯାଇପାରେ । ଠିକ୍ ଯେପରି ଆଜି ଟେରରିଷ୍ଟ ଟ୍ରେନିଂ କେନ୍ଦ୍ରରେ କୋମଳମତି ତରୁଣମାନଙ୍କୁ ବିଶ୍ୱର ଧ୍ୱଂସଲୀଳା ପାଇଁ ତାଲିମ ଦିଆଯାଏ । ଏ ଅବସ୍ଥାରେ ଆଉ ଚାରିବର୍ଷ କଟିଯାଏ ଜର୍ଜର । ଏହାପରେ ସେ ବାହାରେ ଆଉ ଏକ ବାହାର ଦୁନିଆକୁ । ସ୍ଲମ ନୁହେଁ ବରଂ ଏକ ଆଧୁନିକ ସମାଜ, ତାକୁ ନିର୍ଦ୍ଦେଶ ଦିଆଯାଏ ଧ୍ୱଂସକାରୀ ପଥରେ ଆଗେଇ ଯିବାପାଇଁ । କିନ୍ତୁ ଜର୍ଜ ନେତୃତ୍ୱ ନିଏ ରାଜଦାଣ୍ଡରେ ଚାଲିଥିବା ଏକ ବିକଳାଙ୍ଗ ନିଃସହାୟ ମଣିଷ ଶୋଭାଯାତ୍ରାର । ଏହି ଶୋଭାଯାତ୍ରାରେ ସେ ନିଜକୁ ସାମିଲ କରିନିଏ ନିଜ ଅଜାଣତରେ ନୁହେଁ ବରଂ ସମ୍ପୂର୍ଣ୍ଣ ଚେତନଶୀଳ ଏକ ସତ୍ତା ହିସାବରେ ।

ମଣିଷକୁ ମଣିଷ ପଦବୀରୁ ଚିରକାଳ ବିଚ୍ୟୁତ କରିବାକୁ ଅପେକ୍ଷା କରିଥିବା ଜାନ୍ତବ ଶକ୍ତି ଯାହା କାଳେ କାଳେ ଏକ ଉନ୍ନତ ସମାଜରୁ ଜନ୍ମ ନିଏ, ରାଜଦାଣ୍ଡରେ ସେଇ ଶକ୍ତିର ସମ୍ମୁଖୀନ ହୁଏ ଜର୍ଜ ଓ ଧରାଶାୟୀ ହୁଏ ସେଇ ଶକ୍ତିର ପ୍ରଚଣ୍ଡ ଚୋଟରେ । କିନ୍ତୁ ତାହାଦ୍ୱାରା ଜର୍ଜର ଚେତନାର ଦିଗ୍‌ବଳୟ ଆହୁରି ପରିବ୍ୟାପ୍ତ ହୁଏ ଓ ସେ ଅପେକ୍ଷା କରେ ଏକ ପୁନଃର୍ଜନ୍ମକୁ ।

ଆତ୍ମାର ଅନ୍ୱେଷଣରେ ଆଧୁନିକ ମଣିଷ -

ଏ ହେଲା ଉପନ୍ୟାସର ବିଷୟବସ୍ତୁ । ଏହି ଉପନ୍ୟାସରେ ଏକ ନୂତନ ଦିଗ୍‌ବଳୟର ଉନ୍‌ମୋଚନ କରିଛନ୍ତି ଲେଖକ । ଏଥିରେ ସୃଷ୍ଟି ହୋଇଥିବା ଏକ ମାନବିକ ମୂଲ୍ୟବୋଧ ଏକ ସାମାଜିକ ମୂଲ୍ୟବୋଧରେ ପରିଣତ ହୋଇଛି ।

ଉପନ୍ୟାସର ମୁଖ୍ୟ ଚରିତ୍ର ଜର୍ଜକୁ ଜଣେ ପାଳିଥିଲେ ମରିବା ପୂର୍ବରୁ ତାକୁ କହିଦେଇଗଲେ "ମୁଁ ତୋର କେହି ନୁହେଁ ।" ପିଲାଟିର ମଣିଷଙ୍କ ସହିତ ସଂପର୍କ ନାହିଁ । କୌଣସି ନାରୀ ସଂପର୍କରେ ସେ କେବେ ଆସିନାହିଁ । ନିଃସଙ୍ଗତା ଓ ସଂପର୍କ ବିହୀନତା ଭିତରକୁ ପେଲି ହୋଇଗଲା ସେ । ଏକାକୀତ୍ୱର ଦୁଃଖ ଯନ୍ତ୍ରଣା ଭୋଗିଲା । ତା ପାଇଁ ଏ ହେଲା ଏକ ଈଶ୍ୱର ବିହୀନ ପୃଥିବୀ ଓ ସେ ହେଲା ତାର ବାସିନ୍ଦା ।

ଗୋଟିଏ କୁଁ କୁଁ ହଉଥିବା ରବର କଣ୍ଢେଇଟିଏ ଧରି ସେ ଏ ବିରାଟ ବିଶ୍ୱ ଭିତରକୁ ଓହ୍ଲାଇ ଆସିଲା ।

ନୈତିକତା ଅନୁଭବରେ ଜର୍ଜ

ସହରର ସବୁ ଜାଗା ଅଚିହ୍ନା ସିନା, ହେଲେ କ୍ଷୁଧାତ ରହିବ । ଖାଦ୍ୟର ବାସ୍ନା ବାଟ କଢ଼େଇଲା ଆଗକୁ । ସେ ପ୍ରବେଶ କଲା ଏକ ସ୍ଲମ୍‌ରେ ।

Digitized by srujanika@gmail.com

ସଂପର୍କ ଆରମ୍ଭ ହେଲା ମଣିଷ ସହିତ । ସେଠି ଦେଖିଲା ଦଳେ ଲୋକଙ୍କୁ ନିୟନ୍ତ୍ରଣ କରୁଛି ସ୍ତ୍ରୀଲୋକଟିଏ । ସେଇ ପ୍ରଥମେ ଖାଦ୍ୟର ସ୍ୱାଦ ଚଖାଇଲା ତାକୁ ।

ପେଟ ପୂରିଲା ପରେ ଆଉ ଏକ ଆଦିମ କ୍ଷୁଧା ଉଦ୍ରେକ ହେଲା ଦେହରେ । ସେ ଦେଖିଲା ଏଠିକା ବାସିନ୍ଦା ଚରଣ ରାଓ, ନଜିର୍ ଚାଚା, ବୀରା ସାମଲ ଇତ୍ୟାଦି ଲୋକଙ୍କୁ ମଧ୍ୟ ସେଇ ନାରୀଟି ଖାଇବାକୁ ଦିଏ । ପେଟକୁ ପୁଣି ତାଙ୍କ ଦେହ କ୍ଷୁଧା ମଧ୍ୟ ମେଣ୍ଟାଏ ସେ । ଜର୍ଜ ସେଇକଥା ଚାହିଁଲା ସେ ନାରୀଟି ଠାରୁ ।

କିନ୍ତୁ ସ୍ତ୍ରୀ ଲୋକଟି ତାକୁ ଅନ୍ୟ ପ୍ରକାରେ କହିଲା । କହିଲା - "ଦୈବ ପଠେଇଚି ତୁ ମୋ ପୁଅ ।"

ପୁଅ ଶବ୍ଦର ଅର୍ଥ ଜଣାନଥିଲା ତାକୁ ସେ ପର୍ଯ୍ୟନ୍ତ । ପ୍ରଥମେ ସେ ପ୍ରତିବାଦ କଲା । କହିଲା - ଅନ୍ୟମାନଙ୍କ ପାଇଁ ଏ ସୁଯୋଗ ତ ଅଛି ତା ପାଇଁ ପ୍ରବେଶ ନାହିଁ କାହିଁକି ? ତାର ଯୌନକାମନା ତାକୁ ହନ୍ତସନ୍ତ କଲା । ଜରରେ ପାଗଳଙ୍କ ପରି ବିଳିବିଳେଇଲା ସେ । ସ୍ତ୍ରୀଲୋକଟି ତା ଅବସ୍ଥା ଦେଖି କହିଲା -

"ଏମିତି ମରିବୁ କାହିଁକି ? ନେ ମତେ ଭୋଗ କର ।"

କିନ୍ତୁ ଅଦ୍ଭୁତ ଘଟଣା ଘଟିଲା । ଜରରେ ବିଳିବିଳେଇ ସେ ମାଆ ମାଆ ଡାକିଲା । ତାର ମାତୃତ୍ୱଜ୍ଞାନ ଆସିଲା । ଯୌନ ରୂପାନ୍ତରିତ ହୋଇଗଲା ଜନନୀ ଚେତନାରେ । ଉନ୍ନତ ମୂଲ୍ୟବୋଧରେ ।

କୌଣସି ପରିସ୍ଥିତିରେ ଆଦିମ ମଣିଷର ସ୍ଥିତିକୁ ବିଚାର କଲେ ତହିଁରେ ମାନବିକ ସଭ୍ୟତା ପରିସ୍ଫୁଟ ହୋଇ ନଥିଲା । ମାଆକୁ ସାଧାରଣ ନାରୀ ଭାବରେ ଦେଖିଥିଲା ଏ ମଣିଷ ଜାତି । ମାଆ ଯେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ, ଯାହା ଜଠରରୁ ଜନ୍ମ ନେଇଛି ତା ସହିତ ସହବାସ କରିବି ନାହିଁ, ଏହି ମୂଲ୍ୟବୋଧରୁ ବଡ଼ ସାମାଜିକ ମୂଲ୍ୟବୋଧମାନ ସୃଷ୍ଟି ହେଲା ଓ ସେଥିରୁ ଜନ୍ମନେଲା - ସ୍ନେହ, ଭକ୍ତି, ପ୍ରେମ, ସମ୍ମାନ । ସବୁ ମୂଲ୍ୟବୋଧର ଜନ୍ମ ଜାଣ ସେଇ ଉନ୍ନତ ଭାବ 'ମାଆ ଡାକ' । ସାମାଜିକ ସମ୍ମାନବୋଧ ମଧ୍ୟ ଏଇ ମାଆ ଜ୍ଞାନରୁ ହିଁ ଆସିଲା ।

ଓଡ଼ିଆ ଉପନ୍ୟାସ ଜଗତରେ ଏହି ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାରେ ପ୍ରଥମ ପଦକ୍ଷେପ 'ନର କିନ୍ନର' ।

ଜର୍ଜ ସହିତ ମୁକାବିଲା କଲେ ଏମାନେ -

ଅଫିମ ବିକାଳି କବିରାଜ ବୁଢ଼ା ସହିତ ବାର୍ତ୍ତାଳାପ । ଅମରତ୍ୱ ଦେବାର ଶକ୍ତି ଅଛି ଏ ମଣିଷର ଏ କଥା କବିରାଜ ବୁଢ଼ା ଯୁକ୍ତି ଦ୍ୱାରା ବୁଝାଇ ଦେଲେ ଓ ଜର୍ଜ ବୁଝିଗଲା ଅମରତ୍ୱର ଔଷଧ ଏଇ ମଣିଷ ପାଖରେ ଅଛି ଓ ତା ରବର କଣ୍ଢେଇକୁ ଜୀବନ୍ତ କରିବାର ତାର ପ୍ରଚେଷ୍ଟା ସେ ବ୍ୟକ୍ତ କରେ କବିରାଜ ବୁଢ଼ା ପାଖରେ । ନଜିର୍

Digitized by srujanika@gmail.com

ଚାଚା ହେଲେ ଗୁରୁର ପ୍ରତୀକ । ଅଙ୍ଗାର ରେଖାରେ ସହରର କାନ୍ଥରେ ଚିତ୍ର ଅଙ୍କନ କରୁଥିବା ଆର୍ଟିଷ୍ଟ -

ଚରଣ ରାଓ ହେଲେ ଆତ୍ମ ପ୍ରକାଶର ପ୍ରତୀକ ।

ହରିମିସ୍ତ୍ରୀ ଶିଖାଇଲେ - ତୁ ବଡ଼ ହେଲେ ମେକାନିକ ହବୁ । ତାଙ୍କ ଯନ୍ତ୍ରଟା ତାକୁ ଲାଗିଲା ଏଇ ମୁହୂର୍ତ୍ତରେ ଜୀବନ୍ତ ହୋଇ ଯିବ ପରା ।

କୁଷ୍ଠ ରୋଗୀଣିକୁ ବିବାହ ଓ ତାକୁ ପରିତ୍ୟାଗ କରିବା ଏ ସବୁ ହେଲା ନୈତିକତା ପର୍ଯ୍ୟାୟର ଶିକ୍ଷାର ଅଭିଜ୍ଞତା ।

ଜଡ଼ବାଦୀ ସମାଜରେ ଜର୍ଜ -

ସ୍ଲମରୁ ବାହାରି ଆସି ଜର୍ଜ ଆଧୁନିକ ଶିକ୍ଷା ଜଗତରେ ପ୍ରବେଶ କଲା । ତା ପାଖରେ ପ୍ରତିଷ୍ଠିତ ହୋଇଥିବା ପ୍ରତି ମୂଲ୍ୟବୋଧର ଓଲଟା ଆରୋପ ଦେଖିଲା ଏଠି ।

ବସ୍ତୁବାଦର ଜୟଜୟକାର ଶୁଭିଲା ଏଠି ତାକୁ । ସାମ୍ୟବାଦ ପାଇଁ ସମାଜବାଦକୁ ଭାଙ୍ଗିବା ହେଲା ଲକ୍ଷ୍ୟ ଏମାନଙ୍କର । ତାଙ୍କ ବିଚାରରେ ଯାରି ନାଁ ବିପ୍ଳବ । ବିପ୍ଳବର ଅର୍ଥ ଗଢ଼ା ଜିନିଷକୁ ଭାଙ୍ଗି ସମତୁଲ କରି ସାରିଲେ ଯାଇ ନୂଆ ଜିନିଷ ଗଢ଼ା ହେବ ।

ମିସ୍ ଆଡ଼ାମସ୍‌ଙ୍କ ସହିତ ପରିଚୟ । ଯାହାଙ୍କ ବ୍ୟକ୍ତିତ୍ୱ ଆହ୍ୱାନ ଦିଏ ଭୋଗବାଦର । ସେ ନିଜେ ମଧ୍ୟ ଉପଭୋଗ୍ୟା ହେବାରେ ଗର୍ବ କରନ୍ତି । ସ୍ତ୍ରୀ ପୁରୁଷ ସଂପର୍କ କେବଳ ଭୋଗରେ ରହିଛି । ସର୍ବହରାର ମାନ ରଖିବା ପାଇଁ ବିପ୍ଳବ ଦରକାର । ଏହି ହେଲା ଜଡ଼ବାଦୀ ସମାଜର ଶିକ୍ଷା ।

ଏଥିରୁ ଦିନେ ମୁକ୍ତି ମିଳିଲା ଜର୍ଜକୁ । ପଚାରିଲା ସେ "ଟ୍ରେନିଂ ସରିଲା ମସି ? ମୁଁ ସର୍ବହରାଙ୍କୁ ଉଦ୍ଧାର କରିବାକୁ ସମର୍ଥ ହୋଇଛି କି ?"

ତାଙ୍କ ଚିଫ୍ ଅଣ୍ଡର ଗ୍ରାଉଣ୍ଡରେ । ଶିକ୍ଷୟିତ୍ରୀ ନିଜ କାର୍ଯ୍ୟ ସମ୍ପାଦନ କରି ସାରି ଶୋଇ ପଡ଼ିଥିଲେ - ସେ ବର୍ତ୍ତମାନ ମୁକ୍ତ । ଅପୂର୍ଣ୍ଣତାରୁ ସଂପୂର୍ଣ୍ଣତା ଆଡ଼କୁ ଗତି କଲା ଜର୍ଜ ।

ଆଧ୍ୟାତ୍ମିକବାଦରେ ଜର୍ଜ :-

ରାଜପଥରେ ଆଲୋକରେ ଜର୍ଜ ଦେଖିଲା ସେମାନେ ଧାଡ଼ିବାନ୍ଧି ଚାଲିଛନ୍ତି । ସର୍ବହରାର ଦଳ । ସମସ୍ତେ ବିକଳାଙ୍ଗ । ସବା ପଛରେ କୁଷ୍ଠ ରୋଗିଣୀଟିର କାଖରେ ପିଲାଟିଏ । ସେ ଧାଇଁଯାଇ ସେ କୁଷ୍ଠ ରୋଗୀଣକୁ ଚୁମା ଦେଇ ପକାଇ କହିଲା - "ଦେଖ୍ ମୁଁ ଫେରି ଆସିଚି ।"

ଏହା କହି ଜର୍ଜ ସେ ପିଲାଟିକୁ କୋଳକୁ ନେଇଗଲା । ତା ସ୍ତ୍ରୀ କୋଳରେ ତାର ଚିର ଶତ୍ରୁ ବୀରା ସାମଲର ପୁଅ । କେହି ଜଣେ ସତେକି ତାକୁ ରକ୍ଷା କରୁଥିଲା ।

Digitized by srujanika@gmail.com

ମୁହୂର୍ତ୍ତକରେ ସେ ହୋଇଗଲା ସ୍ୱାମୀଟିଏ ପୁଣି ବାପଟିଏ । ଜର୍ଜ ତାଙ୍କ ସହିତ ସାମିଲ ହୋଇ ଆଗେଇ ଯାଇ ପାଟି କରୁଥିଲା – "ଏ ସର୍ବହରା ଦଳକୁ ମେଣ୍ଟା ଦିଅ" –

ହଠାତ୍ ପୁଲିସର ଆବିର୍ଭାବ – ଗୁଳି ଚାଲିଲା । ଜର୍ଜର ମୁଣ୍ଡରେ ବାଜିଲା ଗୁଳି । ତା ଆଖି ବନ୍ଦ ହେବା ପୂର୍ବରୁ ସେ ଦେଖିଲା କେହି ଜଣେ ମଣିଷ ତାପାଖକୁ ଆସି ତା ପାଟିରେ ପାଣି ଠୋପାଏ ଦେଲେ ଓ ପିଲାଟିକୁ ନେଇ ପଛରେ ଜଣଙ୍କୁ ବଢ଼ାଇ ଦେଲେ ।

ହଠାତ୍ ଯନ୍ତ୍ରଣା ଭିତରୁ ତାକୁ ତା ନିଜ ସ୍ୱର ଶୁଭିଲା – 'ମାଆ' – ଅପୂର୍ଣ୍ଣ ସଂସ୍କାରର ପ୍ରତୀକ ମାଙ୍କଡ଼ଟିଏ ହୋଇ ତା ଛାତି ଉପରେ ଏପଟରୁ ସେ ପଟକୁ ଡେଉଁଥିବାର ଦୃଶ୍ୟ ସେ ଦେଖି ପାରିଲା । ତା ସ୍ମୃତି ନିଥର ହୋଇଗଲା ।

ଆଜିର ସମୟରେ ଏହି ଧରଣର ଉପନ୍ୟାସକୁ ଅସ୍ତିତ୍ୱବାଦୀ ଉପନ୍ୟାସ ବୋଲି କୁହାଯାଏ । କିନ୍ତୁ ଯଥାର୍ଥରେ ଏହା ପାଶ୍ଚାତ୍ୟ ଅସ୍ତିତ୍ୱବାଦୀ ଧାରାର ଉପନ୍ୟାସ ନୁହେଁ । ଏହା ପଛରେ ଏକ ଆଧ୍ୟାତ୍ମିକ ଉପଲବ୍ଧି ରହିଛି ।

◆

Digitized by srujanika@gmail.com

ନର-କିନ୍ନର ଉପନ୍ୟାସ
ଜଗତ ବନାମ କେନ୍ଦ୍ର ଚରିତ୍ର ଜର୍ଜ ପ୍ରସଙ୍ଗରେ

ଡ. ସନ୍ତୋଷ ତ୍ରିପାଠୀ

ଓଡ଼ିଆ ଉପନ୍ୟାସ ସାହିତ୍ୟର ସୁଦୀର୍ଘ ପରମ୍ପରାରେ ଉଭୟ ଅନ୍ତଃରୀଣ ଭାବ-ଐଶ୍ୱର୍ଯ୍ୟ ଓ ବହିରଙ୍ଗୀୟ ସଂରଚନାତ୍ମକ ସୌନ୍ଦର୍ଯ୍ୟ ଦିଗରୁ ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଗଠିତ ଉପନ୍ୟାସ ଜଗତ ଅଧିକ ପ୍ରଭାବଯୁକ୍ତ ଓ ନୂତନ ମୂଲ୍ୟବୋଧ ପ୍ରତିଷ୍ଠାର ପରିମାପକ ହୋଇପାରିଛି । ବିଶ୍ୱ ସାହିତ୍ୟର ମହତ୍ତମ ଚେତନାକୁ ଏହି ଉପନ୍ୟାସର ଚିତ୍ର, ଚରିତ୍ର ଓ ବିନ୍ୟାସଚାତୁରୀ ନୂଆ ସମ୍ମୋହନ ଯୋଗାଇ ଦେଇଛି । ଉତ୍ତର ଉପନିବେଶବାଦୀ ଭାରତୀୟ ଉପନ୍ୟାସ ସାହିତ୍ୟରେ ବିଶ୍ୱର ଛାମୁଧାଡ଼ିର ନବନବଚେତନା ସହିତ ପ୍ରାଚ୍ୟ ଜନ୍ମାନ୍ତରବାଦୀ ଆତ୍ମବୋଧର ଦର୍ଶନଙ୍କୁ ମିଶାଇ ଏକ ଅଭିନବ ଧାରା ନିର୍ମାଣରେ ଶାନ୍ତନୁଙ୍କ ଅବଦାନ କମ୍ ନୂଆ ପ୍ରକାରର ନୁହେଁ । ସେ ଫକୀରମୋହନ - କାହ୍ନୁଚରଣ - ଗୋପୀନାଥଙ୍କ ପର୍ଯ୍ୟନ୍ତ ବିସ୍ତୃତ ଘଟଣା ପ୍ରଧାନ ଓ କାହାଣୀ ପ୍ରଧାନ ଉପନ୍ୟାସ ବିରଚନାର ଧାରାଟିକୁ ଅଣକାହାଣୀପ୍ରଧାନ ଭାବବାଦୀ ଧାରାରେ ରୂପାନ୍ତରିତ କରିଦେଇଛନ୍ତି । ଅତିବାସ୍ତବବାଦୀୟ ସାଙ୍କେତିକ ଶୈଳୀରେ ଉପନ୍ୟାସ ରଚନା କରି ସେ ସ୍ୱତନ୍ତ୍ର ପଦ୍ଧତିର ଓ ଭାବନିର୍ମାଣର ପରିଚିତିଟିଏ ଉପାର୍ଜନ କରିପାରିଛନ୍ତି । ବାସ୍ତବବାଦୀ ଚିନ୍ତାଧାରା, ଫ୍ରଏଡୀୟ ମନସ୍ତାତ୍ତ୍ୱିକ ବିଚାର, ୟୁଙ୍ଗଙ୍କ ସାଂସ୍କୃତିକ ଭାବମାନସର ପୁନର୍ଗଠନୀୟ କୌଶଳ, ମାର୍କସୀୟ ସାମ୍ୟବାଦୀ ଦର୍ଶନ, ଗାନ୍ଧିବାଦୀ ମୂଲ୍ୟବୋଧ, ବିବର୍ତ୍ତନ ବାଦୀୟ ତର୍କଣା, ମାନବତାବାଦୀ ଦୃଷ୍ଟିଭଙ୍ଗୀ ସହିତ ଭାରତୀୟ ଉଦାତ୍ତ ଅଧ୍ୟାତ୍ମବୋଧର ବିଜ୍ଞାନୋଚିତ ମିଶ୍ରଣ ଘଟାଇ ସ୍ଥିତିବାଦୀ ମାପକାଠିରେ ଚରିତ୍ରମାନଙ୍କୁ ସଜାଡ଼ି ଭାବକୈନ୍ଦ୍ରିକ ଉପନ୍ୟାସ ରଚନା କରିବା ଦିଗରୁ ଶ୍ରୀ ଆଚାର୍ଯ୍ୟ ଯେତିକି ନବମାର୍ଗୀ ସେତିକି ଅତୁଳନୀୟ । ତାଙ୍କର ପ୍ରଥମ ଉପନ୍ୟାସ "ନରକିନ୍ନର" (୧୯୬୨) ଠାରୁ 'ଶତାବ୍ଦୀର ନଚିକେତା', 'ତିନୋଟି ରାତିର ସକାଳ', 'ଯାତ୍ରାର ପ୍ରଥମ ପାଦ', 'ଅନ୍ୟ ଏକ ସମୟ ଅନ୍ୟ ଏକ

Digitized by srujanika@gmail.com

ଭାରତ', 'ଶକୁନ୍ତଳା', 'ମନ୍ତ୍ରୀଙ୍କ ସେୟାର', 'ସ୍ୱର୍ଣ୍ଣତ୍ରିଭୁଜ', 'ଧରିତ୍ରୀର କାନ୍ଦ', 'ଅନୁହଜିଯିବାପରେ' ଓ 'ଅନୋମାର କନ୍ୟା' ପର୍ଯ୍ୟନ୍ତ ପ୍ରାୟତଃ ୧୪ଖଣ୍ଡ ଉପନ୍ୟାସ ମାଧମରେ ଶ୍ରୀ ଆଚାର୍ଯ୍ୟ ଓଡ଼ିଆ କଥାସାହିତ୍ୟପ୍ରେମୀ ପାଠକ ମହଲରେଏକ ଚେତନାଉଜ୍ଜୀବନଶୀଳ ସ୍ପନ୍ଦନ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛନ୍ତି ।

ସ୍ଥିତିବାଦୀ ଦର୍ଶନର ପୃଷ୍ଠଭୂମିରେ ପ୍ରୋକ୍ତ ଭାବଚେତନାଗୁଡ଼ିକୁ ବିଜ୍ଞାନ, କଳା, ଦର୍ଶନ, ଲୋକଚାରୀୟ ବିଶ୍ୱାସ, ରାଜନୈତିକ ତର୍କଣା ଦୃଷ୍ଟିରୁ ପ୍ରୟୋଗ କରି ଶ୍ରୀ ଆଚାର୍ଯ୍ୟ 'ନରକିନ୍ନର' ଉପନ୍ୟାସକୁ ନିଜ ସୃଷ୍ଟି ସଂସାର ଭିତରେ ସର୍ବଶ୍ରେଷ୍ଠ କଳାକୃତି ରୂପରେ ପ୍ରତିଷ୍ଠିତ କରାଇ ନାହାଁନ୍ତି; ବରଂ ଚରିତ୍ର, ପରିବେଶ, ବସ୍ତୁ ସଂଯୋଜନା, ଶୈଳୀବିନ୍ୟାସ ଦିଗରୁ ଏହାକୁ ଆଧୁନିକ ଓଡ଼ିଆ କଥାସାହିତ୍ୟ ଧାରାରେ ଅନ୍ୟତମ ଶୈଳ୍ପିକ ମାନଦଣ୍ଡ ରୂପେ ଗଢ଼ିତୋଳିଛନ୍ତି । ୧୯୬୨ରୁ ଏଯାବତ୍ ଏହି ୫୦ ବର୍ଷ ମଧ୍ୟରେ ଏପରି ଏକ ଗୁଣାତ୍ମକ ଉପନ୍ୟାସ ଆଉ ଦ୍ୱିତୀୟବାର ହୋଇ ଲେଖାଯାଇନାହିଁ । ଚରିତ୍ର ସଂଘଟନା ଓ ତା'ର ଆବେଦନକୁ ବିଚାରକୁ ନେଇ ଏହି ଉପନ୍ୟାସର କେନ୍ଦ୍ର ଚରିତ୍ର 'ଜର୍ଜ'କୁ ଓଡ଼ିଆ ଉପନ୍ୟାସର କ୍ରମୋନ୍ନତିରେ ଏକ ମହାବୃତ୍ତାନ୍ତୀୟ ମିଥ୍ ରୂପେ ମର୍ଯ୍ୟାଦା ଦିଆଯାଇପାରେ । ପ୍ରଚ୍ଛନ୍ନଭାବେ ସମାଜକୁ ଓ ବ୍ୟକ୍ତିକୁ ଘେରି ରହିଥିବା କୁତ୍ସିତ ଓ ସଂକୁଚିତ ଧାରଣାଗୁଡ଼ିକୁ ଏବଂ ତା'ର ପ୍ରାକୃତିକ ହେୟତାଗୁଡ଼ିକୁ ଟପି ଅସୀମ ମାନବତାକୁ ସ୍ପର୍ଶ କରିବାର ଜିଜ୍ଞାସା ଓ ମହତ ବାସନାକୁ କଳାତ୍ମକ ଭାବରେ ଉନ୍ମୁକ୍ତ କରାଇ ଦେବାର ଏକ ଅଦମ୍ୟ ଓ ଶୁଭଗ ମାନସିକ ପ୍ରକ୍ରିୟାରୁ ଶାନ୍ତନୁଙ୍କ ଶିଳ୍ପୀପୁରୁଷ ଜର୍ଜ ଚରିତ୍ରକୁ ଜନ୍ମଦେଇଛି ଏବଂ ଅସୀମ ସାମର୍ଥ୍ୟରେ ଏ ଚରିତ୍ରକୁ ଅନ୍ୟମାନଙ୍କ ସାକାର ବିକାର ପ୍ରବୃତ୍ତି ସହିତ ନିର୍ବିକାରରେ ଯୋଡ଼ିଦେଇଛି; ଯାହା ଓଡ଼ିଆ ପାଠକ ପାଖରେ ଏ ପ୍ରକାର ହୋଇ ପୂର୍ବରୁ ଦେଖା ଦେଇନଥିଲା ।

ଚରିତ୍ର ନିର୍ବାଚନ ଓ ଉପସ୍ଥାପନା ଦୃଷ୍ଟିକୋଣରୁ ଔପନ୍ୟାସିକଙ୍କ ଶିଳ୍ପୀ ମାନସ ବାସ୍ତବ ଜୀବନ ଧାରାରେ ପ୍ରଚଳିତ ଜୀବନବୋଧ ଓ ସମାଜ କୈନ୍ଦ୍ରିକ ବ୍ୟବସ୍ଥାପ୍ରତି, ଯେଉଁ ମୂଲ୍ୟବୋଧରେ ଏବଂ ଯେଉଁ ସତ୍ୟରେ ବିଶ୍ୱାସ କରେ ତା'ର ଏକ ଉଗ୍ର ବାସ୍ତବବାଦ ସମ୍ପନ୍ନିତ କଳାତ୍ମକ ପ୍ରତିବନ୍ଧ ରୂପ ହେଉଛି 'ନର କିନ୍ନର' ଉପନ୍ୟାସର ଚରିତ୍ର ଜଗତ ଏବଂ ସେହି ବୃତ୍ତାୟୀତ ଜଗତରକେନ୍ଦ୍ର ଚରିତ୍ର ନାୟକ "ଜର୍ଜ" । ଜର୍ଜ ଚରିତ୍ର ଉକ୍ତ ଉପନ୍ୟାସର ଘଟଣା, ଗଳ୍ପ, ପରିବେଶ, ଚରିତ୍ର, ଶୈଳୀ ପ୍ରତିଟିକୁ ନିୟନ୍ତ୍ରଣ କରିଛି । ନମୁନା ସ୍ୱରୂପ " ସଂସାର ପେଟ ଓ ପାଟିର", "ଏଠି ମଣିଷ ବଞ୍ଚିବା ପାଇଁ ମାଙ୍କଡ଼ ପରି ଗଛ ଚଢ଼ି ଜାଣେ" (ନରକିନ୍ନର – ପ୍ରଥମଭାଗ) ଏପ୍ରକାର ସଂସ୍ଥିତିଶୀଳ ସତ୍ୟର ଅନୁସନ୍ଧାନୀ ଚରିତ୍ର ଜର୍ଜ ଯେପରି ଏକ ଜିଜ୍ଞାସୁ ସମାଜର କ୍ରିୟା ପ୍ରତିକ୍ରିୟାଶୀଳ ଚିତ୍ତବୃତ୍ତିର ପ୍ରତୀକ ଭାବରେ ଗତାନୁଗତିକ ମାନବୀୟ ପ୍ରବୃତ୍ତିର ପ୍ରବହମାନ ଧାରାକୁ ପ୍ରତ୍ୟକ୍ଷ ଉନ୍ମୋଚିତ କରାଇ ପାରିଛି ତାହା ସମଗ୍ର ଉପନ୍ୟାସର ବସ୍ତୁ ପ୍ରକାଶଧର୍ମୀ ଭାବଶୈଳୀକୁ ସାଙ୍କେତିକ

Digitized by srujanika@gmail.com

କରି ତୋଳିଛି । ପ୍ରତୀକବାଦୀ ଉପନ୍ୟାସ ଭାବରେ ପାଠକ ମାଙ୍କଡ଼, ରବର କଣ୍ଢେଇ, ମେଓ୍ବା, ହୀରା, ନାଲିସୂର୍ଯ୍ୟ, ବରଗଛ, ଚାକୁଣ୍ଡାମଞ୍ଜି ଇତ୍ୟାଦି ଯେଉଁ ଯେଉଁ ପ୍ରତୀକ ଗୁଡ଼ିକର ପରିଚୟରେ ଉକ୍ତ ଉପନ୍ୟାସର ଚିତ୍ର ଜଗତ ମାଧ୍ୟମରେ ଆସିଥାଏ, ସେହି ସେହି ପ୍ରତୀକ ଗୁଡ଼ିକର ପ୍ରୟୋଗାତ୍ମକ ଉଦ୍ଦେଶ୍ୟକୁ ଅଧ୍ୟୟନ କଲେ ବୋଧହୁଏ ଏସବୁ ଜର୍ଜର ମାନସିକତାର ଚେତନ ପ୍ରକ୍ରିୟାକୁ ବ୍ୟଞ୍ଜିତ କରୁଅଛନ୍ତି । ରବର କଣ୍ଢେଇଟି ଯେପରି ଭାବରେ ଜର୍ଜର ନିଃସଙ୍ଗ ମୁହୂର୍ତ୍ତର ସ୍ୱସ୍ତିକର ସାଥିଟିଏ ଭାବରେ ଦେଖାଦେଇଛି ସେହିପରି ମାଙ୍କଡ଼ ପ୍ରତୀକଟି ତାକୁ ଛଳସ୍ୱାର୍ଥର କିନ୍ନରତ୍ୱ ଭାବ ବିଜଡ଼ିତ ସଂସାର ସମ୍ପର୍କରେ ବାରମ୍ବାର ସଚେତନ କରାଇ ଦେଇଛି । ଚରିତ୍ରର ମାନସିକ ସଂଘର୍ଷ ତଥା ଚିତ୍ତ ଚାଞ୍ଚଲ୍ୟ ମଧ୍ୟରେ ସମାଜର ବିବିଧ ବାସ୍ତବ ରୂପକୁ ପ୍ରଦର୍ଶନ କରାଇବାରେ ଜର୍ଜ ଚରିତ୍ର ଏକ ଅନୁପମ ଚରିତ୍ର । ସୁତରାଂ "ନାଥନନା" (ମଲାଜହ୍ନ) ବରଜୁ (ମାଟିର ମଣିଷ), ସନିଆଁ (ଶାସ୍ତି), ବଳିଦତ୍ତ (ଦାନାପାଣି), ମୋହନ (ତାମସୀରାଧା), ରମେଶ କାଉଲ (ଅମାବାସ୍ୟାରେ ଚନ୍ଦ୍ର) ପ୍ରଭୃତି ଚରିତ୍ର ପରେ ଚରିତ୍ର ସଂରଚନା ଦିଗରୁ ରୂପବୃତ୍ତକୁ (Novel form) ପ୍ରଭାବିତ କରି ପାଠକ ଚିତ୍ତକୁ ଆକୃଷ୍ଟ କଲାପରି ଗୋଟିଏ ଶକ୍ତିଶାଳୀ ଚରିତ୍ର ନରକିନ୍ନର ଉପନ୍ୟାସର କିଶୋର ଚରିତ୍ର ନାୟକ "ଜର୍ଜ", ଏଥିରେ ଦ୍ୱିମତ ନ ଥାଇପାରେ ।

ସମାଜ ଜୀବନକୁ କେନ୍ଦ୍ରକରି ପ୍ରଚଳିତ ବିଶ୍ୱାସ, ପରମ୍ପରାବୋଧ ଓ ଆଦର୍ଶ ପ୍ରତି ଏକ ପ୍ରତିକ୍ରୀୟାଶୀଳ ଶିଳ୍ପୀ ମାନସ ନରକିନ୍ନରରେ "ଜର୍ଜ" ଚରିତ୍ର ସୃଷ୍ଟି କରିବାର ମୂଳଉତ୍ସ । ଏହି ଉପନ୍ୟାସର ଦ୍ୱୈତଜଗତ; ଅର୍ଥାତ୍ ଉପନ୍ୟାସର ପ୍ରଥମ ଭାଗରେ ପରିଦୃଶ୍ୟମାଣ ଜୈବିକ ପ୍ରବୃତ୍ତି ଉପରେ ପ୍ରତିଷ୍ଠିତ କିନ୍ନରତ୍ୱ ଭାବବିଜଡ଼ିତ ସହରୀଗଳି ବସ୍ତିର ସମାଜ ଓ ଜୀବନ ଏବଂ ଦ୍ୱିତୀୟ ଭାଗରେ ପ୍ରବୃତ୍ତିର ପ୍ରତିକ୍ରିୟାଶୀଳ ନୂତନ ମୂଲ୍ୟବୋଧର ଭାବପିଣ୍ଡ ଉପରେ ଆଧାରିତ ସଭ୍ୟ ମଣିଷର ଜଗତ । ଉଭୟକୁ ବିଶ୍ଳେଷଣ କଲେ ଏହା ସ୍ଥିର ନିଶ୍ଚିତ ବୋଧହୁଏ ଯେ ନରକିନ୍ନର ଉପନ୍ୟାସରେ ପାରମ୍ପରିକ କାହାଣୀ ଉର୍ଦ୍ଧ୍ୱରେ ଯେଉଁ ଜୀବନଧର୍ମୀ ସତ୍ୟ ସମ୍ବଳିତ ଗଳ୍ପାଂଶଟି ପ୍ରତି ସରିତ ତାହା ମାନବ ସଭ୍ୟତା ଓ ସମାଜର ବିବର୍ତ୍ତନ ଇତିହାସ ଦୃଷ୍ଟିରୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧୋତ୍ତର ବିଜ୍ଞାନ ପ୍ରଭାବିତ ସାମାଜିକ ଜୀବନର ସ୍ୱରୂପ ଉଦ୍‌ଘାଟନରେ ଯଥେଷ୍ଟ ସ୍ୱାଭାବିକତାର ସ୍ୱାକ୍ଷର ଦେଇ ପାରିଛି । କିନ୍ନରତ୍ୱ ଭାବନାଟି ଏହି ଉପନ୍ୟାସର ଶିଳ୍ପସଂସାରର ପ୍ରତ୍ୟେକ ମୁଖ୍ୟ ଓ ଗୌଣଚରିତ୍ର ଭିତରେ ପ୍ରତୀକାତ୍ମକ ଚାତୁରୀରେ ସଂଯୁକ୍ତ ହୋଇ ରହିଛି । 'ନରକିନ୍ନର'ର ଚରିତ୍ର ସଂସାରଟି ଗୋଦରୀ ବୁଢ଼ୀ, ପଞ୍ଜାବୀ ସ୍ତ୍ରୀ, ଲଣ୍ଡ୍ରୀବାଲୀ ଓ ଲଣ୍ଡ୍ରୀବାଲି ବୁଢ଼ୀ, କଲେଜ ଝିଅ, ମିସ୍ ଆଡ଼ାମସ୍, କୋଷ୍ଠ ରୋଗିଣୀ ଇତ୍ୟାଦି ସାତଗୋଟି ନାରି ଚରିତ୍ର ଏବଂ ନଜିର ଚାଚାଠାରୁ ଗରୁଡ଼ ପର୍ଯ୍ୟନ୍ତ ବିଂଶାଧିକ ପୁରୁଷ ଚରିତ୍ରର ସମବାୟରେ ପରିକଳ୍ପିତ । ଏସବୁ ଚରିତ୍ର ନିର୍ବାଚନ ଓ ସୃଷ୍ଟି ରହସ୍ୟର ଅନ୍ତରାଳରେ ଔପନ୍ୟାସିକଙ୍କର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ । ପ୍ରାୟତଃ ଓଡ଼ିଆ ଉପନ୍ୟାସର ଚରିତ୍ର ସମାଜରେ

Digitized by srujanika@gmail.com

ଫକୀର ମୋହନଙ୍କଠାରୁ କାଳିନ୍ଦୀ ଚରଣ, କାହ୍ନୁ ଚରଣ, ଗୋପୀନାଥ, ନିତ୍ୟାନନ୍ଦ, ସୁରେନ୍ଦ୍ର, ଗୋବିନ୍ଦ ଦାସ, ବିଭୂତି, ଚନ୍ଦ୍ରଶେଖର, ପ୍ରସନ୍ନ, କିଶୋରୀଚରଣ, ପ୍ରତିଭା, ମନୋଜ, ପଦ୍ମଜଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଛାମୁଧାଡ଼ିର ଔପନ୍ୟାସିକଙ୍କ ମୁଖ୍ୟନାୟକ ଚରିତ୍ର ଯୁବକ, ପ୍ରୌଢ଼ ଅଥବା ପରିପକ୍ୱ ବୟସର ଏବଂ ଏମାନଙ୍କ ଭିତରୁ ଅନେକଙ୍କ କଥା ପୁରୁଷ ସାଂସାରିକ ଜୀବନ, ପାରିବାରିକ ବାସ୍ତବବାଦୀ ଜୀବନ, ରୋମାଣ୍ଟିକ ଆବେଗିକ ଜୀବନ ଅଥବା ଆଦର୍ଶବାଦୀ ବ୍ୟକ୍ତିଜୀବନ ବଂଚିଛନ୍ତି । ପ୍ରତ୍ୟେକଙ୍କ ଉପନ୍ୟାସ ଭିତରେ ସାମାଜିକ ହେଉ କି ରୋମାଞ୍ଚକର ଭାବନାର ହେଉ କାହାଣୀବୃତ୍ତଟିଏ ରହିଛି । ଏହି କାହାଣୀବୃତ୍ତ ଭିତରେ କଥାନାୟକ ଅନେକ ସହଯୋଗୀ ଚରିତ୍ର ମେଳରେ ଆତଯାତ ହୋଇଛି । କାହ୍ନୁଚରଣଙ୍କ ଭାଷାରେ – ଆମ ସମୟର ଉପନ୍ୟାସ କାହାଣୀଟିଏ ହିଁ କହିଛି । 'ନରକିନ୍ନର' ଉପନ୍ୟାସର ମୁଖ୍ୟଚରିତ୍ର କିଶୋର ଜର୍ଜ । କିଶୋର ଚରିତ୍ରଟି ଜୀବନ, ଜଗତ, ସତ୍ୟ, କ୍ଷୁଧା, ସଂଗ୍ରାମ, ଯୌନାବେଗ, ପରିଶ୍ରମ ଓ ଅଜ୍ଞାତ କୌତୁହଳକୁ ଜାଣିବା ଏବଂ ତା' ସହିତ ଜଡ଼ିତ ହେବାର ଉତ୍‌କଣ୍ଠାକୁ ନେଇ ଯେଉଁ ଭାବଜଗତ ଗଢ଼ି ହୋଇଯାଇଛି ତାହା ଓଡ଼ିଆ ଉପନ୍ୟାସରେ ଅନଭାବିତପୂର୍ବ ଓ ବ୍ୟତିକ୍ରମୀ ସର୍ଜନଶୀଳତାର ଦୃଷ୍ଟାନ୍ତ । ସଂପୂର୍ଣ୍ଣ ଅଣକାହାଣୀପ୍ରଧାନ କଳାବୃତ୍ତ ଭିତରେ ଜର୍ଜ ଚରିତ୍ରର ଜନ୍ମ, ବିକାଶ ଓ ପ୍ରସାର ଘଟିଛି । ଜର୍ଜକୁ ନେଇ ନୂଆ ଧାରାରେ ଉପନ୍ୟାସରେ କେବଳ ଛୋଟବଡ଼ ଭାବପ୍ରଧାନ ଘଟଣା ଓ ସମସ୍ୟା ଘଟିଛି । ଜର୍ଜ ସେସବୁ ସମସ୍ୟା ଓ ଘଟଣାକୁ ଗତାନୁଗତିକ ଧାରାରେ ସମ୍ମୁଖୀନ ନହୋଇ ଚେତନାସ୍ତରରେ ସେଗୁଡ଼ିକୁ ଏକ ଏକ 'ଭାବ' (ଆଇଡ଼ିଆ) ରୂପରେ ଭୋଗ କରୁଛି । ଜର୍ଜ ହୋଇଯାଇଛି ଓଡ଼ିଆ ଉପନ୍ୟାସରେ ଜୀବନକୁ ଦେଶକାଳ ପାତ୍ରରେ ଭୋଗ କରୁଥିବା ଏକ ନୂଆ ମିଥ୍ ଓ ଏହାହିଁ ତା' ସୃଷ୍ଟିର ସ୍ୱାତନ୍ତ୍ର୍ୟ ।

ପ୍ରୋକ୍ତ ସ୍ୱାତନ୍ତ୍ର୍ୟକୁ ସମଧିକ ଗୁଣାତ୍ମକ ମୂଲ୍ୟଦିଏ ଜର୍ଜ ଚରିତ୍ରର ପ୍ରବାହମାନ ପରିବର୍ତ୍ତିତ ଚିତ୍ରଣ, ଯାହା ମାନବ ସମାଜର ଐତିହାସିକ ପ୍ରସିଦ୍ଧ ବିବର୍ତ୍ତନବାଦକୁ ପାଠକ ସାମ୍ନାରେ ପହଁଚାଇଦିଏ । ମଣିଷର ସୃଷ୍ଟି ରହସ୍ୟ ସମାଜ ସଂସ୍ପର୍ଶ ଓ ସଭ୍ୟତା ସମ୍ପନ୍ନ ହେବାର ବିବର୍ତ୍ତିତ ଧାରା ଜର୍ଜ ଚରିତ୍ରର ପ୍ରାରମ୍ଭ ଓ ପରିଣତି ଭିତରେ ପ୍ରତ୍ୟକ୍ଷ ପ୍ରତିଭାତ ହୋଇଉଠେ । ଏହି ପରିପ୍ରେକ୍ଷୀରେ ନରକିନ୍ନରର କଳାଜଗତକୁ ପର୍ଯ୍ୟାଲୋଚନା କଲେ ପାଠକ ଲକ୍ଷ୍ୟ କରେ ଜର୍ଜର ସୃଷ୍ଟିହୁଏ ଏକ ଜୈବିକ ପରିବେଶରେ, ପ୍ରସାରିତ ହୁଏ ଏକ ପାଶବିକ ପ୍ରତିକ୍ରିୟାର ଭିତରେ ଏବଂ ତା'ର ଅନ୍ତ ଘଟେ ମଣିଷ ସହିତ ବତରି ହୋଇଯିବା ବୃହତ୍ତମ ଚେତନାରେ – ଏହା ସତ୍ୟ ନ୍ୟାୟର ପ୍ରତୀକ ବରଗଛକୁ ସାକ୍ଷୀରଖି ନର୍ଦ୍ଦମାରେ ପିତୃମାତୃ ପରିଚୟହୀନ ଅନାଥ ରୂପେ ଜର୍ଜ ଜନ୍ମନିଏ । ପ୍ରତିପାଳିତ ହୁଏ ଜଣେ ବାକ୍‌ଶକ୍ତି ରହିତ ମୂକ ଖ୍ରୀଷ୍ଟାନ୍ ପ୍ରୌଢ଼ ପାଖରେ ଏବଂ ପ୍ରାକ୍ କିଶୋର ଅବସ୍ଥା ପର୍ଯ୍ୟନ୍ତ ତା'ର ଜୀବନ ଏକ କିନ୍ନର ପ୍ରବୃତ୍ତି ସଂପନ୍ନ ମଣିଷ ଜୀବନ ପରି ଅତିବାହିତ ହୋଇଥାଏ । ପଶୁପରି କେବଳ ଖାଇବା ଏବଂ ଶୋଇବାହିଁ ଏହି ସମୟରେ ଜର୍ଜ ଜୀବନର ପ୍ରଧାନ କାର୍ଯ୍ୟ ହୋଇଛି । ଏଯାବତ୍ ମଣିଷ

Digitized by srujanika@gmail.com

ସମାଜ ବିଷୟରେ ଜର୍ଜ ସଂପୂର୍ଣ୍ଣ ଅଜ୍ଞ । ଜର୍ଜ, ପାଳନକର୍ତ୍ତା ବୃଦ୍ଧଟିର ମୃତ୍ୟୁ ପରେ ଅସହାୟ ଭାବରେ ଖ୍ରୀଷ୍ଟିୟାନ ବୃଦ୍ଧଙ୍କ ସୀମିତ ଗୃହର ପରିସୀମାରୁ ଭୟରେ ଛାଟିପିଟି ହୋଇ ମଣିଷ ସମାଜର ସଂସ୍ପର୍ଶରେ ପ୍ରଥମଥର ପାଇଁ ଆସେ । ପ୍ରଥମେ ଜର୍ଜ-ଗୋଦରୀବୁଢ଼ୀ ଓ ତା'ର କ୍ୟାବିନ୍‌କୁ କେନ୍ଦ୍ରକରି ଗଢ଼ି ଉଠିଥିବା ଜୈବିକ ଜୀବନ ବିଶ୍ୱାସୀ, କଳୁଷିତ ବିକାରଗ୍ରସ୍ତ ମାନସିକତାର ଶିକାର କାମାୟା, ନାଜିର ମିଆଁ, ଚରଣ ରାଓ, ଲଣ୍ଡୀବାଲୀ ବୁଢ଼ୀଙ୍କ ସମବାୟ ସଂଗଠିତ ସମାଜ ସହିତ ଜଡ଼ିତ ହୋଇପଡ଼େ । ଏହିଠାରେ ଜର୍ଜ ଦେଖେ ମଣିଷ - ବାଘ ମଣିଷ, ମାଙ୍କଡ଼ ମଣିଷ । ଏ କ୍ଷେତ୍ରର ପରିବେଶକୁ ନିୟନ୍ତ୍ରଣ କରୁଥିବା ସମାଜର ପ୍ରଭାବରେ ପାଠକ ଦେଖେ ଜର୍ଜ ନିଜ ଚିତ୍ତବୃତ୍ତିର ନିଷ୍ପାପଣ ତଥା କୈଶୋରୀୟ ସୌକୁମାର୍ଯ୍ୟର ନୈତିକ ଶୃଙ୍ଖଳାକୁ ହରାଇ ନିହାତି ମାନସିକ ସ୍ତରରେ ଅନେକ କିନ୍ନର ପ୍ରବୃତ୍ତିର ଭାବାନ୍ତରକୁ ଭେଟିଛି । ଏହିଠାରେ (ସହରର ନିହାତି ସହଜାତ ଜୀବନ ବଂଚୁଥିବା ଗଳିରେ) ଶିକ୍ଷା କରିଛି ଈର୍ଷା, ଦ୍ୱେଷ, ଯୁକ୍ତି, ତର୍କ ଏବଂ ଯୌନତା । ବୀର ସାମଲ ଓ କାମାୟା ଠାରୁ ସେ ଶୁଣିଛି "ମାଇକିନିଆ ନିଶା କେତେ ପ୍ରବଳ ।" ସେଥିପାଇଁ ନାଜିର ମିଆଁ ଓ ଗୋଦରୀ ବୁଢ଼ୀର ସଂପର୍କକୁ ନେଇ ମନସ୍ତାତ୍ତ୍ୱିକ ସଂଘର୍ଷ ଭିତରେ ଅନେକ ସମୟରେ ସେ ଈର୍ଷାତୁର ହୋଇ ଉଠିଛି । ମାତ୍ର ସବୁଠାରୁ ବଡ଼କଥା ଜର୍ଜ ଏହି ପରିବେଶରୁ ସମାଜକୁ ଚିହ୍ନିବାକୁ ଓ ଜାଣିବାକୁ ଜିଜ୍ଞାସା ତଥା ଆଗ୍ରହ ପ୍ରକାଶ କରିଛି । ଉପନ୍ୟାସର ପ୍ରଥମ ଭାଗର ଶେଷାନ୍ତ ବେଳକୁ ଜର୍ଜ ଏକ ପରିପକ୍ୱ କିଶୋର ଯିଏ ସମାଜ; ମଣିଷ, ଜୀବନ, ଚିତ୍ର, ବିଜ୍ଞାନ, ଆଦି ପ୍ରତିଟି ପରିବେଶ, ଚରିତ୍ର ଓ ଅବୟବ ପ୍ରତି ପ୍ରତିକ୍ରିୟାଶୀଳ । ଗୋଟିଏ ପଟରେ ନାଜିର ମିଆଁର ଦର୍ଶନ ଓ ତତ୍ତ୍ୱାବଧାନ ଏବଂ ଅନ୍ୟ ପକ୍ଷରେ ହରିମିସ୍ତ୍ରୀ ଓ କବିରାଜ ବୁଢ଼ାର ସ୍ଥିତିଶୀଳ ଜୀବନ ଚର୍ଯ୍ୟାର ନୀତି ଭିତରେ ଜର୍ଜ ବେଶ୍ ଆଧୁନିକ ସଭ୍ୟତା ସମ୍ପନ୍ନ ଚିତ୍ତ ବୃତ୍ତିର ଗ୍ରାହକ ହୋଇ ଉଠିଛି ।

ଅପର ପକ୍ଷରେ ଉପନ୍ୟାସରେ ଦ୍ୱିତୀୟ ଭାଗରେ ଗୋଦରୀ ବୁଢ଼ୀର ମୃତ୍ୟୁ ପରେ ଜର୍ଜ କ୍ରମଶଃ ଏକ ଜୈବିକ ପ୍ରକୃତି ପ୍ରଭାବିତ ସମାଜରୁ ଉତ୍ତୀର୍ଣ୍ଣ ହୋଇ ଆଧୁନିକ ବାମମାର୍ଗୀ ସ୍ଥିତିବାଦ କୈନ୍ଦ୍ରିକ ରାଜନୈତିକ ମଣିଷର ସମାଜରେ ପ୍ରବେଶ କରିଛି । ଏଠି ମଣିଷ ଯୌନ ଉଷ୍ଣତା ଲୋଭୀ ବୀର ସାମଲ କାମାୟା ନୁହେଁ, ବରଂ ଯେଉଁମାନଙ୍କ ସଂଗତରେ ଜର୍ଜ ଆସିଛି ସେମାନେ ସ୍ଥିତିବାଦୀ-ଆତ୍ମକୈନ୍ଦ୍ରିକବାଦୀ ସାଂପ୍ରତିକ ସମାଜର ଆଧୁନିକ ସଭ୍ୟ, ଶିକ୍ଷିତ ଓ କୌଶଳୀ ବୁଦ୍ଧିମତ୍ତାର ଖେଳଖେଳି ପାରୁଥିବା ପାରିଲା ପଣିଆର ମଣିଷ । ସେମାନେ ହେଲେ ସାଧାରଣ ମଣିଷର ଧର୍ମବିଶ୍ୱାସକୁ ଠକି ଚାରିଚାରିଟା ସ୍ତ୍ରୀଙ୍କୁ ନେଇ ଭୋଗିଲା ଜୀବନ ବଂଚୁଥିବା ବୈଷ୍ଣବଗରୁଡ଼, ଆନନ୍ଦଭସ୍କି, ଆଡ଼ାମସ୍, କଲେଜ ଛାତ୍ରୀ ...ଏମିତି ଦଶରୁ ଅଧିକ ଚରିତ୍ର । ସମସ୍ତେ ମେଓ୍ୱା / ହୀରା / ଇପ୍‌ସିତ ଫଳ / ଜୀବନର ସହଜ ସୁଖ ତଥା ପରମସତ୍ୟକୁ ଖୋଜୁଥିବା, ଲୋଡୁଥିବା ଜୀବନବାଦୀ ମଣିଷ । ସମସ୍ତେ ବ୍ୟକ୍ତିବାଦୀ, ନିଜ ଅସ୍ତିତ୍ୱ ପ୍ରତି ସଚେତନ ଏବଂ ଏଦିଗରୁ ବ୍ୟକ୍ତିଗତ ସାଫଲ୍ୟ ଅନ୍ୱେଷଣକାରୀ ମଣିଷ ।

Digitized by srujanika@gmail.com

ଏସବୁ ଚରିତ୍ରର ଶିକ୍ଷା, ପ୍ରଭାବ ଓ ପ୍ରେରଣାକୁ ପୁଞ୍ଜି କରି ଜର୍ଜ ବଂଚିବା ପାଇଁ ସମାଜବାଦୀ ଚରିତ୍ର ଭାବରେ ଦାବି ସାବ୍ୟସ୍ତ କରିବାକୁ ଯାଇ ଏକ କୋଷ୍ଠ ରୋଗୀଣୀର ଜାରଜ ପୁତ୍ରକୁ ରକ୍ଷା କରିବା ସମୟରେ ବିପ୍ଳବୀ ସହୀଦ୍ ଭାବରେ ପୁଲିସ୍ ଗୁଳିରେ ମୃତ୍ୟୁ ବରଣ କରିଛି । ପରୋକ୍ଷରେ ଏ ମୃତ୍ୟୁ ତାକୁ ମଣିଷଣ କଲ୍ୟାଣକର ଯାତ୍ରା ସହିତ ଯୋଡ଼ି ଦେଇଛି ।

ସୁତରାଂ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ପରିବର୍ତ୍ତନଶୀଳ ଗଳ୍ପାଂଶ ଭିତରେ ପାଠକ ଯେଉଁ ଚରିତ୍ର ସମାଜ, ପରିବେଶର ପରିଚୟ ଲାଭକରେ ତାହାର ବିବର୍ତ୍ତିତ ଧାରାକୁ ଅଧ୍ୟୟନ କଲେ ନିଶ୍ଚିତ ଜଣାଯାଏ, ଏହାର ଅନ୍ତରାଳରେ ଅସଭ୍ୟ ଅମାର୍ଜିତ କିନ୍ନର ମଣିଷ ସଭ୍ୟ ନରରେ ପରିଣତ ହେବାର ଡାର୍‌ଉଇନ୍‌ଙ୍କ ବିବର୍ତ୍ତନବାଦ ସମ୍ମତ ରହସ୍ୟାତ୍ମକ ଯୁକ୍ତି ଓ ତର୍କ ପ୍ରତ୍ୟକ୍ଷଭାବେ ସାଙ୍କେତିକ ହୋଇ ଉଠିଛି । ଏ ଦୃଷ୍ଟିରୁ ଶ୍ରୀ ଆଚାର୍ଯ୍ୟଙ୍କ ମାନସ ସଂଭୂତ ଜର୍ଜ ଚରିତ୍ର ନରକିନ୍ନରର ଚିତ୍ର ଚରିତ୍ର ସଂସାରକୁ ମୂଳକରି ଓଡ଼ିଆ ଉପନ୍ୟାସରେ ଏକ ଅନୁପମ ଚରିତ୍ର । ବିଜ୍ଞାନର ସିଦ୍ଧାନ୍ତ ଓ ସକାରଣ ଉପଲବ୍ଧି କଳାତ୍ମକ ତରିକାରେ ଜର୍ଜକୁ ଓ ତା'ର ମାନସିକ ଧାରଣାର ପରିବର୍ତ୍ତନକୁ ଆଧାର କରି ଏହି ଉପନ୍ୟାସରେ ଆତ୍ମପ୍ରକାଶ କରିଛି । ବିଶ୍ଳେଷଣ କଲେ - ପ୍ରତିଟି ଚରିତ୍ରର ନାଭିବିନ୍ଦୁ ସ୍ଥିତିବାଦୀ ଶିଳ୍ପୀ ପୁରୁଷର ବାସ୍ତବତା ସଂପନ୍ନ ସାମାଜିକ ଉପଲବ୍‌ଧି ଓ ପ୍ରଗାଢ଼ ଦାର୍ଶନିକ (ସମାଜର ବାସ୍ତବ ସ୍ୱରକୁ ଦ୍ରଷ୍ଟା ଭାବରେ ଦେଖିବାର ଆକାଂକ୍ଷା ଓ ତଦ୍ ଲବ୍‌ଧ ଅନୁଭୂତି) ସୁଲଭ ଚିତ୍ତ ବୃତ୍ତି ମଧ୍ୟରେ ସଂଗୁପ୍ତ ଥିବାର ଲକ୍ଷ୍ୟ କରାଯାଏ । ବିଚ୍ଛିନ୍ନତାବୋଧ, ନିଃସଙ୍ଗତା ବୋଧ ଏବଂ ପ୍ରଚଳିତ ଜଟିଳ ସମାଜରେ ଜୀବନ ପ୍ରତି ଶଙ୍କାଶୀଳ ମୋହ, ଏହିସବୁ ଦୃଷ୍ଟିରୁ ନର କିନ୍ନରର ଚରିତ୍ର ସଂସାର ଅଧିକ ଅସ୍ତିତ୍ୱବାଦୀ । ହରିମିସ୍ତ୍ରୀ, କବିରାଜବୁଢ଼ା, ଗରୁଡ଼, ରେଳଧାରଣାରୁ କୋଇଲା ସଂଗ୍ରହ କରୁଥିବା ବୁଢ଼ୀ ଇତ୍ୟାଦି ଚରିତ୍ରଗୁଡ଼ିକ ଉପନ୍ୟାସରେ ନିହାତି ସ୍ଥିତିବାଦୀ ଚରିତ୍ର । ପ୍ରୋକ୍ତ ଚରିତ୍ରମାନଙ୍କର ଭିନ୍ନଭିନ୍ନ ଆଦର୍ଶ ସଂପନ୍ନ ସ୍ଥିତିଶୀଳକାର୍ଯ୍ୟକୁ ଜିଜ୍ଞାସା ମଧ୍ୟରେ ଲକ୍ଷ୍ୟକରି ଜର୍ଜ ମଣିଷ ଜୀବନ ପ୍ରତି ଯେଉଁ ତର୍କ ଓ ସ୍ୱାଭାବିକ ଆନୁଗତ୍ୟ ପ୍ରକାଶ କରିଛି ସେସବୁ ମଧ୍ୟରୁ କେତୋଟି ଏହିପରି :

ଉପନ୍ୟାସଟିର କି ଗୌଣଚରିତ୍ର, କି ପାର୍ଶ୍ୱଚରିତ୍ର ଅଥବା ପ୍ରମୁଖ ଚରିତ୍ର ସମସ୍ତେ ଜର୍ଜକୁ ଏକ ଅସମ୍ଭବ ଶକ୍ତିର ଓ ନୂତନ ମୂଲ୍ୟବୋଧର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ନାଜିର ମିଆଁ, ହରିମିସ୍ତ୍ରୀ, କବିରାଜବୁଢ଼ା, ଚରଣରାଓ.... ପ୍ରତ୍ୟେକ ଭାବିଛନ୍ତି ସେମାନଙ୍କର ନିଜ ନିଜର ସ୍ଥିତିଧର୍ମୀ ପ୍ରବୃତ୍ତି, ବିଶ୍ୱାସ ଓ ଆଦର୍ଶକୁ (କଳାଗତ, ଭେଷଜବିଦ୍ୟାଭିତ୍ତିକ, କାରିଗରୀ କୌଶଳମୂଳକ/ଗୋଷ୍ଠୀ ଜୀବନର ନେତୃତ୍ୱ ନେବାର ରାଜନୀତିକ ସଂସ୍କାରମୂଳକ) ଜର୍ଜ ଗ୍ରହଣ କରିବ, ପ୍ରଚାର କରିବ ଓ ତାହା ମାଧ୍ୟମରେ ଏକ ନୂତନ ମୂଲ୍ୟବୋଧର ସାମାଜିକ ପରିବର୍ତ୍ତନ ଅଣାଯାଇପାରିବ । ସେଥିପାଇଁ ତତଲା ତେଲ କଡ଼େଇରେ ଚେଁଚାଁ,

Digitized by srujanika@gmail.com

ଚଟ୍‌ଚାଟ୍ କରି ବରା ପକାଉ ପକାଉ ଗୋଦରୀ ବୁଢ଼ୀ ଜର୍ଜଙ୍କୁ ଦେଖିଛି ଓ ତା' ଆଖିରୁ ଏକ ଆସ୍ତିସୂଚକ ମମତା ଗ୍ରହଣର ଦରଦୀ ସ୍ୱଭାବଙ୍କୁ ସନ୍ଧାନ କରିଛି । ସେ ଜର୍ଜଙ୍କୁ ପାଳିପୋଷି ନିଜ ଭିତରେ ଜଡ଼େଇ ଧରୁ ଧରୁ ସବୁବେଳେ ଆଶା କରିଛି, ଯୁକ୍ତି ବାଢ଼ିଛି, ଅଭିମାନରେ ରାଗିଛି, ଭାଙ୍ଗିପଡ଼ିବା ଭିତରେ ଲୁହ ପୋଛି ପୋଛି ଦାବି କରିଛି - ଜର୍ଜ ତା'ଙ୍କୁ ଥରୁଟିଏ 'ମାଆ' ବୋଲି ଡାକୁ । କବିରାଜ ବୁଢ଼ା ତା'ଙ୍କୁ ଅମରୀ ବୃକ୍ଷର ସଂଧାନ ଦେଇଛି, ସଂଜୀବନୀର ନାନା ସିଦ୍ଧାନ୍ତ କଥା ବଖାଣିଛି ଓ ଏସବୁ ଭିତରେ ଆଶାପୋଷଣ କରିଛି - "ଏଇ (ଜର୍ଜ) ପାରିବ, ମଲା ମଣିଷଙ୍କୁ ବଂଚେଇ ପାରିବ ।"

ଚରଣ ରାଓ ଜର୍ଜଙ୍କୁ ନିଜର ଅଙ୍ଗାର ଅଙ୍କିତ କଳା ଚାତୁରୀ ବିଷୟରେ ଶିକ୍ଷା ଦେଇଛି । ଏହି ଶିକ୍ଷାର ମୂଳରେ ରହିଛି ଜର୍ଜ କଳା ମାଧ୍ୟମରେ ସମାଜରେ ଗୋଟାଏ ନୂତନ ଅଥଚ ସ୍ୱାଭାବିକ ପରିବର୍ତ୍ତନ ଆଣିପାରିବ । ହରିମିସ୍ତ୍ରୀ, ବୀରସାମଲ, କାମାୟା, ମିସ୍ ଆଡ଼ାମସ୍, ଗରୁଡ଼ ପ୍ରତ୍ୟେକ ତାଙ୍କୁ କୋଳେଇ ନେଇ ବଂଚିବାର ଉପାୟ ଶିକ୍ଷାଦେଇ ଗତାନୁଗତିକ ବିଶ୍ୱାସରେ ପ୍ରଗତିଶୀଳ ବିଶ୍ୱାସ ସଂଶ୍ଳିଷ୍ଟ କରି ପାରିବ ବୋଲି ଆଶାୟୀ ହୋଇ ଉଠିଛନ୍ତି । ଆନନ୍ଦଭସ୍କିଙ୍କ ମତରେ ଜର୍ଜହିଁ "ଭୋକିଲା ପିମ୍ପୁଡ଼ି ପରି ଧାଡ଼ି ବାନ୍ଧିଥିବା ସହରର ଅଭାବୀ ଭୋକିଲା ମଣିଷ ପିଲାଗୁଡ଼ାଙ୍କୁ ମେଓ୍ୱାର ସଂଧାନ ଦେଇପାରିବ । ଜର୍ଜ ହିଁ ଏ ସମାଜକୁ ନୂଆ ଜୀବନର ସତ୍ୟ ଓ ସାଫଲ୍ୟ (ମେଓ୍ୱା) ଯୋଗାଇ ପାରିବ ।"

ଆଜିକୁ ପଚାଶବର୍ଷ ତଳେ ଔପନ୍ୟାସିକ ଶାନ୍ତନୁକୁମାର ନିଜ କିଶୋରାବସ୍ଥାର ବହୁବର୍ଣ୍ଣା ଜୀବନାନୁଭୂତିରୁ ଅନେକ ବଳିଷ୍ଠ ସାରାଂଶ ଆଣି ଜର୍ଜ ଚରିତ୍ରଙ୍କୁ ଉଭା କରାଇଥିଲେ । ସାମ୍ୟବାଦ, ମାନବତାବୋଧ, ଅସ୍ତିତ୍ୱବାଦ, ଅତିବାସ୍ତବବାଦ ଓ ସର୍ବୋପରି ବିବର୍ତ୍ତନବାଦୀ ଆଧ୍ୟାତ୍ମିକ ରହସ୍ୟକୁ ମିଶାଇ ସେ ଜର୍ଜର ଜନ୍ମଜାତକ ଗଢ଼ିଥିଲେ । ଜର୍ଜଙ୍କୁ ଏକ ତୀକ୍ଷ୍ଣ ସଂଜୟୀ ଦୃଷ୍ଟି ଦେଇଥିଲେ । ଜର୍ଜ ତା'ର କିଶୋରାବସ୍ଥା ଭିତରେ ଅନୁଭବ କରିଛି :

★ ମଣିଷର 'ମୁଁ'ଟି ଏକ ଚିରନ୍ତନ ବିପ୍ଲବୀ । ସେ ଆପଣାକୁ ଆପେ ଗଢ଼େ, ବଂଚାଏ, ବିସ୍ତାରେ । ତା'ର ପାତିମାଙ୍କଡ଼ୀୟ ଆତ୍ମସତ୍ତାଟି ଅନେକ ବାସନାକୁ ଚରିତାର୍ଥକରେ ଓ ତା'ର ଅନେକ ବାସ୍ନା ଅଚରିତାର୍ଥ ରହିଯାଏ । ଏ କାରଣରୁ "ତା' ଭିତରେ ଥିବା 'ମୁଁ'ଟି ଯୁଗେ ଯୁଗେ ଜନ୍ମନିଏ ।" (ନରକିନ୍ନର - ପୃ. - ୩୧୯)

★ ଜନ୍ମ ଓ ମରଣ ଭିତରେ ସେ ଯେଉଁ ଜୀବନ ବଂଚେ ସେହି ଜୀବନ ଅନେକଙ୍କ ସହିତ ଯୋଡ଼ିହୋଇଯାଏ । ଅନେକଙ୍କ ଭିତରେ ଶୁଦ୍ଧ ଓ କଳୁଷିତ ହୋଇ ଅନେକ ଅଦ୍‌ଭୁତ ଲୁଚି ରହିଥାଏ । ସେହି ସୂକ୍ଷ୍ମ ଅଦ୍‌ଭୁତମାନଙ୍କୁ ଆବିଷ୍କାର କରିବା ହିଁ ମଣିଷର ବିପ୍ଳବୀ-ସଂକଳ୍ପ । ଅଦ୍‌ଭୁତ ମଣିଷ ସଂପର୍କରେ ଜର୍ଜର ଧାରଣା - 'ଏଠି ଯିଏ ଯାହା ନୁହେଁ, ତାହା ହେବା ପାଇଁ ସେମାନେ ଛଦ୍ମବେଶୀ ହୁଅନ୍ତି । ଛଦ୍ମବେଶୀ ଅନ୍ୟମାନଙ୍କ ପାଖରେ ବେଶ

Digitized by srujanika@gmail.com

ଆଦର ପାଇଥାଏ । ମଣିଷ ଦ୍ୱିଗୋଡ଼ରେ ନଚାଲି ମାଙ୍କଡ଼ପରି କିନ୍ନର ବା ପ୍ରାଣୀଙ୍କ ସ୍ୱଭାବରେ ଚାରି ଗୋଡ଼ରେ ଚାଲିଲେ ଭଲ ପେଟ ପୋଷି ପାରେ । କଥା ନ କହି ଖେଙ୍କାରି ହେଲେ ଅନ୍ୟମାନେ ଅସାମାନ୍ୟ ଭାବି ମର୍ଯ୍ୟାଦା କରନ୍ତି ।' ଜର୍ଜର ଏ ଭାବନା ଓ ଉପଲବ୍ଧି ଆଧୁନିକ ସଭ୍ୟ ମଣିଷର ଭିତିରି ଜାନ୍ତବତା ଓ ବିକାର ପ୍ରବୃତ୍ତି ପ୍ରତି ଯେଉଁ ଶାଣିତ ଇଙ୍ଗିତ ଦିଏ ତାହାରି ଭିତରେ ଆମ ଅଳିଆ ଲଗା ଆଧୁନିକତାର ଅନ୍ତଃ ବାସ୍ତବତାଟି ଉକୁଟି ଉଠେ ।

★ ଜର୍ଜ ଭାଗବତର ଅବଧୂତ ଚରିତ୍ର ପରି ସାରା ଜୀବନ ନଜିର ମିଆଁ, ଚରଣ ରାଓ, ହରିମିସ୍ତ୍ରୀ, କବିରାଜବୁଢ଼ା, ଗୋଦରୀବୁଢ଼ୀର, ଏକଗୋଡ଼ିଆ ଛୋଟା ଗରୁଡ଼, ଚାରିଗୋଡ଼ିଆ ମାଙ୍କଡ଼ ମଣିଷ - ଅନେକଙ୍କୁ ଗୁରୁ କରିଛି । ସମସ୍ତେ ତାଙ୍କୁ ବିଶ୍ୱାସ କରି ନିଜ ନିଜର ଉପଲବ୍ଧିକୁ ତାକୁ ଦେଇଛନ୍ତି । ମାତ୍ର କାହାରିକୁ ନେଇ ସେ ଜୀବନର ବୃହତ୍ତମ ସତ୍ୟର ଅନୁସନ୍ଧାନ କରିପାରିନି ଏବଂ ତା'ର ଆତ୍ମା ଅନେକ ଅସମାପ୍ତ ବାସନାରେ ଭରିଯାଇଛି । ଗୋଦରୀ ବୁଢ଼ୀ ଠାରେ ସେ ଶାଶ୍ୱତ ମାତୃତ୍ୱକୁ ଅନୁଭବ କରିଛି । ମାତ୍ର ଗୋଦରୀ ବୁଢ଼ୀର ସନ୍ଦେହ ଏବଂ ତା'ର ଯୌନବାସନା ପ୍ରତି ଆଶଙ୍କା ତାଙ୍କୁ ଗୋଦରୀ ବୁଢ଼ୀ ପ୍ରତି ଶିଥିଳମନା କରିଦେଇଛି । ନଜିର ମିଆଁ ତାକୁ ପରିସ୍ଥିତିରେ ନିର୍ବିକାର ରହିବାର ମନ୍ତ୍ର ଦେଇପାରିନି । କବିରାଜ ବୁଢ଼ା ସ୍ୱୟଂ ରୋଗମୁକ୍ତ ନଥିବାରୁ ଜର୍ଜ ତା'ର ଅମୃତବୃକ୍ଷର ସଂଧାନ ପ୍ରସଙ୍ଗକୁ ଏକ ଆସ୍ଫାଳନ ଭାବିନେଇଛି । ହରିମିସ୍ତ୍ରୀର ରବର କଣ୍ଢେଇ ନାରୀ ହୋଇଯିବାର ରହସ୍ୟ ତା'ର ଇନ୍ଦ୍ରିୟାସକ୍ତ କୈଶୋରକୁ ବସ୍ତୁ ରୂପାନ୍ତରୀକରଣର ବିଚିତ୍ରତାକୁ ମାନିବାକୁ କିଛି ସୁଯୋଗ ଦେଇଥିଲେ ବି ବିଚିତ୍ର ହେବାର ଉପାୟ ସେ ତା' ପାଖରୁ ପାଇପାରିନି । ଅଙ୍ଗାରଚିତ୍ର ଆଙ୍କି ନିଷ୍ଠୁରତାକୁ ଭୁଲିପାରୁଥିବା ଚରଣ ରାଓ ଅଥବା ଗୀତବଳରେ ଭାଙ୍ଗିପଡ଼ିଥିବା ଜୀବନକୁ ଜୀବନ୍ୟାସ ଦେବାର କ୍ଷମତା ରଖିଥିବା ଗୀତବୋଲାଳି ବୁଢ଼ା ଜର୍ଜର ଜିଜ୍ଞାସାକୁ ସମାଧାନ କରି ପାରିନାହାଁନ୍ତି । ମନ ଦ୍ୱାରା ପାହାଡ଼ ଚଢ଼ିପାରୁଥିବା 'ଗରୁଡ଼' ଭିତରେ ଅନ୍ୟକୁ ଭଣ୍ଡି ଭୋଗମୟ ଜୀବନ ବଂଚିବାର ମନ୍ଦ ଉଦ୍ଦେଶ୍ୟ ଜାଣିବା ପରେ ଜର୍ଜ ତା'ଠାରୁ ବଂଚିବାର ମହତ ଉପାୟ ଶିଖି ପାରିନି । ଏପରିକି ତା'ର ରାଜନୀତିକ ଗୁରୁ ମିସ୍ ଆଡ଼ାମସ୍ ତା'ର ନାକର ଆକୃତି ଭିତରେ ଅଭିଜାତବର୍ଗୀ ଲକ୍ଷଣକୁ ଦେଖି କାମୁଡ଼ି ଦେବା ଘଟଣା ତାକୁ ସଚେତନ କରାଇ ଦେଇଛି ଯେ ସମାଜରେ ସମତା ଆସିବା ଏକ କଠିନ ବ୍ୟାପାର । କମ୍ୟୁନିଷ୍ଟ୍ ପାର୍ଟିର ସଭ୍ୟ ହେବା ପରେ ଜର୍ଜ ଶିଖିଛି ମଣିଷ ସୁଖଦୁଃଖ ଓ ବିପ୍ଳବ ସହିତ ନିଜକୁ ବାଣ୍ଟିଦେବା ହିଁ ମାନବିକତା । ମାତ୍ର ଯେତେବେଳେ କୋଷ୍ଠରୋଗିଣୀର ଛୁଆଟିକୁ ଦଙ୍ଗାବସ୍ଥାରୁ ରକ୍ଷା କରିବାକୁ ଯାଇ ସେ ମରିଛି ସେତେବେଳେ ତା'ର ଆତ୍ମା ଶୂନ୍ୟରେ ମିଶିବା ପୂର୍ବରୁ ପାତିମାଙ୍କଡ଼ ପରି ତା' ଶବ ଉପରେ କୁଦାମାରି ପରୋକ୍ଷରେ ଜଣାଇ ଦେଇଛି - ଚେତନାର ଉତ୍ତରଣ ପାଇଁ ଗୋଟିଏ ନୁହେଁ ଅନେକ ଜନ୍ମ ଓ ତା'ର ବିବର୍ତ୍ତିତ ବିକାଶ ଦରକାର ପଡ଼ିଥାଏ ।

Digitized by srujanika@gmail.com

★ 'ନରକିନ୍ନର' ଉପନ୍ୟାସର ପ୍ରାରମ୍ଭ, ଆରୋହଣ ଓ ଅବରୋହଣ ପ୍ରତିଟି କ୍ରମ ପର୍ଯ୍ୟାୟରେ ପରିବେଶ ଯେପରି ଜୀବନ ସଂଗ୍ରାମଧର୍ମୀ ସେପରି ଚରିତ୍ରଗୁଡ଼ିକ ନିହାତି ନଗ୍ନ ଢଙ୍ଗରେ ଯେତିକି ସ୍ୱଭାବବାଦୀ ସେତିକି ସ୍ଥିତିବାଦୀ । ଜର୍ଜ ଚରିତ୍ରକୁ କେନ୍ଦ୍ରରେ ରଖି ପ୍ରତ୍ୟେକ ଚରିତ୍ରର ଜୈବିକ ବଂଚିବାର ଢଙ୍ଗଟି ନିହାତି ସ୍ୱଭାବବାଦୀୟ । ଅନୁରୂପ ଭାବରେ ପ୍ରତ୍ୟେକ ଚରିତ୍ରକୁ ଜର୍ଜ ଚରିତ୍ର ନିଜର ସହଜାତ କ୍ରିୟା ପ୍ରତିକ୍ରିୟା ଛଳରେ ସୂଚେଇ ଦେଇଛି :-

"ମଣିଷ ସମାଜ ଓ ଜୀବନର ବ୍ୟାଖ୍ୟା ଓ ସଂଜ୍ଞାଠାରୁ ବଂଚିବା ଏକ ବୃହତ୍ତର ସତ୍ୟ" ପ୍ରତିପାଦନ ହିଁ ନରକିନ୍ନରର ପ୍ରତିଟି ଚରିତ୍ରର ସମବାୟକୁ କେନ୍ଦ୍ରାୟିତ କରୁଥିବା ଜର୍ଜଚରିତ୍ରର ସୃଷ୍ଟି ସଂପନ୍ନ ମୌଳିକ ବିଶେଷତ୍ୱ । ଏକ ଅସ୍ତିତ୍ୱବାଦୀ ମଣିଷ ସମାଜର ପ୍ରତିନିଧିଭାବେ ପାରମ୍ପରିକ ସମାଜ, ଜୀବନଦର୍ଶନ, ବିଜ୍ଞାନୋଚିତ ଧାରଣାକୁ ଉପହାସର ପ୍ରସଙ୍ଗ କରିଦିଏ । ଏପରିକି କୋଷ୍ଠ ରୋଗିଣୀ ଓ ବୀରସାମଲର ଅବୈଧ ସନ୍ତାନକୁ ସୁରକ୍ଷା ଦେବାକୁ ଯାଇ ସେ ପୁଲିସର ଗୁଳିରେ ପ୍ରାଣ ହରାଇଛି । ନିରର୍ଥକ, ନିଃସଙ୍ଗ ଜୀବନରେ ବଂଚିବାର ଉପାୟ ଅନୁସନ୍ଧାନ କରି ଚାଲିଥିବା ଜର୍ଜର ମୃତ୍ୟୁ ପରେ ଆଦିମ ଜୀବନର ପ୍ରତୀକରୂପୀ ପାତିମାଙ୍କଡ଼ର ସାଙ୍କେତିକ ଲମ୍ଫ ପ୍ରଦାନ ଭିତରେ ମଧ୍ୟ ସ୍ଥିତିବାଦ ସମ୍ମତ ସତ୍ୟ ବ୍ୟଞ୍ଜିତ ହୋଇ ଉଠିଛି । ସତେ ଯେମିତି ମାଙ୍କଡ଼ଟି କହୁଛି - "ବଂଚିବାର ଉପାୟ; ମେଓ୍ୱାର ସନ୍ଧାନ କଲୁକି ?"

★ ଅପର ପକ୍ଷରେ ଜର୍ଜ ଚରିତ୍ରର ପରିବେଶାନୁଗତ ଚିତ୍ରଣର ପର୍ଯ୍ୟାଲୋଚନା କଲେ ଦେଖାଯିବ ଓଡ଼ିଆ ଉପନ୍ୟାସର ଅଭିବ୍ୟକ୍ତିର ମଣିଷ ପ୍ରବୃତ୍ତି, ଆଶା, ନୈରାଶ୍ୟ, ଦ୍ୱନ୍ଦ୍ୱ, ପ୍ରତିକ୍ରିୟା ଓ ମୋହଭଙ୍ଗକୁ ଆଧାର କରି ନର-କିନ୍ନର ପରି ସ୍ୱଭାବବାଦୀ ଉପନ୍ୟାସ କ୍ୱଚିତ୍ ସ୍ରଷ୍ଟାଙ୍କ ସୃଷ୍ଟି ସଂସାରରେ ଦେଖିବାକୁ ମିଳିବ । ସ୍ୱଭାବବାଦୀ କଥାଶିଳ୍ପୀ ଚରିତ୍ରର ମାନସିକ ବାସ୍ତବତାକୁ ଆଧାର କରିଥାନ୍ତି ଏବଂ ଏକ ପ୍ରତୀକାତ୍ମକ ଚରିତ୍ର ଭାବରେ ତାହାକୁ ଉପସ୍ଥାପନ କରିଥାନ୍ତି । ପାରିପାର୍ଶ୍ୱିକ ପରିବେଶ ମଧ୍ୟରେ ଚରିତ୍ର ମୁକ୍ତ ଭାବରେ କ୍ରମବିକଶିତ ହୋଇଥାଏ । ନରକିନ୍ନର ଉପନ୍ୟାସରେ ଜର୍ଜ ଏକ ସ୍ୱଭାବବାଦୀ ଚରିତ୍ର । କ୍ୟାବିନ୍ ଆଗରେ ଭୋକ ବିକଳରେ ଖାଇବା ପାଇଁ ଛିଡ଼ା ହୋଇଥିବା ନିର୍ବୋଧ କିଶୋର ଜର୍ଜ, ନାଜିର ମିଆଁ - ବୀରସାମଲ - ଗୋଦାବରୀବୁଢ଼ୀ ମଧ୍ୟରେ ଦେହଜ ଆକର୍ଷଣର ସଂକେତ ଖୋଜି ଇତସ୍ତତଃ ମନା ହୋଇଯାଉଥିବା ଜର୍ଜ, ହରିମିସ୍ତ୍ରୀର ରବିର କଣ୍ଢେଇ ରହସ୍ୟକୁ ଜାଣିବାକୁ ଇନ୍ଦ୍ରିୟସମ୍ବେଦୀ ହୋଇ ଉଠୁଥିବା ଜର୍ଜ ଏବଂ କିଶୋରତ୍ୱ ଅତିକ୍ରମ କରିଥିବା କଲେଜ ଝିଅ, ପଂଜାବୀ ମାଇକିନିଆ, ଲଣ୍ଡ୍ରୀବାଲୀ ଓ ମିସ୍ ଆଡ଼ାମସଙ୍କ ଜୈବିକ ଇଚ୍ଛାଶକ୍ତିକୁ ଇନ୍ଦ୍ରିୟଜୟୀ ଭାବରେ ବିବେଚନା କରିଥିବା ତରୁଣ ଜର୍ଜ ଓଡ଼ିଆ ସାହିତ୍ୟରେ ସ୍ୱଭାବବାଦୀ ତଥା ଅଭିବ୍ୟକ୍ତିବାଦୀ ଚରିତ୍ର ଭାବରେ ଏକ କଥାବୃତ୍ତାନ୍ତଧର୍ମୀ ନୂଆ ମିଥ୍ ହୋଇଯାଇଛି । ଯାହା ସତ୍ୟ, ବାସ୍ତବ, ପ୍ରତ୍ୟକ୍ଷ ଓ ସହଜ ଭାବନାର ତାହାକୁ ସତ୍ୟସଂଧାନୀ ଚରିତ୍ର ଭାବରେ ଜର୍ଜ ଅମଳିନ କରି ପ୍ରକାଶ କରିଛି ।

Digitized by srujanika@gmail.com

★ ଗୋଦରୀ ବୁଢ଼ୀର ମାତୃତ୍ୱକୁ ନେଇ ହେଉ, କବିରାଜ ବୁଢ଼ାର ଅମରତ୍ୱର ଫାଣ୍ଟାସିକୁ ନେଇ ହେଉ, ଅଥବା ଆନନ୍ଦଭସ୍କିର ଅଭିଜାତ ଅନାଭିଜାତର ତର୍କଣାକୁ ନେଇ ହେଉ ଯେତେବେଳେ ଚେତନାନ୍ତରରେ ଅନୁକୂଳ ଓ ପ୍ରତିକୂଳ ଭାବାନ୍ତର ଭିତରେ ଜର୍ଜ ଗତି କରୁଥାଏ ସେତେବେଳେ ତା'ର ମାନସିକ ଅସ୍ତିତ୍ୱଟି ଖୁବ୍ ଦସ୍ତୋଭସ୍କୀୟ ମନେହୁଏ । ଯେତେବେଳେ ଜର୍ଜ ଗୋଦରୀବୁଢ଼ୀ ସହିତ ନାଜିର ଅଥବା ବୀର ସାମଲ ପ୍ରଭୃତିଙ୍କ ଦୈହିକ ସଂପର୍କକୁ ଚିନ୍ତା କରେ ଏବଂ ତା'ର ଭାବଦୋଳନ ଘଟେ (ଏପରି ଅନେକ ଅବସ୍ଥାରେ ବି ସମ ଭାବାନ୍ତରଙ୍କୁ ପାଠକ ନରକିନ୍ନରରେ ଭେଟେ) ଏପରି ଅବସ୍ଥାରେ ତାକୁ ଜେମ୍ସ୍ ଜୟେସୀୟ ସ୍ୱଭାବବାଦୀ ଚରିତ୍ର ଭାବରେ ଅଥବା ଏକ ଅତିବାସ୍ତବବାଦୀୟ ସ୍ୱପ୍ନାବିଷ୍ଟ ଚରିତ୍ର ଭାବରେ ଲକ୍ଷ୍ୟ କରିହୁଏ । ଯେତେବେଳେ ଜୀବନର ସାଧାରଣ ଓ ଅସାଧାରଣ ସତ୍ତାକୁ ନେଇ ସଫଳତା ଓ ବିଫଳତା ଊର୍ଦ୍ଧ୍ୱରେ ବଂଚିବାର ସଂଘର୍ଷକୁ ସତ୍ୟ ଭାବରେ ସେ ଆଦରି ନିଏ ସେତେବେଳେ ତା' ଭିତରେ ନିତ୍ସେ ଓ ସାର୍ତ୍ତଙ୍କ ସାକାର-ନିରାକାରବାଦୀ ଅସ୍ତିତ୍ୱଶୀଳ ଦର୍ଶନକୁ ବୁଦ୍ଧିବାସୀ ପାଠକେ ଦେଖିବସନ୍ତି ।

★ ତଳେଇ ସୂକ୍ଷ୍ମତମ ନିକିତିଟିଏ ଧରି ଜର୍ଜକୁ ନରକିନ୍ନରରୁ ଆବିଷ୍କାର କରି ତଉଲି ବସିଲେ ଦେଖାଯାଏ ସେ କେବଳ ଏକ ଅଣନାୟକପ୍ରଧାନ ଚରିତ୍ରଟିଏ ନୁହେଁ; ସେ ମହାଜୀବନର ବିବର୍ତ୍ତନଶୀଳ ପ୍ରତୀକ । ଦେଶ, କାଳ, ପାତ୍ର ଊର୍ଦ୍ଧ୍ୱରେ ସେ ସକଳ ମଣିଷର, ସବୁ ସମୟର ଓ ସବୁ ଅବସ୍ଥାର ମାନବୀୟ ଅନ୍ତଶ୍ଚେତନାର କୈଶୋରୀମୟ ସତ୍ତାର ପ୍ରତିନିଧିତ୍ୱ କରୁଛି ।

★ ନରକିନ୍ନର ଉପନ୍ୟାସ ଏକ ଯଥାର୍ଥବାଦୀ ଉପନ୍ୟାସ । ଚରିତ୍ରର ମନସ୍ତାତ୍ତ୍ୱିକ ଅଭିବ୍ୟକ୍ତି ଓ ଘାଟନିକ ଅଭିବ୍ୟକ୍ତି - ଉଭୟକୁ ଚେତନାପ୍ରବାହୀ କୌଶଳର ଆଶ୍ରୟରେ ଏହି ଉପନ୍ୟାସରେ ଉପସ୍ଥାପନ କରାଯାଇଛି ଯାହା ପୂର୍ବରୁ ଓଡ଼ିଆ ଉପନ୍ୟାସରେ ଏହିପରି ସମ୍ଭବ ହୋଇନଥିଲା । ଏ ଦିଗରୁ ଶାନ୍ତନୁଙ୍କ ପଥୀକୃତ ଉଦ୍ୟମ ନୂତନ ଓ ବିଭାବନ ମର୍ଯ୍ୟାଦାର ସଙ୍କେତ ବହନ କରେ । ଉପନ୍ୟାସର ଦ୍ୱିତୀୟ ଭାଗରେ ତରୁଣ ଜର୍ଜର ପ୍ରତିଟି ପରିବେଶାନୁଗତ ଚିତ୍ରଣରେ ଶାନ୍ତନୁ ଶିଳ୍ପୀମାନସ ବେଶ୍ ଯଥାର୍ଥବାଦୀ । ଯାହା ସତ୍ୟ ଓ ବାସ୍ତବ ଏବଂ ପ୍ରତ୍ୟେକ ମାନବର ଚେତନାକୁ କ୍ରିୟା ପ୍ରତିକ୍ରିୟା ଛଳରେ ନବବିଶ୍ୱାସ ସଂଘଟନାର କରିଦେଇପାରିବ ତାହାକୁ ସେ ଶୀଳଅଶ୍ଳୀଳ ବିଚାର ଊର୍ଦ୍ଧ୍ୱରେ ଅମଳିନ ଓ ଅକପଟ ଢଙ୍ଗରେ ପ୍ରକାଶ କରିଦେଇଛନ୍ତି । ମଣିଷ ଭିତରଟା କିଛି ଜୈବିକ ଆଦିମତା ଓ କିଛି ଉତ୍ତରଣ ମାନବୀୟ ସଦିଚ୍ଛା ଗୁଣରେ ଗଠିତ । ବାହ୍ୟ ପ୍ରଭାବ ମଣିଷର ଏହି ଭିତିରି ସ୍ୱରୂପଟିକୁ ପ୍ରତିମୁହୂର୍ତ୍ତରେ ସମୟ ଓ ପରିସ୍ଥିତିକ୍ରମେ ଭାଙ୍ଗୁଥାଏ ଗଢୁଥାଏ । ଭଙ୍ଗା ଗଢ଼ା ପୁନଶ୍ଚ ଭଙ୍ଗା ଓ ପୁନର୍ବାର ଗଢ଼ା - ଏପରି ଭାବରେ ଜୈବୀଗୁଣ ଉତ୍ତରଣ ମାନବତାବୋଧର ଆକୃତି ଧାରଣ କରେ । ଏହି ବିବର୍ତ୍ତନବାଦୀ ଉଦାତ୍ତ ସତ୍ୟକୁ ଅବଲମ୍ବନ କରି ଜର୍ଜ ଚରିତ୍ର ପରିକଳ୍ପିତ । ଜର୍ଜ ଚରିତ୍ର

Digitized by srujanika@gmail.com

ଭିତରେ ଔପନ୍ୟାସିକ ଶାନ୍ତନୁକୁମାରଙ୍କ ସତ୍ୟ-ଅସତ୍ୟ, ଆଲୁଅ-ଅନ୍ଧାର, ଶାନ୍ତ-ଅଶାନ୍ତ, ସହଜ-ବିସ୍ମୟ ଆଦି ବିରୋଧଭାସୀ ଉପଲବ୍ଧିର କୈଶୋରକୁ ଦେଖି ହୋଇଯାଏ । ପ୍ରତିକୂଳ ଅବସ୍ଥାରେ ଅନ୍ୟର ପ୍ରଭାବକୁ ସ୍ୱୀକାର କରି ପୁଣି ସେସବୁ ଠାରୁ ମୁକ୍ତ ହୋଇ ନିଜ ଅନ୍ତଃସତ୍ତାର ଆହ୍ୱାନରେ ନିଜକୁ ଭିନ୍ନ ପ୍ରକାର କରି ଗଢ଼ିତୋଳିବା - ଜର୍ଜ ଚରିତ୍ରର ମାନସିକ ବିଶେଷତ୍ୱ । ଏ ବିଶେଷତ୍ୱ ଗୋଟାପଣେ ଔପନ୍ୟାସିକଙ୍କର ନିଜସ୍ୱ କିଶୋରାବସ୍ଥାର । ମାତ୍ର ଗୋଟିଏ କଥା ସତ ଯେ ଭଲ ଉପନ୍ୟାସର ଅନୁଭବ ଓ ଆବେଦନ ଭିତରେ ଲେଖକର ଜୀବନାନୁଭୂତି ଗୁନ୍ଥି ହୋଇଥାଏ; କିନ୍ତୁ ଏ ଗୁନ୍ଥନଟି ଏପରି ସାଧାରଣୀକରଣ ରୀତିକୁ ମାନିଥାଏ ଯେ, ତାହାକୁ ପଢ଼ିବା ଓ ତାହା ସମ୍ପର୍କରେ ଆସିବା କ୍ଷଣି ପାଠକ ନିଜର ଉପଲବ୍ଧିକୁ ତହିଁରେ ଦେଖିବସେ ଓ ଖୋଜିପାଏ । ଏ ଦିଗରୁ ଜର୍ଜର ଯାବତୀୟ ଉପଲବ୍ଧି ପ୍ରତ୍ୟେକ ପାଠକର ଚେତନାସ୍ତରର ବାସ୍ତବତା ସହିତ ଯୋଡ଼ି ହୋଇଯାଇଛି । ଜର୍ଜ ଚରିତ୍ର ମାଧ୍ୟମରେ ଶାନ୍ତନୁବାବୁଙ୍କ ସର୍ଜନଶୀଳତା ଜଣାଇ ଦେଉଛି - ମନୁଷ୍ୟ କ୍ଷୁଦ୍ରବୋଧର ବାସନା ଓ ପ୍ରବୃତ୍ତି ଦ୍ୱାରା ଆକ୍ରାନ୍ତ ହେବା ଯଥାର୍ଥ; ମାତ୍ର ଏହାଠାରୁ ବୃହତ୍ ବାସ୍ତବତାର କଥାଟି ହେଉଛି ଆପଣାର ବାସନାକୁ ଅନ୍ୟ ପାଇଁ ବିତରି ଦେଇ ଆତ୍ମାର ବିକାଶ ସାଧନ କରିବା ପ୍ରକୃତ ବଂଚିବାର ଧର୍ମ । ଏ କାରଣରୁ ମୃତ୍ୟୁପରେ ଜର୍ଜର ଶବ ଉପରେ ଔପନ୍ୟାସିକ ସାଙ୍କେତିକ ଉପାୟରେ ଗୋଟିଏ ପାତିମାଙ୍କଡ଼କୁ ଲମ୍ଫଦେବାର ଆଧିଭୌତିକ ଚିତ୍ରଟିଏ ଉଜ୍ଜୀବିତ କରାଇ ଦେଇଛନ୍ତି । ଜର୍ଜର ଆତ୍ମା ସାଧାରଣ ପାତି ମାଙ୍କଡ଼ର । ମାତ୍ର ତା'ର ଲୀଳାଖେଳା ଅସାଧାରଣ ଇଚ୍ଛାଶକ୍ତିର । ପୁନଶ୍ଚ ଏ ଆତ୍ମା ବିବର୍ତ୍ତିତ ହୋଇ ମାଙ୍କଡ଼ରୁ ମଣିଷ ଜନ୍ମ ନେବ ଓ ନୂଆ ରୂପରେ ଖେଳିବ - ଏପରି ଏକ ଭବିଷ୍ୟ ସଂଚାରୀ ଦୃଷ୍ଟିଭଙ୍ଗୀ ଭିତରେ ଉପନ୍ୟାସର କେନ୍ଦ୍ର ଚରିତ୍ର ଜର୍ଜର ପରିସମାପ୍ତି ଘଟୁଛି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ସମଗ୍ର ଭାରତୀୟ ଉପନ୍ୟାସରେ ନୂଆପ୍ରକାର କଳାକୌଶଳ ସୃଷ୍ଟି କରିବାର ମାନସିକତା ବୃଦ୍ଧି ପାଇଛି । ଲେଖକମାନେ ନାନା ପରୀକ୍ଷା ନିରୀକ୍ଷା ଆଳରେ ପାଶ୍ଚାତ୍ୟ ଉପନ୍ୟାସର ଛାଞ୍ଚଟିକୁ ଆଣିଛନ୍ତି ଓ ତହିଁରେ ଭାରତୀୟ ଜୀବନ, ଚରିତ୍ର, ସମାଜ ଓ ମାନସିକତାକୁ ଢାଳିଛନ୍ତି । ପରିଣାମସ୍ୱରୂପ କିଛି ନୂଆ ରୁଚିର କଳାକୃତି ପ୍ରସ୍ତୁତ ହୋଇଛି । ଶାନ୍ତନୁବାବୁଙ୍କ ନରକିନ୍ନର ସଂରଚନା ପଶ୍ଚାତରେ ଏ ମାନସିକତା ଯେ ନାହିଁ, ଏପରି ନୁହେଁ । ଜର୍ଜ ଚରିତ୍ର ଚିତ୍ରଣ କାଳରେ ଔପନ୍ୟାସିକ ଯେଉଁ ବିଚିତ୍ର ଖେଳଟି ଖେଳିଛନ୍ତି ତାହା ହେଉଛି - ଏ ଚରିତ୍ରର ସ୍ୱଭାବ ଅତିବାସ୍ତବବାଦୀ ଅନ୍ତଃମନର କ୍ରିୟା-ପ୍ରତିକ୍ରିୟା ଓ ଜିଜ୍ଞାସୁକୁ ଧାରଣ କରିଛି । ଏହାର କାର୍ଯ୍ୟକଳାପ ବାସ୍ତବବାଦୀ ମଣିଷର । ଏହାର ସାମାଜିକ ସଂପୃକ୍ତି ପ୍ରଗତିବାଦୀଚେତନା ଦ୍ୱାରା ପରିଚାଳିତ । ଏହାର ପ୍ରତ୍ୟେକ ବିଚାର ଅସ୍ତିତ୍ୱବାଦୀ ମାନବିକତା ଉପରେ ପ୍ରତିଷ୍ଠିତ । ଏହାର ଜୀବନ ବଂଚିବାର ଶୈଳୀଟି ଅପର ସହିତ ଉପକାର ଗୁଣରେ ବିତରି ହୋଇଯିବାର ଖ୍ରୀଷ୍ଟୀୟ ସଂକଳ୍ପର । ସୁତରାଂ ଜର୍ଜ

Digitized by srujanika@gmail.com

ଓଡ଼ିଆ ଭାଷାରେ ଲିଖିତ ଉପନ୍ୟାସର ଏକ ଚରିତ୍ର; ମାତ୍ର ତା'ର ଆବେଦନ ବିଶ୍ୱବୋଧର ଓ ସାର୍ବକାଳିକ ମାନବୀୟ ଚେତନାର ।

ଜର୍ଜ ଚରିତ୍ର ଚିତ୍ରଣର ଅନ୍ୟତମ ଶୈଳିକ ବିଶେଷତ୍ୱ ହେଉଛି - ଏ ଚରିତ୍ରଟି ଫ୍ରୟେଡ଼ୀୟ ମନୋଦଶା ଦ୍ୱାରା ବି ଢେର୍ ଆକ୍ରାମକ୍ତା ହୋଇଛି । ଔପନ୍ୟାସିକ ଜର୍ଜକୁ ପ୍ରଥମେ ଯେପରି ଏକ ସହରତଳି ଗଳିରାସ୍ତାର କଡ଼ବାଡ଼ର ପରିବେଶ ଭିତରେ ବର୍ଦ୍ଧିତ କରାଇଛନ୍ତି ସେଠି ତା'ର କିଶୋର ମନ କେବଳ ବିକାରଗ୍ରସ୍ତ ଆଦିମତାକୁ ଭେଟିଛି । ପରୋକ୍ଷରେ ଏହି ଆଦିମ ରୁଗ୍ଣ ପରିବେଶ ଭିତରେ ପରିଶୁଦ୍ଧ ହୋଇ ବଂଚିବା ଦ୍ୱାରା ଜର୍ଜ ଜୀବନର ଅନେକ ମହତ୍ତମ ଓ ଉତ୍ତରଣଯାତ୍ରାର ଫନ୍ଦିକୁ ଆୟତ କରିଛି । ଜୀବନର ଆଗୁଆ ସଂଚାର ବିଷୟରେ ମନକୁ ଦୃଢ଼ କରିବାର ସାମର୍ଥ୍ୟଟିଏବି ଏଇ ପରିବେଶରୁ ସେ ପାଇଛି । କାମାୟା, ନାଜିରମିଆଁ, ବୀରସାମଲ, ହରିମିସ୍ତ୍ରୀ, ଗୋଦରୀବୁଢ଼ୀ, ପଞ୍ଜାବୀ ମାଇକିନିଆ, ଲଣ୍ଡ୍ରୀବାଲୀ - ଚରିତ୍ରମାନଙ୍କ ଆଚରଣ ଓ ଉଚ୍ଚାରଣ ଭିତରେ ଥିବା ମଳିଧରା ଦେହବାଦୀ ପ୍ରଭାବକୁ ଟପିଯାଇ ଜର୍ଜ ଶୁଭଗମାନବତା ଦିଗରେ ଯାତ୍ରା କରିଛି । ଜର୍ଜର ଏହି ଯାତ୍ରା ଭିତରେ ପାଠକ ଦେଖିପାରିଛି - 'ସାଧାରଣ ମଣିଷର ଅସାଧାରଣ ଦିଗରେ ଯାତ୍ରା କରିବାର କ୍ଷମତା ରହିଛି । ଯାବତୀୟ କଳୁଷତାକୁ ପଛରେ ପକାଇ ସାମାନ୍ୟ ବି ଅସାମାନ୍ୟ ମହିମାକୁ ଛୁଇଁପାରୁଛି ଓ ତଦନୁସାରେ କାର୍ଯ୍ୟସିଦ୍ଧି ଘଟାଇପାରେ । ଏ ଦିଗରୁ ଫ୍ରୟେଡୀୟ ମାନସିକତା ଭିତରେ ବର୍ଦ୍ଧିତ ଜର୍ଜର ଅସ୍ତିତ୍ୱବାଦୀ ରୂପାନ୍ତର ଘଟିଛି ଏବଂ ପାଠକବର୍ଗ ଅନୁଭବ କରିପାରୁଛି - ଜର୍ଜ ଚରିତ୍ରର ଶୁଭଅଙ୍କନ ଓଡ଼ିଆ କଥାସାହିତ୍ୟର ଶହେ ତିରିଶବର୍ଷର ପାରମ୍ପରିକ କ୍ରମବିକାଶରେ ଏକ ଅତୁଳନୀୟ ପରିକଳ୍ପନା ଯାହାର ସମତୁଲ ହୋଇ କୌଣସି ଚରିତ୍ର ଦ୍ୱିତୀୟବାର ଆତ୍ମପ୍ରକାଶ ଏଯାଏ କରିନାହାନ୍ତି ।

ମୋଟାମୋଟି ଭାବରେ ଏବେକୁ ଜର୍ଜକୁ ୫୦ ବର୍ଷ ପୂରିଯାଇଛି । 'ନରକିନ୍ନର' ଅର୍ଦ୍ଧଶତାବ୍ଦୀ ଧରି ସୁବର୍ଣ୍ଣ ଅଧ୍ୟାୟ ନିର୍ମାଣର ପ୍ରତୀକ ରୂପେ ଓଡ଼ିଆ ଉପନ୍ୟାସର ଇତିହାସକୁ ନୂଆ ରୁଚିର କରିଦେଇଛି । ଯଦିଓ ଟାଣଚଣା ଚର୍ବଣ ନ୍ୟାୟରେ ଭାବମୟ ହେବାର ସାମର୍ଥ୍ୟ ନଥିବା ଓ ଏକ ପ୍ରତୀକାତ୍ମକ ଶବ୍ଦବାକ୍ ଦ୍ୱାରା ନିର୍ମିତ ଚେତନା ଜଗତ ସହିତ ସଂପର୍କ-ହୀନ ନାରଦ (ଦାନ୍ତନଥିବା/ଜ୍ଞାନନଥିବା ସାଧାରଣ ପାଠକ)ମାନଙ୍କୁ ଦୁର୍ବୋଧ ଦୁର୍ବୋଧ ମନେ ହୋଇଛି ତଥାପି ଥରେ ନରକିନ୍ନରର ଭାବ ସହିତ ସୂଚନାଗର୍ଭୀ ସମ୍ବନ୍ଧ ସ୍ଥାପନ କରିଦେଲେ ପାଠକ ତେଣିକି ଜୀବନର ବହୁ ବିଚିତ୍ର ଅନୁଭବ ସହିତ ଏହି ଉପନ୍ୟାସର ଚିତ୍ର ଚରିତ୍ର ମଧ୍ୟସ୍ଥତାରେ ପରିଚିତ ହୋଇଯାଏ । ଉପନ୍ୟାସଟିକୁ ଯିଏ ଥରେ ଆମୂଳଚୂଳ ଶେଷ କରିଛି ସେହି ଦୀକ୍ଷିତ ପାଠକ ନିଶ୍ଚିତ ଉପଲବ୍ଧି କରିଥିବେ ଯେ 'ଜର୍ଜ'କୁ ବଳିଯାଇ ତା' ଉଚ୍ଚତାର ତା'ଭଳି ଆଉ ଏକ ନୂତନ ମିଥ୍ ଓଡ଼ିଆ ଉପନ୍ୟାସର କ୍ରମବିକାଶରେ ଆତ୍ମପ୍ରକାଶ କରିନି । ଜର୍ଜ ରୂପକ ନୂତନ ମିଥିଟି

Digitized by srujanika@gmail.com

ସୂଚେଇଦିଏ, ଭାରତୀୟ ଆତ୍ମଦର୍ଶନ ଓ ଜନ୍ମାନ୍ତରବାଦର ବିବର୍ତ୍ତନୀୟ ସତ୍ୟକୁ ନେଇ ଜୀବନ ବାରମ୍ବାର ଆସୁଥାଏ ଯାଉଥାଏ ଏବଂ ନୂଆ ମୂଲ୍ୟବୋଧ ଗଢୁଥାଏ । ଏହି ସତ୍ୟର ଅନ୍ତଃସୌନ୍ଦର୍ଯ୍ୟଟି ସୂଚେଇଦିଏ - ନରର ପୂର୍ବାବସ୍ଥା କିନ୍ନର । କିନ୍ନରତ୍ୱ ମଣିଷର ସହଜାତ ପ୍ରବୃତ୍ତି । ମଇଳା ଓ ମଳିଧରା ପରିବେଶ ଏ ପ୍ରବୃତ୍ତିକୁ ଅଧିକ ବିକାର ଓ କଳୁଷିତ କରିଦିଏ । ତଥାପି ଆଗକୁ ଚାଲିବାକୁ ଓ ନୂଆଢଙ୍ଗରେ ଉଧେଇବାକୁ ବ୍ରାତିକ ସଂକଳ୍ପ କରିଥିବା ଆତ୍ମଶକ୍ତି ଭିତରେ ମାନବବିଶ୍ୱାସ ଓ ମହିମାର ଶୁଭଙ୍କର ଇଚ୍ଛାଟି ଲୁଚି ରହିଥାଏ । ମହତ୍ତମ ଇଚ୍ଛାଟି ପ୍ରାବୃତ୍ତିକ ଅବସ୍ଥାରୁ ମୁକ୍ତି ପାଇବା ପାଇଁ ବାରମ୍ବାର ଉତ୍ତରଣମୁଖୀ ହୋଇ ଜନ୍ମମୃତ୍ୟୁର ଚକ୍ରରେ ପାତିମାଙ୍କଡ଼ ପରି ପଡୁଥାଏ, ପୁଣି ମୁକ୍ତି ପାଇବା ପରେ କୁଦା ମାରୁଥାଏ । ଜନ୍ମମରଣର ପ୍ରକ୍ରିୟାରେ କିନ୍ନରତ୍ୱ ସର୍ବଦା ନରତ୍ୱରେ ରୂପାନ୍ତରିତ ହୋଇ ନୂଆ ଶୁଭଗକୁ ଜନ୍ମ ଦେଇ ପ୍ରସାର କରିଚାଲିଥାଏ । ଏପରି ଏକ ଦର୍ଶନକୁ କଥାରୂପ ଦେବା ଓ କଥାକୁ ପାଠକର ସାଂସ୍କୃତିକ ବାସନା ସହିତ ବିଜ୍ଞାନସମ୍ମତ ତର୍କଣା ମାଧ୍ୟମରେ ଯୋଡ଼ିଦେବାର କଳାତ୍ମକ ସଂରଚନାଧର୍ମୀ ମାନସିକ ବ୍ୟାପାରରୁ 'ଜର୍ଜ' ପରି ମିଥ୍-ଚରିତ୍ରର ପରିକଳ୍ପନା ସମ୍ଭବ ହୋଇଛି । ଜର୍ଜ ପରିକା ଆଉ ଗୋଟେ ଆତ୍ମସଚେତନ ଓ ଉତ୍ତରଣ ଭାବବିଶ୍ୱସ୍ତ ମିଥ୍ ବିଗତ ପଚାଶ ବର୍ଷ ମଧ୍ୟରେ ଓଡ଼ିଆ ସାହିତ୍ୟରେ ଏପରିକି ଭାରତୀୟ ସାହିତ୍ୟରେ ଆଉ ଦ୍ୱିତୀୟଜ ହୋଇ ଜନ୍ମହୋଇନି କି ତମଆମ ପାଠକୀୟତା ସାମ୍ନାରେ ଚଳପ୍ରଚଳ ହୋଇଥିବାର ଦେଖାଯାଏ ନାହିଁ । ଏହାହିଁ ଶାନ୍ତନୁଙ୍କ ସର୍ଜନଶୀଳ ଦକ୍ଷତା ଓ ଚରିତ୍ରଚିତ୍ରଣ ନିପୁଣତାର ବିଶେଷତ୍ୱ ।

◆

Digitized by srujanika@gmail.com

କଳାର ଔଜ୍ଜଲ୍ୟ ଓ 'ନରକିନ୍ନର'ର ଗରିମା

ନକୁଳ ଚନ୍ଦ୍ର ସାହୁ

ଆଧୁନିକତାର ନଂଦନତତ୍ତ୍ୱମାନ ହେଲା – ୧) ସମକାଳ ଉତ୍ପାଦନର ନିଶ୍ଚିତ ପରିବର୍ତ୍ତନ,
୨) ବିତରଣ ବା ପ୍ରସାରଣ ଏବଂ
୩) କୃତିତ୍ୱର ମୂଲ୍ୟ ନିର୍ଦ୍ଧାରଣ

ଆଧୁନିକ ସୌନ୍ଦର୍ଯ୍ୟ ଅଦ୍ଭୁତ । ଆଧୁନିକତାର ସଂକେତ ବା ଲକ୍ଷଣ ଏକ କଳଙ୍କ, ସମୟ ଦ୍ୱାରା କ୍ଷତାକ୍ତ, ମୃତ୍ୟୁ ଦ୍ୱାରା ସଜ୍ଜିତ । ଯେତେବେଳେ ଚିରନ୍ତନ ସୌନ୍ଦର୍ଯ୍ୟର ଧାରଣା ହୁଏ ଧ୍ୱଂସ, ଆଧୁନିକତାର ଦ୍ୱାର ଭୟଙ୍କର ଜଗତ ଦିଗକୁ କରେ ଉନ୍ମୁକ୍ତ । ତେଣୁ ଅତି ଆଧୁନିକ ଆର୍ଟ ଅଟେ ଅତି ଆଦିମ । ପୁନଶ୍ଚ, 'ଦି ବିୟୁଟିଫୁଲ୍ ଇଜ୍ ଅଲଓ୍ୱେଜ୍ ଦି ବିଜାରୀ' ।

ଅକ୍ଟୋଭିଓ ପାଜ୍ ଲେଖିଛନ୍ତି, ଆମେରିକୀୟ ଆଧୁନିକତା ହେଲା ଅସ୍ୱାଭାବିକତାକୁ ଏକ ଖାଉଟି ମୂଲ୍ୟବୋଧରେ ବଦଳାଇ ଦେବା । ପାଶ୍ଚାତ୍ୟ ସଭ୍ୟତାରେ ଯାହା ଗତ ଶତାବ୍ଦୀରେ ଥିଲା 'Private life lived publicity' । ସେଇ ବ୍ୟକ୍ତିଗତ ଜୀବନ ଜଣେ କେତେ ନିଷ୍ଠା, କେତେ ବିଶ୍ୱସ୍ତ ଓ ଅନ୍ତରଙ୍ଗ ଭାବେ ବଂଚିପାରେ ତାହାରି ଉପସ୍ଥାପିତ ଚିତ୍ର । ସେମିତି ଗୋଟିଏ ଚିତ୍ର 'ନରକିନ୍ନର'ରେ ଅଙ୍କନ କରିଛନ୍ତି ପ୍ରସିଦ୍ଧ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ । ୧୯୬୨ରେ ପ୍ରକାଶିତ ଅଥଚ ଏହାର ମୌଳିକ ସମ୍ବେଦନ ଏଯାବତ୍ ରହିଚି ଅକ୍ଷୁର୍ଣ୍ଣ ।

୧୯୫୦ ମସିହା, ବିଶ୍ୱ ସାହିତ୍ୟରେ ଆସିଛି ଗୋଟିଏ 'wind of change' । G.S. Fraser 'ଦି ମଡେର୍ଣ୍ଣ ରାଇଟର୍ ଏଣ୍ଡ୍ ହିଜ୍ ଓ୍ୱାର୍ଲଡ୍'ରେ ଆଲୋଚନା କଲାବେଳେ ବିସ୍ତୃତ ଭାବେ ନାଟ୍ୟକାର Osborneଙ୍କ କରିଛନ୍ତି ତର୍ଜମା । ନାଟକ 'Look Back in Anger'ରେ ଚରିତ୍ର ଜିମିପୋର୍ଟର 'Spokesman of a generation', ଠିକ୍

Digitized by srujanika@gmail.com

ସେହିପରି ଚରିତ୍ର 'Alisan as a symbol' ! ଶେଷକୁ ନିଜକୁ ସମର୍ପିତ କରୁଥିବା Alison ଘୋଷଣା କରିଛି, 'I don't want to be a saint. I don't want to be a neutral. I want to be a lost cause. I want to be corrupt and futile... !'

ତେତିଶ ବର୍ଷର ପଛକୁ ଅନାଇ ଔପନ୍ୟାସିକ ଶାନ୍ତନୁବାବୁ ଉଚ୍ଚାରଣ କରିଥିଲେ, 'ନରକିନ୍ନର' ମୋ ପାଇଁ ସେଇ ଉପଲବ୍ଧିର ପ୍ରତୀକ । ସିଏ ଯେଉଁ ଉପଲବ୍ଧି କଥା ସୂଚିତ କରିଛନ୍ତି ତାହା ତାଙ୍କ 'ଭାବପ୍ରବଣ' ବା 'ବିଭୋର ପଣ' । କିନ୍ତୁ ତାଙ୍କ ଚରିତ୍ର ଜର୍ଜ 'Spokeman of a generation' ଏବଂ ଏକ symbol ! ଅଲିସନ୍ ପରି ସେଣ୍ଟଲିନେସ୍ ଅର୍ଥ ଖ୍ରୀଷ୍ଟିୟାନ୍ ଟ୍ରାଡ଼ିସନ୍ ନ୍ୟୁଟ୍ରାଲିଜିମ୍ ଅର୍ଥ ଲିବେରାଜିମ୍ ଏବଂ ଲଷ୍ଟକଜ୍ ଅର୍ଥ – Alison is pondering to Jimmy's wishful thinking - that the upper classes are on their last legs; ପୁନଶ୍ଚ Currupt and futile ଅର୍ଥ that, even if they retain power, thay do no deserve to ।

ଗୋଟିଏ ସାମାଜିକ ଆନ୍ଦୋଳନର ପ୍ରତୀକାତ୍ମକ ସ୍ୱର, ଏଥିରେ କ୍ରୋଧ ଅଛି, ବିଷାଦ ଅଛି, ବାସ୍ତବିକତାର ଅବବୋଧ ରହିଛି, ଆର୍ଟ ଭାବରେ, ସେହି ଆର୍ଟଟିକୁ ନାମିତ କରାଯାଇଛି 'ନରକିନ୍ନର' । ପଠନର ଆନନ୍ଦ ଓ ଆତ୍ମସନ୍ତୋଷର ଉପଲବ୍ଧି ଏହାର ନାନ୍ଦନିକ ଗୁଣ । ସ୍ୱୟଂ ସ୍ରଷ୍ଟାଙ୍କୁ ଯାହା କରିଛି ଭାବପ୍ରବଣ ! ଆମେ ଜାଣିଛୁ, 'ମାନବ ଦେହେ ଦିବ୍ୟଜ୍ଞାନ – ଦେଖି ସନ୍ତୋଷ ଭଗବାନ !' ଗୋଟିଏ ଧନ୍ୟ ସୃଷ୍ଟି, ସ୍ରଷ୍ଟା ଆତ୍ମାକୁ ଯିଏ ସଠିକ୍ ପ୍ରତିଫଳିତ କରିପାରିଛି । ଫର୍‌ଷ୍ଟେର ଲେଖିଛନ୍ତି, '...in the novel we can know people perfectly,' ଏହି ଦୃଷ୍ଟିରୁ ଇତିହାସ ଠାରୁ ଉପନ୍ୟାସ ଅଧିକ ସତ୍ୟତର ଏବଂ ସେହି 'ସତ୍ୟତର'. ବିଶୁଦ୍ଧ ବାସ୍ତବ ଓ ମର୍ମ ବିଦ୍ଧକ, ଯାହା 'ନରକିନ୍ନର' । ଉପନ୍ୟାସ ଜୀବନ ପ୍ରତି ଅଧିକ Attentive । ଜର୍ଜକୁ ଅନେଇଲେ ନାନ୍ଦନିକ ତତ୍ତ୍ୱବିଦ୍ Paterଙ୍କ ଅନୁଭବ ସ୍ମୃତିରେ ଫୁଟି ଉଠିଥାଏ, 'Ah, that is he !' 'That is what life is like,' ତାହା ଜଣେ ମଣିଷର ଛବି ନୁହେଁ, ଗୋଟିଏ ଦୃଶ୍ୟର ଉଦାହରଣ ! ସ୍କଟ୍ ଜେମ୍ସଙ୍କ ଶବ୍‌ଦରେ ସ୍ୱାଗତଯୋଗ୍ୟ 'brilliant perception' ।

୧୯୬୨ ମସିହା, ଓଡ଼ିଆ ଉପନ୍ୟାସ ଯେଉଁ ବାଗରେ ରଚନା କରାଯାଉଥିଲା ଏବଂ ଉପନ୍ୟାସର ପ୍ଲଟରେ ସମକାଳ ସ୍ୱାଧୀନତା ପ୍ରାପ୍ତି ପରବର୍ତ୍ତୀ ପଞ୍ଚବାର୍ଷିକ ଯୋଜନା ସମୟ, ପରିବେଶରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରଭାବିତ ପବନ, ସମାଜ ଜୀବନରେ ଦାରିଦ୍ର୍ୟ, ଅସ୍ପୃଶ୍ୟତା ଓ ନବ୍ୟ ଶିକ୍ଷିତ ମଧ୍ୟବିତ୍ତ ଯୁବକ ଯୁବତୀଙ୍କ ଲୁଚାଛପା ପ୍ରେମ ଓ ତାହାର ପରିଣତି ଥିଲା । ଚରିତ୍ରମାନଙ୍କ ଗୋଟିଏ ସାମାଜିକ ଚେର ଥିଲା ! ଶାନ୍ତନୁବାବୁ ଯେତେବେଳେ 'ନରକିନ୍ନର' ରଚନାକଲେ, ଜର୍ଜକୁ ମେଡ଼ିକାଲ ପାର୍ଶ୍ୱ ନଳାରୁ ତାଙ୍କ ଉପନ୍ୟାସ ଫର୍ଦ୍ଦକୁ ଉଠେଇ ଆଣିଲେ, ଗୋଟିଏ ବିଚିତ୍ର ଘଟଣା ଘଟାଇ ଥିଲେ । ତାଙ୍କ ନିଜ ଭାଷାରେ – 'ସମାଲୋଚକଙ୍କ ମନରେ ଏକ ଗଭୀର ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା ଓଡ଼ିଆ ଭାଷାର ଏଇ ସୃଜନଶୀଳ ଉପନ୍ୟାସଟି'

Digitized by srujanika@gmail.com

(ପୃଷ୍ଠା ୩) ! ଗୋପୀନାଥ ମହାନ୍ତି, କାଳିନ୍ଦୀ ଚରଣ କି ଫକୀର ମୋହନଙ୍କ ହିଡ଼ ମାଟିରେ ନ ଯାଇ ସିଏ ନିଜକୁ ସ୍ୱଚ୍ଛନ୍ଦ ଲାଗୁଥିବା ଗୋଟିଏ ମାଧ୍ୟମରେ କରିଛନ୍ତି ନିଜ କଳାସତ୍ୟର ପ୍ରତିଷ୍ଠା, ଯେଉଁ ସତ୍ୟଟିକୁ ଏକ ଅସ୍ୱାଭାବିକ ଖାଉଟି ମୂଲ୍ୟବୋଧରେ ନନ୍ଦନତାତ୍ତ୍ୱିକ କରିଛନ୍ତି ଔପନ୍ୟାସିକ ଶାନ୍ତନୁବାବୁ । ପୂର୍ବ ସଂସ୍କାର ଓ ପରମ୍ପରା ଠାରୁ ବଦଳିଛି କଳାର ଆତ୍ମା ଓ ରଚନା କୌଶଳ । ଜଣେ ସତ୍ୟ ପ୍ରେମୀ ଓ ଜଣେ ମାନବପ୍ରେମୀ ଗନ୍ତବ୍ୟ ବେଳେ ରାସ୍ତା ଛକି ଠିଆ ହୋଇଥିବା ମଣିଷଟିକୁ କେମିତି ଯେ ଆଡ଼େଇ ଦେଇ ଯିବେ ? ଶୁଣିଛନ୍ତି ତା' କଥା ! ତା' କଥା, ଆମ ଏଇ ସମାଜ କଥା । ତା' କଥା, ମଣିଷ ମନର ଖେଦ କଥା ! ପ୍ରାଣ ପିପାସା ! ସ୍ନାୟୁରେ ଉତ୍‌ଥିତ ଅସଂଖ୍ୟ କରୁଣ ଉଦ୍‌ବେଳନର ବ୍ୟଥା ! ତା କଥା ଅମୃତ ପୁତ୍ରର ଯାତନା ! ଉପନ୍ୟାସଟିକୁ (the narration of the story) ନିଜେ ଔପନ୍ୟାସିକ ନୈର୍ବ୍ୟକ୍ତିକ ଭାବେ କରିଛନ୍ତି ବର୍ଣ୍ଣନା । ଜୀବନ ଓ କଳା, ଘଟଣା ଓ ବାସ୍ତବତା ମଧ୍ୟରେ ନାହିଁ ଅସନ୍ତୁଳନ । ଗୋଟିଏ ଗଭୀର ଅନୁଭବ ଓ ଦୃଷ୍ଟି ବହିଟିର 'texture of reality' । ସଂଳାପ ଓ କବିତା, ଭାଷାରେ ମିଶ୍ରିତ ଗୁଣଗଦ୍ୟକୁ କରିଛି ଅତି ଉତ୍କର୍ଷ । ଉତ୍କର୍ଷ ଗଦ୍ୟର ଲକ୍ଷଣ ଭାଷାରେ ସାଂଗୀତିକ ଗୁଣ ପାଠକପାଠିକାଙ୍କ ଅନୁଭବ ପାଇଁ ତୀକ୍ଷ୍ଣ ଓ ଉପନ୍ୟାସଟିକୁ କରିଛି ଚିର ପଠନ ସୁଖ୍ୟ ।

୧୯୨୪ମସିହା, କେମ୍ବ୍ରିଜ୍‌ରେ ଅଣ୍ଡରଗ୍ରାଜୁଏଟ୍ ଶ୍ରୋତୃମଣ୍ଡଳୀ ସାମ୍ନାରେ ନିଜ ବକ୍ତୃତାରେ ଘୋଷଣା କଲେ ଔପନ୍ୟାସିକା ଭର୍ଜିନିଆ ଉଲ୍‌ଫ, 'On or about December 1910 human nature changed' ! ପ୍ରକୃତରେ ଲୋକମାନଙ୍କର ପ୍ରବୃତ୍ତିର ପ୍ରକୃତି ବାଜେ ଭାବେ ବଦଳିଛି ? ମାନବ ଧାରଣାର ଇତିହାସରେ ପ୍ରକୃତରେ ପରିବର୍ତ୍ତନ ଆସିଛି କି ଏବଂ ତାହା କେଉଁ ପ୍ରକାର ? ଉଠିଲା ବିତର୍କ । ବିତର୍କର ସମୀକରଣରେ ପ୍ରଫେସର ଆଇଜାକ୍ (Isaacs) ତାଙ୍କ ରଚିତ 'An Assessment of Twentieth - Century Literature', କଲେ ସୂଚିତ, ଭର୍ଜିନିଆ ଉଲ୍‌ଫଙ୍କ ପସନ୍ଦର ଦିନ ନୁହେଁ arbitrary ! ଡିସେମ୍ବର ୧୯୧୦, ପ୍ରଥମ ଲଣ୍ଡନ ଏକ୍‌ଜିବିସନ୍ Post-Impressionistଙ୍କ ପେଣ୍ଟିଂ ଅର୍ଗାନାଇଜ୍ ହୋଇଥିଲା ଶ୍ରୀମତୀ ଉଲ୍‌ଫଙ୍କ ବନ୍ଧୁ Roger Fry ଓ Desmond Mac Carthyଙ୍କ ଦ୍ୱାରା । ଏହି ପ୍ରଦର୍ଶିତ ଛବିମାନଙ୍କ ପ୍ରତି ଅତି ଆଗ୍ରହୀ ହୋଇଥିଲେ ଅଧିକାଂଶ ଇଂରେଜ । ଏଥିରେ ସିଜାନୀ, ଭାନ୍ ଗୋଘ୍, ପିକାଶୋ ଓ ମାଟିସୀଙ୍କ ସ୍ଥାନ ପାଇଥିବା ଛବି ଘୋଷଣା କରିଥିଲେ 'Impressionism was dead', ଯେଉଁ ଆନ୍ଦୋଳନଟି ଭୟାନକ ଭାବେ ପ୍ରତିକ୍ରିୟା ରୂପେ ମସ୍ତକ ଟେକିଛି ତାହା ଗଦ୍ୟ ସୃଷ୍ଟିରେ ସ୍ମରଣୀୟ 'Naturalism' । ମଣିଷ ଧାରଣାରେ ଯେଉଁ ପରିବର୍ତ୍ତନକୁ ସର୍ବପ୍ରଥମେ Butler ବିଚରିତ କଲେ ତାଙ୍କ ରଚିତ 'The Way of All Flesh'ରେ ଏବଂ ଶ' ତାଙ୍କ ନାଟକ କେତୋଟିରେ ! ସାମାଜିକ ଶୃଙ୍ଖଳାରେ ଏଇ ପରିବର୍ତ୍ତନ ଛିନ୍ନମୂଳ, କିଛି ଦୁଃସ୍ଥ ନରନାରୀଙ୍କୁ କରିବ ପରିବର୍ତ୍ତିତ ବୋଲି ସାମାଜିକ ଦୃଷ୍ଟିକୋଣରୁ H.G. Wells କଲେ ବିବୃତ । ତାହା 'ନରକିନ୍ନର' ଶୈଳୀରେ ହୋଇଛି ଖଚିତ ।

Digitized by srujanika@gmail.com

୧୯୫୦ର ନଭେଲ ସମ୍ବନ୍ଧରେ ଫ୍ରେଜର୍ ଉଲ୍ଲେଖ କରିଛନ୍ତି, 'English fiction in the 1950s has shown a very high average level of technical intelligence' । କଳା ଓ ବାସ୍ତବିକତା (Art and Reality)ଙ୍କ ମଧ୍ୟସ୍ଥତାରେ ଅତି ସୁନ୍ଦର ଉପନ୍ୟାସ-କଳା ହୋଇଛି ପ୍ରକଟିତ । ସେହି ସୁନ୍ଦର ଉପନ୍ୟାସ କଳାର ପୁଞ୍ଜି 'ନରକିନ୍ନର' ଦୃଷ୍ଟିକୁ ଐଶ୍ୱର୍ଯ୍ୟବାନ କରିଛି । ଗ୍ରାମ୍ୟ ଗରିବୀ ଜୀବନ, ବନବାସୀଙ୍କ ନିରନ୍ନ ଫୁଙ୍ଗୁଳା ଦିହକୁ ନେଇ ହା ଅନ୍ନ ରଚିତ ହେଉଥିବା ବେଳେ ସହର ତଳି ଦାରିଦ୍ର୍ୟ ଓ ଦୁଃଖକୁ ନେଇ 'ନରକିନ୍ନର' ଟେକିଛି ବେକ । ବିଂଶ ଶତକ ଦ୍ୱିତୀୟାର୍ଦ୍ଧ 'ଦି ଉଇଣ୍ଡ୍ ଅଫ୍ ଚେଞ୍ଜ୍' ଆଗକୁ କାଢ଼ିଛି ପାଦ ! ମହାଯୁଦ୍ଧର ହତାଶା (Frustrations) ମାନସିକ ସତେଜତାକୁ ଝାଉଁଳାଇ ଦେଇଥିଲା, ବିଜ୍ଞାନ ତାର ଦ୍ରୁତ ଉପଚାର କରୁଥିଲା ! ୧୯୬୨ ବେଳକୁ ଜଣେ ପ୍ରବଳ ପରାକ୍ରମୀ ଔପନ୍ୟାସିକ ସି.ପି. ସ୍ନୋ ରଚନା କରୁଥିଲେ 'ଷ୍ଟ୍ରେଂଜର୍ସ ଏଣ୍ଡ୍ ବ୍ରଦର୍ସ' ଶୀର୍ଷକରେ ଉପନ୍ୟାସମାଳା । ୧୯୪୦ ପରେ ନୂଆ ଆକୃତି ନେଇଥିବା ସମାଜ କଥା । Men of scientific ଏବଂ literary Culture ମଧ୍ୟରେ ସୃଷ୍ଟି କରିଥିଲେ ବିତର୍କ । ଡକ୍ଟର ଏଫ୍.ଆର୍. ଲିଭସ୍ ବିଜ୍ଞାନବାଦୀଙ୍କୁ ଦୃଢ଼ ଭାବରେ କରୁଥିଲେ ବିରୋଧ । ବିଜ୍ଞାନ ଓ ଟେକ୍ନୋଲୋଜୀକୁ ସିଏ 'obscurantist attitudes' ବୋଲି ଗ୍ରହଣ କରିଥିଲେ । ତାଙ୍କ ଦୃଷ୍ଟି ଓ ହୃଦୟକୁ ଆଘାତ କରିଥିଲା ବଢ଼ି ଉଠୁଥିବା 'standard of living of the econimically backward' ମଣିଷ ! ଯେଉଁ ଆର୍ଥିକ ଅନଗ୍ରସର ଶ୍ରେଣୀର ଜଣେ ମଣିଷ ଜର୍ଜକୁ ନାଳ କରରୁ ସାଉଣ୍ଟି ଆଣି ତାକୁ ପାଳି ପୋଷି କରିଛି ଚତୁର୍ଦ୍ଦଶ ବର୍ଷ ବୟସ୍କ ।

ଉପନ୍ୟାସ ସମକାଳର ଚାରିତ୍ରିକ ଚିତ୍ର । ଯେଉଁ ଘଟଣାର ଚିତ୍ରରୁ ଆରମ୍ଭ ହୋଇଛି 'ନରକିନ୍ନର'ର ପ୍ଲଟ ସମକାଳ ସହିତ ରହିଛି ତାହାର ଜୀବନ୍ତ ସଂପର୍କ । ଉପନ୍ୟାସ ଜନ୍ମ ହେବାର ପଚାଶ ବର୍ଷ ପରେ ଖାଲି ମେଡ଼ିକାଲ୍ ନାଳ କାହିଁକି ଯେ କୌଣସି ଅଳିଆ ଫିଙ୍ଗା ସ୍ଥାନରୁ ଏବେବି ମିଳୁଛି ସଦ୍ୟଜାତ ସନ୍ତାନ ! ପଦଟିଏ 'ବାବା' ଡାକ ପାଇଁ ଅଭାବୀ ଆର୍ଥିକ ଅନଗ୍ରସର ମଣିଷ ନିଜେ ନ ଖାଇ ନିଜ ମୁଠିକ ବହୁ କଷ୍ଟ ଅର୍ଜିତ ଅନ୍ନରୁ ତାକୁ ଅଧେ ଆହାର ଦେଇ ସମାଜର ବଡ଼ଦାଣ୍ଡରେ ଠିଆ କରାଉଛନ୍ତି । ଗୋଟିଏ ପଟେ ମଣିଷ ହୃଦୟ ପଶୁର ତ ଅନ୍ୟ ପଟେ ପାଳନକର୍ତ୍ତା ବ୍ରହ୍ମାଙ୍କ ଦେବ ସୁଲଭ ! ଅବିବେକ ଓ ବିବେକ ମାନବ ହୃଦୟକୁ କରିଛନ୍ତି ଯୁଦ୍ଧ କ୍ଷେତ୍ର । ମାନବିକ ଚେତନଶୀଳ ଭାବ ଜଗତର କାହାଣୀ 'ନର କିନ୍ନର' । ଏହାର ରଚନାର ପୃଷ୍ଠଭୂମି ନିଜେ ଔପନ୍ୟାସିକ ସ୍ୱୀକାର କରିଛନ୍ତି 'ବିଜ୍ଞାନର ବାସ୍ତବତା' ଓ 'ଆଧ୍ୟାତ୍ମିକତାର ଅତିବାସ୍ତବତାର ଦ୍ୱନ୍ଦ୍ୱ' ତାଙ୍କୁ ଚାପି ଗୋଟିଏ ନୂଆ ସ୍ଥିତିକୁ ଦଶନ୍ଧିର ନେପଥ୍ୟରେ କରାଇଛି ଆବିଷ୍କୃତ । ସେହି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରୁ 'ନରକିନ୍ନର'ର ଉତ୍ପତ୍ତି ଏବଂ ସେହି ଦ୍ୱନ୍ଦ୍ୱର ତାହା ପ୍ରତୀକାତ୍ମକ ଅଭିବ୍ୟକ୍ତି; ହୁଏତ !

୧୯୯୫ ମସିହା ପବିତ୍ର ଦୋଳପୂର୍ଣ୍ଣମୀରେ ୯୫ ମସିହା ସଂସ୍କରଣ ପାଇଁ ମୁଖବନ୍ଧ ରଚନା କରିବା ବେଳେ ଶାନ୍ତନୁ ବାବୁଙ୍କ ବଡ଼ ଅବସୋସ ଏହି ବହି ସମ୍ବନ୍ଧରେ 'ସାଧାରଣ

Digitized by srujanika@gmail.com

ପାଠକୀୟ ପ୍ରତିକ୍ରିୟାର ମୁଖ୍ୟସ୍ୱରଟି ଏଯାବତ୍ ଅତ୍ୟନ୍ତ ଦୁର୍ବଳ ଓ କୁଣ୍ଠା ମିଶ୍ରିତ । ୧୯୬୨ରେ ଯେଉଁ ଶବ୍ଦଟି କାନରେ ପଡୁଥିଲା ଆଜି ବି ଶୁଭୁଚି ତା'ର ପ୍ରତିଧ୍ୱନି - 'ଦୁର୍ବୋଧ' ।

୧୯୬୨ ମସିହା, ଚୀନ-ଭାରତ ଯୁଦ୍ଧ କାଳର ଗୋଟିଏ ନବଧର୍ମର ବସନ୍ତ ନୁହେଁ କି 'ନରକିନ୍ନର' ! ପରାଧୀନ ଭୁଖୁଡ଼ା ଭାରତର ସର୍ବଶ୍ରେଷ୍ଠ ଅନଗ୍ରସର ଜାତି, ପରିବର୍ତ୍ତନର ପବନକୁ କ'ଣ ଏତେ ସହଜରେ ଚିହ୍ନି ଯିବକି ? ଯେତେବେଳେ ଦେଶର ଗୋଟିଏ ପ୍ରାନ୍ତ ସ୍ୱାଧୀନତାର ସ୍ୱାଦ ଆସ୍ୱାଦନ କରୁଛି, ସେତିକିବେଳେ ବଣ-ପାହାଡ଼ ଘେରା ଏହି ମୁଲକଟି ଇଂରେଜ ଶାସକଙ୍କ କରଗତ ହେଉଛି ! ୧୯୬୨ରେ କଲେଜ ମାଟି ମାଡ଼ିଥିବା ଓଡ଼ିଆଙ୍କ ସଂଖ୍ୟାକୁ ସାମ୍ନାରେ ରଖି 'ନରକିନ୍ନର' ପାଠକଙ୍କ ପରିସଂଖ୍ୟାନ କଳ୍ପନା ବାହାରେ !

ଶତାବ୍ଦୀର ହାତୁଡ଼ି ମାଡ଼ରେ ମନୁଷ୍ୟ ଛୋଟିଆ ହୋଇ ଯାଇଛି । ୧୯୯୫ ମସିହା ସଂସ୍କରଣ ମୁଖବନ୍ଧ ରଚନାର ଦୁଇ ବର୍ଷ ପୂର୍ବରୁ ଜଣେ ସାଧାରଣ ପାଠକ ସେହି କ୍ଷୁଦ୍ର ମନୁଷ୍ୟର ବର୍ଣ୍ଣନା ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି - 'ସିଏ ଡିକେନ୍ସଙ୍କ ଡାଭିଡ୍ କପରଫିଲ୍ଡ଼ ନୁହେଁ, ବରଂ ଅଲିଭର ଟୁଇଷ୍ଟର ଛୋଟ ଗୋଟିଏ ଲିଲିପୁଟ । ତା ତଳେ ମାଟି ଓ ଉର୍ଦ୍ଧ୍ୱରେ ଆକାଶ ନାହିଁ, ଅଥଚ ସିଏ ଠିଆ ହୋଇଛି ଅଢ଼େଇ ଲକ୍ଷ ପାଉଣ୍ଡରେ ବୀମାକୃତ ପପ୍‌ଗାୟିକା ସାମନ୍ଥା ଫକ୍ସର କୁଚ ଦୁଇଟି ପରି ! ପାଇଚି ପୁତନା ସ୍ତନର ସ୍ୱାଦ । ଛୁଇଁଚି ସୂର୍ଯ୍ୟ ! ଶାନ୍ତନୁବାବୁ ଡାକୁଥିଲେ ଜର୍ଜ ! କୋଏଷ୍ଟଲର କହୁଥିଲେ ବାବୁ ରୁବାସୋଭ ! ଆଉ ଡଷ୍ଟୟଭସ୍କି, ତା ନାଁ ଦେଇଥିଲେ କିର୍‌ଲୋଭ ।

(ସୌଜନ୍ୟ : ଦୈନିକ ଦିନଲିପି, ତା. ୨୧.୧୧.୧୯୯୩, ରବିବାର ସାହିତ୍ୟ ପୃଷ୍ଠା ୧ - ଲେଖକ ଓ ଅନୁବାଦକ ନକୁଳ ଚନ୍ଦ୍ର ସାହୁ)

'ନରକିନ୍ନର', 'ଶତାବ୍ଦୀର ନଚିକେତା' ଓ 'ଦକ୍ଷିଣାବର୍ତ୍ତ'; କାଳର କବାଟ ଆରପଟେ ଦଣ୍ଡାୟମାନ ଖଣ୍ଡିଏ ଖଣ୍ଡିଏ ସାରସ୍ୱତ କୋଣାର୍କ ! ସମୟର ଲୁଣିହାଓ୍ୱା ଶାନ୍ତନୁବାବୁଙ୍କ କଲମରୁ ନିସୃତ କଳାକୁ କରୁଛି ଚକ୍ ଚକ୍ । ଅ-କ୍ଷର ଶିଳ୍ପ କାଳକୁ କଜ୍ଜଳ କରି ତୋଳାକୁ କରୁଛି ନିର୍ମଳ । ନରକିନ୍ନରର ସୃଷ୍ଟି ସମୟ ଓ ଜର୍ଜର ଉତ୍ପତ୍ତି କାଳ ଏକ ଐତିହାସିକ ଘଡ଼ିସନ୍ଧି କାଳ ! ଓଡ଼ିଆ ଉପନ୍ୟାସ ସାହିତ୍ୟର ଏକ ଯୁଗକ୍ଷୟ ଓ ନବଯୁଗ ଆବିର୍ଭାବ କାଳ । ଔପନ୍ୟାସିକ ହେନ୍‌ରୀ ମିଲର୍ ତାଙ୍କର ଟ୍ରାୟଲୋଜୀର ଶେଷ ଦୁଇ ଫର୍ଦ୍ଦରେ ବର୍ଣ୍ଣନା କରିଛନ୍ତି, 'ଲେଖିଚି ଜଣେ ଲୋକ' ଦି ଆପୋଲଜୀ ଅଫ୍ ଏ ମ୍ୟାଡ଼ମ୍ୟାନ୍' । ଆଉ ଜଣେ 'ରିଭଲ୍ୟୁସ୍‌ନାରୀ କ୍ୟାଟେଚିଜିମ୍' । ପୁଣି ଜଣେ ଲେଖିଚି 'ଦି ମେଟାଫିଜିକ୍ସ ଅଫ୍ ସେକ୍ସ' । ନିଜ ପାଇଁ ପ୍ରତ୍ୟେକ ଜଣେ ଜଣେ ବିପ୍ଳବୀ । ଜଣକ ଛବିରୁ ମୁଁ ଅଧ୍ୟୟନ କଲି ସେ ରକ୍ଷଣଶୀଳ, ଜଣେ ରହସ୍ୟମୟ ଓ ଅନ୍ୟଜଣକ ରାଷ୍ଟ୍ରବିପ୍ଳବର ପ୍ରଚାରକ । ଜଣେ ପ୍ରାଚୀନପନ୍ଥୀ ଧର୍ମଭୀରୁ ଭୌତିକବାଦୀ, ଜଣେ ଦେଶପ୍ରେମୀ ଏବଂ ଅନ୍ୟଜଣକ କମ୍ୟୁନିଷ୍ଟ-କ୍ୟାଥଲିକ୍ ଓ ଫାଶିଷ୍ଟ ଭାବେ ରୋମ୍‌ରେ ତାଙ୍କ ଜୀବନ ସମାପ୍ତ !

ଏହା କ'ଣ ଐତିହାସିକ ଘଡ଼ିସନ୍ଧି କାଳ ? ନିଶ୍ଚିତ ଏହା ଏକ ଯୁଗକ୍ଷୟ ସମୟ ।

Digitized by srujanika@gmail.com

(ପ୍ଲେକ୍ସସ୍ / ହେନ୍‌ରୀ ମିଲର୍, ସୌଜନ୍ୟ : ଦିନଲିପି, ୧୭ ଜୁଲାଇ ୧୯୯୪)

ଆଧ୍ୟାତ୍ମିକ ଅର୍ଥରେ ନାୟକଟି ଜନ୍ମ ଲଭି ନାହିଁ ଯୀଶୁଙ୍କ ଜନ୍ମ ସମୟରେ କିମ୍ବା ଉନବିଂଶ ଶତକର ପବିତ୍ର ରଥରେ ! ନାକ୍ଷତ୍ରିକ ସଂଯୋଗବଶତଃ ଇତିହାସର ଗୋଟିଏ ଘଡ଼ିସନ୍ଧି କାଳ, ଅନାବଶ୍ୟକ ଓ ଅବାଞ୍ଛିତ ଭାବେ ତାର ଜନ୍ମ ! ତା ପ୍ରକୃତ ପିତୃପୁରୁଷ ଓ ମାତୃତ୍ୱର ଅଭିଶପ୍ତ ଜରାୟୁ ସାମାଜିକ ଭୟରେ ଯେ କି ଅସ୍ଥିର ଓ ଅନନ୍ୟୋପାୟ ! ସତ୍ୟର ସ୍ପନ୍ଦନ ଓ ଗଭୀର କଳ୍ପନା ଶାନ୍ତନୁବାବୁଙ୍କ ଜର୍ଜର ପ୍ରକୃତି ପିତାମାତା । ଦୁହିଁଙ୍କ ସ୍ୱପ୍ନ ଓ ସଂଭୋଗକୁ ଉପଲବ୍ଧି କରେ କେବଳ ସମୟର ବୈଚିତ୍ର୍ୟ । ଯେଉଁ ବୈଚିତ୍ର୍ୟର ଚରିତ୍ର 'ନରକିନ୍ନର'ର ନାୟକ ।

କଳା ପାଇଁ ସତ୍ୟକୁ ବାଛିବାରେ ଏବଂ ଚିହ୍ନିବାରେ ଶ୍ରୀଯୁକ୍ତ ଆଚାର୍ଯ୍ୟ ପ୍ରବୀଣ । ଅସାମାଜିକ ଶିଶୁକୁ ଆଶ୍ରୟର ସମାଜଟିଏ ଦେଇ ତାଙ୍କ ମନ ମାନବବାଦୀ ହେବା ସହିତ ହୋଇଛି ସମାଜ ସଂସ୍କାରକ । ସମାଜ ବାହାରର ସ୍ଥିତିରୁ ଜର୍ଜକୁ ମୁକୁଳାଇ ସିଏ ସର୍ବପ୍ରଥମେ ନେଇ ଆସିଛନ୍ତି ଗୋଟିଏ ସାମାଜିକ ସ୍ଥିତିକୁ । ସମାଜର ଘା'ଟିକୁ ଘୋଡ଼େଇ ଦେଇ ସର୍ବାଗ୍ରେ ତାକୁ ସିଏ ବଂଚାଇ ଦେଇଛନ୍ତି ଧନୁଷ୍ଟଙ୍କାରରୁ ! ଗୋଟିଏ ଅନିଶ୍ଚିତତାର ନାଭିରୁ ଉତ୍‌ଥିତ ବିନ୍ଦୁଟିକୁ ନେଇ କଳାର ବିସର୍ଗ ସ୍ଥିତିଟିଏ ସିଏ ଗଢ଼ିଛନ୍ତି । ଏମିତି ଚରିତ୍ର ଓଡ଼ିଆ ଉପନ୍ୟାସରେ ତାଙ୍କ ପୂର୍ବରୁ କେହି ବାଛିଥିଲେ କି ? ଗତ ଶତକ ଶେଷ ଦଶନ୍ଧି ବେଳେ ଜଣେ ଔପନ୍ୟାସିକ କିଛି ଯୁବକ ଅଧ୍ୟାପକ ସହିତ ଗୁଞ୍ଜରଣ କଲେ ଓଡ଼ିଆ ସାହିତ୍ୟରେ ଜଣେ ଗୋଦରା ଦାନୁଆ ବ୍ରାହ୍ମଣ ଚରିତ୍ର ମୋ ବ୍ୟତୀତ ଅନ୍ୟ କେହି କରିଛନ୍ତି କି ଅଙ୍କିତ ? ସେ ଉପନ୍ୟାସ ଜନ୍ମର ତିରିଶ ବର୍ଷ ପୂର୍ବରୁ କାଠ କ୍ୟାବିନ୍ ଖଣ୍ଡିକରେ ଚରିତ୍ର ଜଣେ ଗୋଦରୀ ବୁଢ଼ୀକୁ ବସାଇ ଭୋକର ଭୂଗୋଳରେ ଉହଳ ବିକଳ ନାୟକ ଜର୍ଜ ପାଇଁ ଘଟଣାର ଅକ୍ଷାଂଶ ଗୋଟିଏ ଅଙ୍କା ସରିଛି ! ଗୋଦରା, ଗୋଦରୀ ଓ ରାଣ୍ଡୀ ସାମାଜିକ ଐଶ୍ୱର୍ଯ୍ୟ ନୁହଁନ୍ତି, କିନ୍ତୁ ସାହିତ୍ୟରେ ସାମାଜିକ ଚେତନାର ଅଂଶ । ବୁଢ଼ାର ମୃତ୍ୟୁ ପରେ କ୍ଷୁଧିତ ଜର୍ଜ ପାଇଁ ଗୋଦରୀ ଟାହା-ଜଳଖିଆ ବିକାଳୁଣୀ ବୁଢ଼ୀ ଚରିତ୍ର ଯେମିତି ନଦୀ ପାଇଁ ଉପନଦୀ, ପ୍ଲଟ ପାଇଁ ତାହାର ଉପସ୍ଥିତି ଅପରିହାର୍ଯ୍ୟ ମନେ ହୋଇଛି । ପୁଣି ସିଏ ଏଡ଼େ ଟାଣ ଓ ତା' ମୁହଁ ତୀକ୍ଷ୍ଣ କରାଯାଇଛି ଏପରି ଯେ ସହର ତଳି ଅଞ୍ଚଳ ମଣିଷର ଅତି ବାସ୍ତବ ଚିତ୍ର ହୋଇଅଛି । ବୁଢ଼ୀକୁ ଘେରିଥିବା ଚରିତ୍ରଙ୍କ ସଂଳାପ ଓ ବର୍ଣ୍ଣନା ସ୍ପଷ୍ଟ ସୂଚିତ କରୁଛି ଗୋଟିଏ ସାମାଜିକ ପରିବେଶ । ତା ଭିତରେ ବି ରହିଛି ଅଶ୍ଳୀଳ ଜୀବନର ବାସ୍ନା ! ଯେମିତି ଯେ.ଡ଼ି. ସାଲିଙ୍ଗରଙ୍କ 'କ୍ୟାଚର ଅଫ୍ ଦି ରେ'ର ହୋମୋସେକ୍ସୁଆଲ୍ ଚେତନାର ଲକ୍ଷଣ । ଦେଖନ୍ତୁ ଏଇ ଧାଡ଼ି କେତୋଟି – "...ଲୋକଟା ବଜାରିଙ୍କ ଭଳି ହସୁଥିଲା । XXଏମିତିକା ମାଲଟାଏ ମୁଁ ଦେଖିଥିଲି ଥରେ ଦକ୍ଷିଣରେ । ତୋର ମନେ ଅଛି କି ନା ବେ କାମାୟା ? ଢଢବଡ଼ ଅଫିସର ଘରର ପିଲା ନ ହେଲେ ଏମିତି ଜିନିଷ ଉଠୁରେ ନାଇଁ – ନା କ'ଣ କହୁଚୁ କାମାୟା ? XXଜୀବନରେ ବହୁ ଶିକାର ଅଭିଜ୍ଞତା ନିଶ୍ଚୟ ଥିଲା ଲୋକଟିର । ସେ ସତେ କି ଭଲ କରି ବୁଝିଥିଲା – ଯେଉଁ

Digitized by srujanika@gmail.com

ଶିକାର ଯେତେ ଖେଳ ଦେଖାଏ, ଡିଆଁ ମାରେ, ସେ ସେତେ ବଢ଼ିଆ ଶିକାର । XXଦେଖିବେ କାମାୟା, କେମିତି ଲାଲ୍ ପଡ଼ିଯାଉଚି ! ଶାଲା, ତୋର ଦକ୍ଷିଣୀ ସାମାନ୍‌କୁ ବି ଏ ବଳିଯିବ । ସେ କି ସାମାନ୍ ବେ ? ସାମାନ୍ ଯେ ଏଇ । କିବେ ଟୋକା, ତୁ ଏତେ ଦିନ ଥିଲୁ କେଉଁଠି ? XXକିବେ କାମାୟା ! ଏଇନେ ତୁ ଯୋଉ ଇସ୍କୁଲ ଟୋକାକୁ ସବାର କରୁଚୁ, ତା ଠଉଁ ଇଏ ସାମାନ୍ କେମିତି... କଅଣ... କିବେ ଶୁଣୁଚୁ ନା ନାଇଁ ?" (ନରକିନ୍ନର, ପୃ. ୯-୧୦ଷା, ୨୦୧୦ସଂ.) । ଅଭିବ୍ୟକ୍ତିରେ ଲାଳିତ୍ୟ ଓ ଲାବଣ୍ୟ କରେ ବିସ୍ମିତ । ସ୍ମୃତି ପଟ୍ଟରେ ସ୍ୱତଃ ଭାସି ଉଠେ ଆଲବର୍ଟ ମୋରାଭିଆଙ୍କ ପ୍ରସିଦ୍ଧ ଉପନ୍ୟାସ 'Two Adolescence' । ସମର ସେଟ ମୋମ୍ ତାଙ୍କ ଉପନ୍ୟାସ 'ଦି ସୁମିଂଅପ୍'ରେ ଲେଖିଛନ୍ତି, ମଣିଷ ଚିରକାଳ ଅଶ୍ଳୀଳ । ଏହା ତାହାର ସ୍ୱଭାବ । ଇଲିୟଟ ଲେଖିଛନ୍ତି କ୍ଷୁଧା ଓ ଯୌନ (sex) ଶାସନ କରିଛି ସଂସାରକୁ । ଅନନ୍ୟୋପାୟ ମଣିଷଙ୍କ ପାଇଁ ସମକାମୀ ପ୍ରବୃତ୍ତି କାଶ ଔଷଧରୁ ଶିଶିଟିଏ ଯେମିତି ! ମାର୍ଶାଲ ପ୍ରାଉଷ୍ଟ (Marcel Proust)ଙ୍କ ଉପନ୍ୟାସ ସିରିଜ୍ 'A la Recherche du Temps perdu' (୧୯୧୩-୨୬)ର ତୃତୀୟ ଖଣ୍ଡର ଶୀର୍ଷକ 'Sodome et Gomorrhe' । ସାହିତ୍ୟ ଶବ୍ଦ-ଶିଳ୍ପ । ଗୋଟିଏ ଶ୍ରେଷ୍ଠ କଳା । କଳାର ଚାତୁରୀରେ ନଥାଏ ଶ୍ଳୀଳ ବା ଅଶ୍ଳୀଳ । ଶବ୍ଦ ବସାଣ ପରାକାଷ୍ଠା ହେଲା ଶ୍ରେଷ୍ଠକଥା ! ବାକ୍ୟ ହିଁ ପ୍ରମାଣିତ କରେ ଉଚ୍ଚତର କଳାର ଗରିମା ଓ ଉଜ୍ଜ୍ୱଳ ମହିମା । ପ୍ରକୃତରେ ଉପରୋକ୍ତ ବର୍ଣ୍ଣନା realities of pain, ଜର୍ଜକୁ ପରାସ୍ତ କରିପାରିନାହିଁ । ବରଂ ତାକୁ ପରାସ୍ତ କରିବାକୁ ଚେଷ୍ଟା କରିଛି ଭୋକ । ସେହି କାଠକ୍ୟାବିନର ଉପସ୍ଥିତି ସବୁତକ ମଣିଷ ଯେମିତି ଜଣେ ଜଣେ ପରାସ୍ତ ! ସେମାନଙ୍କୁ ଜିଣି ନାହିଁ ଭୋକ, ଜିଣିଛି ସେଇ ଗୋଦରୀ ବୁଢ଼ୀଜଣକ ! ହେମିଂଓ୍ୱେଙ୍କ 'ଦି ଓଲ୍ଡ଼ମ୍ୟାନ୍ ଏଣ୍ଡ୍ ସି'ର ନାୟକ ସାଣ୍ଟିଆଗୋ (Santiago), 'He likes to think of the sea as La mar, a capricious woman, beautiful and kind, but also casual.' ଯେତେବେଳେ ସିଏ ନିଷ୍ଠୁର ହୋଇଯାଏ ପକ୍ଷୀମାନଙ୍କୁ ଗିଳିଯାଏ (ପୃଷ୍ଠା ୨୬) । ବୁଢ଼ୀର ବର୍ଣ୍ଣନାରେ ସେହି କଳାତ୍ମକ ସୁଠାମ, ଭାଷାର ପାରମ୍ପରିକ ବ୍ୟବହାର ଓ ଅଭିବ୍ୟକ୍ତିର ସ୍ୱଚ୍ଛତା ବିସ୍ତୃତ । ବର୍ଣ୍ଣନାର ମଝାରେ ରହିଛି ମନସ୍ତତ୍ତ୍ୱ । ଗୋଟିଏ ରାହାରେ ଗଳ୍ପ ବୟାନ କରିଚାଲିଛନ୍ତି ଫର୍ଦ୍ଦ ପରେ ଫର୍ଦ୍ଦ ଟପି ଔପନ୍ୟାସିକ ।

ଗୋଦରୀ ବୁଢ଼ୀ ଗୋଟିଏ ପ୍ରକାର ଅଲଗା ଚରିତ୍ର । ତା ଜୀଇଁବା ଶୈଳୀଟି ନିଆରା । ସେଇ ନିଆରା ଶୈଳୀଟିକୁ ଅମାବାସ୍ୟା ପୂର୍ବ ରାତ୍ରିର ଜହ୍ନପରି ଗୋଟିଏ ଉପମା ଭିତରେ ଜର୍ଜ ତାକୁ ଭେଟୁଚି । ବୁଢ଼ୀ ବି ବିସ୍ମିତ – 'ଇଏ ପୁଣି ଆସିଲା କେଉଁଠୁ ? ସମସ୍ତଙ୍କ ଭଳି ଇଏବି କ'ଣ ଦଉଡ଼ି ଆଇଚି ଗରାଖ ହେବାକୁ ? ଏଡ଼େ ମେଞ୍ଚଡ଼ ଟୋକାଖଣ୍ଡେ... । ଡଢ ନା ନା ଇଆ ଭିତାରେ ଆଉ କିଛି କଥା ଅଛି । ଇଆ ଭିତରେ କିଛି ମରମ ଅଛି !'

ଜର୍ଜ ଭିତରେ ବି ସେହି ବିସ୍ମୟର ଘୂର୍ଣ୍ଣି – 'କି ଭୋକ ସେ ? ପେଟର ଭୋକ ନା ମନର ଭୋକ ? କେତେ ଲୋକର ଭୋକ ବା ସମ୍ଭାଳି ପାରିବ ଏଇ ଗୋଟାଏ ଗୋଦରୀ

Digitized by srujanika@gmail.com

ବୁଢ଼ୀ... ! ତଥାପି ସମ୍ଭାଳି ନିଏ ସେ...' । ଗୋଟିଏ ଚଟୁଳ ସନ୍ଦିଗ୍ଧ ଭାଷା ଆଢୁଆଳରେ ଥିବା ଜୀବନକୁ କରିଛି ବର୍ଣ୍ଣନା । 'ମାଂସର ମହାଯାତ୍ରା'କୁ ଆଢୁଆଳ ଭିତରେ ରୋଷଣୀ କରି ଆସିଛି । ଶାନ୍ତନୁବାବୁ ପ୍ରୟୋଗ କରିଛନ୍ତି ଦୁଇଟି ପ୍ରତୀକ ଯାହା ଯୌନ ମନସ୍ତତ୍ତ୍ୱ ଫନ୍ଦକୁ କରିଛି ବ୍ୟାପକ ଓ ବିସ୍ତୃତ। ଗୋଟିଏ 'ଚୁଲି' – 'ଏଇ ଚୁଲିଟାଇ ଏକ ମାଂସାଶୀ ଜୀବନର ଚୂଡ଼ାନ୍ତ ଦର୍ଶନ, ଆଉ ମାଂସଖଣ୍ଡର ନିର୍ବାଣ ନିମିତ୍ତ ପ୍ରକୃଷ୍ଟ ସ୍ଥାନ...'। 'ଜୀବନ ଓ ସୃଷ୍ଟିକୁ ସାର୍ଥକ କରିବା ପାଇଁ ଚୁଲି'... । ବିରୋଧାଭାସ ସୃଷ୍ଟି କରିଛନ୍ତି ଉଚ୍ଚାରଣ କରିଛନ୍ତି, 'ଗୋଟିଏ ନିଆଁ ରଡ଼ ବି କାହିଁ' ? ଗୋଟିଏ ଯୋଗ-ତାନ୍ତ୍ରିକ ଭାଷାର ପ୍ରୟୋଗ, ଯେମିତି 'ଶୂନ୍ୟରେ ବାଜୁଛି ବୀଣା !' ନିଆଁ ନାହିଁ ପୁଣି ଖାଦ୍ୟ ଚୁଲିରେ ପ୍ରସ୍ତୁତ ହେଉଛି କିପରି ? 'Little Gidding'ରେ ଇଲିୟଟ ଲେଖିଛନ୍ତି – We only live, only suspipirel Consumed by either fire or fire. (Four quartets, Page 37) । ତାଙ୍କ ପାଇଁ 'the fire and the rose are one' (Page 39) । ଅଗ୍ନି ଓ ଗୋଲାପ ଏକ ! ଗୋଲାପ ସନ୍ଦିଗ୍ଧାତ୍ମ ପ୍ରତୀକ । ଏକାପରି ପ୍ରତୀକ ଶାନ୍ତନୁବାବୁଙ୍କ ଚୁଲି ଓ ତା' ନିଆଁ ! ମଣିଷର କାମନାକୁ ଖାଦ୍ୟରୂପେ ସିଦ୍ଧ କରି ଦେଉଛି, ତାକୁ ଘେରି ବସିଥିବା ଗରାଖମାନଙ୍କୁ ! ଅନ୍ୟ ଶବ୍‌ଦଟି ହେଲା କୋଳ !' 'ଏଇ କୋଳଟାର ଅର୍ଥ ବାସ୍ତବିକ କଅଣ...?' 'ଅଦ୍ଭୁତ ଉଷ୍ମ !' ସେଇ ଗୋଟାଏ ମଣିଷ – ଗୋଟାଏ କୋଳ ତା'ର ! କେତେ ପ୍ରକାର ଅନୁଭୂତି... । XXଏଇ କୋଳର ବିଭିନ୍ନ ରସକୁ କଳ୍ପନାରେ ହେଲେ ମଧ୍ୟ ଆସ୍ୱାଦନ କରିପାରିଚି, ...ଏଇ କୋଳର ବିଭିନ୍ନ ମାହାତ୍ମ୍ୟ ଦର୍ଶନ କରି ଚମତ୍କୃତ ହୋଇଚି ଓ ଜୀବନକୁ ଜୀବନ ବୋଲି ମଣିଚି ।' ଇଏ ସେଇ କୋଳ, ଯେଉଁ ଚେନାଏ କୋଳରୁ ସଂସାର ବାହାରିଛି ! ଏହା ଆଧୁନିକ କି ଅଶ୍ଳୀଳ ନୁହେଁ, ଏହା ଶାସ୍ତ୍ରୀୟ, ସଭ୍ୟତାର ଆଦି କାଳରେ ତାହାର ବ୍ୟବହାର ଓ ପ୍ରୟୋଗ ଦୃଷ୍ଟାନ୍ତ ରହିଛି – 'ମମଯୋନିରପସ୍ୱନ୍ତଃ ସମୁଦ୍ରେ...' ! (ଋଗ୍‌ବେଦ ୧୦/୧୨୫/୭) । କୋଳର ସମୁଦ୍ରରୁ ସୃଷ୍ଟିର ଉତ୍ପତ୍ତି । ସେ କୋଳଟି ପରମ ମମତାମୟୀ ଅଶେଷ କଲ୍ୟାଣୀ ଜଣେ ସର୍ବଂସହାର ! ଆଗକୁ ଆସିଛି 'ପଛିମା ମାଇକିନିଆ' ଏପିସୋଡ଼ ! କ୍ୟାବିନ୍ କରକୁ ବନ୍ଦ କବାଟ ଘର, କାନ୍ଥସାରା ଅଙ୍ଗାରରେ ଭୟାନକ ଚିତ୍ର ! ଗୋଟାଏ ଦୋକାନ, ଭାରି କାଟ୍‌ତି ହେଉଥିଲା, ଦିନେ ସକାଳକୁ ଦେଖାଗଲା ତାର ଖୁନ୍ ! ...' ତାର ଗୋଟାଏ ପାଖ ଥନ ନଥିଲା – ସେଇଟାକୁ କିଏ କାଟି ନେଇଥିଲା । ଅନେକ କହିଲେ ଯେ ସେଇଟା କଟା ହୋଇ ନଥିଲା – କେହି ଦୁର୍ବୃତ୍ତ ତାକୁ ଦାନ୍ତରେ କାମୁଡ଼ି ଛିଣ୍ଡେଇ ଦେଇଚି !'

ଇଲିୟଟ ଲେଖିଛନ୍ତି, 'What we have written is not a story of detection / of crime and punishment but of sin and expiation' ! ବିପର୍ଯ୍ୟସ୍ତ ସମାଜ ଜୀବନ, 'Here were decent godless people' (Eliot) । ଉପନ୍ୟାସ ଶିଳ୍ପରେ

Digitized by srujanika@gmail.com

ଯାହା ଆବିର୍ଭୂତ ହୋଇଛି ତାହା ଯେମିତି ଥିଲା ଅନିବାର୍ଯ୍ୟ ! ଶିଳ୍ପ ସ୍ୱପ୍ନଧର୍ମୀ । ସ୍ୱପ୍ନରେ ନଥାଏ 'ଏହା ଘଟିବା ଉଚିତ' ଓ 'ଏହା ନୁହେଁ' ! 'ମଡ଼େର୍ଣ୍ଣ ମ୍ୟାନ ଇନ୍ ସର୍ଚ୍ଚ ଅଫ୍ ସୋଲ୍'ରେ ସି.ଜି.ଯଙ୍ଗ୍ କରିଛନ୍ତି ସୂଚିତ – 'A great work of art is like a dream : fox all its apparent obviousness, it does not explain itself and is never unequivocal. A dream never says : 'You ought' or 'this is truth'. What emerges is something that no one willed....' । ଔପନ୍ୟାସିକ ଫରଷ୍ଟେର ଉଲ୍ଲେଖ କରିଛନ୍ତି, Art should be an expression of life, ...ଜର୍ଜର ଜୀବନ ଚିତ୍ର ଭିତରକୁ କରିଛି ଅନୁପ୍ରବେଶ ଚରଣ ରାଓର Sadosim ବା Masochist ଅନୁଭବ ! Marquis de Sadeଙ୍କ ରଚିତ ଉପନ୍ୟାସ 'Justine'ରେ ଯଷ୍ଟିନ୍ ଦେଖିଚି Bressace ଜଣେ ସର୍ମକୀୟ a Count, who bled his wives to drink their blood... ! ମହାଯୁଦ୍ଧୋତ୍ତର ନୃଶଂସ ଜୀବନ ପାଶବିକ, ଆଧୁନିକ ଜୀବନ ଅଶ୍ଳୀଳ, କଳା ତାହାର ପ୍ରଭାବ ଓ ପ୍ରରୋଚନାରୁ ନୁହେଁ ମୁକ୍ତ ! ଏହାକୁ ଅନୁଭବ କରୁଛି ଜର୍ଜର ଆଖି ଯୋଡ଼ିକ ଓ ଉଡ଼ନ୍ତା ଇଚ୍ଛା । ବୟସ ସିନା ତା' ଚତୁର୍ଦ୍ଦଶ, କାମ ଉର୍ଜା ପରିପକ୍ୱ ହେବା ବୟସ, କିନ୍ତୁ ଅନୁଭୂତିରେ ଯେମିତି ସିଏ ହୋଇ ଯାଉଛି ବୟସ୍କ !

ମୁହଁଖୋର ବୁଢ଼ୀ ମଧ୍ୟ ବତେଇ ଦେଉଛି, 'ହଇରେ ପୋଡାମୁହଁ – 'ତୁ କଅଣ ମୋ ସାନ ଘଇତାକି ?' ଜର୍ଜ ବି ନିଜକୁ ନଜିର ମିଆଁ ଭାବି ବୁଢ଼ୀ ପଣତକୁ ନାକ ତଳେ ମାଡ଼ି ଉପର ଓଠର ଉଦୀୟମାନ ନରମ ଋମ ଉପରେ ଘଷିଛି ବୁଢ଼ୀ ପଣତକୁ ! ତାରୁଣ୍ୟର (adolescence)ର କୌତୂହଳ ସାରସ୍ୱତ ଚହଲରେ ବଦଳିଛି । ବୟସର ନିର୍ଦ୍ଦିଷ୍ଟ ବୃତ୍ତ ଯେତେ ପ୍ରକାର ସ୍ୱପ୍ନ ଓ ଚିତ୍ର ଆଧୁନିକ ଜଗତର ଚେତନାରେ ସମ୍ଭବି ପାରେ ସେ ସମସ୍ତକୁ ଧରି ରଖିଚି 'ନରକିନ୍ନର'ର ଫର୍ଦ୍ଦ ।

'ନରକିନ୍ନର' ସୃଷ୍ଟି କରିଛି ତାହାର ନିଜର ମୂଲ୍ୟ ଓ ମୂଲ୍ୟାୟନ, ସମୟ ତିଆରି କରିଛି ସେଇ ମୂଲ୍ୟ ଓ ମୂଲ୍ୟବୋଧ । ଉପନ୍ୟାସ ତାହାର ନିଜର ସୃଜନଶୀଳ ଶୈଳୀରେ କ୍ରିଏଟିଭ୍ । ଆଞ୍ଚଳିକତାର ବିଶାଳ ପ୍ରାଚୀର ଭିତରେ ଥିବା ସୃଜନଶୀଳ କଳା ହଠାତ୍ ଲମ୍ଫ ପ୍ରଦାନ କରି ପ୍ରାଚୀର ଅତିକ୍ରମ କରି ବିଶ୍ୱ-ସାହିତ୍ୟ ବଳୟରେ ପହଞ୍ଚିଥାଏ ବୋଲି ଶାନ୍ତନୁବାବୁଙ୍କ ଧାରଣା । ୨୦୧୨ ନୋବେଲ୍ ଅଭିଭାଷଣରେ ଚୀନା ଲେଖକ ମୋ ୟାନ୍‌ଙ୍କ ବକ୍ତବ୍ୟ, ସାହିତ୍ୟ ହେଉଛି ମାନବିକତାର ଏକ ଆଭୂଷଣ ଓ ଏକ ବିଭୁଦତ୍ତ ଅଧିକାର । ସାହିତ୍ୟର ଅବସ୍ଥିତିରେ ଏହାର ଅନୁପସ୍ଥିତି ଆମ ଜୀବନକୁ କରେ ଅଭିଶପ୍ତ ଓ ପାଶବିକ । XXଅନୁବାଦ ବ୍ୟତିରେକେ ବିଶ୍ୱ ସାହିତ୍ୟ ବୋଲି କିଛି ନାହିଁ । ଅନୁବାଦମାନଙ୍କ କାର୍ଯ୍ୟ ସେତୁ ସଦୃଶ୍ୟ, ପାଠକମାନଙ୍କୁ ବୁଝାଇବା ଓ ପରସ୍ପର ମଧ୍ୟରେ ସମ୍ମାନଜନକ ସ୍ଥିତି ନିର୍ମାଣରେ କରିଥାଏ ସାହାଯ୍ୟ । (ସୌଜନ୍ୟ : ଦୈନିକ ସମ୍ବାଦ, ୧୬ ଡିସେମ୍ବର ୨୦୧୨) । ସମକାଳ ବିକାଶଶୀଳ ସ୍ୱଭାବ ଓ ଉପାଦାନ କେତେ ଆନ୍ତର୍ଜାତିକ ସାହିତ୍ୟ ଦୃଷ୍ଟିକୋଣରୁ ରହିଛି ତାହା ନିରୂପଣ ପାଇଁ

Digitized by srujanika@gmail.com

'ନରକିନ୍ନର'ର ଇଂରାଜୀ ଭାଷାନ୍ତର ଆନ୍ତର୍ଜାତିକ ପାଠକଙ୍କ ହାତରେ ପଡ଼ିଲେ ହିଁ ତାହା ଶାନ୍ତନୁବାବୁଙ୍କ ବିଶ୍ୱସାହିତ୍ୟ ବଳୟ ପ୍ରାପ୍ତ ହେବ । ଯାନ୍‌ଙ୍କ ଦଶଟିଯାକ ଉପନ୍ୟାସ ଇଂରାଜୀ ଭାଷାର ଦ୍ୱାର ଦେଇ ଚୀନ ଅତିକ୍ରମ କରି ଏସିଆ ପାର ହୋଇ ୟୁରୋପ ଓ ଆମେରିକାରେ କରିଛି ଅନୁପ୍ରବେଶ । ରୋଲାଁଙ୍କ ଜାଁ କ୍ରିସ୍ତୋଫ୍ ପ୍ରସଙ୍ଗ ? କ୍ରିସ୍ତୋଫ୍ ବା ଖ୍ରୀଷ୍ଟଫର୍‌ର ତୁଳନା ଜର୍ଜ ସହିତ ଅସମୀଚିନ । ୧୫୫୦ ପୃଷ୍ଠା 'ଜାଁ କ୍ରିସ୍ତୋଫ୍', ଏହାକୁ ଜିଲବଟ୍ କ୍ୟାନ୍ ଇଂରାଜୀକୁ କରିଥିଲେ ଭାଷାନ୍ତରିତ । ସର୍ବପ୍ରଥମେ ଜର୍ମାନର ସାମ୍ବାଦିକ ପ୍ରତିପାଦିତ କରିଥିଲେ ଏହାର ଶ୍ରେଷ୍ଠତ୍ୱ ଏବଂ ତାହା ପରେ ଫ୍ରେଞ୍ଚ୍ ଏକାଡ଼େମୀ ରୋଲାଁଙ୍କୁ ଏକ୍ସବଭୟ ଚକ୍ସଘ ସମ୍ମାନରେ ଭୂଷିତ କରିଥିଲା । ଆଲୋଚକ ଦର୍ଶାଇଛନ୍ତି, ଜୀବନ ଭଳି ଉପନ୍ୟାସଟିର ନାହିଁ ଗୋଟିଏ ନିର୍ଦ୍ଦିଷ୍ଟ କଥାବସ୍ତୁ । କଥାବସ୍ତୁ ଲାଗି ଉପନ୍ୟାସଟି ଚିତ୍ତାକର୍ଷକ ନୁହେଁ । ଜୀବନର ବିଭିନ୍ନ କ୍ଷେତ୍ରରେ ରୋଲାଁଙ୍କ ନୀତି ଓ ସୁନ୍ଦର ଅଭିବ୍ୟକ୍ତି ଲାଗି ବହିଟି ପ୍ରାଣସ୍ପର୍ଶୀ । ଭାବର ପ୍ରାଚୁର୍ଯ୍ୟ ଓ ସମାଜର ଦୋଷଗୁଣର ସୁନ୍ଦର ଓ ସରସ ଚିତ୍ରଣ ମୁଗ୍ଧ କରିଦିଏ ପାଠକ-ପାଠିକାଙ୍କ ପ୍ରାଣ !

ବିଶ୍ୱ ସାହିତ୍ୟର ସ୍ୱଭାବ ତାହାର ନିତ୍ୟନୂତନ ଗୁଣ ! 'ନରକିନ୍ନର' ଧାଡ଼ିମାନଙ୍କ ଉଚ୍ଚାରଣରୁ ଏହି ଆଚରଣ ବାରି ହୁଏ । ଭାବ ଓ ଅନୁଭବ ଯାହା ଆଧୁନିକ କାଳ କଳା ଅନୁମୋଦିତ ଉପାଦାନ, ଏଥିରେ ପ୍ରଚୁର, କିନ୍ତୁ ସେମାନଙ୍କୁ ନାନ୍ଦନିକ ବାଗରେ ଦେଖିବାକୁ ଆମ ଚକ୍ଷୁରେ ବୋଧେ ଡୋଳା ନାହିଁ ! ୧୯୫୫ରୁ ୨୦୧୨ ମଧ୍ୟରେ ଭାରତୀୟ ଉପନ୍ୟାସ ସ୍ତରକୁ ନେଇ ଏହି ୫୭ ବର୍ଷ ଭିତରେ ଆମେ ମାତ୍ର ପାଞ୍ଚୋଟି ଉପନ୍ୟାସକୁ ପୁରସ୍କୃତ କରିଛୁ ! ସେଗୁଡ଼ିକ -

୧୯୫୫	ଗୋପୀନାଥ ମହାନ୍ତି	ଅମୃତର ସନ୍ତାନ
୧୯୫୮	କାହ୍ନୁଚରଣ ମହାନ୍ତି	କା
୧୯୬୯	ସୁରେନ୍ଦ୍ର ମହାନ୍ତି	ନୀଳଶୈଳ
୧୯୮୭	ନିତ୍ୟାନନ୍ଦ ମହାପାତ୍ର	ଘରଡ଼ିହ
୨୦୧୧	କଞ୍ଚନା କୁମାରୀ	ଅଚିହ୍ନା ବାସଭୂମି

କେବଳ ଏହି ପାଞ୍ଚୋଟି ଭାରତୀୟ ବଳୟ ଭିତରକୁ ଅନୁପ୍ରବେଶ କରିବା ଭଳି ଉପନ୍ୟାସ, ଆଉ ସବୁ ଆଞ୍ଚଳିକତାରେ ସୀମିତ ? ୧୯୧୩ରେ ରବୀନ୍ଦ୍ର ନାଥ ହୋଇଥିଲେ ନୋବେଲ ସମ୍ମାନୀତ । ଚାଲିଛି ୨୦୧୩, ଏହି ଏକଶତ ବର୍ଷ ମଧ୍ୟରେ କ'ଣ ସୃଷ୍ଟି ହୋଇନାହିଁ ଭାରତୀୟ କୌଣସି ଭାଷାରେ ନିତ୍ୟ ନୂତନ, ଭାବ ଓ ଅନୁଭୂତିପୂର୍ଣ୍ଣ ଅକ୍ଷର ଶିଳ୍ପ ? ବରଂ ଆଞ୍ଚଳିକ ପ୍ରାଚୀରକୁ ଡେଇଁବାକୁ ଅନୁବାଦର ଅଭାବ ଘୋରତର ହୋଇ ରହିଛି । ତେଣୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଭଳି କାଳଜୟୀ ସ୍ରଷ୍ଟା ଆଞ୍ଚଳିକ ଇତିହାସର ବଳୟ ଭିତରେ ରହି ଯାଇଛନ୍ତି ।

John Forrester ଲେଖିଛନ୍ତି ଖଣ୍ଡିଏ ବହି 'Translate This Darkness', ଜଣେ ଆଲୋକକୁ ଅନୁବାଦ କରି ନ ଥାଏ, ବରଂ ଅନ୍ଧକାରକୁ କରିଥାଏ ଅନୁବାଦ

Digitized by srujanika@gmail.com

ଏବଂ ଯାହା ପ୍ରକାଶିତ ହୋଇଥାଏ ତାହା ଆଲୋକ ! ସେହି ଆଲୋକ ଶାନ୍ତନୁବାବୁଙ୍କ ଜର୍ଜ ! ସିଏ ଖୁସ୍‌ବନ୍ତ ସିଂଙ୍କ ଉପନ୍ୟାସ 'କମ୍ପାନିୟନ ଅଫ୍ ଓ୍ୱମେନ୍'ର ନାୟକ ମୋହନ କୁମାର ନୁହେଁ, ସିଏ Uzma Aslam Khanu 'The Geomatry of God' ! ଖୋଜିଲେ ମିଳିବ '୧୯୮୪'ରେ କିମ୍ବା ତାକୁ ପାଇହେବ 'Darkness at Noon'ରେ !

ସମଗ୍ର ଜଗତ ନବଜନ୍ମିତ ମାନବ ଶିଶୁ ପାଇଁ ଏକ ସୁବିସ୍ତୃତ 'ସ୍ଲମ୍' ? 'ନର କିନ୍ନର'ରେ ବର୍ଣ୍ଣିତ ସଭ୍ୟତାର ସଂଜ୍ଞା (ପୃଷ୍ଠା ୫, ସଂସ୍କରଣ ୨୦୧୦) କରେ ବିସ୍ମିତ । ଗରିବ ଲୋକଙ୍କ ଖୁନ୍ଦାପେଲା ବସ୍ତି ଜୀବନକୁ ସର୍ବପ୍ରଥମେ 'City of Joy'ରେ କଲିକତାରେ ଭେଟିଥିଲେ ଔପନ୍ୟାସିକ Domonique Lapierre । କୁହାଯାଏ କୁଆଡ଼େ ତାଙ୍କ ପୂର୍ବରୁ ଅନୀତା ଦେଶାଇ ରଚନା କରିଥିଲେ ବସ୍ତି ଜୀବନ ଉପରେ ଆଧାରିତ 'The Village By the Sea' । ବସ୍ତି ଜୀବନର ହୃଦୟସ୍ପର୍ଶୀ ଗଳ୍ପ ଅନ୍ୟ ଜଣେ ଔପନ୍ୟାସିକ Rahinto Mistay ରଚନା କରିଥିଲେ, 'A Fine Balance' ! G.D. Roberts, ଅନ୍ୟ ଜଣେ ବିଦେଶୀ ଲେଖକ ଭାରତୀୟ ବସ୍ତି ଜୀବନ୍ ଉପରେ ଆଧାରିତ ତାଙ୍କ ପୁସ୍ତକ 'Shantaram' ଆସିଛି ବିକାଶ ସ୍ୱରୂପଙ୍କ ପ୍ରଥମ ଦଶନ୍ଧି କାଳ ଖଣ୍ଡର ସୃଷ୍ଟି "Slumdog Millionaire" ପୂର୍ବରୁ ମାର୍କେଟ । 'ସ୍ଲମ୍‌ଡଗ୍'ରେ କ'ଣ ଆମକୁ ମୁଗ୍ଧ କରିଛି ? ବରଂ ଆମ ସହରୀ ଦାରିଦ୍ର୍ୟର ଆକର୍ଷଣୀୟ ସିନେମା ଗ୍ରାଫିକ୍ ଚିତ୍ର ବିଦେଶୀ କଳା ସମୀକ୍ଷକଙ୍କ ହୋଇଛି ରୋଚକ ! ସାହିତ୍ୟ ଡାଲାରୁ ସରିଯିବା ପସରା ନୁହେଁ, ଯାହା ସରେ ତାହା କାଗଜ-ଶିଳ୍ପ ପୁସ୍ତକ । ନରକୁ କିନ୍ନର (ଦେବ) ସ୍ତରକୁ ଉନ୍ନୀତ କରାଇବା ଯାହାର କାମ ତାହା ସାହିତ୍ୟ । 'ଜର୍ଜ' Trying to see something in the darkness, ଅନ୍ଧକାରରେ ସିଏ ଦେଖୁଥିବା ସେହି 'Something' ତା'ର ଅନୁଭବ, ଔପନ୍ୟାସିକଙ୍କ ଉପନ୍ୟାସ । ମିଲିଟନ୍‌ଙ୍କ କାବ୍ୟିକ ଭାଷାରେ ସେହି ଅନୁଭବ ଟିକକ : Which way I fly is Hell; Myself am Hell, ନୁହେଁ କି ? ସାହିତ୍ୟ ମାନବିକ ଭାବ ଜଗତର ଚେତନଶୀଳ କାହାଣୀ । ଚରିତ୍ର ଓ ସ୍ରଷ୍ଟାଙ୍କ ସତ୍ତା ନିଜ ସମ୍ବନ୍ଧରେ ବେଶ୍ ସଚେତନ ।

'ନରକିନ୍ନର' ୧୯୬୨ର ଗୋଟିଏ ଚରମ ପରୀକ୍ଷା-ନିରୀକ୍ଷାର ସ୍ୱର, ଯେମିତି ସଚ୍ଚିବାବୁଙ୍କ ସୃଷ୍ଟି 'କବିତା ୧୯୬୨' ବହିଟି ! ଗଦ୍ୟରେ 'ନରକିନ୍ନର' ଏବଂ କବିତାରେ 'କବିତା ୧୯୬୨' ଆଧୁନିକ ଓଡ଼ିଆ ସାହିତ୍ୟର ଯେମିତି ଯୋଡ଼ିଏ ହାତ । 'ନରକିନ୍ନର' ଭାଷା, ପ୍ଲଟ, କାହାଣୀ ଓ ଚରିତ୍ର – କେଉଁଠି ଯେ ନାହିଁ ନୂତନ ଦୃଷ୍ଟିର ସ୍ପର୍ଶ ? ଲୁଗାର ଭାଙ୍ଗ ଖୋଲିଲେ ପୁରୁଣା, କିନ୍ତୁ 'ନରକିନ୍ନର'ର କାହାଣୀ ଖୋଲିଲେ ନୂଆ ! କାହାଣୀକୁ ଯାହା ପୁରୁଣା କରିଦିଏ, ତାହାକୁ ବର୍ଣ୍ଣନା କଲାବେଳେ ଶାନ୍ତନୁବାବୁ ରଖି ଦେଇଛନ୍ତି ଉହ୍ୟ, ବର୍ଣ୍ଣନା ରହିତ ! ଯେମିତି ସଂସ୍କୃତ ନାଟକରେ ଥାଏ ଗୋଟିଏ ଗୋଟିଏ ପତାକା ସ୍ଥାନ !

କଳାରେ ଏକ୍ସପରିମେଣ୍ଟର ଉଦ୍ଦେଶ୍ୟ ଲେଖିଛନ୍ତି ସାର୍‌ତ୍ରେ, 'The fundamental purpose of experimentation is to give to Beauty a finer grain, afirmer

Digitized by srujanika@gmail.com

and richer consistency.' ଯାହା 'ନରକିନ୍ନର' ଆକୃତିକୁ ଢାଞ୍ଚା ପ୍ରଦାନ କରିଛି ଏବଂ ପ୍ଲଟକୁ କରିଛି ସୁସଙ୍ଗତ । 'ନରକିନ୍ନର' ଆର୍ଟ ଫର୍ମରେ ରହିଛି ଗୋଟିଏ ସମକାଳ । ଯେତେଦିନ ପର୍ଯ୍ୟନ୍ତ ସଭ୍ୟତା ଓ ସହର ଗଢ଼ି ଉଠୁଥିବ ସେ ସମକାଳଟି ସେମିତି ଥିବ ଅକ୍ଷୁର୍ଣ୍ଣ ଓ ଅମୃତ । ସଭ୍ୟ ମଣିଷ ରହୁଥିବେ ଗଢ଼ା ସହରରେ ଏବଂ ସହର ଗଢୁଥିବା ଓ ସେମାନଙ୍କ ବିଭିନ୍ନ ପ୍ରକାର ସେବାରେ ନିଯୁକ୍ତ ଥିବା ମଣିଷ ରହୁଥିବେ ବସ୍ତିରେ । ସେମାନଙ୍କ ପରି ଦାମୀ ଜୀବନ ନୁହେଁ ବସ୍ତି ମଣିଷର ଜୀବନ, କିନ୍ତୁ ସେମାନଙ୍କ ଜୀବନପରି ମଧ୍ୟ ଏକ ପ୍ରକାର ଜୀବନ ! ସେମାନଙ୍କ ଜୀବନରେ କୃତ୍ରିମ ଷ୍ଟାଇଲ ଅଛି ଏମାନଙ୍କ ଜୀବନ ଷ୍ଟାଇଲ୍ ବଂଚି ରହିବା ପାଇଁ ଯେମିତି ଆବଶ୍ୟକତା ଠିକ୍ ସେମିତି ! ସହର ତଳି ଏମୁଣ୍ଡେ ଗୋଦରୀବୁଢ଼ୀ ଓ ଆରମୁଣ୍ଡେ ଧୋବଣୀ ବୁଢ଼ୀ ! ମଝିରେ ମଣିଷ ମନର ଈର୍ଷା ଓ ଅହଂକାରର ଲାଲ ଢେଉ ! ମଣିଷ ପ୍ରବୃତ୍ତିର ସ୍ୱାଭାବିକ ପ୍ରକୃତି କଳା ରୂପରେ କ୍ୟାନ୍‌ଭାସ୍ ଉପରେ ଫୁଟି ଉଠିଛି । ଚରଣ ରାଓର ଛବି ଅଙ୍କନ ଏପିସୋଡ୍, ପାଗଳାଟାଏ ସେ, 'ପଛିମା ମାଇକିନିଆ' ମର୍ଡ଼ର କେଶ୍‌ରେ ଜେଲ୍ ଖଟି ଫେରିଚି । ପଛକଥା ସୁମରି ତାକୁ କଷ୍ଟ ହେଲେ କାନ୍ଥରେ ଅଙ୍ଗାରରେ ସିଏ ଚିତ୍ର ଆଙ୍କେ । ମରଦ ମାଇକିନାଙ୍କୁ ରାକ୍ଷସ-ରାକ୍ଷାସୁଣୀ, ବାଘ-ବାଘୁଣୀ ଭଳି ! ଦାର୍ଶନିକ ଓଶୋ କହନ୍ତି, ସେକ୍ସ ଇଜ୍ ଭାଓଲେନ୍ସ ! ସେକ୍ସ ମଣିଷକୁ ପଶୁ କରିଦିଏ, ସେକ୍ସର ସୁଇଟନେସ୍ ଟିକିଏ ପାଇଁ ତା ଭିତରର ରାକ୍ଷସ (ରାବଣ) ଅତି ସହଜରେ ଜୀବିତ ହୋଇ ଉଠିଥାଏ । ମାନବ କଳ୍ପନାର ସୁଇଟନେସ୍ ତ ମିଳି ନଥାଏ, ସରଳ ମଣିଷଟିର ପ୍ରକୃତି ପାଶବିକ ପାଲଟି ଥାଏ । ନିଜ ଚେତନାରେ ସେହି କାମୁକ କାମୁକୀମାନେ ବାଘ-ବାଘୁଣୀଠୁ ଅଲଗା କିଛି ନ ହୋଇ ପାରନ୍ତି !

ଚରଣ ରାଓ Robert Lapoujadeଙ୍କ ପରି ଜଣେ self-made ଆର୍ଟିଷ୍ଟ୍ ଯେମିତି ! ସୌନ୍ଦର୍ଯ୍ୟ ଆଶାରେ Lapoujade କାନ୍‌ଭାସ୍ ଉପରେ ରଙ୍ଗ ବୋଳୁ ନଥିଲେ, ସିଏ ଆଙ୍କୁଥିଲେ 'his motif, his themes, his obsessions, his objectives from the very essence of his art.' (Essays in Aesthetics, Page 98/ Jean-Pauliartae ଚରଣ ସାମ୍ନାରେ ଥିଲା ତା' Motif, ତା' Themes ଓ ଏକା Obsessions! ତେଣୁ କାହା ଗୋଡ଼ ସ୍ଥାନରେ ସିଏ ଖଞ୍ଜି ଦେଉଥିଲା କଟା ହାତ ! ମଣିଷ ପାଦରେ ଗୋରୁ ଖୁରା ! କାହା ହାତ ଦି'ଟା ସାପ ! ଭୟଙ୍କର ମଣିଷ ! ...'ମାଇକିନାଗୁଡ଼ାଙ୍କର ନଙ୍ଗଳା ଦିହକୁ ଚାହିଁ ଜର୍ଜ କାବା ହୁଏ । ବାପ୍‌ରେ ବାପ, ଏ କ'ଣ ମଣିଷ ? ଇଏ କ'ଣ ମାଇକିନିଆ ? ...ଇସ୍ - ଜର୍ଜର ଦିହ ବୁଲେଇ ଯାଏ । ...ଚିନ୍ତା କରି ପାରେ ନାହିଁ । ତାକୁ ଡର ମାଡ଼େ' (ପୃଷ୍ଠା - ୨୭) ।

ଅବଚେତନରେ ଅବସୋସର ଯେଉଁ ଅଚିହ୍ନା ଚିତ୍ର ସଂଜୀବୀତ, ଅଙ୍ଗାର ଗାରରେ ତାହା ନେଇଛି ଚରଣ ରାଓ ଆଙ୍ଗୁଠିରେ ଫର୍ମ । ଉପନ୍ୟାସର ଶୃଙ୍ଖଳାରେ ଯେଉଁ ଘଟଣାମାନରେ

Digitized by srujanika@gmail.com

ପବନ ଫର୍ଦ୍ଦ ଉପର ଦେଇ ବୋହି ଯାଇଛି ତାହାର ଅନ୍ତରଙ୍ଗ ଉପସ୍ଥିତି Realityର ଏକ ଆକୃତି । ତାହା ଉଚ୍ଚାଙ୍ଗ କଳାର ଆତ୍ମାଠୁ ଅବିଚ୍ଛେଦ୍ୟ, ଯାହାର theme ଜୀବନ ! ଜର୍ଜର ବଂଚିବା ଶୈଳୀ ଭିତରକୁ ଯବରଦସ୍ତ ପଶି ଆସୁଥିବା ଗଠିତ ବସ୍ତି ସମାଜ ଜୀବନର exactitude ! ଯେଉଁ exactitude ଥିଲା ଭାନ୍‌ଗୋଘ୍ (Van Gogh)ଙ୍କ ଛବିମାନଙ୍କ ବିଷୟ ! 'ନରକିନ୍ନର' ଆର୍ଟର ସୌନ୍ଦର୍ଯ୍ୟ ଜର୍ଜର ସଂଗୃହୀତ ଅନୁଭୂତି ନୁହେଁ, ବରଂ ସେଗୁଡ଼ିକ 'ନରକିନ୍ନର' ଆର୍ଟର ମାଂସ ଓ ରକ୍ତ ! 'ନରକିନ୍ନର' କଳାର ସତ୍ତା ସେଗୁଡ଼ିକ ।

ଗୁଡ଼ିଏ ସ୍ଥିକିଂ ପିକ୍‌ଚର୍ ପ୍ଲଟକୁ କରିଛି ଗତିଶୀଳ । ଗୁଡ଼ିଏ ସ୍ଥିକିଂ ପିକ୍‌ଚର ଦ୍ୱାରା ସଂସାରକୁ ଚିହ୍ନୁଚି ଓ ଅନୁଭବ କରୁଛି ଜର୍ଜ । ଖଞ୍ଜା ଯାଇଥିବା ସ୍ଥିକିଂ ପିକ୍‌ଚରଗୁଡ଼ିକ ଗୋଟିଏ ଗୋଟିଏ ଉପକଥା ମୁଖ୍ୟକଥା ବା ପ୍ଲଟର ଗଣ୍ଠିକୁ କରିଛି ମୋଟ । ଉପକଥାମାନଙ୍କ ସଂପାଦନା ହିଁ ପ୍ଲଟ ! ପୂର୍ବରୁ କୁହାଯାଇଛି ନିର୍ଦ୍ଦିଷ୍ଟ କୌଣସି ଗୋଟିଏ ପ୍ଲଟ ନାହିଁ ଯାହାର ଭୂମି ଉପରେ ଉପନ୍ୟାସର ଇମାରତ ଠିଆ ହୋଇଛି । ବରଂ ଅନିର୍ଦ୍ଦିଷ୍ଟ ଗୁଡ଼ିଏ ସ୍ମୃତି, କିମ୍ବଦନ୍ତୀ ଓ ଘଟଣା ଉପରେ ପ୍ଲଟଟି ଗତିଶୀଳ ହୋଇଅଛି । ଗୁଡ଼ିଏ ଲୋକ ଚରିତ୍ର କେନ୍ଦ୍ରରେ ନାୟକ ଜର୍ଜ, ତାହାର ଅନୁଭବ ଉପନ୍ୟାସର ପ୍ଲଟ । ଅନୁଭବ ? ଏପରିକି ତା ମୁଣ୍ଡରେ ଗୁଳି ପଶି ଆରପଟକୁ ବାହାରି ଗଲାଣି, ତଥାପି ତାହାର ଅନୁଭବର ରିଲ୍ ଚାଲିଛି, ଗୋଟାଏ କିଏ ଅତି ପୃଥୁଳକାୟ ମାନବ ତା ପାଖକୁ ଆସି ତା ଶୁଷ୍କ ତଣ୍ଟିରେ ଲୋଟାରୁ ଜଳଦାନ କରି ତାକୁ କରିଛି ମୁକ୍ତ ! ତା କାଖରୁ ଶିଶୁଟିକୁ ନେଇ ଛାଇପରି ତା ପଛରେ ଠିଆ ହୋଇଥିବା ଲୋକ ହାତକୁ ବଢ଼ାଇ ଦେଇଛି ଏବଂ ସିଏ ସ୍ୱୀକାର କରି କରି ନେଇଛି ଦାନଟିକୁ । ତାହା ପରେ ହଠାତ୍ ଆରମ୍ଭ ହେଲା ତା ଭିତରେ ଅସଂଖ୍ୟ ଯନ୍ତ୍ରଣା ଏବଂ ସିଏ ଚିତ୍କାର କଲା – ମା'... !

ସେଇ ଶିଶୁ, ରୋଲାଁଙ୍କ 'I am the day soon to be born' ହୁଏତ ! ତାକୁ କାଖେଇ ଥବା ଅଚିହ୍ନା ସ୍ତ୍ରୀଲୋକ ଗୋଟିଏ ପ୍ରତୀକ । ତା ଓଢ଼ଣା ଖସିଯିବା ପରେ କ୍ଷୁଧିତ ଶିଶୁଟି ଚିତ୍କାର କରି ଉଠିଛି ! ପରକ୍ଷଣରେ ଚୁପ୍ ହୋଇଯାଇଛି ! ଯେଣୁ ତାହାର ଅନ୍ୟଗତି ନାହିଁ ?

ପ୍ରକୃତରେ ସମଗ୍ର ଜଗତ ନୁହେଁ 'ଏକ ସଦ୍ୟଜାତ ଶିଶୁ', ବରଂ ଜଗତର ଉପସ୍ଥିତ ପ୍ରତ୍ୟେକଟି ମୁହୂର୍ତ୍ତ ଗୋଟିଏ ଗୋଟିଏ ଶିଶୁ ! ସେ ଶିଶୁଟିକୁ କାଖକୁ ହାତବଢ଼ାଇ ଟେକି ନେଉଥିଲା ଅଚିହ୍ନା ସ୍ତ୍ରୀଲୋକ ଗୋଟିଏ ଗୋଟିଏ ଘଟଣା !

ଜର୍ଜଭଳି ସଂସାରର ପ୍ରତ୍ୟେକ ମଣିଷ ଖୋଜୁଛନ୍ତି ଖଣ୍ଡେ ଖଣ୍ଡେ ହୀରା ! ମାନବ ଜନ୍ମର ଆଭିମୁଖ୍ୟ ଏମିତି ସିଏ ଖୋଜି ଚାଲିବ ହୀରା ? 'ହୀରା' ଏଭଳି ଏକ ପ୍ରତୀକ ଉପପାଠକଙ୍କ ଭାବନାକୁ କରିଦିଏ ଚମକୃତ ! ମନୁଷ୍ୟ ଚିରକାଳ ପାହାଡ଼ ଚଢୁଚି ପଇସା କମାଉଛି, କିନ୍ତୁ ହୀରା କ'ଣ ପାଉଛି ? ହୀରା କେହି କ୍ରୟ କରି ପାଆନ୍ତି ନାହିଁ, ବରଂ ନିଜ ବଂଚିବା ଶୈଳୀରୁ ମିଳିଥାଏ ?

Digitized by srujanika@gmail.com

ଶୁଖିଲା ଘଣ୍ଟିକାକୁ ଲୋଟାରୁ ନିଗାଡ଼ି ପୃଥୁଳ ଲୋକଟି ଦେଲା କେଇ ବୁନ୍ଦା ପାଣି, ସେଥିରେ ଜର୍ଜ ଲାଭ କଲା ମୁକ୍ତି ? କି ଜଳ ସିଏ କି ? ଠିକ୍ ଇମିତି ଉପନ୍ୟାସ ଭିତରେ ଖଚିତ ଅନେକ ଫାଣ୍ଟାସି ଉପନ୍ୟାସକୁ କରିଛି ସୃଜନଶୀଳ ଓ ସବ୍‌ଜେକ୍ଟିଭ୍ । ଯେତେବେଳେ ଉପନ୍ୟାସଟି ସରୁଛି ଆଉ ପ୍ରଶ୍ନ ଆସୁନାହିଁ, 'And then ?' ଚକ୍ଷୁ ବୁଜିବା ପୂର୍ବରୁ ତା'ର ଶେଷ ଅନୁଭୂତି, କେଉଁଠୁ ପାତି ମାଙ୍କଡ଼ଟିଏ ଆସି ତା' ମୁଣ୍ଡ ଉପରେ ବସି ତା' ଲମ୍ବ ନାକକୁ ଖୁପୁରେଇଚି ଏବଂ ତା' ପରେ ତା' ଛାତି ଉପରେ ଏପାଖରୁ ସେପାଖ ଓ ସେପାଖରୁ ଏପାଖ ହୋଇ ଡେଉଁଛି ଅନବରତ ! ଉପନ୍ୟାସ ସରୁଚି ! ଯେମିତି ଏହା ଅନିବାର୍ଯ୍ୟ ଓ ଧାର୍ଯ୍ୟ ନିୟତି ! ଘଟଣାଟି ପ୍ରତୀକିତ କରୁଛି ବିବର୍ତ୍ତନ ତତ୍ତ୍ୱ, ମର୍କଟରୁ ମାନବ ? ଯେଉଁ ମାନବର ଆଗାମୀ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ 'ସୁପରମ୍ୟାନ୍' ହେବ ? 'The superman shall wake in mortal man / And manifest the hidden demi-god' (Savitri, Book-II, CantoI) । ତାହା କ'ଣ ସେଇ ଶିଶୁ, ଜୀବନର ରାଜା ରୂପେ କରିବ ରାଜତ୍ୱ ? ଯାହାର ସୁପର ମାଇଣ୍ଡ୍ ଦାବୀ କରିବ ସଂସାରଠୁ ଆଲୋକ ?

◆

Digitized by srujanika@gmail.com

ଓଡ଼ିଆ କଥାସାହିତ୍ୟର ଆଧୁନିକ ସ୍ୱର : ନରକିନ୍ନର

ଡ. ଅରବିନ୍ଦ ରାୟ

ସାଧାରଣତଃ 'ସମୟ' ବା ନିର୍ଦ୍ଦିଷ୍ଟ କାଳଖଣ୍ଡକୁ ମାନଦଣ୍ଡ କରି ଆମେ 'ଆଧୁନିକତା' ଓ 'ପ୍ରାଚୀନତା'କୁ ଯେକୌଣସି ପ୍ରସଙ୍ଗରେ ଆରୋପିତ କରିଥାଉ । ଏପରି ବିଚାରରେ 'ସମୟ' 'ବ୍ୟକ୍ତି' ଠାରୁ ମହତ୍ତର ବୋଲି ଗଣାଯାଏ । ସୁତରାଂ ବ୍ୟକ୍ତିର ଚେତନା, ବ୍ୟକ୍ତିର ଉପଲବ୍ଧି, ବ୍ୟକ୍ତିର ସାଧନା ଓ ସଂସ୍କାର ଏତେବେଳେ ମୂଲ୍ୟହୀନ ହୋଇପଡ଼େ । ସମୟ ବ୍ୟକ୍ତିର ଏହିସବୁ ଅନ୍ତଃ ଓ ବାହ୍ୟକ୍ରିୟାକୁ କବଳିତ କରି ନିଜର କର୍ତ୍ତୃତ୍ୱ ଜାହିର୍ କରେ ।

କିନ୍ତୁ ଭାରତୀୟ ସଂସ୍କୃତିର ପ୍ରେକ୍ଷାପଟରେ ସମୟ ଅପେକ୍ଷା ବ୍ୟକ୍ତିକୁ ଓ ବ୍ୟକ୍ତି ଅପେକ୍ଷା ତା'ର ଆତ୍ମାର ବିଚାରକୁ ସର୍ବାଧିକ ଗୁରୁତ୍ୱ ଦିଆହୋଇ ଆସିଛି । କାରଣ, ବ୍ୟକ୍ତି ହେଉଛି ଏକ ଚିରନ୍ତନ ସମୟ ପ୍ରବାହର ପ୍ରତିନିଧି । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ସେ ଏକ ପ୍ରବହମାନ ସମୟ । ତେଣୁ ତା'ର ଆତ୍ମାର ଉଚ୍ଚାରଣକୁ ଆମେ ପ୍ରାଚୀନ ବା ଆଧୁନିକ ପରି ଏକ ଅର୍ବାଚୀନ ବିଶେଷଣରେ ସୀମିତ କରିପାରିବା ନାହିଁ । ସେହିପରି ଆଧୁନିକତାର ବ୍ୟାଖ୍ୟା କରିବାକୁ ଯାଇ ଆମେ ଆମ ସଂସ୍କୃତି ଓ ସଭ୍ୟତାରୁ ବିଚ୍ଛିନ୍ନ ଏକ ଛିନ୍ନମୂଳ ତତ୍ତ୍ୱକୁ ଆଧୁନିକ ବୋଲି ମଧ୍ୟ କହିଥାଉ । ଏହି ଯୁକ୍ତିରେ, ଆମେ ଆମ ବେଦ, ପୁରାଣକୁ ପ୍ରାଚୀନ ବା ପୁରୁଣାକାଳିଆ କହି, ତାହାର ବଳୟରୁ ମୁକ୍ତ ଏକ ସୃଜନକୁ ଆଧୁନିକ ବୋଲି ଦାବି କରିପାରୁ । କିନ୍ତୁ, ଆଧୁନିକତା ଯଥାର୍ଥରେ ପରମ୍ପରା ବା ପ୍ରଥାବଦ୍ଧ ବିଶ୍ୱାସଠାରୁ ବିଚ୍ଛିନ୍ନତା ନୁହେଁ, ବରଂ ପ୍ରାଚୀନ ସଂସ୍କୃତି ଓ ପ୍ରାଚୀନ ଚିନ୍ତା ଚେତନାର ପୁନୋରୁଦ୍ଧାର ହିଁ ଆଧୁନିକତା । ସମୟର ସୀମାରେଖାକୁ ଅତିକ୍ରମ କରି ଯେଉଁ ଚେତନା ଆମକୁ ଅତୀତ – ବର୍ତ୍ତମାନ ଓ ଭବିଷ୍ୟତ ସହ ଯୋଡ଼ିଦେଇ ପାରେ ତାହାହିଁ ଆଧୁନିକତା । ସୁତରାଂ, ଆଧୁନିକତା, ବିଜ୍ଞାନର

Digitized by srujanika@gmail.com

ଉଦ୍ଭାବନରେ ନ'ଥାଏ, ନଥାଏ ବି ବେଶ-ପୋଷାକ ବା ଚାଲିଚଳନରେ । ଆଧୁନିକତା ଥାଏ ବ୍ୟକ୍ତିର ଚିନ୍ତା ଚେତନାରେ ଓ ତା'ର ସୁଦୂରପ୍ରସାରୀ ପ୍ରଭାବରେ ।

ଉପରୋକ୍ତ ଦୃଷ୍ଟିକୋଣରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପ୍ରଥମ ଉପନ୍ୟାସ ନରକିନ୍ନରକୁ ବିଚାର କଲେ, ମନେହୁଏ, ଓଡ଼ିଆ ଭାଷା ସାହିତ୍ୟରେ ଏହାହିଁ ପ୍ରଥମ ଆଧୁନିକ ଉପନ୍ୟାସର ମର୍ଯ୍ୟାଦା ପାଇବାକୁ ଯୋଗ୍ୟ ।

ଆମ ଦେଶ ସ୍ୱାଧୀନ ହେବାର ମାତ୍ର ୧୫ ବର୍ଷ ପରେ ଅର୍ଥାତ୍ ୧୯୬୨ ମସିହାରେ ଶାନ୍ତନୁ କୁମାର ଆଚାର୍ଯ୍ୟ ଏହି ନରକିନ୍ନର ଉପନ୍ୟାସ ରଚନା କରିଥିଲେ । ସେତେବେଳକୁ ଓଡ଼ିଆ କଥା ସାହିତ୍ୟରେ ମୁଖ୍ୟତଃ ଦୁଇଟି କ୍ଷେତ୍ରକୁ ନେଇ ଗଳ୍ପ ଉପନ୍ୟାସ ରଚିତ ହେଉଥିଲା । ଗୋଟିଏ କ୍ଷେତ୍ରର ପ୍ରତିଷ୍ଠାତା ଥିଲେ - ଫକୀର ମୋହନ ସେନାପତି । ତାଙ୍କର କ୍ଷେତ୍ର ଥିଲା - 'ସାମାଜିକ କ୍ଷେତ୍ର' । ସମାଜର ବାସ୍ତବ ଚରିତ୍ର, ବାସ୍ତବ ଘଟଣାକୁ ଆଧାର କରି ସେ ଯେଉଁ ସାମାଜିକ ବା ସମାଜବାସ୍ତବ ଧାରାର ଉପନ୍ୟାସ ରଚନା କଲେ ତାହା ତାଙ୍କ ପରବର୍ତ୍ତୀ କାଳର ବହୁ କଥାଶିଳ୍ପୀଙ୍କୁ ଆଚ୍ଛନ୍ନ କରି ରଖିବା ସ୍ୱାଭାବିକ । ଅଦ୍ୟାବଧି ମଧ୍ୟ ସେହି ସମାଜ ବାସ୍ତବତା ଧାରାକୁ ନିଜ ରଚନାର କ୍ଷେତ୍ର କରି କେତେକ ଲେଖକ ନିଜ ସୃଜନ ପ୍ରକ୍ରିୟାରେ ମଗ୍ନ ।

ଫକୀରମୋହନଙ୍କ ଏହି ଧାରାର ପରବର୍ତ୍ତୀ ସମୟରେ ପ୍ରଖ୍ୟାତ କଥାଶିଳ୍ପୀ ଗୋପୀନାଥ ମହାନ୍ତି ଏକ ନୂଆକ୍ଷେତ୍ର ପ୍ରତିଷ୍ଠା କଲେ । ସେହି କ୍ଷେତ୍ରକୁ କୁହାଯାଏ 'ମାନୁଷିକ କ୍ଷେତ୍ର' । ସାମାଜିକ କ୍ଷେତ୍ରର ଉର୍ଦ୍ଧ୍ୱକୁ ଯାଇ ଗୋପୀନାଥ ମହାନ୍ତି ଖୁବ୍ ସ୍ୱଚ୍ଛ ସ୍ୱରରେ ସାଧାରଣ ମଣିଷର କଥାହିଁ ଶୁଣାଇଲେ । ଏହି ଧାରାକୁ ଗୋପୀନାଥଙ୍କ ପରବର୍ତ୍ତୀ ଅନେକ କଥାକାର ଅନୁସରଣ କରିଅଛନ୍ତି ଏବଂ ତାଙ୍କ ଗଳ୍ପ ଉପନ୍ୟାସରେ ସାଧାରଣ ମଣିଷ ହିଁ ନାୟକ ହୋଇପାରିଛି ।

କିନ୍ତୁ, ୧୯୬୨ ମସିହାରେ ଶାନ୍ତନୁ କୁମାର ଆଚାର୍ଯ୍ୟ 'ନରକିନ୍ନର' ଉପନ୍ୟାସ ରଚନା କରି ଓଡ଼ିଆ ସାହିତ୍ୟରେ ଏକ ସଂପୂର୍ଣ୍ଣ ନୂତନ କ୍ଷେତ୍ର ପ୍ରତିଷ୍ଠା କରିଥିଲେ । ତାହା ହେଲା "ମାନସିକ କ୍ଷେତ୍ର" । ଏକ ପ୍ରକାର ଆତ୍ମଜୀବନୀମୂଳକ ଏହି ନୂତନ ଯୁଗ ସୃଷ୍ଟିକାରୀ ଉପନ୍ୟାସରେ ପାଠକମାନେ ପ୍ରଥମେ 'ମନ ଓ ଆତ୍ମା'ର ସ୍ୱର ଶୁଣିବାକୁ ପାଇଲେ । ବେଦ-ବେଦାନ୍ତ-ଉପନିଷଦ ଆଦି ମାଧ୍ୟମରେ ଭାରତୀୟ ସମାଜ ଯେଉଁ 'ଆତ୍ମାର କାହାଣୀ' ସମଗ୍ର ବିଶ୍ୱକୁ ଶୁଣାଇଥିଲା - ତାକୁ ସଂପୂର୍ଣ୍ଣ ନୂଆ ଶୈଳୀରେ ଓଡ଼ିଆ ପାଠକମାନଙ୍କୁ ପୁଣିଥରେ ଶୁଣାଇଲେ ଶାନ୍ତନୁ । ଅନ୍ୟପକ୍ଷରେ କହିଲେ - ଆଧୁନିକ ମଣିଷର 'ଆତ୍ମାଖୋଜ୍' ପ୍ରସଙ୍ଗହିଁ ନରକିନ୍ନର ମାଧ୍ୟମରେ ଆମ ସାମ୍ନାକୁ ଆସିଲା ।

ନରକିନ୍ନରରେ ସାଧାରଣ ଭାବେ ଏକ ପାରମ୍ପରିକ କାହାଣୀ ନାହିଁ । କିନ୍ତୁ ସମଗ୍ର ମଣିଷ ଜାତିର ଇତିହାସ - ପ୍ରାଣୀ ବିବର୍ତ୍ତନର ଇତିହାସ ଓ ଆଧୁନିକ ମଣିଷର ଅପୂର୍ଣ୍ଣତାଜନିତ ଜୀବନ ଜିଜ୍ଞାସାର ଅସରନ୍ତି କାହାଣୀ ଅନ୍ତଃସଲୀଳା ଫଲ୍‌ଗୁ ପରି ଏହି ଉପନ୍ୟାସକୁ ବେଶ୍

Digitized by srujanika@gmail.com

ଗତିଶୀଳ କରିଛି । ଏକ ଅନ୍ଧାରୀ ସୁଡ଼ଙ୍ଗ ଭିତରେ କୋଉଠି ସୋରାଏ ଆଲୋକ ରେଖା ଦେଖି, ତାଆରି ଅନୁସରଣରେ ଉଜ୍ଜ୍ୱଳ ସୂର୍ଯ୍ୟମଣ୍ଡଳ ଆଡ଼କୁ ଚାଲିଯିବା ପରି, ନରକିନ୍ନରର ପରିସର ଆମକୁ ସସୀମରୁ ଅସୀମ ଆଡ଼କୁ ଘେନିଯାଏ । କେବଳ ସେତିକି ନୁହେଁ, ଗୋଟେ ମଣିଷର ଶୈଶବରୁ କୈଶୋର, ଯୌବନରୁ ମୃତ୍ୟୁଯାଏ ଭିନ୍ନ ଭିନ୍ନ ଅବସ୍ଥା ଓ ଭିନ୍ନ ଭିନ୍ନ ମାନସିକତାର ଚିତ୍ର ସାମଗ୍ରିକ ଭାବେ ଏହି ଉପନ୍ୟାସରେ ଦେଖିବାକୁ ମିଳେ ।

ନରର ଆଭିଧାନିକ ଅର୍ଥ - ମଣିଷ ବା ସାଧାରଣ ମଣିଷ । ସେହିପରି କିନ୍ନରର ଅର୍ଥ - କୁତ୍ସିତ ମଣିଷ ପୁଣି ଦେବ ଅଂଶବିଶେଷ । ସୁତରାଂ ଏହି ଉପନ୍ୟାସରେ ଆମେ ଯେଉଁସବୁ ଚରିତ୍ରମାନଙ୍କୁ ଭେଟୁ, ସେମାନେ ସାଧାରଣ ମଣିଷ ପର୍ଯ୍ୟାୟର, କୁତ୍ସିତ ମଣିଷ ପର୍ଯ୍ୟାୟର ପୁଣି ବିବର୍ତ୍ତନ ଧାରାରେ ଦେବ ଅଂଶ ଧାରଣ କରିଥିବା ପର୍ଯ୍ୟାୟର ।

ଏହି ଉପନ୍ୟାସରେ ଓଡ଼ିଆ ପାଠକମାନେ ପ୍ରଥମଥର ପାଇଁ ନାୟକ ଭାବେ ଭେଟିଛନ୍ତି ଏକ ଅଜ୍ଞାତ କୁଳଶୀଳ କିଶୋରକୁ । ତା'ର ନାଁ ଜର୍ଜ । ଲେଖକ ଖୁବ୍ ସଚେତନ ଭାବେ ଏପରି ନାମକରଣ କରିଛନ୍ତି । କାରଣ ଜର୍ଜର ଜନ୍ମଜାତକ ନାହିଁ । ପିତାମାତାଙ୍କର ପରିଚୟ ନାହିଁ, କୌଣସି ନିର୍ଦ୍ଦିଷ୍ଟ ସାଂଜ୍ଞା ତା'ର ନ'ଥିବାରୁ ତା'ର ଜାତିର ମଧ୍ୟ ପରିଚୟ ନାହିଁ । ସେ ପୁଣି ଆବିଷ୍କୃତ ହେଇଛି ଏକ ନର୍ଦ୍ଦମାର ଅଳିଆରୁ । ସୁତରାଂ, ଏମିତି ଏକ ଅଜ୍ଞାତକୁଳଶୀଳକୁ ସମାଜ କହିଥାନ୍ତା - ଜାରଜ । ଲେଖକ ସେହି ଜାରଜର ନାମକରଣ କରିଛନ୍ତି - ଜର୍ଜ ।

ସେ ଯେଉଁ ନର୍ଦ୍ଦମାରୁ ମିଳିଥିଲା - ସେ ନର୍ଦ୍ଦମା କ'ଣ ସତରେ କୋଉଠି ଅଛି ? ଆମ ନିତିଦିନିଆ ଜଗତ, ଯେଉଁଠି କାମନା ବାସନା, ଲୋଭ-ମୋହ, ହିଂସାଦ୍ୱେଷର ଅସରନ୍ତି ପଙ୍କରେ ଆମେ ସବୁ ଲଟପଟ ହେଉଥାଉ, ତାହା କ'ଣ ସେହି ନର୍ଦ୍ଦମା ନୁହେଁ କି ? ଅନ୍ୟପକ୍ଷରେ ସ୍ୱାଧୀନତା ପରବର୍ତ୍ତୀ ତତ୍‌କାଳୀନ ଭାରତ ଅବସ୍ଥା ଥିଲା ସେହିପରି ସଂଶୟାଚ୍ଛନ୍ନ ଓ ରାଜନୈତିକ ତତ୍ତ୍ୱମାନଙ୍କ କୁପ୍ରଭାବରୁ ପଙ୍କିଳ ଓ ଅପରିଷ୍କାର । ଏପରି ଏକ ପରିବେଶରୁ ସୃଷ୍ଟ ବ୍ୟକ୍ତିର କିଛି ସ୍ୱାତନ୍ତ୍ର୍ୟ ନ'ଥିବାରୁ ସେ ଥିଲା 'ଜାରଜ' ପର୍ଯ୍ୟାୟର । ତେବେ, ସେ ଯାହା ହେଉ ଏମିତି ଏକ ପଙ୍କିଳ ପୃଥିବୀରେ ଜନ୍ମ ନେଇଥିଲା ଜର୍ଜ । ତାକୁ ନର୍ଦ୍ଦମା ନାଳରୁ ଉଠାଇ ଆଣି ଯୋଉ ବୁଢ଼ା ପାଳିଥିଲା, ଜର୍ଜ ଜାଣିଥିଲା, ସେହି ବୋଧେ ତା'ର ମୂଳସୂତ୍ର। ତେଣୁ ସେ ତାକୁ ବାବା ବୋଲି ସମ୍ବୋଧନ କରୁଥିଲା।

ଉପନ୍ୟାସ ଆରମ୍ଭ ହୁଏ ଏହି ଦ୍ୱନ୍ଦ୍ୱରୁ । ଚଉଦବର୍ଷର କିଶୋର (ସେତେବେଳେ ସ୍ୱାଧୀନ ଭାରତର ବୟସ)ଜର୍ଜର ସାମ୍ନାରେ ତାକୁ ପାଳିଥିବା ବୃଦ୍ଧଟି ମୃତ୍ୟୁଶଯ୍ୟାରେ ପଡ଼ିଛି । ଜର୍ଜ ବିକଳ ହୋଇ ସେ ବୁଢ଼ାର ଛାତି ଉପରେ ମଥା କୋଡୁଛି । କିନ୍ତୁ ବୁଢ଼ାର ଅସ୍ପଷ୍ଟ ସ୍ୱରରୁ ସେ ଜାଣିପାରୁଛି - ଏ ବୁଢ଼ା ତା'ର କେହି ନୁହେଁ । ହଠାତ୍ ସେ ଅନୁଭବ କରୁଛି ଯେମିତି ସେ ଛିନ୍ନମୂଳ ହୋଇଗଲା । ଏତେଦିନଯାଏ ଯାହାକୁ ସେ ବାବା ବୋଲି ଡାକୁଥିଲା, ସେ ତା'ର କେହି ନୁହେଁ । କିଶୋର ଜର୍ଜର ଅଭିମାନଭରା ସ୍ୱରକୁ ଶାନ୍ତନୁ

Digitized by srujanika@gmail.com

ଆଚାର୍ଯ୍ୟ ରୂପ ଦେଇଛନ୍ତି – "ମୁଁ ଜାଣେ – ତୁମେ ମୋର ବାବା ନୁହଁ । ତୁମେ ମୋର କେହି ନୁହଁ – କହିବ କହିବ ବୋଲି ବହୁତ ଦିନ ଡେରି କରିଦେଲ । ତୁମେ ଭାବିଥିଲ – ନ କହି ମଧ୍ୟ ସ୍ୱଚ୍ଛନ୍ଦରେ ଚାଲିଯାଇପାରିବ – କିନ୍ତୁ ଯାଇପାରିଲ ନାହିଁ ତୁମେ । ତୁମେ ଠିକ୍ କରିଛି – ମନକୁ ପରିଷ୍କାର ନ'କରି ତୁମେ ଯାଇପାରି ନ'ଥାନ୍ତି ଆଦୌ । ତେବେ ଏତେଦିନ ଧରି ଲୁଚାଇ ରଖିଥିଲ କାହିଁକି ? ମୋତେ ଏତେଦିନ ବାନ୍ଧିରଖି, ମୋର ଆଖିକୁ ଅନ୍ଧକରି, ମୋର ସ୍ୱାତନ୍ତ୍ର୍ୟକୁ କ୍ଷୁର୍ଣ୍ଣ କରି କାହିଁକି ତା'ହେଲେ ଧରି ରଖିଥିଲ ? ଢଢ ଅସଂଖ୍ୟ ପ୍ରଶ୍ନ, ଅସଂଖ୍ୟ ଚିତ୍କାର ଉଠୁଥିଲା ତା' ଛାତି ଭିତରୁ । (ନରକିନ୍ନର – ପୃ. ୩)

ମୁହୂର୍ତ୍ତକ ମଧ୍ୟରେ ଏକ କିଶୋରର ଚେତନା ବଦଳି ଯାଇଛି । ଚଉଦବର୍ଷ ପର୍ଯ୍ୟନ୍ତ, ସେ ନିଜକୁ ଯାହାର ସନ୍ତାନ ବୋଲି ହୁଏତ ଭାବିଥିଲା – ମୁହୂର୍ତ୍ତକରେ ତା'ର ସେ ବିଶ୍ୱାସ ତୁଟି ଯାଇଛି । ତେଣୁ ତା' ଭିତରେ ଅଜସ୍ର ପ୍ରଶ୍ନ । ମୁଁ କିଏ ? ଏହା କ'ଣ ଆମ ଭାରତୀୟ ଉପନିଷଦର ବାଳକ ନଚିକେତାଙ୍କର ପ୍ରଶ୍ନ ନଥିଲା ? ସେ ପ୍ରଶ୍ନଟି ଥିଲା – "କୋ ଅହଂ ?" ମୁଁ କିଏ ? – ଏଠାରେ ମଧ୍ୟ ସେମିତି ଏକ ବାଳକ ପ୍ରଶ୍ନ ପଚାରୁଛି "ମୁଁ କିଏ ?" ଏ ପ୍ରଶ୍ନ ସେ ସାଧାରଣ ଜନତାଙ୍କୁ ବା ସମାଜକୁ ପଚାରିନାହିଁ । ନିଜ ଅନ୍ତରାତ୍ମାକୁ ପଚାରିଛି । ଏହି ଉପନିଷଦୀୟ ପ୍ରଶ୍ନ ବା ଦ୍ୱନ୍ଦ୍ୱରୁ ହିଁ ଜର୍ଜର ଆତ୍ମାନୁସନ୍ଧାନ ଆରମ୍ଭ ହୋଇଛି । ଆରମ୍ଭ ହୋଇଛି ଉପନ୍ୟାସର ଗତି ।

ନିଜର ସ୍ଥିତି ଓ ପରିଚୟ ଖୋଜି ଖୋଜି ସେ ଯେଉଁଠି ଯାଇ ପହଞ୍ଚିଲା, ସେଠାରେ ଦେଖିଲା – "କ୍ୟାବିନ୍‌ର ଗୋଟାଏ କଣକୁ ଗୋଦରୀ ମାଇକିନିଆଟାଏ ହୁତ୍‌ହୁତ୍ ହୋଇ ଜଳୁଥିବା ଗୋଟାଏ ଡାହାଣିଆ କୋଇଲା ଚୁଲିକୁ ସଂପୂର୍ଣ୍ଣ ଆବୋରି ବସିଥାଏ ଓ ଗୋଟାଏ ଆଖିରେ ଗରାଖମାନଙ୍କୁ ନିଘାକରି ଅନ୍ୟ ଆଖିରେ ସେ ଚୁଲି ଉପରେ ସିଝୁଥିବା ଜିନିଷଟିକୁ ଲକ୍ଷ୍ୟ କରୁଥାଏ । ଢଢ ହଠାତ୍ ଜର୍ଜର ଗୋଟାଏ ଖିଆଲ ହେଲା । ତା'ର ମନେହେଲା ଚୁଲି ଭିତରକୁ ଗୋଦର ଗୋଡ଼ଟାକୁ ଲମ୍ବେଇ ଦେଇ ବସିଥିବା ସେଇ ବୁଢ଼ୀ ଅସୁରୁଣୀର ଆଉ ବାଗେ ରୂପ ଅଛି କି କଅଣ ? ଗୋଟାଏ ରୂପରେ ସେ ଡରେଇ ଦଉଚି, ପୁଣି ଆର ରୂପଟାରେ ସେ ଭୁଲେଇ ଦଉଚି କି ? (ନରକିନ୍ନର – ୬,୯)

ପ୍ରତୀକାତ୍ମକ ଭାବେ ଜୀବନ ଓ ମୃତ୍ୟୁର ସ୍ୱରୂପ ଦର୍ଶାଇଛନ୍ତି ଔପନ୍ୟାସିକ । ଗୋଦରୀ ବୁଢ଼ୀର ଜଳନ୍ତା ଚୁଲି ଓ ତତଲା ତେଲ କଡ଼େଇ ଯଦି ମୃତ୍ୟୁର ପ୍ରତୀକ ହୁଏ, ସେ କଡ଼େଇର ଖାଦ୍ୟ ପାଇଁ ଅପେକ୍ଷା କରିଥିବା ଗରାଖମାନେ ହେଉଛନ୍ତି କିନ୍ନରର କୁତ୍ସିତ ଆତ୍ମାଗୁଡ଼ିଏ । ଏହି କଥାକୁ ଆହୁରି ସ୍ପଷ୍ଟଭାବେ ଲେଖକ ପ୍ରକାଶ କରିଛନ୍ତି ଏମିତି ଭାବରେ – "ରୁଣ୍ଡ ହୁଅନ୍ତି ସବୁ ପ୍ରକାର ମଣିଷ ଏଇ କାଠ କ୍ୟାବିନ୍‌ର ଓଳି ତଳେ । ଏଇଠି ଜଳୁଥାଏ ଗୋଟାଏ ଚୁଲି – ଅହରହ । ଦିନରାତି ଜୁକୁଜୁକୁ ହଉଥାଏ ନିଆଁ ତା'ର ପେଟରେ । କେତେବେଳେ ସେ ଦପ୍‌କରି ଜଳିଉଠେ ଲହ ଲହ ଜିଭ ବଢ଼େଇ । ଖଣ୍ଡ ଖଣ୍ଡ ହୋଇ ଅଜସ୍ର ମାଂସ ସିଝି ଆସୁଛି କେଉଁ ଆଦିମ କାଳରୁ ଏଇ

Digitized by srujanika@gmail.com

ଚୁଲିରେ । କେତେ ମାଂସ ପୋଡ଼ି ପାଉଁଶ ହୋଇ ଯାଇଚି । କେତେଟାକୁ ବି ତାତି କାଟେ ନାହିଁ ଏଇ ଚୁଲିରେ । କୋଇଲା କେଞ୍ଚ୍ କେଞ୍ଚ୍ ଫୁଙ୍କି ଧୂଆଁରେ ମୁହଁ ନାକ ଗୁନ୍ଧି ହୋଇ ଯାଏ । ତଥାପି ହତଭାଗ୍ୟ ମାଂସଖଣ୍ଡକ ସିଝି ପାରେନା । କିନ୍ତୁ ସିଝୁ, ନ'ସିଝୁ - ସିଝିବାକୁ ପଚାରେ କିଏ ? ଚୁଲି ନିଆଁରୁ ଅନ୍ତତଃ ଗୋଟାଏ ମୁହୂର୍ତ୍ତରେ ଉତ୍ତାପ ସଂଗ୍ରହ କରି ମାଂସଖଣ୍ଡକ ଯଥା ସମ୍ଭବ ସିଦ୍ଧ, ନମନୀୟ କରିନେଇ ପାରିବାରେ ଯଥେଷ୍ଟ ଆନନ୍ଦ ଆଉ ଯଥେଷ୍ଟ ଆସ୍ୱାଦନ ମିଳି ପାରୁଛି । ସତେକି ଏଇ ଚୁଲିଟାଇ ଏକ ମାଂସାଶୀ ଜୀବନର ଚୂଡ଼ାନ୍ତ ଦର୍ଶନ, ଆଉ ମାଂସଖଣ୍ଡକର ନିର୍ବାଣ ନିମିତ୍ତ ପ୍ରକୃଷ୍ଟ ସ୍ଥାନ ଏଇ ଚୁଲି - ମାଂସର ମହାଯାତ୍ରା ଯେହେତୁ ସାର୍ଥକ ହୁଏ ଏଇ ଚୁଲିରେ ।"

ଶ୍ରୀମଦ୍‌ଭାଗତରେ ଜଗନ୍ନାଥ ଦାସ ଲେଖିଛନ୍ତି - ଅନଳ ଦେଖିଣ ପତଙ୍ଗ ।
ଯେହ୍ନେ ହୁଅନ୍ତି ଉଦବେଗ ।

ପତଙ୍ଗ ପାଇଁ ଅନଳ ବା ଅଗ୍ନୀ ହେଉଛି ମୃତ୍ୟୁର କାରଣ । କିନ୍ତୁ ନିଜର ଉଗ୍ର କାମନାରେ ଅନ୍ଧ ପତଙ୍ଗ ଅଗ୍ନୀକୁ ଦେଖିବାମାତ୍ରେ ଉଦ୍‌ବେଗରେ ତା' ପାଖକୁ ଯାଏ ଓ ସେଥିରେ ଝାସ ଦେଇ ମୃତ୍ୟୁବରଣ କରେ । ସେମିତି ଶାନ୍ତନୁ କୁମାର ଆଚାର୍ଯ୍ୟ ଯୌନ ଲାଳସାଗ୍ରସ୍ତ ମଣିଷମାନଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ର ଭାବେ ଜଳନ୍ତା ଚୁଲି ଓ ତେଲ କଡ଼େଇକୁ ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ଅହରହ ଜଳୁଥିବା ଯୌନାକାମନାଗ୍ନୀ ଏମିତି, କେତେ ମାଉଁସକୁ ବା ହାଡ଼-ମାଂସଧାରୀ ମଣିଷକୁ ଦଗ୍ଧ କରି ସାରିଲାଣି । ଅଥଚ ସେଥିପ୍ରତି କିନ୍ନରମାନଙ୍କର କାମନାର ଅନ୍ତ ନାହିଁ । ଏମିତି ଯୌନାକାମନାଗ୍ରସ୍ତ ମଣିଷମାନଙ୍କ ମେଳରେ ପହଞ୍ଚିବା ପରେ ଜର୍ଜ ଏକ ନୂଆ ଜଗତକୁ ଆବିଷ୍କାର କରିଛି । ଏପରିକି ନାରୀ ଓ ଅର୍ଥ (ପଇସା) ସଂପର୍କରେ ପ୍ରଥମେ ସେ କିଛି ଧାରଣା କରିଛି ଏହି ପର୍ଯ୍ୟାୟରେ ।

ନାରୀ-ପୁରୁଷର ସଂପର୍କ ମଧ୍ୟ ସେ ପ୍ରଥମ ଥର ପାଇଁ ଏହି ପର୍ଯ୍ୟାୟରେ ଅନୁଭବ କରିଛି । ସେଇ ଗୋଦରୀବୁଢ଼ୀକୁ କେନ୍ଦ୍ର କରି, ବୀର ସାମଲ, ନଜୀର ମିଆଁ, ଚରଣ ରାଓ, କାମାୟା ଆଦି ଚରିତ୍ରମାନେ ଘୂରି ବୁଲୁଥିବା ବେଳେ, କିଶୋର ଜର୍ଜର କୌତୂହଳ ବଢ଼ିଛି ଏଇ ସଂପର୍କର ରହସ୍ୟ ଭେଦ କରିବାକୁ । ଗୋଦରୀ ବୁଢ଼ୀ ସହ ଆଉ ସମସ୍ତ ଚରିତ୍ରମାନଙ୍କ ଦୈହିକ ସଂପର୍କ ଥିବା ବେଳେ, ଜର୍ଜକୁ ଦେଖିବା ମାତ୍ରେ ସେଇ ବୁଢ଼ୀ ଭିତରେ ସ୍ୱତଃସ୍ଫୂର୍ତ୍ତ ଭାବେ ବାତ୍ସଲ୍ୟମମତା ଢେଉ ଭାଙ୍ଗିଛି । ବୁଢ଼ୀର ସେଇ ଆତ୍ମ ସନ୍ତୋଷଭାବକୁ ଭାଷା ଦେବାକୁ ଯାଇ ଶାନ୍ତନୁ ଲେଖିଛନ୍ତି - "ବୁଢ଼ୀର ପେଟ ପୂରି ଉଠିଲା । ସେଇ ଶୁଖିଲା ମୁହଁଟିକୁ ଅନେଇ ଦେଇ ତା' ଅନ୍ତବୁଜୁଳା ଥରି ଉଠିଲା - ସତେକି ଛୁଆଟା ସେଇଠୁ ବାହାରି ଆସି ଆଗରେ ଉଭା ହୋଇଗଲା ! ଧରମ ଦେବତାଙ୍କୁ ସାକ୍ଷୀ ରଖି ସେଇଦିନ ସେ ନିୟମ କହିଥିଲା - "ହେ ଧରମ ! ତୁଇ ସାକ୍ଷୀ ରହିଲୁ - ପିଲାଟାଏ ଯଦି ଆଣିଦେଲୁ, ତାକୁ ତୁଇ ଶୁଭ ବୁଦ୍ଧି ଦେ । ସେ ମତେ ମାଆ - ଆଖିରେ ଦେଖୁ, ଆଉ ମୁଁ ତାକୁ ପୁଅ ଆଖିରେ ଦେଖେଁ । ମୋ କୁଳକୁ ପାଣି ଦବା ପାଇଁ ଏଇ

Digitized by srujanika@gmail.com

ପିଲାଟିକୁ ତୁ ଆଇଷ ଦେ, ତା' କଣ୍ଠରେ ବିଜେ ହ, ତାକୁ ଭଲ ବୁଦ୍ଧି ଦେ । ମୋର ବୀର ହେଲା ନାଇଁ, ମୋର ଗଜିଆ ହେଲା ନାଇଁ, ପାଞ୍ଚ ପାଞ୍ଚ ବରଷରୁ ପାଳିତ ପୁଏ ବଡ଼ ହେଲେ, ସମିତିଙ୍କ ଦେହର ରକତ ଉଷୁମ ହେଲା, ନାକତଳେ ନିଶ ଗଜୁରିଲା, ଆଉ ସମସ୍ତେ ଅନେଇଲେ ମତେ - ପାଦଠଉଁ ମୁହଁ ପରିଯନ୍ତେ । ସମିତିକୁ ମୁଁ ଖାଇବାକୁ ଦେଇ ମଣିଷ କଲି ଆଉ ମଣିଷ ହେଇକି ସମିତିଙ୍କ ନଜର ପଡ଼ିଲା ମୋ ଉପରେ - ମେତେ ନଖାଇବା ଯାକେ ତାଙ୍କ ମନ ସବୁର ହେଲା ନାହିଁ । (ନର କିନ୍ନର ପୃ. - ୪୧)

ପ୍ରଥମରୁ ଗୋଦରୀ ବୁଢ଼ୀ ଚରିତ୍ରକୁ ଦେଖିଲାବେଳେ ମନେହୁଏ, ସେ ଖୁବ୍ ନିଷ୍ଠୁରା ତା'ର ଦୟାମାୟା ନାହିଁ । କେବଳ ଗରାଖମାନଙ୍କୁ ଯେମିତି ଶୋଷଣ କରିବା ପାଇଁ ସେ ଜନ୍ମ । କିନ୍ତୁ ଏହି ପର୍ଯ୍ୟାୟରେ ତା' ଭିତର ଅଭିମାନ, ଅବସୋସ, କାରୁଣ୍ୟ ଓ କୋହକୁ ଅନୁଭବ କଲେ- 'ନାରୀ'ର ଏକ ସ୍ୱୟଂ ସଂପୂର୍ଣ୍ଣ ରୂପ ପାଠକ ଆଗରେ ଆସି ଉଭା ହୁଏ । ନାରୀ ଯେ କେବଳ ଉପଭୋଗର ବସ୍ତୁ ନୁହେଁ ପ୍ରେମ-ଦୟା-କରୁଣା ଓ ମାତୃତ୍ୱର ଏକ ଉଜ୍ଜ୍ୱଳ ପ୍ରତିମା ଏହା ଅବବୋଧ ହୁଏ । ନାରୀ ପ୍ରତି ଏହି ସମ୍ମାନବୋଧର ପ୍ରତିଷ୍ଠା ହିଁ ଏ ଉପନ୍ୟାସର ମଞ୍ଜ ।

ଜର୍ଜକୁ ପାଇବା ପରେ ଗୋଦରୀ ବୁଢ଼ୀର ଆଚରଣ ଓ ଉଚ୍ଚାରଣରେ ଆସେ ଅନେକ ପରିବର୍ତ୍ତନ । ଛିନ୍ନମୂଳରୁ ସେ ପୁଣି ମୂଳ ସୂତ୍ରକୁ ଫେରି ଆସେ । ତା' ଭିତରେ ମାତୃତ୍ୱ ଜାଗି ଉଠେ । ଏହି ପର୍ଯ୍ୟାୟରେ ଗୋଦରୀ ବୁଢ଼ୀ ଆଉ ଅସୁନ୍ଦରୀ ବା କାମାତୁରା ମନେହୁଏ ନାହିଁ । ବରଂ ସବୁ ସାଧାରଣ ମା' ପରି ସେ ବି ତା' ପୁଅର 'ଭଲବୁଦ୍ଧି' ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ । ମାତୃତ୍ୱ ଆଗରେ ମଣିଷର ଅନ୍ୟ ସମସ୍ତ ପରିଚୟ ଗୌଣ ହୋଇଯାଏ । ଏପରିକି ଏଥିପୂର୍ବର ସମସ୍ତ କାମୁକ ଚରିତ୍ରମାନେ ଅର୍ଥହୀନ ହୋଇପଡ଼ନ୍ତି ।

ଜର୍ଜ କିନ୍ତୁ ବୁଝେନା ବୁଢ଼ୀର ମନକୁ । ସେ ଦେଖେ ପ୍ରତି ରାତିରେ ହୁଣ୍ଡା ବୀର ସାମଲ ହଉ କି ନଜୀର ମିଆଁ ହେଉ, କେହି ଯେ କେହି ଆସି ସେଇ ଭଙ୍ଗା କ୍ୟାବିନ୍ ଭିତରେ ବୁଢ଼ୀକୁ ଉପଭୋଗ କରୁଛନ୍ତି । ଲେଖକଙ୍କ ଭାଷାରେ - "ପୁରୁଷ କଅଣ, ସ୍ତ୍ରୀ କଅଣ - କଅଣ ଥାଏ ତାଙ୍କ ଭିତରେ ଓ କୋଉ ସୂତା ଖିଅରେ ଦୁହେଁ ବନ୍ଧାବନ୍ଧି ହେଇ ଏ ସଂସାରରେ ଚାଲିଛନ୍ତି, ସେ ବୁଝିପାରେ । ବୁଢ଼ୀର ପୁଅ ପୁଅ ଡାକ, ତା ପେଇଁ ତା'ର କାନ୍ଦସବୁ କେମିତି ସୁଆଙ୍ଗ ଭଳି ଲାଗେ ତାକୁ ।" (ନରକିନ୍ନର, ପୃ. - ୧୩୧)

ଜର୍ଜର ଏହି ଭାବାନ୍ତର ଯେତେବେଳେ ଶେଷ ପର୍ଯ୍ୟାୟକୁ ଯାଇଛି, ସେତେବେଳେ ସେ ଆଉ ସାଧାରଣ ସରଳ କିଶୋର ଜର୍ଜ ନୁହେଁ ବା ସେହି ଗୋଦରୀବୁଢ଼ୀ ତା'ର ପାଳିତା ମା' ନୁହେଁ। ସେହି ପର୍ଯ୍ୟାୟରେ ସେ ଜଣେ ସମର୍ଥ ପୁରୁଷ ଓ ତା' ଆଖିରେ ସେ ବୁଢ଼ୀ ପାଲଟିଛି ଏକ ଉପଭୋଗ୍ୟା ନାରୀ - । ଜର୍ଜ ଠାରେ ଏହି ରୂପାନ୍ତର ଲକ୍ଷ୍ୟ କଲା ପରେ ବିଚାରୀ ଗୋଦରୀ ବୁଢ଼ୀ ଦୁଃଖ ଓ ଅନୁଶୋଚନାରେ ଏକବାର ତରଳି ଯାଇଛି । ତେଣୁ ସେ କହିଚି - "ମୁଁ ଜାଣେ ତୋ ପେଟରେ ଭାରି ଭୋକ । ସେ ଭୋକ ନମଲାଯାଏ ତୁ ଘାରି

Digitized by srujanika@gmail.com

ହଉଥିବୁ । ଛ' ଛ ବରଷ ଧରି ଚଳେଇ ଆଇଲି – ଧରମ ଦେବତାକୁ ସାକ୍ଷୀ ରଖି ତୋ ଆଡ଼କୁ ଆଡ଼ ଆଖିରେ ଅନେଇ ନ'ଥିଲି – ଭାବିଥେଲି କେତେ କଥା – ତୋ ମୁହଁକୁ ଚାହିଁ ଦବା ଦିନଠୁଁ ପେଟ ମୋର ପୂରି ଯାଇଥିଲା – ତେତେ ଲୁଣ ଲଙ୍କାମରିଚ ଦେଇ ପାଟିକି ପକେଇ ନ' ଦେଇ ମୁଁ ତେତେ ଆଶରା ଦେଇଥିଲି ମୋ କୋଡ଼ରେ – ଭାବିଥେଲି ତୁଇ ଏକା ମଣିଷ ହବୁ – ମତେ ଚିହ୍ନିବୁ – ମୁଇଁ ତୋର ମାଆ ବୋଲି ବିଚାର କରିବୁ – ଜଗତରେ ସବୁ ମାଆପୁଅ ଯେମିତି ଚଳିବେ, ସେମିତି ଚଳିବୁ ବୋଲି ଚିନ୍ତିଥେଲି – ହେଲେ ମୁଁ ଜାଣେ – ତୋର କିଛି ଦୋଷ ନାଇଁ – ତୁ ଅଣ୍ଡିରିପୁଅ – ତୋର ରକତ ସେଇ ଧାତୁରେ ଗଢ଼ା – ମୋରି ହୀନିକପାଳ – ମୋତେ ବିଧାତା ରାକ୍ଷାସୁଣୀ କରି ଜନମ ଦେଇଥିଲା – ମୁଁ କାହୁଁ ପୁଅ ଘଇତା କରିଥାନ୍ତି ? XX ହଉ ଯଦି ହବ ନାଇଁ ତ ନାଇଁ ହେଲେ ମୋ ବାପା ! ମୋ ଧନ ! ତୁ ଆଉ ବିଳିବିଳେଇ କାନ୍ଦନା – ନେ – ନେ ଖା ! ମତେ ଖା ! ଖାଇଦେ ! ଖାଉନୁ ! ଖା – ଖାଆଲୋ ଖା ! ଯଦି ଏଇଥିରେ ତୋ ଭୋକ ମରିଯିବ, ତୋ ଅଗ୍ନି ସନ୍ତୋଷ ହବ ତୋର ଭଲ ବୁଦ୍ଧି ହବ – ତୁ ମଣିଷ ହେଇ ଏ ସର୍ବଗିଳା ସଂସାରର ବ୍ରହ୍ମ ଅଗ୍ନିକୁ ଥଣ୍ଡା କରିବୁ ତେବେ ନେ ! ନେ ଖା ! ମତେ ଖା ! ତୁ ଶାନ୍ତି ହ ! ଆରେ ଖାଇଦେ ମ X X ।"

ଦୁଃଖ – ଅନୁଶୋଚନା – ଅଭିମାନ ଓ ଗ୍ଲାନିରେ ଫାଟି ପଡୁଥିବା ଗୋଟେ ମା'ର କଣ୍ଠରୁ ଏପରି ବିକଳ ଚିତ୍କାର ଶୁଣିବା ପରେ ଜର୍ଜର ଯେଉଁ ପରିବର୍ତ୍ତନ ହେଲା – ତାହା କୌଣସି ଶାରୀରିକ ପରିବର୍ତ୍ତନ ନୁହେଁ । ତାହା ଆତ୍ମାର ଉତ୍ତରଣ ଓ ସାମଗ୍ରିକଭାବେ ମଣିଷ ସମାଜର ବିବର୍ତ୍ତନର କଥା କୁହେ । ମଣିଷର ନୃତାତ୍ତ୍ୱିକ ଅଧ୍ୟୟନ କଲେ, ତା'ର ଶାରୀରିକ ବିବର୍ତ୍ତନ ସହ ତା'ର ଆତ୍ମାର ଉଚ୍ଚାରଣରେ ଯେଉଁ କ୍ରମ ବିବର୍ତ୍ତିତ ସ୍ୱର ଆମେ ଲକ୍ଷ୍ୟ କରିଥାଉ – ତାହାହିଁ ପ୍ରତିଫଳିତ ହୋଇଛି ଜର୍ଜ ଚରିତ୍ରରେ । ପ୍ରଥମେ ଏକ ବ୍ୟକ୍ତି ଭାବେ ସେ ନାରୀ-ପୁରୁଷର ବିଭେଦ କ'ଣ ଜାଣିଛି, ତା'ପରେ ନାରୀ – ପୁରୁଷର ସଂପର୍କର ରହସ୍ୟ ଜାଣିଛି । ତା'ପରେ ପୁରୁଷ ଓ ପ୍ରକୃତିର ପାରସ୍ପରିକ ଆକର୍ଷଣ ସୂତ୍ରରେ ସେ ନାରୀ ଦେହ ପ୍ରତି ଆକର୍ଷିତ ହୋଇଛି – ଏବଂ ଏହା ସ୍ୱାଭାବିକ୍ ମଧ୍ୟ । କିନ୍ତୁ ଭାରତୀୟ ମୂଲ୍ୟବୋଧ ଓ ଭାରତୀୟ ଦର୍ଶନ ଉପରେ ଗଭୀର ଆସ୍ଥା ଓ ବିଶ୍ୱାସ ସ୍ଥାପନ କରୁଥିବା ବିଜ୍ଞାନର ଛାତ୍ର ଶାନ୍ତନୁ କୁମାର ଆଚାର୍ଯ୍ୟ – ମଣିଷ ଜୀବନର ସର୍ବଶ୍ରେଷ୍ଠ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାକୁ ବୋଧହୁଏ ଜର୍ଜ ଚରିତ୍ର ସୃଷ୍ଟି କରିଥିଲେ । ମଣିଷ ଜୀବନର ସେଇ ସର୍ବଶ୍ରେଷ୍ଠ ମୂଲ୍ୟବୋଧ ହେଉଛି – "ମାତୃଜ୍ଞାନ" । ଏହି ମାତୃଜ୍ଞାନ ହିଁ ମଣିଷର କିନ୍ନରତ୍ୱ ବା କୁତ୍ସିତ ଭାବର ଉତ୍ତରିତ ପର୍ଯ୍ୟାୟକୁ ଯାଇ ତାକୁ ନରତ୍ୱ ଏବଂ ପରିଶେଷରେ ଦେବତ୍ୱ ପ୍ରଦାନ କରିଥାଏ । ଏହି ଭାରତୀୟ ଦର୍ଶନ ସେତିକିବେଳେ ପାଠକ ନିକଟରେ ଏକ ଉଜ୍ଜ୍ୱଳ ଆଲୋକମଣ୍ଡଳ ପରି ଉଦ୍ଭାସିତ ହୁଏ, ଯେତେବେଳେ – ଜର୍ଜ ସେ ଗୋଦରୀ ବୁଢ଼ୀର କଦାକାର ଶରୀର ଭିତରେ ଦେଖେ ଦାଉ ଦାଉ ହୋଇ ଜଳୁଥିବା ଏକ ନିଖୁଣ ଦେବୀ ପ୍ରତିମା । ତା'ପରେ ତା'ର ଚେତନାରେ ନାରୀକୁ ନେଇ ଏକ ନୂତନ ଓ ଉଚ୍ଚତର ଭାବାନ୍ତର ସୃଷ୍ଟି ହୁଏ ଏବଂ ସେତିକିବେଳେ

Digitized by srujanika@gmail.com

ସ୍ୱାଭାବିକ୍ ଭାବେ ତା' କଣ୍ଠରୁ ଗୋଟିଏ ମାତ୍ର ଶବ୍ଦ ଉଚ୍ଚାରିତ ହୁଏ – ମା' । ଏହି ପଦକ ଉଚ୍ଚାରିତ ହେବା ମାତ୍ରେ ହିଁ ଜର୍ଜ ରୂପାନ୍ତରିତ ହୋଇଯାଏ ସଂପୂର୍ଣ୍ଣ ଏକ ଉପନିଷଦୀୟ ଚରିତ୍ର ଭାବରେ । ଯୋଉ ଚରିତ୍ର ଉପନ୍ୟାସର ପ୍ରାରମ୍ଭରେ "କୋ ଅହଂ" ବା "ମୁଁ କିଏ ?" ପ୍ରଶ୍ନର ଉତ୍ତର ପାଇବା ପାଇଁ କିନ୍ନରମାନଙ୍କ ଗହଣକୁ ଓହ୍ଲାଇଯାଏ । ଶେଷରେ ତା'ର "ଆତ୍ମଖୋଜ" ସଫଳ ହୋଇଛି ଏବଂ "ସୋ ଅହଂ" "ମୁଁ ହିଁ ସେହି" ବା ମୁଁ ହେଉଛି, ସେହି ସ୍ୱର୍ଗୀୟ ପରମସତ୍ତାର ଅଂଶବିଶେଷ ବୋଲି ସେ ଚିହ୍ନିପାରିଛି । ପାର୍ଥିବଜଗତର ମୋହାନ୍ଧକାରକାଟି ଏହି ପର୍ଯ୍ୟାୟରେ ସ୍ୱର୍ଗୀୟ ଆଲୋକର ଆଲୋକରେ ଉଦ୍‌ଭାସିତ ହୋଇଛି । ତେଣୁ ଜର୍ଜ ଗୋଦରୀ ବୁଢ଼ୀକୁ ସମ୍ବୋଧନ କରିଛି 'ମା' ବୋଲି ।

ଉପନ୍ୟାସର ଉତ୍ତରାର୍ଦ୍ଧରେ 'ଜର୍ଜ' ଏକ ଆତ୍ମଦର୍ଶୀ ଚରିତ୍ରଭାବେ ଜୀବନର ବହୁ ନୂଆ ନୂଆ ଦିଗ ଉନ୍‌ମୋଚନ କରିଛି, ଯାହା ଜଣେ ସ୍ଥିତଧିସନ୍ୟାସୀ ବା ସ୍ଥିତପ୍ରଜ୍ଞ ବ୍ୟକ୍ତି କରିପାରେ । ଶ୍ରୀମଦ୍‌ଭାଗବତରେ ଯେପରି କପୋତପକ୍ଷୀ ଠାରୁ, ବେଶ୍ୟା ଯାଏ ସମସ୍ତେ ଅବଧୂତଙ୍କ ଗୁରୁ ପର୍ଯ୍ୟାୟକୁ ଯାଇଛନ୍ତି, ସେହିପରି ଏଠାରେ ମଧ୍ୟ, ନଜିର ମିଆଁ, କାମାୟା ରିକ୍ସାବାଲା, ଚରଣ ରାଓ, ହରିମିସ୍ତ୍ରୀ, ଅନ୍ଧ ବୁଢ଼ା, କବିରାଜ ଆଦି 'ଜର୍ଜ'ର ଗୁରୁପର୍ଯ୍ୟାୟକୁ ଯାଇଛନ୍ତି । ଭାଗବତରେ 'ମନ' ଯେପରି ଶେଷରେ ଉଦ୍ଧବଙ୍କ ଶ୍ରେଷ୍ଠଗୁରୁ ହୋଇଛି, ଏଠାରେ "ଆତ୍ମା' ହୋଇଛି ଜର୍ଜର ପ୍ରକୃତ ଗୁରୁ । ଏହା ପରଠାରୁ ଜର୍ଜ କେବଳ ନିଜକୁ ନିଜେ ପରୀକ୍ଷା କରିଚାଲିଛି ଏବଂ ଅନ୍ତିମ ପର୍ଯ୍ୟାୟରେ ପୁଣିଥରେ ଜନ୍ମ-ମୃତ୍ୟୁଚକ୍ରକୁ ସ୍ୱୀକାର କରିଛି । ଜୀବନମରଣ ଚକ୍ରରେ ମଣିଷ ବିବର୍ତ୍ତିତ ହେଉଥାଏ – ମାଙ୍କଡ଼ରୁ ମଣିଷ – ମଣିଷରୁ ଦେବତା ଓ ପୁଣି ଦେବତାରୁ କ୍ରମଶଃ ମାଙ୍କଡ଼ ଆଡ଼କୁ ତା'ର ଜୀବନ ସ୍ରୋତ ଅନବରତ ଧାଉଁଥାଏ । ଉପନ୍ୟାସର ଏହି ପର୍ଯ୍ୟାୟରେ 'ଗରୁଡ଼' ଚରିତ୍ର ମାଧ୍ୟମରେ ମଣିଷର ପ୍ରବଞ୍ଚନା, ଶଠତା, ମିସ୍ ଆଡ଼ାମ୍‌ସ ଚରିତ୍ର ମାଧ୍ୟରେ ଭାରତୀୟ ଶାସନ ବ୍ୟବସ୍ଥାକୁ କବଳିତ କରିବାକୁ ଚେଷ୍ଟା କରୁଥିବା କମ୍ୟୁନିଷ୍ଟମାନଙ୍କ ନଗ୍ନ ଯୋଜନା ଆଦି ପ୍ରସଙ୍ଗକୁ ଆମେ ସାମ୍ନା କରୁ । ଏଠାରେ 'ଜର୍ଜ'କୁ ଯଦି ସାମଗ୍ରିକ ଭାବେ ଆମେ ଏକ ଶୁଦ୍ଧ ଭାରତୀୟ ବୋଲି ଗ୍ରହଣ କରିନେଉ, ତେବେ ତାହାର ଗତି ଓ ସ୍ଥିତି ଆମ ପାଇଁ ଆଉ ଦୁର୍ବୋଧ ମନେ ହୁଏ ନାହିଁ । ୟୁରୋପୀୟ ପୁଞ୍ଜିବାଦୀ ବ୍ୟବସ୍ଥାରେ ଧର୍ମଯାଜକମାନଙ୍କ ସ୍ଥିତିଠାରୁ ଅଧ୍ୟାତ୍ମ ଭୂମି ଭାରତର ଧର୍ମାତ୍ମାମାନଙ୍କ ସ୍ଥିତି ଭିନ୍ନ । ତେଣୁ ସଚେତନ ଭାବେ ଶାନ୍ତନୁ ଏଠାରେ ୟୁରୋପୀୟ ଧର୍ମଯାଜକମାନଙ୍କ କୁତ୍ସିତ କାମନାର ବ୍ୟଙ୍ଗ ବିଦ୍ରୂପ କରିଛନ୍ତି । ଭାରତୀୟ ପ୍ରେକ୍ଷାପଟ୍ଟରେ ଶ୍ରେଣୀ ବିଭାଜନ ତତ୍ତ୍ୱର ଅସଫଳତାକୁ ଦର୍ଶାଇବାକୁ ଯାଇ ଉପନ୍ୟାସର ନାୟକ 'ଜର୍ଜ'କୁ ଶାନ୍ତନୁ ସର୍ବହରାର ନେତା କରିଛନ୍ତି । ରାଜରାସ୍ତାରେ ସର୍ବହରାଙ୍କ ମୁକ୍ତି ପାଇଁ ବିପ୍ଳବର ମଶାଲ୍ ଧରି ଏକ ପଟୁଆରରେ ଆଗେଇ ଯାଇଛି ଜର୍ଜ ।

ଏକ ନଦ୍ଦର୍ମା ଭିତରୁ ସୃଷ୍ଟି ହୋଇଥିବା ଅପାଙ୍‌କ୍ତେୟ ଜର୍ଜର ଏହି ନେତୃତ୍ୱ ଭାରତୀୟ ରାଜନୀତିରେ ଯେ ଅସ୍ୱାଭାବିକ୍ ନୁହେଁ, ତାହା ପ୍ରମାଣ କରିଛନ୍ତି ଔପନ୍ୟାସିକ ।

Digitized by srujanika@gmail.com

କେବଳ ସେତିକି ନୁହେଁ, ପରିଚୟ ହୀନ ଭାବେ ଜନ୍ମ ନେଇଥିବା 'ଜର୍ଜ' ଜୀବନର ବହୁ ପର୍ଯ୍ୟାୟ ଦେଇ ଶେଷରେ ଶହୀଦ୍ ହୋଇଛି । ଶହୀଦ୍ ହେବା ମୁହୂର୍ତ୍ତରେ ସେ ହୁଏତ 'ହେ ରାମ୍' ବା 'ଈଶ୍ୱର ଏମାନଙ୍କୁ କ୍ଷମାକର' ବୋଲି ଉଚ୍ଚାରଣ କରିନାହାନ୍ତି । କିନ୍ତୁ, ମୃତ୍ୟୁ ପୂର୍ବରୁ ଏକ ଅନାଥଶିଶୁକୁ ଏକ ଅଜଣା ହାତକୁ ହୁଏତ ଈଶ୍ୱରଙ୍କ ହାତକୁ ଟେକି ଦେଇ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛି ।

ପ୍ରାଣୀ ଜୀବନର ଏହି ବିବର୍ତ୍ତନକୁ ଖୁବ୍ କଳାତ୍ମକ ଓ ବ୍ୟଞ୍ଜନାଧର୍ମୀ ଭାଷାରେ ପରିବେଷଣ କଲାବେଳେ, ଏଥିରେ ଶାନ୍ତନୁ ନିଜେ ହିଁ ଯଥାର୍ଥରେ ନିଜକୁ ଆବିଷ୍କାର କରିଛନ୍ତି । ଶାନ୍ତନୁ ସ୍ୱୀକାର କରିଛନ୍ତି – ରେଭେନ୍ସା କଲେଜର ୱେଷ୍ଟ୍ ହଷ୍ଟେଲ୍‌ରେ ରହୁଥିବା ସମୟରେ ଦିନେ ଭଗବାନଙ୍କ ଅସ୍ତିତ୍ୱ ସଂପର୍କରେ ତାଙ୍କ ମନରେ ଭୀଷଣ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଫଳତଃ ସେହି ଦ୍ୱନ୍ଦ୍ୱର ସମାଧାନ ପାଇଁ ସେ ଏକ ଚରମ ପଦକ୍ଷେପ ଗ୍ରହଣ କଲେ । ନିଜ ସାମ୍ନାରେ ପୋଟାସିୟମ୍ ସାୟାନାଇଡ୍ ଥୋଇ ସେ ଈଶ୍ୱରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପକୁ ଆହ୍ୱାନ କଲେ ଏବଂ ପରିଶେଷର ତାଙ୍କ ଜୀବନକୁ ଯେ ମଙ୍ଗଳମୟ ଈଶ୍ୱର ଚତୁଃପାର୍ଶ୍ୱରୁ ଘେରି ରହିଛନ୍ତି, ଏହା ଅନୁଭବ କଲାପରେ ତାଙ୍କ ଜୀବନ ଗତିପଥ ବଦଳିଗଲା । ଏକ ସାକ୍ଷାତକାରରେ ସେ ମଧ୍ୟ ସ୍ୱୀକାର କରିଛନ୍ତି – ନରକିନ୍ନର ଏକ ଆତ୍ମଜୀବନୀମୂଳକ ଉପନ୍ୟାସ । ମୁଁ ନିଜେ ହିଁ ଏହି ଉପନ୍ୟାସର ନାୟକ ଜର୍ଜ । ଏ ଉପନ୍ୟାସର ଗୋଦରୀ ବୁଢ଼ୀ ଭିତରେ ପିଲାଦିନେ ମୋ ମା' ମରିଗଲା ପରେ ମୋତେ ପାଳିଥିବା ବୁଢ଼ୀଟିର ଚରିତ୍ର ଲୁଚି ରହିଛି । ଏହାର ନଜୀର ମିଆଁ ଚରିତ୍ର ଭିତରେ ମୋ ଅଜା ଅଛନ୍ତି, ଯିଏ ବେଦ, ଉପନିଷଦ ଠାରୁ ବିଜ୍ଞାନ ଓ ସାମରିକ ଶାସ୍ତ୍ର ସବୁକିଛି ସଂପର୍କରେ ମୋତେ ଏକ ଧାରଣା ଆଣି ଦେଇଥିଲେ । (ଆମ ସମୟର ସ୍ରଜନୀ – ଶାନ୍ତନୁ ଆଚାର୍ଯ୍ୟ ବିଶେଷାଙ୍କ, ପୃ. – ୨୭) ବାସ୍ତବିକ ବେଦ – ବେଦାନ୍ତ – ଉପନିଷଦର ଗଭୀର ଅନୁଶୀଳନ ସହ ଯୁବକ ବୟସରେ ଶାନ୍ତନୁ କୁମାର ଆଚାର୍ଯ୍ୟ ନରକିନ୍ନର ଉପନ୍ୟାସ ଲେଖି – ଭାରତୀୟ ଦର୍ଶନ ଓ ଚିନ୍ତାଚେତନାକୁ ଆଧୁନିକ ଶୈଳୀରେ ଏବଂ ସଂପୂର୍ଣ୍ଣ ନୂତନ ଭାବେ ଓଡ଼ିଆ ପାଠକମାନଙ୍କୁ ଭେଟି ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଭାରତୀୟ ଦର୍ଶନ ଓ ଚିନ୍ତନର ଶାଶ୍ୱତ ମୂଲ୍ୟବୋଧ ଏହି ଉପନ୍ୟାସର ମୂଳପିଣ୍ଡ ହୋଇଥିବାରୁ ବର୍ଷପରେ ବର୍ଷ ବିତିଯାଇଥିଲେ ମଧ୍ୟ ଉପନ୍ୟାସର ପ୍ରସଙ୍ଗ ଓ ଆବେଦନ ସେହିପରି ନୂତନ ହୋଇ ରହିଛି । ଏହାହିଁ ନରକିନ୍ନରକୁ କାଳଜୟୀ କରିବାର ସାମର୍ଥ୍ୟ ପ୍ରଦାନ କରିଛି ।

◆

Digitized by srujanika@gmail.com

ଆତ୍ମାନୁସନ୍ଧାନର ଅଦୃଶ୍ୟ ମର୍ମର : ନରକିନ୍ନର'

ଡ. ଆଲୋକ ବରାଳ

ଆକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର ନାଁ ସ୍ମରଣକୁ ଆସୁ ଆସୁ ସ୍ୱତଃ ସ୍ମରଣକୁ ଆସିଯାଏ 'ନରକିନ୍ନର' । ସମାନ୍ତରାଳ ଭାବରେ 'ନରକିନ୍ନର'ର ଜର୍ଜ ବି ଆସି ସନ୍ତର୍ପଣେ ଠିଆ ହୋଇପଡ଼େ ମାନସପଟରେ । ଯେଉଁ ଜର୍ଜକୁ ଧରି ହୁଏନି ଏତେ ସହଜରେ; ସେଥିପାଇଁ ଜର୍ଜ କେତେବେଳେ ମନେ ହେଉଥାଏ; କେବଳ ଜାରଜଟିଏ ତ କେତେବେଳେ ବିଦ୍ରୋହୀଟିଏ ତ କେତେବେଳେ ଅସ୍ତିତ୍ୱବାଦୀଟିଏ; ପୁଣି କେତେବେଳେ ଧୂର୍ତ୍ତ ପିକାରୋଟିଏ ! କିନ୍ତୁ ଜର୍ଜ ତଥାପି ବାଟ ଚାଲୁଥାଏ ଆପଣା ବାଗରେ; କାରଣ ଜର୍ଜ ଜୀବନର ବିବିଧ ପ୍ରତିକୂଳତା ଓ ଜଟିଳତା ଭିତରେ ଯାବତୀୟ ଅନୁଭବ ଓ ଉପଲବ୍ଧି ଦେଇ ସାଜିଚି, ଆତ୍ମାନୁସନ୍ଧାନୀ ! ତେଣୁ ଜର୍ଜର ଏ ସନ୍ଧାନୀ ଆତ୍ମା; ଆଧୁନିକ ମଣିଷର ହିଁ ଆତ୍ମାନୁସନ୍ଧାନ ! ହସ୍ପିଟାଲ ନଳା ଭିତରୁ ଉତ୍‌ଥିତ ସମାଜରେ ଜାରଜ ଭାବରେ କଥିତ ଜର୍ଜ ଯଦିଓ କହୁଥାଏ ଯେ ସେ ମଣିଷ ନୁହେଁ । କାରଣ ତା' ବାପା ମଣିଷ ନୁହେଁ; ସେ ଗୋଟାଏ ବରଗଛ ! ଆଉ ତା' ମା' ବି ମଣିଷ ନୁହେଁ - ସେ ଗୋଟିଏ ମାଙ୍କଡ଼ୀ । ଆଉ ବର ଗଛରେ ବାସ କରୁଥିବା ବ୍ରହ୍ମରାକ୍ଷସ ଓ ମାଙ୍କଡ଼ୀର ସେ ହେଉଚି ପିଲା । ଯାହା ଜର୍ଜକୁ ବତେଇ ଦେଇଥିଲା ନଜିର ମିଆଁ । ଆଉ ନଜିର ମିଆଁର ସେଇ କଥାକୁ ମିସ୍ ମୁରିଏଲ ଆଡ଼ମ୍ସ ବ୍ୟାଖ୍ୟା କରିଚି ଭିନ୍ନ ବାଗରେ । ଯେଉଁଠି ବ୍ରହ୍ମରାକ୍ଷସ ହେଉଚି ବୁର୍ଜୁଆ ରାକ୍ଷସ ଏବଂ ମାଙ୍କଡ଼ୀ ହେଉଚି ସର୍ବହରା ରାକ୍ଷାସୁଣୀ । ଆଉ ଜର୍ଜ ହେଉଚି ସେଇ ବୁର୍ଜୁଆ ଓ ସର୍ବହରାର ଦୋମିଶା ସନ୍ତାନ । ଗୋଟିଏ ହେଉଚି ଯକ୍ଷ ବା କିନ୍ନର ଏବଂ ଅନ୍ୟଟି ହେଉଚି ଏକ ମାଙ୍କଡ଼ୀ ଭିକାରୁଣୀ ବା ସର୍ବହରା । ଏ ପ୍ରସଙ୍ଗରେ ହିଁ 'ନର' ଓ 'କିନ୍ନର'ର ଏକାତ୍ମକତା ଓ ନାମକରଣର ସରଳତାକୁ ଉପଲବ୍ଧି କରାଯାଇପାରେ । ଉପନ୍ୟାସରେ ସେଥିପାଇଁ ହିଁ ବାପା ବ୍ରହ୍ମରାକ୍ଷସ ବା ବୁର୍ଜୁଆକୁ

Digitized by srujanika@gmail.com

ନିପାତ କରିବାର ଦାୟିତ୍ୱ ପାଇଚି ଉତ୍ତରିତ ଜର୍ଜ ! ସମଗ୍ର ଉପନ୍ୟାସଟି ଜର୍ଜକୈନ୍ଦ୍ରିକ । ଜର୍ଜର ଜୀବନର ବିବିଧ ଅନୁଭୂତିର ପାହାଚ ସବୁ ଅଦ୍‌ଭୁତ ଓ ରହସ୍ୟମୟ । ସେଇସବୁ କ୍ରମୋନ୍ନତିର ପାହାଚ ଓ ଉପଲବ୍ଧିର ଜୀବନ ହିଁ ଜର୍ଜର ଉତ୍ତରିତ ପଥ । 'ନରକିନ୍ନର' ଉପନ୍ୟାସକୁ ଯେଉଁ ସମଗ୍ରତାରେ ବୁଝାଯାଇପାରେ : ଜର୍ଜ ସେଇ ସମଗ୍ରତା ସହ ଆତ୍ମିକଭାବେ ସଂଯୁକ୍ତ । ତେଣୁ ତା'ର ପ୍ରତ୍ୟେକ ପ୍ରେକ୍ଷା, ଚରିତ୍ରମାନଙ୍କ ସହ ତା'ର ଭାବଗତ ସଂପୃକ୍ତି, ବ୍ୟବହାର, ଅନୁଭବ, ଆଚରଣ ଓ ଶିକ୍ଷା ଜର୍ଜକୁ ରୂପାନ୍ତରିତ କରିଚି ଭିନ୍ନ ଏକ ଜର୍ଜରେ । ଜର୍ଜର ଏଇ ବିବର୍ତ୍ତିତ ଚଉହଦ୍ଦିକୁ ଏ ଆଲୋଚକ ଦେଖେ ଭିନ୍ନ ଏକ ଦୃଷ୍ଟିରେ; ଯାହା ଶେଷ ଦୃଷ୍ଟି ନୁହେଁ; କିନ୍ତୁ 'ନରକିନ୍ନର'କୁ ଛୁଇଁବାର ଏକ ଆତ୍ମିକ ଉପଲବ୍ଧି !

ଶିଶୁ ଈଶ୍ୱରର ସଂଗୁପ୍ତ ବଗିଚା ଓ ବୁଢ଼ା ଜଗୁଆଳି :

ଉପନ୍ୟାସର ପ୍ରାରମ୍ଭରୁ ହିଁ ଅପ୍ରତ୍ୟାଶିତ ଭାବେ ଆସୁଥିବା 'ମୃତ୍ୟୁ'ର ପ୍ରତ୍ୟାଶା ଭିତରେ ଜର୍ଜ ହରାଇବସେ ତା'ର ପାଳିତ ବାପକୁ । ଗତ ଚଉଦ ବର୍ଷ ଧରି ପାଳିଥିବା ଖ୍ରୀଷ୍ଟିୟାନ୍ ବୁଢ଼ା ବାବାର ମଡ଼ାର ଜଳଜଳ କରି ଚାହିଁ ରହିଥିବା ଆଖି ଓ ଦରମେଲା ପାଟିକୁ ବନ୍ଦ କରିବାର ପ୍ରଚେଷ୍ଟାରେ ହାରି ଜର୍ଜ ପାଦ ବଢ଼ାଇଲା ଆଗକୁ । ଶବକୁ ଡେଇଁ ବାହାରି ଆସିବା ବେଳେ ତା'ର ଥଳିରେ ଥିଲା ଛିଣ୍ଡା ପେଣ୍ଟ, ଜାମା ଏବଂ ନରମ ରବର କଣ୍ଢେଇଟିଏ କେବଳ । ଯେଉଁ ବାବାଟି ଜର୍ଜକୁ ସ୍ୱପ୍ନରେ ଆସେ, ତଥାପି ଜର୍ଜକୁ କୃତଘ୍ନ ନୁହେଁ ବୋଲି କହିହୁଏ । ଯିଏ ନିଜକୁ ଭାବେ ଜଣେ ଭୀରୁ ବୋଲି । ଯେଉଁ ଭୀରୁ ମଣିଷ ଜୀବନରେ ପ୍ରେମ, ବିବାହ ଓ ସନ୍ତାନ ଦାୟିତ୍ୱରୁ ମୁହଁ ଲୁଚାଇ ସଂଗୁପ୍ତ ପୃଥିବୀରେ ବାସ କରେ, ଯେଉଁ ଭୀରୁ, ନାରୀର ପ୍ରତ୍ୟହ ଆକର୍ଷଣକୁ ପ୍ରଶମିତ କରିବାରେ ଅକ୍ଷମ ହୋଇ ଆବାଲ୍ୟ ବ୍ରହ୍ମଚାରୀର ଉହାଡ଼ରେ ଆତ୍ମଗୋପନ କରେ । ସେହି ଭୟାଳୁ ମଣିଷଟି ଯେ କେଉଁ ସାହସରେ ଭୟଙ୍କର ରାତ୍ରିରେ ଭୀତିପ୍ରଦ ସ୍ଥଳରୁ ଅଜ୍ଞାତ କାହାର ଅଦୃଶ୍ୟ ଇସାରାରେ ଗୋଟାଇ ଆଣିବାକୁ ସାହସ କଲା ସଦ୍ୟ ଏକ ମାଂସ ପିଣ୍ଡୁଳାକୁ । ଆଉ ଦାୟିତ୍ୱ ନେଲା ଶିଶୁଟିଏର । ଅନେକ ତ ଶୁଣିଥିବେ ଶିଶୁର କ୍ରନ୍ଦନ; କିନ୍ତୁ କାହିଁକି ବିଗଳିତ ହେଲା ତା'ର ହୃଦୟ ! ସେ ତ ଧର୍ମଯାଜକ କିମ୍ବା ବରପୁତ୍ର ନୁହେଁ ଯୀଶୁଙ୍କର । ସେ ତ କେବଳ ଭୀରୁ ମଣିଷଟିଏ । ସେହିଭଳି ଅତ୍ୟନ୍ତ ନିଃସଙ୍ଗ ଓ ଅଦ୍‌ଭୁତ ଥିଲା ସେଇ ବୁଢ଼ାଟି । ଖ୍ରୀଷ୍ଟିୟାନ୍ ହୋଇଥିବାରୁ କଦବା କ୍ୱଚିତ୍ ଚର୍ଚ୍ଚ ଯିବା ଛଡ଼ା ବାହାର ଦୁନିଆ ସହ କୌଣସି ସମ୍ପର୍କ ନଥିଲା ତା'ର । ପିଲାଟି ଯେତେ ବଡ଼ ହେଉଥିଲା ସେତିକି 'ଭୟ' ବଢ଼ି ଯାଉଥିଲା ତା'ର । ଅନେକ ଦ୍ୱନ୍ଦ୍ୱ ଓ ଦ୍ୱିଧା ଭିତରେ ବୁଢ଼ା ତା'ର ନାଁ ଦେଇଥିଲା ଜର୍ଜ । ଯୀସସ୍ ନାଁଟି ଦେବାକୁ ଚାହିଁ ମଧ୍ୟ ସାହସ କୁଳାଇ ନଥିଲା ତା'ର । କାରଣ ବୁଢ଼ା ଭାବୁଥିଲା ଏ ପୃଥିବୀରେ ଏଯାବତ୍ ଜିଇ ରହିଛନ୍ତି ଅଗଣିତ ହିଂସ୍ର ଜନ୍ତୁ । ଯେଉଁମାନେ ପୁଣି ଥରେ କଣ୍ଟାମାରି ଟାଙ୍ଗିଦେବେ ଗଛରେ । ଆଉ ସେଇମାନେ ହିଁ

Digitized by srujanika@gmail.com

ପୃଥିବୀର ସମସ୍ତ ଶିଶୁଙ୍କ ହତ୍ୟାକାରୀ । କାରଣ ଯୀଶୁ ଯଦି ଲୁଚି ରହିଯାଏ କୌଣସି ଶିଶୁ ଭିତରେ; ତେବେ ସେମାନଙ୍କର ଶେଷଦିନ ପ୍ରାରମ୍ଭ ହୋଇଯିବ ଧରାପୃଷ୍ଠରେ । ତେଣୁ ଜର୍ଜ ନା' ଶିକ୍ଷାପାଏ କେଉଁଠି ନା' କେବେ ମାଡ଼ିଥାଏ କୌଣସି ଗୀର୍ଜାଘର । ଅଦ୍‌ଭୁତ ପ୍ରକାର ଥିଲା ଜର୍ଜର ଶୈଶବ । 'ବୁଢ଼ା ବାବା' ଓ 'ବଗିରି' ଥିଲା ଜର୍ଜର ଆତ୍ମୀୟତାର ଦୁଇ ରହସ୍ୟମୟ ପୁରୁଷ ଓ ପ୍ରକୃତି । ମଞ୍ଜିରୁ ବାହାରିଥିବା ଅଙ୍କୁରିତ ଗଜାଟି ପ୍ରତି ଶିଶୁ ଜର୍ଜର ଉତ୍କଣ୍ଠା ଓ ଉତ୍ସାହ ଭଳି ଅନେକ ଜିଜ୍ଞାସାର ଉତ୍ତର ନଥାଏ ତା'ର ବୁଢ଼ା ବାବା ପାଖରେ । ଜର୍ଜର ସ୍ୱାଧୀନତା ଉପରେ ବୁଢ଼ାର କୌଣସି ହସ୍ତକ୍ଷେପ ନଥିଲା କିନ୍ତୁ ଜର୍ଜ ସେଇ 'ବୁଢ଼ା' ଓ 'ବଗିରି'ର ଆବନ୍ଧନୀ ଭିତରେ ହୋଇଯାଉଥିଲା ସୀମାବଦ୍ଧ । ଉପନ୍ୟାସରେ ଖ୍ରୀଷ୍ଟିୟାନ୍ ବୁଢ଼ାଟି ପାଳିଚି ଜର୍ଜକୁ ନିଃସ୍ୱାର୍ଥ ଭାବରେ; ଅପ୍ରତ୍ୟାଶିତ ଭାବରେ; କିନ୍ତୁ ପୃଥିବୀର ବିଶାଳ ଦିଗ୍‌ବଳୟର ସ୍ପର୍ଶ କରାଇପାରିନି; କାରଣ ତାକୁ ଭୟ ରହିଚି ଦୃଷ୍ଟଶକ୍ତିମାନଙ୍କର । ଜର୍ଜର ବାଲ୍ୟକାଳର ଅନୁଭବ ଓ ଉପଲବ୍ଧି ଭିତରେ ହୁଏତ ଜୀବନ ସଂପର୍କରେ ଅଜ୍ଞାତ ରହସ୍ୟମୟତା ସେଇଠାରେ ହିଁ ଠୁଳୀଭୂତ ହୋଇଚି । ଅପର ପକ୍ଷରେ ତା' ଭିତରୁ ଦୂର ହୋଇ ରହିଯାଇଚି ମାନବୀୟ ସମ୍ବେଦନଶୀଳତା । ଜଣେ ଅସ୍ତିତ୍ୱବାଦୀ ଭଳି ଜର୍ଜ ବୁଢ଼ା ବାବାର ମଡ଼ା ଡେଇଁ ଚାଲିଆସିଛି ପଛକୁ ନ'ଫେରି; କିନ୍ତୁ ବୁଢ଼ା ବାବାର ସୁରକ୍ଷା ଓ ନିରାପତ୍ତା ଦୃଷ୍ଟି ସବୁଠି ଅଦୃଶ୍ୟରେ ଛାଇ ହୋଇ ରହିଚି ଜର୍ଜ ଉପରେ ମୃତ୍ୟୁ ପର୍ଯ୍ୟନ୍ତ ।

ଆତ୍ମାନ୍ୱେଷଣର ଅସରନ୍ତି ପଥ ଓ ବାରବୁଲା ଦେବଦୂତ :

ଖ୍ରୀଷ୍ଟିୟାନ୍ ବାବାର ମୃତ୍ୟୁପରେ ଅଣନିଃଶ୍ୱାସୀ ହୋଇ ଏକାମୁହାଁ ପ୍ରାଣମୂର୍ଚ୍ଛା ଦଉଡ଼ି ଦଉଡ଼ି ବାହାର ଦୁନିଆରେ ପାଦ ଥାପିଲା ଜର୍ଜ । ସେଇଦିନଠାରୁ ଜର୍ଜ ହୋଇଗଲା ସ୍ୱାଧୀନ ଓ ସ୍ୱତନ୍ତ୍ର ! ପେଟର ଭୋକ କିନ୍ତୁ ତାକୁ ଟାଣି ନେଇଥିଲା ଗୋଟିଏ କାଠ-କ୍ୟାବିନ୍ ଦୋକାନର ଓଳି ତଳକୁ । ଦୋକାନର ସେଇ ଅଦ୍‌ଭୁତ ପରିବେଶରେ ବୁଢ଼ୀ ଅସୁରୁଣୀ ଭଳି ଗୋଦର ଗୋଡ଼କୁ ଲମ୍ବେଇ ବସିଥିବା ଗୋଦରୀ ବୁଢ଼ୀର ଅଶ୍ଳୀଳ ଗାଳି ଓ ଲୁହାଖଡ଼ିକା କେଞ୍ଚା ସବୁ କିଛି ରହସ୍ୟମୟ ମନେ ହୋଇଚି ଜର୍ଜକୁ । ଯେଉଁ ଓଳି ତଳେ ବରା, ପକୁଡ଼ି, ଶସ୍ତା ମାଉଁସ ଭଜା ଓ ଚାହା କପେ କପେ ପାଇଁ ବିଭିନ୍ନ ଗରାଖଙ୍କ ଭିଡ଼ । ଗୋଦରୀ ବୁଢ଼ୀ ଆଦରି ନେଇଚି ଜର୍ଜକୁ । ଭାବିଚି ତା' ଭିତରେ ସ୍ୱତନ୍ତ୍ର କିଛି ରହିଚି; ନହେଲେ ତା' ଓଳି ତଳକୁ କାହିଁକି ଅବା ଆସନ୍ତା ସେ । ଗୋଦରୀ ବୁଢ଼ୀସହ ସେଇଠି ବୀର-କାମାୟା-ପାଗଳା ଚରଣ ରାଓ -ନଜରି ମିଆଁ - ରାମ ସିଂ -କବିରାଜ ଆଦି ଅନେକଙ୍କ ସହ ମିଶିଚି ଜର୍ଜ; ଅନେକ ଅଭିଜ୍ଞତା ଓ ଅନୁଭବ ହୋଇଚି ତା'ର ଜୀବନ ଓ ଦୁନିଆ ସମ୍ପର୍କରେ । ପାଗଳା ଚରଣ ରାଓର ଅଙ୍ଗାରରେ ଅଙ୍କା ବିଚିତ୍ର ରୂପଧାରୀ ଅବୁଝା ଚିତ୍ର ଏବଂ ପଣ୍ଣିମା ମାଇକିନାର କଟା ଶୁକୁଟା ଚମ ସହ ଆତ୍ମୀୟତାର ରହସ୍ୟମୟ କାହାଣୀ; ନଜରି ମିଆଁ ସହ କୋଇଲା

Digitized by srujanika@gmail.com

ଗୋଟାଇବାକୁ ଯାଇ ଭୂତ ସହ ସଂଘର୍ଷ, ବୀର ଓ କାମାୟା ରିକ୍ସାବାଲାର ଅଜସ୍ର ଅନୁଭୂତି ସହ ବୁଢ଼ା କବିରାଜର ମଣିଷକୁ ଅମର କରିଦେବାର କବିରାଜୀ ମଉଷଧିର ବହୁ ବିଚିତ୍ର ଅନୁଭବ ସହ ଜର୍ଜ ସେମାନଙ୍କଠାରୁ ସାଉଁଟିଚି ଜୀବନର ଅନେକ ଉପଲବ୍ଧି । ଗୋଦରୀ ବୁଢ଼ୀର ଯେଉଁ ଓଳି ତଳେ ଜର୍ଜ ଯୁଟିଚି, ସେଇଠି ବଞ୍ଚୁଛନ୍ତି ଆହୁରି ଅନେକେ । ସେଠି ବଢ଼ିଚି ବୀର ସାମଲ, ଦକ୍ଷିଣୀ ରିକ୍ସାବାଲ କାମାୟା, ବଞ୍ଚୁଚି ନିଜେ ଗୋଦରୀ ବୁଢ଼ୀ ବି - ଯାହା ଯୋଗୁ ଏଇ ସଂସାର । ସେହିଭଳି ସେଇଠି ନଜିର ମିଆଁ, ଝଟ୍‌କା ବାଲା ରାମ ସିଂ, ପାଗଳା ଚରଣ ରାଓ ସମସ୍ତେ । ପେଟର ଭୋକ ନାଁ ମନର ଭୋକ ତଥାପି ଗୋଦରୀ ବୁଢ଼ୀ ସମସ୍ତଙ୍କୁ ସମ୍ଭାଳିଚି । ସେଇ ଭିତରେ ଜର୍ଜ ଜୀବନକୁ ଖୋଜି ହେଉଚି; ଚିହ୍ନୁଚି ଆଉ ପରଖୁଚି ବି । ହଠାତ୍ ଦିନେ ତା'ର ଅନୁଭବ ହୋଇଚି କେମ୍ପା ବୀରସାମଲ, କାମାୟା, ରାମ ସିଂ, ଚରଣ ରାଓ ଏପରିକି ଦଳପତି ନଜିର ମିଆଁ ବୁଢ଼ାର ସମକକ୍ଷ ହେଲାଭଳି ସେ ମଧ୍ୟ ଜଣେ ହୋଇ ଯାଇଚି । ତା'ର ପ୍ରତିଫଳନ ନଜିର ମିଆଁ ପ୍ରତି ଜର୍ଜର ବକ୍ତବ୍ୟରେ ବେଶ୍ ସ୍ପଷ୍ଟ : ଯଦିଓ ଜର୍ଜ କହିପାରେନି ନଜିର ମିଆଁକୁ ସିଧାସଳଖ; କିନ୍ତୁ ତା'ର ଭାବନାରେ ନଥାଏ ପ୍ରତିବନ୍ଧକ : "ହଇବେ ବୁଢ଼ା ? କିଏ କାହା ମା' - କିଏ କାହା ବୋପା - କିଏ କାହା ଔରତ୍ - କିଏ କାହାର କଣ - ଏ କଥା ମୁଁ ଦେଖିନାହିଁ ବେ ବେକୁବ୍ ବୁଢ଼ା ? ମୁଁ ପରା ନର୍ଦ୍ଦମାର ପୋକ ! ମେଡ଼ିକାଲର ନଳା ଆଉ ନର୍ଦ୍ଦମାରୁ ପରା ମୋର ଜନ୍ମ ତତ ଶାଳା ବୀର ସାମଲ ଯାହାକୁ ଅନଉଚି - ଯାହାକୁ ଥଟ୍ଟା ନକଲ କରୁଚି - କାମାୟା ରିକ୍ସାବାଲା - ଶାଳା ମୋରି ବେଳକୁ ତମର ସବୁ ନିଖ ମରିଚି - ମା' - ମା' - ମା' ଶାଳା ଛେଳି ଛୁଆ ଭଳିଆ ଲଗେଇଚୁ ଗୋଟିଏ ମୋ ସାଥିରେ ?" ଗୋଦରୀ ବୁଢ଼ୀ ପ୍ରତି ଜର୍ଜର ମନ ଭିତରେ ମଧ୍ୟ ଅଦ୍ଭୁତ ଏକ ବିଚଳନ । ଅନ୍ୟମାନଙ୍କର ବୁଢ଼ୀ ପ୍ରତି ରହିଥିବା ଯୌନଗତ ଆକର୍ଷଣ ହୁଏତ ଜର୍ଜ ଭିତରେ ସୃଷ୍ଟି କରିଚି ପୁରୁଷର ଯୌନଗତ ଈର୍ଷା । ଏହା ହିଁ କାରଣ । ଜର୍ଜ ବି ବୁଢ଼ୀର ଆଖିରେ ଦେଖିପାରିଚି ତା' ପ୍ରତି ଆସକ୍ତି ଏବଂ ଭାବିଚି : ସେ ସମସ୍ତଙ୍କଠାରୁ ସୁନ୍ଦର ଓ ସାନ ହୋଇଥିବାରୁ ବୁଢ଼ୀ ତାକୁ କେମିତି ଗୋଟିଏ ଭଲ ପାଉଚି । ଜର୍ଜର ଶାରୀରିକ ପରିବର୍ତ୍ତନ ଓ ମାନସିକ ପରିପକ୍ୱତା ଭିତରେ ପରିବେଶ ସୃଷ୍ଟି କରିଚି ରହସ୍ୟମୟତା; ଯାହା ଜର୍ଜକୁ ପ୍ରତି ମୁହୂର୍ତ୍ତରେ କରିଦେଇଚି ନିଃସଙ୍ଗ ଓ ଏକାକୀ ! ତେଣୁ ଜର୍ଜ ଯେତେ ନିଃସଙ୍ଗ ହୋଇଚି; ସେ ସେତେ ବେଶୀ ଆତ୍ମୀୟ ହୋଇଚି ତା'ର ଶବ୍ଦକରା ରବର କଣ୍ଢେଇଟି ସହ ! ଚରଣ ରାଓର ଅଙ୍ଗାରରେ ଅଙ୍କା ବୀଭତ୍ସ ଲଙ୍ଗଳା ନାରୀଙ୍କ ଚିତ୍ରସବୁ ଜର୍ଜକୁ ଯେତେ ବିଚଳିତ କରେ; ତା'ଠାରୁ ଅଧିକ ବିଚଳିତ ଓ ବିବ୍ରତ କରେ ଲଣ୍ଡ୍ରିବାଲୀ ମାଇକିନାର ଲୁଗାସଫା କଲାବେଳେ ଅସଜ୍ଜିତ ଶାରୀରିକ ଅବୟବ ଓ ଦୃଶ୍ୟ ।

ଗୋଦରୀ ବୁଢ଼ୀର କାଠ କ୍ୟାବିନ୍‌ରେ ଓଳି ତଳର ଯାବତୀୟ କାମ କରିବାଠାରୁ ତା' ପାଇଁ ନଜରି ମିଆଁ ସହିତ ଅନେକ ରାତିରୁ ରେଳ ଲାଇନ୍ ଆଡ଼େ କୋଇଲା ଗୋଟାଇ

Digitized by srujanika@gmail.com

ଯିବାର ବିଚିତ୍ର ସବୁ ଅନୁଭୂତି ଜର୍ଜକୁ ପରିପକ୍ୱ କରୁଥିଲା । ଜର୍ଜ ପୁଣି ପିଛା ଧରିଥିଲା ବୁଢ଼ା କବିରାଜର । ଜର୍ଜ ବେଳେବେଳେ ହେମଦସ୍ତାରେ କୁଟାକୁଟି କଲା କବିରାଜର ଚେରମୂଳୀ । ବୁଢ଼ାର ରବର ନଳୀ, କାଚ ନଳୀ ପ୍ରତି ଜର୍ଜର ଅଦ୍‌ଭୁତ ଆକର୍ଷଣ ଜନ୍ମେ । ବୁଢ଼ା ଭାବିଚି ଜର୍ଜକୁ ଶିଖାନ୍ତା କବିରାଜୀ, ଏପରିକି ଜର୍ଜ ସେଥିପାଇଁ ତା' ପାଖରେ ଯୁଟିଥିବା ବିଶ୍ୱାସ କରିଚି, ବୁଢ଼ା କବିରାଜ । କବିରାଜ 'ଅମର ବୃକ୍ଷ'ର ସନ୍ଧାନର କାହାଣୀ ଜର୍ଜକୁ ଆଶ୍ଚର୍ଯ୍ୟ କରେ । ଜର୍ଜ କିନ୍ତୁ କ୍ରମଶଃ ଅନ୍ୟମନସ୍କ ହୋଇପଡ଼େ ବୁଢ଼ା କବିରାଜର ବକ୍ତୃତାରେ । ଏପରିକି ଜର୍ଜ ବି ନିଶ୍ଚିତ ହୋଇଯାଏ ଯେ ତା'ର ରବର କଣ୍ଢେଇଟିକୁ କବିରାଜ ବୁଢ଼ା ଜୀବନ ଦାନ ଦେଇ ପାରିବ ନାହିଁ । ନିଜେ ସେଇସବୁ ଯନ୍ତ୍ର ନେଇ ଗବେଷଣା କରି କରି ତଥାପି ନିରସ୍ତ ହେଉ ନଥାଏ । କ୍ରମେ କାଠ କ୍ୟାବିନ୍‌ର ଗୋଦରୀ ବୁଢ଼ୀ, ନଜିର ମିଆଁର ଜଡ଼ିବୁଟି, ଚରଣ ରାଓର ଅଙ୍ଗାର ଚିତ୍ର କିମ୍ବା କବିରାଜ ବୁଢ଼ାର ପୁରୁଣା ତାଳପତ୍ର ପୋଥିର ଅମରତତ୍ତ୍ୱ ଜର୍ଜକୁ ଆଉ ଟାଣିପାରୁନଥିଲା । କାରଣ ବାହାର ଦୁନିଆ ସହ ପରିଚୟ ବଢୁଥାଏ ଜର୍ଜର । ଜର୍ଜର ବୁଦ୍ଧି ଓ କାର୍ଯ୍ୟକୁଶଳତା ତାକୁ ନେଇ ଥୋଇଲା ସାଇକେଲ ମିସ୍ତ୍ରୀ ହରି ପାଖରେ । ହରି ମିସ୍ତ୍ରୀ, ଜର୍ଜକୁ ମାଧ୍ୟମ କରି ତା'ର ପ୍ରତିଦ୍ୱନ୍ଦ୍ୱୀ ଗୋଲାପ ମିଆଁକୁ ସାଧି କରିବାକୁ ଚାହିଁଲା । କାରଣ ଗୋଲାପ, ହରି ମିସ୍ତ୍ରୀ, ପାଖରୁ କାମ ଶିଖି; ଇଲମ ପାଇ ଏବେ ନିଜକୁ ବଡ଼ ବୋଲି ବିଚାରୁଚି ହରି ଆଗରେ । କେବଳ ସାଇକେଲ ନୁହେଁ; ଗ୍ରାମଫୋନ୍, ପେଟ୍ରୋମାକ୍ସ, ରେଡ଼ିଓ ସବୁକିଛି ଯନ୍ତ୍ରପାତି ମରାମତି ହୁଏ ହରି ପାଖରେ । ହରି ମିସ୍ତ୍ରୀ ଦୋକାନରେ ଥିଲା ମାଇକିନା ମୂର୍ତ୍ତିଟିଏ । ଯାହାକୁ ହରି ମିସ୍ତ୍ରୀ ପନ୍ଦରଦିନ ପରିଶ୍ରମ କରି ତିଆରି କରିଥିଲା । ସେଇ ମୂର୍ତ୍ତିଟି ଥିଲା ଏକ ସାଇକେଲ ପମ୍ପଦିଆ ମେସିନ୍ । କବିରାଜର ଗନ୍ଧିଆ ରବର ନଳୀ, ଚୂନା, ବଟିକା, ମୋଦକ ଅପେକ୍ଷା ହରି ମିସ୍ତ୍ରୀ ଅଧିକ ଭଲ ଲାଗିଥିଲା ଜର୍ଜକୁ । କାରଣ ହଜାରେ ଅମୃତ ବୃକ୍ଷର ସନ୍ଧାନ ବୁଢ଼ା କବିରାଜ ପାଇଥିଲେ ହେଁ ସେସବୁ ଜର୍ଜ ପାଇଁ ଥିଲା ମୂଲ୍ୟହୀନ । ବରଂ କାଠ-ବାଉଁଶ- ଲୁହା-ରବର ନେଇ ହରି ମିସ୍ତ୍ରୀ ତିଆରି କରିଦେଇପାରୁଥିଲା ବିଭିନ୍ନ କଳ କବ୍‌ଜା । ଯିଏ ତିଆରି କରିଦେଇପାରୁଥିଲା ମନଇଚ୍ଛା ନଚେଇ ପାରୁଥିବା ମଣିଷର ମୂର୍ତ୍ତି । କିନ୍ତୁ ହରି ମିସ୍ତ୍ରୀ ଗୁପ୍ତରେ ରଖିଥିବା ରବର ମାଇକିନା କଣ୍ଢେଇର ସନ୍ଧାନୀ ଜର୍ଜକୁ ତଡ଼ି ଦେଇଥିଲା ଦୋକାନରୁ । ହରି ମିସ୍ତ୍ରୀ ଦୋକାନ ଛାଡ଼ିବା ପରେ ଜର୍ଜ କିଛିଦିନ କାମ କଲା ଏକ ଗୁଟି କାରଖାନାରେ । ପଞ୍ଜାବୀମାଲିକର ସ୍ତ୍ରୀଟି ଥିଲା କିମ୍ଭୂତ କିମାକାର । ଅତ୍ୟନ୍ତ ବେପରୁଆ । ନଇଁ ପଡ଼ି ଚୁଲି ଉପରେ କାମ କରୁ କରୁ ଜର୍ଜର ନଜରରେ ପଡ଼ିଥିଲା ତା'ର ଝୁଲନ୍ତ ବୃଷାଳିଆ ଛାତି । ଜର୍ଜର ଚାହାଁଣିକୁ ଦେଖିନେଲା ମାଇକିନା ଜଣକ ଏବଂ ହସିଲା ରହସ୍ୟମୟୀ ମୁରୁକି ହସ । ହଠାତ୍ ସେ ଅନୁଭବ କଲା ତା' ଚାରିପଟେ କିଏ ଗୁଡ଼େଇ ହୋଇ ଯାଉଚି; ସେ ଶ୍ୱାସରୁଦ୍ଧ ପ୍ରାୟ ହୋଇଯିବ । ସ୍ତ୍ରୀଲୋକଟି ଚାହୁଁଥିଲା ଜର୍ଜକୁ ଖାଇଯିବ ଏକକାଳୀନ । ପଞ୍ଜାବୀ ସ୍ତ୍ରୀଲୋକର ଭୟରେ ଜର୍ଜ ଛାଡ଼ିଲା

Digitized by srujanika@gmail.com

ରୁଟି କାରଖାନାର ଚାକିରି ଏବଂ ରିକ୍ସା ଟାଣିବା ଆରମ୍ଭ କଲା । କାମାୟା ତା'ର ମାଲିକଙ୍କୁ କହି ଠିକ୍ କରିଦେଲା ରିକ୍ସା ଖଣ୍ଡେ । ରିକ୍ସା ଚଳାଳିର ଅନୁଭବ ସାଉଁଟେ ଜର୍ଜ ଏବଂ ଜର୍ଜ ଜଣେ ଗ୍ରାହକକୁ ମାଡ଼ ମାରି ସାତଦିନ ରହେ ହାଜତ ଭିତରେ । ରିକ୍ସା ସବାରି କରୁଥିବାବେଳେ ସବୁଦିନ ଭେଟେ ଗୋଟିଏ ଅନ୍ଧ-ଅନ୍ଧୁଣୀ ଦମ୍ପତିଙ୍କୁ । ସେଇ ଅନ୍ଧବୁଢ଼ା ଗୀତ ଗାଏ; ଜର୍ଜଙ୍କୁ ବୁଢ଼ା ବୁଝାଏ ଯେ ଗୀତ ହେଉଚି ମନ୍ତ୍ର ସଦୃଶ ! ଏହା ମଲା ମଣିଷକୁ ବି ବଞ୍ଚେଇ ଦେଇପାରେ । ସେବଠୁ ଅନ୍ଧବୁଢ଼ାଟି ହୋଇଯାଏ ଜର୍ଜର ଅନ୍ୟ ଏକ ଗୁରୁ । ଏ ଭିତରେ ନଜିର ମିଆଁର ମୃତ୍ୟୁ, ବୀର ସାମଲ, ଏହାର ସୁଯୋଗ ନେଇ ଗୋଦରୀ ବୁଢ଼ୀ ସହ ବଢ଼ାଏ ଆତ୍ମୀୟତା; ଗୋଦରୀ ବୁଢ଼ୀର ମୃତ୍ୟୁ; ବୀର ସାମଲର ଅନ୍ଧୁଣୀ କୁଷ୍ଠରୋଗୀ ସହ ଦୈହିକ ସଂପର୍କ; ଜର୍ଜ ଉପରେ ରାଗ ରଖି କୁଷ୍ଠରୋଗୀ ଅନ୍ଧୁଣୀ ବୁଢ଼ୀ ସହ ଯେ ଜର୍ଜ ସଂପର୍କ ରଖିଚି ଭଳି ମିଥ୍ୟାକଥାକୁ ପ୍ରଘଟ କରି ଉଭୟଙ୍କୁ ବାହା କରିବାର ପ୍ରଚେଷ୍ଟା । ଲୋକଙ୍କ ଦ୍ୱାରା ଜର୍ଜର ମରଣପ୍ରାୟ ଅବସ୍ଥା ଏବଂ ଜର୍ଜର ଜୀବନର ଗତିପଥ ସେଇଠୁ ବୁଲିଯାଇଚି ଭିନ୍ନ ଏକ ବାଟରେ । ସେ ଜର୍ଜ ଆଉ ପୂର୍ବର ଜର୍ଜ ନୁହେଁ । ଏଇ ଉତ୍ତରିତ ଜର୍ଜ । ପୁନଶ୍ଚ ଜର୍ଜର ଗରୁଡ଼ ସହ ସାକ୍ଷାତ୍ ! ଯେଉଁ ଗରୁଡ଼ ନିଜକୁ ଅଠାନବେତମ ଛୋଟାବଂଶର ଧାରକ ସାଜି ପରିଚିତ ହୋଇଥାଏ ଏକଗୋଡ଼ିକିଆ ଭୈରବ ଭାବେ । କାଠଗୋଡ଼ରେ ଲାତ ମାରି ଯିଏ ଲୋକଙ୍କୁ ଦେଉଥାଏ ମୁକ୍ତି । ସେଇ ଭଣ୍ଡ ଏକଗୋଡ଼ିକିଆ ଭୈରବକୁ ଅଜ୍ଞାତ ଓ ଅପ୍ରତ୍ୟାଶିତ ଭାବେ ପ୍ରାଣଦଣ୍ଡ ଦେଇ ଜର୍ଜ ଅଳ୍ପ ସମୟ ପାଇଁ ଲୋକଙ୍କ ଦୃଷ୍ଟିରେ ହୋଇଯାଏ ଭଗବାନ । ସାକ୍ଷାତ୍ ପରଶୁରାମ ଅବତାର ଭାବେ ଖ୍ୟାତ ହୋଇଯାଏ ଅଳ୍ପକାଳ ମଧ୍ୟରେ । ନଈବାଲିରେ ହୀରାର ସନ୍ଧାନ କରୁ କରୁ ଜର୍ଜ ଧରାହୋଇଯାଇ ପହଞ୍ଚିଲା ଅଦ୍ଭୁତ ଏକ ପେଚାଆଖିଆ ଗେଡ଼ା ଲୋକ ମାଧ୍ୟମରେ କର୍ମେଡ଼ ଆନନ୍ଦଭସ୍କିଙ୍କ ପାଖରେ । କସ୍ମିକ ସୋସାଇଟି ଅଫ୍ ସୋସାଲିଷ୍ଟିକ୍ ରିଭଲ୍ୟୁସନାରୀ ପାର୍ଟିର ଚିଫ୍, ଜର୍ଜର ମଗଜକୁ ପୃଥିବୀର ଅଦ୍ୱିତୀୟ ମଗଜ ବୋଲି କହିବା ସହ ସେଇ ମଗଜର ଗୋଟିଏ ଅଂଶ କେବଳ ଗୋଳମାଳିଆ; ଯାହାକି ସଜାଡ଼ି ଦିଆଗଲେ ଜର୍ଜ ଯେ ଜଣେ ଅସମ୍ଭବ ମଣିଷରେ ରୂପାନ୍ତରିତ ହେବ - ତାହା ଉଲ୍ଲେଖ କରିଥିଲେ ଚିଠିରେ । ଜର୍ଜର ଶିକ୍ଷିକା ଭାବେ ମିସ୍ ଆଡ଼ାମ୍ସ ବା ମୁରିଏଲ୍ ଆଡ଼ାମ୍ସ ହୋଇଛନ୍ତି ନିଯୁକ୍ତ । ଯିଏ ଜର୍ଜଙ୍କୁ ନବମାନବରେ ରୂପାନ୍ତରିତ କରି ତାଲିମ ଦେବେ ବିଦ୍ରୋହ କରିବା ପାଇଁ, ଯୁଦ୍ଧ କରିବା ପାଇଁ । ସେ ବିଦ୍ରୋହ ବୁର୍ଜୁଆ ରାକ୍ଷସ ବିରୁଦ୍ଧରେ । କିନ୍ତୁ ଜର୍ଜର ନାକଟି ଥିଲା ବୁର୍ଜୁଆର ନାକ; କାରଣ ସେ ଥିଲା ବୁର୍ଜୁଆ ରାକ୍ଷସ ଓ ସର୍ବହରା ରାକ୍ଷାସୁଣୀର ସନ୍ତାନ - ଏକ ଜାରଜ । ମିସ୍ ଆଡ଼ାମ୍ସ ଯେ ଦଶବର୍ଷର କିଶୋରୀ ଥିବାବେଳେ ଜର୍ଜ ହିଁ ପୂର୍ବଜନ୍ମରେ ଅଶୀ ବର୍ଷର ଧର୍ମଯାଜକ ପାଦ୍ରୀ ହୋଇ ନଷ୍ଟ କରିଥିଲା ମିସ୍ ଆଡ଼ାମ୍ସର ବାଲ୍ୟଜୀବନ ! ଜର୍ଜ ଦେଖୁଛି ଅଦ୍ଭୁତ ଏକ ସ୍ୱପ୍ନ; ଯେଉଁଠି ତା'ର ମୃତ୍ୟୁ ହୋଇ ସାରିଚି । ଜର୍ଜ ଅପ୍ରତ୍ୟାଶିତ ଭାବେ ମିସ୍ ଆଡ଼ାମ୍ସର ଗୃହବନ୍ଦୀ ତାଲିମରୁ ପାଇଛି ମୁକ୍ତି । ରାଜପଥରେ

Digitized by srujanika@gmail.com

କୁଷ୍ଠରୋଗୀଙ୍କର, ସର୍ବହରାଙ୍କର ବିରାଟ ପଟୁଆର । ସବା ଶେଷରେ ଚାଲୁଥିଲା ତା'ର ଅତୀତର ସେଇ ଅନ୍ଧୁଣୀ କୁଷ୍ଠରୋଗୀ ବୁଢ଼ୀଟି । କାଖରେ କଅଁଳ ଏକ ଛୁଆଟିଏ ଜୁଳୁ ଜୁଳୁ ହୋଇ ଅନାଇଚି ମୂହ୍ୟମାନ ହୋଇ ଏକ ଅଜ୍ଞାତ ପୃଥିବୀକୁ । ସେଇ ମୁହୂର୍ତ୍ତରେ ହିଁ ବିରାଟ ଏକ ତୋପ ଫୁଟି ଉଠିଲା ଜର୍ଜର ଛାତି ଭିତରେ । ହାତରୁ ଖସି ପଡ଼ିଲା ଫମ୍ପା ଗ୍ଲୋବଟି; ଯେମିତି ଦିନେ ଖସି ପଡ଼ିଥିଲା ହାତରୁ ରବର କଣ୍ଢେଇଟି, ଗୋଦରୀ ବୁଢ଼ୀର ମୃତ୍ୟୁ ପୂର୍ବରୁ । ଅନ୍ଧୁଣୀ କୁଷ୍ଠରୋଗୀଟିର ହାତରୁ ଖସିପଡ଼ିଚି ନିରାଶାର ହାତବାଡ଼ିଟି ଏବଂ ସେ ଭୋ ଭୋ କରି କାନ୍ଦି ଉଠିଚି । ଜର୍ଜ ସହ ତା'ର ଥିଲା ଏହା ତୃତୀୟଥର ଭେଟ । ଥରେ ସେ ଆସିଥିଲା କୁଷ୍ଠରୋଗୀଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ । ଆଉଥରେ ପୃଥିବୀର ଭାବୀ ବଂଶଧରଙ୍କୁ ନରକରୁ ଉଦ୍ଧାର କରିବା ପାଇଁ ଏବଂ ତୃତୀୟଥର ଫେରି ଆସିଚି ପୁଣି ତା'ର କଥା ରକ୍ଷା କରି । ଆଖି ବୁଜିବା ପୂର୍ବରୁ ଏକ ବିଚିତ୍ର ଅନୁଭୂତି ଜର୍ଜକୁ ଅଭିଭୂତ କଲା । ସେ ଦେଖିଲା ଗୋଟିଏ ପାତିମାଙ୍କଡ଼ କୁଆଡୁ ଆସି ତା' ମୁଣ୍ଡ ପାଖରେ ବସି; ତା'ର କ୍ୟାପିଟାଲିଷ୍ଟର ଦୀର୍ଘ ମସୃଣ ନାକଟିକୁ ଖୁପୁରେଇବାକୁ ଲାଗିଲା ।

ଜର୍ଜର ଜୀବନରେ ଉତ୍ତରଚିତ ପାହାଚ ଭିତରେ ଅନେକ ଅନୁଭବ, ଉପଲବ୍ଧି ଏବଂ ଦର୍ଶନର ଅନୁଶୀଳନ । ଡାକ୍ତରଖାନା ନର୍ଦ୍ଦମା-ଖ୍ରୀଷ୍ଟିୟାନ ବୁଢ଼ା ବାବା – ଗୋଦରୀ ବୁଢ଼ୀ – ନଜିର ମିଆଁ – କେମ୍ପା ବୀର ସାମଲ – କାମାୟା – ରାମ ସିଂ – ପାଗଳା ଚରଣ ରାଓ – କବିରାଜ ବୁଢ଼ା – ହରି ମିସ୍ତ୍ରୀ – ରୁଟି କାରଖାନା – ରିକ୍ସାବାଲାଙ୍କର ଜୀବନ – ଅନ୍ଧ ବୁଢ଼ା – ଏକଗୋଡ଼ିଆ ଭୈରବ – ଆନନ୍ଦଭସ୍କି – ମିସ୍ ଆଡ଼ାମ୍ସ – କସ୍ମିକ ପାର୍ଟି ଦେଇ ଅଦ୍ଭୁତ ଓ ରହସ୍ୟମୟ ଜୀବନର କ୍ରମୋନ୍ନତି ସହ ଅଭିଜ୍ଞତା ଜର୍ଜକୁ ରୂପାନ୍ତରିତ କରିଚି ନବମାନବରେ । ତା' ଭିତରେ କୁଢ଼ କୁଢ଼ ଦୀର୍ଘଶ୍ୱାସ, ହତାଶା, ସମ୍ବେଦନହୀନ ଜୀବନ, ଯୌନତାଡ଼ନାର କରାଳତା, ପେଟର ଭୋକ, ସର୍ବହରାର ଦୁଃଖ ଭିତରେ ଜର୍ଜ ହୀରା ଖୋଜାଳି ଭଳି ଖୋଜି ହୋଇଚି ଜୀବନକୁ । ଚିତ୍ରର 'ମେୱା', ସମ୍ବନ୍ଧୀୟ ଜଗତର 'ମେୱା' ଏବଂ ବାସ୍ତବ ଜୀବନର 'ମେୱା' ଭିତରେ ଯୋଡ଼ି ଧରି ଛୁଇଁବାର ପ୍ରଲୁବ୍ଧତା ଜର୍ଜକୁ ଶିଖାଇଚି ଜୀବନ ଜୀଇଁବାର ଚରମ ବାସ୍ତବତା ଓ ସନ୍ଧାନ କରାଇଚି ଜୀବନର ଅଜ୍ଞାତ, ଅଦୃଶ୍ୟ ଓ ରହସ୍ୟମୟ ଇଲାକା ସବୁର । ତଥାପି ଯେ ସମୟ ଉପନୀତ ହୋଇନାହିଁ; ଜର୍ଜମାନଙ୍କୁ ଠିକ୍ ନ୍ୟାୟ ମିଳିନାହିଁ ଦୁନିଆଁର ରାଜପଥରେ; ନୂଆ ମଣିଷର ଜନ୍ମର ସୂଚନା ତଥାପି ସନ୍ଦିଗ୍ଧ ଓ ସଂଶୟପୂର୍ଣ୍ଣ ।

ଅଲିଭା ଚୁଲି, ଅସରନ୍ତି ଭୋକ ଓ କଞ୍ଚାମାଂସର ମହାଭୋଜି :

'ନରକିନ୍ନର' ଉପନ୍ୟାସରେ ଜର୍ଜର ଜୀବନପଥରେ ଗୋଦରୀବୁଢ଼ୀ ବତୀଘର ଭଳି । ଉପନ୍ୟାସୀୟ ଚରିତ୍ର ଦୃଷ୍ଟିରୁ କେବଳ ଅନୁଶୀଳନ କଲେ ଗୋଦରୀ ବୁଢ଼ୀ ଅନେକତ୍ର ଅସୁଖ ଲାଗିପାରେ, କିନ୍ତୁ ଗୋଦରୀ ବୁଢ଼ୀ ଭିତରେ ସଂସ୍ରବିତ ମାନବିକତା ଆଗରେ

Digitized by srujanika@gmail.com

ଅନେକ ମଳିନ ଆଉସବୁ ଚରିତ୍ର । ଗୋଦରୀ ବୁଢ଼ୀ ତା'ର ସେଇ କାଠ କେବିନ୍‌ର ସଂସାର ଭିତରେ ଅନେକଙ୍କୁ ଆଶ୍ରୟ ଦେଇଚି; ଅନେକଙ୍କୁ ପୁଅ ଭାବେ ଆଦରି ନେଇଚି ସେମାନଙ୍କର ପ୍ରତ୍ୟାଖ୍ୟାତ ଜୀବନକୁ ସାଉଁଟିବାକୁ ଯାଇ । କିନ୍ତୁ, ସବୁ ପୁରୁଷ ଭଳି ସେମାନେ ବି କେବଳ ପୁରୁଷଟିଏ ହୋଇ ଉଠିଛନ୍ତି । ଜର୍ଜକୁ ଯେତେବେଳେ ଗୋଦରୀ ସାଉଁଟି ଆଣିଚି ତା'ର ସଂସାର ଭିତରକୁ, ସେତେବେଳେ ବି ଧରମଦେବତାକୁ ସାକ୍ଷୀ ରଖି ନିୟମ କରିଥିଲା : "ହେ ଧରମ ! ତୁଇ ସାକ୍ଷୀ ରହିଲୁ – ପିଲାଟିଏ ଯଦି ଆଣିଦେଲୁ, ତୁଇ ଶୁଭ ବୁଦ୍ଧି ଦେ ! ସେ ମତେ ମାଆ ଆଖିରେ ଦେଖୁ, ଆଉ ମୁଁ ତାକୁ ପୁଅ ଆଖିରେ ଦେଖେଁ । ମୋ କୁଳରେ ପାଣି ଦେବାପେଇଁ ଏଇ ପିଲାଟିକି ତୁ ଆଇଷ ଦେ, ତା' କଣ୍ଠରେ ବିଜେ ହ, ତାକୁ ଭଲ ବୁଦ୍ଧି ଦେ । ମୋର ବୀର ହେଲା ନାହିଁ, ମୋର ଗଜିଆ ହେଲା ନାହିଁ, ପାଞ୍ଚ ପାଞ୍ଚ ବରଷରୁ ପାଳିତ ପୁଏ ହେଲେଏ ସମିତିଙ୍କ ଦେହରେ ରକତ ଉଷୁମ ହେଲା, ନାକ ତଳେ ନିଶ ଗଜୁରିଲା, ଆଉ ସମିତେ ଅନେଇଲେ ମତେ ପାଦଠାରୁ ମୁହଁ ପରିଯନ୍ତେ ! ସମିତିଙ୍କୁ ମୁଁ ଖାଇବାକୁ ଦେଇ ମଣିଷ କଲି ଆଉ ମଣିଷ ହେଇକି ସମିତିଙ୍କ ନଜର ପଡ଼ିଲା ମୋରି ଉପରେ – ମେତେ ନ ଖାଇବାଯାକେ ତାଙ୍କ ମନ ସବୁର ହେଲା ନାଇଁ । ସମିତେ ବାଇଆ ହେଲେ । ମୁଁ ମନା କଲି ନାଇଁ – କାଇଁ କରିଥାନ୍ତି ।"

ଜୀବନ ଜିଇବାର ବାସ୍ତବତା ଭିତରେ ଗୋଦରୀ ବୁଢ଼ୀ ମନେହେବ ସତେକି ଅସ୍ତିତ୍ୱବାଦୀ ଚରିତ୍ରଟିଏ । ଯା ଭିତରେ ରୁନ୍ଧି ହୋଇ ରହିଚି ଅନେକ ଦୁଃଖ; ଅଥଚ ଜୀବନର ଗତିପଥରେ ସବୁକିଛି ମୂଲ୍ୟହୀନ । ଗୋଦରୀର ଅତୀତ ବି ବେଶ୍ ହୃଦୟ ବିଦାରକ । ଶାଶୂ, ଶ୍ୱଶୁର, ନଣନ୍ଦ, ଦିଅର, ଯାଆ, ଭାଇ, ଭାଉଜ ସମସ୍ତେ ଥିଲେ ତା'ର । ମହାମାରୀରେ ସ୍ୱାମୀ ତା'ର ମଲାପରେ, ସହୃଦୟ କେହି ଜଣେ ଘରୁ ଭୁଲେଇ ନେଇ ଆସିଲା; ଗର୍ଭର ଛୁଆକୁ ପେଟରୁ ବାହାର କରି ଫୋପାଡ଼ି ପକେଇଲା । ନର୍ଦ୍ଦମାରେ ସେହଭଳି ରକ୍ତ ଜୁଡୁବୁଡୁ ଅବସ୍ଥାରେ ରିକ୍ସାରେ ଆଣି ଫୋପାଡ଼ି ଦେଇଗଲା । ଘଇତା ମଲା ପରେ ରାଣ୍ଡ ହୋଇଥିଲା ଗୋଦରୀ, ପର କଥାରେ ପଡ଼ି ହରାଇଲା ଘର ଆଉ ଜାତି; ପେଟରେ ଛୁଆ ନର୍ଦ୍ଦମାରେ ସଢ଼ିଲା; ସେଇ ଅବସ୍ଥାରେ ଜିଇବା ପାଇଁ ଦୋକାନ ଖୋଲିଲା ଅତୀତରେ; ସେତେବେଳେ କାହାକୁ ଆଉ ଆଡ଼େଇ ଦେଇଥାନ୍ତା ? ପଡ଼ି ସୁକୁସୁକୁ ହେଉଥିଲା କବିରାଜର ଦାଣ୍ଡପିଣ୍ଡାରେ ବୁଢ଼ା ନଜିର ମିଆଁ । ବରା-ପକୁଡ଼ି-ଚାହାର ପଇସାରେ କବିରାଜ ଦ୍ୱାରା ଜୀବନ ପାଇଲା ନଜିର ମିଆଁ । ବୁଢ଼ା ବଞ୍ଚିଲା; କିନ୍ତୁ ଆଶ୍ରା କଲା ଗୋଦରୀ ବୁଢ଼ୀକୁ; ଆଦରି ନେଲା ବୁଢ଼ୀ । ତା'ପରେ ଆସିଥିଲା ପାଗଳା ଚରଣ ରାଓ ବୁଢ଼ା । ଦଶବରଷ ଜେଲରେ ରହି ଅତ୍ୟନ୍ତ ଗୁଗ୍‌ଣ ହୋଇ ଆସି ପହଞ୍ଚିଲା ସେଇଠିକୁ । ସେ ବି ରହିଲା ବୁଢ଼ୀର ଓଳି ତଳେ, ସେହିଭଳି ଆସି ପହଞ୍ଚିଲା ପାଞ୍ଚବରଷର ବୀର । ବାପ-ମା' ଆଉଁ ଆଉଁ ଗାଆଁଲୋକେ ବଡ଼ ରୋଗ ହୋଇଚି ବୋଲି ଛାଡ଼ି ଦେଇଗଲେ ବଜାର ଉପରେ । ନଜିର ମିଆଁ ଜଡ଼ିବୁଟି ଦେଇ

Digitized by srujanika@gmail.com

ବଞ୍ଚେଇଲା ବୀର ସାମଲକୁ । କୋଳରେ କାଖେଇ ବୀରକୁ ଗୋଦରୀ ବୁଢ଼ୀ ବୁଲେଇଲା; ପାଳିଲା । କିନ୍ତୁ ସେଇ ବୀର ବି ଗୋଦରୀ ବୁଢ଼ୀର କୋଳର ଉଷୁମ ଟାଣି ବଡ଼ ହୋଇ ସେଇ ଉଷୁମକୁ ନିଜ ଉଷୁମରେ ଭରିବାର ନିଶାରେ ରହିଲା ମସ୍ତ ହୋଇ । ଏହିଭଳି ହିଁ ଗୋଦରୀ ସହିଚି ସମସ୍ତଙ୍କର ଓଜର, ଓରିମାନା ଓ ଦେହ, ମନର ଭୋକକୁ । କିନ୍ତୁ ଜର୍ଜ ଠାରେ ଗୋଦରୀ ବୁଢ଼ୀ ଭାବିଥିଲା ଭିନ୍ନ । କିନ୍ତୁ ଜର୍ଜ ଭିତରେ ବି ରହିଥିଲା ଦୈହିକ ବିଚଳନ; ଯାହା ତାକୁ ଅନେକ ସମୟରେ କରିନେଇଥିଲା କାବୁ । ସେଥିପାଇଁ ବୁଢ଼ୀ କହିଚି : "ଭାବିଥିଲି ତୁଇ ଏକା ମଣିଷ ହବୁ – ମତେ ଚିହ୍ନିବୁ – ମୁଇଁ ତୋର ମାଆ ବୋଲି ବିଚାର କରିବୁ – ଜଗତରେ ସବୁ ମାଆ-ପୁଅ ଯେମିତି ଚଳିବେ ସେମିତି ଚଳିବୁ ବୋଲି ଚିନ୍ତିଥେଲି – ହେଲେ ମୁଁ ଜାଣେ ତୋର କିଛି ଦୋଷ ନାଇଁ – ତୁ ଅଣ୍ଡିରିପୁଅ – ତୋର ରକତ ସେଇ ଧାତୁରେ ଗଢ଼ା –ସବୁ ମୋରି ଦୋଷ – ମୋରି ହୀନକପାଳ – ମୋତେ ବିଧାତା ରାକ୍ଷାସୁଣୀ କରି ଜନମ ଦେଇଥିଲା – ମୁଁ କାହିଁ ପୁଅ-ଘଇତା କରିଥାନ୍ତି ।"

ନଜିର ମିଆଁର ମୃତ୍ୟୁ ପରେ ସତେକି ବୀର ସାମଲ ଅପେକ୍ଷା କରି ରହିଥିଲା ନଜିରର ସ୍ଥାନ ନେବା ପାଇଁ । ଏପରିକି ତା' ମୃତ୍ୟୁର ବାସିଦିନ ଠାରୁ ଗୋଦରୀ ବୁଢ଼ୀ ସହ ଆରମ୍ଭି ଦେଇଥିଲା ତା'ର ସୁରତି । ଗୋଦରୀ ବୁଢ଼ୀ ଜର୍ଜର ଆଖିରେ ବି ଦେଖିଥିଲା ସେଇ ଦେହର ନିଆଁ । ଉପନ୍ୟାସରେ ଜର୍ଜର ସେଇ କାନ୍ଦଣାର ସ୍ୱରକୁ ଶୁଣିପାରିଚି ଗୋଦରୀ । ପୁତ୍ରସ୍ନେହ ଓ ବାତ୍ସଲ୍ୟରୁ ବଞ୍ଚିତା ଗୋଦରୀ ତେଣୁ ଭାବିନେଇଚି ତାହା ତା'ର ନିୟତିର ବିଡ଼ମ୍ବନା ! ତେଣୁ ମାଆ ଭଳି ଜର୍ଜକୁ ସମର୍ପି ଦେବାକୁ ଚାହିଁଚି ତା' ନିଜକୁ : "ହଉ, ଯଦି ହବନାଇ ତ ନାଇଁ – ହେଲେ ମୋ ବାପା ! ମୋ ଧନ ! ତୁ ଆଉ ବିଳିବିଳେଇ କାନ୍ଦନା – ନେ – ନେ – ଖା ! ମତେ ଖା ! ଖାଇ ଦେ ! ଖାଉନୁ ! ଖା-ଖାଆଲୋ ଖା... ଯଦି ଏଇଥେରେ ତୋ ଭୋକ ମରିଯିବ, ତୋ ଅଗ୍ନି ସନ୍ତୋଷ ହବ – ତୋର ଭଲ ବୁଦ୍ଧି ହବ – ତୁ ମଣିଷ ହେଇ ସର୍ବଗିଳା ସଂସାରର ବ୍ରହ୍ମ ଅଗ୍ନିକୁ ଥଣ୍ଡା କରିବୁ ତେବେ ନେ ! ନେ ଖା ! ମତେ ଖା ! ତୁ ଶାନ୍ତ ହ ! ଆରେ ଖାଇଦେ ମ ! ଯେତେ ଖାଇଲେ ହେଲେ ଏ ନିଆଁନଗା ରକତ ମାଉଁସ କ'ଣ ସରୁଚି ହେଲେ ! ତେର ବରଷ ଦିନଠୁ ଆଜିଯାକେ କେତେ ପେଟକୁ ମୁଁ ଖାଇବାକୁ ନ ଦେଇଚି – ଖାଲି ଖାଇଲେ ତ ନାଇଁ – ଚଟିଗଲେ ମତେ ସେଗୁଡ଼ାକ ! ହେଲେ ମୁଁ ସରିଲି ନାଇଁ – ଆଜି ଦି' କୋଡ଼ି ତିନି ପୂରି ଏଇ ଦିହରେ ଦି' କୋଡ଼ି ଚାରି ବସା ବାନ୍ଧିଲା – ହେଲେ ଆହୁରି ଟିକିଏ ରହିଯାଇଚି – ରକତ ମାଉଁସ ଶେଷ ହେଲା ନାଇଁ – ନେ ! ଖା ! ଖାଇ ଦଉନୁ ! ନେ ଲୋ ! ଚାଟିଚୁଟି ଏ ଘଡ଼ା ଶେଷ କରିଦେ ।"

'ନରକିନ୍ନର' ଉପନ୍ୟାସରେ ଗୋଦରୀ ବୁଢ଼ୀ ତା'ର ଚଉରାଳିଶ ବର୍ଷର ଜୀବନ ଭିତରେ ପରଖିଚି ମଣିଷର ଭୋକକୁ; ତେଲ କଡ଼ାରେ ମାଉଁସ ଭଜାକୁ ଭାଜୁ ଭାଜୁ ତଉଲିଚି ମାଉଁସର ଜୋରକୁ, ଏପରିକି ତା'ର ଓଜରକୁ । କାହାପେଟରେ କେତେ ନିଆଁ;

Digitized by srujanika@gmail.com

କାହା ମନରେ କେତେ ନିଆଁ ବୁଢ଼ୀର ଆଖିରୁ ଓଝର ହୁଏନି । ସଭିଙ୍କ ଆଖି ମା'ର ଛାତି ଉପରେ । କିନ୍ତୁ ଶିଶୁ ବଡ଼ ହୋଇଗଲେ ଆପଣାଛାଏଁ ଆଖି ତା'ର ମୁଦି ହୋଇଯାଏ । ବୀର - ସନିଆ - ଗଜିଆ - କାମାୟା କିନ୍ତୁ କେହିହେଲେ ବୁଢ଼ୀ ଆଗରେ ମଣିଷ ହେଲେ ନାହିଁ । ଜର୍ଜର ତାତିଲା ଗାଲ ଉପରେ ଗୋଦରୀର ଉଷୁମ ଲୁହ ସତେକି ହେମାଳିଆ ଶୀତ କୁଆର ଭଳି ଥଣ୍ଡା କରିଦେଲା; ଜର୍ଜର ଭାବନାର ଜଗତ କ୍ରମଶଃ ରୂପାନ୍ତରିତ ହେବାକୁ ଲାଗିଲା ! ଜର୍ଜର ବିକଳ ଅନ୍ତର୍କାନ୍ଦଣାର ସ୍ୱରରେ ଭାଙ୍ଗି ପଡ଼ିଥିଲା ଗୋଦରୀର ଅସରନ୍ତି ଦୀର୍ଘଶ୍ୱାସ । ତେଣୁ ଗୋଦରୀର ବିଘ୍ନିତ ମାତୃତ୍ୱ କାନ୍ଦି ଉଠିଛି; ଆଉ କାନ୍ଦି ଉଠିଛି ଅସ୍ତିତ୍ୱ; ଯେଉଁ ଅସ୍ତିତ୍ୱର ସ୍ଥିତି ଅଛି ଅବା ନାହିଁ ! କାହାକୁ କଷ୍ଟ ଦେବାକୁ ଚାହିଁନି ଗୋଦରୀ; ଉପରକୁ ରୁକ୍ଷ, କର୍କଶ ଓ ଅଶ୍ଳୀଳ ଗାଳି ଦଉଥିବା ଗୋଦରୀ ବୁଢ଼ୀ ନିଜର ପ୍ରତିବଦଳରେ କୁଢ଼େଇ ଧରି ରଖିବାକୁ ଚାହିଁଚି ସମସ୍ତଙ୍କୁ : "ତମେ ସବୁ ମିଳିମିଶି କରି ମେତେ ଖାଇଦିଅ ପଛକେ, ତମେ କେହି ମୋ ଆଖିରୁ ଅନ୍ତର ହୁଅନା - କେହି ରାତିରେ ବିଳିବିଳେଇ ଉଠନା - ସମିତେ ଶୋଇପଡ଼ ଶାନ୍ତିରେ - ତୁମ ଆତ୍ମା ଶାନ୍ତ ହଉ - ଏ ଛାତି ସହିପାରିବ ନାଇଁ - ତମକୁ ନାରଖାର କରିଦେବ ନାଇଁ ଏ ହାତ..."

ଗୋଦରୀର କୁଢ଼ କୁଢ଼ ହତାଶ ଓ ଆର୍ତ୍ତି ବଦଳେଇ ଦେଇଥିଲା ଜର୍ଜର ଭାବନା, ଜର୍ଜର ଭାବନାର ରାଜ୍ୟରେ ଅସଂଖ୍ୟ ଝଡ଼ିପୋକର ସମାହାର । ତା'ର ପ୍ରତିଟି ଲୋମକୂପରେ ଖେଳିଗଲା ବିଦ୍ୟୁତ୍‌ର ଅସରନ୍ତି ପ୍ରବାହ.... ତା'ର କଣ୍ଠାଗ୍ରତ ହେବାକୁ ଆରମ୍ଭ କଲା ଅମୃତମୟ 'ମା' ଶବ୍ଦଟି ଏବଂ ଚମକି ପଡ଼ିଲା ଗୋଦରୀ ବୁଢ଼ୀ ! ଯେଉଁ ଡାକ ପାଇଁ ସେ ଥିଲା ସତେକି ଯୁଗ ଯୁଗରୁ ଅପେକ୍ଷାରତା ! ଭେଁ ଭେଁ ହୋଇ କାନ୍ଦି ପକାଇଥିଲା ବୁଢ଼ୀ ! ସମଗ୍ର ଉପନ୍ୟାସ ମଧ୍ୟରେ ଏ ଏକ ଅମୃତମୟ ଲଗ୍ନ ! ଯେଉଁଠୁ ଜର୍ଜ ଆରମ୍ଭିଲା ତା'ର ଉତ୍ତରିତ ପଥ ! ଜର୍ଜ ସେଇ ମୁହୂର୍ତ୍ତରେ ପାଲଟିଗଲା ଏକ ନିର୍ବୋଧ ମେଣ୍ଢା ଛୁଆରେ ଆଉ ଗୋଦରୀ ବୁଢ଼ୀ ତାକୁ କୁଣ୍ଢେଇ ଧରି ବାହୁନି ବାହୁନି ପୁହାଇ ଦେଲା ସମଗ୍ର ରାତ୍ରି ।

ତିନିଦିନ ପରେ ଜର୍ଜର ଦେହସାରା ବାହାରି ପଡ଼ିଲା ବସନ୍ତର ଫୋଟକାସବୁ ! ବୀର ସାମଲ ପାଟି କରି ଘଉଡ଼ାଇଲା ଜର୍ଜକୁ । ଧର୍ମକୁ ଆଖି ମିଟିକା ମାରି ମା' ସଙ୍ଗେ ଶୋଇଲାରୁ ଠାକୁରାଣୀ କୋପ କଲେ ବୋଲି କହି ଏକଜୁଟ କଲା ଲୋକଙ୍କୁ : ମାଡ଼ ମାରିବା ପାଇଁ । ଠାକୁରାଣୀ ଡରରେ ବୀର ସମାଲ ପାଖ ମାଡୁନାହିଁ । ବୁଢ଼ୀ କିନ୍ତୁ ଜର୍ଜର କପାଳ ଉପରେ ନଡ଼ିଆ ତେଲ ଆଉ କର୍ପୂର ଲେପ ଲଗାଇ ଦେଉଚି । ଅନେକ ଦିନ ପରେ ହୋସ୍ ଆସିଲା ଜର୍ଜର । ଜର୍ଜର ଘାଆ ଶୁଖି ଖୋଳପା ଛାଡ଼ିଲା । ନିଜର ବଦଳି ଯାଇଥିବା ମୁହଁକୁ ଦେଖି ଆଶ୍ଚର୍ଯ୍ୟ ହେଲା ଜର୍ଜ ! ଜର୍ଜ ସାଷ୍ଟାମ ହୋଇ ଲାଗିପଡ଼ିଲା ତା'ର ରିକ୍ସାବାହି କାମରେ; ବୁଢ଼ୀ ତା'ର ଶୁଶ୍ରୂଷା କଲା; ଆଉ ଦେଲା ମାଆର ସ୍ନେହ !

Digitized by srujanika@gmail.com

ଉପନ୍ୟାସରେ ଜର୍ଜଠାରୁ ପ୍ରତ୍ୟାଶିତ ସ୍ନେହ ପାଇ ବୁଢ଼ୀ ତା'ର ଜିଇଥିବା ସମଗ୍ର ଜୀବନକୁ ଭରି ଦେଇଚି ପୁଣ୍ୟରେ ଏବଂ ଅପରପକ୍ଷରେ ଜର୍ଜର ଠାକୁରାଣୀ ରୋଗ ଓ କର୍ପୂର ଲେପ ରୂପାନ୍ତରିତ କରିଚି ନୂଆ ଏକ ଜର୍ଜରେ । ଯେଉଁ ଜର୍ଜର ମୁହଁ ସହ ପୂର୍ବ ଜର୍ଜର ଅନେକ ଅମେଳ; କାରଣ ଏ ଜର୍ଜର ମୁହଁରେ ବସନ୍ତର ଦାଗ ! ଜର୍ଜ ଗୋଦରୀ ବୁଢ଼ୀର କ୍ୟାବିନ୍ ଘରେ ସନ୍ଧାନ ପାଇଚି ତା'ର ଅନ୍ତରର ଦେବତାର; ଯିଏକି ଜୀବନ ଜିଇବାର ବାସ୍ତବତାରେ ଅପୂଜା କିନ୍ତୁ ଅସ୍ତିତ୍ୱହୀନ ନୁହେଁ । ଗୋଦରୀ ବୁଢ଼ୀର ସେଇ କେତେଦିନର ଜୀବନ ପରେ ଅପ୍ରତ୍ୟାଶିତ ଭାବେ ହେଉଚି ମୃତ୍ୟୁ ! କାହା ମନରେ ସେତେ ଦୁଃଖ ନାହିଁ; ତା' ଭିତରେ ଚାଲିଯାଉଚି ବୁଢ଼ୀ ସାଉଁଟିଥିବା ତା'ର କାଠ କ୍ୟାବିନ୍‌ର ସଂସାର ଓ ଜର୍ଜକୁ ଛାଡ଼ି । ବୀର ସାମଲ ଆସୁନି ବୁଢ଼ୀ ପାଖକୁ; କହିଚି ଜର୍ଜ ହିଁ ମାରି ଶୁଆଇ ଦେଇଚି ବୁଢ଼ୀକୁ । ଗୋଦ୍‌ରୀ ବୁଢ଼ୀର ମଡ଼ା ଜିଇ ଉଠିନି, ଯେମିତି ଜିଇ ଉଠିନି ଜର୍ଜର ରବର କଣ୍ଢେଇ ! ଦିନେ ସମସ୍ତଙ୍କ ଠାରୁ ଜର୍ଜକୁ ବଞ୍ଚଉ ଥିଲା ବୁଢ଼ୀ; କିନ୍ତୁ ତା' ପାଇଁ କେହି କାନ୍ଦିଲେ ନାହିଁ; କେହି ବୁହାଇବାକୁ ଆସିଲେନି ସମବେଦନାର ଲୁହ; କାରଣ ଏ ଦୁନିଆ ଗୋଦରୀକୁ କେବଳ ଝୁଣି ଖାଇଥିଲା ସିନା; ତା'ର ବେଦନା ଓ ଆର୍ତ୍ତିକୁ ଶୁଣିପାରିନଥିଲା କେବେ ।

କଟାସ୍ତନ, ଅଙ୍ଗାରର ଅଙ୍କାବଙ୍କା ଚିତ୍ର ଓ ବୀଭତ୍ସ ଶୀତ୍‌କାର :

ଜର୍ଜର କିଶୋର ମନ ଉପରେ ଅନେକ ପ୍ରଭାବ ପକାଇଥିଲା ପାଗଳା ଚରଣ ରାଓ ଦ୍ୱାରା ଖଡ଼ି ଓ ଅଙ୍ଗାରରେ ଅଙ୍କା ହୋଇଥିବା ମହାଭୟଙ୍କର ଚିତ୍ରସବୁ । ଦୋକାନର ପିଣ୍ଡାରେ ବସି ଚାରିଆଡ଼କୁ ନିଘାକଲେ ସେଇ ଘର ବି ଆଖିରେ ପଡ଼େ ଜର୍ଜର । ନିଠେଇ ଚାହିଁଲେ ସେଗୁଡ଼ିକ ଉଠି ବାସ୍ତବ ରୂପ ନେଇ ଯାଆନ୍ତି ଜର୍ଜର ମନ ଭିତରେ । ବେଳେ ବେଳେ ସେଗୁଡ଼ିକ ଭୂତକୋଠି କାନ୍ଥର ଚିତ୍ର ନ ହୋଇ ହୋଇ ଉଠେ ସାରା ଗତ-ଆଗତ-ଭବିଷ୍ୟତର ଗୁଡ଼ିଏ ମଲା, ଦରମଲା, ଜିଅନ୍ତା ମଣିଷଙ୍କର ଚିତ୍ର । ସେଇ ମୁହୂର୍ତ୍ତରେ ସମଗ୍ର ଦେହ ତା'ର ଶୀତେଇ ଉଠେ । ଜର୍ଜର କୋମଳ ମାନସିକତାରେ ବସାବାନ୍ଧି ଯାଇଥିଲା ଚରଣ ରାଓର ସେଇସବୁ ଅଦ୍‌ଭୁତ ଚିତ୍ରର ଭୂଗୋଳ ଏବଂ ତାକୁ ନେଇ କାମାୟା କହୁଥିବା କାହାଣୀ । ଏଇସବୁ ଜର୍ଜର ମନ ଭିତରେ ସୃଷ୍ଟି କରିଥିଲା ଭୟ, ଯୌନ ଓ ରହସ୍ୟର ଅଦୃଶ୍ୟ ଚଉହଦୀ । ଲୋକେ କହନ୍ତି ସେଇ ଘରେ ରହୁଥିଲା ଜଣେ ପଶ୍ଚିମା ସ୍ତ୍ରୀଲୋକ । ଖୋଲିଥିଲା ବୁଢ଼ୀ ଭଳି ଦୋକାନଟିଏ । ଭଲ ବିକ୍ରିଥିଲା ଦୋକାନର; କିନ୍ତୁ ଦିନେ ହଠାତ୍ କେହି ଜଣେ ତାକୁ ଖୁନ୍ କରି ମାରିଦେଲା । ଏପରିକି ଡାକ୍ତର ମାଇନା ବେଳେ ଜଣାଗଲା ଯେ ତା'ର ଗୋଟିଏ ପଟ ସ୍ତନ ନଥିଲା । ଶେଷରେ ବିସ୍କୁଟ ବେପାରୀ ଚରଣ ରାଓକୁ ପୁଲିସ୍ ଗିରଫ କରି ହାଜତକୁ ନେଲା । ଦଶ ବରଷ ଜେଲ୍‌ରେ ରହି ଫେରିଲା ବେଳକୁ ତା'ର ମୁଣ୍ଡ ଆଉ ଆଗ ଭଳି ଭଲ କାମ କରୁନଥିଲା । ରିକ୍ସାବାଲା କାମାୟା ସବୁବେଳେ ଜର୍ଜକୁ କୁହେ, ଚରଣ ରାଓ ସେଇ

Digitized by srujanika@gmail.com

ମାଇକିନାର ଥନଟିକୁ ଏବେବି ରଖିଚି ପାଖରେ । ସେଇ ଶୁକୁଟା ଚମକୁ ଅଧ ରାତିରେ ବାହାର କରିଥାଏ ପାଗଳା ଚରଣ ରାଓ । ସୁନ୍ଦରୀ ସେଇ ପଛିମା ମାଇକିନାକୁ ସେ ମାରିଦେଇଥିଲେ ବି ସେ ମରି ନାହିଁ । ସବୁଦିନ ରାତି ଅଧରେ ଚରଣ ରାଓ ଭୋଗ କରେ ସେଇ ମାଇକିନାକୁ । ସେଇ ଶୁକୁଟା ଚମ ଭିତରୁ ବାହାରି ଆସେ ଦିବ୍ୟ ସୁନ୍ଦରୀ ସ୍ତ୍ରୀ । ସାରା ରାତି ଚରଣ ରାଓ ନାଚୁଥାଏ ଲଙ୍ଗଳା ହୋଇ ଏବଂ ସେ ଯେ କିମିୟା କରି ଜାଣେ; ଏ ସମସ୍ତ କଥା ଜର୍ଜ ଭିତରେ ସୃଷ୍ଟି କରେ ଅନେକ ନିରବ କମ୍ପନ ! ଟାଙ୍କୁରି ଉଠେ ଲୋମ ମୂଳସବୁ । ଏପରିକି ମଲା ମଣିଷକୁ ଯେ ଚରଣ ରାଓ ବଞ୍ଚାଇ ଦେଇପାରେ ଏସବୁ କଥାରେ ଜର୍ଜ ଭୟଭୀତ ହୋଇପଡ଼େ । ତେଣୁ ସେ ତାକୁ ଭୟ କରେ ଏବଂ ତା' ପାଖ ମାଡ଼େ ନାହିଁ ସହଜରେ । ଜୀବନ ଓ ମରଣର ଯେ ଇଲମ ଅଛି ସେହି ଚରଣ ରାଓ ପାଖରେ; ଏ କଥାରେ ଜର୍ଜ ଯେତେ ଆଚମ୍ବିତ ହୁଏ ସେତେ ବିସ୍ମିତ ମଧ୍ୟ ! ବୀର ସାମଲ କିନ୍ତୁ ଚରଣ ରାଓ ତାକୁ ମାରି ନାହିଁ; ସେ ପ୍ରାଣଠାରୁ ଅଧିକ ଭଲ ପାଉଥିବା କଥା କହୁଥିଲେ ହେଁ; ଜର୍ଜ ବିଶ୍ୱାସ କରିପାରେ ନାହିଁ । କାରଣ ଗେଲରେ ଗେଲରେ ଚରଣ ରାଓ ଦିନେ ଧରି ପକାଇଥିଲା ଜର୍ଜକୁ । ସାରା ଦେହ ତା'ର ଦୁହିଁଗଲା ତା'ର ଜାବରେ । ପାଟି କରି ମୁକୁଳି ଆସିଲା ସିନା; କିନ୍ତୁ ଭୟ ରହିଗଲା ମନ ଭିତରେ । ଜର୍ଜ ତେଣୁ ଚରଣ ରାଓକୁ ଭାବେ ସେ ରାକ୍ଷାସଟଏ । ସେ ମଣିଷ ନୁହେଁ; ବାଘ-ସିଂହ କିମ୍ବା ରାକ୍ଷସଟିଏ ।

ପାଗଳା ଚରଣ ରାଓ ପୁରୁଷ-ମହିଳାଙ୍କର ଯେଉଁ ଚିତ୍ର ଆଙ୍କେ; ତାହା କେତେବେଳେ ରାକ୍ଷସ-ରାକ୍ଷାସୁଣୀ ଭଳି ତ କେତେବେଳେ ବାଘ-ବାଘୁଣୀ ଭଳି – ଅଦ୍‌ଭୁତ କଦାକାର ଓ ରହସ୍ୟବ୍ୟଞ୍ଜକ ! ଆଉ ସବୁ ଚିତ୍ର ସଂପୂର୍ଣ୍ଣ ଉଲଗ୍ନ ! କେବଳ ସେତିକି ନୁହେଁ; ସେ ଚିତ୍ରଗୁଡ଼ିକର ବିଭିନ୍ନ ଅଙ୍ଗକୁ କାଟେ ଆଉ ଯୋଡ଼େ ! ସ୍ତ୍ରୀଲୋକଙ୍କର ଚିତ୍ରକୁ କରେ ଅଧିକ ବୀଭତ୍ସ । ସେଇସବୁ ବିଚିତ୍ର ନଙ୍ଗଳା ମାଇକିନାଙ୍କର ଦିହକୁ ଚାହିଁ ଜର୍ଜ ଆଶ୍ଚର୍ଯ୍ୟ ହୁଏ । ଆଉ ଭାବେ – ଏହା ଯଦି ମାଇକିନା; ତା'ହେଲେ ଏମାନଙ୍କ ପାଇଁ ବୀର-ରାମସିଂ –କାମାୟା-ଚରଣ ରାଓ ସମସ୍ତେ କାହିଁକି ପାଗଳ ବାୟାଙ୍କ ଭଳି ହେଉଛନ୍ତି ।

'ନରକିନ୍ନର' ଉପନ୍ୟାସର ସମଗ୍ର ଅନୁଶୀଳନ ଭିତରେ ଯୌନମନସ୍ତତ୍ତ୍ୱ ଓ ଯୌନ ବାସ୍ତବତାର ନିଛକ ଚିତ୍ରଣ ଓ ବିଶ୍ଳେଷଣକୁ ଅନୁଭବ କରାଯାଇପାରେ । ଜର୍ଜର ଜୀବନକୁ ଯେଉଁ ପରିବେଶ ପ୍ରଭାବିତ କରିଥିଲା; ସେଥିରେ ବେଶୀ ଭାଗ ଥିଲା ଷ୍ଟ୍ରଗଲ୍ ଫର ଏକ୍‌ଜିଷ୍ଟନ୍ସର ଭାବନା; ଅନ୍ୟ ପର୍ଯ୍ୟାୟଟି ଥିଲା ମଣିଷର ତୀବ୍ର ଯୌନେଚ୍ଛା; ଯାହା 'କେବେ ବନ୍ଧନ ମାନେ ନାହିଁ'ର ଭାବନା । ତା' ସହିତ ଅସ୍ତିତ୍ୱବାଦୀ ମଣିଷର ନିଛକ ପ୍ରତିରୋପଣ । ଜର୍ଜର ଲଣ୍ଡିବାଲୀ ମାଇକିନାର ଦେହ ଦେଖିବାର ଭାବନା ହେଉ ବା ପଞ୍ଜାବୀ ରୁଟିବାଲୀର ଜର୍ଜ ପ୍ରତି ରହିଥିବା ତୀବ୍ର ଯୌନ ଭାବନା ବା ମା' ପ୍ରତିମ ଗୋଦରୀ ବୁଢ଼ୀ ପ୍ରତି ମନ ଭିତରେ ବିଚଳନ ଏ ସମସ୍ତ ଭାବନାକୁ ଅଧିକ ଜାଗ୍ରତ କରିଥିଲା ପାଗଲା ଚରଣ ରାଓର ଅଙ୍ଗାରରେ ଅଙ୍କା ତୀବ୍ର ଯୌନଭାବାପନ୍ନ ଚିତ୍ରରାଜି ।

Digitized by srujanika@gmail.com

ଏତଦ୍‌ଭିନ୍ନ ପାଗଲା ଚରଣର ତୀବ୍ର ଯୌନେଚ୍ଛାର ପ୍ରଶମନର ଶୁକୁଟା ସ୍ତନର କାହାଣୀ ସହ ଜର୍ଜ ସହିତ ସମକାମୀ ଯୌନେଚ୍ଛା ବା ହୋମୋସେକ୍ସୁଆଲିଟିର ଭାବନା ବେଶ୍ ବାସ୍ତବ ଓ ନିଛକ । ପାଗଲା ଚରଣ ରାଓ ମୃତକୁ ଜୀବିତ କରିପାରେ ବା କବିରାଜ ବୁଢ଼ା ଅମରତ୍ୱର ସନ୍ଧାନ ଜାଣେ, ବା ହରିମିସ୍ତ୍ରୀ କଣ୍ଢେଇକୁ କଥା ମନାଇପାରେ ଏ ସମସ୍ତଙ୍କ ସହ ଜର୍ଜ କଳିଚି ଯେ, କାଳେ ତା'ର ରବର କଣ୍ଢେଇ ହୋଇଯାଇପାରେ ଜୀବନ୍ତ ! ଯେଉଁ କଣ୍ଢେଇଟି ଜର୍ଜର ଅତୀବ ପରିଚିତ ଓ କାମନାର ବସ୍ତୁ; ଯିଏ ଜର୍ଜ ସହ ଦୈହିକ ଓ ଆତ୍ମିକ ସ୍ତରରେ ଏକାନ୍ତ ! ଏ ସମସ୍ତ ଭାବନାର ଆଢୁଆଳରେ ଜର୍ଜକୁ ସବୁବେଳେ ଅଙ୍ଗାର ଅଙ୍କା ଅବୁଝା ଚିତ୍ରସବୁ କରିଚି ପ୍ରଭାବିତ ଓ ବିସ୍ମିତ !

ଅମୃତବୃକ୍ଷ ସନ୍ଧାନୀ ଧନ୍ୱନ୍ତରୀ ଓ ବାଉଳା ଦେବଦୂତ :

'ନରକିନ୍ନର'ର ପ୍ରତ୍ୟେକ ପ୍ରେକ୍ଷା ଓ ଚରିତ୍ର ସହ ଜର୍ଜ ସଂଯୁକ୍ତ । ଏପରିକି ଜୀବନର ଗତିପଥରେ ସମସ୍ତଙ୍କଠାରୁ ଜର୍ଜ ସାଉଁଟିଚି ଅନୁଭବ ଓ ଅଭିଜ୍ଞତା; ପାଇଚି ଅନେକ ଗୁରୁ; ଅର୍ଜିଚି ଅନେକ ଜ୍ଞାନ । ଠିକ୍ ଯେମିତି ବୁଢ଼ା କବିରାଜର ଶିଷ୍ୟତ୍ୱ ଗ୍ରହଣ। ଯେଉଁ ବୁଢ଼ା କବିରାଜଟି ଜର୍ଜକୁ ସବୁବେଳେ କହୁଥାଏ ସେ ପାଇଚି 'ଅମର ବୃକ୍ଷ'ର ସନ୍ଧାନ ! ବୁଢ଼ାର ଆଶାଥାଏ ଜର୍ଜକୁ ସେଇ କବିରାଜୀ ବିଦ୍ୟା ଶିଖାଇବ; କିନ୍ତୁ ଜର୍ଜ ଭିତରେ ଥାଏ ଏକ ଉଦ୍‌ବେଳନ ଏକ ଅଧୈର୍ଯ୍ୟପଣ; ସେଇ ଭାବଯୋଗୁଁ ଜର୍ଜ ଅଧିକ ଦିନ କାହା ସହ ରହିପାରୁନଥାଏ । 'ନରକିନ୍ନର'ର କବିରାଜ ବୁଢ଼ା; ତା'ର ହୀନମନ୍ୟତା ପାଇଁ ହାଇଁପାଇଁ ହୋଇ ଜର୍ଜ ଆଗରେ ବଖାଣୁଥାଏ ତା'ର ବୀରତ୍ୱ ଓ କବିରାଜତ୍ୱର ମହିମାମୟ ଅତୀତ ! ଆଉ କହୁଥାଏ : "ହେ, ହେ ଟୋକା ! ମୁଁ ଜାଣେ ତୁ କାହିଁକି ଏତେ ହାଇଁପାଇଁ ସେ ଅମରବୃକ୍ଷ ପେଇଁ -ତେବେ ତୁ ଯାହା ଭାବୁଚୁ ଯେ ମୁଁ ତା'ର ସନ୍ଧାନ ନ ପାଇକରି ତୋ ଆଗରେ ଚାତର ଦେଖାଉଚି, ସେ କଥାଟି ବାପ ଭୁଲି ଯା । ଆବେ ହେ ! ତୁ ସଂସ୍କୃତ ପଢ଼ିଚୁ ? ଆଗେ ପାଠପଢ଼ ବେଟା - ପାଠ ପଢ଼ ! ଶ୍ରୀଅକ୍ଷର ବିବର୍ଜିତ ହେଇ ତୁ ଯାହା ଭାବିଚୁ ଅମରବୃକ୍ଷର ସନ୍ଧାନ ପାଇଯିବୁ ବୋଲି, ସେ ଆଶା ଛାଡ଼ । ଆ ମୋ ଶିଷ୍ୟ ହ ! ବିଦ୍ୟା ଶିଖ୍ ! ମନ୍ତ୍ର ନେ ! ଦୀକ୍ଷା ଧର - ତା' ହେଲେ ସବୁ କିଛି ଜାଣିପାରିବୁ । ଢଢଯେଉଁ ମହାମହିମ ବୃକ୍ଷର ପତ୍ର କର୍ତ୍ତିତ ନିମ୍ବପତ୍ର ସଦୃଶ, ଶରୀର-କାଣ୍ଡ କଣ୍ଟକିତ - ଅବିକଳ ମଦନ ଶରବିଦ୍ଧ ଶରୀରର ଲୋମରାଜି ସଦୃଶ ସେଗୁଡ଼ିକ ଉତ୍ତେଜିତ - ଯାହାର ବଲ୍‌କଳ ଲୋହିତ ବର୍ଣ୍ଣ - ଯାହାର କ୍ଷୀର କର୍ଣ୍ଣିକାର କ୍ଷୀର ସଦୃଶ କିନ୍ତୁ ସୁମିଷ୍ଟ ଆଉ ଅମୃତ, ଯାହାର କୋରକ ଶ୍ୱେତ ଅପରାଜିତା ସଦୃଶ... ସେଇ ହଉଚି ଅମୃତବୃକ୍ଷ । ଢଢଏଇ ଆଖି ଦେଖିଚି ସେଇ ଅମୃତ ଧନ୍ୱନ୍ତରୀ ପ୍ରକୃତିର ବୃକ୍ଷକୁ !"

କବିରାଜ ବୁଢ଼ାକୁ ଏବଂ ତା'ର 'ଅମୃତ ବୃକ୍ଷ'ର ସନ୍ଧାନକୁ କେହି ବିଶ୍ୱାସ କଲେ ନାହିଁ; ଏପରିକି ପୃଷ୍ଠପୋଷକ ରାଜା ମଧ୍ୟ । ପ୍ରକାରାନ୍ତରେ କବିରାଜ ବୁଢ଼ାକୁ

Digitized by srujanika@gmail.com

ପାଗଳ ବୋଲି ଅଭିହିତ କରି ହାସ୍ୟାସ୍ପଦ କରିବା କଥାରେ ବୁଢ଼ାର ଥିଲା ପ୍ରଚଣ୍ଡ ଆକ୍ରୋଶ ! ଜର୍ଜ କିନ୍ତୁ ସଂପୂର୍ଣ୍ଣ ବିଶ୍ୱାସ କରିପାରୁନଥାଏ କବିରାଜର କଥା । କାରଣ ଜର୍ଜ ଭାବେ ଯଦି କବିରାଜ ତା'ର ସନ୍ଧାନ ପାଇଥିଲା; ତେବେ ରଜାର ସାହାଯ୍ୟ କାହିଁକି ଲୋଡ଼ିଲା । ଏ କଥାରେ ଚିହିଁକି ଉଠେ ବୁଢ଼ା ଏବଂ କହେ : "ସେ ହଉଚି ଆଉ ବେଳକର କଥା – ମୁଁ ସେତେବେଳେ ପାଠ ପଢୁଥାଏ – ଦଶ ହଜାର ବର୍ଷ ତଳର ପୋଥି ଖେଳେଇ କରି ମୁଁ ସେ ତଥ୍ୟ ଜାଣୁଥାଏ ସେତେବେଳେ । ସେଇ ପଢ଼ିଲାବେଳେ ମୁଁ ସାହାଯ୍ୟ ମାଗୁଥିଲି ରଜାକୁ । ବଢ ହେଲେ ମୁଁ ଗବେଷଣା ଚଳେଇ ଥାଏ । ବିଦ୍ୟା ସାଧି ସାଧି ମୁଁ ଚାଲିଲି । ହଜାର ହଜାର ବର୍ଷର ପୋଥି ଘାଣ୍ଟିଲି – ଶେଷକୁ ଦଶ ହଜାର ବର୍ଷ ତଳର ଗୋଟିଏ ପୋଥିପତ୍ରରେ ମୁଁ ତା'ର ସୁରାକ ପାଇଲି । ସେମିତିକା ବୃକ୍ଷ ଯେ ଆମର ବଣ ଜଙ୍ଗଲରେ ଅଛି, ନିଶ୍ଚୟ ଅଛି, ଏଥିରେ ସନ୍ଦେହ ନାହିଁ । ପ୍ରତି ଯୁଗକୁ ଯୁଗ ଏଇ ଗଛର ଓର ମଣିଷ ଅଟ୍ଟେ ବହୁତେ ପାଇଛି । ହନୁମାନ ବୋଲି ଗୋଟିଏ ମାଙ୍କଡ଼ ସେ ଯୁଗରେ ଗନ୍ଧମାର୍ଦ୍ଦନ ବୋଲି ଗୋଟିଏ ପାହାଡ଼କୁ ଟେକି ଘିନି ଆସିଲା । ଏଇ ଗଛ, ଢଢଆଉ ଏ କଳି... କଳି ଯୁଗର ଶେଷବେଳା ଆସି ପହଞ୍ଚିଚି – ଆଉ ତୁ ଦେଖ୍ – ଯୋଉଦିନ ଏ ଅମରବୃକ୍ଷର ସନ୍ଧାନ ମିଳିଯିବ, ସେଦିନ ପୁଣି ଯୁଗ ଓଲଟି ପଡ଼ିବ ଢଢ ହେଇ ଚାହାଁ, ଧନ ଦଉଲତ କିଛି ସାର ନୁହେଁରେ ପିଲା – କିଛି ସାର ନୁହେଁ – ଏକା ସାର ଦ୍ରବ୍ୟ ହେଉଚି ଜ୍ଞାନ । ଜ୍ଞାନ ଯାହା ହାତରେ ତା' ହାତରେ କ'ଣ ନାହିଁ ? କୋଉଁ ଗନ୍ତା ଘରର ଚାବି ନାହିଁ ତା' ହାତରେ ।"

ଉପନ୍ୟାସରେ କବିରାଜର 'ଅମୃତ ବୃକ୍ଷ'ର ସନ୍ଧାନ ହୋଇପାରେ ସଂପୂର୍ଣ୍ଣ ମିଥ୍ୟା; ଅବା ପ୍ରହେଳିକା । କବିରାଜ ନିଜେ ମଧ୍ୟ ଜାଣେ ଯେ ସେ ସେଭଳି କୌଣସି ବୃକ୍ଷ ସଂପର୍କରେ ଜାଣେ ନାହିଁ; କିନ୍ତୁ ଜର୍ଜର ଜୀବନର ଗତିପଥରେ କବିରାଜ ବୁଢ଼ାର ଅମୃତବୃକ୍ଷର ସନ୍ଧାନର ଏକ ସ୍ୱତନ୍ତ୍ର ଉଚ୍ଚତା ରହିଚି । କାରଣ ଜର୍ଜ ଅସଚେତନତା ଏବଂ ବ୍ରହ୍ମାଣ୍ଡର ଅସ୍ତିତ୍ୱ ନେଇ ଯେଉଁ ରହସ୍ୟମୟ ଜଗତର ସମ୍ଭାବନାର ଜିଜ୍ଞାସା କରିଛି – କବିରାଜ ବୁଢ଼ାର ଅସତ୍ୟ ଅଥଚ କିୟତ୍ ଜ୍ଞାନରେ ତାହା ଅନେକ ପରିପୁଷ୍ଟ ହୋଇପାରିଚି । କବିରାଜର ଶିଷ୍ୟତ୍ୱ ନେଇ ଯଦିଓ ଜର୍ଜ ଅଧିକ ଦିନ ତିଷ୍ଠି ନାହିଁ କିନ୍ତୁ ଜୀବନ-ଜୀବ ଓ ଜଗତ ସଂପର୍କରେ ତା' ଭିତରେ ଅବଶ୍ୟ ଏକ ଅସ୍ପଷ୍ଟ ରୂପବୋଧଟିଏ ସୃଷ୍ଟି କରାଇବାରେ କବିରାଜ ବୁଢ଼ା ଅନେକାଂଶରେ ସଫଳ ହୋଇଚି ।

ଖୋଦାର ପୃଥିବୀ, ପହିଲମାନ ମିଆଁ ଓ ରେଳଲାଇନର ଭୂତ :

ଜର୍ଜର ଜୀବନର ପ୍ରାଥମିକ ପର୍ଯ୍ୟାୟର ଗତିପଥ ନିର୍ଦ୍ଧାରଣରେ ନଜିର ମିଆଁର ବେଶ୍ ଏକ ଉଲ୍ଲେଖଯୋଗ୍ୟ ଭୂମିକା ରହିଚି । ହୁଣ୍ଡା ବୀର ସାମଲ, ରାମ ସିଂ ଅପେକ୍ଷା ନଜିର ମିଆଁ

Digitized by srujanika@gmail.com

ଥିଲା ବେଶ୍ ଭଲ ମଣିଷଟିଏ । ଜର୍ଜକୁ ପାଖରୁ ଉଛୁର ହେବାକୁ ବି ଦିଏ ନାହିଁ ନଜିର; ଠିକ୍ ସେହିଭଳି ଜର୍ଜ ମଧ୍ୟ ପାଖ ଛାଡ଼େନି ନଜିରର । ସହର ସମ୍ପର୍କରେ ଅନେକ ଧାରଣା ଓ ଅଭିଜ୍ଞତାର କଥା ନଜିର କହି ଚାଲିଥାଏ ଜର୍ଜକୁ । ସେ, ବୟସରେ ଅନେକ ବଡ଼ ହେଲେ ହେଁ ସେ ଜର୍ଜର ବନ୍ଧୁ; ପୁଣି ଗୁରୁ ମଧ୍ୟ । ଯାହାକୁ ନଜିର ଚାଚା ବୋଲି ଡାକିଥାଏ ଜର୍ଜ । ପୃଥିବୀ ସଂପର୍କରେ; ପୃଥିବୀର ଲୋକଙ୍କ ସଂପର୍କରେ, ଗଛଲତାର ସୃଷ୍ଟି ଏପରିକି ଏସବୁର ସ୍ରଷ୍ଟା କିଏ ବୋଲି ସବୁବେଳେ ଜର୍ଜ ପଚାରି ବସିଥାଏ ନଜିର ଚାଚାକୁ । ନଜିର ବି ଭାବେ ତା' ଜୀବନରେ ଯେତେ ଶିକ୍ଷା ସେ ଅର୍ଜନ କରିଚି ସବୁତକ ଜର୍ଜକୁ ଅଜାଡ଼ି ଦେଇ ତାକୁ ଗୋଟିଏ ମୁଲ୍ଲା କରିଦେବ । ନଜିରର ଶିକ୍ଷା ଜର୍ଜର ମନ ଓ ଭାବଜଗତକୁ ଉନ୍ମୀଳିତ ଅବଶ୍ୟ କରିଚି; ସେଥିପାଇଁ ତ ଅନ୍ୟ ସାଧାରଣ ଜଣେ ଭଳି ଜର୍ଜ ଚାହିଁ ନାହିଁ ପୃଥିବୀ ଆଡ଼କୁ... ତା'ର ଚାହିଁବାରେ ରହିଚି ନୂତନ ଆତ୍ମାର ସନ୍ଧାନ । ଜର୍ଜର ପୃଥିବୀ ଉତ୍ପତ୍ତିର ପ୍ରଶ୍ନରେ ଯେମିତି ନଜିର କହିଚି : "ଖୋଦା ବୋଲି ଗୋଟାଏ ତାରିଫ୍ ଲୋକ ଏଇ ସହର, ଓରଫ୍ ଜମାନାକୁ ବନେଇଚି । ଆଗେ ଏଇ ସହରରେ ଆଦୌ ଲୋକବାକ ନ ଥିଲେ; ଏମିତିକି ଗୋଟାଏ ଘାସଗଛ ବି ନ ଥିଲା ଏଠି । ସବୁଆଡ଼େ ଥିଲା ଖାଲି ବାଲି - ଯାହାକୁ ମରୁଭୂମି ବା ରେଗାସ୍ଥାନ କୁହାଯାଏ । ତଢ ଏଇ ଜଳନ୍ତା ମରୂଭମି (ରେଗାସ୍ଥାନ) ଦିନେ ଖୋଦାଙ୍କର ଆଖିରେ ପଡ଼ିଲା, ମକ୍କା ଯିବା ବାଟରେ ଦିନେ ଏଇଠି ଖୋଦାଙ୍କର ଓଟ ଅଟକି ଠିଆ ହୋଇଗଲା । ତଢଖୋଦା ଓଟକୁ ପଚାରିଲେ - ରୋକିଗଲୁ କିଆଁ ? ଓଟ ଉତ୍ତର ଦେଲା - ଖୋଦା ! ସାମନାରେ ଖଉଫ୍‌ନାକ ରେଗାସ୍ଥାନ । ତଢହେ ଆଲ୍ଲା ! ତଳ ତାତି ଆଉ ଉପରର ତାତିରେ ମୋର ଦିହ ଜଳିଯାଉଚି, ଶୋଷରେ ମୋର ତଣ୍ଟି ଶୁଖିଯାଉଚି, ତଢହେ ଖୋଦା ! ମୋତେ ଆହାର ଦିଅ - ମତେ ପାଣି ଦିଅ - ନଚେତ୍ ମୋର ଜୀବନ ଅବି ଅବି ଉଡ଼ିଯିବ । ତଢଖୋଦା ଦେଖିଲେ ପଛକୁ ଫେରିବାର ଜରୁରତ୍ ନାହିଁ । । ସେ ମେଘକୁ ଆଦେଶ ଦେଲେ - ରେ ମେଘ, ତୁ ଥିର୍‌ହ - ଠଇର - ଯା - ଶାନ୍ତ୍ ହ - ଥଣ୍ଡା ହାୱା ସଙ୍ଗେ ମିଶି ତୁ ବର୍ଷା କର - ତଢ ମେଘର ପାଣି ଆଉ ମରୁଭୂମିର ତାତି ମିଶି ଆଗ ଉଠିଲା ଗୁଡ଼ାଏ ଧୂଆଁ ଓ ଧୂଳି । ତଢ ଏମିତି କେତେଦିନ କେତେ ରାତି ଧରି ଅନ୍ଧାର ଘୋଟି ରହିଲା କେଜାଣି ? ତଢମରୁଭୂମି ଥଣ୍ଡା ହୋଇ ତା' ଉପରୁ ସେଇ ଅନ୍ଧାର ଚାଲିଯାଇ ପୁଣିଥରେ ନୂଆ କରି ସକାଳ ହେଲା ଆଉ ସୁନେଲି ସୂର୍ଯ୍ୟକିରଣ ଯେତେବେଳେ ଖେଳେଇ ହେଇଗଲା, ସେତେବେଳକୁ ମରୁଭୂମି ଆଉ ମରୁଭୂମି ନଥିଲା । ନାନା ଜାତିର ଗଛଲତା, ଫୁଲଫଳରେ ଜାଗାଟା ଭର୍ତ୍ତି ହୋଇଯାଇଥିଲା । ତଢରାତି ପୂର୍ବରୁ ଯୋଉଠି ଟୋପାଏ ପାଣି ତ ଦୂରର କଥା ତଢ ସେ ଜାଗାରେ ପୁରୁଷେ ପୁରୁଷେ ଉଞ୍ଚ ବରଫ ଜମା ହୋଇଯାଇଥିଲା । ଧୀରେ ଧୀରେ ବରଫ ତରଳି ଗଲା । ପାଣି ନିଗିଡ଼ି ଗଲା । ନଈ ତିଆରି ହେଇଗଲା । ସମୁଦ୍ର ହୋଇଗଲା । ତଢ ଖୋଦାଙ୍କ ହୁକୁମ ଜାରି ରହିଲା ।" ନଜିର ମିଆଁ ମଣିଷ ସୃଷ୍ଟି ଓ ଜୀବଜଗତ ସୃଷ୍ଟି

Digitized by srujanika@gmail.com

ସଂପର୍କରେ ଠିକ୍ କଥାଟି ନ କହି ପାରି ଅନେକ ଅଦ୍‌ଭୁତ କଥା ବି କହିଲା । କିନ୍ତୁ ନଜିର ମିଆଁର ଜର୍ଜକୁ ଦେଉଥିବା ଶିକ୍ଷା ଭିତରେ ଅନୀତି ବା ଅଣ ଆଦର୍ଶବାଦୀ କିଛି କଥା ନ ଥିଲା; ଏପରିକି ସ୍ତ୍ରୀଲୋକ-ଯୌନ ବିଷୟ ନେଇ ବୀର କିମ୍ବା କାମାୟା ଭଳି ସେ ଜର୍ଜର ମୁଣ୍ଡକୁ ଖରାପ କରୁନଥିଲା ।

ସେହିଭଳି ନଜରି ଓ ଜର୍ଜର ରେଳଲାଇନ୍ ଡାହାଣୀ ସାଙ୍ଗରେ ସାକ୍ଷାତ୍ ପ୍ରସଙ୍ଗରେ ନଜିରର ବାହାଦୁରୀ ଓ ବୀରତ୍ୱ; ଜର୍ଜ ପାଇଁ ଅବଶ୍ୟ ଆଶ୍ଚର୍ଯ୍ୟପ୍ରଦ ! ନଜିର ମିଆଁର ଭୂତ-ଡାହାଣୀ-ଚିରିଗୁଣୀ ନେଇ ଅନେକ କାହାଣୀର ଶ୍ରୋତ ଥିଲା ଜର୍ଜ ! ଯେଉଁଠି କୌଣସି ଫକୀର ଦେଇଥିବା ତାବିଜ ଓ ଆଲ୍ଲାଙ୍କ ନାଁ ଯେ ତା' ପାଇଁ ଭୂତ ସଙ୍ଗେ ଲଢ଼ିବା ପାଇଁ ଯଥେଷ୍ଟ ପ୍ରସଙ୍ଗରେ ନଜିର ମିଆଁକୁ ଜର୍ଜ ଭାବେ ସବୁଠାରୁ ଶକ୍ତିଶାଳୀ ପୁରୁଷ । କିନ୍ତୁ କୋଇଲା ଗୋଟେଇବା ପାଇଁ ଯାଇଥିବା ବେଳେ କିଭଳି ଗୋଟିଏ ଧୋକଡ଼ୀ ବୁଢ଼ୀ - ଯିଏକି ଡାହାଣୀ ଭଳି ପ୍ରତୀୟମାନ ହେବା ଏବଂ ନଜିର ମିଆଁ ବେକୁବ୍ ହୋଇଯିବା ପ୍ରସଙ୍ଗ ଜର୍ଜକୁ ତାବୁବ୍ କରିଛି ଯେ - ନଜିର ମିଆଁବି କେବେ ହାରିପାରେ ! ବୁଢ଼ୀଜଣକ କୋଇଲା ଗୋଟାଇବା ପାଇଁ ଯେ ଡାହାଣୀ ସାଜି ତା'ର ଗୁଜୁରାଣ ମେଣ୍ଟାଉଥିଲା ଏବଂ ଧରା ପଡ଼ିଯିବା ପରେ ମଧ ଅନେକ ଦିନ ଧରି ବୁଢ଼ୀ କିଛି ନ ପାଇଲେ ନଜିର ମିଆଁ ନିଜ ଥଳିରୁ କିଛି କୋଇଲା ବୁଢ଼ୀର ଥଳିରେ ପକାଇ ଦେବାରେ, ନଜରି ମିଆଁର ମାନବମୟ ସମ୍ବେଦନଶୀଳତା ବେଶ୍ ପରିଲକ୍ଷିତ । ନଜିର ମିଆଁ ତେଣୁ ଜର୍ଜକୁ ସବୁବେଳେ କୁହେ : "ଆବେ ହାରାମଜାଦା ! ଏତେ ହାମବଡ଼ା ହଅ ନାହିଁ ବେ ମରିଯିବୁ - ଶାଲାକୁ କେହି ପଚାରିବେ ନାହିଁ, ସେ ବୁଢ଼ୀକୁ କୋଇଲା କାହିଁକି ଦଉଚି ଓ ବାତ୍ ହମ୍‌କୁ ମାଲୁମ ।" ମଣିଷ ବିଷକୁ ଭୟଙ୍କର ବିଷ କହୁଥିବା; ଭୂତପ୍ରେତକୁ ନ ଡରୁଥିବା; ସବୁ ଅକଲ ଥିବା ଜଡ଼ିବୁଟି ବିଦ୍ୟାରେ ପାରଙ୍ଗମ ନଜିର ମିଆଁର : "ହେଃ, ହେଃ, ଶାଲୀ ତେରୀ ବୁନିୟାଦି; ତେରୀ ମା... ତେରୀ ବହେନ୍... ତେରୀ" ...ଗାଳିକୁ ଜର୍ଜ ଅବ୍ୟର୍ଥ ଶକ୍ତି ପ୍ରଦର୍ଶନକାରୀ ଗାଳି ଭାବେ ଗ୍ରହଣ କରିନେଇଥିଲା ନିଜ ଜୀବନରେ । ଏପରିକି ନଜିର ମିଆଁର ବାରମ୍ବାର ଉଚ୍ଚାରିତ ଏ ଗାଳିର ପ୍ରଦର୍ଶନ କରି ଜର୍ଜ ନିଜର ଅସ୍ତିତ୍ୱକୁ କରୁଥିଲା ଜାହିର ।

ନଜିର ମିଆଁ ହିଁ ଅନେକ ସ୍ୱପ୍ନ ଭରିଥିଲା ଜର୍ଜର ମନରେ, ଯାହା ପାଇଁ ହୁଏତ ଦିନେ ଜର୍ଜ ଚିହ୍ନିବାକୁ ଚେଷ୍ଟା କଲା ଜଗତକୁ; ପୃଥିବୀକୁ । ଯେମିତି ପୃଥିବୀର ପ୍ରକାଶ ମଣିଷଂ ଜିଇବାକୁ ଦୁଇଟି ଗଛରେ ରୂପାନ୍ତରିତ ହେବାର ଅତିକଳ୍ପନା ଜର୍ଜ ଭିତରେ ତୋଳି ଧରୁଥିଲା ଅସୁମାରୀ ଜିଜ୍ଞାସା ଓ ଅନ୍ୱେଷା ! ସେଥିପାଇଁ ଜର୍ଜ ଚିନ୍ତିତ ହୋଇ ପଡୁଥାଏ; କେମିତି ଜୀବନ୍ତ କରିବ ତା'ର ରବରର କଣ୍ଢେଇକୁ । ଏ କଥାଟି ଯେତିକି ପ୍ରତୀକାତ୍ମକ ସେତିକି ରହସ୍ୟମୟ ।

ଉପନ୍ୟାସର ଗୋଟିଏ ସ୍ୱତନ୍ତ୍ର ପର୍ଯ୍ୟାୟରେ ନଜିର ମିଆଁର ମୃତ୍ୟୁ ହୁଏ । ମୃତ୍ୟୁଟି ଅତ୍ୟନ୍ତ ବୀଭତ୍ସ । ମଟର ଗାଡ଼ି ଏମିତି ମାଡ଼ିଗଲା ଯେ, ଛତୁ କରିଦେଲା ତା'ର ସମସ୍ତ

Digitized by srujanika@gmail.com

ଅବୟବ । ନାକ, କାନ, ଆଖି ଡୋଳା ସବୁ କିଛି ଛିନ୍ନଛତ୍ର ହୋଇ ବିଛାଡ଼ି ହୋଇ ପଡ଼ିଲେ । ମୁଣ୍ଡର ଦହି ଫାଟି ବିଛୁରିତ ହୋଇଗଲା ସର୍ବହରାର ରାଜପଥ ! ନଜିରର ମୃତ୍ୟୁ ଅଦୃଶ୍ୟ ନିରବତାରେ ଦୋହଲାଇ ଦେଇଚି ଗୋଦରୀ ବୁଢ଼ୀ ଏବଂ ଜର୍ଜକୁ । ଗୋଦରୀ ବୁଢ଼ୀ ବୀର-କାମାୟାକୁ ବାଧ କରି ପଠାଇଚି ମଡ଼ା ସାଉଁଟି ଆଣିବାକୁ । ସେଇଦିନ ରାତିରେ ବେଙ୍ଗଟାଏ ବହୁ ଡିଆଁଡିଇଁ କଲା ଜର୍ଜ ଓ ଗୋଦରୀ ବୁଢ଼ୀ ଉପରକୁ । କାନ୍ଥର ଦାଢ଼କୁ ଯାବୁଡ଼ି ପାଟିକୁ ପାକୁ ପାକୁ କରି ରହିଲା । ବେଙ୍ଗଟାକୁ ଚାହିଁ ବୁଢ଼ୀ କହିଲା : "ବରଷ ବରଷର ନୋଭ, ସହଜେ କ'ଣ ସିଏ ତୁଟେ ? କେତେ ବାଗରେ ପରା ସେ ଆଇବ, ଚାହିଁବ, ଦେଖିବ, ଆଖିମିଟିକା ମାରିବ.... ଆଉ ଦିହ ଆସପତ ଖୋଜିବ ।" ଏସବୁ କଥା ଜର୍ଜ ବୁଝିପାରେନି ସ୍ପଷ୍ଟତଃ । କିନ୍ତୁ 'ଜୀବନ' ନେଇ ଜର୍ଜର ଅନୁଭବ ଓ ଅନୁଚିନ୍ତା ଅବଚେତନ ମନରେ ରୂପନେଉଥାଏ ଅନେକ ଢଙ୍ଗରେ । 'ନରକିନ୍ନର'ରେ ନଜିର ମିଆଁ ବାହ୍ୟତଃ ବିଶେଷ ପ୍ରଭାବଶାଳୀ ମନେ ନ ହେଉଥିଲେ ହେଁ ଜର୍ଜର ଗତିପଥରେ ଉନ୍ମୀଳିତ ଚନ୍ଦନବନରେ ମହମହ ହେଉଥିବା ବାସ ଭଳି; ସେ ଅଦୃଶ୍ୟ; କିନ୍ତୁ ବାସ୍ନାୟିତ ଓ ପ୍ରଲମ୍ବିତ !

ଅନ୍ଧୁଣୀ କୁଷ୍ଠରୋଗୀ, ମିଥ୍ୟା ରମଣ ଓ ଉତ୍ତରଣ :

ଜର୍ଜର ଜୀବନରେ ବୀର ସାମଲ ଅନ୍ୟ ଏକ ପର୍ଯ୍ୟାୟ । ବୀର ସାମଲ କେବେହେଲେ ଭଲ ବାଟଟିଏ ଦେଖାଇ ନାହିଁ; ଜର୍ଜକୁ । ପ୍ରକାରାନ୍ତାରେ ଜର୍ଜକୁ ଈଷା କରିଚି; ଈର୍ଷା କରିଚି ନଜିର ମିଆଁକୁ । କେବଳ ଗୋଦରୀକୁ ଏକା ଭୋଗ କରିବାର ପୁରୁଷର ଈର୍ଷାରେ । ବୀର ସାମଲକୁ ଗୋଦରୀ ବୁଢ଼ି ପାଞ୍ଚବରଷରୁ ସହାୟ ହୋଇଚି କିନ୍ତୁ; ବଡ଼ ହୋଇ ସେ ଲାଳସା ରଖିଚି ବୁଢ଼ୀଠାରେ । ଏପରିକି ନଜିର ମିଆଁ ମରିଯିବା ଠିକ୍ ପରେ ପରେ ହିଁ ତା'ର ଲାଳସାକୁ ଦେଇଚି ପରିପୂର୍ଣ୍ଣ ରୂପ ! ତା'ର ବର୍ତ୍ତମାନ ପରି ଅତୀତଟି ବି ଅପଦସ୍ତ ଓ ଘୃଣାରେ ଭରପୂର । ଏକଦା କେମ୍ପା ବୀର ସାମଲର ଡାହାଣ ହାତ ବିଶି ଆଙ୍ଗୁଠିରେ କଣନଖା ହୋଇ ପାଚି ପାଚି ଦି'ବରଷ ବେଳକୁ ସଢ଼ିବାକୁ ଲାଗିଲା; ପାଞ୍ଚ ବରଷ ବେଳକୁ ମାଂସ ଛିଡ଼ିବାକୁ ଲାଗିବାରୁ ଜାତିଭାଇଏ ତାକୁ ଆଣି ସହରର କୁଷ୍ଠାଶ୍ରମର ହତା ଭିତରକୁ ଠେଲି ଦେଇ ଚାଲିଗଲେ । ସେଇଠୁ ଉଠି ଆସି ଜର୍ଜ ଭଳି ନିରାଶ୍ରୟ ହୋଇ ଠିଆ ହୋଇଥିଲା ଗୋଦରୀ ବୁଢ଼ୀର କାଠ କ୍ୟାବିନ୍‌ର ଦୋକାନ ଆଗରେ। ବୁଢ଼ୀ ବି ଆଦରି ନେଲା ବୀରକୁ । ବୀର ସାମଲର ରୋଗ ଛାଡ଼ିଯାଇ କେମ୍ପା ହୋଇ ରହିଗଲା ସବୁଦିନ ପାଇଁ । ବଡ଼ ହେବା ପରେ ରିକ୍ସା ଟାଣିଲା । ଅର୍ଥ ଉପାର୍ଜନ କରି ଦେହର ଉଷୁମ ବି ଟାଣିଲା; ବଡ଼ ହୋଇ ବୁଢ଼ୀ ଉପରେ ବି ଆଖି ପକାଇଲା ବୀର । ଯେଉଁ କୋଳରେ ଉଷୁମ ଟାଣି ପେଟ ପୂରାଉଥିଲା; ସେଇ କୋଳରୁ ଉଷୁମ ଟାଣି ମନକୁ ବି ପୂରାଇଲା ବୀର ସାମଲ । ବୀର ସାମଲ ଜୀବନର କୌଣସି ଆଦର୍ଶ ନଥିଲା; କିମ୍ବା ନଥିଲା ମାନବିକତା । ତା'ର ପ୍ରକୃଷ୍ଟ ଉଦାହରଣ ହେଉଚି ନଜିରର ମୃତ୍ୟୁର

Digitized by srujanika@gmail.com

ବାସିଦିନ ହିଁ ବୀର ସାମଲ ନେଇଯାଇଥିଲା ନଜିର ମିଆଁର ସ୍ଥାନ । ଯାହାର ଚରିତ୍ର ଗୋଦରୀ ବୁଢ଼ିର ବକ୍ତବ୍ୟରେ ବେଶ୍ ସ୍ପଷ୍ଟ : "ଯୋଗିନୀଝିଆକୁ ଦେଖୁନ, କେମିତି ଲାଲ ଟହ ଟହ ଆଖି କରି ସେ ମୁହଁ ନେଫେଡ଼ି ମେତେ ଚାହୁଁଥେଲା – ଯୋଗିନୀଝିଆର ମନ ହଉଚି ଖାଲି ଚୋଷି ଯାଆନ୍ତା । ସେ କାହାକୁ ଆଉ, ଚୋଷି ଦେଇ ଥୁ' କରି ସିଠାଟାକୁ ଫୋପାଡ଼ି ଦେଇ ସେ ପଳାନ୍ତା – ଖାଲି ଟିକିଏ ଇସାରା ପାଇଗଲେ ! ହଉ ରହ ରହ ଅଲପେଇଷ୍ଟ, ନବୁ, ଖାଇବୁ, ଚୋଷିବୁ, ତୋ ପେଟ ପୂରିବ ! ଏତେ କାଳ ଗିଳିଗିଳିକା ପେଟ ପୂରିଲାନାହିଁ ଯେ...." । ବୀର ସାମଲ, ଜର୍ଜ ଯେ ଗୋଦରୀ ବୁଢ଼ୀ ସହ ଦୈହିକ ସଂପର୍କ ରଖିଚି ଏବଂ ତା'ର ଫଳସ୍ୱରୂପ ଜର୍ଜକୁ ଠାକୁରାଣୀ ହୋଇଚି, କହିବା ଭିତରେ ବୀରର ଯୌନଗତ ଈର୍ଷା କାର୍ଯ୍ୟ କରିଚି । ଜର୍ଜକୁ ଅପମାନିତ କରିବା ସହିତ ଅନ୍ୟମାନଙ୍କ ଦ୍ୱାରା ମାଡ଼ ମରାଇବା ପାଇଁ ଚେଷ୍ଟିତ ହୋଇଚି : "ଏଠୁ ଉଠାଅ ଏ ଶାଲାକୁ ! ଏ ଶାଲା ପାପୀକୁ ! ଶଳା ଧରମକୁ ଆଖି ମିଟିକା ମାରୁଥିଲା – ଏତେଦିନେ ପାଇଲା ଫଳ ! ଢଢରାତି ସାରା ଅନ୍ୟାୟ କଲା – ଶାଲା ମତେ ମଦ ପିଆଇ ଦେଇ ଅଚେତ କରିଦେଇ ନଗେଇଲା ନାଟ – ପାଇଲୁ ! ପାଇଲୁ ଶଳା ! ଠାକୁରାଣୀ ନାହିଁ ବୋଲି କିଏ କହିଲା ? ମାରି ଖାଇବ ତତେ ସେ – ସବ୍ରାତ୍ କର ! ଢଢଶାଳାର ପାପ ଆଖି ମା', ଭଉଣୀ, ମାଇପ ସମିତିଙ୍କୁ ଏକାକାର କଲା – ଫୁଟାଅ ଶାଳାର ଆଖି ! ଫୁଟାଅ ତା'ର କାନ ଦିଇଟାକୁ ! ଶାଲା କୋଢ଼ୀ ! ଶାଲା ଧରମଛଡ଼ା ଜାନୁଆର...।" ଏପରିକି ଗୋଦରୀ ବୁଢ଼ୀର ମୃତ୍ୟୁ ବେଳେ ବୀର ସାମଲ ଆସି ଠିଆ ହୋଇନାହିଁ । ତା'ର କୃତଘ୍ନତାର ପରିଚୟ ଦେଇଚି ।

ଯୌନ ବାସ୍ତବତାର ବୀଭତ୍ସ ରୂପର ପ୍ରତୀକ ଭାବେ ବୀର ସାମଲକୁ ଉଲ୍ଲିଖିତ କରାଯାଇପାରେ । ଅପ୍ରତ୍ୟାଶିତ ଭାବରେ ଜର୍ଜ ଆଗରେ ଧରା ପଡ଼ିଯାଇଚି ବୀର ସାମଲ ଜଣେ କୁଷ୍ଠରୋଗୀ ଅନ୍ଧୁଣୀ ବୁଢ଼ୀକୁ କୋଡ଼ିଏ ଟଙ୍କା ଦେଇ ରମଣ କଲାବେଳେ । ଜର୍ଜ ସେଇ କୁଷ୍ଠରୋଗୀଟିକୁ ମଧ ଚିହ୍ନି ନେଇଚି କାରଣ ଅତୀତରେ ନିରାଶ୍ରୟ ଏକାକୀ ଦେଖି କୁଷ୍ଠରୋଗୀ ଜଣେ ଜବରଦସ୍ତି ଧରି ନେଇଥିଲା ସେଇ ଅନ୍ଧୁଣୀଟିକୁ । ଆଉ ଶାଗୁଣା ଭଳି ଆହୁରି ଚାରିଜଣ କୁଷ୍ଠରୋଗୀ ଗୋଟିଏ ଅନ୍ଧାର ଘରେ ଘେରି ରହିଥିବା ବେଳେ ଧସେଇ ପଶିଥିଲା ଜର୍ଜ ! ଜର୍ଜକୁ କିନ୍ତୁ ସେମାନେ ମିଳିତ ଆକ୍ରମଣ କରିଥିଲେ ଥୁ'ଥୁ' ଲଣ୍ଡା ଲଣ୍ଡା ଛେପ ପକେଇ । ସ୍ତ୍ରୀଲୋକଟି ତା'ର କାନ୍ଦ ବୋବାଳି ବନ୍ଦ କରି ଏକ ପ୍ରକାର ଜର୍ଜକୁ ଆକ୍ରମଣରୁ ବିରତ କରିଥିଲା । ସେଇ କୁଷ୍ଠରୋଗୀ ଅନ୍ଧୁଣୀ ସହ ବୀରର କାର୍ଯ୍ୟକଳାପ ଦେଖି ଜର୍ଜ ଧିକ୍ କରିଚି ବୀର ସାମଲକୁ । କାରଣ, ବୀର ସାମଲ ଦେହର ଗରମକୁ ମାରିବା ପାଇଁ ସଂଭୋଗ କରିପାରେ ଅନ୍ଧୁଣୀ ଏକ କୁଷ୍ଠରୋଗୀକୁ । ବୀର ସାମଲର ହାତରେ ଯାବ ଭିତରେ ଥାଇ ଜର୍ଜ ଭାବୁଥିଲା : "ସତେକି ସେ ଆଉ ଥରେ ଜନ୍ମ ହେବାପାଇଁ ଯାଉଚି – ଏଥର ବୀର ସାମଲ ହାତରେ ପ୍ରାଣ ଗଲାପରେ; କିନ୍ତୁ ଏଥର ସେ ଜନ୍ମ ହେବନାଇ ମେଡ଼ିକାଲ

Digitized by srujanika@gmail.com

ନଳାରୁ । ଏଥର ସେ ଜନ୍ମ ହବ ଗୋଟାଏ ଅନ୍ଧୁଣୀ, କୁଷ୍ଠରୋଗିଣୀ ପେଟର ପଚାସଢ଼ା ମାଉଁସ କୁଢ଼ରୁ । ଏଥର ସେ ଜନ୍ମହେଲେ ତାକୁ କୋଉ ଦାଢ଼ିଆ ବୁଢ଼ା ଆବିଷ୍କାର କରିବ ନାଇଁ । ଏଥର ସେ ଜନ୍ମହେଲେ ତାକୁ ଆବିଷ୍କାର କରିବ ଗୋଟାଏ କୁଷ୍ଠରୋଗୀର ଦଳ - ଯୋଉମାନେ ତା'ର ଆଖି ଫୁଟେଇ, ଦିହର ଚମଡ଼ାକୁ ଛୁରିରେ କାଟି ସେଥିରେ ପୂଯ ଢାଳି, କୁଷ୍ଠରୋଗ ସୃଷ୍ଟିକରି ସହର ତମାମ ବୁଲେଇବେ ଜନ୍ମରୁ ଅନ୍ଧ ହୋଇଥିବା ରୋଗିଣୀ ଉତିଆଣି ଛୁଆ ଭଳି । ପଇସା ରୋଜଗାର କରିବେ । ଆଉ ସେଇ ପଇସାରେ ବେବସାୟ କରି ସେମାନେ କିଣିବେ ଆହୁରି ଆହୁରି ମାଇକିନା - ଦଳପେଇଁ - ଛୁଆ ତିଆରି କରିବା ପେଇଁ - ପଇସା ପେଇଁ - ପେଟ ପେଇଁ - ଜୀବନ ପେଇଁ ।"

ଜର୍ଜର ଏ ଭାବନା ଭିତରେ ନୂଆ ମଣିଷ ସମାଜ ଗଠନର ଅଭୀପ୍‌ସା ସଂଯୁକ୍ତ । କାରଣ, ଜୀବନର ଚରମ ବାସ୍ତବତାର ଉହାଡ଼ରେ ଜର୍ଜ ଚାହିଁଚି ତଥାକଥିତ ପ୍ରଚଳିତ ସମାଜକୁ ଧ୍ୱଂସ କରିଦେବାକୁ । ସେଇ ଭାବନାରୁ ସେ ପ୍ରାଣତ୍ୟାଗ କରିବାକୁ ଚାହିଁଚି ବୀରର ହାତରେ ଏବଂ ସେଇ ମୁହୂର୍ତ୍ତରେ ହିଁ ତା'ର ନବଜନ୍ମର ପ୍ରେରଣା ତାକୁ ଆତ୍ମାନୁସନ୍ଧାନୀ କରୁଚି ନୂତନତା ପାଇଁ ।

ଜର୍ଜ ଧକ୍‌କା ମାରି ଗଡ଼ାଇ ଦେଇଚି ବୀର ସାମଲକୁ । ସେଠାରେ ସମସ୍ତେ ଆସି ଜମା ହୋଇଯାଇଛନ୍ତି; ଯଥା : କାମାୟା - ଚରଣ - ଶନିଆ - ଗଜିଆ - ଲଣ୍ଡ୍ରୀ ବାଲୀ - ଦର୍ଜି ବୁଢ଼ା ଇତ୍ୟାଦି ଅନେକ । ସମସ୍ତେ କିନ୍ତୁ ମାଡ଼ି ବସିଲେ ଜର୍ଜ ଉପରେ । ବୀର ସାମଲ ଚାଲାକି କରି ଦୋଷ ଲଦି ଦେଲା ଜର୍ଜ ଉପରେ । ଜର୍ଜ ଯେ ଅନ୍ଧୁଣୀ କୁଷ୍ଠରୋଗୀ ସହ ବନ୍ଦ ଘରେ ଚଳେଇଥିଲା ତା'ର ପାପକର୍ମ ବୋଲି ବୀର କହିବା କ୍ଷଣି; ଅନ୍ଧୁଣୀ ବି ଅଦ୍‌ଭୁତ ଭାବେ ଦୋଷ ଦେଇ ଚାଲିଲା ଜର୍ଜକୁ : "ଢଙ୍ଗମତେ ଅନ୍ଧୁଣୀ ଦେଖି ସେ ପୋଡ଼ାମୁହାଁ ମତେ ଭୁଲେଇ କରି, ବାହା ହବ ବୋଲି ଜବାବ୍ ଦେଇ ଏଠିକି ନୁଚେଇ ଆଣିଥେଲା ଲୋ ! ମୋର ସବୁ ମାନ ଇଜ୍ଜତ କଡ଼ାକର କରିଦେଲା ଲୋ ! ଢଙ୍ଗମତେ ମହାରାଣୀ କରିଦେବ ବୋଲି କହି ମୋର ସବୁ ଧନ ଲୁଟି ନେଲା ଲୋ !" ପାପର ପ୍ରାୟଶ୍ଚିତ ବାହାନାରେ ସମସ୍ତେ ମିଳିତ ହୋଇ ସେଇ ଅନ୍ଧୁଣୀ କୁଷ୍ଠରୋଗିଣୀଟି ସହ ଜର୍ଜକୁ ଛନ୍ଦି ଦେବାର ଯୋଜନାବଦ୍ଧ ଷଡ଼ଯନ୍ତ୍ର କଲେ । ସେଠି ବ୍ରାହ୍ମଣ ଆଣି ହୋମ କରି ହାତଗଣ୍ଠି ମଧ୍ୟ ପକେଇ ଦିଆହେଲା ଯୁଦ୍ଧକାଳୀନ ଭିତ୍ତିରେ । ଜର୍ଜ ଦେଖିଲା ଅନେକ ମାଡ଼ ମାରି, ଅପଦସ୍ତ କରି ଶେଷରେ ତା' ହାତ ଉପରେ ଆଉ ଗୋଟିଏ ଛଉଛଉକା ହାତ ରଖିଦେଇ ଜନତା ବିଚାରକ ତାକୁ ଚିରଦିନ ପାଇଁ ଗୋଟାଏ କୁଶଖିଅର ପଘାରେ ଛନ୍ଦି ଦେଇ ପଳେଇଚି ଖୁଣ୍ଟ ଭଳି ପୋତା ହୋଇଥିବା ଗୋଟିଏ ରୋଗଗ୍ରସ୍ତ ମାଦଳା ମାଇକିନାକୁ ।

ଜର୍ଜର ମନ ବିଦ୍ରୋହ କରି ଉଠିଛି; ସେ ଭାବିଚି ଗୋଟିଏ ଗୋଇଠାରେ ସେଇ ମାଇକିନା ସମେତ ସାରା ସଂସାରକୁ କରିଦିଅନ୍ତା ଧ୍ୱସ୍ତ-ବିଧ୍ୱସ୍ତ ! ଜର୍ଜ ସେଇ ମାଂସ

Digitized by srujanika@gmail.com

ପିଣ୍ଡୁଳାକୁ କ'ଣ କରିବ; ତାହା ଚିନ୍ତା କରିପାରିଲା ନାହିଁ । କାହିଁକି ବୋହିବ ଏକ ପ୍ରକାଣ୍ଡ ମିଥ୍ୟାର ବୋଝକୁ; କାହିଁକି ଗ୍ରହଣ କରିନେବ ଅମାନବୀୟ, ଭ୍ରଷ୍ଟ, ନଷ୍ଟ ସମାଜର ଅତ୍ୟାଚାରକୁ । ଜର୍ଜ ସେଇ ମାଂସ ପିଣ୍ଡୁଳାକୁ ସେଇଠି ଛାଡ଼ିଦେଇ ଯିବା ପୂର୍ବରୁ ପଛକୁ ଫେରି ଚାହିଁଲା ଥରେ । ଦେଖିଲା ସେ ନିଶ୍ଚଳ ଆଉ ନିର୍ବିକାର ବସିଚି । ମାନବିକତା ତାକୁ ଫେରାଇ ଆଣିଲା କେବଳ କହିବା ପାଇଁ ଯେ : "ମୁଁ ଯାଉଚି... ତୁ ବସିଥା !" ଏବଂ ଅଦ୍‌ଭୁତ ଭାବେ ଜର୍ଜ ମଧ୍ୟ ପାଇଗଲା ତା'ର ଆତ୍ମୀୟତାର ପ୍ରତି ଉତ୍ତର : "ହଉ, ମୁଁ ବଇଚି - ତମେ ଆଇବାଯାକେ ମୁଁ ବଇଚି ଏଠେଇଁ । ଟିକେ ଜଲ୍‌ଦି ଆଇବ । ମତେ ଡର ମାଡୁଚି ଏକା ହୋଇ ରହିବାକୁ ।" ଜର୍ଜର ପାଦ ଅବଶ୍ୟ ଛନ୍ଦି ହୋଇଚି, ସେଇ କଥା ଦୁଇପଦରେ କିନ୍ତୁ; ସେ ସେଠି ଅଟକି ଯାଇନି - ତା'ର ଗତିପଥ ପ୍ରସରି ଯାଇଚି ।

ଉପନ୍ୟାସରେ 'ବୀର ସାମଲ' ଏବଂ 'ଅନ୍ଧ କୁଷ୍ଠରୋଗିଣୀ' ଜର୍ଜ ପାଇଁ ସିଧାସଳଖ କୌଣସି ଉପକାର କରି ନାହାନ୍ତି ସତ; କିନ୍ତୁ ଜର୍ଜର ନବଜନ୍ମ ନେବାରେ ଏବଂ ନୂତନ ଉନ୍ମୀଳନରେ କିନ୍ତୁ ପ୍ରକାରାନ୍ତରେ ସାଜିଛନ୍ତି ସହାୟକ ! ଅନ୍ଧ କୁଷ୍ଠରୋଗୀ ସହିତ ଯଦି ଜର୍ଜକୁ ଛନ୍ଦା ଯାଇ ନଥାନ୍ତା; ହୁଏତ ଜର୍ଜର ଜୀବନରେ ଯେଉଁ ବିଶାଳ ଏକ ପରିବର୍ତ୍ତନ ପରିଲକ୍ଷିତ ହେଲା - ତାହା ହୁଏତ କେବେ ସମ୍ଭବ ହିଁ ହୋଇନଥାନ୍ତା ! ଉପନ୍ୟାସର ପ୍ରଥମ ଭାଗରେ ପରିବେଷିତ ଜର୍ଜର ଗୋଟିଏ ଜନ୍ମରୁ ଆଉ ଏକ ଜନ୍ମର ରୂପାନ୍ତରଣ ଭିତରେ ଅଛି ବୀର ସାମଲର କ୍ରୂରତା, ଷଡ଼ଯନ୍ତ୍ର ଏବଂ ନିର୍ବାକ୍ ନିରବ ହତଶ୍ରୀ ଅନ୍ଧୁଣୀ କୁଷ୍ଠରୋଗୀ । ଏମାନଙ୍କୁ ଜର୍ଜ ଜୀବନର ଏକ ଏକ ମହତ୍ତର ପାହାଚ ଭାବେ ଅଭିହିତ କରାଯାଇପାରେ ।

ଅମୃତ ଚାହା, ପଥର ଲକ୍ଷ୍ମୀ ଓ ହୀରା ଖୋଜାଳି :

ଉପନ୍ୟାସର ଦ୍ୱିତୀୟ ଭାଗ ଜର୍ଜର ଆତ୍ମାନ୍ୱେଷଣର ଉତ୍ତରଣ ପର୍ବ । ଜର୍ଜ ମୁହାଁଇଚି ନଈଧାର ଆଡ଼କୁ । ବାବାଜିର ଚାହା ଦୋକାନ ଆଡ଼େ । ଯାହା ସେ ଶୁଣିଥିଲା ଜଣେ ସାଙ୍ଗ ରିକ୍ସାବାଲାଠାରୁ । ଯେଉଁ ବାବାଜି ଚାହା ସହ ବିକେ ବିଡ଼ି ଓ ଗଞ୍ଜେଇ । ଖୁବ୍ ବେଶୀରେ ଖସାଲଡୁ ଓ କଦଳୀ । ଜର୍ଜର ଇଚ୍ଛା ଭେଟିବ ସେ ବାବାଜିଙ୍କୁ ଏବଂ ପିଇବ ସେ ଅମୃତୋପମ ଦିବ୍ୟ ଅଦ୍‌ଭୁତ ଚାହା । ଯେଉଁ ଅମୃତ ଚାହା ପିଇଲେ ଆଉ କିଛି ଖାଇବାର ଲୋଡ଼ା ହୁଏ ନାହିଁ । ଶୋଷ ବି ହୁଏ ନାହିଁ । ଜର୍ଜ ଶୁଣିଚି ଯେ ବାବାଜି ସାକ୍ଷାତ୍ ବିଷ୍ଣୁଙ୍କର ଅବତାର । ଯାହାର ଲକ୍ଷ୍ମୀ ଓ ଅଲକ୍ଷ୍ମୀ ବୋଲି ଦୁଇଜଣ ମାତା ଅଛନ୍ତି । ସେଥିରୁ ଲକ୍ଷ୍ମୀ ମାତା ପଥର ପାଲଟି ଥାଆନ୍ତି ଆଉ ଅଲକ୍ଷ୍ମୀ ମଣିଷ ଭାବରେ ପ୍ରକଟ । ଆଉ ପଥର ଲକ୍ଷ୍ମୀ ମାତା ରାତିରେ ଜୀବ ପାଇ ଉଠି ବସନ୍ତି ଏବଂ ବାବାଜି ପାଖକୁ ଯାଆନ୍ତି । ତା'ପରେ ଲକ୍ଷ୍ମୀ ଓ ଅଲକ୍ଷ୍ମୀଙ୍କ ଭିତରେ ଚାଲେ ସଉତୁଣୀ ଯୁଦ୍ଧ । ଅଲକ୍ଷ୍ମୀ ଶେଷରେ ଯୁଦ୍ଧରେ ପରାସ୍ତ ହୁଏ ଏବଂ ଲକ୍ଷ୍ମୀ ବାବାଜିଙ୍କ ପାଖକୁ ଯାଆନ୍ତି । ଲକ୍ଷ୍ମୀମାତାଙ୍କର ହୀରାଲୀଳା ଅଳଙ୍କାର ଖଣ୍ଡ ଖଣ୍ଡ ହୋଇ

Digitized by srujanika@gmail.com

ପଡ଼ିଥାଏ ସକାଳ ଯାଏ; ଲୋକେ ପାଆନ୍ତି ବି । ବଡ଼ି ଭୋରରୁ ବାବାଜି ନଈ ପାଣିରୁ ଉଠି ମନ୍ତ ବୋଲି ଲକ୍ଷ୍ମୀ ମାତାର ପଥର ମୂର୍ତ୍ତିକୁ କାନ୍ଧେଇ ଦୋକାନକୁ ଫେରେ । ଦୋକାନରେ ପ୍ରଥମ ଚାହା ସେ ଦିଏ କଳିହୁଡ଼ୀ ଅଲକ୍ଷ୍ମୀକୁ । ସେତିକିରେ ଭୋକ-ଶୋଷ ମରିଯାଏ ତା'ର । ବିଷ୍ଣୁଙ୍କ ଅଭିଶାପରେ ବାବାଜି ଅବତାର ଧରି ସାମାନ୍ୟ ଚାହା ଦୋକାନଟିଏ କରି ଦରିଦ୍ର ଲୋକଙ୍କୁ ଅମୃତ ପରଷିବା ପ୍ରସଙ୍ଗ ସହ ଅଲକ୍ଷ୍ମୀ ଯେ ବାବାଜିର ପ୍ରକୃତ ସ୍ତ୍ରୀ ଏବଂ ଯୁଗ ଯୁଗର ଶାପ୍ୟ ଫଳରେ ଭୋଗ କରୁଥିବା ଦଣ୍ଡ ଆଦି ବିଷୟ ଜର୍ଜକୁ ବିସ୍ମିତ ଯେତିକି କରେ, ସେତେ ପ୍ରହେଳିକା ମଧ୍ୟ ମନେହୁଏ । କିନ୍ତୁ ଜର୍ଜର ସନ୍ଧାନୀ ମନ ଓହରି ଗଲା ସେଇ ଭାବନାରୁ; ସେଇସବୁ ଅସମ୍ଭବ ମନେହେଲା ଜର୍ଜକୁ । କାରଣ ଜର୍ଜ ବୁଝି ସାରିଥିଲା ଯେ : "ଏ ସଂସାରରେ ଅନ୍ୟର ପେଟର ଭୋକ ବୁଝିବା ପାଇଁ କୌଣସି କୁହୁକ ମନ୍ତ ନାହିଁ । କେହି କାହାକୁ ଚିହ୍ନନ୍ତି ନାହିଁ ଏ ସହରରେ । ସମସ୍ତେ ସମସ୍ତଙ୍କର ଅଚିହ୍ନା । କେବଳ ନିଜ ପେଟର ଭୋକ ମାରିବା ପାଇଁ ସମସ୍ତେ ସମସ୍ତଙ୍କୁ ଚିହ୍ନା ଦିଅନ୍ତି ଆଉ କୁହୁକ କରନ୍ତି ଏଇ ସଂସାରକୁ ।" ଜର୍ଜର ଉତ୍ତରିତ ଜୀବନ ପଥରେ କ୍ରମଶଃ ମାନସିକ ବିବର୍ତ୍ତନ ପରିଲକ୍ଷିତ ହେବାକୁ ଲାଗିଲା । ଜର୍ଜ ଦେଖିସାରିଥିଲା ଜୀବନର ବିଭିନ୍ନ ପ୍ରେକ୍ଷାକୁ ଓଲଟ ପାଲଟ କରି; ଜାଣି ସାରିଥିଲା ଅନେକ କଥା । ଜର୍ଜର ଅମୃତତତ୍ତ୍ୱର ସନ୍ଧାନରେ ବାବାଜିର ଅମୃତ ଚାହାର ଅନ୍ୱେଷଣ ତା'ର ଏକ ଅନ୍ୟତମ ଅନ୍ୱେଷଣର ପର୍ଯ୍ୟାୟ ।

ଗରୁଡ଼, ଭୈରବ ଓ ପରଶୁରାମ ଉପାଖ୍ୟାନ :

ଜର୍ଜର ଉତ୍ତରିତ ଅନ୍ୱେଷଣର ପଥର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ ହେଉଚି; ଗରୁଡ଼ ଉପାଖ୍ୟାନ ! ଅଦ୍‌ଭୁତ ଏକ ଭୀଷଣକାୟ ମଣିଷ, ଯାହାର ଗୋଟିଏ ଗୋଡ଼ ହେଉଚି କାଠର । ଜର୍ଜ ନଈଧାରରେ ଅପ୍ରତ୍ୟାଶିତ ଭାବେ ତାକୁ ଦେଖିଲା ଏବଂ ତା'ର ପିଛା ଧରିଚି । ଅନୁସରଣ କରିଛି ଭୋକର ଜ୍ୱାଳାରେ । ଯେଉଁ ଗରୁଡ଼ର ଆସ୍ଥାନ ହେଉଚି ପାହାଡ଼ ଉପରେ; ଯେଉଁ ମନ୍ଦିରର ରହିଚି ହଜାରେ ଏକ ପାହାଚ । ପାଆଁଶ ଖେପାକେ ଯିଏ ଚଢ଼ିପାରେ ସବୁଯାକ ପାହାଚ; ପାହାଡ଼ ଚଢ଼ିବା ଯାହାର ବ୍ୟବସାୟ; ଯିଏ ବାହା ହୋଇଚି ଚାରିଟି ସ୍ତ୍ରୀ ଲୋକ । ଅଦ୍‌ଭୁତ ସବୁ ପ୍ରଶ୍ନ ପଚାରିଚି ଜର୍ଜକୁ ଏବଂ ଜର୍ଜ ବି ପଚାରିଚି ଅନେକ ପ୍ରଶ୍ନ ! ଗରୁଡ଼କୁ ଭାଇ ବୋଲି ସମ୍ବୋଧନ କରିବାରୁ ଚିହିଁକି ଉଠି କହିଚି – କିବେ ! ଶଳା ଚିହ୍ନି ପାରୁନୁ ! ଭାଇ କଅଣ ଡାକୁଛୁ ବେ ? ଡାକ୍ ଠାକୁର, ଭଗବାନ ବୋଲି ଡାକ ! ମୁଁ ଭଗବାନଙ୍କର ବାହନ ବୋଲି ଜାଣିନୁ ? ମୋତେ ଲକ୍ଷ ଲକ୍ଷ ଲୋକ ପୂଜା କରନ୍ତି । ମୁଁ ଭଗବାନଙ୍କ କଳା ଘେନି ଜନ୍ମ । ପାହାଡ଼ର ତଳୁ ଉପରକୁ ମୁଁ ଚଢ଼ିଯାଏ । ମୁଁ ଗରୁଡ଼ ଭଗବାନ । ଆଉ ତା'ର ଗୋଡ଼ କଟିଯାଇନାହିଁ; ଏକୋଇଶିଆ ଦିନ ତାର ଗୋଡ଼ କଟାଯାଇଚି କଥାରେ ଆଶ୍ଚର୍ଯ୍ୟଚକିତ

Digitized by srujanika@gmail.com

ହୋଇଚି ଜର୍ଜ ! ଗରୁଡ଼ର ବଂଶଟି ହେଉଚି ଛୋଟା ବଂଶ ଏବଂ ଅଭିଶାପବଶତଃ ଘଟିତ ବଂଶ ଇତିହାସ ସେ ବଖାଣିଚି ଜର୍ଜଙ୍କୁ । ପୂର୍ବପୁରୁଷରୁ କେହି ଜଣେ ପାପକର୍ମ କରିଥିବାରୁ ଲୋକମାନେ ତା' ଗୋଡ଼ କାଟି ପାହାଡ଼ ପାଖରେ ପକେଇ ଦେଇଗଲେ । ଲୋକଟି ଘୁଷୁରି ଘୁଷୁରି ମନ୍ଦିର ପାଖରେ ପହଞ୍ଚିଲା ଏବଂ ଲୋକଙ୍କୁ ଭିକ ମାଗିଲା । ଭିକ ମାଗି ମାଗି ସେ କଟାଗୋଡ଼ିଆ ପରିଣତ ହୋଇଗଲା ଧନୀ ଶେଠରେ । ଲୋକଟି ଥିଲା ବୁଦ୍ଧିମାନ ତେଣୁ ପଇସା ବଳରେ ବିବାହ କଲା । ତା'ର ପୁଅଟିଏ ବି ହେଲା । କିନ୍ତୁ ଏକୋଇଶିଆ ଦିନ ସେ ଛୁଆ ଗୋଡ଼ଟିକୁ କାଟି ଦେଇ ଔଷଧ ଦେଇ ଭଲ କରି ଯାଇ ଅଧିଆ ପଡ଼ିଲା ମନ୍ଦିରରେ । ସମସ୍ତଙ୍କୁ କହିଲା ଯେ ସେ ସପନ ଦେଖିଚି ତାଙ୍କ ବଂଶ ଅଭିଶାପଗ୍ରସ୍ତ । ଅଠାନବେ ପୁରୁଷ ପର୍ଯ୍ୟନ୍ତ ଏହା କାୟମ ରହିବ । ଅଠାନବେ ପୁରୁଷରେ ଏ ବଂଶ ହେବ ଶାପମୁକ୍ତ ଏବଂ ସ୍ୱୟଂ ଠାକୁର ଆସି ଛୋଟାବଂଶକୁ ଉଦ୍ଧାର କରିବେ । ଏହାର ଉହାଡ଼ରେ ଥିଲା ଭିନ୍ନ ଏକ ବିଷୟ; ତାହା ହେଉଚି ଲୋକଙ୍କୁ ଏ କଥା ପ୍ରଘଟ କରିବା ଏବଂ ପ୍ରକାରାନ୍ତରେ ଅର୍ଥ ରୋଜଗାର କରିବା !

ଗରୁଡ଼, ଯିଏ କି ନିଜକୁ 'ଏକଗୋଡ଼ିଆ ଭୈରବ' ଭାବରେ ଘୋଷଣା କରି ଲୋକଙ୍କ ଦ୍ୱାରା ପୂଜିତ ହେଉଥିଲା; ଜର୍ଜ ତା'ଠାରୁ ପାଇଥିଲା 'ଆତ୍ମବିଶ୍ୱାସ'ର ଗହନ ମନ୍ତ୍ର ! କାରଣ ଏହି ଆତ୍ମବିଶ୍ୱାସ ଦ୍ୱାରା ହିଁ ଗରୁଡ଼ ଲୋକଙ୍କ ଦୃଷ୍ଟିରେ ବନିଥିଲା ଭଗବାନ ତେଣୁ ଜର୍ଜ ଯେତେବେଳେ ସେ କେମିତି ଗୋଟିଏ ଗୋଡ଼ରେ ପାହାଡ଼ ଚଢ଼ିପାର ବୋଲି ପ୍ରଶ୍ନ ପଚାରିଚି, ତା'ର ଉତ୍ତରରେ ଗରୁଡ଼ କହୁଥିବା କଥାଟି ବେଶ୍ ମହତ୍ତ୍ୱପୂର୍ଣ୍ଣ : "ଯଦି ବିଲକୁଲ ଗୋଡ଼ ନ ଥାନ୍ତା ତା' ହେଲେ ବି ମୁଁ ପାହାଡ଼ ଚଢ଼ି ପାରନ୍ତି । ଆବେ ବୁଝିଲୁ ଓଲୁଙ୍କ ବୋକଚାବୁହା - ଗୋଡ଼ ପାହାଡ଼ ଚଢ଼େ ନାହିଁ - ଚଢ଼େ ମନ । ଯାହାର ମନ ଯେତେ ଟାଣ, ସେ ପାହାଡ଼ କ'ଣ ବେ ସ୍ୱର୍ଗକୁ ବି ଚାଲିଯିବ ।" ଏକେଗୋଡ଼ିକିଆ ଭୈରବ ଜର୍ଜକୁ ଶୁଣାଇଚି ଅନେକ ବ୍ୟକ୍ତିଗତ ଦର୍ଶନ ଏବଂ ଶୁଣାଇଚି ତା'ର ଗୋଟିଏ ଗୋଡ଼ ଥିବା ଯୋଗୁଁ ସେତେ ଲାଭ ଉଠାଉଚି ବୋକା ସମାଜରେ । ଗରୁଡ଼ କିନ୍ତୁ ଥିଲା ଅତ୍ୟନ୍ତ ସ୍ୱାଭିମାନୀ, ଅହଂକାରୀ, ଧୂର୍ତ୍ତ ପୁଣି ଭଣ୍ଡ-ପ୍ରତାରକ । ତା'ର ମଧ୍ୟ ଏକଗୋଡ଼ିକିଆ ଭୈରବ ଭଗବାନ ହେବାର କାହାଣୀଟି ଥିଲା ସେହିଭଳି ଅତ୍ୟନ୍ତ ବିସ୍ମୟ ସୃଷ୍ଟିକାରୀ । ଜଣେ ଗର୍ବୀ ମହିଳାର ଦାନ ଦେଲାବେଳେ ପ୍ରକାଶିତ ଅହଂକାର ଓ ବଡ଼ିମାକୁ ସହିନପାରି ଛୋଟା ଗରୁଡ଼ ଏକଦା ତୀବ୍ର ବେଗରେ ଅନୁଧାବନ କରିଥିଲା ସେଇ ଏକ ହଜାର ଏକ ପାବଛ ବିଶିଷ୍ଟ ମନ୍ଦିରର ପଥକୁ । ଏକଗୋଡ଼ିକିଆ ମଣିଷ ମନ୍ଦିର ପାହାଚରେ ଅନୁଧାବନ କରିବାର ଦୃଶ୍ୟରେ ସେଦିନ ଚକିତ ହୋଇଥିଲେ ସାଧାରଣ ଭକ୍ତ ଜନତା ଏବଂ ମନ୍ଦିର ଉପରେ ଚେତା ଫେରିବା ବେଳକୁ ଲୋକେ ଫୁଲ, ଚନ୍ଦନ, ଧୂପ, ଦୀପ, ଖୋଳ କରତାଳ ଧରି କୀର୍ତ୍ତନ ଆରମ୍ଭ କରିଦେଇଥିଲେ ଗରୁଡ଼ର ଚତୁପାର୍ଶ୍ୱରେ । ପାଦତଳେ ପଡ଼ିଗଲେ

Digitized by srujanika@gmail.com

ସାଧାରଣ ଭକ୍ତ ଜନତା, ଛୋଟା ବଂଶର ଦାୟାଦଟି ବଦଳିଗଲା ଭଗବାନ ଭାବରେ । ଗରୁଡ଼ ସେହିଦିନଠାରୁ ସେଇ କାଠଗୋଡ଼ରେ ଗୋଇଠା ମାରି ଲୋକଙ୍କୁ ପାପମୁକ୍ତ କରାଏ; ଲୋକେ ହୁକୁମ ନିଅନ୍ତି ତା'ଠାରୁ । ଯାହାର ଗୋଟାଏ ଗୋଟାଏ ଗୋଇଠା ଛଡ଼ାଇ ଦିଏ ହଜାରେ ପାପକୁ । ପ୍ରତି ଗୁରୁବାର ମେଳା ହୁଏ ସେଇ ସ୍ଥଳରେ; ହଜାର ହଜାର ପାପୀ ଅଧିଆ ପଡ଼ନ୍ତି । ହଜାର ହଜାର ସ୍ତ୍ରୀଲୋକ - କିଏ ପାପ ପ୍ରଣୟ;କିଏ ଭୃଣହତ୍ୟା - ଅନେକ ପାପୀଙ୍କର ପାପମୁକ୍ତିର ମାର୍ଗ ସାଜେ ଏକଗୋଡ଼ିକିଆ ଭୈରବର କାଠଗୋଡ଼ଟି । ଏକ ଗୋଇଠାରେ ଗୋବଧ ଦୋଷ; ଦୁଇ ଗୋଇଠାରେ ମାଛିଆପାତକ; ତିନି ଗୋଇଠାରେ ବ୍ରହ୍ମହତ୍ୟା.... ସବୁ କିଛି ହରଣ ହୋଇଯାଏ ଭୈରବ ଭଗବାନଙ୍କ ଦ୍ୱାରା ।

ଜର୍ଜ, ଭୈରବର ଭଗବାନତ୍ୱ ଉପରେ ଅବିଶ୍ୱାସ କରିବାରୁ ଭୈରବ ଜର୍ଜକୁ ତା'ର ପାପକଥା କହିଚି; ଗୋଦରୀ ବୁଢ଼ୀକୁ ଉପଲକ୍ଷ୍ୟ କରି । ଜର୍ଜ ସ୍ୱ ପାପବୋଧରେ ପିଷ୍ଟ ହୋଇ ମନେ କରିଚି : ହେ ଭଗବାନ୍ ! ତୁ ମୋତେ ଗୋଇଠା ମାରି ମାରି ମୋ ଖପୁରି ଉଡ଼େଇ ଦେ, ଯେମିତିକି ମୋ ପାପସବୁ ଧୋଇ ହୋଇଯାଉ । ଠିକ୍ ଏହି ଭାବନାର ମୁହୂର୍ତ୍ତରେ ଭୈରବ ଅପ୍ରତ୍ୟାଶିତ ଭାବେ ଗୋଇଠା ମାରିଚି ଜର୍ଜକୁ; ଜର୍ଜ ଯନ୍ତ୍ରଣାରେ ଘାଉଁ ଘାଉଁ କରି ଉଠିଛି । ଭୈରବ ଜର୍ଜକୁ ମାରି ଦେବାକୁ ଗୋଡ଼ ଉଠାଇଚି; କାରଣ ସେ ଭୈରବର ସବୁ ଗୁମର ଜାଣି ସାରିଚି । ଛୋଟା ଗୋଇଠା ପ୍ରହାରରେ ଜର୍ଜର ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସିବାର ଅନୁଭବ ହୋଇଚି; ଜର୍ଜର ମନେହେଲା ସେ ମରିବାକୁ ଯାଉଚି ! ଜର୍ଜର ମନଜଗତରେ ଛୋଟା ଭୈରବ ପ୍ରତି ସେତେବେଳେ ବିଦ୍ରୋହ ଭାବ ସୃଷ୍ଟି ହୋଇ ସାରିଥାଏ । କାରଣ, ସେ କିଏ ଏବଂ ତାକୁ କିଏ କାହିଁକି ଏ ଶକ୍ତି ଦେଲା; ଲୋକଙ୍କ ପାପ ଛଡ଼ାଇବା ପାଇଁ । ଜର୍ଜ, ଛୋଟା ଭୈରବର ମରଣାନ୍ତକ ଆକ୍ରମଣର ଉଦ୍ଦେଶ୍ୟ ନେଇ ସ୍ପଷ୍ଟ ହେଲା ଯେ, ସେ ଏକ ଭଣ୍ଡ; ଯିଏକି ଲୋକଙ୍କୁ ଧର୍ମର ଆଢୁଆଳରେ ଭଣ୍ଡେଇ ଚାଲିଚି । ହଠାତ୍ ଛୋଟାର ସେଇ କାଠଗୋଡ଼କୁ ଜର୍ଜ ଉଠାଇଲା ଶୂନ୍ୟକୁ । ଜର୍ଜର ହାତରୁ କାଠଗୋଡ଼ ଯାଇ ଦୁମ୍‌କିନା ବ୍ରହ୍ମ ପ୍ରହାର ଦେଲା ତା'ର ମୁଣ୍ଡରେ ! ହଠାତ୍ ଖପ୍‌କରି ବନ୍ଦ୍ ହୋଇଗଲା ବାଜା, ହରିବୋଲର ଶଙ୍ଖ ହୁଳହୁଳୀ ଧ୍ୱନୀ ! ଜର୍ଜ ବି ବେହୋସ୍ ହୋଇ ଟଳି ପଡ଼ିଲା ଶକ୍ତିହୀନ ଭାବରେ ।

ଧୂପ-ଦୀପ-ହରିବୋଲ-ହୁଳହୁଳୀର ଧ୍ୱନୀରେ ସତେକି ଗୋଟିଏ ମୁର୍ଦ୍ଧାରକୁ ଶ୍ମଶାନ ନେଇଯାଉଥିଲା ଭଳି ଜର୍ଜର ଅନୁଭବ ହୋଇଛି - ଅଦ୍‌ଭୁତ ଏକ ଶୂନ୍ୟତାରେ । କିନ୍ତୁ ସେ ଯେ ଜିଇଚି ! ଜର୍ଜକୁ ସେତେବେଳକୁ ଜନତା ଭଗବାନରେ ରୂପାନ୍ତରିତ କରିସାରିଥାନ୍ତି ଏବଂ ମୃତ୍ୟୁ ଘଟିସାରିଥାଏ ଭଣ୍ଡ ପ୍ରତାରକ ଏକଗୋଡ଼ିକିଆ ଭୈରବର ! ଜୟ ଜୟ ଧ୍ୱନି ଭିତରେ ଜନତା ଜର୍ଜ ଠାରୁ ହୁକୁମ୍ ଭିକ୍ଷା କରିବା ଆରମ୍ଭ କରିଦେଇଥାଏ : ତୁମେ ପାପୀ ଭୈରବକୁ ନାଶ କରିଚ । ତୁମେ ପରଶୁରାମ ଅବତାର ବୋଲି ଲୋକେ କହୁଛନ୍ତି । ଦିଅ, ହୁକୁମ ଦିଅ ।

Digitized by srujanika@gmail.com

ଜର୍ଜ, ପରଶୁରାମ ଅବତାରରେ ଖ୍ୟାତ ହେବା ଥିଲା ଅତ୍ୟନ୍ତ ଆକସ୍ମିକ ! ଜର୍ଜ ସାମ୍ନାରେ ଆସି ପହଞ୍ଚିଗଲା ବିଚିତ୍ର ରଙ୍ଗର ଫଳଫୁଲର ଡାଲା । ଜର୍ଜର ମୁହଁରୁ ସ୍ୱତଃ ଉଚ୍ଚାରିତ ହେଲା 'ମେଓ୍ୱା' ଶବ୍ଦଟି । ଯାହା ଏକଦା ରିକ୍ସାର ପ୍ଲାଷ୍ଟିକ୍ କନାର ଚିତ୍ର ଭିତରେ ସୃଷ୍ଟି କରିଥିଲା ଆକର୍ଷଣ । ଅମୃତହସ୍ତ, ବିଷ୍ଣୁ ଅବତାର ବାବାଜିକୁ ଖୋଜି ଖୋଜି ପତ୍ତା ନ ପାଉଣୁ ଭୈରବ ଅବତାର ଏହି ସାକ୍ଷାତ୍ ଏବଂ ପାପୀ ଜୀବନ ସହ ନିଜେ ଜର୍ଜ ପରିବର୍ତ୍ତିତ ହୋଇସାରିଥିଲା, ପରଶୁରାମ ଅବତାରରେ । ଜର୍ଜ ଜୀବନର ଉତ୍ତରିତ ଗତିପଥରେ ଏହା ଏକ ମହିମ୍ନ ଓ ମହାର୍ଘ ଅନୁଭବ । ତଥାପି ଜର୍ଜର ଅନ୍ୱେଷଣର ଶେଷ ନାହିଁ; ଜର୍ଜ ଭଗବାନଙ୍କ ଅବତାର ଭାବେ ପୂଜିତ ହେବାପରେ ଅଟକି ଯାଇନି ପ୍ରଲୋଭନରେ; ଥମିଯାଇନି ତା'ର ଜଗତ୍ ଜିଜ୍ଞାସାର ପାଦ ଓ ଚିନ୍ତା !

କସ୍ମିକ୍ ସୋସାଇଟି, ଆନନ୍ଦଭସ୍କି ଓ ଜନତାର ଗ୍ଲୋବ :

ନଈ ଦାଢ଼ରେ ଅନୁସନ୍ଧାନୀ ଆଖି ଅମୃତହସ୍ତ ବାବାଜୀ ଓ ଲକ୍ଷ୍ମୀଙ୍କ ସୁରତିର ସଙ୍କେତ ବହନକାରୀ ଆୟଅଳଙ୍କାର ଖୋଜି ହେବା ବେଳେ ଜର୍ଜ ଅଦ୍‌ଭୁତ ଗେଡ଼ା ଓ ପେଚା ଆଖିଆ ଲୋକର ଦୃଷ୍ଟି ଆଢୁଆଳକୁ ଆସେ; ଯିଏ ହସି ହସି କହେ : "ବାୟା ହେଲ ? ହୀରା କ'ଣ ଏ ନଈ ବାଲିରେ ମିଳେ ? ସେ ନଈ ଦୋସରା । ସେ ନଈକୁ ଚାଲ - ହୀରା ସେଠି ମିଳିବ । ଆସ ମୋ ସାଙ୍ଗରେ ।" ଲୋକଟି ଜର୍ଜକୁ କମ୍ରେଡ୍ ବୋଲି କହିବା ସହିତ ଗମ୍ଭୀର ହୋଇ କହିଚି : କେବଳ ଖଣି ମାଲିକ ଆମେ ନୁହଁ କ୍ରମେଡ୍ - ଆମେ ଏ ପୃଥିବୀର ମାଲିକ ବି । ତତ୍ତତୁମେ ଆମ ଦଳର ଦୂତ ହୋଇ ଜନ୍ମ ହେଇଚ ଏ ପୃଥିବୀରେ । ଆମେ ଏ ଜଗତକୁ ଉଦ୍ଧାର କରିବୁ, ଆଉ ତୁମେ ଯାକୁ ପ୍ରତିପାଳନ କରିବ । ଜର୍ଜ ଯାଇ ପହଞ୍ଚିଚି କମ୍ରେଡ୍ ଆନନ୍ଦ ଭସ୍କିଙ୍କ ପାଖରେ । ଆନନ୍ଦ ଭସ୍କି ଜର୍ଜ ନିମିତ୍ତ ସାରା ପୃଥିବୀର ମାଲିକ ପାଖରୁ ଆସିଥିବା ଖବର ଓ ଚିଠିଟି ଗୁଞ୍ଜି ଦେଇଚି ଜର୍ଜର ହାତରେ । ସତେକି ଜର୍ଜ ଏକ ଆବିଷ୍କାର ଥିଲା ସେମାନଙ୍କ ପାଇଁ । କସ୍ମିକ୍ ସୋସାଇଟି ଅଫ୍ ସୋସାଲିଷ୍ଟିକ୍ ରିଭଲ୍ୟୁସନାରୀ ପାର୍ଟିର ଚିଫ୍, ଜର୍ଜର ମଗଜକୁ ପୃଥିବୀର ଅଦ୍ୱିତୀୟ ମଗଜ କହିବା ସହିତ ସେଥିରେ କେବଳ ଠାଏ ଗୋଟିଏ ଜାଗାରେ ଗୋଳମାଳ ଅଛି ଏବଂ ତାକୁ ସଜାଡ଼ିଦେଲେ ସେ ହୋଇଯିବ ଏକ ଅସମ୍ଭବ ମଣିଷ ! ସେ କଥାଟି ଉଲ୍ଲେଖ ଥିଲା ଚିଠିରେ ।

ଆନନ୍ଦଭସ୍କି, ଜର୍ଜକୁ ସଚେତନ କରାଇବାକୁ ଚେଷ୍ଟା କରିଚି ନବ ମାନବବାଦୀ ସାମ୍ୟବାଦର ଧାରଣା ସମ୍ପର୍କରେ । ବିଜ୍ଞାନ ଯେ ସବୁର ମୂଳରେ କହିବାକୁ ଯାଇ ଆନନ୍ଦଭସ୍କି କହିଚି - ବିଜ୍ଞାନକୁ ତୁମେ ଚିହ୍ନିନାହଁ କମ୍ରେଡ୍ ? ବିଜ୍ଞାନ ଗୋଟିଏ ମାଙ୍କଡ଼ ଭଳି ଜୀବ - ଅଧା ମଣିଷ ଅଧା ପଶୁ । ତୁମେ ପଢ଼ି ଜାଣିନ; କିନ୍ତୁ ତା ବୋଲି ତୁମେ ନିଜକୁ ମୂର୍ଖ ବୋଲି ଭାବ ନାହିଁ । ତୁମ ମୁଣ୍ଡର ଚିତ୍ର ଦେଖି ସେଇ ବିଜ୍ଞାନୀ ମାଙ୍କଡ଼ କହିଚି ଯେ ତୁମେ ହେଉଚ ହୀରାଖଣି । ତୁମ ମସ୍ତିଷ୍କ ଭିତରେ ଅନେକ ହୀରା ଭରି ହୋଇ ରହିଚି । ଏପରିକି ତୁମ ଆଖି

Digitized by srujanika@gmail.com

ଖୋଲିଗଲେ, ତୁମେ ଦେଖିପାରିବ ଅନ୍ୟର ମସ୍ତିଷ୍କରେ କେତେ ହୀରା ଅଛି । ଜର୍ଜ ଭାବିଚି କିଏ ଏହି ପାର୍ଟି ଚିପ୍; ଯିଏ ପୃଥିବୀକୁ ଶାସନ କରିବାକୁ ଚାହେଁ ! ଆନନ୍ଦ ଭସ୍କି କ'ଣ ଏତେ ଶକ୍ତିଶାଳୀ; ସ୍ୱୟଂ ଭଗବାନ ! ଆନନ୍ଦ ଭସ୍କି, ଜର୍ଜକୁ ପରିଚିତ କରାଇଦିଏ ଗ୍ଲୋବ ସହିତ। ଜର୍ଜକୁ ତାହା ମନେ ହୋଇଥିଲା ତା'ର ରବର କଣ୍ଢେଇ ଭଳି ଏକ ଖେଳନା ! କିନ୍ତୁ ଆନନ୍ଦଭସ୍କି କହିଥିଲା, କମ୍ରେଡ୍ - ଏଇ ଗ୍ଲୋବ, ସର୍ବହରାର ଗ୍ଲୋବ; ଜନତାର ଗ୍ଲୋବ । ନଈବାଲିରୁ ହୀରା ଖୋଜାଳିମାନଙ୍କର ଗ୍ଲୋବକୁ ଆହ୍ୱାନ କରି କହୁଚି - ହେ ପୃଥିବୀ, ହେ ମା' ଆମେ ସମସ୍ତେ ତୋ'ରି ସନ୍ତାନ । ଆମେ ସମସ୍ତେ ଶପଥ କରୁଚୁ ଆମେ ତୋତେ ଏଇ ବନ୍ଧନରୁ ମୁକ୍ତି ଦେବୁ । ଜର୍ଜର ଅସନ୍ତୋଷ କିନ୍ତୁ ଭିନ୍ନଧରଣର । ଯିଏ ଭାବେ ଯେତେ ପର୍ଯ୍ୟନ୍ତ ତା'ର ରବର କଣ୍ଢେଇଟି ଜୀବନ୍ୟାସ ନ ପାଇଚି ତା'ର ସବୁ ପ୍ରତିଜ୍ଞା ଅପୂର୍ଣ୍ଣ ! ଜର୍ଜର ଏ ଅନ୍ୱେଷଣର ସମାପ୍ତି ନାହିଁ; କିନ୍ତୁ ଜର୍ଜ ତଥାପି ଖୋଜି ଚାଲିଚି ତା'ର ଆତ୍ମାକୁ; ତା'ର ଭବିଷ୍ୟତକୁ । କିନ୍ତୁ ଆନନ୍ଦଭସ୍କି ବଦଳେଇ ଦେଇ ପାରିଚି ଜର୍ଜର ଭାବନାକୁ । ଯେଉଁଥିପାଇଁ ଜର୍ଜ ଶୋଇ ଶୋଇ ବିଳିବିଳେଇ ଉଠୁଚି - ସେ ଶୋଇବ ନାହିଁ । ସେ ସର୍ବହରା । ସେ ସର୍ବହରାର ସମ୍ମାନ ରଖିବ । ସେ ବିପ୍ଳବ କରିବ। ସେ ରକ୍ତର ହୋରି ଖେଳିବ । ଯୁଦ୍ଧରେ ମିଶିବ । ଜର୍ଜର ଚେତନାସ୍ତରରେ ଜନତାର ସାମ୍ୟବାଦୀ-ମୁକ୍ତିମନ୍ତ୍ର ଭରିଦେଇଚି ଆନନ୍ଦଭସ୍କିର ବକ୍ତୃତା ଓ ଭାବନା । ସେଥିପାଇଁ ଜର୍ଜ ଭାବୁଚି : "ସେ ବିରାଟ କୋଠାଟାକୁ ଡିନାମାଇଟ୍ ନେଇ ଚୂନା କରିଦେବି । ମୁଁ ରେଳଗାଡ଼ିକୁ ରାସ୍ତା ଉପରୁ ଓଲଟାଇ ଦେବି । ଇଞ୍ଜିନ୍‌ରୁ ସବୁ କୋଇଲା ଜବରଦସ୍ତ ନେଇ ମୁଁ ବାଣ୍ଟିଦେବି ତାକୁ ହଜାର ହଜାର ରାତି ଉଜାଗର କୋଇଲା ଗୋଟେଇ ଡାହାଣୀ, ଚିରଗୁଣୀ, ଭୂତପ୍ରେତ, ହାଡ଼ିବୁଢ଼ୀ ଆଉ ହଜାରେ ନଜିର ମିଆଁଙ୍କ ଭିତରେ - ଯେପରି ଏ ପୃଥିବୀରେ କୋଇଲାର ଅଭାବ ଆଉ କା'ର ରହିବ ନାହିଁ । ସାମାନ୍ୟ କୋଇଲା ମୁଠାଏ ପାଇଁ ଯେମିତି ଏ ପୃଥିବୀର କୌଣସି ସ୍ତ୍ରୀଲୋକ ନିଜକୁ ଚିରଗୁଣୀ, ଡାହାଣୀ କରି ନଦିଏ ।" ଜର୍ଜର ଏ ଭାବନା ଭିତରେ ମଣିଷର 'ଭୋକ' ଓ ଭୋକ ପାଇଁ ତୀବ୍ର 'ତାଡ଼ନା' କିଭଳି ମଣିଷକୁ ଭୂତରେ ପରିବର୍ତ୍ତିତ କରିଦେଇପାରେ; ତାହା ଅଭିବ୍ୟଞ୍ଜିତ !

'ନରକିନ୍ନର' ଉପନ୍ୟାସର ଦ୍ୱିତୀୟ ପର୍ଯ୍ୟାୟରେ ଜର୍ଜ ତା'ର ଭୌତିକ ଜଗତରେ ଆତ୍ମାର ସନ୍ଧାନର ଉତ୍ତରଣ ଘଟାଇ ବାସ୍ତବତା ଆଡ଼କୁ ହୋଇଚି ଅଗ୍ରସର । ସେ ରାସ୍ତାରେ ଆନନ୍ଦଭସ୍କି ତା'ର ଅନ୍ୟ ଏକ ଗୁରୁ ପ୍ରତୀମ । ଯିଏ କମ୍ନିକ୍ ପାର୍ଟିର ମୌଳିକ ଆଦର୍ଶ ଯେ ଗଣର ସ୍ୱାର୍ଥରକ୍ଷା ଏବଂ ସର୍ବହରାର ଜୟ ଜୟକାର; ତାହା ଜର୍ଜକୁ ଗଣ ସଚେତନ କରିବା ସହିତ ପରିଚିତ କରାଇ ଦେଇଚି ନିଜ ଅସ୍ତିତ୍ୱ ଏବଂ ଅତୀତ ସହ ! କମ୍ରେଡ୍ ଆନନ୍ଦଭସ୍କିର ଜନ୍ମ ହିଁ ଯୁଦ୍ଧଭୂଇଁରେ ଏବଂ ତା'ର ଅତୀତରେ କେମିତି ଗର୍ଭିଣୀ ଚାଷୁଣୀ ମା'ଟି ଯୁଦ୍ଧର ରୁଧିରାକ୍ତ ପରିବେଶରେ 'ଅସତ୍ୟ ବସୁଧା'ରେ ରୂପାନ୍ତରିତ ହେଲା ଏବଂ କେମିତି ତା'ର ବିଧ୍ୱସ୍ତ ଚାଷ ଭୂମିରେ କାଦୁଅରେ ରକ୍ତ ଜୁଡୁବୁଡୁ ଅସତୀ ମା'ର ପିଲାଟିଏ ଭାବେ ଧ୍ୱସ୍ତ

Digitized by srujanika@gmail.com

ଯୁଦ୍ଧଭୂଇଁରେ ଜନ୍ମ ନେଲା - ଆନନ୍ଦଭସ୍କିର ସେ ଇତିହାସଟି ଅତ୍ୟନ୍ତ କାରୁଣ୍ୟ ଓ ମର୍ମାନ୍ତକ ! ତେଣୁ ଯୁଦ୍ଧପିଷ୍ଟ, ତାଡ଼ିତ, ଶୋଷିତ, ବିଧ୍ୱସ୍ତ ସର୍ବହରାର ପ୍ରତୀକ - ଆନନ୍ଦଭସ୍କି !

ଆନନ୍ଦଭସ୍କି ଓ ଜର୍ଜ ଭିତରେ ସମତାଟି ହେଉଚି ଉଭୟ ସର୍ବହରା; କିନ୍ତୁ ଅସଚେତନ ସର୍ବହରାକୁ ସଚେତନ ସର୍ବହରାରେ ଆନନ୍ଦଭସ୍କି ବଦଳେଇ ଦେବାକୁ ହୋଇଚି ସମର୍ଥ ! ତାକୁ ଅଧିକ ସମର୍ଥ କରିବା ପାଇଁ ଶିକ୍ଷିକା, ମିଏ୍ ଆଡ଼ାମ୍ସଙ୍କ ନିଯୁକ୍ତି; ଜର୍ଜର ଅନ୍ୟ ଏକ ଉତ୍ତରଣର ପର୍ଯ୍ୟାୟ ।

ଅଶୀତିପର ପାଦ୍ରୀ, ଦଶ ବର୍ଷୀୟା କିଶୋରୀ ଓ ଲମ୍ବା ନାକ :

ନବ ମାନବର ଆତ୍ମାନୁସନ୍ଧାନର ଅବିରତ ଗତିପଥରେ ଜର୍ଜର ଶିକ୍ଷିକା ମିସ୍ ମୁରିଏଲ୍ ଆଡ଼ାମ୍ସ ଅନ୍ୟ ଏକ ପର୍ଯ୍ୟାୟ । ଯେଉଁ ମିସ୍ ଆଡ଼ାମସ୍ ମୁହଁ ଦେଖି ଚିହ୍ନିପାରେ ମଣିଷ । ଜର୍ଜର ଆଗତ ଭବିଷ୍ୟତ ଜୀବନର ଗ୍ରାଫ୍ ଚିତ୍ର ଧରି ଜର୍ଜକୁ ମିସ୍ ଆଡ଼ାମ୍ସ କହିଦେଇଚି ତା'ର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ - ଏପରିକି ମୃତ୍ୟୁର ଅନାଗତ ଇତିହାସ । ମିସ୍ ଆଡ଼ାମସ୍ ଜର୍ଜକୁ ସର୍ବହରା କହିଚି ନିଶ୍ଚୟ କିନ୍ତୁ ସେ ଯେ ବୁର୍ଜୁଆ ବ୍ରହ୍ମରାକ୍ଷସ ଏବଂ ସର୍ବହରା ରାକ୍ଷାସୁଣୀର ଦୋମିଶା ସନ୍ତାନ କହି; ତା'ର 'ନାକ'ଟି ହେଉଚି ତା'ର ପ୍ରତୀକ ବୋଲି କହିବା ଭିତରେ ଅସଲ ବକ୍ତବ୍ୟଟି ହେଉଚି : ଜର୍ଜର ଦୀର୍ଘ-ଉନ୍ନତ ମସୃଣ ନାକଟି ତା'ର ବୁର୍ଜୁଆ ବା କ୍ୟାପିଟାଲିଷ୍ଟ ବ୍ରହ୍ମରାକ୍ଷସ ବାପର ଅଂଶ; ତେଣୁ ତା'ର ବିପର୍ଯ୍ୟୟ ଲୋଡ଼ା ।

ଜର୍ଜ କ୍ରମଶଃ ଉପଲବ୍ଧି କରିସାରିଥିଲା ଯେ ଯୋଉ ଲୋକଟିକୁ ତା'ର ବାପ ବୋଲି ଆଖ୍ୟା ଦିଆଯାଇ ମାରିବାକୁ ଶିକ୍ଷା ଦିଆଯାଉଥିଲା; ସେ ଲୋକଟି ବ୍ୟକ୍ତିବିଶେଷ ନୁହେଁ; ସେ ଏକ ବର୍ଗ - ଏକ ବିଶାଳ ଗୋଷ୍ଠୀ । ଆନନ୍ଦ ଭସ୍କି,ଜର୍ଜକୁ ଧନ୍ୟ ବୋଲି କହିଚି କାରଣ ସେ ମିସ୍ ଆଡ଼ାମସ୍‌କୁ ପାଇଚି ଶିକ୍ଷକ ଭାବରେ; କାରଣ ଆନନ୍ଦଭସ୍କିର ଭାଷାରେ ସେ : "ସେ ହଉଚନ୍ତି ସ୍ୱୟଂ ସୃଷ୍ଟିର ଜନନୀ - ମା' କାଳୀ ! ମା' କାଳୀ.... ଆଉ ହିଟଲର - ଭଳି ବକ୍ତୃତା ମଧ୍ୟ ଶୁଣାଇ ଚାଲିଥାଏ ଉପନ୍ୟାସର ସେହି ଗେଡ଼ା ପେଟା ଆଖିଆ ମଣିଷ ବି ।

ଜର୍ଜର ମନରେ ପୁଣି ସଂଶୟ - ସତରେ କ'ଣ ମିସ୍ ଆଡ଼ାମସ୍ ମା' କାଳୀ ! ମିସ୍ ଆଡ଼ାମସ୍ ଯେ ଆମେରିକାର ଚିକାଗୋ ସହରର ଜଣେ କୋଟିପତି ପରିବାରର ମହୀୟସୀ ନାରୀ ଏହା ଜାଣିଥିଲା ଜର୍ଜ ! କିନ୍ତୁ ଜର୍ଜ ଅନୁଭବୁ ଥିଲା - କିଛି ତ ନିଶ୍ଚୟ ରହିଚି ଉହ୍ୟରେ । ନଚେତ୍ ଚିକାଗୋର ରାଜପ୍ରାସାଦ ତ୍ୟାଗକରି ଏସିଆର ବାଉଁଶବଣ, ଆଫ୍ରିକାର ଘନ ଅନ୍ଧକାର, ୟୁରୋପର ଅନ୍ଧକାର କୋଇଲା ଖାତ, ଦୁର୍ଗନ୍ଧ ଡକ୍‌ୟାର୍ଡ଼ରେ ବୁଲି ବୁଲି ଜୀବନର ଅନୁସନ୍ଧାନର କ'ଣ ଅବା କାରଣ ରହିଥାଇପାରେ ! ଏହା ହିଁ ବୋଧେ ମଣିଷର 'ଜୀବନ-ଧର୍ମ' । ଏପରିକି ଜୀବନର ଏହି ଅଦୃଶ୍ୟ ଓ ଅଜ୍ଞାତ ସ୍ଥାନର ଆବିଷ୍କାର ହିଁ

Digitized by srujanika@gmail.com

ଈଶ୍ୱରୀୟ ସତ୍ତାର ନବାବିଷ୍କାର ! ଗୀତାର ବାଣୀ ଭଳି ସୃଷ୍ଟିର ଜନ୍ମ ଓ ବିଲୟର ମହାମନ୍ତ୍ର ବି ଉପଲବ୍ଧି କରିସାରିଥାଏ ଜର୍ଜ ତା'ର ଜୀବନର ଏହି ପର୍ଯ୍ୟାୟରେ ।

ଆଡ଼ାମ୍‌ସ କିନ୍ତୁ ଜର୍ଜର କ୍ୟାପିଟାଲିଷ୍ଟ ନାକକୁ ସହ୍ୟ କରିପାରିନାହିଁ । ସେ ହଠାତ୍ ଜର୍ଜକୁ ଧପ୍‌ପାବାଜ କହିବା ସହିତ; ତାକୁ ହିଁ ଧ୍ୱଂସ ଓ ଧୂଳିସାତ୍ କରିବା ପାଇଁ ସେ ଯେ ପ୍ରତିଜ୍ଞାବଦ୍ଧ; ନଚେତ୍ ସେ ଆଜି ବସିଥାନ୍ତେ ରାଜରାଣୀ ବୋଲି କହିବା ଭିତରେ ତୀବ୍ର ବୁର୍ଜୁଆ ବିରୋଧୀ ଭାବନା ପରିଲକ୍ଷିତ । କୋଟିପତି ବିଶ୍ୱପ୍ରସିଦ୍ଧ ମାଂସବେପାରୀ ପିତାର ପୁତ୍ରୀ ଯେ କେବଳ ତାକୁ ହିଁ ଧ୍ୱଂସ କରିବା ପାଇଁ ଘୂରି ବୁଲିଚି ମାଳୟର ବାଉଁଶବଣ ଭିତରେ, ଆଫ୍ରିକାର ଅନ୍ଧକାରରେ - ସେଟ୍‌ସିର ଦଂଶନ ସହ୍ୟ କରି, ଏକ ଅତୃପ୍ତ ଆତ୍ମା ଭଳି ।

ଉତ୍ୟକ୍ତ ମିସ୍ ଆଡ଼ାମ୍‌ସ ମନେ ପକେଇ ଦେଲେ ପଚିଶ ବର୍ଷ ତଳର କାହାଣୀ ଯେତେବେଳେକି ସେ ଜନ୍ମି ନଥିଲେ ଆଡ଼ାମ୍‌ସ ହୋଇ ବା ଜର୍ଜ ମଧ୍ୟ ଜର୍ଜ ହୋଇ । ସେତେବେଳେ ଜର୍ଜ ଥିଲା ଅଶୀ ବର୍ଷର ଜଣେ ଧର୍ମଯାଜକ, ପାଦ୍ରୀ । ଆଉ ଆଡ଼ାମ୍‌ସ ଜଣେ ଦଶବର୍ଷର କିଶୋରୀ କନ୍ୟା । ବାପା ଯାଇଥିଲେ ସେଇ ଅଶୀତିପର ଧର୍ମଯାଜକଙ୍କ ବିଲକୁ ହଳ କରିବାକୁ । ମା'ର ଉଠିଲା ହିକ୍‌କା ! କିଶୋରୀ ଆଡ଼ାମ୍‌ସ ଧାଇଁଗଲେ ଡାକିବାକୁ ଅତୀତର ଜର୍ଜକୁ । ଶିଡ଼ି ଘରର ଓଦା ପାହାଚରେ ଧର୍ମଯାଜକ ଓହ୍ଲଉ ଓହ୍ଲଉ ଗୋଡ଼ ଖସି ଯାଉଥିବାବେଳେ, ବଞ୍ଚେଇ ଦେଇଥିଲା କିଶୋରୀ ଜଣକ । ସେଇ ମୁହୂର୍ତ୍ତରେ ବୃଦ୍ଧ ଧର୍ମଯାଜକ ଜଣକ ଚୁମ୍ବନ ଦେଇଥିଲେ ଆସକ୍ତିରେ । ସେପଟେ ମା'ର ମୃତ୍ୟୁ ହେଉଥାଏ; ଅଥଚ ସେଇ କିଶୋରୀ ଭିତରେ ଧର୍ମଯାଜକ ଜଣକ ଜାଳି ଦେଇ ସାରିଥାଏ ଦେହର ନିଆଁ । ସେଇ ଶିଡ଼ି ଘରେ ଅଶୀତିପର ଧର୍ମଯାଜକ ଭୋଗ କରିଥିଲେ ସେଇ କିଶୋରୀକୁ । ସେଇ ଭଣ୍ଡ, ପ୍ରତାରକ, ଛଳନାର ଧର୍ମଦେବତାମାନଙ୍କୁ ନିଶ୍ଚିହ୍ନ କରିଦେବାକୁ ପୃଥିବୀରୁ; ସେଇ ଦଶବର୍ଷ ବୟସର କିଶୋରୀ କରିଥିଲା ପ୍ରତିଜ୍ଞା ।

ଜର୍ଜ ଚକିତ ହୋଇଥିଲା ସେ କାହାଣୀ ଶୁଣି; ଯେଉଁଠି ସେ ଥିଲା ପୂର୍ବଜନ୍ମରେ ଜଣେ ଭଣ୍ଡ ପାଦ୍ରୀ । ଯିଏକି ଭୋଗୀଥିଲା ଦଶବର୍ଷର ଝିଅଟିଏକୁ । ସତରେ କ'ଣ; ତା'ରି ଭିତରେ ରହିଚି ଖାନ୍ଦାନୀ ରକ୍ତ ! ସତରେ କ'ଣ ତା'ର ଦୀର୍ଘ ଉନ୍ନତ ନାକକୁ କାଟି, ତା'ରି ଚିତା ଘେନିଲେ ଯାଇ ହୋଇପାରିବ ପ୍ରାୟଶ୍ଚିତ୍ତ ! ଜର୍ଜ ମନେ ମନେ ପ୍ରତିଜ୍ଞା କରେ : "ଆଉ ଥରେ ଯଦି ମୁଁ ଜନ୍ମ ହେବାକୁ ବାଧ୍ୟ ହୁଏ, ତା'ହେଲେ ମୁଁ ମୋର ନାକଟାକୁ ବି ଛାଡ଼ିଦେଇ ଆସିବି । ମୁଁ ପଛେ ଗୋଟାଏ ସାମାନ୍ୟ ପିମ୍ପୁଡ଼ି ହେଇ ଜନ୍ମହେବି, ନାକ ବଦଳରେ ମୁଣ୍ଡ ଉପରେ ଦୁଇଟି ଶୁଣ୍ଢ ଘେନି ପଛେ ମୁଁ ବୁଲିବି - କିନ୍ତୁ ଏ ମଣିଷ ଜନ୍ମ ମୁଁ ନେବି ନାହିଁ ।" ଆନନ୍ଦଭସ୍କି ଯେ ହିଟଲର ଏବଂ ଆଡ଼ାମ୍‌ସ ଯେ ମହାକାଳୀ ! ଏବଂ ଜଗତର ଉଦ୍ଧାର ଓ ଜନତାର ଜୟ ପାଇଁ ଯେ ଯୁଗେ ଯୁଗେ ଏଇ ଜନ୍ମଧାରଣ - ଏ ଚେତାବନୀ ଜର୍ଜକୁ ଦୋହଲାଇ ଦିଏ ପ୍ରତିଟି ମୁହୂର୍ତ୍ତରେ । ମିସ୍ ଆଡ଼ାମ୍‌ସ ତଥାପି

Digitized by srujanika@gmail.com

ପରିଶେଷରେ ବୁଝିଛନ୍ତି ଜର୍ଜ ଯେ ବିପ୍ଳବୀ ହେବାର ଯୋଗ୍ୟତା ରଖିନାହିଁ, ତାହା : "ବିପ୍ଳବ ଲମ୍ୱାନାକ ଆଉ ନାକ କାନ୍ଦୁରାଙ୍କ ପେଇଁ ନୁହେଁ । ଭାବପ୍ରବଣତାର ସ୍ଥାନ ନାହିଁ ବିପ୍ଳବରେ । ଯୁଦ୍ଧକ୍ଷେତ୍ର ଯୋଦ୍ଧାମାନଙ୍କ ପାଇଁ ।" ଭଳି ବକ୍ତବ୍ୟରେ ବେଶ୍ ସ୍ପଷ୍ଟ !

ନବ ମାନବର ଦେହର ବର୍ଣ୍ଣ ସବୁଜ ହେବ; ମଣିଷର ମୁଣ୍ଡର ନେଗେଟିଭ୍ ନର୍ଭଟିକୁ ନିର୍ଦ୍ଦିଷ୍ଟ ଏକ ବୟସରେ ଉଠେଇ ଦିଆଯିବ; ପିମ୍ପୁଡ଼ି ଭଳି ଦୁଇଗୋଡ଼ ଚାରିହାତ ଓ ଶୁଣ୍ଢ ବିଶିଷ୍ଟ ହେବ; ମଣିଷର ଉଚ୍ଚତା କମ୍ ହେବ ଆଦିର ଉଦ୍ଭଟ ପରିକଳ୍ପନା ଭିତରେ ଜର୍ଜର ବିବର୍ତ୍ତିତ ଚେତନା ସ୍ତର ଅନେକ ବଦଳି ସାରିଥାଏ ।

ମିସ୍ ଆଡ଼ାମ୍‌ସ ଜର୍ଜ ଆଗରେ ନିଜକୁ ପୁନଶ୍ଚ ସମର୍ପଣ କରି ମନେ ପକେଇ ଦେବାକୁ ଚାହୁଁଥିଲେ ଅତୀତର ଅମାନବୀୟ ଘଟଣାସବୁ । ଜର୍ଜକୁ ମନେହେଲା ସତେକି ଆଡ଼ାମ୍‌ସ ଜଣେ ନିରୀହ ଶିଶୁ; ଯିଏ ନିଜ ଲୁହକୁ ଶୋଷି ଶୋଷି ମେଣ୍ଟାଉଚି ଆପଣାର ଶୋଷ ! ଆଡ଼ାମ୍‌ସଙ୍କର ସ୍ୱର ତାକୁ ଶୁଣାଗଲା ନିଜର ଅତିପ୍ରିୟ ରବର କଣ୍ଢେଇର ଚିହ୍ନା ଚିହ୍ନା ସ୍ୱର । ଯେଉଁ ସ୍ୱରରେ ଅଭିଯୋଗ ଓ ଅଭିଶାପର ସୀମା ନଥିଲା । କାରଣ ସେଦିନ ପାଦ୍ରୀଜଣକ ଭୋଗ କଲା ଜଣେ କନ୍ୟାର କଅଁଳ କୈଶୋରକୁ । ଅନ୍ୟ ପଟେ ସେଇ ରାତିରେ ସେ ହରାଇଲା ତା'ର ମାଆକୁ ଏବଂ ବାପକୁ । ବି ଧର୍ମଯାଜକ ଘରୁ ବିଦା କରିଦେଲେ; ନ ଚାହିଁବା ସତ୍ତ୍ୱେ ମୁକ୍ତ କଲେ ଦାସତ୍ୱରୁ । ସେଇ ଯନ୍ତ୍ରଣାର ସ୍ୱର ହିଁ ଘୂରି ବୁଲିଚି ପୃଥିବୀର କୋଣ ଅନୁକୋଣ; ଜଙ୍ଗଲ; କୋଇଲା ଖାତ; ସହରତଳି ବସ୍ତି ଅଞ୍ଚଳ; ଦୁର୍ଗନ୍ଧମୟ ଡକ୍‌ୟାର୍ଡ଼ । ତାହା ପିଛା ବି ଛାଡ଼ି ନାହିଁ ଜର୍ଜକୁ; ହାତରେ ରବର କଣ୍ଢେଇ ହୋଇ ରହି ଆସିଚି ତା'ର ଆବାଲ୍ୟ । ଯାହାକୁ 'ଜୀବନ' ଆଉ 'ଅମୃତତ୍ୱ' ଦେଇ ଜିଆଇବାର ପ୍ରଚେଷ୍ଟାରେ ଜର୍ଜ ଖୋଜିହୋଇଚି ଜୀବନକୁ...। ଜର୍ଜ ସ୍ୱପ୍ନ ଦେଖୁଚି ସେ ମରିଯାଇଚି; ଠିକ୍ ସେହିଭଳି ସ୍ୱପ୍ନ ଦେଖୁଚି ସେ କେହି ଜଣେ ମେଓ୍ୱା ବାଣ୍ଟୁଚି; ଯିଏକି ଅମୃତ ଫଳର ସନ୍ଧାନ ପାଇଚି ଆଉ ତା'ର ହାତରୁ ଝରୁଚି ଅମୃତର ଝର ! ସେହି ସ୍ୱପ୍ନଭଙ୍ଗ ପରେ ଅପ୍ରତ୍ୟାଶିତ ଭାବରେ ମିସ୍ ଆଡ଼ାମ୍‌ସ ମୁକ୍ତ କରିଚି ଜର୍ଜକୁ । ଜର୍ଜର ମୁକ୍ତି ବେଳକୁ ଜର୍ଜ ସଂପୂର୍ଣ୍ଣ ସଚେତନ ଯେ ସେ ସର୍ବହରାଙ୍କ ପାଇଁ ଯୁଦ୍ଧ କରିବାକୁ ସମର୍ଥ... ଜର୍ଜର ଏ ପର୍ଯ୍ୟାୟ ତାକୁ ଅନେକତା ପ୍ରଦାନ କରିଚି ପରିପୂର୍ଣ୍ଣ କରିଚି ଚେତନା ସ୍ତରରେ; ତା'ର ଅନ୍ୱେଷଣ ଏକ ନୂତନ ଆଲୋକ ରାଜ୍ୟ ଆଡ଼କୁ ଅଗ୍ରସର ହେବାକୁ ଲାଗିଚି ।

ମେଓ୍ୱା ! ମେଓ୍ୱା ! ଅସରନ୍ତି ମେଓ୍ୱା :

ଜର୍ଜର ସ୍ୱପ୍ନ ସାନ୍ଦ୍ର ରୂପ ନେଇଚି ପରିଶେଷରେ; ଯେଉଁଠି ତା'ର ମୃତ୍ୟୁ ହେଉଚି; ସେ ବସିଚି ତପସ୍ୟାରେ କାଳ କାଳ... ତା'ର ଚାରିପାଖେ ଅସଂଖ୍ୟ ଯନ୍ତ୍ରପାତି... ତା'ର ହାତମୁଠା ଭିତରୁ ଫୁର୍‌ର କରି ଉଡ଼ିଯାଉଚି ଗୋଟିଏ ଯନ୍ତ୍ରର କଣ୍ଢେଇ... 'ମେଓ୍ୱା' ! 'ମେଓ୍ୱା' ! 'ମେଓ୍ୱା' ! ଶବ୍ଦ ବ୍ୟାପିଯାଉଚି ସମଗ୍ର ପୃଥିବୀ । ବିଜ୍ଞାନୀଙ୍କୁ ଜର୍ଜ ବିନୀତ

Digitized by srujanika@gmail.com

ହେଉଚି ଯେ ବୁଭୁକ୍ଷୁ ନେତାଙ୍କୁ ଈପ୍‌ସିତ 'ମେଓ୍ୱା' ଦେଲେ; ସେମାନଙ୍କର ଧର୍ମ ହେବ ଇତ୍ୟାଦି...। ଜର୍ଜ ସବୁଠୁ ମୁକ୍ତ ହୋଇ ତା'ର ଆତ୍ମାନ୍ୱେଷଣର ପଥରେ ଆସି ଠିଆ ହୋଇଚି ଜନତାର ରାଜପଥରେ; ଫୁଟି ଉଠୁଚି ତୋପ... ହାତରୁ ଖସି ପଡୁଚି ଫମ୍ପା ଗ୍ଲୋବ୍‌ଟି... ଆଖି ମୁଦି ହେବା ପୂର୍ବରୁ ନିର୍ବୋଧ ମାଙ୍କଡ଼ଟିଏ ଖୁପୁରେଇବାରେ ଲାଗିଛି ତା'ର ନାକକୁ ଆଉ ଡେଉଁଚି ଏପଟରୁ ସେପଟକୁ...।

ସମଗ୍ର 'ନରକିନ୍ନର' ଆଲୋଚନା କଲାବେଳେ ସବୁ ଚିନ୍ତନକୁ ଏକତ୍ର କରିବା ସେତେଟା ସହଜ ନୁହେଁ; କାରଣ ଜର୍ଜର ମାନବାତ୍ମାର ସନ୍ଧାନୀ ପଥ ସରଳରୈଖିକ ନୁହେଁ। ଜୀବନର ପ୍ରତ୍ୟେକ ଅନୁଭୂତି, ଅନୁଭବ ଓ କାର୍ଯ୍ୟ; ତାକୁ ପ୍ରତିଟି ମୁହୂର୍ତ୍ତରେ ଅଧିକ ଅନ୍ୱେଷୁ ଓ ଜିଜ୍ଞାସୁ କରିଚି - ତା'ର ଅନ୍ୱେଷା ଓ ଜିଜ୍ଞାସା ହିଁ ସମଗ୍ର ନରକିନ୍ନରର ଅନ୍ତର୍କଥା। ଆଲୋଚନା ଓ ଅନୁଶୀଳନ ବେଳେ ତା'ର ପ୍ରତିଟି ପ୍ରେକ୍ଷାକୁ ଧାରାବାହିକ ଭାବେ ଦେଖିବାକୁ ଗଲେ; ତା'ର ଜୀବନ ସମ୍ପୃକ୍ତି ହିଁ ବୁଝିବାକୁ ପଡ଼ିବ, ନଚେତ୍ ଅଛୁଆଁ ରହିଯିବ ଜର୍ଜ ! ଏ ଆଲୋଚକ ଜର୍ଜକୁ 'ବାରବୁଲା ଦେବଦୂତ'ର ଯେଉଁ ଆଖ୍ୟାଟି ଦେଇଚି; ପ୍ରକାରାନ୍ତରେ ହୁଏତ ଏହାହିଁ ସତ୍ୟ ! କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ, ଜର୍ଜକୁ ପରଖୁଥିବା ବେଳେ ହୁଏତ ଅନେକ 'ସତ୍ୟ' ଓ 'ପ୍ରାୟସତ୍ୟ' ଦେଇ ଅନେକ ଦ୍ୱନ୍ଦ୍ୱର କରିଥିବେ ସାମ୍ନା; ସେଇ ଚେତନାର ସଂଘର୍ଷ ଓ ଏଷଣାରୁ ହିଁ ଜର୍ଜ ଏକାନ୍ତ ଭାବରେ ଆଲୋକିତ। ଜୈବିକ ମଣିଷର ନିଛକ ଯୌନବାସ୍ତବତା, ଜୀବନର କଠୋରତମ ସତ୍ୟ; ଜୀବନ ଜିଇବାର ତୀବ୍ର ଅତିବାସ୍ତବତା - ପ୍ରତି ମୁହୂର୍ତ୍ତରେ ମଣିଷର ଆଦର୍ଶ, ମୂଲ୍ୟବୋଧ ସହ କରୁଚି ସଂଘର୍ଷ - ସେଇ ସଂଘର୍ଷରେ ସବୁଠି 'ଭୋକ' ଜିଇ ଉଠୁଚି; କିନ୍ତୁ ତାହା ଚିରନ୍ତନ ସତ୍ୟର ସାନ୍ଦ୍ରରୂପ ନୁହେଁ; ଏକ ପ୍ରହେଳିକା ! ଏହି ବାସ୍ତବତା ଭିତରେ ଜର୍ଜର ଉତ୍ତରଣ ଏକ ନୂଆ ମଣିଷର ସନ୍ଧାନର ଉତ୍ତରଣ - ଜର୍ଜର ସଫଳତା, ବିଫଳତା ବା ଜୀବନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଚି ଏକ ନୂତନତାର ଉନ୍ମୀଳନ; ଜନତାର ନୂଆ ପୃଥିବୀର ଆହ୍ୱାନର ଉଷାକାଳ...।

ଏ ଆଲେଖ୍ୟ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ନରକିନ୍ନର'ର ଭାବଚେତନାର ଉତ୍ତରଣକୁ ଅନୁଭବ କରିବାର ଏକ ସହୃଦୟ ପ୍ରୟାସ ମାତ୍ର। ଏହା ଶେଷକଥା କିମ୍ବା ଶେଷ ବକ୍ତବ୍ୟ ନୁହେଁ ଜର୍ଜ କିମ୍ବା ତା'ର କ୍ରମୋନ୍ନତିର ପର୍ଯ୍ୟାୟକୁ ବୁଝିବା ପାଇଁ। କିନ୍ତୁ ଏ ଆଲୋଚକର ଅନ୍ତର୍ଦୃଷ୍ଟିରେ ଏହା ହିଁ ଆତ୍ମାନୁସନ୍ଧାନର ଅଦୃଶ୍ୟ ମର୍ମର...।

◆

Digitized by srujanika@gmail.com

ନର କିନ୍ନର ର ପଞ୍ଚମ ସଂସ୍କରଣ
୨୦୧୦ ମସିହା

Digitized by srujanika@gmail.com

ଶାନ୍ତନୁ ଆଚାର୍ଯ୍ୟଙ୍କ ଅତୁଳନୀୟ ଲେଖକୀୟ ସତ୍ତା ସଂପର୍କରେ ଆଲୋଚନା ଅପେକ୍ଷା ଅନୁଧ୍ୟାନର ଆବଶ୍ୟକତା ରହିଛି । ଦୀର୍ଘ ପଚାଶ ବର୍ଷ ଧରି ସାରସ୍ୱତ ଭାବମୟ ଯାତ୍ରାର ଗତିଶୀଳତାରେ ତାଙ୍କ ଅମଳିନ ବ୍ୟକ୍ତିତ୍ୱ ଏବେବି ସ୍ୱର୍ଣ୍ଣିମ ଆଭାରେ ଉଦ୍ଭାସିତ । ଭାବ ଓ ଶବ୍ଦାନ୍ୟାସର ସନ୍ତୁଳନରେ ରଚିତ ତାଙ୍କ ରଚନାସମୂହ ସମୟାନ୍ତରରେ ବି ନିଜ ଗୁରୁତ୍ୱ ଜାହିର କରିବାରେ ସାମର୍ଥ୍ୟବାନ ଅଟନ୍ତି । ସେ ହେଉଛନ୍ତି କଥନକଳାର ସ୍ରଷ୍ଟାପୁରୁଷ । ସମାଲୋଚନାର ଦୃଷ୍ଟି ଅନ୍ତରାଳରେ ରହି ଆସିଥିବା ତାଙ୍କର ଚର୍ଚ୍ଚିତ ଉପନ୍ୟାସ 'ନର କିନ୍ନର' କୁ ପୁଣିଥରେ ଆଲୋଚନା କରିବାର ଏକମାତ୍ର କାରଣ ହେଉଛି ତାହାର ସର୍ବକାଳିକତା ତଥା ଉପନ୍ୟାସର ଭାବରେ ଥିବା ସ୍ୱୟଂବିବର୍ତ୍ତିତ ପ୍ରକ୍ରିୟାକୁ ପାଠକମାନଙ୍କ ଆଗରେ ଉପସ୍ଥାପିତ କରିବା । ଏ ପ୍ରୟାସର ଉଦ୍ଦେଶ୍ୟ ଓ ଗୁରୁତ୍ୱକୁ ପାଠକମାନେ ଉପଲବ୍ଧ କରି ପାରିଲେ ଶ୍ରମ ସାର୍ଥକ ହେବ...

ବନୋଜ ତ୍ରିପାଠୀ

ପକ୍ଷୀଘର ପ୍ରକାଶନୀ

9 788192 084107

NARA KINNARA
SUBARNA SMARAKI

A Pakshighar Publication 2013
Cover: Prakash Mohapatra

₹ 150.00

Digitized by srujanika@gmail.com